ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅଗଷ୍ଟ ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ





ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଭାରତୀୟ ଗଣତନ୍ତ୍ରର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତ ଭାରତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୮** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୨ | ଅଶୋକ ବିଶ୍ୱାଳ | ୧୯ |
| ଜେଜେଙ୍କ ଜାସୁସି  ୪ | ବିଜୟ କୁମାର ପଣ୍ଡା | ୩୧ |
| ଅଦୃଶ୍ୟ | ଲିପ୍ସା ପଟେଲ | ୩୩ |
| ଅଷ୍ଟମଙ୍ଗଳା | ପ୍ରଶାନ୍ତ କୁମାର ବେହେରା | ୪୦ |
| ଧୋ'ରେ ବାଇୟା ଧୋ' | ଡଃ ଉଷାରାଣୀ ଦାଶ | ୫୪ |
| ଏ କି ପ୍ରାୟଶ୍ଚିତ | ଦୀପକ ଷଡ଼ଙ୍ଗୀ | ୬୩ |
| ସାବତ ମା' | ସୁରେଶ ଚନ୍ଦ୍ର ପାଢ଼ୀ | ୭୦ |
| ମହାଜନ ତଡ଼ିଦେବ | ଝରଣା ବାରିକ | ୭୩ |
| ଇଏ ବି ଏକ ସ୍ୱାଧୀନତା | ଶୁଭମ୍ କୁମାର ସାହୁ | ୭୫ |
| ହେରା ପଞ୍ଚମୀ | ସୁନନ୍ଦା ମହାନ୍ତି | ୭୮ |
| ହଜାର ମାରୁ | ସିଲ୍କସ୍ମିତା ନାୟକ | ୮୦ |
| ମଶାଣିରେ ଫଟୋ | ଡଃ ଆଭାଞ୍ଜଳି ଶତପଥୀ | ୯୧ |
| ଭୋକିଲା | ବିନୟ କୁମାର ଦାସ | ୧୦୬ |
| ସମୟର ଚକ ଯାଏ ଘୁରି ଘୁରିକା: ନାଟକ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୦୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ବିଭାଗ ୧୧୯


| | | |
|---|---|---|
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୨୦ |
| ଅନନ୍ତ ସମୟ | ଶିବ ନାରାୟଣ ଦାଶ | ୧୨୩ |
| ମଧୁଝରା | ପ୍ରଶାନ୍ତ କୁମାରେ ବେହେରା | ୧୨୬ |
| ଜୀବନ ବାଟରେ | ରିନା କୈବର୍ତ୍ତ | ୧୨୭ |
| ମନର କୋହ | ଶଶିକାନ୍ତ ମେହେର | ୧୨୮ |
| ତୁଚ୍ଛ ସମ୍ପର୍କ | ରାମଚନ୍ଦ୍ର ପ୍ରଧାନ | ୧୨୯ |
| ସମ୍ପର୍କ | ପ୍ରଦୀପ କୁମାର ଭକ୍ତ | ୧୩୦ |
| ବେଳ ସରେ | ଲକ୍ଷ୍ମୀପ୍ରିୟା ମାଇତି | ୧୩୧ |
| ଭିନ୍ନ ନୀତି | ଆନନ୍ଦ କୁମାର ମାଇତି | ୧୩୨ |
| ବିଦାୟ | ସୁଧାଂଶୁ ଶେଖର ପ୍ରଧାନ | ୧୩୪ |
| ଅଣ୍ଟିଛୁରୀ ତଣ୍ଟି କାଟେ | ଅଲେଖ ମେହେର | ୧୩୫ |
| ଅଜଣା ପଥ | ଦୁଷ୍ମନ୍ତ ବେହେରା | ୧୩୬ |
| ଅଶ୍ରୁ ପାଟରାଣୀ | ସରୋଜ କୁମାର ଜେନା | ୧୩୭ |
| ବ୍ୟାଧି ହେଉ ବାଟବଣା | ସତ୍ୟବ୍ରତ ମହାପାତ୍ର | ୧୩୯ |
| ମନ ଚିତ୍ରପଟରେ କବିତା | ଆଶୁତୋଷ ମେହେର | ୧୪୧ |
| ଚେତନାର ଆଲୁଅ | ଡଃ ମମତା ପ୍ରିୟଦର୍ଶିନୀ ସାହୁ | ୧୪୨ |
| ମୋ ଆଦର୍ଶ ତୁମେ ବାପା | ମମତା ବାରିକ | ୧୪୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଉଠ ଚିରନିଦ୍ରାରୁ ଥରେ | ସିଦ୍ଧେଶ୍ୱର ତ୍ରିପାଠୀ | ୧୪୬ |
| ଆହା କି ମଜା | ଝରଣା ବାରିକ | ୧୪୭ |
| ହେ ବିଧାତା ! | ନିରଞ୍ଜନ ସାହୁ | ୧୪୮ |
| କାହାକୁ କହିବି ସତେ | ଯୁବରାଜ କୁଦେଇ | ୧୪୯ |
| ବର୍ଷାର ସ୍ମୃତିରେ | ସତ୍ୟବ୍ରତ ସାହୁ | ୧୫୦ |
| ପ୍ରତାରଣା | ସୁଶୀଲ କୁମାର ଭୋଇ | ୧୫୧ |
| ବେଙ୍ଗ କହେ ବେଙ୍ଗୁଲି ଲୋ | ମନୋରଞ୍ଜନ ସୁରୁଜାଳ | ୧୫୩ |
| ଦିବ୍ୟ ବନ୍ଦନା | ଅଚ୍ୟୁତାନନ୍ଦ ଭୁଏ | ୧୫୪ |
| ବିଶ୍ୱାସ | ଗୁପ୍ତେଶ୍ୱର ଚାନ୍ଦ | ୧୫୫ |
| ସ୍ୱାଧୀନତା ବିପ୍ଳବ | ଅନନ୍ତ ପଟେଲ | ୧୫୮ |
| ଆସିଲା ସନ୍ଧ୍ୟା | ଗୌରୀ ମେହେର | ୧୫୯ |
| ମୃତ୍ୟୁ | ଉତ୍ତମ ମହାପାତ୍ର | ୧୬୦ |
| ବଣମଲ୍ଲୀ | ଚିନ୍ମୟୀ ଦାସ | ୧୬୧ |
| ଗରିବ ପର କାହିଁକି ? | ନରେନ୍ଦ୍ର ପ୍ରସାଦ ବେହେରା | ୧୬୨ |
| ଅନେକ ସ୍ୱପ୍ନ | ପୁଷ୍ପାଞ୍ଜଳୀ ପଣ୍ଡା | ୧୬୪ |
| ବେ-ସରକାରୀ ଙ୍କାନାଳୟ | ସ୍ମୃତିରଞ୍ଜନ ବାରିକ | ୧୬୬ |
| ସତୀ | ସନାତନ ମହାକୁଡ଼ | ୧୬୮ |
| ବରଷା | ଡଃ ମାଙ୍ଗଳିକା ମହାପାତ୍ର | ୧୬୯ |
| କରୋନା : 'ଆ' ମନ୍ତ୍ରାକ୍ଷରୀ | ଶୈଳବାଳା ସିଂହ | ୧୭୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବର୍ଷା ଆଉ ପୃଥିବୀ | ରାକେଶ ଷଡ଼ଙ୍ଗୀ | ୧୭୩ |
| କୃପାଭିକ୍ଷା | ସରୋଜିନୀ ମିଶ୍ର | ୧୭୬ |
| ପ୍ରେମ | ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ | ୧୭୭ |
| ପୂଜା ପାଇଁ ଗୀତଟିଏ | ଆର୍. ଦିବ୍ୟା ଦତ୍ତା | ୧୭୮ |
| ଗରବେ କହିବା ଆମେ ସ୍ୱାଧୀନ | ଜନ୍ମଜୟ ନାୟକ | ୧୮୧ |
| ଜ୍ଞାନ | ଭାଗିରଥୀ ଯାନୀ | ୧୮୨ |
| ପ୍ରକୃତ ବନ୍ଧୁ | ଗୌରୀ ପଣ୍ଡା | ୧୮୪ |
| ଶିକ୍ଷା ଓ ପ୍ରୌଢ଼ଶିକ୍ଷା | ଅମୂଲ୍ୟ କୁମାର ପଣ୍ଡା | ୧୮୬ |
| ପ୍ରତି ରାତିରେ | ରୁଦ୍ର ନାରାୟଣ ଦାଶ | ୧୮୭ |
| ମା କନ୍ଧୁଣୀ ଦେବୀ | ବାଲାଜୀ ସେଠୀ | ୧୮୮ |
| ବୟସ ନଦୀର ତୀରେ | ବେଣୁଧର ସୁତାର | ୧୯୦ |
| ମହୁଆଭଟା ମୋ ମାଟି ମାଆ | କୁମରଲାଲ ରଣା | ୧୯୨ |
| ଅନ୍ତରାୟ | ସ୍ୱାତୀସ୍ମିତା ବାରିକ | ୧୯୩ |
| ପଡ଼ିଲା ଗଣ୍ଠି ମୋ କାନିରେ | ଶିଶିର କୁମାର ପଣ୍ଡା | ୧୯୫ |
| ସ୍ୱାଧୀନତାର ମୂଲ୍ୟ | ଅମରନାଥ ବାରିକ | ୧୯୬ |
| ମୁଁ ତମ ନିଜର | ସୁକାନ୍ତି ନନ୍ଦ | ୧୯୮ |
| ମନେ ଦେବିନି ମୁଁ କୋହ | ଅମ୍ରିତା ଚର୍ଚ୍ଚି | ୨୦୧ |
| ସାଥୀ | ଡଃ ମନୋରଞ୍ଜନ ବିଷୋୟୀ | ୨୦୨ |
| ଶେଷ 'ପୁଷ୍ପାଞ୍ଜଳୀ' | ଅଞ୍ଜଳି ଦାସ | ୨୦୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଅଧୁନା ସମାଜ | ଲିଟୁ ନାୟକ | ୨୦୪ |
| ବାସ୍ତବତା | ରାଧାମୋହନ ପୂଜାହାରୀ | ୨୦୫ |
| ପ୍ରେମ | ରାଜେନ୍ଦ୍ର ବୋଡ଼କିଆ | ୨୦୭ |
| ବର୍ଷା | ଦଣ୍ଡାସି ପ୍ରଧାନ | ୨୦୮ |
| ମଧୁବର୍ଷା | ପ୍ରହ୍ଲାଦ ସାହୁ | ୨୧୪ |
| ରାବଣ ବାଣୀ | ରଞ୍ଜନ କୁମାର ପ୍ରଧାନ | ୨୧୫ |
| ଲୁହ ଖୁବ୍ ଆପଣାର | ଅନସୂୟା ପଣ୍ଡା | ୨୧୭ |
| ସେ ଝଙ୍କାର ଶୁଭୁନି ଆଉ | ସଂଜୀବ କୁମାର ଦାସ | ୨୧୮ |
| ସପ୍ନର କୁହୁକ | ପ୍ରଣତୀ ରଥ | ୨୨୦ |
| ତୁମେ ଆସିବ ବୋଲି | ଲକ୍ଷ୍ମଣ ମହାନ୍ତି | ୨୨୨ |
| ନିର୍ବାଣ ରଜନୀ | ଦିଲ୍ଲୀପ କୁମାର ଜେନା | ୨୨୩ |
| ନାରୀ | ଡଃ ଆଭାଞ୍ଜଳି ଶତପଥୀ | ୨୨୪ |
| ହାଇଦ୍ରାବାଦରେ ବର୍ଷା | ମଞ୍ଜୁରାଣୀ ମିଶ୍ର | ୨୨୬ |
| ପ୍ରୀତି ନିବେଦନ | ଡଃ ରାକେଶ ରଞ୍ଜନ ମୁଣ୍ଡ | ୨୨୮ |
| କଅଁଳ | କୌଶିକ ସାହୁ | ୨୨୯ |
| ଶୂନ୍ୟତାର ପ୍ରତିଧ୍ୱନି | ଆଲୋକ ଦାଶ | ୨୩୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## ସଂବଲପୁରୀ ବିଭାଗ ୨୩୧


| | | |
|---|---|---|
| ପେରେମ୍ ପ୍ରତିଜ୍ଞା | ସତ୍ୟନାରାୟଣ ମିଶ୍ର | ୨୩୨ |
| ବିଶ୍ୱାସ୍ | ବିଶ୍ୱନାଥ ଭୁଏ | ୨୩୫ |
| ଫଟାକାଁଚ | ଦେବେନ୍ଦ୍ର କୁମାର ନାଏକ | ୨୩୭ |
| ଶୋର୍ କରୁଥିମା ସେମାନ୍'କୁଁ | ବିଶ୍ୱନାଥ ଭୁଏ | ୨୩୮ |
| ରଂଗ୍ | ପ୍ରସନ୍ନ ପ୍ରୟାସ ଭୁଏ | ୨୩୯ |
| ତିନି ରଗେଁ ରଗାଁ 'ବୀରଗାଥା' | ମନୋରଞ୍ଜନ ସୁରୁଜାଳ | ୨୪୦ |
| ବିଶ୍ୱାସ୍ | ଭକ୍ତବନ୍ଧୁ ସାହୁ | ୨୪୧ |
| ମୋର୍ ଗାଁର୍ ଢଙ୍ଗ | ଲିପ୍ସା ଗଡ଼ତିଆ | ୨୪୩ |
| ଭୂଦୋ ଅଏଲା (ଭାବର୍ ତିହାର୍) | ଦିନେଶ୍ ମେହେର | ୨୪୪ |
| ବରଷା ରାନୀ | ରାଧାମୋହନ ପୂଜାହାରୀ | ୨୪୫ |
| ଶୀକାରୀ | ଦେବଦତ୍ତ ସନ୍‌ସ୍ | ୨୪୬ |


## ପ୍ରବନ୍ଧ ବିଭାଗ ୨୪୮


| | | |
|---|---|---|
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୪୯ |
| ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାର ଦାୟିତ୍ୱ ଆମର | ଅସିତ ମହାନ୍ତି | ୨୬୭ |
| ସରକାରୀ ସ୍କୁଲରେ ପାଠପଢ଼ି ଆମେ କେତେ ଗର୍ବିତ | ପ୍ରଶାନ୍ତ କୁମାର ବେହେରା | ୨୭୭ |
| ଶକ୍ତିମୟୀ ମା' ଦୁର୍ଗା | ଶାନ୍ତିଲତା ସାହୁ | ୨୮୩ |
| ରସଗୋଲା | ବାସନ୍ତୀଲତା ଜେନା | ୨୮୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସ୍ୱାଧୀନତା ସଂଗ୍ରାମର ପିତାମହ : ତିଲକ | ଅକ୍ଷୟ କୁମାର ରାଉତ | ୨୮୯ |
| ଐତିହ୍ୟମୟ ଭାରତବର୍ଷ | ପଙ୍କଜ କୁମାର ପାଣିଗ୍ରାହୀ | ୨୯୯ |
| ଶିଶୁ ଉପନ୍ୟାସ : ଆଖି ଖୋଲିଦେଲେ ଆଚାର୍ଯ୍ୟବାବୁ | କୁଞ୍ଜବିହାରୀ ସାହୁ | ୩୦୫ |
| ଉତ୍କଳ କାହାଣୀ ଏବଂ ଶ୍ରୀମାନ୍ ଗୋପାଳ ପ୍ରହରାଜ | ପ୍ରହ୍ଲାଦ ସାହୁ | ୩୧୫ |
| ବିଶେଷ ସୂଚନା | | ୩୧୮ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଭାରତୀୟ ଗଣତନ୍ତ୍ରର ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ମୁଁ ମୋର ସମସ୍ତ ଦେଶବାସୀ ଭଉଣୀ ଓ ଭାଇଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆଜି ଆମେ ଏହି ବିଶାଳ ଗଣତନ୍ତ୍ରରେ ସ୍ୱାଧୀନ ଭାବରେ ଯଦି ବଞ୍ଚି ରହିଛେ ଏଥିପାଇଁ ନିଜ ଜୀବନର ବଳି ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଏଥିପାଇଁ ଧନ୍ୟବାଦର ପାତ୍ର । ଭାରତବର୍ଷକୁ ସ୍ୱାଧୀନ କରିବା ଉଦ୍ଦେଶ୍ୟ ନେଇ କର୍ମ କରିଥିବା ସମସ୍ତ ସ୍ୱେଚ୍ଛାସେବୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି ।

ଚଳିତ ବର୍ଷର ସ୍ୱାଧୀନତା ଦିବସ ଆହୁରି ମଧ୍ୟ ଉଲ୍ଲେଖନୀୟ ହୋଇ ଉଠେ ଯେତେବେଳେ ଆମେ ସଦ୍ୟ ସମାପ୍ତ ହୋଇଥିବା ଟୋକିଓ ଅଲିମ୍ପିକରେ ଭାରତୀୟ ଖେଳାଳୀମାନଙ୍କ ପ୍ରଦର୍ଶନ ପାଇଁ ସମଗ୍ର ଦେଶ ଉତ୍ସବମୁଖର ହୋଇଥିବା ଦେଖୁ । ଦୀର୍ଘ ଚାରି ଦଶନ୍ଧିପରେ ଭାରତର ରାଷ୍ଟ୍ରୀୟ କ୍ରୀଡ଼ା ହକିରେ ଭାରତକୁ ବିଶ୍ୱସ୍ତରରେ ପଦକ ମିଳିବା ଏକ ଉଲ୍ଲେଖନୀୟ ଉପଲବ୍ଧି । ଏହା ସହିତ, ପ୍ରଥମ ଥର ପାଇଁ ଜାଭେଲିନ୍ ଥ୍ରୋ'ରେ ନୀରଜ ଚୋପ୍ରା ଜିତିଥିବା ସ୍ୱର୍ଣ୍ଣ ପଦକ ଭାରତର ସ୍ୱର୍ଣ୍ଣିମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭବିଷ୍ୟତର ନିଦର୍ଶନ ନୁହେଁ ତ ଆଉ କଣ? ଏହି ଖେଳାଳୀ ମାନଙ୍କ ଉଦ୍ୟମ ଓ ଦେଶପ୍ରେମରେ ଓତପ୍ରୋତ ଭାବନା ସମଗ୍ର ଦେଶକୁ ଏକୀକୃତ କରିଦେଇଥିଲା । ଭବିଷ୍ୟତର ପୀଢ଼ୀ ଏହି ଖେଳୁଆଡ଼ ମନୋଭାବ ନେଇ ପୁଣିଥରେ ଅଲିମ୍ପିକରେ ଯୋଗ ଦେବେ ଏବଂ ବର୍ତ୍ତମାନଠାରୁ ଢେର୍ ଅଧିକ ପଦକ ନେଇ ଆସିବେ ଏଥିରେ ସନ୍ଦେହ ନାହିଁ । ଆବଶ୍ୟକ ଯଦି ଅଛି, ତା ହେଲେ ଅଛି ସେମାନଙ୍କୁ ପ୍ରୋତ୍ସାହନ ଦେବା ଆଉ ସେମାନଙ୍କ ପାଇଁ ସମୁଚିତ ସୁଯୋଗ ସୃଷ୍ଟି କରିବା ।

ଚଳିତ ପ୍ରକରଣ(ବର୍ଷ)ର ଅଲିମ୍ପିକ୍‌ରେ ଭାରତୀୟ ଖେଳାଳୀ ମାନଙ୍କ ଉଦ୍ୟମ ଓ ପ୍ରଦର୍ଶନ ପଛରେ ଯେ ଓଡ଼ିଶାର ପ୍ରେରଣା ଓ ଉତ୍ସାହ ରହିଛି, ଏହା ବର୍ତ୍ତମାନ ସମଗ୍ର ଦେଶ ତଥା ବିଦେଶରେ ମଧ୍ୟ ଚର୍ଚ୍ଚାର ବିଷୟ । ଦିନଥିଲା, କଥାବାର୍ତ୍ତାରେ ଓଡ଼ିଶା ବୋଲି କହିଲେ ଅନେକ ବ୍ୟକ୍ତି, ସେଇଟା କୋଉଠି ଅଛି ବୋଲି ପଚାରୁଥିଲେ, ଓଡ଼ିଶାକୁ ବସ୍ତୁତଃ ପଶ୍ଚିମବଙ୍ଗର ଅଂଶ ବୋଲି ମଧ୍ୟ ଅନେକ ଲୋକ ଧରି ନେଇଥିଲେ । ହେଲେ ବିଗତ ବର୍ଷ ମାନଙ୍କରେ ଓଡ଼ିଆ ସରକାରଙ୍କ ଉଦ୍ୟମ ଫଳରେ ବର୍ତ୍ତମାନ ଓଡ଼ିଆ ଏବଂ ଓଡ଼ିଶାର ସ୍ଥାନ ବହୁତ ଉଚ୍ଚରେ । ବର୍ତ୍ତମାନ ଦେଶର ଜନମାନସରେ ଓଡ଼ିଆ ଜାତି ଏବଂ ଓଡ଼ିଶା ପ୍ରତି ସ୍ନେହ ଶ୍ରଦ୍ଧା ଓ ସମ୍ମାନ ଭରି ରହିଥିବା ଦେଖିବାକୁ ମିଳୁଛି । ବିଗତ ଦିନରେ ସମଗ୍ର ଦେଶରେ କରୋନାର ଦ୍ୱିତୀୟ ଲହରୀ ସମୟରେ ହୋଇଥିବା ଅମ୍ଳଜାନର ଅଭାବକୁ ଦୂର କରିବା ପାଇଁ ଓଡ଼ିଶା ସ୍ୱେଚ୍ଛାକୃତ ଭାବରେ ଆଗେଇ ଆସିଥିବା ବେଳେ ସର୍ବଭାରତୀୟ ସ୍ତରରେ ଏହା ଆମ ରାଜ୍ୟକୁ ଖ୍ୟାତି ଆଣିଦେଇଥିବା ବେଳେ ଏବେ ସଦ୍ୟ ସମାପ୍ତ ଅଲିମ୍ପିକରେ ପଦକ ପ୍ରାପ୍ତ ଭାରତୀୟ ହକି (ଉଭୟ ପୁରୁଷ ଓ ମହିଳା) ଦଳର ସମସ୍ତ ପ୍ରକାର ତାଲିମ ଓ ରକ୍ଷଣାବେକ୍ଷଣର ଖର୍ଚ୍ଚ ବିଗତ ଅନେକ ବର୍ଷ ହେଲା ଓଡ଼ିଶା ସରକାର କରି ଆସୁଥିବାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖବର ଶୁଣିବା ପରେ ଜଣେ ଓଡ଼ିଆ ଭାବରେ ଆମେ ସମସ୍ତେ ଭାବବିହ୍ୱଳ ହୋଇବା ସହ ଗର୍ବରେ ଉତ୍‌ଫୁଲ୍ଲିତ ହୋଇ ଉଠିଥିଲୁ । ବର୍ତ୍ତମାନ ଓଡ଼ିଶା ଏବଂ ଓଡ଼ିଆକୁ ଜାଣିନଥିବା ପ୍ରତ୍ୟେକ ବ୍ୟକ୍ତିକୁ ଆମେ ଅଲିମ୍ପିକ୍ ହକି ପାଇଁ ଆମର ଗର୍ବ ଓ ଗୌରବ ବଖାଣି ପାରିବା ।

ଟୋକିଓ ଠାରେ ସଦ୍ୟ ସମାପନ ହୋଇଥିବା ବର୍ଷ ୨୦୨୦ ଅଲିମ୍ପିକରେ ଯଦିଓ ଭାରତୀୟ କ୍ରୀଡ଼ା ଦଳ ବିଶେଷ ଚମତ୍କାର ପ୍ରଦର୍ଶନ କରିନଥିଲେ ଏବଂ ଆମକୁ ବହୁତ କମ ପଦକରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ତଥାପି ଆମ ପ୍ରତ୍ୟେକ ଖେଳାଳୀର ଉଦ୍ୟମ ଓ ପ୍ରଚେଷ୍ଟା ପାଇଁ ସମସ୍ତେ ଦେଶବାସୀଙ୍କ ପ୍ରିୟଭାଜନ ହୋଇ ପାରିଛନ୍ତି । ହାରିଥିବା ମହିଳା ହକି ଦଳ ବି ସମଗ୍ର ଦେଶବାସୀଙ୍କ ସମବେଦନା ପାଇଛନ୍ତି । ଏବଂ ଆମେ ନିଶ୍ଚୟ ଯେ ଆଗାମୀ ଅଲିମ୍ପିକ ବେଳକୁ ଏହି ଦଳ ଆହୁରି ଅଧିକ ଉତ୍ସାହ ଓ ପ୍ରଚେଷ୍ଟା ସହ ମଇଦାନକୁ ଓହ୍ଲାଇବ ଏବଂ ଭାରତକୁ ଗୌରବାନ୍ୱିତ କରିବା ପାଇଁ ପଦକ ତାଲିକାରେ ନିଜ ନାମ ଲେଖାଇବ ।

ମିରାବାଇ ଚାନୁ, ପି ଭି ସିନ୍ଧୁ, ଲଭଲିନା ବୋର୍‌ଗୋହାଇଁ, ରବି କୁମାର ଦହିୟା, ବଜରଙ୍ଗ ପୁନିଆ, ନୀରଜ ଚୋପ୍ରା ସମେତ ଭାରତୀୟ ହକି ଦଳ ଆମକୁ ଗୌରବାନ୍ୱିତ କରି ଚଳିତ ବର୍ଷ ଅଲିମ୍ପିକରେ ପଦକ ଜିତିଛନ୍ତି । ଏକମାତ୍ର ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଖେଳାଳୀ ନୀରଜ ଚୋପ୍ରାଙ୍କ ପ୍ରାରମ୍ଭିକ ପ୍ରଦର୍ଶନ ପରେ ଭାରତରେ ସ୍ୱର୍ଣ୍ଣ ପଦକର ସମ୍ଭାବନା ବହୁତ ମାତ୍ରାରେ ବଢ଼ିଯାଇଥିଲା ଏବଂ ଘରେ ଘରେ ଲୋକମାନେ ତାଙ୍କର ବିଜୟ ପାଇଁ ପ୍ରାର୍ଥନା କରିବା ସହ ଦୀପ ଜାଳିବା ଆଦି ଦେଖା ଯାଇଥିଲା । ପ୍ରତ୍ୟେକ ଖେଳାଳୀଙ୍କ ଘରେ ଏବଂ ଗାଁରେ ସାମୁହିକ ଭାବରେ ପୂଜା ବ୍ରତ ଆଦି ଆୟୋଜନ କରାଯାଇଥିଲା । ଏହା ଆମର ଦେଶର ସଂସ୍କୃତି ପରମ୍ପରାକୁ ଦର୍ଶାଏ । ଆମେ ଆଜି ବହୁତ ଖୁସି ହେଉଥିଲେ ସୁଦ୍ଧା ଆମ ମନରେ କେଉଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଣରେ କିଛି ଅବଶୋଷ ବି ରହିଯାଇଛି, ଏତିକି ପଦକରେ ଆମେ ସନ୍ତୁଷ୍ଟ ହେଲେ ଚଳିବ ନାହିଁ । ଆମକୁ ଏହାଠାରୁ ଢେର୍ ଅଧିକ ପଦକ ଆବଶ୍ୟକ । ବିଶ୍ୱର ସର୍ବବୃହତ ଗଣତନ୍ତ୍ରରେ କ୍ରୀଡ଼ା ଭଳି ବିଷୟ ପ୍ରତି ଉଦାସୀନତା ଆଦୌ ସ୍ପୃହଣୀୟ ନୁହେଁ । ଆମକୁ ଆମର ଆଗାମୀ ପୀଢ଼ିକୁ ଉତ୍ସାହିତ କରି ପ୍ରୋତ୍ସାହନ ଯୋଗାଇ ଦେବାକୁ ହେବ ।

ଆମର ଏଠି ହିନ୍ଦୀ ଭାଷାରେ ଗୋଟିଏ ମୁହଁବୋଲା କଥା ରହିଛି, 'ପଢ଼ୋଗେ ଲିଖୋଗେ, ବନୋଗେ ନବାବ୍ । ଖେଲୋଗେ କୁଦୋଗେ ହୋଗେ ଖରାବ୍ ।' ସମ୍ଭବତଃ ଏହି ଉକ୍ତିକୁ ବଦଳାଇବାର ଶ୍ରେଷ୍ଠ ସମୟ ଏବେ ଆସି ପହଞ୍ଚିଛି । ଆମେ ଆମ ଦେଶବାସୀଙ୍କୁ ଖେଳକୁଦ ପ୍ରତି ମଧ୍ୟ ଆକୃଷ୍ଟ କରିବାକୁ ହେବ । ପାଠ୍ୟକ୍ରମରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାଭଳି ବ୍ୟବସ୍ଥା ରହିବା ଦରକାର, ତା ହେଲେ ହିଁ ଅଧିକରୁ ଅଧିକ ଯୁବଗୋଷ୍ଠୀ କ୍ରୀଡା ପ୍ରତି ଆକୃଷ୍ଟ ହେବେ ।

ଆଜି ଯେତେବେଳେ ଭାରତ ନିଜର ସ୍ୱାଧୀନତା ଦିବସ ପାଳନ କରୁଛି, ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ ପାଇ ଅଲିମ୍ପିକରେ ଯୋଗ ଦେଇଥିବା ସମସ୍ତ କ୍ରୀଡ଼ାବିତ ନୂଆଦିଲ୍ଲୀରେ ଆୟୋଜିତ ହେଉଥିବା ସର୍ବଭାରତୀୟ ସ୍ୱାଧୀନତା ଦିବସର ଆୟୋଜନରେ ଅଂଶଗ୍ରହଣ କରି ନିଜକୁ ଗର୍ବିତ ମନେ କରୁଥିବେ । ସେମାନଙ୍କୁ ସମ୍ମାନ ଦେଇ ପ୍ରଧାନମନ୍ତ୍ରୀ ବାସ୍ତବରେ ଆଗାମୀ ପୀଢ଼ିକୁ ପ୍ରତ୍ୟକ୍ଷ ଭାବରେ ପ୍ରୋତ୍ସାହିତ କରୁଛନ୍ତି । ଏହା ଆମ ଦେଶପାଇଁ ବହୁତ ଭଲ ହେବ ଏଥିରେ ସନ୍ଦେହ ନାହିଁ ।

ବିଗତ ଦୁଇବର୍ଷରେ ଭାରତରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଛି, ସେଥିମଧ୍ୟରୁ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି, ଜାମ୍ମୁ କଶ୍ମୀରରୁ ଧାରା ୩୭୦ ଏବଂ ୩୫ (କ)ର ଉଚ୍ଛେଦ । ଏହାପରେ ରାଜ୍ୟରେ ଅନେକ ପରିବର୍ତ୍ତନ ଦେଖିବାକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳିଛି, ଯେଉଁଠି ଦିନେ ଲୋକମାନେ ଦିନବେଳେ ବି ଘରୁ ବାହାରିବାକୁ ଡରୁଥିଲେ, ସବୁବେଳେ ଆତଙ୍କବାଦୀ ଓ ପଥର ଫୋପଡ଼ା ଭଳି କାର୍ଯ୍ୟ ହେଉଥିଲା, ଆଜି ସେଇଠି ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିଛି, ବ୍ୟବସାୟ ସହ ଶିକ୍ଷା ଏବଂ ଅନେକ ଆନୁସଙ୍ଗିକ ଉନ୍ନୟନ କାର୍ଯ୍ୟ ଦେଖିବାକୁ ମିଳୁଛି । ବିଭିନ୍ନ ଗଣମାଧ୍ୟମରୁ ଏହି ସବୁ ପରିବର୍ତ୍ତନ ଦେଖିବା ପରେ ରାଜ୍ୟରେ ଶାନ୍ତି ଏବଂ ସମୃଦ୍ଧି ବୃଦ୍ଧି ପାଇଥିବା କଥା ଉପଲବ୍ଧି କରି ହେଉଛି, ହେଲେ ଏହା ଦ୍ୱାରା ଏକ ବିଶାଳ ଗୋଷ୍ଠୀ ଅସନ୍ତୁଷ୍ଟ ରହିଛନ୍ତି ଏବଂ ସେମାନଙ୍କୁ ଅଧିକ ଗୁରୁତ୍ୱ ମିଳୁନଥିବା କଥା ବି ଖୋଲାଖୋଲି କୁହାଯାଉଛି । ଅନ୍ତତଃ ଭାରତରେ ନ ହେଲେ ବି ପଡ଼ୋଶୀ ପାକିସ୍ତାନର ଗଣମାଧ୍ୟମ ତଥା ସରକାର ଏହି ବାବଦରେ ବକ୍ତବ୍ୟ ପରେ ବକ୍ତବ୍ୟ ଦେଇ ଚାଲିଛନ୍ତି ହେଲେ, ଭାରତ ସରକାରଙ୍କ ପଦକ୍ଷେପକୁ ବିରୋଧ କରିବା ଭଳି ସାମର୍ଥ୍ୟ ଯେ ବର୍ତ୍ତମାନ କୌଣସି ଦେଶ ବା ସଂଗଠନ ପକ୍ଷରେ ସମ୍ଭବ ନୁହେଁ ଏହା ସେମାନେ ବି ଉପଲବ୍ଧି କରି ସାରିଲେଣି । ଖାଲି କାଶ୍ମୀର କାଶ୍ମୀର କହି ଚିତ୍କାର କରିବା ଛଡ଼ା ସେମାନେ ଆଉ କିଛି କରି ପାରିବେ ନାହିଁ । ଭାରତ ସରକାରଙ୍କ ବିଦେଶ ନୀତି ଏବଂ କୂଟନୀତିର ଶୀକାର ପାକିସ୍ଥାନର ଅର୍ଥନୈତିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇଥିବା ବେଳେ ପଡୋଶୀ ଆଫଗାନିସ୍ତାନରେ ତାଲିବାନ ଭଳି ଏକ ବିଭତ୍ସ ସଂଗଠନକୁ ସହଯୋଗ କରୁଥିବା ଅଭିଯୋଗ ବି ଆସିଛି । ବିଗତ ଦିନରେ ଆମେରିକା ଏହି ବିଷୟକୁ ନେଇ ପାକିସ୍ତାନକୁ ତାଗିଦ କରିବା ପରେ ପାକିସ୍ତାନୀ ଗଣମାଧ୍ୟମ ନିଜର କ୍ରୋଧ ଭାରତ ବିରୋଧରେ ବିଷୋଦଗାର କରି ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି । ବର୍ତ୍ତମାନ ବିଶ୍ୱର ଅନେକ ଦେଶ ଖୋଲାଖୋଲି ଭାବରେ ଚୀନ ସମର୍ଥିତ ବିଶ୍ୱର ସମ୍ପ୍ରସାରଣବାଦ ବିରୋଧ କରି ଭାରତକୁ ସମର୍ଥନ ଦେଉଛନ୍ତି । ଏଥିପାଇଁ ଅନେକ ବଡ଼ ବଡ଼ ବାଣିଜ୍ୟିକ ସଂଗଠନ ନିଜର ଶିଳ୍ପ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ମାଣ ବ୍ୟବସ୍ଥାକୁ ଭାରତକୁ ସ୍ଥାନାନ୍ତରଣ କରିବା ଆରମ୍ଭ କରିଦେଲେଣି । ଏହା ଫଳରେ କେନ୍ଦ୍ରୀୟ ଏସିଆ ମହାଦେଶରେ ଭାରତର ପ୍ରଭୁତ୍ୱ ବୃଦ୍ଧି ପାଇବାକୁ ଲାଗିଛି । ଏହା ବାଦ ବିଶ୍ୱର ସବୁଠାରୁ ବଡ଼ ଖାଉଟି ବଜାର ଭାବରେ ଭାରତର ପ୍ରଭୁତ୍ୱକୁ କେହି ବି ଅସ୍ୱୀକାର କରି ପାରିବେ ନାହିଁ । ତେଣୁ ବର୍ତ୍ତମାନ ଭାରତ ସବୁଠାରୁ ଶକ୍ତିଶାଳୀ ଅବସ୍ଥାରେ ରହିଛି, ଏବଂ ଏଥିପାଇଁ ବର୍ତ୍ତମାନର ଭାରତ ସରକାରଙ୍କ ଦୁରଦୃଷ୍ଟି ଏବଂ କୂଟନୀତି ଧନ୍ୟବାଦର ପାତ୍ର ।

ଆଗାମୀ ଦିନରେ ପାକିସ୍ତାନ ଅଧୀକୃତ କାଶ୍ମୀରର ଅଂଶକୁ ମଧ୍ୟ ଭାରତରେ ସମ୍ମିଶ୍ରଣ କରିବା ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇପାରେ ବୋଲି ରାଜନୈତିକ ଗବେଷକମାନେ ମତ ଦେଲେଣି । ପାକିସ୍ତାନରେ ବର୍ତ୍ତମାନ ଗୃହଯୁଦ୍ଧର ସମସ୍ୟା ଦେଖା ଦେଲାଣି । ସେମାନେ ପାକ୍ ଅଧୀକୃତ କାଶ୍ମୀରକୁ ବିଶ୍ୱ ସ୍ତରରେ ଉପସ୍ଥାପନ କରିବାପାଇଁ ସେଠାରେ ପାକିସ୍ତାନ୍ କ୍ରିକେଟ୍ ଲିଗ୍ କରିବା ପାଇଁ ଯୋଜନା କରୁଥିବା ବେଳେ ଭାରତୀୟ କ୍ରିକେଟ୍ ବୋର୍ଡ଼ର ହସ୍ତକ୍ଷେପ ପରେ, ବିଦେଶର ସମସ୍ତ ଖେଳାଳୀ ସେହି ଆୟୋଜନରୁ ନିଜକୁ ଦୂରେଇ ଦେଲେ । ଏଥିରୁ ଭାରତର ପ୍ରଭାବ ଜାଣି ହୁଏ । ବର୍ତ୍ତମାନ ଭାରତକୁ ଦୁର୍ବଳ କରିବା ଭଳି କୌଣସି ଶକ୍ତି ଯଦି ରହିଛି ତା ହେଲେ ତା ହେଉଛନ୍ତି, ଆମ ଦେଶରେ ରହିଥିବା କିଛି ବ୍ୟକ୍ତି ବା ସଂଗଠନ । ହୁଏତ ଭବିଷ୍ୟତରେ ସେମାନେ ବି ନିରବିଯିବେ ନାହିଁ, ତାହା କିଏ କହିବ ।

ସମୃଦ୍ଧ, ଉନ୍ନତ ଭାରତର ସମସ୍ତ ଗର୍ବିତ ଜନସାଧାରଣଙ୍କୁ ସ୍ୱାଧୀନତା ଦିବସର ପୁନଃ ଅଭିନନ୍ଦନ ସହ ସମର୍ପଣ କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକାର ସଂସ୍କରଣ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୨

ଭଲ ମହୁଫେଣା ପାଇବାକୁ ହେଲେ ମୌଲିମାନଙ୍କୁ ଜଙ୍ଗଲର ଭିତରକୁ ଯିବାକୁ ପଡେ । ଝିଲ୍ଲା, ଚାମଟା ଆଦି ଅଞ୍ଚଳରେ ଭଲ ମହୁ ମିଳେ । କିନ୍ତୁ ସେ ଅଞ୍ଚଳରେ ବାଘ ମଧ୍ୟ ଅଧିକ । ତେଣୁ ମୌଲିମାନଙ୍କ ଜୀବନ ସବୁବେଳେ ବିପଦରେ ପଡିବାର ଆଶଙ୍କା ଥାଏ ।

ସାଧାରଣତଃ ମହୁ ସଂଗ୍ରହକାରୀଙ୍କ ଦଳରେ ଅତି କମରେ ପାଞ୍ଚ ଜଣ ଥାଆନ୍ତି । ପ୍ରଥମ ଜଣ ବାଘ ବଶୀକରଣ ଜାଣେ । ସେ ଦଳକୁ ନେତୃତ୍ୱ ଦିଏ । ଦ୍ୱିତୀୟ ବ୍ୟକ୍ତି ପ୍ରାୟ ଡଙ୍ଗାର ମାଲିକ । ସେ ଲୋକମାନଙ୍କୁ ଯୋଗାଡ କରି ମହୁ ସଂଗ୍ରହ କରିବାକୁ ଆଣିଥାଏ । ତୃତୀୟ ବ୍ୟକ୍ତି ମହୁଫେଣା କାଟିବାରେ ଓସ୍ତାଦ ଥାଏ । ଚତୁର୍ଥ ବ୍ୟକ୍ତି ମହୁଫେଣାକୁ ତଳେ ପାତ୍ରରେ କାଇଦାରେ ଧରି ରଖିନିଏ । ପଞ୍ଚମ ବ୍ୟକ୍ତି ଦଳର ରୋଷେଇଆ । ସେ ଅନ୍ୟମାନେ ଜଙ୍ଗଲରେ ଥିଲାବେଳେ ଡଙ୍ଗାର ଯତ୍ନ ନିଏ ଆଉ ରୋଷେଇ କରେ । ପାଣି ବେଶି ଶୁଖିଗଲେ ଡଙ୍ଗା ବସିଯିବ । ତେଣୁ ସେ ଠିକ ଯାଗାରେ ଡଙ୍ଗାକୁ ରଖେ । ଏମାନଙ୍କ ଛଡା କିଛି ସାହାଯ୍ୟକାରୀ ଆସନ୍ତି । ସେମାନେ ସବୁ କାମରେ ହାତ ବଢାନ୍ତି । ଦଳରେ ମହୁଫେଣା କାଟୁଥିବା ବ୍ୟକ୍ତି ଆଉ ରୋଷେଇଆ ବଡ଼ ଦରକାରୀ । ମହୁସଂଗ୍ରହ କରିବାପାଇଁ ଲୋକ ଯୋଗାଡ କରୁଥିବା



ଅଶୋକ ବିଶ୍ୱାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡଙ୍ଗାମାଲିକର ଗାଁରେ ଭଲ ପ୍ରତିଷ୍ଠା ଥାଏ ।

ଡଙ୍ଗାଟା ନିଜ ଅଟକିବାସ୍ଥାନ ପାଖରେ ପହଞ୍ଚିବା ବେଳକୁ ଦିନ ପ୍ରାୟ ଅଧା ହୋଇ ଯାଇଥିଲା । ମହୁ ସଂଗ୍ରହ କରିବାକୁ ଅନେକ ସମୟ ଅଛି । ରାଖାଲ ଅନ୍ୟମାନଙ୍କୁ ଅନାଇଲା । ସମସ୍ତେ ବେଳାବେଳି ମହୁ ସଂଗ୍ରହ କରିବାକୁ ଚାହୁଁଛନ୍ତି । ସପନବାବୁ ଡଙ୍ଗାକୁ ଅନାଇଲେ । କିଛି ଅସ୍ତ୍ରଶସ୍ତ୍ର ନାହିଁ । ଗଛ ଡାଳ କାଟିବାପାଇଁ କେତେଟା କଟୁରୀ । ସେତିକିରେ ବାଘକୁ ଅଟକାଇ ହେବନାହିଁ । କେତେଟା ଆଲୁମିନିୟମର ବଡ଼ ପାତ୍ରଥିଲା । ସେଥିରେ ମହୁ ରଖାଯିବ ।

ବଡ଼ ନଦୀର ଏକଦମ କୂଳରେ ବେଶି ମହୁ ମିଳେନାହିଁ । ପତଳାଧାରରେ ମହୁ ମିଳିବାର ସମ୍ଭାବନା ବେଶି । ଦୁଇକୂଳ ମଧ୍ୟରେ ଛୋଟ ନଦୀ । କିଛି ଖୋଲାଯାଗା । ପବନ ମଧ୍ୟ ବେଶି ହୁଏନା । ବଡ଼ ନଦୀ ଠିକ କୂଳରେ ପବନବେଶୀ । ଭିତରେ ଚାରିଆଡେ ଗଛ । ସବୁଆଡେ କାଦୁଆ ଭିତର ଧାରରେ ମହୁଫେଣା ଭଲ ହୁଏ । ସେମିତି ଯାଗା ଖୋଜିବା ପାଇଁ ସେମାନଙ୍କୁ ଆଗରୁ ପରିଶ୍ରମ କରିବାକୁ ପଡିଥାଏ । ଆଗ ବର୍ଷମାନଙ୍କରେ ସେମାନେ ପୁରୁଣା ଆଉ ନୂଆ ମହୁଫେଣା ଠାବ କରିନେଇଥାନ୍ତି । ସାଧାରଣତଃ ମହୁମାଛିମାନେ ଜଲଦି ଫେଣା ପରିବର୍ତ୍ତନ କରନ୍ତି ନାହିଁ । ପଛବର୍ଷରେ ସେମାନେ ନିଜ ଯାଗାରେ ମହୁଫେଣାମାନଙ୍କରୁ ସାବଧାନତାର ସହ ଅଳ୍ପ ଅଳ୍ପ ଫେଣା କାଟିଥିଲେ । ତେଣୁ ସେ ଫେଣାମାନଙ୍କରୁ ମହୁମାଛିମାନେ ଉଡିଯାଇ ନଥିବେ ।

"ଏ ଭିତରକୁ ଯିବା ।"– ରାଖାଲ କହିଲା । ତା'ର ଶିଙ୍ଗା ଆଉଥରେ ବାଜି ଉଠିଲା । ଡଙ୍ଗାଟା ଏକ ପତଳା ନାଳ ଭିତରକୁ ଆସିଯାଇଥିଲା । ଧାରଟା ମୋଟେ ଚଉଡା ନୁହେଁ । ଭଟ୍ଟା ସମୟ । ପାଣି ଶୁଖି ଯାଇଛି । କିନ୍ତୁ ଭିତରକୁ ଯିବାପାଇଁ ଯଥେଷ୍ଟ ପାଣିଅଛି । ଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡଙ୍ଗାମାନ ଏମିତିଆ ପତଳା ନଦୀ ଭିତରକୁ ଚାଲିଯାଇପାରେ । ବାସ୍ ହାତେ ପାଣିହେଲେ ଯଥେଷ୍ଟ । ଦୁଇ ଧାରରେ ଗଛମାନ ତଳକୁ ନଇଁ ଆସିଥିଲା । କିଛି ଯାଗାରେ ଯେମିତି ଏକ ଡାଳ ଅନ୍ୟକୂଳର ଆଉ ଏକ ଡାଳକୁ ଛୁଇଁଯାଇଥିଲା । ଏମିତି ଭିତରକୁ ସେମାନେ ପ୍ରାୟ ଅଧଘଣ୍ଟାଏ ଧରି ଗଲେ ।

ସମସ୍ତଙ୍କ ଆଖି କୂଳ ଆଡକୁ । ମହୁମାଛିମାନେ ବସାର ଏପଟ ସେପଟ ହୋଇ ଉଡୁଥାଆନ୍ତି । କିଛି ମହୁମାଛି ଦେଖାଗଲେ ମହୁଫେଣା ଖୋଜିବା କଷ୍ଟ ହେବନାହିଁ । ମହୁମାଛିକୁ ଅନୁସରଣକରି ଫେଣାପାଖରେ ପହଞ୍ଚି ହେବ । ସମସ୍ତଙ୍କର ଆଖି ଖୋଲା ଆକାଶରେ । କେଉଁଠି ସାମାନ୍ୟ କଳାକଳା ବିନ୍ଦୁମାନ ଦେଖାଦେଲେ ସେମାନଙ୍କର କାମ ଆରମ୍ଭ ହେବ । ଆଉ ଭାଗ୍ୟକୁ ବେଶି ସମୟ ଲାଗିଲାନି ।

ଖରା ସମୟ । ଲୁଣା ପବନରେ ବହୁତ ଝାଳ ବାହାରେ । ସେମାନଙ୍କ ଦେହଖରାରେ ଚକ ଚକ କରି ଉଠୁଥାଏ । କଳା କଳା ଦେହରେ ଝାଳ ଯେମିତି ଦେହରେ ପରିଧାନ କରିଥିବା ଏକ ଏକ ହୀରା ଭଳି ଲାଗୁଥିଲା । ଏମାନେ ଯେ ସୌଭାଗ୍ୟର ହୀରା ଜଙ୍ଗଲରୁ ଆହରଣ କରନ୍ତି । ପତଳା ନଦୀରେ କାଦୁଅ ଆଉ ପାଣି ମଧ୍ୟ ଚକ୍ ଚକ୍ କରୁଥିଲା । ସେମାନଙ୍କ ଆହୁଲାସବୁ ପ୍ରାୟ ଶବ୍ଦ ନକରି ଡଙ୍ଗାକୁ ବାହିନେଉଥିଲା ।

"ଏଇଠି ରହିବା ।"- ରାଖାଲ କହିଲା । ଡଙ୍ଗାର ଆହୁଲାମାନ ଅନେକ ଆଗରୁ ଧୀର ହୋଇଯାଇଥିଲା । ଆଗରେ ଏକ ଲମ୍ବା କାଦୁଆଚଡା । ଡଙ୍ଗାଟା କୂଳରେ ଲଗାଗଲା । ଏକ ପତଳା ଦଉଡିରେ ଡଙ୍ଗାକୁ ଗୋଟାଏ ସରୁ ଗଛରେ ବାନ୍ଧିଦିଆଗଲା ।

ରାଖାଲ ପ୍ରଥମେ ତଳକୁ ଓହ୍ଲାଇଗଲା । ସେ ଆଣ୍ଠେଇ ପଡି କାଦୁଅରୁ ଟିକିଏ ଆଣି ଗୁଳାକଲା । ତାପରେ କିଛି ମନ୍ତ୍ର ପଢୁଥିଲାପରି ଜଣା ପଡୁଥିଲା । ସବୁ ଠିକ ଅଛି । ବେଳ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଧ୍ୟ ଯଥେଷ୍ଟ ଅଛି । ପ୍ରାଣୀମାନେ ବିଶ୍ରାମ ନେଉଥିବେ । କିଛି ଅସୁବିଧା ହେବ ନାହିଁ । ଜଙ୍ଗଲରେ ମୌଲୀମାନେ ଅନେକ ନିୟମ ମାନନ୍ତି । କେହି ବାଘ ନାମ ଉଚ୍ଚାରଣ କରିବେ ନାହିଁ । କିଛି ଭୟର କଥା କହିବେ ନାହିଁ । ଜଙ୍ଗଲର ମାଟିରେ ଝାଡା, ପରିସ୍ରା କରିବେ ନାହିଁ । ମାଟିରେ ଛେପ ପାଇବେ ନାହିଁ । ଜଙ୍ଗଲକୁ ଏକ ଦେବସ୍ଥଳୀ ହିସାବରେ ମାନିବେ ।

ଲୋକମାନେ ଖାଲି ଗୋଡରେ କାଦୁଅରେ ତଳକୁ ଓହ୍ଲାଇଗଲେ । ଚପଲ ପିନ୍ଧି କାଦୁଅରେ ଚାଲିବା କଷ୍ଟ । ପାଣି ଜଙ୍ଘଯାଏ ହେଉଥିଲା । କାଦୁଅ କିନ୍ତୁ ପ୍ରାୟ ଆଣ୍ଠୁଯାଏ ଥିଲା । ସେମାନେ ଶବ୍ଦ ନକରି ତଳକୁ ଓହ୍ଲାଇ ଯାଇଥିଲେ । ସପନବାବୁ ମଧ୍ୟ ସେମାନଙ୍କ ସାଙ୍ଗରେ ଚାଲିଲେ । କାଦୁଅରେ ଚାଲିବା ସମୟରେ ସେମାନେ ସମସ୍ତେ ଚୁପ ଥିଲେ । ନହେଲେ ସେମାନେ ସବୁବେଳେ ନିଜ ଭିତରେ ଗପ କରୁଥାନ୍ତି । ଘୋର ଜଙ୍ଗଲରେ ବାଘ ଘରେ ପଶିବା କିଛି ସାଧାରଣ କଥା ନୁହେଁ । ବେଶ ସାହାସ ଦରକାର । ଜଙ୍ଗଲରେ କାନ, ନାକ ଆଉ ଆଖିକୁ ଅତି ସାବଧାନ ରଖିବା କଥା । ବାଘର ଫୁରୁକୁଟିଆ ଗନ୍ଧଟା ତା'କୁ ଧରା ପକାଇ ଦିଏ । ନହେଲେ ଏମିତିଆ ଜଙ୍ଗଲରେ ବାଘକୁ ଆକ୍ରମଣ ପୂର୍ବରୁ ଠାବ କରିବା ପ୍ରାୟ ଅସମ୍ଭବ । ବଣ ବାରହା ଶରୀରରୁ ବି ଗନ୍ଧ ବାହାରେ । କିନ୍ତୁ ବାଘର ଗନ୍ଧଟା କେମିତି ବେଶି ଫୁରୁକୁଟିଆ । ଗନ୍ଧଟା ଅବଶ୍ୟ ସାମାନ୍ୟ । ସୁନ୍ଦରବନର ପାଣି ଯୋଗୁ ଗନ୍ଧ ବହୁତ କମିଯାଏ । ବାଘ ବା ବାରହା ଅନେକ ସମୟରେ ପାଣିରେ ପହଁରି ଗୋଟାଏ ଦ୍ୱୀପରୁ ଆଉ ଗୋଟାଏ ଦ୍ୱୀପକୁ ଯାଆନ୍ତି । ତଥାପି ବି କିଛି ଗନ୍ଧ ଥାଏ ।

ସେମାନଙ୍କ ଆଖି ବଡବଡ ଗଛ ଉପରେ ବୁଲୁଥିଲା । ଗଛ ଗଣ୍ଡିରେ ବାଘ ବେଳେ ବେଳେ ରାମ୍ପୁଡିଥାଏ । ତାଛଡା ବାଘ ଯିବାଆସିବା ରସ୍ତାରେ ବାଘର ପାଦଚିହ୍ନ ରହି ଯାଇଥାଏ । ଏମିତିଆ ଚିହ୍ନ ଦେଖିଲେ ଅତି ସାବଧାନ ରହିବା କଥା । ବାଘର ହାଉଁ ହାଉଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡାକ ବା ହରିଣର ଟାଉ ଟାଉ ଡାକର ଶବ୍ଦ ନଥିଲା । ଦୂରରୁ ମାଙ୍କଡମାନଙ୍କ କିସ୍ କିସ୍ ଡାକ ମଧ୍ୟ ନଥିଲା । କିନ୍ତୁ ଏ ଶାନ୍ତ ଜଙ୍ଗଲରେ ଏକାବେଳେ ସବୁ ଶବ୍ଦ ଆଉ ଗନ୍ଧ ଆସିପାରେ । ତେଣୁ ହଠାତ୍ କିଛି ଠଉରାଇ  ହେବନାହିଁ ।

କାଦୁଆଚଡାଟା ଏକ ମଡାଭଳି ଚୁପଚାପ ହୋଇ ପଡିଥିଲା । କିଛି ଜୀବନ ନାହିଁ । କେତେଟା ଛୋଟ କଙ୍କଡା ଏପଟ ସେପଟ ବୁଲୁଥିଲେ । ମୁଣ୍ଡ ଉପରେ କେତେଟା ମହୁମାଛି ଦେଖାଯାଉଥିଲେ । ସେମାନେ ଏକଦମ ସରୁ ପାଣି କାଦୁଅ ଧାର ଦେଇ ଭିତରକୁ ଚାଲିଲେ । ଭିତରର ଗଛସବୁ ବଡ଼ ହୋଇଆସିଥିଲା । ନଦୀଧାରରେ ଗଛ ସାମାନ୍ୟ ଛୋଟ । ହେନ୍ତାଳ ଗଛଭିତରେ ମହୁମାଛି ଫେଣା କରନ୍ତି । କିନ୍ତୁ  ଟିକିଏ ଭିତରିଆ ବଡଗଛରେ ମହୁମାଛିମାନେ ବଡ଼ ଫେଣା କରନ୍ତି ।

ଜଙ୍ଗଲଟା ଘଞ୍ଚ । ମହୁମାଛି ଖୁଲସି (Aegiceras corniculatum), ଗୋରାନ(Ceriops decandra), ବାଇନ(Avicennia officinalis), ଗେଉଁଆ(Excoecaria agallocha), କେଉଡା(Sonneratia apetala)ଭଳି ଗଛରେ ବସା ବାନ୍ଧିଥାନ୍ତି । ପାସୁର ଗଛର ମହୁମଧ୍ୟ ହୁଏ । ସବୁଠାରୁ ଭଲ ମହୁ  ଖୁଲସି ଗଛରୁ ମିଳେ । ଆଜିକାଲି କିନ୍ତୁ ଖୁଲସିଗଛ ବେଶି ମିଳୁନାହିଁ । ହେନ୍ତାଳ ଗଛର ମହୁ ମଧ୍ୟ ବେଶ ଭଲ । କେଉଡା ଗଛରେ ମଧ୍ୟ ଭଲ ମଧୁ ହୁଏ ।

ଏହି ସମୟରେ ମଧ୍ୟ ସୁନ୍ଦରବନରୁ ମାଛ ଧରିବା ନିଷେଧ ଥାଏ । ତେଣୁ କେଉଟମାନେ ମଧୁ ସଂଗ୍ରହରେ ବ୍ୟସ୍ତ ରୁହନ୍ତି  ।

ଏ ବର୍ଷ ସାମାନ୍ୟ ଅଧିକ ଗରମ ପଡିଛି । ମଝିରେ ମଝିରେ ହାଲୁକା ବର୍ଷା ହୋଇଯାଇଛି । ଜଙ୍ଗଲରେ ସକାଳ କୁହୁଡିଆ ରହୁଛି । ଜଳକଣା ପବନରେ ଭାସିବୁଲୁଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଛରେ ଲାଗିଥିବା କୁହୁଡିକୁ ମହୁମାଛି ଶୋଷିନିଏ । ଏବର୍ଷ ପାଗ ଅନୁକୂଳ । ମହୁ ବେଶ ଭଲ ହେବ । ମହୁ ଚୈତ୍ର ବୈଶାଖ ମାସରେ ପ୍ରାୟ ୧୫ ଦିନରୁ ୧ ମାସ ଭିତରେ ଭଲ ମିଳେ । ସବୁ ଗଛରେ ଫୁଲ ଆସିଯାଇଛି ।

ବାଘୁଆ ମହୁମାଛି Rock bees(Apis dorsata) ପ୍ରତିବର୍ଷ ସୁନ୍ଦରବନକୁ ଗ୍ରୀଷ୍ମଋତୁରେ ଆସନ୍ତି । ଏହି ସମୟ ହେଉଛି ଲୁଣା ଜଙ୍ଗଲରେ ଫୁଲ ଫୁଟିବାର ସମୟ । ମାର୍ଚ୍ଚର ଶେଷଆଡକୁ ଖୁଲସି(Aegiceras corniculatum) ଗଛରେ ଫୁଲ ଫୁଟିବା ଆରମ୍ଭ ହୁଏ । ଜଙ୍ଗଲରେ ପ୍ରଥମେ ଖୁଲସି ଆଉ ହେନ୍ତାଳ ଗଛରେ ଫୁଲ ଆସେ । ତାପରେ ବାଇନ ଆଉ କେଉଡା ଗଛରେ ଫୁଲ ଆସେ । ଶେଷରେ ଗେଉଁଆ ଗଛରେ ଫୁଲ ଆସେ । ଏହି ଫୁଲର ଋତୁ ଜୁନମାସ ପର୍ଯ୍ୟନ୍ତ ଚାଲେ ।

ଗେଉଁଆ ଗଛର ମହୁ ଲାଲ ଆଉ ଟିକେ ରାଗୁଆ ଲାଗେ । ଖୁଲସି ଗଛର ମହୁ ନଡିଆ ତେଲ ଭଳି ସଫା ଆଉ ବେଶ ଭଲ ଲାଗେ । ବାଇନ ଆଉ କେଉଡା ଗଛର ମହୁ ବେଶି ଲାଲ ନୁହେଁ କି କଡା ନୁହେଁ । ବଡ଼ ଗଛରେ ଫେଣା ହେବା ତ ସ୍ୱାଭାବିକ । କିନ୍ତୁ ଅପେକ୍ଷାକୃତ ଅନେକ ସାନ ହେନ୍ତାଳ ବଣରେ ମଧ୍ୟ ମହୁମାଛି ଫେଣା ବାନ୍ଧେ । ଟିକିଏ କୁହୁଡି ହେଉଥିବା ଯାଗା ମହୁମାଛିର ପସନ୍ଦ । କୁହୁଡିପାଣି ବା ହାଲୁକା ବର୍ଷାପାଣି ବିନା ମହୁମାଛି ମହୁ କରିପାରେନା ।

ସେମାନେ ଏକ ଧାଡିରେ ଚାଲିଲେ । ସମସ୍ତେ ବାଘମୁଖା ପଛୁଆ କରି ପିନ୍ଧିଥିଲେ । ଦେଖିଲେ ଲାଗିବ ଯେମିତି ମଣିଷ ପଛକୁ ଅନାଇ ରହିଛି । ବାଘ ତ ମଣିଷକୁ ପଛରୁ ବା କଡରୁ ଆକ୍ରମଣ କରେ । ବାଘ ଆକ୍ରମଣରୁ ରକ୍ଷା ପାଇବାପାଇଁ କିଛି ଉପାୟ କରାଯାଇଛି । ରାଖାଲ ଆଗରେ ଆଉ ଅନ୍ୟମାନେ ପଛରେ । ମଝିରେ ସପନବାବୁ । ବାଘ ଆକ୍ରମଣଟା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକସ୍ମିକ ହୋଇପାରେ । ତେଣୁ ସେମାନେ ସାବଧାନ ଥିଲେ । ରାଖାଲ କିଛି ମନ୍ତ୍ର ପଢିଛି । ଦକ୍ଷିଣ ରାୟର ଡାକ ଶୁଣାଯାଇ ନାହିଁ । କିନ୍ତୁ କିଛି କହି ହେବନାହିଁ ।

"ବନବିବିର ନାମେ ସବାଇ ବୋଲୋ ଆଲ୍ଲା ଆଲ୍ଲା ।"- ରାଖାଲ ଜୋରରେ ପାଟିକଲା । ସେ ଏ ଭିତରେ ବୈଷ୍ଣବ ଧର୍ମ ନେଇଛି । ତଥାପି ବଶୀକରଣ ବିଦ୍ୟାଟା ଛାଡି ପାରିନାହିଁ । ହରିବୋଲ ମନ୍ତ୍ର ମହାମନ୍ତ୍ର । ସେ ମନ୍ତ୍ର ପ୍ରଭାବରେ କିଛି କ୍ଷତି ହେବନି । ଏ ମହାମନ୍ତ୍ର ଆଉ ବଶୀକରଣ ବିଦ୍ୟା ସାଙ୍ଗେ ସାଙ୍ଗେ ଚାଲୁ । ଏ କଥା ଅବଶ୍ୟ ସେ କାହାକୁ କୁହେନା । ସମସ୍ତେ ତା' ବିଦ୍ୟାକଥା ଭଲ କରି ଜାଣନ୍ତି । ବନବିବିଙ୍କ ମନ୍ତ୍ରରେ ଆଲ୍ଲା ଆଲ୍ଲା କୁହାଯାଏ ।

ଅନ୍ୟମାନେ "ଆଲ୍ଲା ଆଲ୍ଲା" ବୋଲି ପାଳି ଧରୁଥିଲେ ।

"ଶାହା ଜଙ୍ଗଲିର ନାମେ ସବାଇ ବୋଲୋ ଆଲ୍ଲା ଆଲ୍ଲା ।"- ରାଖାଲ ଆଉ ଥରେ ଜୋରରେ ପାଟିକଲା । ଅନ୍ୟମାନେ ଆଲ୍ଲା ଆଲ୍ଲା ବୋଲି ପାଳି ଧରିଲେ ।

"ଦକ୍ଷିଣ ରାୟର ନାମେ ସବାଇ ବୋଲୋ ହରି ହରି ।"-

"ହରିବୋଲ ।"- ଅନ୍ୟମାନେ ପାଳି ଧରୁଥିଲେ ।

"ବୋଲ ହରି ।"- ଆଉ ଥରେ ରାଖାଲ ଜୋରରେ ପାଟିକଲା ।

ଅନ୍ୟମାନେ "ହରି ହରି" କହିପାଳି ଧରିଲେ ।

ଜଙ୍ଗଲଟା ଘଞ୍ଚ । ସେମାନେ ଏ ପର୍ଯ୍ୟନ୍ତ ନଦୀଧାରରେ ଥିଲେ । ଉପରେ ଗୋଟାଏ ଦୁଇଟା ମହୁମାଛି ପ୍ରାୟ ଦେଖାଦେଉଥିଲେ । ମହୁମାଛି ଫେଣାଟା ଏଇ କେଉଁ ପାଖରେ ଥିବ ।

"ବୋଲ ହରି ।"– ରାଖାଲ ଆଉ ଥରେ ଜୋରରେ ପାଟିକଲା । ତା'ର ଆଖି ଟିକିଏ ଖୋଲା ଆକାଶ ଆଡକୁ ଥିଲା । ସେଇଠି ଅନେକ ମାଛି । ପାଖରେ କେଉଁଠି ଫେଣାଥିବ ।

ଶେଷରେ ଫେଣା ଦେଖାଗଲା । ବେଶ ବଡ଼ ଫେଣାଟା ଏକ ବଡ଼ କେଉଡ଼ା ଗଛରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଥିଲା ।ଗଛ ଗଣ୍ଡିଟା ମୋଟା । ଏକ ବଡ଼ ଡାଳ ଉପରଆଡକୁ କଡେଇହୋଇ ବଙ୍କେଇଯାଇଛି । ଫଳରେ ଟିକିଏ ଉପରେ ଡାଳପତ୍ରରେ ଢାଙ୍କି ହୋଇଯାଇଛି । ବର୍ଷାଟା ପ୍ରାୟ ସିଧା ବାଜିବ ନାହିଁ । ଗଛଟା ଆକାଶର ତଳେ ଏକ ବିଶାଳ ଛତା ଯେମିତି ତିଆରି କରିଛି । ଗଛରେ ଭଲ ଫୁଲ ମଧ୍ୟ ଅଛି ।

ଥରେ ଫେଣାଟା ଠାବ ହୋଇଗଲାପରେ ସମସ୍ତେ ଚଞ୍ଚଳ ହୋଇଗଲେ । ଏବେ ଅସଲ କାମ ଆରମ୍ଭ ହେବ । ମହୁମାଛିଗୁଡାକ କଳା ରଙ୍ଗର, ବିଷାକ୍ତ ଡଙ୍କ ଅଛି । ଦଶଟା ମହୁମାଛି ବିନ୍ଧିଦେଲେ ବଞ୍ଚିବା କଷ୍ଟ । ଏ ମହୁମାଛିଙ୍କୁ ପ୍ରଥମେ ଘଉଡାଇବା ଦରକାର । ଜଙ୍ଗଲର ମହୁମାଛି ପାଳିଥିବା ମହୁମାଛିଠାରୁ ବଡ଼ ଆଉ ସେମାନଙ୍କ ବିନ୍ଧିବା ବେଶ ଯନ୍ତ୍ରଣାଦାୟକ । ଆଉ ଏକ ପ୍ରକାରର ଛୋଟ ମହୁମାଛି ଅଛନ୍ତି । କିନ୍ତୁ ସେମାନଙ୍କ ଫେଣାରୁ ବେଶି ମହୁ ମିଳେନା ।

ବସାରେ କଳା ବାଦାମୀଶ୍ରମିକ ମହୁମାଛିମାନେ ବ୍ୟସ୍ତଥିଲେ । ସେମାନଙ୍କର କଳା କଳା ମୁଣ୍ଡମାନ ଜୋରରେ ଏପଟ ସେପଟ ହେଉଥିଲା । ସେମାନେ ମହୁଶୁଣ୍ଢରେ ଆଣି ଫେଣାର କୋଠରିରେ ରଖିବାକୁ ଲାଗିଯାଇଥିଲେ । ଏବେ କାମର ସମୟ । ଫେଣାରେ ରାଣୀ ମହୁମାଛି ଥାଏ । ଆକାରଟା ଅନ୍ୟଅପେକ୍ଷା ବହୁତ ବଡ଼ । କିଛି କୋଠରିରେ ଛୋଟ ଛୁଆ ମହୁମାଛି ବା ଲାର୍ଭାମାନେ ଥାଆନ୍ତି । ଏହି ମହୁରୁ ସେମାନଙ୍କର ପରବର୍ତ୍ତୀ ପିଢିପାଇଁ ଭୋଜନ ମଳିବ । ଶ୍ରମିକ ମହୁମାଛିଗୁଡାକ ବାରମ୍ବାର ଉଡିଯାଇ ପୁଣି ଫେଣାରେ ବସିପଡୁଥିଲେ । କେହି କ୍ଷଣେମାତ୍ର ବିଶ୍ରାମ କରୁନଥିଲେ ।

"ଜଲଦି ବଲୋନ(ଧୂଆଁ ମଶାଲ) ପ୍ରସ୍ତୁତ କର ।"- ରାଖାଲ ଡାକଦେଲା । ସେ ମନେ ମନେ କିଛି ଗୁଣୁଗୁଣୁ ହେଉଥିଲା । କେହି ତା'କୁ ବିରକ୍ତ କରୁ ନଥିଲେ । ସେ ବୋଧହୁଏ ବାଘ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ତୁତିକରଣ ମନ୍ତ୍ର ପଢୁଛି ।

ମହୁମାଛିଙ୍କୁ ଘଉଡାଇବାପାଇଁ ବଲୋନର ଆବଶ୍ୟକତା ଅଛି । ଏଠି ଲୋକମାନେ ସେଇ ପୁରୁଣାକାଳିଆ ଉପାୟ ଧରିଛନ୍ତି । ମୁହଁରେ ଜାଲିଥିବା ଟୋପୀ ପିନ୍ଧନ୍ତିନି । ସେଗୁଡାକ ବହୁତ ଅଡୁଆ ଲାଗେ । ମୁଣ୍ଡରେ ଠେକା କଲାଭଳି ଗାମୁଛା ବାନ୍ଧି ଆଖି ପର୍ଯ୍ୟନ୍ତ ନିଜକୁ ଘୋଡାଇ ଦିଅନ୍ତି । କପାଳଟା ତ ମୁଣ୍ଡ ଉପରୁ ଘୋଡାଯାଇଥାଏ । ହାତ ଗୋଡ କିଛି ଅଂଶରେ ଖୋଲା । ମହୁମାଛି ସହଜରେ ବିନ୍ଧିପାରେ । ସେଇଥିପାଇଁ ମହୁମାଛିଗୁଡାଙ୍କୁ ଘଉଡାଇବା ଆବଶ୍ୟକ ।

ବଲୋନ ଲଗାଇବା ଆଉ ଦିଗ ଦେବା କାମଟା ବାସୁଦେବ ଭଲଭାବେ କରେ । ବଲୋନକୁ ଏମିତି ଦିଗରେ ରଖିବାକୁ ପଡିବ ଯେମିତିକି ମହୁମାଛିମାନେ ତଳଆଡକୁ ଆସି ଆକ୍ରମଣ କରିବାର ସୁଯୋଗ ପାଇବେ ନାହିଁ । ଅନ୍ୟଥା ଥରେ ସେମାନଙ୍କର ଆକ୍ରମଣ ଜାରି ହୋଇଗଲେ ଥମିବାର ପ୍ରଶ୍ନ ରହିବନାହିଁ । ଗୋଟିଏ ପରେ ଗୋଟିଏ ମହୁମାଛି ଆସି ବିନ୍ଧିଦେଇଯିବେ । ତେଣୁ ଦିଗଜ୍ଞାନଟା ଭଲ ହେବା ଦରକାର ।

ବାସୁଦେବ ହେନ୍ତାଳ ଖୋଜିବାରେ ଲାଗିଗଲା । ସେ ବଲୋନ ତିଆରି କରିବ । ପ୍ରାୟ ହାତେ ଦେଢହାତ ଆଉ ଜଙ୍ଘେମୋଟ ବଲୋନ ତିଆରିହେବ । ହେନ୍ତାଳ ଆଉ ଗୋଲପତାର ବଲୋନଟା ଭଲ । ସେଥିରୁ ଧୂଆଁ ବେଶ ବାହାରେ । ବାହରପଟେ କଞ୍ଚା ପତ୍ର ଆଉ ଭିତରେ ଶୁଖିଲା ପତ୍ର ଦିଆଯାଇ ବଲୋନ ତିଆରି କରାଯାଏ । ପାଖରେ କିଛି ହେନ୍ତାଳ ଗଛ ଥିଲା । ଏ ହେନ୍ତାଳ ଜଙ୍ଗଲ ଦେଖିବାକୁ ସାଧାରଣ ଲାଗିଲେ ମଧ୍ୟ ଅସାଧାରଣ । ଏକେତ ମୁନିଆ କଣ୍ଟା । କିନ୍ତୁ ସବୁଠାରୁ ବଡ଼ ବିପଦ ହେଉଛି ବାଘ । ଏମିତିଆ ଛୋଟ ଜଙ୍ଗଲରେ ବାଘ ରହିବାକୁ ପସନ୍ଦ ମଧ୍ୟ କରେ । ଯାହାହେଉ କିଛି ବିପଦ ହୋଇନି । ଭଲ ବଲୋନ ତିଆରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲା । ବଲୋନରେ ନିଆଁ ଲଗାଇ ଦିଆଗଲା । ଧଳାଧଳା ଧୂଆଁ ଜୋରରେ ଉପରକୁ ଉଠିଲା । ବଲୋନଟା ପ୍ରସ୍ତୁତ ।

ବାସୁଦେବ ବଲୋନଟା ଧରି ଗଛ ତଳକୁ ଆସିଲା । ତାପସ ଗଛ ଚଢ଼ିବ । ତାପସକୁ ଟୋକା କହିହେବନି । ମୁହଁକୁ ଚାହିଁଲେ ଏଇ ତା'କୁ କିଏ କୋଡିଏ କହିବ । କିନ୍ତୁ ତାପସକୁ ପଚିଶି ହେଲାଣି । ଗଛ ଚଢ଼ିବାରେ ଧୁରନ୍ଧର । ତାପସ ଗଛ ଚଢ଼ିଲା । ପଛରେ ବାସୁଦେବ ମଶାଲଟା ଧୀରେ ଧୀରେ ବସା ପାଖକୁ ପହୁଁଞ୍ଚାଇଲା । ଧୂଆଁ ବାଜିବାରୁ ମହୁମାଛିମାନେ ଭଁ ଭଁ କରି ଉଡିବାକୁ ଲାଗିଲେ । ସବୁଆଡେ ମହୁମାଛି । କିନ୍ତୁ ସେମାନେ ତଳକୁ ଆସିପାରୁ ନଥିଲେ । ଗଛ ତଳଆଡକୁ ଧୂଆଁ । ବେଶଜୋରରେ ଫେଣା ଆଡକୁ ଧୂଆଁଆସି ଫେଣାରୁ ମହୁମାଛିଙ୍କୁ ତଡୁଥିଲା । ବଲୋନରେ ବେଶି ନିଆଁ ଜଳେ ନାହିଁ । ହେନ୍ତାଳ ବଲୋନ ଧିରେ ଜଳେ କିନ୍ତୁ ଭଲ ଧୁଆଁଦିଏ ।

ଆଉ ଡେରି ନକରି ତାପସ ଠିକ ଫେଣାପାଖକୁ ଚଢ଼ିଗଲା । ତା' ହାତରେ ଏକ ଧାରୁଆ ବଙ୍କା କଟୁରୀ । କିଛି ମହୁମାଛି ତଥାପି ବି ଯାଗା ଛାଡୁ ନଥିଲେ । ସେମାନେ କିନ୍ତୁ ବେଶି ସମୟ ରହିପାରିଲେ ନାହିଁ । ମହୁଫେଣାଟା କଟାହେବାପାଇଁ ପ୍ରସ୍ତୁତ । ସେ ସାଇଜକରି ମହୁଫେଣାକୁ କାଟୁଥିଲା । କିଛି ଖଣ୍ଡରେ ମହୁ ଭରି ରହିଥିଲା । ରାଣୀମହୁମାଛି ବା ଲର୍ଭା ମଧ୍ୟ ସେପଟ ଫେଣାରେ ନଥିଲେ । ସେ ଲାର୍ଭାମିଶା ମହୁଫେଣା ଆଣିଲେ ମହୁ ଶୀଘ୍ର ଖରାପ ହୋଇଯିବ । ପ୍ରାୟ ୧୦-୧୫ ମିନିଟ ଭିତରେ ମହୁଫେଣା କାଟିବା କାମଟା ସରିବା ଦରକାର । ବେଶି ଡେରି କଲେ ବଲୋନରୁ ଧୂଆଁ କମିଯିବ । ତା' ଛଡା ବାଘର ଭୟ ଲାଗି ରହିଛି ।

ତାପସ ଖଣ୍ଡଖଣ୍ଡକରି ଫେଣାକାଟି ତଳକୁ ପକାଉଥିଲା । ରାଖାଲ ନିଜେ ଆଲୁମିନିଅମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାଣ୍ଡିରେ ସେ ଫେଣାକୁ ଧରିନେଉଥିଲା । ତଳେ ଫେଣାପଡିଲେ କାଦୁଅ ଲାଗିବ, ଧୂଳି ଲାଗିବ । ମହୁର ମୂଲ୍ୟ କମିଯିବ । ଫେଣାରେ କିଛି ଧୂଳିମଳିଥିଲେ ସେ ସାଙ୍ଗେ ସାଙ୍ଗେ ଫିଙ୍ଗିଦେଉଥିଲା । ବେଶ ବଡ଼ ଫେଣାଟା । ଅଧ ହାଣ୍ଡିରୁ ଅଧିକ ମହୁ ବାହାରିଲାଣି । ତାପସ ଉପରକୁ ଚାହିଁଲା । ମହୁମାଛିମାନେ ଜୋରରେ ଉଡୁଥିଲେ । କିଛି ମାଛି ଜୋରରେ ଭିତରକୁ ପଶିଆସିବାକୁ ଚେଷ୍ଟାକରୁଥିଲେ କିନ୍ତୁ ଧୂଆଁରେ ଅଣନିଃଶ୍ୱାସୀ ହୋଇ ଉଡି ପଳାଉଥିଲେ । ସେ କିଛି ମହୁଭରା ଫେଣା ଛାଡିଦେଲା । ତାଛଡା ଲର୍ଭାଥିବା ଫେଣାଗୁଡାକର କିଛି କ୍ଷତି ହୋଇ ନଥିଲା । ଏହି ଲାର୍ଭମାନେ ପରେ ମହୁମାଛିରେ ପରିଣତ ହେବେ । ସେମାନଙ୍କପାଇଁ କିଛି ମହୁ ଛାଡି ଦିଆଯାଇଛି । ପରପିଢି ମହୁମାଛିମାନେ ବଞ୍ଚିରହିବେ ।

ତାପସ ତଳକୁ ଓହ୍ଲାଇ ଆସିଲା ବାସୁଦେବର ମଶାଲରୁ ସେମିତି ଧୂଆଁ ଜୋରରେ ବାହାରୁଥିଲା । ଉପରେ ମହୁମାଛିମାନେ ରାଗିକରି ଜୋରରେ ଭଅଁ ଭଅଁ ଗର୍ଜ୍ଜନ କରୁଥିଲେ । କିନ୍ତୁ ଧୁଆଁଯୋଗୁ ଫେଣାପାଖକୁ ଆସି ପାରୁନଥିଲେ । ସେମାନେ ତଳେଖଣ୍ଡେ ମହୁ ତଳେ ରଖିଦେଲେ । ପ୍ରଥମ ଖଣ୍ଡ ଦକ୍ଷିଣ ରାୟଙ୍କର । ମହୁ ଉପରେ ତାଙ୍କର ଅଧିକାର ।

"ଦକ୍ଷିଣ ରାୟ ଆମକୁ କ୍ଷମାକର । ତୁମକୁ ଆମେ ଏ ମହୁଖଣ୍ଡ ପ୍ରାସାଦ ଦେଉଛୁ । ଗ୍ରହଣକର ।"- ରାଖାଲ ମୁଣ୍ଡ ନୁଆଁଇଲା । ତା' ସଙ୍ଗେ ସଙ୍ଗେ ଅନ୍ୟମାନେ ଦକ୍ଷିଣ ରାୟଙ୍କୁ ପ୍ରଣାମ କରୁଥିଲେ ।

"ଓଁ ଶ୍ରୀହରି ।"- ରାଖାଲ ମୁଣ୍ଡ ନୁଆଁଇଲା ।

"ହରି ହରି ।"- ଅନ୍ୟମାନେ ପାଳିଧରିଲେ ।

"ମା ବନବିବି ବୋଲୋ ।"-

ଅନ୍ୟମାନେ "ଆଲ୍ଲା ଆଲ୍ଲା" କରି ପାଳି ଦେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଓଁ ଶ୍ରୀହରି ।"- ରାଖାଲ ଆଉଥରେ ମୁଣ୍ଡ ନୁଆଁଇଲା ।

ସେମାନେ ଜଲଦି ଜଲଦି ନିଜର କାମ କରି ନେଉଥିଲେ । କାହାର କିଛି କ୍ଷତି ଘଟିନି । ଜୋର ପାଦରେ ସେମାନେ ଡଙ୍ଗାକୁ ଫେରିଆସିଲେ । ଦିନ ବୁଡିବାକୁ କିଛି ସମୟ ବାକି ଅଛି । ଆଜି ଆଉ କିଛି କରାଯାଇ ପାରିବନି । ଏପଟ ନାଳରେ ଭଲ ମହୁ ମିଳେ । ଆଜିବି ପ୍ରଥମ ଦିନରେ ଗୋଟିଏ ଫେଣାରୁ ପ୍ରାୟ ଅଧହାଣ୍ଡି ମହୁ ମିଳିଲାଣି । ଏବର୍ଷ ଆମଦାନୀ ଭଲହେବ ।

ରାଖାଲ କୂଳରେ ମାଟି ଉପରେ ଆଣ୍ଠେଇ କିଛି ଗୁଣୁ ଗୁଣୁ ହେଲା । ସେ ନିଜର କୃତଜ୍ଞତା ଜଣାଉଥିଲା । ତା'ର ମନ୍ତ୍ର କାମ କରିଛି । ଦକ୍ଷିଣ ରାୟର ଡାକ ଶୁଣା ମଧ୍ୟ ଯାଇନି । ସେ ଡଙ୍ଗାକୁ ଶେଷରେ ଚଢିଲା । ଡଙ୍ଗାରେ ଏକ ଘଟ ବସାଇ ସେଥିରେ ମହୁ ଭର୍ତ୍ତି କଲା । ତାପରେ ଜୋରରେ ନିଜର ଶିଙ୍ଗାଟା ବଜାଇଦେଲା, ଆଉ ମୁଣ୍ଡ ନୁଆଁଇ ନମସ୍କାର କଲା । ଡଙ୍ଗା ଆଗକୁ ଚାଲିଲା ।

ସପନବାବୁଙ୍କୁ କିଛି କରିବାର ନଥିଲା । କେଉଁ ଯୁଗରୁ ଚାଲି ଆସୁଥିବା କ୍ରମର ସେ ପ୍ରତ୍ୟକ୍ଷଦର୍ଶୀ ଥିଲେ । ତାଙ୍କ ମୁହଁ ଖୁସିରେ ଭରିଥିଲା । ସୁନ୍ଦରବନରେ ଏଇ ଅଭିଜ୍ଞତା ଆଜିପାଇଁ ବାକିଥିଲା । ଏବେ ଭଲରେ ହୋଇଗଲା ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜେଜେଙ୍କ ଜାସୁସି - ୪

ଏହା ଏକ ଧାରାବାହିକ କାହାଣୀ । କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ପୂର୍ବ ଭାଗ ସବୁ ପଢ଼ିବାକୁ ଅନୁରୋଧ ।

ପୂର୍ବରୁ ପଢ଼ିଥିଲେ..

ପଡ଼ିଆ ଶେଷରୁ ନଇପଠା ଆଡ଼କୁ ପ୍ରାୟ ଦୁଇ ଶହ ମିଟର ଲମ୍ବର ଛୋଟ ଜାଗାଟି ମଶାଣି ରୂପେ ପରିଣତ ହୋଇଛି ଏଇ ଗୋଟାଏ ପିଢ଼ି ହେବ ।

ଚାରିଆଡ଼ ଶୂନଶାନ ।

ଚାଲିଲେ ଅଜା ପଡ଼ିଆ ଶେଷ ଯାଏଁ ।

ହଠାତ ଗୁଦ କିନା କେହି ଜଣେ ପଡ଼ିବାର ଶବ୍ଦ ହେଲା ।

ଲୋମ ଟାଙ୍କୁରି ଉଠିଲା । ଅଜା ଦୁଇପାଦ ପଛକୁ ଘୁଞ୍ଚିଆସିଲେ ।

ଜେଜେ ମନରେ ଧର୍ଯ୍ୟ,ଦମ୍ଭ, ସାହସ ଜୁଟେଇ ଚାରିଆଡ଼କୁ ଲକ୍ଷ୍ୟ କଲେ "କାହିଁ କେହି ବି ଦିଶୁନି ତ .. ! !"



ବିଜୟ କୁମାର ପଣ୍ଡା

ଏହା ଭିତରେ ସନ୍ଧ୍ୟା ଗଡ଼ିଯାଇ ରାତି ହେଲାଣି ।

ଜେଜେ ପଛକୁ ଫେରିବାକୁ ପ୍ରସ୍ତୁତ ହେଉଥିଲେ । ପୁଣି ଏକ ବିକଟାଳ ଶବ୍ଦ ଶୁଭିବାକୁ ଲାଗିଲା ।

ଜେଜେଙ୍କ ଦମ୍ଭ କମିଲା ଭଳି ଲାଗିଲା ।

ଜେଜେ ଗାଁ ଭିତରକୁ ପଶିଲା ପରେ ଜାଣିଲେ ଲୋକମାନେ ଭୂତ ବିଷୟରେ ଟୁପୁରୁ ଟାପୁରୁ ଲାଗିଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଗବତ ଟୁଙ୍ଗୀ ପାଖାପାଖି କିଛି ଘଞ୍ଚ ପତ୍ର ଅଛି । ରାତ୍ରି ସମୟରେ ଲୋକମାନେ ଟିକେ ଡରନ୍ତି । ଜେଜେ ସେଇପଟ ଦେଇଗଲାବେଳେ ତାଙ୍କୁ ପୁଣି ପୂର୍ବ ଭଳି ଶବ୍ଦ ଧିରେ ଧିରେ ଶୁଭିଲା । ଜେଜେଙ୍କୁ ସନ୍ଦେହ ହେଲା ।

ତା'ପରେ ପଢ଼ନ୍ତୁ..

ଚତୁର୍ଥ(୪) ଭାଗ : ଶେଷ ଭାଗ

ଭାଗବତ ଟୁଙ୍ଗି ଗାଁ ମଝା ମଝି ..ଜେଜେଙ୍କ ଘର ବି ଟିକେ ସେଇ ପାଖା ପାଖି ।

ଜେଜେଙ୍କ ପାଟି ଶୁଣି ତାଙ୍କ ଘର ଲୋକଙ୍କ ସହ ଅନ୍ୟମାନେ ବି ବାହାରିଲେ ।

"ଭୁତ ଧରା ପଡ଼ିଛିରେ ଦୌଡ଼ି ଆସରେ" ଜେଜେ ଡାକ ପକାଇଲେ ।

ଧଳା ଶାଢ଼ୀ ପିନ୍ଧି ଦୌଡ଼ୁଥିବା ଲୋକଟି ଧରା ପଡ଼ିଲା । ସେ ଥିଲା ମକରା ଯିଏ ଗାଁରେ ଛୋଟ ମୋଟ ସବୁ ପ୍ରକାର ଚୋରି କରିବାରେ ଉସ୍ତାଦ ।

ରାତି ଦଶଟା ଉପରେ ହେଲାଣି ।

ଏଥର ଗାଁ ଦାଣ୍ଡରେ ତାର ବିଚାର ହେଲା ।

ମକରା ତାର ଦୋଷ ମାନିଲା ।

ଜେଜେଙ୍କ ଜାସୁସିର ଶିକାର ହେଇ ତାର ଅନେକ ନଷ୍ଟ ହେଇଛି, ସେଥିପାଇଁ ସେ ପ୍ରତିଶୋଧ ନେବା ପାଇଁ ଜେଜେଙ୍କ ଘର ପାଖେ ଭୁତୁଣୀ ହେଇ ସବୁ ପ୍ରତିଶୋଧ ନେବା ପାଇଁ ଏସବୁ କରୁଥିଲା ।

ଜେଜେଙ୍କ ଜାସୁସି ପାଇଁ ଗାଁରେ ଛୋଟରୁ ବଡ଼ ସମସ୍ତଙ୍କ ମୁହଁରେ ପ୍ରଶଂସାର ସୁଅ ଛୁଟିଲା ।

ନାତୁଣୀ ମାନି ଆଉ ନାତି ମୁନ୍ନା ଜେଜେଙ୍କ ଗୁଣ ଗାଇ ବୁଲୁଥିଲେ ଗାଁ ସାରା ।

ବିଜୟ କୁମାର ପଣ୍ଡା ,ସମ୍ପାଦକ, କନକପ୍ରଭା

ଯୋଗାଯୋଗ:୯୭୩୮୫୯୧୮୧୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଦୃଶ୍ୟ

ଏବେ ଯାହା କିଛି କଥାବାର୍ତ୍ତା ହୁଏ, ତାହା କେବଳ କସ୍ତୁରୀ ଓ ତରୁଣଙ୍କ ଭିତରେ ହିଁ ସୀମିତ ରହିଯାଏ । କସ୍ତୁରୀ ହିଁ ଥାଏ ସବୁଦିନ ତରୁଣଙ୍କ ଆଖି ସାମ୍ନାରେ, ଦିନରୁ ରାତି ଯାଏଁ, ସକାଳୁ ଆଖି ଖୋଲିବା ଠାରୁ ଆରମ୍ଭ କରି ରାତିରେ ନିଦ୍ରା ଯିବା ପର୍ଯ୍ୟନ୍ତ ସେ ସେମିତି ଝରକା ରେଲିଂରେ ଆଉଜି ହୋଇ ରହିଥାଏ । ତରୁଣ କିଛି କହିଲେ ସେ ଝୁଙ୍କି ଆସେ ତାଙ୍କ ପଟେ । ମନଦେଇ ତାଙ୍କ କଥା ଶୁଣେ । ନିଛାଟିଆ ଘର ଭିତରେ ଅନ୍ତତଃ ଏଇ କସ୍ତୁରୀ ଅଛି ବୋଲି ତରୁଣଙ୍କ ଶବ୍ଦ ସବୁ ବ୍ୟର୍ଥ ଯାଉନି ।

ସକାଳୁ ପୁଅ ବୋହୂ ଚାଲିଯାନ୍ତି ନିଜ ନିଜ କାମରେ । ରାନ୍ଧୁଣୀଆଟା ଆସି ରୋଷେଇ କରିଦିଏ ଓ ତରୁଣଙ୍କୁ ଖାଇବା ଦେଇଦିଏ । ଏଇ କସ୍ତୁରୀ କିନ୍ତୁ ମୁହଁ ଫୁଲାଏ । ସେ ରାନ୍ଧୁଣୀ କମଳିନୀକୁ ଆଡ ଆଖିରେ ଚାହେଁନି । ତାର ଇଚ୍ଛା ହୁଏ ସେ ତରୁଣଙ୍କୁ ନିଜ ହାତରେ ଖୁଆଇଦିଅନ୍ତା; ମାତ୍ର ତା ହାତ ତ ବନ୍ଧା ପଡିଛି ଏଇ ଝରକା ରେଲିଂରେ । ସେ କେବଳ ତରୁଣଙ୍କୁ ଦେଖିପାରିବ ଓ ଶୁଣିପାରିବ, ଏତିକି ହିଁ ସ୍ୱାଧୀନତା ମିଳିଛି ତାକୁ । ତରୁଣ ନିଜ ପକ୍ଷାଘାତ ଦେହଟିକୁ କମଳିନୀର ସହାୟତାରେ ଉଠାଇ, ଥରୁଥିବା ବାଁ ହାତରେ ଯାହା ଯେତିକି ଖାଇଦିଅନ୍ତି । କସ୍ତୁରୀ ମୁହଁ ଫେରାଇ ନିଜ



ଲିପ୍ସା ପଟେଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲୁହକୁ ଲୁଚାଏ । ତରୁଣଙ୍କ ଏପରି ଅବସ୍ଥାରେ ମଧ୍ୟ ସେ ତାଙ୍କୁ ଛୁଇଁ ପାରୁନି, ଖୁଆଇ ପାରୁନି ବୋଲି ମନ ଊଣା କରେ ।

ଏଇ କୋଠରୀ, ଏଇ ଖଟ, ଏଇ ଖୋଲା ଝରକା ଓ ସେଥିରେ ଆଉଜିହୋଇ ରହିଥିବା କସ୍ତୁରୀ...... ଏତିକି ତ ଏବେ ତରୁଣଙ୍କର ସମ୍ବଳ । ପୁଅ, ବୋହୂଙ୍କୁ ଦୋଷ ଦେଇ ଲାଭ ନାହିଁ । କାରଣ ଏଇ ସହରର ହୁ, ହୁ ହୋଇ ବଢୁଥିବା ଦରଦାମ୍, ଜୀବନଶୈଳୀ ଓ ଉଚ୍ଚ ଅଭିଳାଷ ପାଇଁ ଦୁହିଁଙ୍କୁ ଚାକିରି କରିବା ନିହାତି ଜରୁରୀ । ନିଜର ସଉକ ନୁହେଁ ବରଂ ଏକ ବିବଶତାରେ ବନ୍ଧା ପଡିଛନ୍ତି ପୁଅ ଓ ବୋହୂ । ଏଇ ଘରେ ତରୁଣଙ୍କୁ ରହିବାକୁ ଦେଇଛନ୍ତି, ତାହା ହିଁ ଯଥେଷ୍ଟ । ଆଜିକାଲିର ପିଲାଙ୍କ ପରି କୌଣସି ବୃଦ୍ଧାଶ୍ରମରେ ଅବା ଚିକିତ୍ସା କେନ୍ଦ୍ରରେ ମାସିକିଆ ଖର୍ଚ୍ଚ ଦେଇ ତ ପକାଇ ଦେଇନାହାନ୍ତି, ସେଥିପାଇଁ ସେ କୃତଜ୍ଞ ବୀଣାଙ୍କ ପାଖରେ ।

ବୀଣା ତାଙ୍କର ଜୀବନସଙ୍ଗିନୀ । ଦୀର୍ଘ ଚାଳିଶ ବର୍ଷର ଦାମ୍ପତ୍ୟ ମୋହର ଲାଗିଥିଲା ତାଙ୍କ ଜୀବନରେ । ଏଇ ଦୁଇ ବର୍ଷ ତଳେ ସେ ସମସ୍ତଙ୍କୁ ଛାଡି ଚାଲିଗଲେ; କିନ୍ତୁ ତରୁଣଙ୍କୁ ବେଶି ହିଁ ଏକଲା କରିଗଲେ । ଗଲା ବେଳେ ଏଇ କସ୍ତୁରୀର ମୋହରେ ବାନ୍ଧି ଦେଇଗଲେ । କସ୍ତୁରୀ ମଧ୍ୟ ବୀଣାଙ୍କ କଥା ମାନି ତରୁଣଙ୍କ କଥାକୁ ମନ ଦେଇ ଶୁଣୁଛି, ସୁଖ ଦୁଃଖ ବାଣ୍ଟୁଛି । ପୁଅକୁ ଭଲ ସଂସ୍କାର ଦେଇଥିଲେ ବୀଣା ବୋଲି ଆଜି ପକ୍ଷାଘାତ ରୋଗୀକୁ ଘରେ ସ୍ଥାନ ଦେଇଛି, ସମୟ ଥିଲେ ପାଖରେ ବସୁଛି । ଅନ୍ତତଃ ଘୃଣା ତ କରୁନି ! ଦୁଇ ଝିଅଙ୍କୁ ଚାକିରି କାଳ ଭିତରେ ହିଁ ବାହା କରାଇ ଦେଇଥିଲେ । ପୁଅ ନିଜ ଇଚ୍ଛାରେ ବାହା ହେଲେ ମଧ୍ୟ ବୋହୂଟା ଭଲ । ଘରକୁ ଠିକ୍ ଭାବରେ ସମ୍ଭାଳି ନେଉଛି । ଏଇ ଚାକରବାକରଙ୍କୁ ଭଲ ଭାବରେ କାବୁ କରିପାରିଛି ନହେଲେ ଆଜିକାଲିକାର ଚାକର, ମାଲିକଠାରୁ ବଳି ନିଜକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାବନ୍ତି । ଦେଖିବାକୁ ଗଲେ, ଏଇ ପକ୍ଷାଘାତ ରୋଗ ବ୍ୟତୀତ ଆଉ ସବୁକିଛି ସୁଚାରୁରୂପେ ଚାଲିଛି ତରୁଣଙ୍କ ସଂସାରରେ । ମାତ୍ର କସ୍ତୁରୀର ଆନୁଗତ୍ୟ ଓ ସହଚର୍ଯ୍ୟରେ ଆଉ ବାଧକ ସାଜୁନି ଏଇ ବ୍ୟାଧି ।

କମଳିନୀକୁ କହିଲେ ପୁରୁଣା ଗୀତ ଟିକେ ଟେପ୍ ରେକର୍ଡରେ ବଜାଇଦିଏ । ତରୁଣଙ୍କ ସ୍ମୃତି ସବୁ ଓଦା ଓଦା ହୋଇଯାଏ । କସ୍ତୁରୀର ଅଙ୍ଗଭଙ୍ଗୀ ବଦଳିଯାଏ । ସେ ତରୁଣଙ୍କ ଆଖିରେ ଆହୁରି ଲାବଣ୍ୟମୟୀ ଦେଖାଯାଏ । ସେ ଲାଜେଇ ଲାଜେଇ ଝର୍କା ରେଲିଂକୁ ଆହୁରି ଜୋରରେ ଧରି ନିଜକୁ ସମ୍ଭାଳି ନିଏ । ରାନ୍ଧୁଣୀଆ କମଳିନୀ ତାକୁ ପାଣି ଟିକିଏ ଦେଲେ, ସେ ମୁହଁ ମୋଡେ । ବଞ୍ଚିରହିବା ପାଇଁ ନିଜ ଶତ୍ରୁ ହାତରୁ ପାଣି ପିଇବାକୁ ପଡୁଛି ଦେଖ ବୋଲି ତରୁଣଙ୍କୁ ଅଭିଯୋଗ କରେ ।

କମଳିନୀ ଚାଲିଗଲା ବେଳେ ଟେପ୍ ରେକର୍ଡରକୁ ବନ୍ଦ କରିଦିଏ ଓ ଦର୍ଜାରେ ତାଲା ପକାଇଦିଏ । ତା'ପରେ ଆରମ୍ଭ ହୁଏ କସ୍ତୁରୀର କଥାବାର୍ତ୍ତା । ମନ ଖୋଲି ସେ ତରୁଣଙ୍କ ସହ ଗପେ । ତରୁଣ କେବଳ ଝରକା ସେପଟେ ଖୋଲା ଆକାଶକୁ ହିଁ ଦେଖିପାରନ୍ତି । ଝରକା ସେପଟର ଘରଦ୍ୱାର, ଲୋକବାକ ଓ କହିବାକୁ ଗଲେ ଝରକା ସେପଟର ପୃଥିବୀକୁ କସ୍ତୁରୀ ହିଁ ତରୁଣଙ୍କ ସାମ୍ନାରେ ବଖାଣେ । ତା ଆଖିରେ ତରୁଣ ଦେଖନ୍ତି ସେଇ ପୃଥିବୀକୁ ଯାହାର ଦୃଶ୍ୟ ବିଗତ କିଛି ମାସ ଧରି ଦୂରେଇ ଯାଇଥିଲା ତାଙ୍କ ଆଖିରୁ ।

ସନ୍ଧ୍ୟାରେ ପୁଅ, ବୋହୂ ଫେରିଲା ବେଳେ ନାତି ଟୋକାର ମେସେଜ୍ ପାଇଲେ ଯେ ସେ ଓ ବଡ ଝିଅର ପୁଅ, ଦୁଇ ଭାଇ ମିଶିକି ବାଙ୍ଗାଲୋରରୁ ଘରକୁ ଆସିବେ । କିଛି ଦିନ ବିତେଇବେ ସେମାନଙ୍କ ସହିତ । ଦୁଇ ଜଣ ବାଙ୍ଗାଲୋରରେ କମ୍ପ୍ୟୁଟର ଇଞ୍ଜିନିୟର୍ । ଆର ସପ୍ତାହରେ ପହଞ୍ଚିବେ ସେମାନେ । ତରୁଣଙ୍କ କାନରେ ଏକଥା ପଡିଲାରୁ ସେ କାନ୍ଦି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପକାଇଲେ । ଯେଉଁ ଦୁଇଟି ନାତିଟୋକାଙ୍କୁ ସେ ଦୁଇ କାନ୍ଧରେ ବସାଇ ସବୁଆଡେ ବୁଲାଉଥିଲେ, ଏବେ ସେମାନେ ତାଙ୍କୁ ଏଇ ଅବସ୍ଥାରେ ଦେଖି ନିଶ୍ଚୟ ଦୁଃଖ କରିବେ । ଯଦି ତାଙ୍କ ରୋଗକୁ ଦେଖି ଘୃଣା କରିବେ ତେବେ ତାହା ମୃତ୍ୟୁରୁ ବଳିଯିବ !

କସ୍ତୁରୀ ଠିକ୍ ବୁଝିପାରୁଥିଲା ତରୁଣଙ୍କ କଷ୍ଟ । ସେ ଏକ ଲୟରେ ଅନାଇ ରହିଥିଲା ତାଙ୍କ ପଟେ । ତରୁଣ ତା ସହ ଗପିଲେ ବିଗତ ଦିନମାନଙ୍କର କଥା । ଏଇ ଦୁଇଟି ନାତିଟୋକାଙ୍କର ବଦମାସୀ ଓ ଚଗଲାମୀ କଥା । ମନ ଦେଇ ଶୁଣୁଥିଲା କସ୍ତୁରୀ ।

ଆର ସପ୍ତାହରେ ପହଞ୍ଚିଗଲେ ଦୁଇ ନାତିଟୋକା । ତାଙ୍କୁ ଦେଖି ତରୁଣଙ୍କ ଆଖି ଭରିଗଲା । ଏତେ କୁନି କୁନି ପିଲା ଦି'ଟା ଏତେ ଶୀଘ୍ର ବଡ ହୋଇଯାଉଛନ୍ତି । ଗୋଟିଏ ନାତି ତାଙ୍କ ପାଇଁ ଆଣିଦେଇଥିଲା ୱାଟର୍ ବେଡ୍ ଓ ଅନ୍ୟ ଜଣକ ବାଇନାକୁଲର୍ । ଦୁହେଁ ମିଶି ୱାଟର୍ ବେଡରେ ପାଣି ଭରି ସେଥିରେ ଶୁଆଇ ଦେଲେ ତରୁଣଙ୍କୁ । ଟିକିଏ ଅଖାଡୁଆ ଲାଗୁଥିଲା ତାଙ୍କୁ । ମାତ୍ର ଏଥିରେ ଶୋଇଲେ ଆଉ ବେଡସୋର୍ ହେବନି । ଓଃ ! ସତରେ କି କଷ୍ଟ ଦେହରେ ଏତେସବୁ ଘା' । ସେଇ ଦୂରବୀକ୍ଷଣ ଯନ୍ତ୍ରଟିକୁ ତାଙ୍କ ବେକରେ ଗଳାଇଦେଲା ନାତିଟୋକା । ବାଁ ହାତରେ ତାକୁ ଆଖି ପାଖରେ ରଖି ସେ ଦେଖିପାରିବେ ଝରକା ସେପଟର ଦୃଶ୍ୟ । ଏବେ ଆଉ ଏକୁଟିଆ ବିରକ୍ତ ହେବେନି ବୋଲି ଏଇଟାକୁ ଆଣିଦେଇଛି ସେ । ୱାଟର୍ ବେଡ୍ ପାଇଁ ଖଟର ଉଚ୍ଚତା ମଧ୍ୟ ବଢିଯାଇଛି ଓ ତରୁଣ ଠିକ୍ ଭାବରେ ଦୂରବୀକ୍ଷଣ ଯନ୍ତ୍ରରେ ଦେଖି ପାରୁଛନ୍ତି ବାହାର ଦୁନିଆକୁ ।

କସ୍ତୁରୀ କିନ୍ତୁ ଏବେ ପୂରା ଚୁପ୍ । ତରୁଣ ତାକୁ କହିଲେ, ବାହାରେ ଗୋଟିଏ ଆମ୍ବଗଛ ଓ ସେଥିରେ ଗୁଣ୍ଡୁଚିମୂଷା ରହିବା କଥା ଏତେ ଦିନରୁ ତା ମୁହଁରୁ ଶୁଣି ଆସୁଥିଲେ । ଆଜି ନିଜେ ଏଇ ଯନ୍ତ୍ର ମାଧ୍ୟମରେ ଏତକ ଦେଖି ସତରେ ସେ ଖୁବ୍ ଖୁସି । ସକାଳୁ ଜଳଖିଆ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖାଇସାରିଲା ପରେ ପୁଣି ସେଇ ଯନ୍ତ୍ରକୁ ଆଖିରେ ଲଗାଇ ଝରକା ସେପଟେ ଦେଖିବାକୁ ଲାଗିଲେ ତରୁଣ । କେତେ କେତେ କୋଠାଘର ତିଆରି ହୋଇଗଲାଣି ତାଙ୍କ ଆଖପାଖରେ । ଏକଥା ବି କହିଥିଲା କସ୍ତୁରୀ । ଘର ତିଆରି ଯନ୍ତ୍ରସବୁର ଅସହ୍ୟ ଘର୍ଘର ଶବ୍ଦରେ କାନ ଫାଟିଯାଉଥିଲା ବେଳେ କସ୍ତୁରୀ କହୁଥିଲା କେମିତି କାମ ଚାଲିଛି ଏଇ ଆଖପାଖରେ । ବେଳେ ବେଳେ ନାତି ଦୁଇଟା ଆସି ତାଙ୍କ ସହ କଥାବାର୍ତ୍ତା କରୁଥିଲେ । କଣ କଣ ସେ ଦେଖୁଛନ୍ତି ଏଇ ଦୂରବୀକ୍ଷଣ ଯନ୍ତ୍ରଟିରେ ବୋଲି ପଚାରୁଥିଲେ । ନିଜ ଚେଷ୍ଟାରେ ଥଙ୍ଗେଇ ଥଙ୍ଗେଇ ଯେତିକି ପାରନ୍ତି ଉତ୍ତର ଦିଅନ୍ତି ତରୁଣ । ତାଙ୍କର ଡାହାଣ ପାର୍ଶ୍ୱ ପକ୍ଷାଘାତ ଆକ୍ରାନ୍ତ । ତେଣୁ ବାଁ ହାତରେ ହିଁ ଖାଆନ୍ତି ଓ ଅନ୍ୟ ଯାହା ଛୋଟ ଛୋଟ କାମ କରନ୍ତି । ସେଇ ବାଁ ହାତରେ ସାଉଁଳେଇ ଦେଲେ ଦୁଇ ନାତିଙ୍କର ମୁଣ୍ଡ ।

ପରଦିନ ସକାଳୁ ପୁଣି ଆଗ୍ରହର ସହିତ ଦେଖିଲେ ସେଇ ଦୂରବୀକ୍ଷଣ ଯନ୍ତ୍ରଟିରେ । କସ୍ତୁରୀ ଆଉ ବଖାଣୁନି ତାଙ୍କୁ ବାହାର ଦୁନିଆର କଥା । ମନେ ମନେ ସେ ନାତି ଦୁଇଟାକୁ ରାଗୁଛି । ଏଇ ଯନ୍ତ୍ରଟା ଧରାଇଦେଲେ ବୋଲି ଖରାପ ହୋଇଗଲା ସେମାନଙ୍କର ସମ୍ପର୍କ । ତରୁଣ ଆଉ ଶୁଣୁନାହାନ୍ତି ତା କଥା କି ପଚାରୁନାହାନ୍ତି କିଛି । ସେ ଗୁମସୁମ ହୋଇ ସେମିତି ଆଉଜି ରହିଛି ଝରକା ପାଖରେ । ଆଜି କିନ୍ତୁ ତରୁଣ ଏମିତି କିଛି ଦୃଶ୍ୟ ଦେଖିଲେ ଯାହା ତାଙ୍କୁ ରୋମାଞ୍ଚିତ କରିଦେଲା । ତାଙ୍କ ମୁହଁରେ ସ୍ପଷ୍ଟ ବାରିହୋଇ ପଡୁଥିଲା ଏଇ ଉତ୍ତେଜନା । ଦୂର ଏକ କୋଠାର ଛାତରେ ସୁନ୍ଦରୀ ନାରୀଟିଏ ସଦ୍ୟ ପଖଳା କେଶକୁ କି ଆନନ୍ଦରେ ଝାଡୁଥିଲା ! ତା ଓଦା ଲୁଗା ତଳେ ଝାପ୍ସା ଝାପ୍ସା ତା ଯୌବନ ଉତ୍ତାଳ ଢେଉ ଭାଙ୍ଗୁଥିଲା । କେମିତି ଏକ ଉତ୍ତେଜନାରେ ଭରିଗଲେ ତରୁଣ । କସ୍ତୁରୀକୁ ଟିକିଏ ଚଢ଼ା ଗଳାରେ କହିଲେ, ତୁ ମୋତେ ଠକୁଥିଲୁ । ଏତେ ସୁନ୍ଦର ପୃଥିବୀଟାକୁ ତୁ ଠିକ୍ ଭାବରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋତେ ବଖାଣୁନଥିଲୁ ।

କସ୍ତୁରୀ ମଧ୍ୟ ତା ମନର ଅଭିମାନକୁ ତରୁଣଙ୍କ ଉପରେ ଶୁଝାଇ କହିଲା, ମୁଁ ସଞ୍ଜୟ ନୁହେଁ କି ତୁମେ ଧୃତରାଷ୍ଟ୍ର ନୁହଁ । ଏଇଠି କୌଣସି ମହାଭାରତ ଲେଖାଯାଉନି ଯେ ମୁଁ ତୁମକୁ ଟିକିନିଖି ବିବରଣୀ ଦେଉଥିବି । ପୁଣି ଏକ ଅଦ୍ଭୁତ ରୋମାଞ୍ଚରେ ତରୁଣ ସେଇ ଦୂରବୀକ୍ଷଣ ଯନ୍ତ୍ରଟିରେ ନିରୀକ୍ଷଣ କରିବସିଲେ; କିନ୍ତୁ ଆଉ ଦେଖାଯାଉନି ସେହି ସ୍ତ୍ରୀଲୋକଟି । ବ୍ୟସ୍ତ ହୋଇ ଖୋଜିଲା ପରି ଆହୁରି ପାଖକୁ ନେଇଯାଉଥିଲେ ସେଇ ଯନ୍ତ୍ରଟିକୁ । କସ୍ତୁରୀ କଟାକ୍ଷ କରି କହିଲା, ଏତେ ଆଉ ଦେଖନି । ସେ ଲାବଣ୍ୟର ଜ୍ୟୋତିରେ ଆଖି କଣା ହୋଇଯିବ । ତରୁଣ ଏମିତି କଥା କସ୍ତୁରୀଠାରୁ ଶୁଣି ଚିଡିଗଲେ । ଓଲଟି ପ୍ରଶ୍ନ କଲେ, କାହିଁକି ତୁ ମୋତେ କହିନଥିଲୁ ସେ କୋଠାରେ ଏତେ ସୁନ୍ଦରୀ ସ୍ତ୍ରୀଲୋକଟିଏ ରହେ ବୋଲି ? କସ୍ତୁରୀ ଆଉ କିଛି କହିଲାନି ।

ଦୂରବୀକ୍ଷଣ ଯନ୍ତ୍ରଟି ସହ ବେଶ୍ ଉପଭୋଗ କରୁଛନ୍ତି ତରୁଣ । ସେ ଆଉ କସ୍ତୁରୀ ସହ ବେଶି କଥାବାର୍ତ୍ତା କରୁନାହାନ୍ତି । ନାତି ତାଙ୍କ ହାତରେ ସେଇ ଯନ୍ତ୍ରଟି ଧରାଇ ଦେବାର ତେର ଦିନ ହୋଇଗଲାଣି । ଏଇ ତେରଦିନ ଭିତରେ ତେର ଥର ମଧ୍ୟ ସେ କସ୍ତୁରୀ ସହ କଥାବାର୍ତ୍ତା କରିନାହାନ୍ତି । ହଠାତ୍ ନିଦରୁ ଉଠିଲା ବେଳେ କେମିତି ଚାଉଁକଲା ତରୁଣଙ୍କ ଛାତି । କସ୍ତୁରୀ କହିଥିବା କଥାସବୁ ତାଙ୍କର ମନେ ପଡିଗଲା । ଏଇ ଯନ୍ତ୍ରଟିର ମୋହରେ ପଡି ଦୂର ଜିନିଷ, ଦୂର ବନ୍ଧୁ ତମକୁ ଏବେ ଭଲ ଲାଗୁଛନ୍ତି; ମାତ୍ର ମୁଁ ତ ପାଖରେ ଅଛି । ମୋ ପାଇଁ ଏଇ ଯନ୍ତ୍ର ଲୋଡାନାହିଁ । ଝରକାପଟେ ଅନାଇଲେ, ଦେଖାଗଲାନି କସ୍ତୁରୀ । ସଙ୍ଗେ ସଙ୍ଗେ ଯନ୍ତ୍ରଟିକୁ ଆଖିରେ ଲଗାଇ ଦେଖିଲେ ଝରକା ପାଖରେ ଯେଉଁଠି କସ୍ତୁରୀ ଆଉଜି ହୋଇ ରହେ । କିନ୍ତୁ କସ୍ତୁରୀ ତା ଜାଗାରେ ନାହିଁ । ଯନ୍ତ୍ରଟିକୁ ତଳେ ପକାଇ ଖୋଜିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କସ୍ତୁରୀକୁ । ପାଟି କଲେ, ତାକୁ ଡାକିବାକୁ ଚେଷ୍ଟା କଲେ । ତାଙ୍କ ପାଟି ଶୁଣି ଦୁଇ ନାତିଟୋକା ଧାଇଁ ଆସିଲେ । ଅଜାଙ୍କ ପାଟିରୁ କସ୍ତୁରୀ ନାଁଟି ଶୁଣି ପରସ୍ପର ମୁହଁ ଦେଖାଦେଖି ହେଲେ । ବାଁ ହାତରେ ତରୁଣ ଝରକା ପଟେ ଠାରି ପଚାରିଲେ । ତଥାପି ସେମାନେ ବୁଝିପାରୁନଥିଲେ । ତୋ ଆଇ........ ରଖିଦେଇଥିଲା । ଏତକ ଶୁଣି ନାତିଟୋକା କହିଲା, ସେଇ ମନିପ୍ଲାଣ୍ଟ ଗଛ ? କାଲି ଇଣ୍ଟରନେଟରେ ଦେଖିଲି, ରୋଗୀଙ୍କ ବଖରାରେ ମନିପ୍ଲାଣ୍ଟ ରଖିବା ଅଶୁଭସୂଚକ; ତେଣୁ ତାକୁ ନେଇ ବାହାର ଗମଲାରେ ପୋତି ଦେଇଛି । ତୁମେ ଚିନ୍ତା କରନି ଅଜା, ତୁମ କସ୍ତୁରୀ ସୂର୍ଯ୍ୟ କିରଣରେ ବେଶ୍ ଚମକୁଛି ।

ତରୁଣ ଆଉ କିଛି ନକହି ସେମିତି ହିଁ ଅନାଇ ରହିଲେ ଝରକାପଟେ । ନିଜଠାରୁ ଦୂରେଇ ଗଲେ ହିଁ କୌଣସି ବସ୍ତୁର ଅବା ମଣିଷର ମହତ୍ତ୍ୱ ଜଣାପଡେ ବୋଲି ଗୁମୁରି ଗୁମୁରି କାନ୍ଦୁଥିଲେ । ଆଜି କସ୍ତୁରୀ ଗୋଟିଏ ଘରେ ଥାଇ ମଧ୍ୟ ସେ ତାକୁ ଦେଖିବାରୁ ବଞ୍ଚିତ । ତାଙ୍କ ଆଖିରୁ ଲୁହର ଧାର ବହିଚାଲିଥିଲା ।

ଲିପ୍ସା ପଟେଲ
ଭବାନୀପାଟଣା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅଷ୍ଟମଙ୍ଗଳା

ଲୋକଟା କେତେବେଳେ ବି ଚୁପ୍ ରହେନି । ସବୁବେଳେ ବକର ବକର ହେଉଥିବ । ଗାଡିକୁ ଫାଙ୍କା ରାସ୍ତାରେ ଫୁଲ୍ ସ୍ପିଡ୍ ରେ ଦୌଡାଇବା ବେଳେ ହେଉ ବା ଭିଡ ଭିତରେ ଫସିଥିବା ବେଳେ ହେଉ, ସବୁଠି ତା' ଗପ ଚାଲିଥିବ । ଏମିତି ଗପୁଡ଼ି ମୁଁ ଜୀବନରେ ଆଉ କେଉଁଠି ଦେଖିନି । ତା'ର ଏଇ ଗୁଣପାଇଁ ମୁଁ ପ୍ରାୟେ ତା' କାର୍ ରେ ଯିବାକୁ ପସନ୍ଦ କରେନାହିଁ । ଯେଉଁଦିନ ଅନ୍ୟ ସବୁଆଡୁ ନିରାଶ ହୁଏ ସେଦିନ ବାଧ୍ୟହୋଇ ତାକୁ ଫୋନ୍ କରେ । ତା'ର ଗପ ଗୁଡାକ ମୋର ଏ କାନରେ ପଶି ସେ କାନରେ ବାହାର କରିଦିଏ । କେବଳ ସୌଜନ୍ୟତା ଦୃଷ୍ଟିରୁ କେତେବେଳେ କେମିତି "ଆଚ୍ଛା" "ଓହୋ" "ହୁଁ" ଏମିତି ଗୋଟେ ଗୋଟେ ଶବ୍ଦ ଫୋପାଡି ଦିଏ ।

ସେଇ ଗପ ଭିତର ବି ଗାଡିକୁ ଫୁଲ୍ ସ୍ପିଡ୍ ରେ ଚଳାଏ । ସମୟେ ସମୟେ ମୁଁ ତାକୁ କହେ, "ଶୁଣ, ଆମେ ଧିରେ ସୁସ୍ଥେ ଯିବା । ତରତର ହେବାର କୌଣସି ଆବଶ୍ୟକତା ନାହିଁ । "



ପ୍ରଶାନ୍ତ କୁମାର ବେହେରା

ସେ 'ହଉ' ସାର୍ ବୋଲି କହି ଗାଡିର ଗତିକୁ କମାଇଦିଏ । ତାର ସେଇ ସବୁ ଗପ ଗୁଡାକ ଭିତରେ କିଛି ମୁଁ ଶୁଣିଛି । ଖାଲି ଶୁଣିନି ମନେ ବି ରଖିଛି । ସେ କେମିତି ଆଉ ଜଣଙ୍କ ଗାଡି ଚଳାଉଥିଲା । ପରେ ନିଜେ ବ୍ୟାଙ୍କ ଲୋନ୍ ନେଇ ଏଇ ଗାଡିକୁ କିଣିଛି । କିସ୍ତି ମାସକୁ ମାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବାବେଳେ ଖୁବ୍ କଷ୍ଟରେ ଜୀବନ ବିତାଇଛି । ଦିନେ ଦିନେ ଗାଡି କିଛି ରିପାରିଂ ଖୋଜିଲେ ପାଖରେ ପଇସା ନଥାଏ । ସେଇ ସମୟରେ ତା' ସ୍ତ୍ରୀ କେମିତି ପୂର୍ବରୁ ତା' ପକେଟରୁ ପଇସା ଲୁଚାଇକି ସଞ୍ଚୟ କରି ରଖିଥାଏ ସେଇଥିରୁ ଦିଏ ଗାଡିକୁ ଗ୍ୟାରେଜ୍ ନେଇ ସଜାଡିବାକୁ । ଏଇ ଗଡି କୁଆଡେ ତା' ପାଇଁ ଖୁବ୍ ଲକି । ଏ ଗାଡି କିଣିବା ପରେ ତା' ବାହାଘର ଗୋଟେ ଭଲ ଝିଅ ସହିତ ହେବା ସହ ପୁଅଟେ ବି ଛଅ ମାସ ତଳେ ହୋଇଛି । ତାର ଏମିତି ମନଖୋଲା କଥାବାର୍ତ୍ତା ସମୟେ ସମୟେ ଖୁବ୍ ଭଲ ଲାଗେ । ତା' ସ୍ତ୍ରୀ କେମିତିଆ ମୁଁ ତାକୁ ପଚାରିନଥିଲି । କିନ୍ତୁ ସେ ତା ସ୍ତ୍ରୀକୁ ଏମିତି ପ୍ରଶଂସା କରିବା ଶୁଣିବାକୁ ଭଲ ବି ଲାଗୁଥିଲା । ମୁଁ ମୋ ସ୍ତ୍ରୀକୁ କେବେ କେଉଁଠି  ପ୍ରଶଂସା କରିଥିବି କାଇଁ ଆଦୌ ମନେ ପଡୁନି । ସେ ଯାହାବି ହେଉ ଖୁବ୍ ଖୁସିବାସୀ ପିଲାଟା । ମନକଥା ସବୁ ଏମିତି ଖୋଲିକି ପର ଆଗରେ କହିପକାଇବା ଖୁବ୍ କମ୍ ଲୋକଥିବେ ଏ ଦୁନିଆରେ । ତା' କଥାବାର୍ତ୍ତା ହିଁ ଜଣାଇଁ ଦେଉଥିଲା ସେ କେତେ ସରଳ ଓ ନିଷ୍କପଟକ ବୋଲି । ଏମିତି ସବୁ ଘରକଥା, ବାହାର କଥା ସେ ଅନବରତ ଗପୁଥାଏ ।

ଏଥର ଭୁବନେଶ୍ୱର ଯିବା ବେଳେ ତା' ହାବୁଡରେ ପଡିଗଲି ଅର୍ଥାତ୍ ତା' ଗାଡିରେ ହିଁ ଯିବାକୁ ହେଲା । ଗାଡିରେ ବସୁବସୁ  ଗପ ଷ୍ଟାର୍ଟ ।  ମୁଁ ଟିକେ ହସିଦେଇ ଇସରାରେ କହିଲି ଚାଲ । କିଛି ବାଟ ଗଲାପରେ ସେ ଯାହା କହିବା ଆରମ୍ଭ କଲା ମୁଁ ପୁରା ସଜାଗ ହୋଇଗଲି ଶୁଣିବାକୁ । ସବୁବେଳେ ପ୍ରାୟ ନ ଶୁଣି ଶୁଣିବାର ଅଭିନୟ କରୁଥିଲି ଏବେ କିନ୍ତୁ ଯେଉଁ କଥା ଆରମ୍ଭ କଲା ତାହା ମୋତେ ବିଦ୍ୟାଳୟର ଶ୍ରେଣୀ ଗୃହରେ ବସିଥିବା ଜଣେ ମେଧାବୀ ଛାତ୍ରରେ ଓ ତାକୁ ଜଣେ ଭଲ ଶିକ୍ଷକ ଭାବରେ  ରୂପାନ୍ତରିତ କରିଦେଲା । ଖୁବ୍ ଗୁଡାଏ ଜିଜ୍ଞାସାରେ ଭର୍ ପୁର୍ ଆଖିରେ ତା' ଆଡକୁ ଅନାଇ ରହିଲି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଭିତରେ ତା' କଥା ଆଗ୍ରହର ସହ ଶୁଣିବାକୁ ଯେଉଁ କେଇ ପଦ କଥା ସୃଷ୍ଟି କରିଥିଲା ତାହା ହେଉଛି , "ସାର୍ ଦୁଇଦିନ୍ ତଳେ ରାତିରେ କି ମାଡ ମୁଁ ଖାଇଛି ! କୁହନ୍ତୁ ନାହିଁ ସେକଥା । ଏବେ ବି ଦେହ ହାତରୁ ଦରଜ ଯାଇନି ।"

ମୁଁ ତା'ର ଏଇ କଥାରେ ଖୁବ୍ ଆଶ୍ଚର୍ଯ୍ୟ ଚକିତ ହୋଇଗଲି । କି ପିଲା ଇଏ ? ଯିଏ ନିଜେ ମାଡ ଖାଇବାକଥା ମୁହଁରେ ସ୍ୱୀକାର କରିବାକୁ ତିଳେ ହେଁ ସଙ୍କୋଚ କରୁନି । ସାଧାରଣତଃ ଯେ କେହି ଲୋକ ନିଜ ଜୀବନରେ ଘଟିଥିବା ଏମିତି ମାଡ ଗାଳି ଖାଇବା କଥା କହିବାକୁ ପଛାଇଥାନ୍ତି । ଏଠି କିନ୍ତୁ ଗୋଟେ ଲୋକ ପୁରା ମନ ଖୋଲିକି ସେଇ କଥା କହିବାକୁ ଟିକେ ବି ଦ୍ୱିଧା କରୁନି ।

ମୁଁ ଏଥର ମୁହଁଖୋଲି ପଚାରୋଲି, "କିଏ କାହିଁକି ଏମିତି ମାରିଲା ? "

ସେ କାର୍ ରେ ଟପ୍ ଗିଅର୍ ଲଗେଇଦେଇ କହିବା ଆରମ୍ଭ କଲା । ସେ ତା' କଥା ସବୁକୁ ବଢିଆ ଢଙ୍ଗରେ ସଜେଇକି କହୁଥାଏ । ସେଇ କଥା ସବୁ ଏମିତି ଥିଲା ।

"ବୁଝିଲେ ସାର୍ ଦୁଇ ଦିନ ତଳେ ଏଇ ସାଦେଇପୁରରୁ ଗୋଟେ ଭଡା ପାଇଲି । ଅଷ୍ଟମଙ୍ଗଳା ଦିନ ପୁଅ ବୋହୁ ବୁଲିବାକୁ ଯିବେ ବୋହୁର ବାପ ଘରକୁ । ସକାଳ ଆଠରୁ ବାହାରିଲୁ । ବୋହୁଟିର ବାପ ଘର ସେଇ ସାଲେପୁର ପାଖା ପାଖି ଏକ ଗାଁଆଁରେ । ଆମେ ସାଦେଇପୁରରୁ ରଘୁନାଥପୁର, ସୋମପୁର ଓ କିଶୋନଗର ଦେଇ ପ୍ରାୟ ଦେଢ ଘଣ୍ଟାପରେ ସାଲେପୁରରେ ପହଞ୍ଚିଗଲୁ । ସେ ବୋହୁଟି ତା' ବାପ ଘରକୁ ଯାଉଥିବାରୁ ଖୁବ୍ ଖୁସିଥାଏ । ବେକ, କାନ, ହାତ ଓ ମୁଣ୍ଡ ସବୁଆଡେ ଯେମିତି ସୁନାରେ ନେଶି ହୋଇଥାଏ । ବାହାଘରରେ ବାପଘର, ଶାଶୁଘର ଓ ବନ୍ଧୁବାନ୍ଧବ ଦେଇଥିବା ସମସ୍ତ ସୁନା ଗହଣାକୁ ଦେହରେ ଲଗାଇ ଦେଇଥାଏ ବୋଧେ । ସେ ପୁଅଟି ବି ଶଶୁର ଘରକୁ ଜ୍ୱାଇଁ ହିସାବରେ ବାହାଘର ପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଥମଥର ଯାଉଥିବାରୁ ହାତରେ ବ୍ରେସ୍ଲେଟ୍, ବେକରେ ଭଲ ଓଜନଦାର୍ ଚେନ୍ ଓ ହାତରେ ମଧ୍ୟ ଗୋଟେ କି ଦୁଇଟି ମୁଦି ପିନ୍ଧିଥାଏ । ଯାହାକୁ କୁହନ୍ତି ସାର୍ ଆମର ଏତେ ସୁନା ଅଛି ଦେଖାଇହେବା ଠିକ୍ ସେଇଆ । ମୁଁ ତାଙ୍କୁ ଦେଖୁଦେଖୁ ଭାବୁଥାଏ ଏମିତି ପୁଣି ସୁନା ଆଜିକାଲି ଯୁଗରେ ରାସ୍ତା ଘାଟରେ ପିନ୍ଧି ଯିବା ଆଦୌ ଠିକ୍ ନୁହେଁ । କିନ୍ତୁ ତାଙ୍କ ସୁନା, ସେମାନେ ପିନ୍ଧୁଛନ୍ତି ମୁଁ ଆଜ୍ଞା କହିଥିଲେ କହିଥାନ୍ତେ ସାମାନ୍ୟ ଡ୍ରାଇଭର୍ ଟା ଏତେ ଉପଦେଶ କଣ ଦେଉଛୁ, ତେଣୁ ମୁଁ ଚୁପ୍ ଚାପ୍ ଗାଡି ଚଳାଇଲି । "

ଏତିକି ଏକା ନିଶ୍ୱାସରେ କହି ସେ ଟିକେ ଅଟକିଗଲା । ମୁଁ ତା' କଥା ମନଧ୍ୟାନ ଦେଇ ଶୁଣୁଛି ବୋଲି ଜଣାଇବା ଉଦ୍ଦେଶ୍ୟରେ କହିଲି, "ହଁ ଝିଅଟି ଯେତେବେଳେ ବାପ ଘରକୁ ବିବାହପରେ ପ୍ରଥମଥର ଯାଏ ଆଉ ସାଙ୍ଗରେ ସ୍ୱାମୀଟି ଥାଏ ଏମିତି ଖୁସିରେ ସୁନା ଜିନିଷପତ୍ର ସବୁ ପିନ୍ଧି ଖୁବ୍ ସଜେଇହୋଇ ଯାଏ । ଏଥିରେ କିଛି ଅସୁବିଧା ନାହିଁ ।"

ତାକୁ ଏତିକି କହି ମନେ ମନେ ଭାବୁଥିଲି ମୋ ସ୍ତ୍ରୀ ମଧ୍ୟ ଏମିତି ସଜେଇହୋଇ ଅଷ୍ଟମଙ୍ଗଳା ଦିନ ତା' ବାପ ଘରକୁ ମୋତେ ସାଙ୍ଗରେ ଧରି ଯାଇଥିଲା ।

ମୋ କଥା ଶୁଣି ସେ ବହୁତ ଖୁସି ହୋଇଗଲା । ଖୁସି ହେବାର କାରଣ ହେଉଛି ମୁଁ ତା' କଥା ମନଧ୍ୟାନ ଦେଇ ଶୁଣୁଥିବାରୁ ।

ସେ ପୁଣି କହିବା ଆରମ୍ଭ କଲା, "ବୁଝିଲେ ସାର୍ ସେ ବୋହୁଟିର ବାପ ଘର ଥିଲାବାଲା ପରିବାର । ଖୁବ୍ ବଡଲୋକ ଘର କହିଲେ ଅତ୍ୟୁକ୍ତି ହେବନି । ଏ ସାଦେଇପୁର ପିଲାଟି ବୋଧେ ଭଲ ଅଫିସର୍ କି କ'ଣ ଚାକିରି କରିଥିବାରୁ ଝିଅଘର ତା ସହିତ ବିଭା କରିଥିଲେ । ସେଠି ପହଞ୍ଚି ଏ ବୋହୁଟି ଯେମିତି ଗାଁଆଁ ଦାଣ୍ଡରେ ହଠାତ୍ ବାଗୁଡି ଖେଳିବା ଆରମ୍ଭ କରିଦେଲା ।"

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ତା କଥାରେ ମୁଁ ଜୋର୍ ରେ ହସି କହିଲି, "ବାଗୁଡି କଣ ଖେଳିଲା ? "

ସେ କହିଲା, "ହଁ ସାର୍ ସେଇଆ । ଘରେ ପହଞ୍ଚୁ ପହଞ୍ଚୁ ସଙ୍ଗେ ସଙ୍ଗେ ଶାଢୀ ଓହ୍ଲାଇ ଡ୍ରେସ୍ ପିନ୍ଧି ଗାଁଆଁରେ ଆ'ଘର ତା'ଘର ଖାଲି ଦୌଡା ଦୌଡି କଲା । କେତେବେଳେ ସାଙ୍ଗରେ କାହାକୁ ନେଇ ଯାଉଥାଏ ଜଣା ପଡୁନଥାଏ । ମଝିରେ ମଝିରେ ତା' ସ୍ୱାମୀକୁ ବି ସାଙ୍ଗରେ ଧରି କାହା ଘରକୁ ଯାଉଥିଲା । ସେତେବେଳେ ସ୍ୱାମୀଟି ଗୋଟେ ସ୍କୁଲ୍ ଛାତ୍ର ଆଉ ସେ ଝିଅଟି ଯେମିତି ତା ଶିକ୍ଷୟତ୍ରୀ ସେମିତି ଲାଗୁଥିଲା । ଝିଅଟିର କଥା ମୁତାବକ୍ ସ୍ୱାମୀଟି ପୁରା ଚାଲୁଥାଏ । ଯାହା କୁହନ୍ତି ପୁରା ଆଜ୍ଞାଧୀନ ଛାତ୍ର । ଏମିତି ଲାଗୁଥିଲା ଯେମିତି ସେଇ ଗାଁଆଁ ଦାଣ୍ଡ  ଖୁବ୍ ଗର୍ବ କରୁଥିଲା ସେଇ ଝିଅଟିର ଏହି ବେଶଭୁଷା ସହିତ ତା' ପାଦର ପାଉଁଜୀର ଛମ୍ ଛମ୍ ଶବ୍ଦରେ । ସେଇ ଗାଁଆଁ ଦାଣ୍ଡରେ ପିଲାବେଳୁ ଝିଅ ଦିନରୁ କେତେ ଚଲାବୁଲା କରିଥିବ କିନ୍ତୁ ଏ ଚାଲିବା ସେ ଚାଲିବାଠୁ ଖୁବ୍ ନିଆରା ଥିଲା । "

ଏ ଭିତରେ ଆମେ କେତେବେଳେ କଇଜଙ୍ଗା ପାଖରେ ପହଞ୍ଚି ସାରିଥିଲୁ । ମୁଁ ତାକୁ କହିଲି, "ଏଠି ଗାଡି ରଖ, ଟିକେ କଫି ପଇକି ଧିରେ ସୁସ୍ଥେ ଏମିତି କଥା ହୋଇକି ଯିବା ।"

ସେ କିନ୍ତୁ ତା' କଥାରେ ଏତେ ମଜ୍ଜି ଯାଇଥିଲା, ଏମିତି ଅଧାରୁ ବନ୍ଦ କରିବା ମୁଡ୍ ରେ ଆଦୌ ନଥିଲା । କିନ୍ତୁ ବାଧ୍ୟହୋଇ ମୋ କଥା ମୁତାବକ୍ ଗାଡି ସାଇଡ୍ କଲା । କଫି ପିଇ ସାରି ପୁଣି ଗାଡିରେ ବସିଛୁ ତ ତା' ବକ୍ ବକ୍ ପୁଣି ଆରମ୍ଭ କରିବାକୁ ମନସ୍ଥ କରି ମୋତେ ପଚାରିଲା, " ସାର୍ ଆମର ସେ କଥା କେଉଁ ଯାଏ ଯାଇଥିଲା ? "

ମୁଁ ବି ମଜାରେ କହିଲି, "ଗାଁ ଦାଣ୍ଡରେ ସେ ଝିଅ ବାଗୁଡି ଖେଳୁଥିଲା କେତେବେଳେ କାହାକୁ ଧରି କହି ହେଉନଥିଲା ।"

ସେ କହିଲା, "ହଁ ସାର୍ ଠିକ୍ କହିଲେ, ମୁଁ ସେ ପୁଅଟିର ପାଟି ଯାହା ଅଳ୍ପ ବହୁତେ କାର୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ ହଁ ଶୁଣିଥିଲି । କିନ୍ତୁ ଶଶୁର ଘରେ ପହଞ୍ଚିଯିବା ପରେ ସେ ଯେମିତି ପୁରା ମୁକ ପାଲଟିଗଲା । ଯାହା କଥାବାର୍ତ୍ତା କେବଳ ସେଇ ଝିଅଟି ହିଁ କରୁଥିଲା ।"

ମୁଁ ମନେମନେ ଭାବିଲି ପ୍ରାୟେ ଅଧିକାଂଶ ଜ୍ୱାଇଁ ଅଷ୍ଟମଙ୍ଗଳାରେ ଶଶୁର ଘରକୁ ଗଲେ ମୁକ ପାଲଟି ଯିବାକୁ ଉଚିତ୍ ମନେ କରନ୍ତି । ତୋ ଭଳି ସବୁବେଳେ ବକର ବକର ହେବା ଲୋକ ଖୁବ୍ କମ୍ ଥିବେ ଏ ସଂସାରରେ । ତେଣୁ ଶଶୁର ଘରେ ଏ ଲୋକର ମୁକ ହେବା ନିହାତି ଅସମ୍ଭବ କଥା ।

ତଥାପି ତାକୁ ବୁଝାଇବାକୁ ଯାଇ କହିଲି, "ନାଇଁ କଥାଟା ତମେ ଯେମିତି କହୁଛ ସେମିତି ନୁହେଁ, ପ୍ରଥମଥର ପାଇଁ ଶଶୁର ଘରେ ଜ୍ୱାଇଁ ମାନେ ପ୍ରାୟ ଚୁପ୍ ରୁହନ୍ତି । ସେଠି ଝିଅଟି ପୁରା ଆଧିପତ୍ୟ ବିସ୍ତାର କରିନେଇଥାଏ । ବାପ ଘରେ ସବୁ ଝିଅମାନେ ଦେଖାଇବାକୁ ଚାହାନ୍ତି ଯେ ସେମାନେ ବାହାଘରର ଏଇ ଆଠ ଦିନ ଭିତରେ ସ୍ୱାମୀଟିକୁ ନିଜ ହାତମୁଠାକୁ ପୁରା ନେଇ ଆସିଛନ୍ତି । ତାଙ୍କ କଥା ମୁତାବକ ସ୍ୱାମୀଟି ପୁରା ଚାଲିଛି । ଏମିତି ଦେଖି ଝିଅର ବାପା ମା ତଥା ପରିବାରର ଅନ୍ୟମାନେ ତାଙ୍କ ଝିଅଟି ବହୁତ ଭଲରେ ଅଛି ଭାବି ଖୁବ୍ ଖୁସି ହୁଅନ୍ତି । ସ୍ୱାମୀ ମାନେ କେହି ମୂର୍ଖ ନୁହନ୍ତି । ସେମାନେ ଜାଣନ୍ତି ଝିଅଟି ବାପ ଘରୁ ସବୁଦିନ ପାଇଁ ଶାଶୁଘରକୁ ଯାଇଛି । ସେଠି ନୂଆ ପରିବେଶ ସହିତ ନୂଆ ଲୋକ ମାନଙ୍କୁ ନିଜର କରିବାକୁ ହୁଏ ଆଉ ସେଇ ସମୟରେ ସ୍ୱାମୀଟି ତା ସ୍ତ୍ରୀକୁ ସବୁ ପ୍ରକାରର ସାହାର୍ଯ୍ୟ ସହଯୋଗ କରିଥାଏ । ମାତ୍ର କିଛି ସମୟ ପାଇଁ ଝିଅଟି ବାପ ଘରକୁ ବୁଲି ଆସିଛି, ଫେରିଗଲେ ପୁଣି ଶାଶୁଘରର ଯାବତୀୟ ଦାୟିତ୍ୱ । ତେଣୁ କିଛି ସମୟ ପାଇଁ ସ୍ତ୍ରୀଟି ବାପଘରେ ଖୁବ୍ ଖୁସି କରୁ ଆଉ ସେଇଥି ପାଇଁ ବୋଧେ ଜ୍ୱାଇଁ ମାନେ ମୁକ ପାଲଟି ଯାଇ ସ୍ତ୍ରୀ ଯେମିତି କହେ, ଯୁଆଡେ ଯିବାକୁ କହେ ସ୍ୱାମୀ ସଙ୍ଗେ ସଙ୍ଗେ ରାଜି ହୋଇ ବସିବା ଯାଗାରୁ ଉଠି ସ୍ତ୍ରୀ ପଛେ ପଛେ ଚାଲିବା ଆରମ୍ଭ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଦିଏ । ବୋଧହୁଏ ଏହା ହିଁ ଅଷ୍ଟମଙ୍ଗଳାର ସୁନ୍ଦର ସ୍ୱାଭାବିକ୍ ନିୟମ । ତମେ କଣ ଅଷ୍ଟମଙ୍ଗଳାରେ ତମ ସ୍ତ୍ରୀଙ୍କ ସହିତ ସେମିତି ଶଶୁରଙ୍କ ପଡିଶାଘର ସବୁ ବୁଲି ଯାଇନଥିଲ ?

ସେ ମୋ କଥାରେ ଟିକେ ଲାଜେଇଯାଇ କହିଲା, "ଯାଇଥିଲି କିନ୍ତୁ ଏ ଝିଅଟି ଯେତେ ଆଡକୁ ତା' ସ୍ୱାମୀକୁ ନେଇ ଯାଉଥିଲା ସେତେ ଆଡକୁ ମୋ ସ୍ତ୍ରୀ ମୋତେ ନେଇ ନଥିଲା ।"

ମୁଁ ହସିଦେଇ କହିଲି, "ତାହେଲେ ତ ଏକା କଥା । ତମ ସ୍ତ୍ରୀ ତମକୁ ଯେତିକି ଆଡକୁ ନେଲା ତମେ ଗଲ ଆଉ ଠିକ୍ ସେମିତି ସେ ଲୋକର ସ୍ତ୍ରୀ ତାକୁ ଯୁଆଡେ ନେଲା ସେ ବି ଗଲା । ସେ ଝିଅଟିର ଟିକେ ଅଧିକ ସମ୍ପର୍କ ଥିବ ସାଇ ପଡିଶାଙ୍କ ସହ । "

ମୁଁ କିନ୍ତୁ ଏ ଭିତରେ ମନେ ମନେ ଖୁବ୍ ବ୍ୟତିବ୍ୟସ୍ତ ହୋଇଗଲିଣି ଜାଣିବାକୁ ସେ କାହିଁକି ଗୁଡେ ମାଡ ଖାଇଲା । ଭାବିଲି ବୋଧେ ସେ ସ୍ୱାମୀ ସ୍ତ୍ରୀ ଏପଟ ସେପଟ ହୋଇ ବୁଲୁଥିବାରୁ କିଛି ଗୋଟେ ମନ୍ତବ୍ୟ ଦେଇଛି ଯାହାକୁ ସେ ଝିଅ ଏବଂ ତା' ପରିବାର ଅନ୍ୟ ଅର୍ଥରେ ନେଇ ଗୁଡେ ପିଟିଛନ୍ତି । ସେଇ କଥା ଜାଣିବାକୁ ତାକୁ ପୁଣି କହିଲି, "ଆଛା ତମକୁ ମାରିଲେ କାହିଁକି ସେ କଥା କହିଲ ? "

ସେ କହିଲା, "ସେଇ କଥା ପରା କହୁଛି ସାର୍ । ସେମାନଙ୍କର ଏମିତି ବୁଲା ବୁଲି ଭିତରେ ମୋ କଥା କିନ୍ତୁ ସେଇ ଝିଅ ପରିବାର ଠିକ୍ ବୁଝୁଥିଲେ । କେମିତି ବୁଝିବେନି କହୁନାହାନ୍ତି ମୁଁ ପରା ତାଙ୍କ ଜ୍ୱାଇଁଙ୍କ ଘର ପାଖା ପାଖି ଲୋକ । ପହଞ୍ଚିବା ପରେ ପରେ ଭଲ ଜଳଖିଆ ଆଉ ତା' ପରେ କେତେବେଳେ ଥଣ୍ଡା ପାନୀୟ ତ ଆଉ କେତେବେଳେ କଫି ଏମିତି ମଝିରେ ମଝିରେ ମିଳୁଥାଏ ।"

ମୁଁ ତା କଥାରେ ଅଧୈର୍ଯ୍ୟ ହୋଇ କହିଲି, "ସେ ସବୁ ତ ମିଳୁଥିଲା କିନ୍ତୁ ମାଡ କାହିଁ ମିଳିଲା କହୁନ କାହିଁକି ? "

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେତେବେଳକୁ ଆମେ ନୂଆବଜାର ଭିତ ଭିତରେ । ସେ  କାର୍ ରେ ଗିଅର୍ ଚେଞ୍ଜ୍ କରି କହିଲା, "ହଁ ସାର୍ ସେଇ କଥା କହୁଛି, ଟିକେ ଧୈର୍ଯ୍ୟ ଧରନ୍ତୁ । ସେଦିନ ବୁଧୁବାର ହୋଇଥିବାରୁ ମଧ୍ୟାହ୍ନ ଭୋଜନରେ ମଟନ୍ ସହିତ ବଡ ଚିଙ୍ଗୁଡି ବି ହୋଇଥିଲା । ଖାଇସାରି ପୁଣି ଝିଅ ଜ୍ୱାଇଁ କୁଆଡେ ଗଲେ ଯେ ଫେରିଲେ ଯାଇ ସଂଧା ୭ ପରେ । ବୋଧେ ଗାଁଆଁର ସବୁଘରେ ମୁହଁ ମାରି ଫେରିଲେ । ରାତ୍ରି ବଢୁଥାଏ । ମୁଁ ତ ଆଜ୍ଞା ସାରାଦିନ ପାଇଁ ଭଡାରେ ଯାଇଛି । ଶୀଘ୍ର ଫେରିଯିବା ବୋଲି କହିବା ସମ୍ଭବ ନଥିଲା । ଏ ଭିତରେ ଝିଅ ଘରବାଲା ଫାଇନାଲ୍ କଲେ ଯେ ଏକାଥରେ ଡିନର୍ କରି ଝିଅ ଜ୍ୱାଇଁ ଫେରିବେ । ମୁଁ ଦେଖିଲି ଏଠୁ ବାହାରୁ ବାହାରୁ ରାତି ୧୦ ପରେ ନିଶ୍ଚେ ହେବ । ଘରେ ସ୍ତ୍ରୀ ବ୍ୟସ୍ତ ହେବ ଚିନ୍ତାକରି ମୋବାଇଲ୍ ରୁ କଲ୍ କରି କହିଲି ଏଠୁ ଖାଇକି ଯାଉ ଯାଉ ଡେରି ହେବ । ଠିକ୍ ସେଇଆ ହିଁ ହେଲା ସେଠୁ ଝିଅ ଜ୍ୱାଇଁ ବିଦାୟ ନେଲାବେଳକୁ ରାତି ୧୦.୩୦ ହେଲା । "

ତା' କଥାରେ ମୁଁ ଟିକେ ମଜା କରିବାକୁ ଯାଇ କହିଲି, "ହଁ ଏମିତି ହୁଏ । ମୁଁ ପରା ଅଷ୍ଟମଙ୍ଗଳାରେ ଯେଉଁ ବୁଲି ଯାଇଥିଲି ଠିକ୍ ଏମିତି ଖାଇ ପିଇ ରାତି ୧୧ ରେ ଫେରିଥିଲି । ଶଶୁରଘର ଲୋକ ବିବାହପରେ ପ୍ରଥମ ଜ୍ୱାଇଁ ଚର୍ଚା ଭଲକରି କରନ୍ତି ।"

ମୁଁ ମନା କରୁନି ସାର୍, ସେମିତି ହୁଏ । ସେମାନେ ଯେତେବେଳେ ଘରୁ ବାହାରି ଆସି କାର୍ ରେ ବସିଲେ ମୁଁ ଆମ ଏରିଆର ପୁଅ ଅର୍ଥାତ୍ ସେଇ ଜ୍ୱାଇଁକୁ କହିଲି, "ବହୁତ ଲେଟ୍ ହେଲାଣି, ଏପଟେ ସାଲେପୁରର ସୋମପୁର ଯାଏ ରାସ୍ତା ଖୁବ୍ ନିଛାଟିଆ । ସେ ମହାନଦୀ ପୋଲ ପାଖା ପାଖି ଏରିଆରେ କିଛି ଲୁଟେରା ଗାଡିକୁ ଅଟକାଇ ଜିନିଷପତ୍ର ଲୁଟ୍ କରିବାସହ ଖରାପ ବ୍ୟବହାର କରନ୍ତି । ଆମେ ଚାଲ ଏପଟେ କଟକଦେଇ ଯିବା ।"

ସେ ପୁଅଟି ମୋ କଥାରେ ରାଜି ହୋଇ କହିଲା ହଁ ସେଇଆ କରିବା । ଟିକେ ବୁଲାଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡୁପଛେ କଟକ ବାଟେ ହିଁ ଚାଲ ଯିବା । କିନ୍ତୁ ସେଇ ଝିଅଟି କଣ ଭାବିଲା କେଜାଣି ପୁଅଟିକୁ କାର୍ ବାହାରକୁ ଡାକିନେଇ ଆସ୍ତେ ଆସ୍ତେ କହିଲା, "କାଇଁ ଏତେବାଟ ବୁଲିବା, ସୋମପୁର ଏଠୁ କେତେବାଟ ଯେ, କଟକ ଦେଇଗଲେ ବହୁତ ସମୟ ଲାଗିବ ଆଉ ଯେତେ ଅଧିକ କିଲୋମିଟର ଉଠିବ କାର୍ ବାଲାର ଲାଭ, ତେଣୁ ସେ ସେପଟେ କଟକ ଦେଇ ଯିବାକୁ କହୁଛି ।"

ସେ ଝିଅଟି ଆସ୍ତେ ଅସ୍ତେ କହୁଥିଲେ ବି ତା'ର ସବୁକଥା ମୋତେ କ୍ଲିଅର୍ ଶୁଭୁଥାଏ । ଭାବିଲି ଏତେ ବଡଲୋକ ଘର ଝିଅ ହୋଇ ବି କେମିତି ଏମିତି ଛୋଟ ଚିନ୍ତାଧାରା ମନରେ ରଖିଛି ? ଗୁଡେ ସୁନା ଜିନିଷ ପିନ୍ଧିଥିବାରୁ ତାଙ୍କରି ଭଲ ପାଇଁ କଟକ ଦେଇ ଯିବାକଥା କହିଥିଲି ଅଥଚ ସେ କେମିତି କଥା କହିଲା ଦେଖିଲେ ସାର୍ । ଭାବିଲି ଆଜିକାଲି ଯୁଗରେ କାହାକୁ ଭଲ କଥା କହିଲେ ସେ ନିଶ୍ଚେ ଭାବିବ ଏ ଲୋକର ନିଶ୍ଚୟ କ'ଣ ଉଦ୍ଦେଶ୍ୟ ଅଛି ।"

ମୁଁ ପଚାରିଲି, "ଫାଇନାଲି ତମେ କେଉଁ ବାଟେ ଆସିଲ ? ତମ ଗାଁଆଁ ପାଖର ପୁଅଟି କଣ ତା ସ୍ତ୍ରୀ କଥାରେ ରାଜି ହୋଇଗଲା କି ? "

ସେ କହିଲା, "କେମିତି ରାଜି ହେବନି କହୁ ନାହାନ୍ତି ? ନୂଆ ନୂଆ ବାହାହୋଇ ସ୍ତ୍ରୀ କଥାକୁ କେମିତି କାଟିଥାନ୍ତା ଯେ ? ସେ ତା ସ୍ତ୍ରୀ କଥାରେ ପଡି ମୋତେ କହିଲା ନାଇଁ ସେପଟେ ଏତେ କାଇଁ ବୁଲିବା, ଏପଟେ ଖୁବ୍ ପାଖ, କେତେ ସମୟ ଲାଗିବ ଯେ, ଚାଲ ଏପଟେ ଯିବା, କିଛି ଅସୁବିଧା ହେବନି ।"

ତା କଥା ମୁତାବକ ମୁଁ ଚୁପ୍ ଚାପ୍ ଗାଡି ଚଳାଇଲି । ଠିକ୍ କିଶୋରନଗର ପରେ ପରେ ଗୋଟେ ନିଛାଟିଆ ଯାଗରେ ରାସ୍ତା ଉପରେ କିଛି ପଥର ଥୁଆ ହୋଇଥିଲା । ସେତେବେଳକୁ ରାତି ୧୧ ଟା ହେଲାଣି । ଗାଡି ବ୍ରେକ୍ ମାରି କିଛି ସମୟ ସ୍ଥିର ହୋଇ ରହି ସବୁଆଡକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାହିଁଲି । ଆଖପାଖରେ କେହି କୁଆଡେ ନଥିଲେ । ଶେଷକୁ ବାଧ୍ୟହୋଇ କାର୍ ରୁ ଓହ୍ଲାଇ ସେ ପଥର ଗୁଡିକୁ ରାସ୍ତାରୁ ହଟାଇବା ପାଇଁ ଆଗେଇ ଗଲି । ଗୋଟେ ପଥର ଉଠାଇଚି କି ନାହିଁ ହଠାତ୍ ପାଖରେ ଗୋଟେ ବଡ ଗଛ ମୂଳ ସେପଟେ ଲୁଚିକିଥିବା ୬ ଜଣ ଲୋକ ଦୌଡିକି ମୋ ଆଡକୁ ମାଡିଆସିଲେ । ସମସ୍ତେ ମୁହଁକୁ କଳା କପଡାରେ ଢାଙ୍କି ରଖିଥାନ୍ତି । ସେମାନଙ୍କ ଭିତରୁ ତିନିଜଣ ମୋତେ ସେଇ ଗଛ ମୂଳକୁ ପୁରା ଟାଣିନେଇ ଧୁମ୍ ଧାମ୍ କରି ମାଡ ବସେଇବା ଆରମ୍ଭ କରିଦେଲେ । ଯାହାକୁ କହନ୍ତି ନିସ୍ତୁକ ମାଡ ସାର୍ । ସେମାନଙ୍କ ଭିତରୁ କିଏ ଗୋଟେ ତା' ଯୋତା ପିନ୍ଧା ଗୋଡରେ ଶକ୍ତ ଗୋଇଠା ଟାଏ ମୋ ଜଙ୍ଘ ପାଖରେ ମାରିଲା । ଯାହାକୁ କୁହନ୍ତି ଅଥାନଥାନ ସେଇଠି ବହୁତ ଯୋର୍ ରେ ବାଜିଲା । ମୋ ଆଖିରୁ ସାର୍ ଖୁବ୍ ଯନ୍ତ୍ରଣାରେ ଯେମିତି ଜୁଳୁଜୁଳିଆ ପୋକ ବାହାରି ଆସିବା ସହିତ ପାଟିରୁ ବହୁତ ଯୋର୍ ରେ, "ବୋଉଲୋ ମରିଗଲି" ବୋଲି ଚିତ୍କାରଟିଏ ବାହାରି ଆସିଲା ।

ସେଇ ଗଛ ମୂଳେ ମୋତେ ନିସ୍ତୁକ ମାଡ ହେଉଥିବା ବେଳେ ଆଉ ତିନି ଜଣ ଲୁଟେରା କାର୍ ପାଖରେ ଭୁଜାଲି ବାହାର କରି ସେ ଝିଅ ଜ୍ୱାଇଁଙ୍କୁ ଭୟଭିତ କରୁଥାନ୍ତି । ମାଡର ପ୍ରଭାବରେ ମୋ ପାଟିରୁ ଯେତେ ଯୋର୍ ରେ ଚିତ୍କାର ବାହାରୁଥାଏ ତେଣେ ସେତେ ଅଧିକ ସେ ସଦ୍ୟ ବିବାହିତା ଦମ୍ପତି ଡରୁଥାନ୍ତି । ମାଡ ମୁଁ ଖାଉଥାଏ କିନ୍ତୁ ସେ ମାଡର ପ୍ରଭାବ ସେ ଦୁଇଜଣଙ୍କ ଉପରେ ପଡୁଥାଏ । ଖାସ୍ ସେଇଥି ପାଇଁ ମୋତେ ଯେତେ ଯୋର୍ ରେ ସମ୍ଭବ ସେମାନେ ମାଡ ମାରୁଥାନ୍ତି । ଏ ଭିତରେ ମୋତେ ପୁଣି ଟାଣି ଟାଣି କାର୍ ପାଖକୁ ସେମାନେ ନେଇ ମୋ ମୁହଁକୁ ଶକ୍ତ ବିଧାଟେ ଦେଇ କହିଲେ, "ଶଳା ଚୁପ୍ ଚାପ୍ କାର୍ ଭିତରେ ବସ୍" ।

ମୁଁ ଜୀବନ ବିକଳରେ କାର୍ ଭିତରେ ବସି ପଡିଲି । ଯନ୍ତ୍ରଣାରେ ମୋ ମୁଣ୍ଡ କାମ କରୁନଥାଏ । ଏବେ ୬ ଜଣ ଯାକ ପଛ ସିଟରେ ବସିଥିବା ଦୁଇ ଜଣଙ୍କୁ କହିଲେ, "ଯାହା ସବୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛି ଶୀଘ୍ର ବାହାର କର । ନଚେତ୍ ପରିଣାମ ଖୁବ୍ ଭୟାବହ ହେବ । "

ଏମାନଙ୍କ କଥାରେ ଉଭୟେ ସ୍ୱାମୀ ସ୍ତ୍ରୀ ବରଡାପତ୍ର ପରି ଥରୁଥିଲେ କିନ୍ତୁ ଚୁପ୍ ଚାପ୍ ହୋଇ ବସିଥିଲେ । ହଠାତ୍ ଝିଅଟି ବସିଥିବା ପାର୍ଶ୍ୱରୁ କାର୍ ଡୋର୍ ଖୋଲି ତାକୁ ରାସ୍ତା କଡକୁ ଜବରଦସ୍ତ ଭିଡିନେଲେ । ଝିଅଟି ବଡ ପାଟିରେ କାନ୍ଦି ଉଠି ସେମାନଙ୍କୁ ନେହୁରା ହେଉଥାଏ ଛାଡି ଦେବାକୁ । ଏଣେ ସ୍ୱାମୀଟି  ତା ବେକରୁ ଚେନ୍, ହାତରୁ ଘଣ୍ଟା ଓ ଆଙ୍ଗୁଠିରୁ ମୁଦି କାଢି ସେମାନଙ୍କୁ ଦେବା ସଙ୍ଗେ ସଙ୍ଗେ କହିଲା, "ସବୁ ଜିନିଷ ପତ୍ର ନେଇଯାଅ କିନ୍ତୁ ତାଙ୍କୁ ଛାଡିଦିଅ । "

ଝିଅଟି ଏବେ ଜୀବନ ବିକଳରେ ତା' ଦେହରେ ଥିବା ସବୁ ସୁନା ଜିନିଷ କାଢୁଥାଏ ଆଉ ତା' ସହିତ କଇଁ କଇଁ ହୋଇ କାନ୍ଦୁଥାଏ । ସେମାନେ ସବୁ ଜିନିଷ ପତ୍ର ନେବା ସହିତ ଝିଅର ଭ୍ୟାନିଟ୍ ବ୍ୟାଗ୍, ପୁଅର ମନିପର୍ସ ସହିତ ଉଭୟଙ୍କ ମୋବାଇଲ୍ ସେଟ୍ ନେଇଯିବା ସହିତ ମୋତେ ମୋ ମୋବାଇଲ୍ ମାଗିଲେ । ମୋ ମୋବାଇଲ୍ କୁ ମୁଁ କାର୍ ର ଗିଅର୍ ପାଖରେ ଥିବା ଖୋପରେ ରଖିଥିଲି । ମୁଁ କହିଲି ଦେଖନ୍ତୁ ମୋର ମୋବାଇଲ୍ ନାହିଁ ଆଉ ଠିକ୍ ସେଇ ସମୟରେ ଦୂରରୁ କଣ ଗୋଟେ ଗାଡିର ଲାଇଟ୍ ପଡିବାରୁ ସେମାନେ କହିଲେ, "ଶଳା ଯା' ଏଠୁ ଶୀଘ୍ର ପଳା "

ଆଉ ତାଙ୍କ କଥା ମୁତାବକ ମୁଁ ଗାଡିରେ ଧଡାଧଡ୍ ଗିଅର୍ ପରେ ଗିଅର୍ ଚେଞ୍ଜ୍ କରି ଦୃତ ଗତିରେ ସୋମପୁର ଆଡକୁ ଗାଡି ଚଳାଇ ପଳାଇ ଆସିଲି । ଏମିତି ମାଡ ବସିଥାଏ ମୋ ଗୋଡ ହାତ ଠିକ୍ ସେ କାମ କରୁନଥାଏ । ତଳିପେଟରୁ ରହି ରହି ହୁଡ୍କା ମାରିଲା ପରି ଯନ୍ତ୍ରଣା ବାହାରୁଥାଏ ।  କିଛି ବାଟ ଆସିଛି ହଠାତ୍  ପଛ ଆଡୁ ସେ ଝିଅଟି ଯୋର୍ ରେ କାନ୍ଦି ଉଠି କହିଲା, "ଭାଇ ତମକୁ ବହୁତ ମାରିଲେ ଆଉ ଆମର ସବୁ ସୁନା ଜିନିଷ ନେଇଗଲେ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ତ ସେତେବେଳକୁ ମାଡଖାଇ ଘାଇଲା ଅବସ୍ଥା । ତେଣୁ ଯେତେ ରାଗ ମନରେ ଥିଲା ସବୁ ଗୋଟେ ମୁହୂର୍ତ୍ତରେ ବାହାରି ଆସିଲା । ତାକୁ କହିଲି, "ଚୁପ୍ କର୍, କହିଲା କଣ ନା ଭାଇ ? କାହିଁ ଯେତେବେଳେ କହୁଥିଲି କଟକ ବାଟ ଦେଇ ବୁଲି ଆସିବାକୁ ସେତେବେଳେ ଏଇ ଭାଇ କଥା ଖୁବ୍ ଗନ୍ଧେଇଲା । "

ମୋ କଥାରେ ସେ ଚୁପ୍ ହୋଇ ଆଉ କିଛି ନକହିଲେ ବି ଗୁମୁରି ଗୁମୁରି କାନ୍ଦୁଥାଏ । କାନ୍ଦିବନି କେମିତି ଯେ, କେତେଭରି ସୁନା ଯାଇଛି ଆକଳନ କରିବା କାଠିକର ପାଠ । ବାପ ଘର, ଶାଶୁ ଘର, ବନ୍ଧୁ ବାନ୍ଧବ ଦେଇଥିବା ସବୁ ଜିନିଷ ସେଇ ପାଞ୍ଚ ମିନିଟ୍ ଭିତରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରି ତା' ପାଖରୁ ଚାଲିଗଲେ ।

ମୁଣ୍ଡ ଖର୍ଚ୍ଚକରି ଗାଡିକୁ ସିଧା ନେଇ ରଘୁନାଥପୁର ଥାନାରେ ପୁରାଇଲି । ସେ ପୁଅକୁ କହିଲି ଏତଲା ଦେବାକୁ । ସେତବେଳକୁ ରାତି ୧୨ ହେଲାଣି । ଥାନାବାଲା ସେ ପୁଅ ଆଉ ଝିଅଠୁ ସବୁ ଶୁଣିବା ପରେ ଜଣେ ହଠାତ୍ କହିଲା, "ସବୁ ନାଟ ଏଇ ଡ୍ରାଇଭର୍ ର । ତାକୁ ଆଗ ହାଜତରେ ପୁରାଇ କିଛି ଉତ୍ତମ ମଧ୍ୟମ ଦେଇଦେଲେ ସବୁ ସତ ଉଗାଳି ପକାଇବ ।"

ସତ କହୁଛି ସାର୍ ସେ ପୋଲିସ୍ କଥା ଶୁଣି ମୋ ମୁଣ୍ଡ ପୁରା ଘୁରିଗଲା । ବିନା କାରଣରେ ସେ ଲୁଟେରାମାନଙ୍କ ଠାରୁ ବହେ ଛେଚା ଖାଇଲି ଆଉ ଏବେ ହାଜତରେ ପୁରାଇ ଏ ପୁଲିସ୍ ବାଲା ନିର୍ଧୁମ୍ ପିଟିବେ । କହିଲେଣି ମାନେ ନିଶ୍ଚୟ କାର୍ଯ୍ୟକାରୀ କରିବେ । ସେ ପୁଲିସ୍ ର କଥା ମୁତାବକ ଜଣେ ହାଜତ ଚାବି ଖୋଲିବା ଆରମ୍ଭ କଲା । ମୁଁ ପୁରା ଭୟରେ ଥରୁଥାଏ । ପୁଲିସ୍ ବାଲାଙ୍କ ନିୟମ ବୋଧେ ଆଗ ଗାଡି ଡ୍ରଇଭରକୁ ହିଁ ସନ୍ଦେହ କରିବା । ସେମାନେ ଭାବିଥିବେ ଏ ଡ୍ରାଇଭର୍ ଏତେ ସୁନା ଜିନିଷ ଦେଖି ନିଶ୍ଚିତ ତା' ସାଙ୍ଗ ସାଥୀଙ୍କୁ ଫୋନ୍ କରି କେତେବେଳେ କେଉଁବାଟ ଦେଇ ଫେରିବେ କହିଥିବ ଆଉ ସେଇ ହିସାବରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଲୁଟ୍ ହୋଇଛି ।

ଭୟରେ ମୋ ଗୋଡ ହାତ ସବୁ ଥରୁଥାଏ । ସେ ଲୁଟେରା ଗୁଡାକ ଅନ୍ଧାରରେ ମାଡ ମାରିଲେ ଏବେ ଏ ବର୍ଦ୍ଧିବାଲା ଆଲୁଅରେ ପିଟିବେ । କି ବେଳାରେ ଆଜି ଘରୁ ବାହାରିଥିଲି କେଜାଣି ? ଯେମିତି ଭଲ ଖାଇବାକୁ ମିଳିଲା ସେମିତି ମାଡ ବି ମିଳୁଛି । ଯେଉଁ ପୁଲିସ୍ ବାଲା ହାଜତ୍ ଚାବି ଖୋଲିଥିଲା ସେ ଏବେ ପାଟିକରି ମୋତେ କହିଲା, "ସେଠି କଣ ଜଡଟା ଭଳି ଠିଆ ହୋଇଛୁ ବେ । ହାଜତ ଭିତରକୁ ଆସୁଛୁ ନା ଦେଖିବୁ ଏବେ ? ପୁଲିସିଆ ପାହାର ବସିଗଲେ ସବୁ ମାନିବୁ ବୋଲି ବାଟ ପାଇବୁନି । "

ବୁଝିଲେ ସାର୍ ମୁଁ ପିଲାବେଳୁ ଶୁଣିଥିଲି ଥାନା, ଭୁତଖାନା ଆଉ ଏବେ ଦେଖିଲି ସେ କଥା ଏକବାରେ ସତ । ହାତ ଯୋଡି ବଡ ବିକଳ ହୋଇ କହୁଥାଏ, "ସତ କହୁଛି ଆଜ୍ଞା, ମୁଁ କିଛି ଜାଣିନି । "

ମୋ ଅବସ୍ଥା ଦେଖି ସେ ଝିଅଟି ହଠାତ୍ କାନ୍ଦିଉଠି କହିଲା, "ନାଇଁ ସାର୍, ଏ ଭାଇଙ୍କର କିଛି ଦୋଷ ନାହିଁ । ସେ ବରଂ କହୁଥିଲେ ଏତେ ଲେଟ୍ ହେଲାଣି ଆମେ ଏ ନିଛାଟିଆ ବାଟରେ ଯିବା ଠିକ୍ ହେବନି, କଟକ ବାଟେ ବୁଲିଗଲେ ଭଲ ହେବ । କିନ୍ତୁ ମୁଁ ତାଙ୍କୁ ବାଧ୍ୟକଲି ସେଇ କିଶୋରନଗର ବାଟେ ଆସିବା ପାଇଁ ।"

ତା କଥାରେ ସେ ପୁଲିସ୍ ର ମନ ତଥାପି ବୁଝିଲାନି । ମୋ ମୋବାଇଲ୍ ନେଇ ଚେକ୍ କଲା ।  ଦେଖିଲା କେବଳ ଗୋଟେ କଲ୍ ହୋଇଛି । ମୁଁ କହିଲି ସେଇ ସଂଧାରେ ଡେରିହେବ ବୋଲି ସ୍ତ୍ରୀକୁ ଫୋନ୍ କରି କହିଥିଲି । ସେ ନମ୍ବରକୁ ଏବେ ଲାଉଡ୍ ସ୍ପିକର୍ ଦେଇ କଥା ହେବାକୁ କହିଲେ । ତାଙ୍କ କଥା ମୁତାବକ୍ ମୁଁ କଥାହେଲି ସ୍ତ୍ରୀ ସହିତ । ସେମାନେ ସବୁ ଶୁଣିବା ପରେ ନିଶ୍ଚିତ ହେଲେ ମୁଁ ସେ ଲୁଟ୍ ରେ ସମ୍ପୃକ୍ତ ନାହିଁ ବୋଲି । ସେଠୁ ଥାନାରୁ ଫେରି ରାତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୨ଟା ରେ ଘରେ ପହଞ୍ଚିଲି । ଆଜିକି ସାର୍ ଦୁଇ ଦିନ ହେଲାଣି କିନ୍ତୁ ସେ ମାଡର ଦରଜ ଏଯାଏ ଯାଇନି । ସେଦିନ ସେ ଝିଅଟି ଯଦି ମୋ ପାଇଁ ସେତିକି କହିନଥାନ୍ତା ଆଜି ଗାଡି ଚଲାଇ ଆପଣଙ୍କ ସହିତ ଯାଇପାରିବା ପ୍ରଶ୍ନ ଉଠୁନି ସାର୍ ।

ମୁଁ ତା' କଥା ଶୁଣି ଭାବୁଥାଏ ଏ ଦେଶ ସ୍ୱାଧୀନତା ପାଇବାର ୭୨ ବର୍ଷ ପରେ ବି ଲୋକମାନେ ରାସ୍ତାରେ ନିରାପଦରେ ଯାଇ ପାରୁନାହାନ୍ତି । ସେଦିନ ସେ ଲୁଟେରା ମାନେ କେବଳ ଜିନିଷ ପତ୍ର ଲୁଟିନେଇ ଛାଡିଦେଲେ । ଆଉ କେଉଁଠି ତ ରାତି କଥା ଛାଡ ସ୍ପଷ୍ଟ ଦିବାଲୋକରେ ନାରୀକୁ ଉଠାଇ ନେଇ କୁକର୍ମ କରିବା ସହିତ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି । ଶିକ୍ଷିତ ବେକାରି ସଂଖ୍ୟା ଯେମିତି ଭାବରେ ବଢି ଚାଲିଛି ଆଗକୁ ଆଗକୁ ଏମିତି ଲୁଟ୍, କୁକର୍ମ ଅଦି ବଢି ବଢି ଚାଲିବ ପଛେ କମିବାର ନାହିଁ । ଖବରକାଗଜରେ ପ୍ରାୟ ଏମିତି ନିଉଜ୍ ସବୁଦିନେ ବାହାରୁଛି । କେଜାଣି କେବେ ସେଦିନ ଆସିବ ଯେବେ ଗୋଟେ ନାରୀ ରାତି ୧୨ ଟାରେ ଏକୁଟିଆ ନିର୍ଭୟରେ ଯେକୌଣସି ସ୍ଥାନରେ ବୁଲି ପାରିବ ? ସତରେ ଯଦି ଏମିତି ସମ୍ଭବ ହୁଅନ୍ତା ଆମ ଭାରତ ରାମରାଜ୍ୟରେ ପରିଣତ ହୋଇଯାଆନ୍ତା । କେବଳ ସମୟକୁ ଅପେକ୍ଷା କରିବା ଛଡା ଅନ୍ୟକିଛି ଉପାୟ ନାହିଁ ।

ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା
ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ,
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର ।
ଦୂରଭାଷ - ୯୪୩୭୦୩୫୯୦୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଧୋ'ରେ ବାଇଆ ଧୋ'

ଧୋ'ରେ ବାୟା ଧୋ' ...., ଧୋ'ରେ ବାୟା ଧୋ'......, ଦୋଳିକୁ ଝୁଲାଉ ଝୁଲାଉ ଧୋ' ବାୟା ଗୀତ ଗାଉଥିଲା ଖୁସି । ଆଗକୁ ଆଉ ପଦ ଯୋଡି ପାରୁ ନଥିଲା ସେ । କେମିତି ଯୋଡନ୍ତା ଯେ ! ସେ ତ ଆଗରୁ କେବେ ଏ ଗୀତ ଗାଇନି କି ଶିଖିନି । ପ୍ରଥମ ଥର ପାଇଁ ଆପଣା ଛାଏଁ କେମିତି କେଜାଣି ପ୍ରଥମ ପଦଟି ତା' ମୁହଁରୁ ବାହାରି ଆସିଲା । ହେଲେ ଏ ପଦଟି ଶୁଣି ତା' ଦୁଇମାସର ସାନ ଭଉଣୀର କାନ୍ଦ ବନ୍ଦ ହୋଇଯିବ, ଆଉ ତା' ଆଖିରେ ନିଦ ଭରିଯିବ, ସେ ଏ କଥାକୁ ବିଶ୍ୱାସ କରିପାରୁ ନଥିଲା । ହୃଦୟ ତନ୍ତ୍ରୀ ଥରାଇ କୋହ ମିଶା ଆଶ୍ୱାସଟିଏ ବାହାରି ଆସିଲା । ନିଜକୁ ନିଜେ କଷି ନେଲା ଖୁସି । ନିଜର ପାରିଲା ପଣିଆ ଉପରେ ଟିକେ ଭରସା ଆସିଗଲା ।



ଡଃ ଉଷାରାଣୀ ଦାଶ

ଜେଜେମା ତା'ର ପୁରୁଣା ମସିଆ ଶାଢୀରେ ଥରଥର ହାତରେ ଟାଙ୍ଗି ଦେଇଥିବା ଦୋଳିରେ ନିଶ୍ଚିନ୍ତରେ ଶୋଇଯାଇଛି ମିଷ୍ଟି । ପାଖରେ ଛିଡା ହୋଇ ଦୋଳିକୁ ଝୁଲାଇ ଚାଲିଛି ଖୁସି । କାଳେ ତା' କୁନି ଭଉଣୀର ନିଦ ଭାଙ୍ଗିଯିବ, ସେହି ଭୟରେ ତା' ପାଖ ଛାଡି ଯାଉନି । ମିଷ୍ଟି କଡ଼ ଲେଉଟେଇଲେ ଥାପୁଡେଇ ଦେଉଛି ତା' ପିଠିକୁ । ଆଉଁଷି ଦେଉଛି ତା' କୁନି କୁନି ହାତ ପାପୁଲିକୁ । ତା' ପାଦ ଦୁଇଟିକୁ ନିଜ ଗାଲରେ ଘଷି

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ଦେଉଛି । ଆଃ... କେଡେ ନରମ ! ଖୁସି ନିରିଖେଇ ଚାହିଁଲା ମିଷ୍ଟିର ମୁହଁକୁ । ମୁଣ୍ଡରେ ମେଞ୍ଚାଏ କୁଞ୍ଚୁକୁଞ୍ଚିଆ ଚୁଟି । ଗୋଲାପୀ ଓଠ । ଗାଲରେ ଭଉଁରୀ । ମନେ ପଡ଼ିଗଲା ତା'ର 'ଚୁବି ଚିକସ୍ ... ରୋଜି ଲିପସ୍ ....କର୍ଲି ହେୟାର.....' ରାଇମ, ଯାହା ଥିଲା ତା'ର ସବୁଠାରୁ ପ୍ରିୟ । ମିଷ୍ଟି, ଠିକ୍ ସେହି ରାଇମସ୍ ର ଫେୟାରୀ ବେବି ପରି ।

କଡ଼ ଲେଉଟାଇଲା ମିଷ୍ଟି । ଚମକି ପଡ଼ି ଚାହିଁଲା ଖୁସି – ନିଦ ଭାଙ୍ଗି ଗଲାକି ତା'ର ! ଏବେ ଏବେ ତ ଶୋଇଥିଲା । ପିଠି ଥାପୁଡେଇ ଦେଲା । ମୁଣ୍ଡ ଆଉଁଷି ଦେଲା । କୁନି କୁନି ଓଠକୁ ଥରାଇ ଧୀରେ ଧୀରେ କାନ୍ଦି ଉଠିଲା ମିଷ୍ଟି । କାନ୍ଦ ଆସ୍ତେ ଆସ୍ତେ ବଢିବାକୁ ଲାଗିଲା । ଦୋଳିରୁ ଉଠାଇ ଆଣି ତା'କୁ କାନ୍ଧରେ ପକାଇଲା ଖୁସି । ଦୁଇ ହାତରେ ଧରି ଝୁଲାଇଲା । ତଥାପି ମିଷ୍ଟିର କାନ୍ଦ କମୁନି । ପୁଣି ନେଇ ଶୁଆଇ ଦେଲା ଦୋଳିରେ । ଦୋଳିକୁ ଝୁଲାଇଲା । ତଥାପି ମିଷ୍ଟି ଚୁପ୍ ହେବାକୁ ନାହିଁ । ଦୌଡ଼ିଯାଇ କ୍ଷୀର ଗୀନା, ଚାମଚ୍, ପାଣି ଗ୍ଲାସ୍ ନେଇ ଆସିଲା । ଦୋଳିରୁ ଉଠାଇ ଆଣି କୋଳରେ ଶୁଆଇ ଦେଲା ମିଷ୍ଟିକୁ । ଚାମଚରେ କେଇବୁନ୍ଦା କ୍ଷୀର ନେଇ ତା'ର ଥରିଲା ଶୁଖିଲା ଓଠ ଭିତରେ ଢାଳିବାକୁ ଚେଷ୍ଟାକଲା । ଜିଭରେ ଚାଟି ଚାଟି ଯେତିକି ଢୋକି ନେଉଥିଲା ମିଷ୍ଟି, ତା'ଠାରୁ ଅଧିକ ଓଠ ଧାରରେ ବହି ଯାଉଥିଲା ତଳକୁ । କପଡ଼ାଟିଏ ଧରି ପୋଛି ଦେଉଥିଲା ତା' ଗାଲକୁ । ଜେଜେମା' ପାଖରୁ ଏଇ କେଇ ଦିନ ତଳୁ ଏ କୌଶଳଟିକୁ ଶିଖି ନେଇଛି ସେ ।

ମିଷ୍ଟି ମୁହଁରେ ଆନନ୍ଦର ଆଭାସ । ଖୁସି ହୋଇଗଲା ଖୁସି । ଓଦା କପଡ଼ାରେ ତା' ମୁହଁକୁ ପୋଛି ଦେଇ ସାର୍ଟ ଖୋଲି ଦେଲା । କପାଳରେ ଲଗାଇ ଦେଲା କଳା ଟିପାଟିଏ ଆଉ ମୁହଁରେ ଦେହରେ ବୋଳିଦେଲା ବେବି ପାଉଡ଼ର । ସଫା ଜାମାଟିଏ ପିନ୍ଧାଇଦେଇ ଭଉଁରୀର ସୁନ୍ଦର ମୁହଁଟିକୁ ଘଡ଼ିଏ ଚାହିଁଲା । ମିଷ୍ଟି ଠିକ୍ ମାମା ପରି ମିଠା ମିଠା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖିରେ ଲୁହ ଜକେଇ ଆସିଲା । ହୃଦୟରୁ କୋହୋଚ୍ଛ୍ୱାସ ଉଠି ଆସିଲା ଖୁସିର । ମାମା ଯିବାର ଦେଢମାସ ବିତିଗଲାଣି । ମିଷ୍ଟି ଜନ୍ମର ପନ୍ଦର ଦିନ ପରେ ମାମା ଚାଲିଗଲା କୋଭିଡ଼୍ ହସପିଟାଲରେ । ଆଉ ପାପା ଏବେ ବି ହସପିଟାଲରେ ଅଛନ୍ତି । କେତେଟା ମୁହୂର୍ତ୍ତ ମଧ୍ୟରେ ସବୁକିଛି ବଦଳି ଗଲା । ପାପା ମାମା ଦୁଇଜଣ ଯାକ ସ୍କୁଲ ଶିକ୍ଷକ । ଖୁସି ମାମା ସ୍କୁଲରେ ପଢେ । ପାଠପଢା, ଖେଳକୁଦ, ବକ୍ତୃତା ସବୁଥିରେ ପ୍ରଥମ । ପାପା ମାମା କହନ୍ତି – "ଆମ 'ଖୁସି' ଆମ ସଂସାରକୁ ଖୁସିରେ ଭରି ଦେବ ।"

ଗତବର୍ଷ ମାର୍ଚ୍ଚ ମାସରେ ଆମ ଦେଶକୁ ମାଡ଼ି ଆସିଲା ଏହି ଅଶ୍ରୁତପୂର୍ବ ମହାମାରୀ । ସବୁଆଡେ ଆରମ୍ଭ ହୋଇଗଲା ଲକଡାଉନ୍, ସଟଡାଉନ୍ । ଚାରିଆଡେ ତାଟିକବାଟ ପଡିଗଲା । ରାସ୍ତାଘାଟ ଶୂନଶାନ । ଜୀବନ ବିକଳରେ ସମସ୍ତେ ନିଜକୁ ଘର ଭିତରେ ବନ୍ଦ କରି ରଖିଦେଲେ । ସତର୍କତା ନିୟମ ପାଳନ କରିବା ଦ୍ୱାରା ଆଠ ନଅ ମାସ ପରେ ପରିସ୍ଥିତି ସାମାନ୍ୟ ସ୍ୱାଭାବିକ ହୋଇଥିଲା ମାତ୍ର ଦିନ କେଇଟା ବିତିଛି କି ନାହିଁ ମାଡ଼ି ଆସିଲା ଦ୍ୱିତୀୟ ଲହର ଆହୁରି ଭୟଙ୍କର ରୂପରେ । ଦିନକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକେ ଆକ୍ରାନ୍ତ ହେଲେ । ମୃତ୍ୟୁ ସଂଖ୍ୟା ବି ବେଲଗାମ । ପୁଣି ଥରେ ଆରମ୍ଭ ହୋଇଗଲା ଲକଡାଉନ୍, ସଟଡାଉନ୍ । ପାପା ମାମା ଘରେ ରହି ଅନଲାଇନ କ୍ଲାସ ଓ ବାକି ସବୁ ସ୍କୁଲ କାମ କଲେ । ମଝିରେ ମଝିରେ ରୋଷ୍ଟର ଡ୍ୟୁଟି ପଡୁଥିଲା । ଆଡମିଶନ୍, ବହିବଣ୍ଟା, ମ୍ୟାଟ୍ରିକ ରେଜଲ୍ଟ ପ୍ରକାଶନ ପାଇଁ ଶିକ୍ଷକଙ୍କ ଦାୟିତ୍ୱ ବଢିଯାଇଥିଲା । ମାମାକୁ ସ୍କୁଲ ଯିବାକୁ ପଡିଲା । ପାପା ମାମାପାଇଁ ଚିନ୍ତିତ ଓ ଆଶଙ୍କିତ ହେଇପଡୁଥିଲେ ।

ମିଷ୍ଟି ଜନ୍ମର କିଛି ଦିନ ପୂର୍ବରୁ ମାମାକୁ ଥଣ୍ଡା, ଜ୍ୱର ଓ କାଶ ଆରମ୍ଭ ହୋଇଗଲା । ସାଧାରଣ ଜ୍ୱର ବୋଲି ଭାବି ଚିକିତ୍ସା ଆରମ୍ଭ କରାଗଲା । ଚାରି ଦିନ ପର୍ଯ୍ୟନ୍ତ ଜ୍ୱର ନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କମିବାରୁ କୋଭିଡ଼ ପରୀକ୍ଷା କରାଗଲା । ତିନି ଦିନ ପରେ ଆରଟିପିସିଆର ରିପୋର୍ଟ ଆସିଲା । ଜଣା ପଡିଲା ମାମା କୋଭିଡ ପଜିଟିଭ୍ । ଆକାଶ ଛିଣ୍ଡି ପଡିଲା ଯେମିତି ପାପାଙ୍କ ଉପରେ । ଡେଲିଭରି ପାଇଁ ଅଳ୍ପ ଦିନ ବାକି । ଏ ଅବସ୍ଥାରେ କରୋନା ପଜିଟିଭ । ରିସ୍କ ନ ନେଇ ମାମାକୁ କୋଭିଡ ହସପିଟାଲରେ ଆଡମିଶନ କରି ଦେଲେ ।

ମାମା ହସପିଟାଲ ଯିବା ବେଳର ଦୃଶ୍ୟ ଏବେ ବି ଆଖି ଆଗରେ ଭାସି ଯାଉଛି ଖୁସିର । ରିପୋର୍ଟ ଆସିବା ସମୟରୁ ମାମା ବିଚଳିତ ହେବା ପରି ଜଣାପଡୁଥିଲା । ତା' ବ୍ୟସ୍ତତା କିନ୍ତୁ କାହାରିକୁ ନ ଜଣାଇବା ପାଇଁ ଚେଷ୍ଟା କରୁଥିଲା । ପାପା ଆଉ ଖୁସିର ଶୁଖିଲା ମୁହଁକୁ ଚାହିଁ କହୁଥିଲା – "କିଛି ହେବନି ମୋର, ଡରିବାର କିଛି ନାହିଁ । ଆଦୌ ବ୍ୟସ୍ତ ହୁଅନାହିଁ ।" ଖୁସି ମାମାକୁ ଭିଡି ଧରିବାକୁ ଦୌଡି ଯାଉଥିଲା, ମାତ୍ର ସେ ତା'କୁ ହାତ ଦେଖାଇ ଅଟକାଇ ଦେଲା । ମାମା ବାହାରକୁ ଖୁବ୍ ଦୃଢ ଦେଖାଯାଉଥିଲେ ମଧ୍ୟ ତା ଚାହାଣୀ ଥିଲା ଖୁବ କରୁଣ । ଖୁସି ପଢିପାରୁଥିଲା ମାମାର ମନକୁ, ଯେଉଁଥିରେ ନିଜ ଝିଅକୁ ଟିକେ କୋଳେଇ ନ ପାରିବାର ଓ ଆଗାମୀ ଭବିଷ୍ୟତର ଆଶଙ୍କାର ଫେଣ୍ଟାଫେଣ୍ଟି ଦୁଃଖର ଚିତ୍ର ଆଙ୍କି ହୋଇଯାଇଥିଲା । ଖୁସି ଆଖିରୁ ନିଗିଡି ପଡିଲା ଠୋପା ଠୋପା ଲୁହ ।

ମାମା ଗଲା ପରେ ପାପା ଓ ଖୁସି ଯାଇ କୋଭିଡ଼ ଟେଷ୍ଟ କରାଇ ନେଇଥିଲେ । ଉଭୟଙ୍କର ରିପୋର୍ଟ ନେଗେଟିଭ୍ ପାଇ ପାପା ଆଶ୍ୱସ୍ତ ହେଲେ । ମାତ୍ର ସବୁବେଳେ ମାମା ପାଇଁ ଚିନ୍ତିତ ଥିଲେ । ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ ।

"ତୋର ଗୋଟେ କୁନି ଭଉଣୀ ହେଇଛି ।" ମିଠା ଗୋଟେ ଖୁସି ପାଟିରେ ଖୁଆଉ ଖୁଆଉ ପାପା କହିଲେ । ଖୁସି ଆନନ୍ଦରେ ଉଛୁଳି ପଡିଲା ।

"ଆଉ ଗୋଟେ ଭଲ ଖବର ଜାଣିଛୁ ?"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କଣ ପାପା ?" ଉତ୍କଣ୍ଠାରେ ପଚାରିଲା ଖୁସି ।

"ଆମ ମିଷ୍ଟି କରୋନା ନେଗେଟିଭ୍ ଅଛି ।" କହୁ କହୁ ପାପାଙ୍କ ଆଖିରୁ ଆନନ୍ଦାଶ୍ରୁ ଝଲକି ପଡୁଥିଲା । ପାପା ଖୁସିକୁ ଜୋରରେ ଭିଡି ଧରିଲେ ।

ଦଶ ଦିନ ପରେ ମିଷ୍ଟିକୁ ଧରି ପାପା ଏକୁଟିଆ ଘରକୁ ଆସିଲେ ।

"ମାମା କେବେ ଆସିବ ପାପା ?" ଭୟ ଓ ଆଶଙ୍କାରେ ଖୁସି ପଚାରିଲା । ଝିଅର ମୁଣ୍ଡକୁ ଆଉଁସି ଦେଇ ପାପା କହିଲେ- "ବ୍ୟସ୍ତ ହଅନି । ମାମା ଶୀଘ୍ର ଭଲ ହୋଇ ଆସିବ ।"

ଦିନକୁ ଦିନ ମାମାର ସ୍ୱାସ୍ଥ୍ୟ ବିଗିଡ଼ିବାରେ ଲାଗିଲା । ପାପା ସବୁବେଳେ ଫୋନରେ କାହା ସହିତ କଥା ହୁଅନ୍ତି, ତା'ପରେ ଗୁମ୍ ମାରି ବସି ପଡ଼ନ୍ତି । ଖାଇବାରେ କି ଶୋଇବାରେ ନିଘା ନାହିଁ । ପଚାରିଲେ ଆଉ କିଛି କୁହନ୍ତିନି । ସେଇ ଗୋଟିଏ କଥା - "ବ୍ୟସ୍ତ ହଅନି । ମାମା ଶୀଘ୍ର ଭଲ ହୋଇ ଆସିବ ।" ମାମାର ଫୁସଫୁସରେ ବିପଦଜନକ ସଂକ୍ରମଣ ହୋଇଗଲା । ସେ ଏବେ ଭେଣ୍ଟିଲେଟରରେ ଅଛି । ପାପାଙ୍କ ଫୋନ ଆଳାପରୁ ଖୁସି ସବୁ ଠଉରେଇ ନେଉଥିଲା ।

ପ୍ରତି ମୁହୂର୍ତ୍ତରେ ଖୁସିର ଜୀବନ ଆଶା ଓ ଆଶଙ୍କାରେ ବିତୁଥିଲା । ଆଶାକୁ ପ୍ରତିହତ କରି ଆଶଙ୍କା ଯେ ବାସ୍ତବ ରୂପ ନେବ ଏ କଥା ସେ କେବେ ଭାବି ନ ଥିଲା । ମାମା ଆଉ ଘରକୁ ଫେରିଲାନି । ମାମାର ସ୍ଥିତି ସ୍ୱପ୍ନ ହୋଇଗଲା । ମାମାର ଅବର୍ତ୍ତମାନତାରେ ସେ ଆପଣେଇ ନେଲା ମାମାର ପ୍ରତିଛବି ମିଷ୍ଟିକୁ । ମାମାର ଶୂନ୍ୟସ୍ଥାନକୁ ଯୋଡ଼ିବାକୁ ଚେଷ୍ଟା କରୁଥିଲା ।

କିଛି ଦିନ ପରେ ପାପାଙ୍କ ଦେହରେ ସେହି ସବୁ ଲକ୍ଷଣ ଦେଖାଗଲା । ସନ୍ଦେହରେ ପୁଣି ଥରେ ପାପା କୋଭିଡ୍ ପରୀକ୍ଷା କଲେ । ରିପୋର୍ଟ ଆସିଲା ପଜିଟିଭ୍ । ପାପା ଅବାକ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲେ । ଉପାୟଶୂନ୍ୟ ହୋଇ ସେ ଖୁସି ଓ ମିଷ୍ଟିର ଦାୟିତ୍ୱ ନିଜ ବୃଦ୍ଧା ମା'ଙ୍କୁ ଦେଇ କୋଭିଡ ହସ୍ପିଟାଲରେ ଭର୍ତ୍ତି ହେଲେ । ମାମା ପରି ପାପା ଗଲାବେଳେ ପିଲା ଦିହିଁଙ୍କୁ କୋଳେଇ ନେଇ ପାରିନଥିଲେ କି ଆଖି ପୂରାଇ ଦେଖି ପାରି ନଥିଲେ । "ମୋର ଯଦି କିଛି ହୋଇଯାଏ ଏମାନଙ୍କର ହେବ କ'ଣ ?" ଏକ ଦୀର୍ଘଶ୍ୱାସ ଛାଡି ପାପା କେବଳ ଗୁଣୁଗୁଣେଇ ହୋଇଥିଲେ ।

"ମା'ରେ, ସାନ ଭଉଣୀ କଥା ଟିକେ ବୁଝୁଥିବୁ" - ପଛକୁ ବୁଲିପଡ଼ି ଖୁସି ମୁହଁକୁ ଚାହିଁ ଏହି ପଦିକ କଥା କହି ପାପା ଏକ ମୁହାଁ ହୋଇ ଚାଲିଯାଇଥିଲେ ।

ପାପାଙ୍କ ମୁହଁରେ ମାସ୍କ, ଆଖିରେ ଚଷମା । ତା' ଭିତରୁ ମଧ୍ୟ ତାଙ୍କର ଆଖି କୋଣରେ ଜକେଇ ଆସିଥିବା ଦୁଇବୁନ୍ଦା ଲୁହ ଆଉ ଯନ୍ତ୍ରଣାସିକ୍ତ ମୁହଁକୁ ଦେଖିପାରୁଥିଲା ଖୁସି ।

ଦିନକ ଭିତରେ ତା'ର ବୟସ ବଢିଯାଇଥିଲା ଦଶବର୍ଷ । ଗୋଟିଏ ମୁହୂର୍ତ୍ତରେ ତା' ବାଲ୍ୟ ଚପଳତାକୁ ଢାଙ୍କିଦେଇଥିଲା ଦାୟିତ୍ୱବୋଧତାର ବହଳ ଚଦରଟିଏ, ଯାହା ଭିତର ଦେଇ ଆଉ ଖୁସି ଦେଖିପାରୁ ନ ଥିଲା ତା' ବୟସ, ଅଝଟ, ଦୁଷ୍ଟାମି ଆଉ ଅଲିଅଳପଣ । ବେଳଭୂମିରେ କ୍ରୀଡ଼ନରତ ଲହଡି ଭଳି ଛଳ ଛଳ କଅଁଳ ନିର୍ବୋଧ ଶିଶୁଟି ସମୟର ଶକ୍ତ ଧକ୍କାରେ ଅଥଳ ସାଗର ପରି ଗୁରୁଗମ୍ଭୀର ହୋଇଗଲା ।

ମିଷ୍ଟିକୁ କାନ୍ଧରେ ପକାଇ ଗାଁ ଦାଣ୍ଡରେ ଟିକିଏ ବୁଲି ଆସିଲା । ଅଙ୍କେଇ ବଙ୍କେଇ ହୋଇ ଗାଁ ରାସ୍ତା ଲମ୍ବିଯାଇଛି ରାଜରାସ୍ତା ଆଡକୁ । ଗ୍ରାମ ଦେବତୀ, ଚଉପାଢୀ, ଗଣେଶ ମନ୍ଦିର, ପୋଖରୀ, ତା' ଆଗକୁ କ୍ଷେତ, କଦଳୀ ବଗିଚା, ଆଖୁ କିଆରୀ, ନଡ଼ିଆ ବଗିଚା ଏମିତି ଗୋଟିଏ ପରେ ଗୋଟିଏ ଦେଇ ତା'ର ଦୃଷ୍ଟି ପହଁରି ଗଲା ରାସ୍ତାର ଶେଷ ମୁଣ୍ଡ ଯାଏ । ଖୋଜିଲା ଆଖିରେ ବାରମ୍ବାର ଚାହୁଁଥିଲା ରାସ୍ତାକୁ, ଆଖି ପାଉଥିବା ଯାଏ । ପାପା ଯଦି ଏବେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଯିବେ, ସେ ମିଷ୍ଟିକୁ କାଖେଇକି ବୁଲାଉଥିବା ଦେଖି ଖୁସି ହୋଇଯିବେ । ସେ କହିବ- "ହେଇ ଦେଖ ପାପା, ତୁମେ କହିଥିଲ ସାନ ଭଉଣୀ କଥା ବୁଝୁଥିବୁ, ମୁଁ ତା'ର ସବୁ କଥା ବୁଝୁଛି । ତା'ର ଯତ୍ନ ନେଉଛି, ଖୁଆଇ ଦେଉଛି, ଗେଲ କରୁଛି, ବୁଲାଉଛି, ହସାଉଛି ।" "ମୋ ସୁନାଝିଅ, ମୋ ଗେହ୍ଲୀ ଝିଅ"- କହି ପାପା ହସି ଦେଇ ମୁଣ୍ଡ ଆଉଁସି ଦେବେ, ଯେମିତି ପାପା ସବୁ ବେଳେ କରନ୍ତି ।

କୋଳରେ ବସାଇ କେତେ ଭଲ ଭଲ କଥା ଶିଖାନ୍ତି । ମଦର ଟେରେସା, ଫ୍ଲୋରେନ୍ସ ନାଇଟଏଙ୍ଗେଲ ପରି ସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦିଅନ୍ତି । ମାମା କହେ- "ଆମ ଝିଅ ଡାକ୍ତର ହେବ । ଦେଖୁନ, କେମିତି ଏଇ ଦିନରୁ ମା' ଭଳି ଆମ ଦୁଇଜଣଙ୍କର ସେବା କରୁଛି ,ଭଲମନ୍ଦ ବୁଝୁଛି ।" "ମାମା, ମାସ୍କ ପିନ୍ଧ", "ପାପା, ସାନିଟାଇଜର ଲଗାଅ, ସାଙ୍ଗରେ ନେଇକି ଯାଅ", "ବର୍ଷାରେ ଭିଜିବନି", "ମାସ୍କ ଖୋଲିବନି", "କାହା ସହିତ ମିଶିବନି" .... ପାପା ହସି ଦେଇ କହନ୍ତି – ତୁମେ ଠିକ କହିଛ, ଆମ ଝିଅ ଡାକ୍ତର ହେବ । ଆମମାନଙ୍କର ସ୍ୱାସ୍ଥ୍ୟପାଇଁ ତା'ର କେତେ ଚିନ୍ତା ! ସବୁ କୋଭିଡ ପ୍ରୋଟୋକଲ ଘୋଷି ଦେଇଛି । ପାପା ତା' ମଥାରେ ଗେଲଟିଏ କରି କୋଳରେ ଭିଡି ଧରନ୍ତି । ପାପାଙ୍କ ଉଷୁମ କୋଳ ଭିତରେ ଭାରି ଆନନ୍ଦ ଓ ଶାନ୍ତିରେ ଆଖି ବୁଜିଦିଏ ଖୁସି ।

ମିଷ୍ଟିକୁ ଥଣ୍ଡା ଲାଗିଲା ବୋଧେ, କାନ୍ଦି ଉଠିଲା ସେ । ତା' ପିଠିକୁ ଥାପୁଡାଇ ଚଉଭଙ୍ଗା କପଡାଟିକୁ ଭଲକରି ଘୋଡାଇ ଦେଲା ତା' ଦେହରେ ।

ମିଷ୍ଟି ଜନ୍ମ ହେବା ପୂର୍ବରୁ ମାମା ଥରକୁ ଥରକୁ ମାର୍କେଟ ଯାଇ କିଣି ଆଣୁଥିଲା ଭଳି କି ଭଳି ବେବି ଡ୍ରେସ୍, ଡାଇପର୍, ଜ୍ୱାଇପର୍, ଝୁଲଣା, ଖେଳଣା, ଟର୍କିସ୍, ହୁଡେଡ ଟାୱେଲ୍, ମୋଜା, ଜୋତା, ଟୋପି, ଗଦି, ତକିଆ, ୱାଟର ପ୍ରୁଫ ପ୍ୟାଡ୍, କ୍ରିମ୍, ସାବୁନ୍, ବେବି ଅଏଲ୍,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାନିଆ, ବାଥ ଟବ୍, ବେବି ଲୋସନ୍, ଅଣ୍ଟା ସୂତା, ଚେନ୍, ବଳା, କ୍ରାଡିଲ ଆହୁରି କେତେ କ'ଣ, ତା' ମନପସନ୍ଦର ଜିନିଷ ସବୁ । ବାପା କହୁଥିଲେ, "ବାସ୍ ବାସ୍, ସେତିକି ଥାଉ, ଘରେ ଦୋକାନ ଖୋଲିବ ନା କ'ଣ ?" ମାମା ଅଳ୍ପ ହସି ଦେଇ କହୁଥିଲା, "ତୁମେ କ'ଣ ଏ ସବୁ କିଣି ଶିଖିଛ ? ଆଗକୁ ତିନି ଚାରି ମାସଯାଏ ଛୁଆ ଦୁଇଟାକୁ ଛାଡ଼ି ମୁଁ କ'ଣ ବାହାରକୁ ଯାଇ ପାରିବି ? ତା' ଛଡ଼ା କରୋନାର ଦ୍ୱିତୀୟ ଲହରୀ ଯେମିତି ମାଡ଼ି ଆସୁଛି ପୁଣିଥରେ ଲକଡାଉନ ସଟଡାଉନ ନ ହେବ କିଏ କହିବ । କାହା ଅବସ୍ଥା ବି କ'ଣ ହେବ କେମିତି ଜାଣିବା ? ଏ ସବୁ କିଣି ନ ରଖିଲେ ମୋ ମିଷ୍ଟି କ'ଣ ପିନ୍ଧିବ, କେମିତି ଚଳିବ କହିଲ ? ଆଗକୁ ରଜ ଆସୁଛି । ଖୁସି ପାଇଁ ଡ୍ରେସ୍, କସମେଟିକସ୍, ଦୋଳି କିଛି କିଣା ହୋଇନି । ମୋ ଗେହ୍ଲୀ ଝିଅ ମନ ଦୁଃଖ କରିବନି ?" ଗୋଟି ଗୋଟି କରି ମନେ ପକାଇ ସବୁ କିଣି ଆଣି ସଜାଡ଼ି ରଖିଥିଲା ଆଲମାରୀରେ । ଆଜି ବି ସବୁ ସେମିତି ଥିବ ।

ସଞ୍ଜ ନଇଁ ଗଲାଣି । ଗ୍ରାମ ଦେବତୀଙ୍କ ପାଖରେ ସନ୍ଧ୍ୟା ଦୀପ ଲଗେଇ ଦେଇ ଗଲେଣି ଦେହୁରୀ । ଚଢେଇ ମାନଙ୍କର କିଚିରି ମିଚିରି ଆଉ ଶୁଣାଯାଉନି । ନିଜ ନିଜ ବସା ଭିତରେ ମା'ର ଉଷୁମ କୋଳରେ ଘୁମେଇ ପଡ଼ିଥିବେ ନିଶ୍ଚିନ୍ତରେ । ଗାଁ ରାସ୍ତା ମଳିଛିଆ ଅନ୍ଧାରରେ ଭରି ଗଲାଣି । ଦୂର ଗାଁରୁ ମିଞ୍ଜି ମିଞ୍ଜି ଆଲୁଅ ଜଳିଉଠିଲା । ଦୂରରୁ ଠିକ୍ ଗପ ବହିରେ ପଢିଥିବା ଡାଆଣୀ ଆଲୁଅ ପରି ଲାଗିଲା ଖୁସିକୁ । ମିଷ୍ଟିକୁ କୋଳରେ ଭିଡ଼ି ଧରି ଗ୍ରାମ ଦେବତୀଙ୍କ ଚାନ୍ଦିନୀ ଉପରେ ବସି ପଡିଲା ସେ । ଭରସା ଭରା ଆଖିରେ ଚାହିଁଲା ମିଷ୍ଟିର ମୁହଁକୁ । ଦ୍ୱୀପ ଆଲୁଅରେ ମିଷ୍ଟିର ମୁହଁଟା ଭାରି କରୁଣ ଦେଖାଯାଉଥିଲା ।

କାନ୍ଥ ବାଡ ଡେଇଁ ପବନରେ ଟାଣି ହୋଇ ଆସି ଖୁସି କାନରେ ପିଟି ହୋଇଗଲା ଗୁଡ଼ାଏ କରୁଣ ଧ୍ୱନି । ଖୁସି କାନେଇଲା । କାହାର ଏ ବିକଳ ସ୍ୱର ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମୋ ଧନରେ.... ମୋତେ ଛାଡ଼ି କୁଆଡ଼େ ଚାଲିଗଲୁରେ......"

"ଏ ତ ଜେଜେମା'ର ସ୍ୱର !" ତା' ସହିତ ମିଶି ଯାଇଛି କେତୋଟି ଚିହ୍ନା ଅଚିହ୍ନା ଅଧୀର ସ୍ୱର । ଖୁସି ମନରେ ସଂଶୟ ଭରିଗଲା । ହୃଦୟ ଭିତରଟା ଯନ୍ତ୍ରଣାରେ କୋରି ହୋଇଗଲା । ଛାତି ଫଟାଇ କୋହ ମିଶା ସ୍ୱର ଉଦଗତ ହେଲା- "ଆଃ.....ପାପା....ଆ...ଆ... ।" ଆଖିରୁ ଧାର ଧାର ଲୁହ ଉଛୁଳି ପଡ଼ିଲା । ତା' ଅଜାଣତରେ ନିଗିଡ଼ି ପଡୁଥିଲା ମିଷ୍ଟିର ଗାଲରେ । ମିଷ୍ଟି କାନ୍ଦୁଛି ରାହା ଧରି ।

କେଜାଣି କେତେବେଳ ଗଡ଼ିଗଲାଣି ଏହା ଭିତରେ । ପ୍ରକୃତିସ୍ଥ ହେଲା ଖୁସି । ମିଷ୍ଟି ଆଖିରୁ ଲୁହ ପୋଛିଦେଲା । ତା'କୁ କୋଳରେ ଧରି ଠିଆ ହେଲା ମେରୁଖମ୍ବ ଭଳି । କହିଲା- "କାନ୍ଦନା' ମିଷ୍ଟି, ତୋ ଖୁସି ତୋ ସାଙ୍ଗରେ ଅଛି ପରା ।" ତାରାଭରା ଆକାଶକୁ ଦେଖାଇ କହିଲା – ହେଇ ଦେଖ୍, ପାପା ମାମା ବି ଆମ ସାଙ୍ଗରେ ଅଛନ୍ତି ।"

ମିଷ୍ଟି ସୁନାପିଲାଟି ପରି କାନ୍ଦ ବନ୍ଦ କରିଦେଲା ।

ଅଧ୍ୟକ୍ଷା, ରାଜଧାନୀ ବିଜ୍ଞାନ, କଳା ଓ ବାଣିଜ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଭୁବନେଶ୍ୱର

ଦୂରଭାଷ:୯୪୩୮୧୩୩୬୧୨

Email: dash_usharani@rediffmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏ କି ପ୍ରାୟଶ୍ଚିତ ?



ଦୀପକ ଷଡ଼ଙ୍ଗୀ

ପୁଣି ବର୍ଷା ଆରମ୍ଭ ହୋଇ ଯାଇଛି । ବର୍ଷା ଯୋଗୁଁ ପାଗଟା ଥଣ୍ଡା ଲାଗୁଥାଏ । ସନାତନ ଦିନସାରା ବାହାରେ ବୁଲୁଥିଲା ବର୍ଷାରେ ବି ଖୁବ୍ ଭିଜିଛି ସେ । ଦିନସାରା ଖାଇବା କହିବାକୁ ଗଲେ ସକାଳେ ଗୋଟେ କପ୍ ଚା ଆଉ ଗୋଟେ ଛୋଟ ପ୍ୟାକେଟ୍ ବିସ୍କୁଟ୍ । ଖରାବେଳେ ସେ ଗୋଟେ ଦୁଇଟା ବିଡି ହିଁ ଟାଣିଥିଲା । ତା'ପର ଠାରୁ ପେଟରେ ଦାନ ମୁଠେ ବି ପଡିନି । ପକେଟ୍ ରେ ତା'ର ଆଉ ମାତ୍ର ଦଶଟି ଟଙ୍କା ପଡିଛି । ସେ ଚାହୁଁଛି ଏଇ ଦଶ ଟଙ୍କାକୁ ଆଉ ସେ ଖର୍ଚ୍ଚ କରିବନି ବୋଲି । କିନ୍ତୁ ଉପାୟ ବି କିଛି ନାହିଁ । ଏତେ ବଡ ରାତିରେ ଉପାସରେ କେମିତି ବା ରହିବ । ଯାହାହେଲେ ବି ଟିକେ ଖାଇବାକୁ ପଡିବ । ଭୁବନେଶ୍ୱର ସହରରେ ସନ୍ଧ୍ୟା ଉପନୀତ । ବର୍ଷା ଯଦିଓ ପୂରାପୂରି ଛାଡିନି ତଥାପି ମଝିରେ ମଝିରେ ରହି ଗୋଟେ ଗୋଟେ ଅସରା ଅଜାଡି ଦେଉଥାଏ । ଆଚାର୍ଯ୍ୟବିହାର ଛକରେ ସନ୍ଧ୍ୟା ସମୟରେ ଭୀଷଣ ଭିଡ । ଟ୍ରାଫିକ୍ ଆଲୁଅକୁ ଦେଖି ସେ ରାସ୍ତା ପାର କରି ଏପଟକୁ ଆସିଲା । ରାସ୍ତାରେ ଏମିତି ଚାଲୁଥାଏ ସେ । ହଠାତ୍ ତା ପଛରୁ କିଛି ଗୋଟେ ଆସି ତାକୁ ଜୋରରେ ଧକ୍କା ଦେଲା । ସନାତନ ହଡବଡେଇ ଯାଇ ରାସ୍ତା ଉପରେ ପଡିଗଲା । ଯଦିଓ ସେ ଖଣ୍ଡିଆ ଖାବରା କିଛି ହୋଇନଥିଲା ତଥାପି ହାତର କହୁଣି ଆଉ ଆଣ୍ଠୁରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୋରରେ ମାଡ ହୋଇଥିଲା । ତା'କୁ ଆସି ପଛରୁ ଉଠେଇ ଧରି ଲୋକଟି ପଚାରିଲା "କଣ ଭାଇ ! ଜୋରରେ ମାଡ ହେଲା କି ? ରାସ୍ତାରେ ଚାଲିଲା ବେଳେ ଟିକେ ଦେଖି କି ଚାଲିବ ନା ଆଉ ।" ସନାତନ ଜାଣି ପାରୁ ନଥିଲା ଯେ ତା'ର ଭୁଲ କେଉଁଠି ରହିଲା ବୋଲି । ସେ ତ ରାସ୍ତାର ବାଁ ପଟେ ହିଁ ଚାଲୁଥିଲା । ସନାତନ ପଛକୁ ଚାହିଁ ଦେଖିଲା ତାକୁ ଗୋଟେ ଓଲା କାର୍ ଧକ୍କା ଦେଇଛି ଓ ଯେଉଁ ଲୋକଟି ତାକୁ ଉଠେଇଲା ସେ ହିଁ ସେ କାରର ଡ୍ରାଇଭର । ସନାତନ ତାକୁ କିଛି କହିବା ପୂର୍ବରୁ ଓଲାର ଡ୍ରାଇଭର ତା ହାତ ଧରି କି ଆଣି ତାକୁ କାର ଭିତରେ ବସେଇ ଦେଲା ଓ କାର ଷ୍ଟାର୍ଟ କରି ଚଳେଇବା ଆରମ୍ଭ କଲା । ସେ କିଛି ବୁଝି ପାରୁ ନଥାଏ ଯେ ତା ସହିତ କଣ ହଉଛି ବୋଲି । କାର ଭିତରେ ଡ୍ରାଇଭର ତାକୁ ପଚାରିଲା "କୁଆଡେ ଯିବ ତୁମେ କୁହ ? ତୁମକୁ ନେଇ ଛାଡି ଦେଇ ଆସିବି ?" ସନାତନ କିଛି କହିଲାନି ମୁଣ୍ଡ ତଳକୁ କରି ବସି ରହିଲା । ଡ୍ରାଇଭର ପୁଣି ତାକୁ ସେଇ ପ୍ରଶ୍ନ ପଚାରିଲା । ସନାତନ କହିଲା, "ମୁଁ ଖଣ୍ଡଗିରି ଯିବି ।" ଡ୍ରାଇଭର ଆଉ ବେଶୀ କିଛି ନ ପଚାରି ତା ନିଜ ସାର୍ଟ ପକେଟ୍ ରୁ ଗୋଟେ ସିଗାରେଟ୍ ବାହାର କରି ନିଆଁ ଧରେଇଲା । ପ୍ୟାକେଟ୍ ସନାତନ ଆଡକୁ ଦେଖେଇ କି କହିଲା "ସିଗାରେଟ୍ ?" ସନାତନ କହିଲା "ମୁଁ ସିଗାରେଟ୍ ଟାଣେ ଯେ କିନ୍ତୁ ଏବେ ଟାଣିଲେ ମୋର ବାନ୍ତି ହୋଇଯିବ । ଡ୍ରାଇଭର ତା ଆଡକୁ ଚାହିଁ ହସି କି ପଚାରିଲା, "କାହିଁକି ବାନ୍ତି ହେବ ?" ସନାତନ କହିଲା, "ଆଜି ଦିନ ସାରା ମୁଁ କିଛି ବି ଖାଇନି । ଖାଲି ପେଟରେ ସିଗାରେଟ୍ ଟାଣିଲେ ମୋର ବାନ୍ତି ହୁଏ ।" ଡ୍ରାଇଭର ସିଗାରେଟ ଟାଣୁଟାଣୁ ପଚାରିଲା, "କଣ କର ତୁମେ ? ଚାକିରି କରିଛ କେଉଁଠି ?" ସନାତନ କହିଲା ହଁ ! "ମୁଁ ଗୋଟେ ବ୍ୟାଙ୍କରେ ଅଛି ।" ଏଥର ସନାତନ ଟିକେ ରାଗିଯାଇ କହିଲା, "ତୁମେ ଏ ସବୁ କଥା ମୋତେ କାହିଁକି ପଚାରୁଛ ?" ଡ୍ରାଇଭର କହିଲା, "ନା ନା ସେମିତି କିଛି ନାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାବାର୍ତ୍ତା ହେଲେ ଟିକେ ଟାଇମପାସ୍ ହେଇଯିବ ବୋଲି ମୁଁ ଏମିତି ପଚାରୁଥିଲି ।” ସନାତନ କହିଲା “ମୋତେ ଏଇଠି ଛାଡି ଦିଅ ମୁଁ ପଳେଇବି ।” ଡ୍ରାଇଭର କହିଲା, “ମୋତେ ଜୋରରେ ଭୋକ ଲାଗିଲାଣି । ଚାଲ କିଛି ଗୋଟେ ଖିଆପିଆ କରି ନେବା ତା'ପରେ ମୁଁ ତୁମକୁ ନେଇ ଖଣ୍ଡଗିରି ଛକରେ ଛାଡି ଦେଇ ଆସିବି ।” ଏତିକି କହି ସେ ଗାଡିକୁ ଗୋଟେ ଅନ୍ଧାରିଆ ରାସ୍ତା ଆଡେ ମୁହାଁଇଦେଲା । କିଛି ସମୟ ଯିବା ପରେ ଗାଡି  ଆସି ଗୋଟେ ଅଣ ଓସରିଆ ଗଳି ପାଖରେ ଅଟକିଲା । ସନାତନ ତାକୁ ପଚାରିଲା “ମୋତେ ଏଠିକି କେଉଁଠିକି ଆଣିଲ । ଏଠି ତ ହୋଟେଲ କି ରେଷ୍ଟୁରାଣ୍ଟ କିଛି  ଦେଖା ଯାଉନି ?” ଡ୍ରାଇଭର ଅଳ୍ପ ହସି କହିଲା “ତୁମେ ଆସ ମୋ ସହିତ ।” ଏତିକି କହି ସେ ସନାତନକୁ ଗୋଟେ ଅନ୍ଧାରିଆ ବାଟେ ନେଇ ବସ୍ତି ଭିତରକୁ ଗଲା । ଦୁଇଜଣ ଗୋଟେ କୁଡିଆ ଘର ପାଖରେ ପହଞ୍ଚିଲେ । କୁକୁର ଗୁଡାକ ଜୋରରେ ଭୁକୁଥାଅନ୍ତି କେମିତି ଗୋଟେ ଅଦ୍ଭୁତ ଶବ୍ଦକରି । ସନାତନକୁ ସେଗୁଡା ସବୁ ଟିକେ କେମିତି ଅଶ୍ୱସ୍ତିକର ଲାଗୁଥାଏ । ଡ୍ରାଇଭର ତା ପ୍ୟାଣ୍ଟ୍ ପକେଟ୍ ରୁ ଚାବି ବାହାର କରି କବାଟ ଖୋଲିଲା ଓ ଭିତରକୁ ଗଲା । ସନାତନ ସେମିତି ବାହାରେ ଛିଡା ହୋଇଥାଏ । ଡ୍ରାଇଭର ତାକୁ ହସିକି ଡାକିଲା, “ଆରେ ଆସ ଭିତରକୁ । ଡରିବାର କିଛି ନାହିଁ । ମୋ ଘରେ ସବୁ ପ୍ରକାର ସ୍ୱାଦିଷ୍ଟ ଖାଇବା ହିଁ ତୁମକୁ ମିଳିବ ।” ନିଜର ପରିଚୟ ଦେବାକୁ ଯାଇ ଡ୍ରାଇଭର କହିଲା “ମୋ ନା ସତୀଶ ମିଶ୍ର । ଏଇ ଦେଖୁନ ମୋ ଆଇକାର୍ଡରେ ମୋ ନା ଲେଖା ଅଛି ।” ସେସବୁକୁ ଦେଖିବାରେ ଏତେ ଆଗ୍ରହ ଦେଖେଇଲାନି ସନାତନ । ସତୀଶ ଭିତରକୁ ଗଲା । ସନାତନ ଦେଖିଲା ଯେ ଘର ଭିତରେ ସତୀଶ ବ୍ୟତୀତ ଆଉ ବୋଧେ କେହି ରହୁ ନାହାଁନ୍ତି । ଜିନିଷପତ୍ର ସବୁ ଅସ୍ତବ୍ୟସ୍ତ ହୋଇ ପଡିଥାଏ । ଘରର ମଝିରେ ଗୋଟେ ଖାଇବା ଟେବୁଲ ପଡିଥାଏ । ସତୀଶ କହିଲା, “ମୁଁ ଖାଇବା ଗରମ କରି ନେଇ ଆସୁଛି ମିଶିକି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଇବା ।" ସନାତନ ମନରେ ଅଜସ୍ର ପ୍ରଶ୍ନ ସବୁ ଉଙ୍କି ମାରୁଥାଏ । ଏ ଭିତରେ ସତୀଶ ଖାଇବା ଗରମ କରି କି ନେଇ କି ଆସିଲା ସେ ସନାତନକୁ କହିଲା, "ଯାଅ ଭିତରେ ହାତ ମୁହଁ ଧୋଇଆସ ।" ସନାତନ ଭିତରକୁ ଗଲା ହାତ ମୁହଁ ଧୋଇ କି ଟେବୁଲ ପାଖକୁ ଆସିଲା । ତାକୁ ବହୁତ ଜୋରରେ ଭୋକ ଲାଗୁଥିଲା ଦିନସାରା ସେ କିଛି ଖାଇ ନଥିଲା । ଦେଖିଲା ଟେବୁଲ ଉପରେ ଭାତ, ଡାଲି ମାଛ ତରକାରୀ ଆଦି ଖାଦ୍ୟ ତା ପାଇଁ ପରଷା ହୋଇଛି । ସେ ଆଉ ବେଶୀ କିଛି ନ ଭାବି ଖାଇବା ଉପରକୁ ଝପଟି ପଡିଲା ଭଳି ହେଲା ଏବଂ କେଉଁଆଡକୁ  ମନ ନ ଦେଇ ଖାଇବାରେ ଲାଗିଲା । ସତୀଶ ସବୁ ଦେଖୁଥାଏ । ଥାଳିରେ ପରଷା ଯାଇଥିବା ଭାତର ଅଧାରୁ ଅଧିକ ଖାଇ ସାରିବା ପରେ ସନାତନକୁ ଟିକେ ଆଶ୍ୱସ୍ତି ମିଳିବାର ଦେଖି ତା'କୁ ସତୀଶ ପଚାରିଲା, "ତୁମେ ଖଣ୍ଡଗିରିର କେଉଁଠି ରୁହ ?" ସନାତନ କହିଲା, "ଗୋଟେ ବସ୍ତି ଭିତରେ ଗୋଟେ ଛୋଟ ଭଡା ଘର ନେଇ ।" ସତୀଶ ଆଶ୍ଚର୍ଯ୍ୟ ହୋଇ କି ପଚାରିଲା, "ତୁମେ ବ୍ୟାଙ୍କରେ ଚାକିରି କରି ପୁଣି ବସ୍ତିରେ କାହିଁକି ରହୁଛ ?" ସନାତନ ଟିକେ ଅସ୍ତବ୍ୟସ୍ତ ହୋଇ କହିଲା, "ତୁମର ଏ ସବୁ ଜିନିଷ ଜାଣିବା କଣ ଦରକାର ?"

ବାହାରେ ପୁଣି ଜୋରରେ ବର୍ଷା ଆରମ୍ଭ ହୋଇ ଯାଇଥିଲା । ଏଥର ପବନ ହେବା ସହ ମଝିରେ ମଝିରେ ଘଡଘଡି ବି ମାରୁଥାଏ । ସତୀଶ ଝରକା ଗୁଡାକ ବନ୍ଦ କରି ଦେଇ ଆସି କହିଲା, "ଆଜି ରାତିରେ ଯଦି ବର୍ଷା ନ ଛାଡେ ତୁମେ ଏଇଠି ମୋ ଘରେ ରାତିରେ ରହିଯାଅ । ମୁଁ କାଲି ସକାଳେ ନେଇ ତୁମକୁ ଛାଡି ଦେଇ ଆସିବି । କିଛି ଅସୁବିଧା ହେବନି ଏଠି ତୁମର ।" ସତୀଶ ତା'କୁ ଟିକେ ସହଜ କରିବାକୁ ଚେଷ୍ଟା କରୁଥିଲା । ସନାତନ କହିଲା "ନାଇଁ ଥାଉ ମୋତେ ବର୍ଷା ଛାଡିଲେ ନେଇ ମୋ ଘରେ  ଛାଡି ଦେଇ ଆସନ୍ତୁ ।" ତୁହେଁ ପୁଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଖାଇବାରେ ମନ ଦେଲେ । ସନାତନର ତଣ୍ଟିରେ ବୋଧେ ଲାଗିଲା । ସେ ଟିକେ କାଶି ଉଠିଲା । ସତୀଶ ଉଠିଯାଇ ତାକୁ ଗୋଟେ ଗ୍ଲାସରେ ପାଣି ନେଇ କି ପିଇବାକୁ ଦେଲା । ତା'ପରେ ସନାତନ କହି ଉଠିଲା, "ମୁଁ ଯେଉଁ ବ୍ୟାଙ୍କରେ କାମ କରୁଥିଲି ଦିନେ ଖରାବେଳେ ବ୍ୟାଙ୍କରେ ଡକାୟତି ହେଲା । ସେତେବେଳେ ମୁଁ ବ୍ୟାଙ୍କରେ ନ ଥିଲି । କିଛି ଗୋଟେ କାମରେ ବାହାରକୁ ଯାଇଥିଲି । ଆସିଲାବେଳକୁ ଦେଖିଲି ଯେ ହାତରେ କଣ ଗୋଟେ ଧରିକି ତିନିଚାରି ଜଣ ଲୋକ ବ୍ୟାଙ୍କରୁ ବାହାରିଗଲେ । ମୁଁ ଟିକେ ବେଶୀ ଧ୍ୟାନ ଦେଲିନି । ଭାବିଲି ବୋଧ ହୁଏ କିଛି ଗ୍ରାହକ ହୋଇଥିବେ । କିନ୍ତୁ ସେମାନେ ଯେତେବେଳେ ମୋତେ ଦେଖି ଦୌଡିବାକୁ ଲାଗିଲେ ମୁଁ ଦେଖିଲି ଜଣଙ୍କ ହାତରେ ଗୋଟେ ପିସ୍ତଲ ଥାଏ । ମୁଁ ତାକୁ ଧରିବାକୁ ଯାଆନ୍ତେ ସେ ମୋତେ ଗୋଟେ ଧକ୍କା ଦେଇ ଦଉଡି ଯାଇ ମୋଟରସାଇକେଲ ଧରି କୁଆଡେ ଉଭାନ ହୋଇଗଲେ ।  ବ୍ୟାଙ୍କ ଭିତରକୁ ଯାଇ ଦେଖେ ତ ସମସ୍ତେ ଭୟରେ ଥରୁଥାଆନ୍ତି ।  ପୋଲିସକୁ ଫୋନ୍ କରା ହୋଇ ସରିଥାଏ ।  କିଛି ସମୟ  ଭିତରେ ହେଡ୍ ବ୍ରାଞ୍ଚ୍ ର ଅଧିକାରୀ ଓ ପୋଲିସ ସମସ୍ତେ ଆସି ପହଞ୍ଚିଗଲେ । ସମସ୍ତଙ୍କୁ ପଚରାପଚାରି ଚାଲିଥାଏ ।  ଯେହେତୁ ଡକାୟତି ସମୟରେ ମୁଁ ବ୍ୟାଙ୍କରେ ନ ଥିଲି ସମସ୍ତଙ୍କ ସନ୍ଦେହ ମୋ ଉପରେ ଘନାଉଥାଏ । ସମସ୍ତେ ଭାବୁଥାଆନ୍ତି ଯେ ମୁଁ କୁଆଡେ ଡକାୟତି ସହ ସମ୍ପୃକ୍ତ ଅଛି ବୋଲି । ଏମିତି କିଛିଦିନ ଚାଲିଲା ଡକାୟତ ମାନଙ୍କର କୌଣସି ଖୋଜଖବର ନଥାଏ ।"

ଏ ଭିତରେ ସତୀଶ ଖାଇବା ସାରି ଟେବୁଲ ଉପରୁ ଉଠି ହାତ ଧୋଇବାକୁ ଗଲା । ସନାତନ ବି ଖାଇ ସାରି ହାତ ଧୋଇ ଆସି ପୁଣି ଆସି ସେଇ ଟେବୁଲ ପାଖରେ ଥିବା ଚେୟାର୍ ଉପରେ ବସିଲା ।  ସତୀଶ ପଚାରିଲା, "ତା'ପରେ କଣ ହେଲା ?" ସନାତନ କହି ଚାଲିଲା, "ମୋତେ ପୋଲିସ ସନ୍ଦେହ କରି ସବୁବେଳେ ଥାନାକୁ ଡକେଇ ଯାଉସ୍ୟାଉ ପୁଳାଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଚାରୁ ଥିଲା । ଦିନେ ମୁଁ ଅତିଷ୍ଠ ହେଇ ମ୍ୟାନେଜର ସହିତ ଝଗଡା କଲି । ତା ସହିତ ମୋର କଥା ହାତାହାତି ପର୍ଯ୍ୟନ୍ତ ଗଲା । ମୋତେ ଚାକିରିରୁ ବାହାର କରି ଦିଆଗଲା । ବ୍ୟାଙ୍କର କ୍ୱାର୍ଟର୍ ବି ସେମାନେ ମୋ ଠାରୁ ନେଇଗଲେ କୁଆଡେ ଆଉ ଯିବି ବୋଲି ଭାବି ଆସି ଖଣ୍ଡଗିରି ଗୋଟେ ବସ୍ତିରେ ଆଶ୍ରୟ ନେଇଛି ।" ଏତିକି କହି ସାରିବା ପରେ ସନାତନ କାନ୍ଦି ପକେଇଲା । ସତୀଶ ତାକୁ ଆଶ୍ୱାସନା ଦେବାକୁ ଯାଇ କହିଲା, "ତୁମେ ନିର୍ଦ୍ଦୋଷରେ ଦଣ୍ଡ ପାଇଲ ଆମମାନଙ୍କ ପାଇଁ ।" ସନାତନ ଚମକି ପଡିଲା ସେ ସତୀଶକୁ ପଚାରିଲା "ତୁମମାନଙ୍କ ପାଇଁ ମାନେ ?" ସତୀଶ ସନାତନକୁ ଡାକିନେଇ ସେପଟ ଘରକୁ ଗଲା କହିଲା "ଦେଖ ସେ ଆଇନାରେ କିଏ ଅଛି ?" ସନାତନ ଆଇନାରେ ଯାହା ଦେଖିଲା ତାକୁ ଦେଖି ସାରିବା ପରେ ତା ଦେହରୁ ପରସ୍ତେ ଝାଳ ବାହାରିଗଲା । ଭୟରେ ଠକଠକ ହୋଇ ସେ ଥରିଲା । ସେ ଦେଖିଲା ଯେ ଆଇନାରେ ସତୀଶର ଚେହେରା ହିଁ ଦେଖାଯାଉନି । ପଛକୁ ଅନେଇଲା ବେଳକୁ କେହି କୁଆଡେ ନାହାଁନ୍ତି । ସେ ଘରେ ହଠାତ ଲାଇନ ବି କଟିଗଲା । ପୁରା ଅନ୍ଧକାର ଘର ଭିତରେ ସନାତନ ଏକା ଛିଡା ହୋଇଥାଏ । ଶୂନ୍ୟରୁ ସତୀଶ କହିଲା "ସନାତନ ! ମୁଁ ଜାଣିଛି ତୁ ନିର୍ଦ୍ଦୋଷ କିନ୍ତୁ ଆମର କୃତକର୍ମ ପାଇଁ ତୁ ଦଣ୍ଡ ଭୋଗିଲୁ । ଆଜକୁ ପ୍ରାୟ ପନ୍ଦର ଦିନ ତଳେ ଆମେ ଆଉ ଗୋଟେ ବ୍ୟାଙ୍କରେ ଡକାୟତି କରୁଥିଲୁ । ଠିକ ସେତିକିବେଳକୁ କିଏ ଜଣେ ପୋଲିସକୁ ଡାକିଦେଲା । ଆମ ଗ୍ୟାଙ୍ଗର ସମସ୍ତେ ଖସି ପଳେଇଲା ବେଳକୁ ପୋଲିସ ଗୁଳିକଲା । ଦୁଇଟି ଗୁଳି ମୋ ପିଠିରେ ଆସି ବାଜିଲା ମୁଁ ସେଇଠି ହିଁ ଟଳି ପଡିଲି । ସେ ଯେଉଁ ପିସ୍ତଲ ଧରିଥିବା ଲୋକକୁ ତୁ ସେ ଦିନ ଦେଖିଥିଲୁ ସେ ଆଉ କେହି ନୁହେଁ ସେ ମୁଁ ହିଁ ଥିଲି । ଆଉ ମୁଁ ତତେ ଠିକ ଦେଖି ପାରିଥିଲି । ତତେ ପୁଲିସ ଏବେ ବି ଖୋଜୁଛି । ତୁ ଯୋଉଠି ବସି ଖାଉଥିଲୁ ସେଇ ଟେବୁଲ ତଳେ ହାତ ମାରିକି ଦେଖ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଟେ ଚାବି ଅଠାରେ ମରା ହୋଇଥିବ । ସେ ଚାବି କି ଆଣ ଏଇ ଘରର ତାଜା ଉପରେ ଦେଖ ଗୋଟେ ଟ୍ରଙ୍କ୍ ରଖା ହୋଇଛି । ଏ ଚାବି ହେଉଛି ସେଇ ଟ୍ରଙ୍କ୍ ର ତୁ ଯା ସେଇ ଟ୍ରଙ୍କ୍ ଖୋଲ ।" ସନାତନର ପକେଟରେ ଦିଆସିଲି ଥିଲା । ତାକୁ ମାରିମାରି ସେ ସତୀଶ କହିଥିବା ସବୁ କାମ କଲା ।  ଟ୍ରଙ୍କ ଖୋଲି ଦେଖିଲା ବେଳକୁ ତା ଭିତରେ ବିଡାବିଡା ଟଙ୍କା । ସତୀଶ କହି ଉଠିଲା, "ତୁ ଏ ଟଙ୍କାକୁ ନେ ଆଉ ଯେତେ ଶୀଘ୍ର ପାରୁଛୁ ଏଠୁ ପଳା ।" ଏତିକି କହି ସାରିବା ପରେ ହଠାତ୍ ଜୋରରେ ପବନ ହେଲା । ବନ୍ଦ ହୋଇଥିବା ଝରକା କବାଟ ଗୁଡାକ ସବୁ ଖୋଲି ହୋଇଗଲା ଆଉ ବର୍ଷା ପାଣିଛିଟା ପଶି ଆସି ସେ ଟଙ୍କା ଥିବା ଟ୍ରଙ୍କ୍ କୁ ପୁରା ଓଦା କରି ସାରିଥିଲା ।

ସହକାରୀ ଅଧ୍ୟାପକ

ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ

ଖୋଡାସିଙ୍ଗୀ,ବ୍ରହ୍ମପୁର-୧୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାବତ ମା'

କଥାରେ ଅଛି ଦୁନିଆରେ ମା'ର ବିକଳ୍ପ ନାହିଁ । ପୁଅ ସିନା କୁପୁତ୍ର ହୋଇଯାଏ ହେଲେ ମା କେବେ କୁମାତା ହୁଏ ନାହିଁ । ମା ସମସ୍ତଙ୍କର ଅତି ନିଜର । ମା'ର ଋଣକୁ କେହି କେବେ ସୁଝି ପାରିବା ନାହିଁ । କିନ୍ତୁ ସାବତ ମା'ର ନା ଶୁଣିଲେ ପିଲାମାନେ ଡରି ଥାଆନ୍ତି । କାରଣ ସେ ନିଷ୍ଠୁର ସ୍ୱଭାବର ହୋଇଥାଏ ।

ଆଜିର ଗଳ୍ପରେ ଥିବା ସାବତ ମା ଏଥିରୁ ସମ୍ପୂର୍ଣ୍ଣ ଭିନ୍ନ ।

ମୁକୁନ୍ଦପୁର ଶାସନରେ  ଶ୍ୟାମ ସୁନ୍ଦର ବାବୁଙ୍କ ଘର । ସେ ଚାକିରୀ କରୁଥିବା ବେଳେ ବିବାହ କଲେ, ବେଶ ହସ ଖୁସିରେ ସଂସାର ଚାଲି ଥାଏ । ତାଙ୍କର ଦୁଇଟି ପୁଅ ଜନ୍ମ ନେଲେ । ଦୁହେଁ ଯାଆଁଳା ପିଲା । ପିଲା ଦୁଇଟିକୁ ଏକ ବର୍ଷ ପୁରିଲା ବେଳକୁ ପିଲାଙ୍କୁ ଛାଡି ଶ୍ୟାମବାବୁଙ୍କ ସ୍ତ୍ରୀ ଆର ପାରି ଚାଲିଗଲେ ।



ସୁରେଶ ଚନ୍ଦ୍ର ପାଢ଼ୀ

ଶ୍ୟାମବାବୁ ଦୁଃଖରେ ଭାଙ୍ଗି ଗଲେ । ଆତ୍ମୀୟ ସ୍ୱଜନମାନେ ବୁଝାଇଲେ । ପୁଣି ବିବାହ କରିବାକୁ, ଶେଷରେ ସେ ମୀରା ନାମକ ଏକ ଗରିବ କନ୍ୟାକୁ ବିବାହ କଲେ ।

କିନ୍ତୁ ଦୁଃଖର ବିଷୟ ଶ୍ୟାମବାବୁ ଏକ ଦୁର୍ଘଟଣାରେ ଚାଲିଗଲେ । ଘରେ  ଥାଆନ୍ତି ଦୁଇଟି ସନ୍ତାନ, ଆଉ ଗର୍ଭରେ ଥାଏ ଆଉ ଏକ ସନ୍ତାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

କିଛି ଦିନ ପରେ ମୀରା ଏକ ପୁତ୍ରକୁ ଜନ୍ମ ଦେଲେ ।

ସମୟ ଗଡି ଚାଲିଲା । ମୀରା ନିଜ ପୁଅକୁ ଯେତିକି ସ୍ନେହ କରେ, ସାବତ ପୁଅଙ୍କୁ ସେତିକି ଭଲ ପାଏ । ବେଳେ ବେଳେ ନିଜେ ନ ଖାଇ ସବୁ ପିଲାଙ୍କୁ ଦେଇଦିଏ ।

ଥରେ ବଡ଼ ପୁଅ ଭୀଷଣ ରୋଗରେ ପଡିଲା, ତାର ରକ୍ତ ଦରକାର ହେଲା । କାହାରି ରକ୍ତ ତା ସହ ମିଶିଲାନି, କିନ୍ତୁ ମୀରା ତାର ରକ୍ତ ପରୀକ୍ଷା କରି ନିଜ ରକ୍ତ ଦେଇ ବଡ଼ ପୁଅର ଜୀବନ ବଞ୍ଚାଇଲା । ଗାଁ ଲୋକେ ଏହା ଦେଖି ମୁଗ୍ଧ ହେଲେ । ଦିନେ ସାନ ପୁଅ ପାଇଁ ସେ ତାର ସବୁ ସୁନା ଗହଣା ବିକି ତାକୁ ଡାକ୍ତରୀ ପାଠ ପଢାଇଲା ।

ନିଜ ପୁଅ ଭଲ ନ ପଢି ଗାଁରେ ରହିଲା । ସାବତ ପୁଅକୁ ସେ ନିଜ ପୁଅ ପରି ଦେଖେ । ହେଲେ ସେମାନେ ମୀରାକୁସାବତ ମା କହି ଗାଳି ଦିଅନ୍ତି ।

ସେମାନେ ନିଜ ମନ ଇଚ୍ଛା ବିବାହ କରିଲେ । ସହର ଯାଇ ଚାକିରୀ କରି ରହିଲେ । ମୀରା ପୁଅ ମାନଙ୍କ ପାଖରେ ରହିବାକୁ ମନା କରିଲା । ସେମାନେ ମୀରାକୁ ସହର ଆଣିଲେ । ତାର ନିଜ ପୁଅ ଗାଁ ଛାଡି ଗଲାନାହିଁ । ମୀରା ପୁଅମାନଙ୍କ ଘରେ ରହିଲା ହେଲେ ଚାକରାଣୀ ହୋଇ, ପୁଅମାନେ ଭାରି କଟୁ କଥା କହି କଷ୍ଟ ଦିଅନ୍ତି । ତଥାପି ସେ ଈଶ୍ୱରଙ୍କୁ କୁହେ ହେ ମହାପ୍ରଭୁ ମୋ ପିଲାକୁ ଭଲରେ ରଖିଥାଅ ।

ମୀରା ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା । ନିର୍ଦ୍ଦୟ ପୁଅମାନେ ଭାଗ ବାଣ୍ଟି ମୀରାକୁ ଘରେ ରଖିଲେ । କିନ୍ତୁ ସାବତ ମା ଭାବି ଭାରି କଷ୍ଟ ଦିଅନ୍ତି, ଖାଇବାକୁ ବି ଭଲରେ ଦିଅନ୍ତି ନାହିଁ । ହେଲେ ମୀରା କାହାକୁ କିଛି କୁହେନି ।

ଦିନେ ବଡ଼ ପୁଅ ରୋଗରେ ପଡି ଛଟପଟ ହେଲା ଡାକ୍ତର କହିଲେ, ତାର କିଡ଼ନୀ ଦରକାର । ହେଲେ କିଡ଼ନୀ ଦେବ କିଏ କେହି ରାଜି ହେଲେନି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିନ୍ତୁ ଅନାବିଳ ସ୍ନେହ କରୁଥିବା ସାବତ ମା ମୀରା ନିଜ କିଡିନି ଦେବାକୁ ରାଜି ହୋଇ ଗଲା । ଧନ୍ୟ ସେଇ ମା ଯିଏ ନିଜ ଜୀବନକୁ ବି ବାଜିରେ ଲଗାଇ ଦେଲା ।

ପୁଅଟି ଭଲ ହେଲା । କିନ୍ତୁ ତାର ହୃଦୟ ବଦଳିଲା ନାହିଁ ।

ପୁଣି ଦିନେ ବୋହୁର ଆଖି ଅପରେସନ୍ ହେଲା ଯେଉଁ ବୋହୁ ଖାଇବାକୁ ନ ଦେଇ ଗାଳି ଦିଏ ସେ ତା ପାଇଁ ନିଜର ଦୁଇ ଆଖି ବି ଦେଇ ଦେଲା ।

ହେଲେ ଶେଷ ଜୀବନରେ ନିର୍ଦ୍ଦୟ ପୁଅ ମାନେ ତାକୁ ଏତେ ପର ଭାବିଲେ ମୁହଁରେ ପାଣି ଟୋପାଏ ବି ଦେଲେନି । ମୀରା ପୁଅ ଙ୍କୁ ଝୁରି ଝୁରି ଆରପାରି ଚାଲିଗଲା ।

ସାବତ ମା ସିନା ଚାଲିଗଲା ଦୁନିଆକୁ କହିଗଲା ମା କେବେ କୁମାତା ହେବନି ।

ସେ ଦେବକୀ ହେଉ ଅବା ଯଶୋଦା ହେଉ, ମା'ର ତ୍ୟାଗ ମହାନ ।

ବୁଗୁଡ଼ା,ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାଜନ ତଡ଼ିଦେବ

କଳା ମଚମଚ ଚେହେରା ସାଙ୍ଗକୁ ନିଳ ରଙ୍ଗର ସାର୍ଟ ତା ସହିତ ମଇଳା ଧଳା ଧୋତି ଖଣ୍ଡେ ପିନ୍ଧି ଗାଆଁ ଗାଆଁ ବୁଲି ଡାକ ଛାଡ଼ୁଥାନ୍ତି ବୁଢ଼ା ମଉସା ଜଣେ । ଶୁଖୁଆ ନବ ଶୁଖୁଆ । ତାଙ୍କ ଡାକ ଶୁଣି ଭାରି ଆଦରରେ ସମସ୍ତେ ଦୌଡି ଯାଆନ୍ତି ଶୁଖୁଆ କିଣିବା ପାଇଁ । ବୁଢ଼ା ମଉସା କିନ୍ତୁ ଟିକେ ଚଢା ଦରରେ ବିକ୍ରୀ କରନ୍ତି । ଯଦି କେହି ପଇସା କାଟିବା କଥା କୁହନ୍ତି ସାଙ୍ଗେ ସାଙ୍ଗେ ମଉସା କୁହନ୍ତି ନାଇଁ ମାଆ ମରିଯିବି ମହାଜନ ତଡିଦେବ ଯେ । ମୁଁ ସେତେବେଳକୁ ବହୁତ ଛୋଟ ଥାଏ ତାଙ୍କର ଏ କଥାର ଅର୍ଥ କିଛି ବି ବୁଝି ପାରେନାହିଁ ।

ବହୁତ ଦିନ ପରେ ସେ ମଉସାଙ୍କ ସହିତ ଦେଖାହେଲା । ଏବେ କିନ୍ତୁ ସେ ବହୁତ ବୁଢା ହେଇଗଲେଣି ଆଗ ଭଳି ଚାଲି ଚାଲି ବେପାର କରୁ ନାହାନ୍ତି । ସାଇକେଲରେ ଗାଆଁ ଗାଆଁ ବୁଲି ବେପାର କରୁଛନ୍ତି । ତାଙ୍କୁ କହିଲି ମଉସା ମହାଜନ ତଡି ଦେଇନି । ମୋ କଥା ଶୁଣି ମଉସାଙ୍କ ଆଖିରୁ ଦୁଇଧାର ଲୁହ ବହିଗଲା ।



ଝରଣା ବାରିକ

କହିଲେ ସେ କଥା ମନେ ରଖିଛୁ ଝିଅ । ମହାଜନ ତଡି ଦେଇଥିଲେ ମୁଁ କଣ ଜିନିଷ ଆଣି ବେପାର କରିଥାନ୍ତି ।

ଆଉ ଗାଁକୁ ଯାଇନ... ? ମୁଁ ପଚାରିଲି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋ କଥାରେ ଉତ୍ତର ଦେବାକୁ ଯାଇ ମଉସା କହିଲେ, ଯାଇଥିଲିରେ ମାଆ । ପିଲାମାନେ ସମସ୍ତେ ବଡ଼ ହେଇଗଲେଣି ନିଜ ଗୋଡ଼ରେ ନିଜେ ଠିଆ ହେଲେଣି । ବଡ଼ ପୁଅ ଇଞ୍ଜିନିୟର । ସାନ ପୁଅ ବଡ ଲୁଗା ଗୋଦାମ କରିଛି । ଏ କଥା ଶୁଣି ମୁଁ ପଚାରିଲି ମଉସା ତମେ ଗାଆଁରେ ନ ରହି ପୁଣି ଏଠିକି କାହିଁକି ଆସିଲ । ପୁଣି ଏ ବୟସରେ ବେପାର କରୁଛ ।

ଆଖିର ଲୁହକୁ ଗାମୁଛାରେ ପୋଛୁ ପୋଛୁ ମଉସା କହିଲେ ଯାହା ଟଙ୍କା ରୋଜଗାର କଲି ଏ ମାନଙ୍କ ପାଇଁ ଖର୍ଚ୍ଚ କରି ଏମାନଙ୍କୁ ମଣିଷ କଲି । ଆମ ବୁଢ଼ାବୁଢ଼ୀଙ୍କ ପାଇଁ ଗୋଟିଏ ଟଙ୍କା ବି ସଞ୍ଚୟ କରିନି । ଆମ ପାଇଁ ତମେ କଣ କରିଛ ବୋଲି କହି ପୁଅ ବୋହୂ ଖାଇବାକୁ ଦିମୁଠା ଦେଲେ ନାହିଁ । ଗୋଡ଼ ହାତ ଚଳୁ ଥାଉଥାଉ ତାଙ୍କ ଉପରେ ବୋଝ ହେବା ପାଇଁ ଆମେ ଚାହିଁଲୁ ନାହିଁ ସେଥିପାଇଁ ବୁଢ଼ା ବୁଢ଼ୀ ଦୁଇଜଣ ଯାକ ପଳେଇ ଆସିଲୁ ।

ମୁଁ ସିନା ସଚ୍ଚୋଟ ବୋଲି ମହାଜନ ତଡି ଦେଲା ନାହିଁ । ଯାହା ପାଇଁ ମୁଁ  ଜୀବନ ସାରା ଖଟି ଖଟି ସେମାନଙ୍କୁ ମଣିଷ କଲି ସେଇ ମହାଜନ ଆଜି ମତେ ତଡି ଦେଲା ଲୋ ଝିଅ । ଏହା କହି ମଉସା ଛୋଟ ପିଲା ଭଳି କଇଁ କଇଁ ହୋଇ କାନ୍ଦି ପକେଇଲେ । ତାଙ୍କ କାନ୍ଦ ଦେଖି ମୋ ଆଖିରେ ବି ଲୁହ ଜକେଇ ଆସୁଥିଲା ।

ଝରଣା ବାରିକ

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଇଏ ବି ଏକ ସ୍ୱାଧୀନତା

ସେଦିନ ଥାଏ ଅଗଷ୍ଟ ପନ୍ଦର । ଆମର ପବିତ୍ର ସ୍ୱାଧୀନତା ଦିବସ । ଏହି ଅବସରରେ ରୋଟାରୀ କ୍ଲବ୍ ତରଫରୁ ଏକ ସଭା ଆୟୋଜନ କରାଯାଇଥାଏ । ଯେଉଁ ସଭାକୁ ମହାନ୍ତିବାବୁଙ୍କୁ ମୁଖ୍ୟ ଅତିଥି ରୂପେ ଡକା ଯାଇଥାଏ । ମହାନ୍ତିବାବୁ ହେଉଛନ୍ତି ଏକ ସରକାରୀ କର୍ମଚାରୀ ବ୍ୟକ୍ତି । ତାଙ୍କର ପରିବାର କହିଲେ ସେ, ତାଙ୍କ ସ୍ତ୍ରୀ, ତାଙ୍କର ଗୋଟେ ପୁଅ ଏବଂ ଗୋଟେ ଝିଅ । ପୁଅଟି ଇଞ୍ଜିନିୟରିଂ ପଢୁଛି ଓ ଝିଅଟି ଏବେ ଦଶମ ଶ୍ରେଣୀରେ । ତାଙ୍କ ଘରେ ଆଉ ଦୁଇ ଜଣ ଖାସ୍ ମେମ୍ବର୍ ମଧ୍ୟ ଅଛନ୍ତି । ସେମାନେ ହେଲେ ଟମି (ତାଙ୍କର ପୋଷା କୁକୁର) ଏବଂ ପୁତୁ (ତାଙ୍କର ପୋଷା ଶାରୀ) । ଚୋରି ହେବାର ଆଶଙ୍କା ଲାଗି ସେ ଏହି ଦୁଇ ଜଣଙ୍କୁ ପାଳିଛନ୍ତି । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ପୁତୁ ତ ମଣିଷଙ୍କ ଭଳି କଥା ମଧ୍ୟ କହିପାରେ ।



ଶୁଭମ୍ କୁମାର ସାହୁ

ସେଦିନ ସେମିତି ସେ ସକାଳୁ ଉଠି ଗାଧୋଇ ପାଧୋଇ ସୁଟ୍, ସାର୍ଟ ଓ କୋଟ୍ ପିନ୍ଧି ବାହାରିଲେ ରୋଟାରୀ କ୍ଲବ୍ ଅଭିମୁଖେ । ଗଲା ସମୟରେ ଟମିକୁ ବାନ୍ଧି ଦେଇଗଲେ ତାର ଠିକଣା ସ୍ଥାନରେ ଏବଂ ପୁତୁକୁ ତାର ପଞ୍ଜୁରୀ ଭିତରେ । ଏମିତି ବି କେତେ ଲେଟ୍ ହେଇଗଲାଣି । ଏଇ କିଛି ମାସ ହେବ ସେ ଏକ ନୂଆ ଫୋର୍ ହ୍ୱିଲର୍ କିଣିଛନ୍ତି । ମୂଲ୍ୟ ପାଖାପାଖି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଢେଇ ଲକ୍ଷ ଟଙ୍କା ହେବ । ହେଲେ ଏ ସବୁ ପଇସା ତ ତାଙ୍କର ବାଁ ହାତର । ସେଦିନ ସେ ରାସ୍ତାରେ ଯାଉଯାଉ ଦେଖିଲେ ଜଣେ ସ୍ୱାମୀ ତା ସ୍ତ୍ରୀକୁ ନିର୍ଦ୍ଦୟ ଭାବେ ପିଟାମରା କରୁଛି । ସେ ସେଠାକୁ ଯିବା ପାଇଁ ଇଚ୍ଛା କରି ମଧ୍ୟ ଯାଇ ପାରୁନଥିଲେ । କାରଣ ସେପଟୁ ରୋଟାରୀ କ୍ଲବ୍ ତରଫରୁ ତାଙ୍କ ପାଖକୁ ବାରମ୍ବାର ଫୋନ୍ ଆସୁଥାଏ । ସେଥିପାଇଁ ସେ ତାକୁ ଅଣଦେଖା କରି ସ୍ପିଡ୍‌ରେ ଗାଡ଼ି ଚଳେଇ ପହଞ୍ଚିଗଲେ ରୋଟାରୀ କ୍ଲବରେ । ତାଙ୍କୁ ପାଛୋଟି ନେବା ପାଇଁ ଲୋକଙ୍କ ଭିଡ଼ । ସେ ଏବେ ହଲ୍ ମଧ୍ୟକୁ ଯାଇ ତାଙ୍କ ପାଇଁ ଥିବା ନିର୍ଦ୍ଦିଷ୍ଟ ଚେୟାରରେ ବସି ପଡିଲେ । ଏବେ ତ ଅନ୍ୟ ଅତିଥିମାନଙ୍କର ଭାଷଣ ଦେବା ଆରମ୍ଭ ହୋଇଗଲାଣି । ଅଗଷ୍ଟ ପନ୍ଦର ଉପଲକ୍ଷେ ପ୍ରାରମ୍ଭିକ ସଙ୍ଗୀତ ସାଙ୍ଗକୁ ପିଲାମାନଙ୍କର କେତେ ପ୍ରକାର ନୂତନ ଚିନ୍ତାଧାରାର ଭାଷଣ । ଏବେ ମହାନ୍ତିବାବୁଙ୍କୁ ଡକାଗଲା ଭାଷଣ ଦେବା ପାଇଁ । ସେ ମଧ୍ୟ ଖୁବ୍ ସୁନ୍ଦର ଭାଷଣ ଦେଉଥାନ୍ତି ।

ସେପଟେ ତାଙ୍କ ସ୍ତ୍ରୀ ପୁତୁକୁ ଖାଇବା ଦେବା ସମୟରେ ହଠାତ୍ ପୁତୁ କେମିତି କେଜାଣି ପଞ୍ଜୁରୀରୁ ବାହାରି ଉଡ଼ିଗଲା । ସେ କଣ କରିବେ କିଛି ଭାବି ନପାରି ଟମିକୁ ଚେନରୁ ଖୋଲି ଦେଲେ ଏବଂ ପୁତୁକୁ ଧରିବା ପାଇଁ କହିଲେ । ଟମି ଦୌଡୁଥାଏ ପୁତୁ ପଛରେ ଏବଂ ଟମିକୁ ପିଛା କରି ମହାନ୍ତିବାବୁଙ୍କ ସ୍ତ୍ରୀ । ପୁତୁ ଉଡ଼ିଉଡ଼ି ଯାଇ ପହଞ୍ଚିଗଲା ସେଇ ରୋଟାରୀ କ୍ଲବରେ, ଯେଉଁଠି ମହାନ୍ତିବାବୁ ଭାଷଣ ଦେଉଥାନ୍ତି । ମହାନ୍ତିବାବୁ ପୁତୁକୁ ଦେଖି ଆଶ୍ଚର୍ଯ୍ୟ ହେଇଗଲେ । ମାତ୍ର କିଏ ଜାଣିଥିଲା ସେଦିନ ଥିଲା ଗୋଟେ ଶାରୀର ଦିନ । ସେ କହୁଥିଲା - "ବାବୁ, ଆପଣ ସିନା ସ୍ୱାଧୀନରେ କେତେ ଜାଗା ବୁଲି ପାରୁଛନ୍ତି । ହେଲେ ଆମେ ?

ଏତିକି କଥା କହିଛି କି ନାହିଁ ପଛରୁ ଟମି ଓ ମହାନ୍ତିବାବୁଙ୍କ ସ୍ତ୍ରୀ ଆସି ସେଠାରେ ପହଞ୍ଚିଗଲେ । ହେଲେ ପୁତୁର କଥା ସରି ନଥାଏ । ସେ ରାଗ ତମତମ ହୋଇ କହୁଥିଲା -

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ମୋତେ ପଞ୍ଜୁରୀରେ କାହିଁକି ରଖିଛନ୍ତି ? ଟମିକୁ କଣ ପାଇଁ ବାନ୍ଧି ରଖିଛନ୍ତି ? ଆମର କଣ କେବେ ସ୍ୱାଧୀନତା ନାହିଁ? ଆପଣ ହେଉଛନ୍ତି ପରା ଜଣେ ବଡ଼ ଅଫିସର୍ । ଆପଣ କଣ କିଛି ବି ଜାଣି ପାରୁନାହାନ୍ତି ? ଆପଣ ସଭିଙ୍କ ଆଗରେ କେତେ ସୁନ୍ଦର ସ୍ୱାଧୀନତାର ଭାଷଣ କହିଗଲେ । ହେଲେ ଆପଣ ତ ନିଜେ ଆମକୁ କେବେଠାରୁ ପରାଧୀନ କରି ରଖିଛନ୍ତି ।"

ସମସ୍ତଙ୍କ ଆଗରେ ଗୋଟେ ଶାରୀର ଏପରି କଥା ଶୁଣି ମହାନ୍ତିବାବୁଙ୍କୁ ଭାରି ଲାଜ ଲାଗିଲା । ଲାଜରେ ମୁଣ୍ଡ ତଳକୁ ହେଇ ଯାଉଥାଏ । ଲୋକଙ୍କ ଆଖିରେ ଆଖି ମିଶେଇ ପାରୁ ନଥିଲେ ସେଦିନ । ସେ ନିଜର ଭୁଲ୍ ବୁଝିପାରି ସେଦିନ ଉଭୟ ଶାରୀ ଓ କୁକୁରକୁ ନିଜ ପାଖରୁ ମୁକ୍ତ କରିଦେଲେ । ଉଭୟେ ତାଙ୍କ ମାଲିକକୁ ଛାଡ଼ି ଯିବାର ଦୁଃଖରେ ଥିଲେ ମଧ୍ୟ ଶାରୀଟେ ଉଡ଼ିଗଲା ଆକାଶର ବହୁଦୂରକୁ ଆଉ କୁକୁରଟେ କାନ୍ଦିକାନ୍ଦି ଚାଲିଗଲା ତା ମା ପାଖକୁ ।

ଆଉ ସେଦିନ ମହାନ୍ତିବାବୁ ସମସ୍ତଙ୍କୁ କହୁଥାନ୍ତି - ମୁଁ କେତେ ବଡ଼ ଭୁଲ୍ କରୁଥିଲି । ଆମ ଭଳି ଏମାନେ ମଧ୍ୟ ସ୍ୱାଧୀନ ରୂପେ ବଞ୍ଚିବା ଦରକାର । ସ୍ୱାଧୀନ ଭାରତରେ ଆମେ ସବୁ ସ୍ୱାଧୀନ, ସିଏ ପଶୁ ହେଉ ଅବା ମଣିଷ । ଏଠାରେ ସମସ୍ତଙ୍କର ସମାନ ଅଧିକାର ଅଛି ।

ଯାଉଯାଉ ହସି ଦେଇ ପଦେ କହିଗଲେ - "ଇଏ ବି ଏକ ସ୍ୱାଧୀନତା ।"

(ପ୍ରୋଗ୍ରାମ୍ ଅଫିସର୍ ତଥା ଗୀତିକାର)

ସା:ପଦାପଡ଼ା, ପୋ: ଗୁଡ଼ିଖାଳ

ଜିଲ୍ଲା: ବାଲେଶ୍ୱର, ପିନ୍: ୭୫୬୦୩୦

ଫୋନ୍ : ୮୯୧୭୫୧୨୭୪୭

Mail: sahoosubham603@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେରା ପଞ୍ଚମୀ

ରୋଗୀଣା ସ୍ତ୍ରୀର ସବୁ ଆଶା ଛାଡ଼ିଦେଇ ଅନ୍ୟମନସ୍କ ଭାବେ ପୁରୀ ରଥଯାତ୍ରା ସମୟରେ ଆନମନା ଭାବେ ଢେର ସାରା ରାତିଯାଏଁ ବୁଲୁଥିଲେ ମଦନ ବାବୁ ଗୁଣ୍ଡିଚା ମନ୍ଦିର ସଂଲଗ୍ନ ଏରିଆରେ ତ ହଠାତ ମନ୍ଦିର ଆଡୁ ଶଙ୍ଖ କାହାଳୀ ଘଣ୍ଟା ହୁଳହୁଳି ହରିବୋଲ ପ୍ରକମ୍ପିତ କରି ଆସୁଥିବା ବିମାନ ରେ ମାଆ ଲକ୍ଷ୍ମୀ ବିଜେ କଲେ, ବନ୍ଦ ହୋଇଗଲା ସବୁ ବାଦ୍ୟ ଆଉ ଭଙ୍ଗା ହେଲା ରଥର କାଠ, ଆଉ ଫେରିଗଲେ ଲକ୍ଷ୍ମୀ, ରାଗ ଶୁଝେଇ ଜଗନ୍ନାଥଙ୍କ ଉପରେ, ରଥ ଭାଙ୍ଗିଦେଇ ସାନ୍ତ୍ୱନାପାଇ ଫେରିଗଲେ ମହାମାୟୀ ହେଲେ ସେଇ ଝାପସା ଆଲୋକ ଭିତରେ ମଦନବାବୁଙ୍କ ଗୋଡ଼ରେ ଯାହା ବାଜିଲା, ଉଠେଇସାରି ଦେଖନ୍ତି ତ ଭରା ଭରା ନୋଟ ବଂଡଲ, କିଏ କୋଉ ଉଦ୍ଦେଶ୍ୟରେ ଆଣିଥିବ ଟଙ୍କା କୋଉ ଦରକାରରେ ଭାବି ଅନେକ ଚେଷ୍ଟା କଲେ ଫେରେଇବା ପାଇଁ, ହେଲେ ପ୍ରମାଣ ତ ପ୍ରମାଣ, କେହି ବି ଆସି କହିଲେନି ମୋ ଟଙ୍କା ହଜିଛି, ତ ଲୁହ ଭରା ଆଖିରେ ଲକ୍ଷ୍ମୀମାଆଙ୍କ ଦାନରେ ସ୍ତ୍ରୀଙ୍କୁ ଧରି ବଡ଼ ମେଡିକାଲରେ ଚିକିତ୍ସା କରେଇ ସ୍ତ୍ରୀ ସୁସ୍ଥ ହେଲେ ଓ ବଳି ପଡ଼ିଥିବା ଟଙ୍କାରେ ଭଲ ବେପାର ବି ଚାଲିଲା।।



ସୁନନ୍ଦା ମହାନ୍ତି

ସ୍ୱାମୀ ସ୍ତ୍ରୀ ଦୁହେଁ ସେଇଦିନଠୁ ପ୍ରତିବର୍ଷ ରଥଯାତ୍ରା ସମୟରେ ଠିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେରାପଞ୍ଚମୀ ଦିନ ଆସିଥାନ୍ତି ଭରା ମନିପର୍ସ ନେଇ, ଆଉ ସମସ୍ତଙ୍କ ଅଲକ୍ଷରେ ଅଜାଣତରେ ପକେଇ ଦିଅନ୍ତି ମନିପର୍ସ ଲକ୍ଷ୍ମୀମାଆଙ୍କ ରଥରୁ କାଷ୍ଠ ଭଙ୍ଗା କାର୍ଯ୍ୟକ୍ରମ ବେଳେ, ଆଉ ଫେରିଆସନ୍ତି, ଏହି ଆଶାରେ ଯେ ତାଙ୍କ ପରି କେହି ନିଶ୍ଚୟ ଲକ୍ଷ୍ମୀମାଆଙ୍କ ଦୟାରେ ଉପକୃତ ହୋଇପାରିବ ଆଉ ଆଜି ଜାଣିବାକୁ ନଚାହିଁ ବି ପାଗଳଟିଏ ମନିପର୍ସ ଉଠେଇ ଯେବେ ପାଇଛି ପାଇଛି, ତତେ ହଜେଇ ମୁଁ ଖୋଜୁଛି ଏଯାଏଁ, ଆଜି ପାଇଛି କହି ଚିତ୍କାର କରୁଥିଲା, ତ ମଦନବାବୁ ପାଖକୁ ଯାଇ ଦେଖିଲେ, ପାଗଳକୁ ଆଉ ଚିହ୍ନିଲେ ତାଙ୍କ ବସ ମାଲିକ ହରିବାବୁ, ଯାହାକୁ କେତେ ନେହୁରା ହୋଇ କି ବି ସେ ପଇସାଟେ ଦେଇନଥିଲେ ତାଙ୍କ ସ୍ତ୍ରୀଙ୍କ ଆରୋଗ୍ୟ ପାଇଁ, ସେଇ ହରିବାବୁଙ୍କ ଏମିତି ଅବସ୍ଥା ଦେଖି ସେ ଛାଡ଼ିଯାଇ ନଥିଲେ ତାଙ୍କୁ ବରଂ ସନ୍ଧାନ ନେଇ ତାଙ୍କ ପରିବାର ସହ ଭେଟିଥିଲେ, ସ୍ତ୍ରୀ ଚାଲି ଯାଇଥିଲେ ଏ ଭିତରେ, ପୁଅ କହୁଥିଲା ସବୁ ଟଙ୍କା ସହ ମନିପର୍ସ ହଜିଯାଇ, ତାଙ୍କର ଏ ଅବସ୍ଥା, ମଦନ ବାବୁ କେବଳ କହିଥିଲେ, ମନିପର୍ସ ମୁଁ ପାଇ ତାଙ୍କୁ ଫେରାଇ ଦେଇଛି, ଏଣିକି ସେ ଭଲ ହେଇଯିବେ, ପୁଅ ତାଙ୍କର ଆଶ୍ଚର୍ଯ୍ୟ ଚକିତରେ ଚାହିଁ କହୁଥିଲା, ଏତେ ବର୍ଷ ପରେ ମନିପର୍ସ କୋଉଠୁ ମିଳିଲା, କିଛି ଉତ୍ତର ନଦେଇ ମଦନ ବାବୁ ଫେରି ଆସିଥିଲେ ସତ ହେଲେ ତା ପରଠୁ ସେ ସେମିତି ପ୍ରତିବର୍ଷ ହେରାପଞ୍ଚମୀରେ ଟଙ୍କା ଭର୍ତ୍ତି ମନିପର୍ସ ଭିକାରୀ, ପାଗଳ ଭଳି ଦିଶୁଥିବା ବ୍ୟକ୍ତି ପାଇବା ଭଳି ପକେଇଦେଇ ଆସନ୍ତି ମାଆ ମହାଲକ୍ଷ୍ମୀ, ସମସ୍ତଙ୍କୁ ସାହା ହୁଅ ମାଆ କହି, ଆଉ ଏଥର ହରି ବାବଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ଦେଖି ମଦନ ବାବୁ ଓ ତାଙ୍କ ସ୍ତ୍ରୀ ଖୁସିରେ ଘରକୁ ଫେରିଥିଲେ, ହରିବାବୁଙ୍କର ପୂର୍ବ କଥା ସବୁ ମନେପଡ଼ି, ସେ ଯେବେ ଅନୁତପ୍ତ ବୋଲି କହୁଥିଲେ ମଦନ ବାବୁ କହୁଥିଲେ ନାହିଁ ଆଜ୍ଞା ମାଆ କମଳିନୀ ଓ ଜଗନ୍ନାଥ ଯାହାର ସାହା।

ସାକ୍ଷୀଗୋପାଳ, ପୁରୀ , ୭୦୦୮୯୪୨୧୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ହଜାର ମାରୁ

ଅନେକ ଦିନ ତଳର କଥା,

ଗୋଟିଏ ଗାଁରେ ହଜାର ମାରୁ ବୋଲି ଜଣେ ଲୋକ ରହୁଥିଲା । ଆପଣମାନେ ଭାବୁଥିବେ ନା ହଜାର ମାରୁ ଇଏ କେମିତିକା ଅଜବ ନାଁ ? କାରଣ ହେଉଛି କି ଲୋକଟି ପକ୍କା ଅଳସୁଆ ଥିଲା । କାମଧନ୍ଦାର ନାଁ ହିଁ ଉଠାଉ ନଥିଲା । ଘରେ ସେ ଆଉ ତା ସ୍ତ୍ରୀ କମଳି ରହୁଥିଲେ । ସବୁବେଳେ ନିଜ ଅଳସୁଆପଣକୁ ଧରି ଗାଁର କ୍ଲବ ଘରେ ବସି ରହେ । ଏମିତି ଦିନେ ବସୁ ବସୁ ସେ କେତେବେଳେ ଯେ ଗଣି ଗଣି ହଜାରେଟା ମାଛି ମାରିଦେଇଛି ସେ ନିଜେ ବି ଜାଣିନି । ସେହିଦିନ ଠାରୁ ଗାଁ ଲୋକେ ତାର ପ୍ରକୃତ ନାଁ ଭୁଲି ଯାଇ ତାକୁ ହଜାର ମାରୁ ବୋଲି ଡାକୁଥିଲେ ।

ହଜାର ମାରୁ କେମିତିକା ଲୋକ ଆପଣମାନେ ହଜାର ମାରୁ ବିଷୟରେ ଅଧିକ ଜାଣିବାକୁ ଚାହୁଁଛନ୍ତି ନା ତାହେଲେ କାହାଣୀଟିକୁ ଶେଷ ଯାଏଁ ପଢନ୍ତୁ ।



ସିଲ୍ପସ୍ମିତା ନାୟକ

ଏଣେ ହଜାର ମାରୁ କିଛି କାମଧନ୍ଦା କରୁ ନଥିବାରୁ କମଳି ସାରା ଗାଁ ଲୋକଙ୍କ ପାଖରେ ଉଧାରି ହେଇ ସାରିଲାଣି । ଆଜି ସାହି ଘରୁ ତ କାଲି ଗାଁ ଘରୁ ଆଉ ତା ପରଦିନ ବାପଘରୁ ଏମିତି ଧାର ଉଧାର କରି କରି ଏତେ କରିଦେଲାଣି ଯେ ଲୋକେ ଆଉ ତାକୁ ଉଧାର ଦେବାକୁ ମନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଛନ୍ତି । ସ୍ତ୍ରୀ ଲୋକ କେତେ ଯେ ପର ଠାରୁ ଧାର କରଜ କରି ଘର ଚଳାଇବ ।

ଦିନେ କମଳି ଚିନ୍ତାକଲା ମୋର ଗେରସ୍ତ ଥାଉ ଥାଉ ମୋତେ ୟାକୁ ତାକୁ ମାଗିବାକୁ ପଡୁଛି ଆଉ ଯିଏ ବି ଜାଣୁଛି ମୁଁ ୟାଙ୍କ ଭାରିଜା ବୋଲି ସେ ମୋତେ କାମ ବି ଦଉନି । ତା ଅପେକ୍ଷା ଇଏ ବଞ୍ଚିରହି କିଛି ଲାଭ ନାହିଁ । ସେ ମୋତେ ଖାଇବାକୁ ଦେବା ବଦଳରେ ମୁଁ ତାକୁ ଖାଇବାକୁ ଦଉଛି । ହୁଏତ ଇଏ ମରିଗଲେ ଗୋଟେ ପେଟକୁ ତ ଆହାର ମୁଠେ ଯୋଗାଇ ପାରିବି । ଏମିତିରେ ତ ଗୋଟେ ପେଟ ପୋଷିବା କଷ୍ଟକର କାମ ହେଉଛି ଦୁଇଟା ପେଟ କେମିତି ପୋଷିବି ?

ଆଚ୍ଛା କହିଲେ ଦେଖି ଆପଣ ଯଦି ଏମିତି ପରିସ୍ଥିତିରେ ଥାନ୍ତେ ତେବେ ଆପଣ କଣ କରିଥାନ୍ତେ ? ନିଶ୍ଚିତ ଭାବରେ ଆପଣଙ୍କୁ ରାଗ ଆସିଥାନ୍ତା, କିଛି କରିବାକୁ ଇଚ୍ଛା ହେଇଥାନ୍ତା । କିନ୍ତୁ ନିଜ ଲୋକ ବୋଲି କରିବାକୁ ଚାହିଁ ବି କିଛି କରିପାରିନଥାନ୍ତେ । କିନ୍ତୁ ଆପଣ ଜାଣନ୍ତି କମଳି କଣ କଲା ?

ଅନେକ ଚିନ୍ତା କରିବା ପରେ ସେ ସ୍ଥିର କଲା ହଜାର ମାରୁ ବଞ୍ଚି ରହିବା କିଛି ଦରକାର ନାହିଁ । ତେଣୁ କିପରି ହଜାର ମାରୁକୁ ମାରିବ ସେ ଉପାୟ ଚିନ୍ତା କରି ହଜାର ମାରୁକୁ ପାଖକୁ ଡାକି କହିଲା ଦେଖ, ଘରେ ଖାଇବାକୁ ଆଉ କିଛି ବି ନାହିଁ ସାହି ପଡ଼ିଶାରେ ଯାହାକୁ କିଛି ମାଗିଲେ ଆଉ କେହି ବି କିଛି ଦଉନାହାନ୍ତି । ତୁମେ ଗୋଟେ କାମ କର ମୋ ବାପଘରକୁ ଯାଅ । ସେଇଠୁ କିଛି ଧାନ ଚାଉଳ ଆଣି ଆସିବ ଆମେ କିଛି ଦିନ ଚଳିଯିବା । ପ୍ରଥମେ ହଜାର ମାରୁ ଯିବାକୁ ବାରଣ କରୁଥିଲା ପରେ କମଳି ବୁଝାସୁଝା କରିବାରୁ ପୁଣି ରାଜିହେଲା । କିନ୍ତୁ ଘରେ ତ କିଛି ନାହିଁ ଶଶୁର ଘରକୁ ଖାଲି ହାତରେ କିପରି ଯିବ ଏଇ କଥା ହଜାର ମାରୁ ଭାବିବାରୁ କମଳି ଘରେ ଥିବା ଖୁଦ ମୁଠାଏରେ ପିଠା ଦୁଇଟି ବନେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଜାର ମାରୁ କୁ ଦେଇ କହିଲା ଏଇ ପିଠା ନେଇ ଆମ ଘରକୁ ଯାଅ । କମଳିକୁ ଜଣା ଥିଲା ହଜାର ମାରୁ ନିଶ୍ଚୟ ପିଠା ଖାଇବ ।

ହଜାର ମାରୁ ଶଶୁର ଘରକୁ ଯିବା ପାଇଁ ସକାଳୁ ସକାଳୁ ପିଠା ନେଇ ବାହାରି ପଡ଼ିଲା । ଏଣେ ଅସଲି କଥାଟି ହଜାର ମାରୁକୁ ଜଣା ନଥାଏ ଯେ ତା ସ୍ତ୍ରୀ ତାକୁ ମାରିବାକୁ ପିଠାରେ ବିଷ ମିଶେଇଛି । ଏଣେ ହଜାର ମାରୁ ଚାଲି ଚାଲି ଥକି ପଡ଼ିବାରୁ ତାକୁ ବହୁତ୍ ଜୋରରେ ଭୋକ ଲାଗିଲାଣି । ମନରେ ଭାବିଲା ଦୁଇଟି ପିଠା ତ ଆଣିଛି ଯାଉଛି ସେଥିରୁ ଗୋଟିଏ ପିଠା ଖାଇ ଆଉ ଗୋଟିଏ ନେଇ ଶଶୁର ଘରକୁ ଯିବି । ଏହି କଥା ଭାବି ହଜାର ମାରୁ ଗୋଟିଏ ନଦୀ କୂଳରେ ଅଟକି ପିଠାକୁ ଥୋଇ ସେଇଠି ଥିବା ବୁଦାରୁ ଦାନ୍ତକାଠିଟିଏ ଭାଙ୍ଗି ଦାନ୍ତ ଘଷି ଘଷି ନଦୀ ଭିତରକୁ ପଶିଲା ଗାଧୋଆ ସାରି ପିଠା ଖାଇବାକୁ । ଠିକ୍ ସେହି ସମୟରେ କୁଆଡୁ କେଜାଣି ମାଡି ଆସିଲା ଗୋଟିଏ ଭୟଙ୍କର ଦେଖାଯାଉଥିବା ମହାବଳଶାଳୀ ହାତୀଟାଏ ।

ଆଛା ଟିକିଏ ଭାବିଲେ, ସେହି ସମୟରେ ଆପଣ ସେଇଠି ଥିଲେ କଣ କରିଥାନ୍ତେ ? ସାଧାରଣ ଭାବରେ ମଣିଷକୁ ଜୀବଜନ୍ତୁଙ୍କଠାରୁ ଡର ଲାଗେ । ହୁଏତ ଆପଣ ସେଇଠୁ କିପରି ନିଜ ଜୀବନ ବଞ୍ଚାଇ ପଳାଇବାକୁ ଚେଷ୍ଟା କରିଥାନ୍ତେ । କିନ୍ତୁ ହଜାର ମାରୁ କଣ କଲା ଜାଣନ୍ତି ?

ସେ ଖାଇବାକୁ ଥିବା ପିଠାକୁ ହାତୀ ଖାଉଥିବା ଦେଖି ନଦୀ ଭିତରୁ ଦୌଡି କି ବାହାରକୁ ଆସୁ ଆସୁ ହାତୀ ସବୁ ପିଠା ଖାଇ ସାରିଥିଲା । ରାଗରେ ହଜାର ମାରୁ ଶଳା ହାତୀ, ମୋ ପିଠା ଖାଇଦେଲୁ କହି ହାତୀର ମୁହଁକୁ ମୁଖିଟାଏ ମାରିଲା । ଦେଖୁ ଦେଖୁ ସେହି ଗୋଟିଏ ମୁଖିରେ ହାତୀର ଜୀବନ ଗଲା । ସେହି ହାତୀଟି ସେହି ରାଜ୍ୟର ରାଜାଙ୍କ ହାତୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଥିଲା । ରାଜାଙ୍କ ସୈନ୍ୟ ହାତୀକୁ ଖୋଜି ଖୋଜି ଆସି ଦେଖନ୍ତି ତ ହାତୀ ନଦୀ କୂଳରେ ମରି ପଡିଛି ।

ଏଣେ ହଜାର ମାରୁ ନିଜେ ବି ଜାଣି ନଥାଏ ଯେ ଗୋଟାଏ ମୁଖିରେ ସେ କିପରି ମହାବଳଶାଳୀ ହାତୀକୁ ମାରି ପାରିଲା ? ଶେଷରେ ହଜାର ମାରୁ ମୁଣ୍ଡକାନ ଆଉଁସି ଘରକୁ ଫେରି ସ୍ତ୍ରୀକୁ ସବୁ କଥା କହିଲା । କମଳି ଅସଲି କଥାଟି କଣ ବୁଝିଗଲା କାରଣ ଏ କଥାର ରହସ୍ୟ କେବଳ ଜଣକୁ ଜଣାଥିଲା ସେ ଥିଲା ହଜାର ମାରୁ ସ୍ତ୍ରୀ କମଳି । କିନ୍ତୁ ନିଜ ସ୍ୱାମୀକୁ ମାରିବାକୁ ପିଠାରେ ସେ ବିଷ ମିଶେଇ ଥିଲା ଏ କଥା ସେ କିପରି କହିବ ଭାବି କିଛି ନ କହି ଚୁପ୍ ରହିଲା । ଶେଷରେ ସାରା ରାଜ୍ୟରେ ହୁରି ପଡ଼ିଲା ଯେ ଗୋଟାଏ ମୁଖିରେ ହଜାର ମାରୁ ମହାବଳଶାଳୀ ହାତୀକୁ ମାରି ଶୋଆଇଲା । ରାଜା ସୈନ୍ୟଗଣକୁ ଆଦେଶ ଦେଲେ କିଏ ସେ ବଳବାନ ଯିଏ ଗୋଟାଏ ମୁଖିରେ ଏତେବଡ଼ ହାତୀର ଜୀବନ ନେଲା ତାକୁ ଧରିଆଣ ମୋ ଦରବାରକୁ ମୁଁ ତାକୁ ଦେଖିବାକୁ ଚାହେଁ । ରାଜାଙ୍କ ଆଦେଶରେ ସୈନ୍ୟଗଣ ହଜାର ମାରୁ ଓ କମଳିକୁ ଦରବାରକୁ ନେଇଆସିଲେ । ରାଜା ହଜାର ମାରୁକୁ ଦେଖି ଆଶ୍ଚର୍ଯ୍ୟ ଇଏ କଣ ଏପରି ଜରାଜୀର୍ଣ୍ଣ ଶରୀର ଧାରଣ କରିଥିବା ବ୍ୟକ୍ତି କିପରି ମହାବଳଶାଳୀ ହାତୀକୁ ମାରିପାରିଲା ? ରାଜା ବିଶ୍ୱାସ କରିପାରୁ ନଥିଲେ ଯେ ହଜାର ମାରୁ ହାତୀକୁ ମାରିଛି ତାହା ପୁଣି ଗୋଟାଏ ମୁଖିରେ । ରାଜା ଜାଣିବାକୁ ଚାହୁଁଥିଲେ ଯେ ହଜାର ମାରୁ ସତରେ ବଳବାନ୍ ନା ନାହିଁ ତେଣୁ ସେ ଏକ କୁସ୍ତିଯୁଦ୍ଧର ଆୟୋଜନ କରିବାକୁ କହିଲେ । ଶେଷରେ ସାରା ରାଜ୍ୟରେ ଘୋଷଣା କରାଗଲା ଯେ ଆଜିଠାରୁ ସାତଦିନ ପରେ ହଜାର ମାରୁ ଓ କୁସ୍ତିଯୁଦ୍ଧାଙ୍କ ମଧ୍ୟରେ ଯୁଦ୍ଧ ହେବ । ଏହି ଯୁଦ୍ଧରେ ଯିଏ ଜିତିବ ତାକୁ ଗୋଟିଏ ଗାଁ ଏବଂ ସୁନାଗହଣା ଉପହାର ଦିଆଯିବ । ରାଜା ଭିନ୍ନ ଭିନ୍ନ ରାଜ୍ୟମାନଙ୍କରୁ ମହାବଳଶାଳୀ କୁସ୍ତିଯୁଦ୍ଧାମାନଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ତରଫରୁ ଲଢିବାକୁ ନିମନ୍ତ୍ରଣ ଦେଲେ ।

ଏଣେ ହଜାର ମାରୁ ଯୁଦ୍ଧର ନାଁ ଶୁଣି ଭୟରେ ଥରହର କୁଆଡେ ଯିବ ବାଟ ଖୋଜୁଛି କିନ୍ତୁ ରାଜାଙ୍କ ସୈନ୍ୟ ତାକୁ ଜଗି ରହିଛନ୍ତି । ଏପଟେ କୁସ୍ତିଯୁଦ୍ଧାମାନେ ରାଜ ଦରବାରରେ ପହଞ୍ଚି ଗଲେଣି । ସକାଳ ହେଲେ ଯୁଦ୍ଧ ଆରମ୍ଭ କରାଯିବ । ହଜାର ମାରୁ ବିଷୟରେ ସାରା ଗାଁରେ କଥା ଚାଲିଛି ଯେ ସେ କିପରି ଗୋଟାଏ ମୁଖିରେ ହାତୀକୁ ମାରି ଶୁଆଇଛି । ଏ କଥା କଣ ସତ ତାହା ଜାଣିବାକୁ କୁସ୍ତିଯୋଦ୍ଧାମାନେ ସନ୍ଧ୍ୟା ସମୟରେ ଲୁଚି ହଜାର ମାରୁର ଘର ପଛକୁ ଗଲେ । ଠିକ୍ ସେହି ସମୟରେ ହଜାର ମାରୁ କମଳି ସହ ଯୁଦ୍ଧ ବିଷୟରେ କଥା ହେଉଥାଏ ।

ହଜାର ମାରୁ କହିଲା, କଣ କରିବି ଲୋ କମଳି କିଛି ବି ବୁଦ୍ଧିବାଟ ଦିଶୁନି । ହାତୀ କେମିତି ମଲା ସେ କଥା ତ ମୋତେ ଜଣାନାହିଁ ହେଲେ ମୁଁ କେମିତି ମରିବି ଏଇ କଥାଟା ମୁଁ ଭଲଭାବରେ ଜାଣିଛି । ଏ କମଳି ଲୋ, ତୋ ଗେରସ୍ତ ଆଉ ବଞ୍ଚିବନି ଏ ଯେଉଁ ଲଢୁଆଙ୍କ ହାତରେ ମଲା ବୋଲି ଜାଣେ । ଏତିକିବେଳେ ଘର ପଛରୁ ଖୁସୁରୁ ଖାସୁରୁ ଶବ୍ଦ ଶୁଭିଲା । ହଜାର ମାରୁ ବୁଝିଗଲା କେହି ତାର କଥା ଶୁଣୁଛି । ତେଣୁ ସେ ନିଜର ଡର ଲୁଚେଇ ପୁରା ଧାକ୍ ର ସହ ଚାଲାକି ଦେଖେଇ କଥାଟାକୁ ଓଲଟାଇ କହିଲା, ଏ କମଳି ତୋ ଗେରସ୍ତକୁ ତୁ କଣ ବୋଲି ଭାବିଚୁକି ଗୋଟାଏ ମୁଖି ମାରିଲି ଯେ, ଏତେ ବଡ଼ ହାତୀଟାଏ ବାଉଁଶ ଗୁଛା ପଡିଲା ପରି ଟଳି ପଡିଲା ଆଉ ଏଇ ଯଉ କୁସ୍ତି ଲଢିବାକୁ ଆସିଛନ୍ତି ଏମାନେ ମୋ ଆଗରେ ମାଛି ପରିକା । ଦେଖିବୁନି ତୋ ଗେରସ୍ତକୁ ସେଦିନ ଲଢିଲାବେଳେ ସତ କହୁଛି ଲୋ କମଳି ମାରିବି ମାରିବି ନ ମାରି ପାରିଲେ ଗେବେଳେଇ ଦେବି ଆଉ ।

ଏ କଥା ଶୁଣି କୁସ୍ତି ଲଢିବାକୁ ଆସିଥିବା ଲୋକମାନେ ପରସ୍ପରକୁ ପଚରାଉଚରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ଆରେ, ମୁଁ ତ ମାରିବା ଜାଣିଛି ଏ ଗେବେଳେଇବାଟା ପୁଣି କଣ କାଇଁ ମୁଁ ତ ଶିଖିନି । ଏମିତି ୬ଜଣ ଯାକ କେହି ବି ଗେବେଳେଇବା କଣ ଶିଖିନାହାନ୍ତି ବୋଲି କହିଲେ । ଶେଷରେ ସମସ୍ତେ ମିଶି ସ୍ଥିର କଲେ ଭାଇମାନେ, ବଞ୍ଚି ରହିଥିଲେ କେତେ ଗାଁ କେତେ ସୁନାଗହଣା ଉପହାରରେ ମିଳିବ । ଯଦି ହଜାର ମାରୁ ସତରେ କାଲି ଆମକୁ ଗେବେଳେଇ ଦେବ ଗାଁ ଆଉ ସୁନାଗହଣା କାହାକୁ ମିଳିବ ବଞ୍ଚଥିଲେ ସିନା ଭୋଗ କରିବା । ଚାଲ ଭାଇମାନେ, ଏଇଠୁ ଜୀବନ ନେଇ ପଳାଇବା । ଶେଷରେ ସମସ୍ତ କୁସ୍ତି ଲଢୁଆ ରାତି ରାତି ରାଜଦରବାର ଛାଡ଼ି ମାରିଲେ ଚମ୍ପଟ ।

ସକାଳ ହେଲା ହଜାର ମାରୁ କଣ କଲେ ତାକୁ କୁସ୍ତି ଲଢିବାକୁ ପଡିବନି ଘର କୋଣରେ ଲୁଚି ବସି ଭାବୁଥାଏ । ହଠାତ୍ ଶୁଣାଗଲା କୁସ୍ତି ଲଢୁଆମାନେ ହଜାର ମାରୁକୁ ଡରି ପଳେଇଛନ୍ତି । ଏ କଥା ଶୁଣି ହଜାର ମାରୁ ର ସାହସ ବଢିଗଲା ।

ଆଛା, କହିଲେ ଦେଖି ହଜାର ମାରୁ ତା ପରେ କଣ କରିଥିବ ? ସାଧାରଣ ଭାବରେ ମଣିଷର ପ୍ରକୃତି ହେଉଛି ଯେତେବେଳେ ଗୋଟିଏ କାମ ଅନ୍ୟ ଜଣେ କରୁଥିବ ସେତେବେଳେ ତାର ଫୁଟାଣି ବାହାରେ, ଏଇ କାମଟା ଏମିତି ହେଇନି, ସେମିତି ହେଇନି, ଏମିତି ହେଇଥିଲେ ଭଲ ହେଇଥାନ୍ତା, ଏମିତି ହେଇଛି ଯେ ଭଲ ହେଇନି, ଏମିତି ଅନେକ ପ୍ରକାରର ବାହାନା ବାଜି ବାହାରେ କିନ୍ତୁ ସେହି କାମଟା ଯେତେବେଳେ ତାକୁ କରିବାକୁ କୁହାଯାଏ ନା ସେତେବେଳେ ସିଏ କାମଟିକୁ ନ କରିବାର ବାହାନା ଖୋଜେ । କଥାଟା ହେଉଛି ଯେତେବେଳେ ବିପଦ ଅନ୍ୟ ଉପରେ ଥାଏ ନା ସେତେବେଳେ ତାହା ଆମକୁ ବିପଦ ଭଳି ଲାଗେନି । ଏମିତି କର ହେଇଯିବ, ସେମିତି କର ହେଇଯିବ, ଯ୍ଯା ଠାରୁ ଆହୁରି ବଡ ବିପଦକୁ ମୁଁ ସାମ୍ନା କରିଛି କହି ଆମେ ଅନ୍ୟକୁ ଆଶ୍ୱାସନା ଦେଉ କିନ୍ତୁ ସେହି ବିପଦ ଯେତେବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ନିଜ ଉପରେ ପଡେ ସେତେବେଳେ ହିଁ ଆମକୁ ଜଣା ପଡେ ଯେ, ସେହି ବିପଦ ଯେତେବେଳେ ଅନ୍ୟ ଉପରେ ଥିଲା ତାକୁ କେମିତି ଲାଗିଥିବ ।

ତାପରେ ହଜାର ମାରୁ ଘର କୋଣରୁ ବାହାରି, ଗାଧୁଆ ପାଧୁଆ ସାରି ମୁଣ୍ଡରେ ସିନ୍ଦୂରର ଏକ ଲମ୍ବା କଲି କରି ରାଜଦରବାରକୁ ଯିବାକୁ ବାହାରିଲା । ସାଧାରଣ ଭାବରେ ଗାଁ ଲୋକମାନେ ବହୁତ୍ ଫୁଟାଣିଆ ହୋଇଥାନ୍ତି । ଯଦି ମଉକା ମିଳେ ନା ସେମାନେ ଦରକାର ଠାରୁ ଅଧିକା ଫୁଟାଣି ଦେଖାନ୍ତି । ଘରେ ଯଦି ଡାଲିଭାତ ହୋଇଥିବ ନା ସେମାନେ ମାଂସଭାତ ଖାଇଛନ୍ତି ବୋଲି ସମସ୍ତଙ୍କୁ କହିଥାନ୍ତି । କିନ୍ତୁ ହଜାର ମାରୁ କଣ କଲା ଜାଣିବାକୁ ଚାହୁଁଛନ୍ତି ତେବେ ଆଗକୁ ପଢନ୍ତୁ । ରାଜଦରବାରରେ ପହଞ୍ଚି ରାଜାଙ୍କୁ ଶୁଣେଇ ଶୁଣେଇ କହିବାକୁ ଲାଗିଲା, ମହାରାଜ୍ କୁସ୍ତି ଲଢିବାକୁ ଆସିଗଲି ମୁଁ କୁଆଡେ ଗଲେ ତୁମ ଯୋଦ୍ଧାମାନେ ଏ ଯାଏଁ ନିଦ ଭାଙ୍ଗୁନିକି । ଆସ ଆସ କିଏ ମୋ ସହ ଯୁଦ୍ଧ କରିବା ଆସ । ଶେଷରେ ରାଜା ଆସିଲେ ଆଉ ହଜାର ମାରୁ ଜିତିଲା କହି ପୁରସ୍କୃତ କଲେ । ହଜାର ମାରୁ ଓ କମଳି ଗୋଟିଏ ଗାଁର ଅଧିକାରୀ ସାଜିଲେ ତା ସହ ସୁନାଗହଣାରେ ଘର ତାଙ୍କର ପୂରିଉଠିଲା ।

ଏମିତି ହେଉ ହେଉ ଅନେକ ଦିନ ବିତିଗଲାଣି । ହଜାର ମାରୁ ଓ କମଳି ସୁଖରେ କାଳ କାଟୁଛନ୍ତି । ହଠାତ୍ ରାଜ୍ୟରେ ହୁରି ପଡ଼ିଲା ଗୋଟାଏ ବାଘ ଚାରିଆଡ଼େ ବୁଲୁଛି । ଗାଈ ବଳଦ ଆଉ ଗୋଠରେ ବି ସୁରକ୍ଷିତ ନୁହନ୍ତି । ଏମିତି ଅନେକ ଗାଈ ବଳଦଙ୍କୁ ବାଘ ମାରି ଖାଇସାରିଲାଣି । ରାଜା ଏହାର ଉପାୟ ଚିନ୍ତା କରି ନିଜର ପ୍ରଜାଙ୍କୁ ଖୁସି କରିବାକୁ ହଜାର ମାରୁକୁ ଡକାଇ ପଠାଇଲେ । ହଜାର ମାରୁକୁ ଆଦେଶ ଦେଲେ ଗାଁରେ ବୁଲୁଥିବା ବାଘକୁ ଧରି ଆଣି ମୋ ଦରବାରରେ ହାଜର୍ କରାଅ । ଯଦି ତୁମେ ଏ କାମ କରିଦେବ ତେବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୁମକୁ ରାଜ୍ୟରୁ ଅଧା ଓ ସୁନାଚାନ୍ଦିର ପୁରସ୍କାର ଦିଆଯିବ ।

ହଜାର ମାରୁ ମୁଣ୍ଡରେ ପଡିଲା ଚଡକ ମୁଣ୍ଡକାନ ଆଉଁସି ଘରକୁ ଫେରି ସ୍ତ୍ରୀକୁ ସବୁ କଥା କହିଲା ଏ କମଳି ଲୋ, ତୋ ଗେରସ୍ତ ଏଥର ମଲା ବୋଲି ଜାଣେ । କମଳି ଚକିତ ହୋଇ ପଚାରିଲା କଣ ହେଲା କିହୋ, ଏଥର ପୁଣି କଣ ହେଲା ? ହଜାର ମାରୁ କହିଲା, ପ୍ରଥମ ଥର ସିନା ବଞ୍ଚିଗଲି କୁସ୍ତି ଯୋଦ୍ଧାମାନେ ପଳାଇଥିଲେ ବୋଲି । ଏଥର କିନ୍ତୁ ସେମିତି ଆଉ ହବନି, ଏ ବାଘକୁ ମୁଁ ଧରି ଆଣି ରାଜଦରବାରରେ ହାଜର କରେଇବି କଣ ବାଘ ତ ମୋତେ ଖାଇ ତା ପେଟ ଦରବାରରେ ହାଜର କରାଇଦେବ । ଏଥର ଆଉ ବଞ୍ଚିବାର ବାଟ ନାହିଁ । ତୁ ଯା ଗଲୁ ସବୁ ଜିନିଷ ପତ୍ର ସଜାଡିବୁ ଆମେ କାଲି ଅନ୍ଧାରୁ ଉଠି ଯୁଆଡେ ହଉ ପଳେଇବା ହେଲେ ଏଇଠି ଆଉ ରହିବାନି । ସଙ୍ଗେ ସଙ୍ଗେ କମଳି ଗେରସ୍ତ କଥା ମାନି ନିଜର ଜିନିଷ ପତ୍ର ସବୁ ସଜାଡି ପକାଇଲା । ଅନ୍ଧାରୁ ଉଠି ଦୁହେଁ ଲାଗିପଡିଲେ ଯିବା ପାଇଁ । ଶଗଡ ସିନା ଯୋଗାଡ ହେଇଗଲା କିନ୍ତୁ ବଳଦ ଦିଟା ଦରକାର କଉଠୁ ଯୋଗାଡ କରିବ ? ହଜାର ମାରୁ ବଳଦ ଚୋରି କରି ଆଣିବାକୁ ଗୋଠକୁ ଗଲା ।

ଏପଟେ ଗୋଠରେ ସଂନ୍ଧ୍ୟା ବେଳଠୁ ବାଘ ଲୁଚିକି ବସିଛି । ସଂନ୍ଧ୍ୟା ସମୟରେ ଯେତେବେଳେ ଗଉଡମାନେ ଗାଇ ବଳଦ ବାନ୍ଧୁଥିଲେ ସେତେବେଳେ କୁହାକୁହି ହେଉଥିଲେ । ଆରେ ଭାଇ, ତୋ ଗାଇ ବଳଦ ସବୁ ଠିକ୍ ଅଛନ୍ତି ତ ଗଣି ଗଣି କି ବାନ୍ଧେ ଆଉ କାଇଦା କରି ବାନ୍ଧିବୁରେ ଭାଇ କାଳେ ଗୋଠରେ ବାଘ ଫାଗ ଥିବେ ତି । ସେତେବେଳଠୁ ବାଘ ଡରରେ ଥରହର ମନରେ ଭାବୁଛି ଆରେ ଭାଇ, ମୁଁ ତ ବାଘ ଏ ଫାଗ ପୁଣି କିଏ ? ଫାଗ କଣ ମୋଠୁ ଆହୁରି ବଳୁଆ ମୁଁ ତ କାଇଁ ଆଜିଯାଏଁ ତାକୁ ଦେଖିନି ? ଏମିତି କେତେ ପ୍ରଶ୍ନ ତା ମନରେ ଉଙ୍କି ମାରୁଥାଏ । ତେଣୁ ବାଘ ଆଉ ଗୋଠରୁ ନ ବାହାରି ସଂନ୍ଧ୍ୟା ବେଳୁ ଫାଗକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖିବାକୁ ଲୁଚିକି ବସିଛି ।

ଏପଟେ ହଜାର ମାରୁ ଅନ୍ଧାରୁ ବଳଦ ନେବାକୁ ଗୋଠରେ ପହଞ୍ଚି ଯାଇଛି । ହଜାର ମାରୁ ଗୋଠରେ ପଶିବାର ଶବ୍ଦ ଶୁଣି ବାଘକୁ ଲାଗିଲା ଏତେ ଅନ୍ଧାରୁ ଗୋଠକୁ କିଏ ଆସିଲା ଏଇ ବୋଧେ ଫାଗ ମୋତେ ଚୁପ୍ ଚାପ୍ ଲୁଚିଯିବାକୁ ହେବ । ଏହା ଭାବି ବାଘ ଗୋଟିଏ କୋଣରେ ଲୁଚି ବସିରହିଛି ।

ଆପଣମାନେ ଭାବୁଥିଲେ ନା ଯଦି ହଜାର ମାରୁ ଓ ବାଘ ମୁହାଁମୁହିଁ ହେଇଥିବେ ତାହେଲେ କଣ ହେଇଥିବ ?

ବାଘ ଫାଗକୁ ଦେଖିବାକୁ ଗୋଟିଏ କୋଣରେ ଲୁଚି ବସିଛି । ଏଣେ ହଜାର ମାରୁକୁ ସିଙ୍ଗ ଥିବା ଗାଈ ବଳଦ ଭାରି ଡର ଲାଗେ । ତେଣୁ ସେ ସିଙ୍ଗ ନଥିବା ବଳଦ ଖୋଜି ଖୋଜି ଯାଇ ପହଞ୍ଚିଲା ବାଘ ପାଖରେ । ବାଘ ଡରରେ ଚୁପ୍ ଚାପ୍ ହୋଇ ବସିରହିଛି । ସେ ହଜାର ମାରୁକୁ ଦେଖି ଛାନିଆ ମନରେ ଭାବିଲା ଆରେ, ଏଇଟା କଣ ଫାଗ ? ଇଏ ତ ମୋଠୁ ଅଧିକ ଶକ୍ତିଶାଳୀ ଲାଗୁଛି ? ନିଜକୁ ବଞ୍ଚାଇବାକୁ ହେଲେ ପାଟି ନ କରି ଚୁପ୍ ରହିଯିବା ଭଲ । ଶେଷରେ ହଜାର ମାରୁ ଗୋଟିଏ ବଳଦ ଓ ବାଘକୁ ସାଙ୍ଗରେ ନେଇ ଘରକୁ ଆସିଲା । ଅଗଣାରେ ଥିବା ଖୁଣ୍ଟିରେ ଦୁହିଁଙ୍କୁ ବାନ୍ଧି ଘରୁ ଶଗଡକୁ ଜିନିଷ ପତ୍ର ବୋହିବାକୁ ଗଲା । ଦେଖୁ ଦେଖୁ ସକାଳ ପାହିଗଲା ବାଘ ଗୋଟେ ରଡି ଛାଡିଲା । ଶବ୍ଦ ଶୁଣି ହଜାର ମାରୁ ଓ କମଳି ଡରରେ ଥରହର କଣ କରିବେ କିଛି ବୁଝିପାରୁ ନଥାନ୍ତି । ଶେଷରେ ଘର କବାଟ କିଳି ଲୁଚି ବସିଲେ । ହଜାର ମାରୁ କମଳିକୁ କହୁଥାଏ ଆଜି ଆମେ ବାଘ ହାତରେ ମଲେ ବୋଲି ଜାଣେ । ସେ ବୋଧେ ଜାଣି ଦେଇଛି ନା କଣ ତାକୁ ଧରିବାର ଦାୟିତ୍ୱ ମୋତେ ଦିଆହେଇଛି ବୋଲି । ସେଥିପାଇଁ ବୋଧେ ଭୋରୁ ଭୋରୁ ବାଘ ମୋତେ ଖାଇବାକୁ ଆସିଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଣେ ସାହି ପଡ଼ିଶା ଲୋକ ବାଘର ରଡି ଶୁଣି ଆସି ଦେଖନ୍ତି ତ ବାଘ ହଜାର ମାରୁ ଅଗଣାରେ ବନ୍ଧା ହୋଇଛି । ଗୋଟେ ଛୋଟ ପିଲା ଚିତ୍କାର କରି କହି ଉଠିଲା ଆରେ ଦେଖରେ ହଜାର ମାରୁ ବାଘକୁ ଧରି ଆଣିଛି । ଏ କଥା ହଜାର ମାରୁ ଯେମିତି ଶୁଣିଛି ସଙ୍ଗେ ସଙ୍ଗେ କବାଟ ଖୋଲି ବାହାରି ଆସିଲା । ଆଉ ତିଳେ ମାତ୍ର ଅପେକ୍ଷା ନକରି ନିଜର ମରଦ ପଣିଆ ଦେଖେଇ ହେଇ କହିଲା, ଦେଖିଲ ତ ମୋ ସାହିକୁ ଯେଉଁ କାମ କେହି କରିପାରିବେନି ସେ କାମ ମୁଁ କରିଦେଲି । ଆଉ କାହାରି କିଛି ଚିନ୍ତା କରିବା ଦରକାର ନାହିଁ ମୁଁ ଅଛି ପରା । ଏପଟେ ବାଘ ଧରିବା ଖବର ପାଇ ରାଜା ନିଜର ସୈନ୍ୟଙ୍କୁ ନେଇ ହଜାର ମାରୁ ଘରକୁ ଆସିଲେ ଓ ହଜାର ମାରୁକୁ ରାଜ୍ୟରୁ ଅଧା ଓ ସୁନାଚାନ୍ଦିର ଉପହାର ଅର୍ପଣ କରି ରାଜ୍ୟକୁ ଫେରିଲେ । ଶେଷରେ ହଜାର ମାରୁ ଓ କମଳି ସୁଖରେ କାଳ କାଟିଲା ।

ଆପଣମାନେ ଏଥିରୁ ବୁଝିଲେ ତ ମଣିଷ କେବଳ ବଳବାନ ହୋଇଗଲେ କିଛି ଲାଭ ହୋଇ ନଥାଏ । ଗୋଟିଏ ଦୁର୍ବଳ ଲୋକ ବି ତାକୁ ହରାଇ ପାରିବ ଯଦି ତା ପାଖରେ ବୁଦ୍ଧି ଓ ସାହସ ଥାଏ ।

ଯେମିତି କୁସ୍ତି ଲଢୁଆମାନେ ଯଦି ଟିକିଏ ସାହସର ସହ ବୁଦ୍ଧି ଲଗେଇଥାନ୍ତେ ହୁଏତ ସେମାନେ କୁସ୍ତି ଜିତିଯାଇଥାନ୍ତେ । ହଜାର ମାରୁର ସେହି ଗୋଟିଏ କଥା "ଗେବେଳେଇଦେବା" ସେମାନଙ୍କୁ ଏତେ ଡରେଇ ଦେଲା ଯେ ସେମାନେ କୁସ୍ତି ଛାଡି ପଳାଇଲେ ।

ଆଉ ଯେମିତି ବାଘ ଏତେ ଶକ୍ତିଶାଳୀ ହୋଇ ମଧ୍ୟ ଗଉଡ ଭାଇର ଗୋଟିଏ କଥା "ଫାଗ" ତାକୁ ଡରେଇ ଦେଇଥିଲା । ଫାଗ ବୋଲି କେହି ନାହାନ୍ତି ଯଦି ବାଘ ଟିକିଏ ବୁଦ୍ଧି ଲଗେଇଥାନ୍ତା ଓ ସାହସ ଦେଖେଇଥାନ୍ତା, ତାହେଲେ ହୁଏତ ତାର ସେହି ନିର୍ବୋଧତା ତାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଣି ଗୋଟେ ଖୁଣ୍ଟିରେ ବାନ୍ଧି ପାରି ନଥାନ୍ତା ।

ତେଣୁ କହିବାକୁ ଚାହେଁ ଯେ, ମଣିଷର ବଳ କେବଳ ପରସ୍ପର ମଧ୍ୟରେ ଲଢି ଜିତିବାର ଉପାୟ । କିନ୍ତୁ ଯଦି ମଣିଷ ପାଖରେ ବୁଦ୍ଧି ଥାଏ ନା ସେ ସାରା ସଂସାରକୁ ଜୟ କରିପାରିବ ।

ତେଣୁ ନିଜକୁ କେବଳ ବଳବାନ୍ କରନ୍ତୁନି ତା ସହ ବୁଦ୍ଧିମାନ୍ ମଧ୍ୟ କରନ୍ତୁ ।ଦେଖିବେ କଠିନରୁ କଠିନ କାର୍ଯ୍ୟ ଆପଣମାନେ ବୁଦ୍ଧି ସାହାଯ୍ୟରେ ସରଳ କରିପାରିବେ ।

ସ୍ମିକିସ୍ମିତା ନାଏକ
ଅଁଳାକଟା, ଢେଙ୍କାନାଳ
ମୋ -୯୭୭୬୬୯୮୬୬୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମଶାଣିରେ ଫଟୋ



ଡଃ ଆଭାଞ୍ଜଳି
ଶତପଥୀ

---ଆଲୋ ସଙ୍ଗୀତା ଦେଲୁ ଦେଲୁ ଗାମୁଛାଟେ.. ଆସିଲୁ ନା ବେ ! ଟିକେ ଝଅଟ ଆସେ !

ଦୁଆର ମୁହଁ ପାଖରୁ ଡ଼ାକ ଛାଡ଼ିଲା ମନୋଜ ।

-କାହିଁ ରଡ଼ିଟା ଛାଡୁଛ କହିଲ ? କଣ ଏମିତି ସୁନା ରୂପା ଧରି ଆସିଛ ଯେ ମୋତେ ଏମିତି ବ୍ୟସ୍ତ କରି ପକାଉଛ ! ଭଜାରେ ଖଡ଼ିକା ମାରୁ ମାରୁ କହିଲା ସଙ୍ଗୀତା । ଗାମୁଛାଟା ବାହାରେ ତାରରେ ଶୁଖୁଛି । ନେଇ ଯାଉନ.. ।

ସଙ୍ଗୀତା ଚୁଲାରୁ କରେଇକୁ କାଢ଼ି ପଛକୁ ମୋଡ଼ି ଦେଖିଲା ବେଳକୁ ମନୋଜ ମସିଣା ଉପରେ ଚକାଆସନ ପକାଇ ଗାମୁଛା ଖଣ୍ଡକରେ ଝାଳ ପୋଛୁଛି ।

-"ମୋତେ ଯେତେ ମାଠିଲେ ମାଠ ମୁଁ ସେଇ ଦରପୋଡ଼ା କାଠ । ଯେତେ କହିଲି ଧୁଆ ଧୋଇ ହୋଇ ଲୁଗା ପାଲଟି ଘରେ ପଶ, ତୁମେ ଶୁଣିବାକୁ ନାରାଜ ।" ଚିଡ଼ି ଚିଡ଼ି ହେଇ କହିଲା ସଙ୍ଗୀତା ।

ତା କଥାକୁ ଛିଡ଼ାଇ ଆଣି ମନୋଜ କହିଲା

- ଓହୋ... ଗାଧୁଆ ଘରେ କିଏ ଗୋଟେ ପଶିଛି ପା... । ଏତେ ବଡ଼ ଖରା ଖାଇ ଆସିଛି । ଟିକେ ଝାଳ ମାରିବାକୁ ବସି ପଡ଼ିଲି ଯେ ଏମିତି ରାଉ ରାଉ ହେଉଛୁ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ମୁଁ ରାଉ ରାଉ ହେଉଛି ? ଏ ମୁର୍ଦାର ଗୁଡା ପୋଡ଼ିକି ଆସୁଛ । ସେଥିରେ ପୁଣି କରୋନା ମୁର୍ଦାର । ଅଗାଧୁଆ ଘରେ ପଶିଯାଉଛ । ମୁଁ କଣ ଭୁଲ କହିଲିକି... !

-ନାଇଁ ତୁ କଣ କେବେ କିଛି ଭୁଲ୍ କହୁ ! ବିଦ୍ରୂପ କରି କହିଲା ମନୋଜ । ଲମ୍ବା ନିଃଶ୍ୱାସଟେ ମାରି ପୁଣି କହିବାକୁ ଲାଗିଲା, “ସବୁଠାରୁ ବଡ ଭୁଲ୍ ତୋର କ'ଣ ଜାଣିଛୁ ? ତୁ ଏଇ ମୁର୍ଦାର ପୋଡ଼ା କାମଟାକୁ ଏମିତି ନିକୁଛିଆ ବୋଲି ଭାବୁଛୁ । ଆଲୋ କାମ ତ କରି ପେଟ ପୋଷିବା କଥା । ଯେଉଁଠି ଡିଉଟି ପଡ଼ିଲା ସେଠି ମନା କାହିଁ କରିବା.. ?

କାରୋନାର ଏହି ଦ୍ୱିତୀୟ ଲହରୀ ଗୁଡେ ଲୋକଙ୍କୁ ପୋଛି ପକାଇଲା । କରୋନା ପାଇଁ ଅଲଗା ମଶାଣି ହେଲା । କୁଢ଼ କୁଢ଼ ଶବ ପୋଡ଼ିବା ପାଇଁ କର୍ପୋରେସନ ଅଫିସରେ କେତେ ଚାପ ପଡ଼ିଲା । ପାଳି ପାଳି କରି କର୍ମଚାରୀ ଦରକାର ପଡ଼ିଲେ... ମନୋଜ ନୂଆ କରି ଶ୍ମଶାନ କର୍ମଚାରୀ ଭାବରେ ନିଯୁକ୍ତି ହେଇଛି ।

- ଆମକୁ ସବୁ ପଚରାଗଲା କିଏ ଶ୍ମଶାନ ଡିଉଟି କରିବ ! ଓହୋ, ସେହି ଫୁଟାଣିଆ ଅଶୋକ ଦାସ କହିଲା ପେଟରେ ଓଦାକନା ଦେଇ ଶୋଇବି ପଛେ.... ମୁର୍ଦାର ପୋଡ଼ିବି ନାହିଁ । ତୋରି ଭଳିଆ ବିଚାର । ଏ ମୁର୍ଦାରଗୁଡ଼ା କୁଆଡ଼େ ଛୋଟ ଜାତିଆ କାମ । ଜଗୁଆଳି ହେଇ ଅଫିସ୍ ଦୁଆର ଜଗି ରାତି ଯାକ ମଶା ମାରୁଥା..... ଆଉ କେଇଟା କରୋନାକୁ ଡରି ମଶାଣି ଦୁଆର ମାଡ଼ିବେ ନାହିଁ । ଶଳା ଦନା ରାଉତୁ ଡ଼ରିଲା... ତାକୁ କୁଆଡ଼େ କୋଭିଡ ଖାଇଯିବ !

ଯିଏ ଯାହା ବୁଝିଲେ ବୁଝିଲେ । ମୁଁ କିନ୍ତୁ କହିବି ଏଇ ଶ୍ମଶାନରେ ମୋ ଡିଉଟି ପଡ଼ିଲାନି ଯେ, ବିରାଡ଼ି କପାଳକୁ ଶିକା ଛିଡିଲା । ଏଠିକି ଆସିବାର ତିନି ମାସ ପୁରିନି ... ମୋବାଇଲଟେ କିଣିବାକୁ ସାହସ କରିଦେଲିନା ! ଭଲ ଦି ପଇସା ହାତ ଗୁଞ୍ଜା ନ ମିଳୁଥିଲେ କୁଆଡୁ ସାହସ କରି ପାରିଥାଆନ୍ତି । ହେଇ ଏଇ ଚେକରେ ମୋ ମୋବାଇଲ୍ ଆସିଗଲା, ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଛେକକୁ ପୁଣି ତୋ ପାଇଁ କିଣି ଦେବି ।"

କିଛି ସମୟ ରହି ନିଜକୁ ବୁଝାଇଲା ଭଳି କହିଲା, "ଆଗରୁ ଯୋଉ ସଫାଇ ଡିଉଟିରେ ଥିଲି ମାଗିଲେ ବି କିଏ ଟଙ୍କାଟେ ପକାଉଥିଲା କି ? ଏଠି ଯାହା ଯେମିତି ଉପୁରି ଦିଟା ମିଳୁଛି ନା ... । ହାତରେ ପଇସା ଗେଞ୍ଜି ଦେଇ କିଏ କହୁଛି ସେ ସିନ୍ଦୂର ଶାଢ଼ୀ ମୋ ମା ଶବରେ ରଖି ଦିଅ ତ କିଏ କହୁଛି ଫଟୋଟେ ଉଠେଇ ଦିଅ । ଶବ ପିଛା ଜଣକୁ ମାତ୍ର ଅନୁମତି । କାହା ଘରୁ ଯଦି ଚାରି ପାଞ୍ଚ ଜଣ ଆସି ଯାଉଛନ୍ତି ତାହାଲେ ଆମେ ତାଙ୍କୁ ଟିକେ ପାୱାର ଆଉ ନିୟମ ଦେଖାଇ ଦେଉଛୁ । ତା ପରେ ଭଲ ହାତ ଗୁଞ୍ଜାଟେ ମିଳିଯାଏ ।

ଆମ ଭିତରେ କିନ୍ତୁ ଭଲ ବୁଝମଣାଟା ଅଛି । ଯାହା ହେବ ଭାଗ ବାଣ୍ଟି ନେବୁ । ଏଇ ମଶାଣିରେ ଅତି କମରେ ଦିନକୁ ୧୦୦ ଶବ ପୋଡ଼ା ହଉନି କି...... ! ଯାହା ଯେମିତି ପାଇଲୁ ଆମେ ମିଶାଇ ପାଞ୍ଚ ଛଅ ଜଣ ଭାଗ ବାଣ୍ଟିକି ନେଉ ।

ଧେତ୍ ତେରିକା..... ! କ'ଣ ଗୋଟେ ମନେ ପଡ଼ିଗଲା ବୋଧହୁଏ । ମନୋଜ ସ୍ୱଗତୋକ୍ତି କଲା... ! ଆଜି ଗୋଟେ ବଡ ପାର୍ଟି ହାତରୁ ଖସିଗଲା । ଦଳେ ଲୋକ ସ୍ଲୋଗାନ ଗାଇ ଗାଇ ମଶାଣି ଭିତରକୁ ପଶୁଥିଲେ । ଦେଖୁନ..., ଡିଉଟି ଠିକ୍ ସରିଲା ବେଳକୁ ତାଙ୍କୁ ଆସିବାର ଥିଲା । ହେଲେ ସଦାନନ୍ଦ ମୋତେ କହିଛି ମୋ ଭାଗଟା ରଖିଥିବ ।

ଥକା ଭାଙ୍ଗି ଉଠି ପଡିଲା ମନୋଜ ।

-ହେଇ ନେ.... ! ପ୍ୟାଣ୍ଟ ପକେଟ୍ ରୁ କିଛି ଟଙ୍କା ସଙ୍ଗୀତା ହାତକୁ ବଢ଼େଇ ଦେଇ ମନୋଜ ସଙ୍ଗୀତାକୁ ଭାତ ବାଢ଼ିବାକୁ କହି ଗାଧୋଇବାକୁ ଗଲା ।

ସଙ୍ଗୀତା ଚଟେଇ ପକାଇ ଭାତ ଥାଳି ସଜାଡି ଛି କି ନାହିଁ, ମନୋଜ କାକସ୍ନାନ କରି ପଳାଇ ଆସିଲା । ଓଦା ଗାମୁଛାଟା ପାଲଟିଲା ବେଳେ ପଚାରିଲା, "ଆଜି କଣ ଟିକେ ଭଲ ମନ୍ଦ କରିଛୁ ନା ? ନା ଆଳୁସିଝା ନଗେଇ ଭାତ ଖାଇବି ।"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

- ମଲା ମୁଁ ତ ଏଇ ଟିକିଏ ଆଗରୁ ଆସିଲି । କୁନାଟାର ହଂସା ବୁଡି ଯାଉଥିଲା । ତାକୁ ତୋରାଣି ମଣ୍ଡେ ପିଆଇ ଭଜା ଖଣ୍ଡେ କରେଇରେ ପକାଇଛି କି ନାହିଁ ତୁମେ ଆସିଲ ।

- କୁଆଡେ ଯାଇଥିଲୁ କି ? ପଚାରିଲା ମନୋଜ ।

ମୁହଁଟାକୁ ମୋଡ଼ି ଦେଇ ସଙ୍ଗୀତା କହିଲା ,....

- ଜମା ଜାଣିଛକି.... ମୋତେ ପଚାରୁଛ ମୁଁ କୁଆଡ଼େ ଯାଇଥିଲି !!

ଓଃ.. ହଁ ଲୋ.. ଟିକା ନେଇ ଯାଇଥିଲୁ ପା ।

ମନୋଜ ତା'ର ମୋବାଇଲଟାରେ କୋଭିନ୍ ଆପ୍ ଟା ଇନଷ୍ଟଲ କରିଦେଇଥିଲା ଯାହା ମାଧ୍ୟମରେ ସଙ୍ଗୀତାର ଟିକା ନେବା ସମୟ ଓ ଦିନ ନିର୍ଦ୍ଧାରିତ ହେଇଯାଇଥିଲା ।

"ମୋବାଇଲରେ ତ ନମ୍ବର ଡାକିଲା ଭଳିଆ ଆସି ଯାଇଥିଲା କୋଉ ଦିନ, କୋଉ ସମୟରେ ଟିକା ନେବୁ । ତୋତେ କ'ଣ ଆଉ ବଡ଼ ଧାଡ଼ିରେ ଠିଆ ହେବାକୁ ପଡ଼ିଥିବ ? ପଚାରିଲା ମନୋଜ ।

- ଆଉ..... ? କିଏ ତୁମକୁ ଏ ପଟି ମାରିଛି.. ?

- କାଇଁ କ'ଣ ହେଲା ? ଠିକ୍ ସମୟରେ ପହଞ୍ଚି ଯାଇଥିଲୁ ନା ? ଭାତ ଗଣ୍ଡେ ପାଟିରେ ପୁରାଇ ପଚାରିଲା ମନୋଜ । ଉତ୍ତରରେ ସଙ୍ଗୀତା କହିଲା, "କହନା କହନା.... କି କିଲି ବିଲି ଆଜି ମୋ କପାଳରେ ଥିଲା । ମୋର ତ ଉପର ବେଳା ସମୟ ଦିଆହେଇଥିଲା । ହେଲେ ପଡିଶା ଘର ଗୀତା ଦେଇ କହିଥିଲ ଟିକେ ଶୀଘ୍ର ଯିବାକୁ ।... କୁଆଡେ ବଡ ଲାଇନ ଲାଗି ଯାଉଛି । ଟୁନାଟାକୁ ତା'ର ଘରେ ଛାଡ଼ିଦେବାକୁ କହିଲାରୁ ସେ ଛୁଆ ରାଜି ହେଲାନି । ମୋ କାନି ଛାଡ଼ିଲାନି ପା.. ଆଉ କ'ଣ କରିଥାନ୍ତି... ! ଟୁନାଟାକୁ ନେଇ ଯିବାକୁ ପଡ଼ିଲା । ଦୁଇ କୋଷ ବାଟକୁ ତ ଚାଲିବାକୁ ତା ଗୋଡ଼ ନାରାଜ । କୁଁ କୁଁ ହେଇ ଠା କୁ ଠା ବାଟରେ ବସି ପଡୁଛି । ତା ଗାଲକୁ ଖୁନ୍ଦି ଦେଇ କହିଲି ତୋ ପାଇଁ ଗାଡି ମୋଟର କରିବାକୁ ମୋ ପାଖରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଇସା ନାହିଁ । ଯୋଉ ଜିଦିରେ ଆସିଛୁ ସେମିତି ବାଟ ଚାଲେ । ବିଚରା କାନ୍ଦୁଣି ମାନ୍ଦୁଣି ହେଇ ଚାଲିଲା ।”

- କାହିଁ 'ମୋ ବସ'ରେ ଚାଲିଗଲନି ! ପଚାରିଲା ମନୋଜ ।

-ମଲା ମଲା ! ଯେମିତି କହୁଛ 'ମୋ ବସ' ଟିକା ସେଣ୍ଟର ଦୁଆର ମୁହଁରେ ଛାଡିଦେବ ! ଷ୍ଟାଣ୍ଡରୁ ଟିକିଏ ଆଗକୁ ନା ପଛକୁ ତା ଚକା ଗଡେନା ?

- ଅଟୋଟେ ନେଇ ପଳେଇଲୁନି !

- ଗୋଟେ ଅଟୋକୁ ପଚାରିଲି । ହେଲେ ପଚାଶ ଟଙ୍କାରୁ କମେଇଲା ନାହିଁ । ଏଇ ଟିକକ ବାଟକୁ ଏତେ ଟଙ୍କା ଶୋଷି ନେଉଛ, କହିଲାରୁ, ମୋତେ ଛିଗୁଲେଇ ହୋଇ କହୁଛି “ପେଟ୍ରୋଲ ଦାମ୍ ଟିକେ ବୁଝିକି ଆସ । ପ୍ରଥମ ଲହରୀରୁ ଦ୍ୱିତୀୟ ଲହରୀ ଭିତରେ ପେଟ୍ରୋଲ ଦାମ ୭୦ ରୁ ୧୦୦ ଛୁଇଁଲା । ଆମ ବାଡ଼ି ପଟ କୁଅରୁତ ପେଟ୍ରୋଲ କାଢ଼ି ଆଣି ଗାଡ଼ି ଟାଙ୍କି ଭରୁନୁ । ଆମେତ ପୁଣି କିଣୁଛୁ । ପୁଣି ବୋଝ ଉପରେ ଲଳିତା ବିଡା ପରି ଗରାଖ ବି କୋଉଠୁ ମିଳୁଛନ୍ତି ? କାଁ ଭାଁ ଗରାଖକୁ ଆକାଶ ଛୁଆଁ ପେଟ୍ରୋଲ ଦାମ । ଆମର ତ ପୁଣି ପେଟ ଅଛି ।” କହି ପାନ ଛେପଟାକୁ ପୁଚ୍ କରି ଛାଡି ଦେଇ ଅଟୋକୁ ଉଡ଼େଇ ନେଲା । ଆଉ ମୁଁ ଖରା ତାପରେ ଛେପକୁ ଢ଼ୋକି ପକେଇଲି ।

ଗୋଡ଼ ଘୋଷାରି ଘୋଷାରି ଟିକା କେନ୍ଦ୍ର ପାଖରେ ପହଞ୍ଚିତ ଗଲୁ । ହେଲେ ସେଠି ଲମ୍ବା ଧାଡ଼ି ଦେଖି ଆଖିରୁ ଜୁଳୁ ଜୁଳିଆ ପୋକ ବାହାରି ପଡିଲା । ଏ ବାପ ! ବାଲି ଯାତରା ଭିଡ଼ କି ଆଉ । ଲୋକ ତ କେହି କାହାକୁ ମାନୁ ନାହାଁନ୍ତି । ଠେଲା ପେଲା ଚଢ଼ା ଚଢ଼ି ।

- ଆଲୋ... ତୁ ତୋ ତୁଣ୍ଡିଟା ମନେପକାଇ ନେଇଥିଲୁ ନା ? ମନୋଜ ପଚାରିଲା ।

ତୁଣ୍ଡି କଥା ଶୁଣି ସଙ୍ଗୀତାକୁ ବଡ଼ ହସ ମାଡ଼ିଲା । ତୁଣ୍ଡି ଖଣ୍ଡେ ଖଣ୍ଡେ ସମସ୍ତଙ୍କ ପାଖରେ ନ ଥିଲା ବୋଲି ତ କହିପାରିବନି ... । ହେଲେ କାହା ନାକର ନାକ ହୋଇ ତ, କାହା

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବେକରେ ହାର, କାହାର କାନରେ ପେଣ୍ଡି ଫୁଲ ହୋଇ ଝୁଲୁଥିଲା । ଆଉ କାହାର ଝାଳ ପୋଛା ରୁମାଲ ହୋଇ ଯାଇଥିଲା । କିଏ କିଏ ଖାଲି ପୋଲିସକୁ ଦେଖିଲେ ମୁଁହରେ ବାନ୍ଧି ପକାଇଲେ ଗଲା । ନାଆଁକୁ ଖାଲି ତୁଣ୍ଡି ।

ତୁଣ୍ଡିକୁ ଏମିତି ଦୁର୍ବ୍ୟବହାର କରିବାର ଯଥାର୍ଥତାଟା ପାଇଁ ବି ସଙ୍ଗୀତା ଭଲ ଯୁକ୍ତି ବାଢ଼ିଥିଲା ।

- ସତକଥା କହିଲ ...ଏ ଖରା ତାତି ଆଉ ଗମ୍ ଗମ୍ ଝାଳ ସାଙ୍ଗକୁ ମୁଁହଟା ବାନ୍ଧି ପକାଇବା କଣ ଏତେ ସହଜ ? ଗରମ ନିଃଶ୍ୱାସରେ ଅଣନିଃଶ୍ୱାସୀ ହୋଇ ଅଧା ମରିବ ମଣିଷ । କି ଯୁଗ ଆସିଲା ଏ ମଣିଷ ଗୁଡା ବଳଦଙ୍କ ଭଳିଆ ତୁଣ୍ଡି ବାନ୍ଧିଲେ ।

ସେଦିନ ସେ ପରିବା ଦୋକାନୀଟା ବି ଠିକ୍ ଏହି କଥା ସେ ମାଡାମ ଜଣଙ୍କୁ ବୁଝେଇ ଦେଇଥିଲା" ଯିଏ ପେଟର ଭୋକକୁ ବାନ୍ଧି ଶିଖିଲାଣି ତାର ମୁଁହ ବାନ୍ଧିବା କଣ ଦରକାର । କରୋନା କ'ଣ ତା ବାପା ବି ଆମ ଗରିବ ଗୁରୁବାଙ୍କ କତିକି ଆସିବ ନାହିଁ ।

ତଥାପି ସେ ମାଡମ ଜଣକ ତାକୁ ମାସ୍କ ପିନ୍ଧିବାକୁ ପାଠ ପଢ଼ାଇବାରୁ ସେ ପରିବାବାଲା ଓଜନ କରିଥିବା ପରିବାକୁ ଅଖାରେ ପକାଇ ତାଙ୍କ ମୁହଁରେ ବାଢ଼େଇ ଦେଇ କହିଲା ଯେ ଯୋଉ ଲୋକ ତୁଣ୍ଡି ପିନ୍ଧିଛି ତା ପାଖରୁ ଯାଇ କିଣନ୍ତୁ । କହି ହସି ପକାଇଲା ସଙ୍ଗୀତା ।

"ତୁମେ ଗୁଡ଼ା କ'ଣ ମଣିଷ ହେବ ? ସରକାର କଥାକୁ କେହି ମାନୁ ନାହଁ । ଏଇ ଅବୁଝା ପାଇଁ ତ କରୋନା ମାଡୁଛି । ସହଜରେ ଭିଡ଼ ଭାଡ଼.. ତା ସାଙ୍ଗକୁ ତୁଣ୍ଡି ଖୋଲା । ସେଇ ମଉକାଟା ତ ଖୋଜୁଛି ସେ କରୋନା ରାକ୍ଷସ । ହେହକୁ ହେହ ତେଇଁ ତେଇଁ ଖାଲି ଯାଦୁ ଭଳିଆ ମାଡ଼ି ଚାଲୁଛି । ସେଇ ଟିକା ସେଣ୍ଟରରୁ ସାଙ୍ଗରେ କରୋନା ଧରି ଆସୁଛନ୍ତି ଅଧା ଲୋକ । ଏଇ ଆମ ନୀଳକଣ୍ଠ ଦାସ ଦ୍ୱିତୀୟ ପାନ ଟିକା ନେଇ ଆସିଲା ପରଠୁ ତ କୋଭିଡ ୱାର୍ଡରେ ପଡ଼ିଛି ଯେ ଏଯାଏ ଘରକୁ ଫେରିନି ।" ମନୋଜ ଉପଦେଶ ଦେଲା ଭଳି କହିଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

-ଆଉ ମୁଠେ ଭାତ ଦେବିକି ? ମନୋଜର ଉପଦେଶ ବାଣୀକୁ ସ୍ଥଗିତ କରି ପଚାରିଲା ସଙ୍ଗୀତା ।

- ନା ! କହି ଉଠି ହାତ ଧୋଇବାକୁ ଗଲା ମନୋଜ । ଗାମୁଛରେ ମୁଁହ ପୋଛୁ ପୋଛୁ କହିଲା, "ଯାହା ହେଉ ମୋତେ ଏଇ ଭିଡ଼ଭାଡ଼ରେ ଲାଇନ୍ ଲଗେଇବାକୁ ପଡ଼ିଲାନି । ଫ୍ରଣ୍ଟ ଲାଇନ କର୍ମଚାରୀ ହୋଇ କରୋନା ଯୋଦ୍ଧା ହିସାବରେ ଅଫିସ୍ ବାଲା ଆମ ପାଇଁ ଅଲଗା ଟିକା ନେବାର ବ୍ୟବସ୍ଥା କରି ଦେଉଥିଲେ । ଯାହା ହେଉ ମୋତେ ସଟ୍ କଟ୍ ଲାଇନ୍ ମିଳିଗଲା । କଥାଟାକୁ ହାଲୁକା କରି କହି ବସି ପଡ଼ିଲା ମସିଣା ଉପରେ ମନୋଜ । ସଙ୍ଗୀତା ପାଖରେ ବସି ପାନ ଭାଙ୍ଗୁ ଭାଙ୍ଗୁ କହିଲା, "ତୁମେ କଣ ଭାବୁଛ..., ସେଇଠି ସଟ୍ କଟ୍ ଲାଇନ୍ ନଥିଲା ? ଲୋକ ପରା ସଟ୍ ସାଟ୍ ଆସି ଫଟ୍ ଫାଟ୍ ଟିକା ନେଇ ପଳେଇଲେ । ତାଙ୍କ ପାଇଁ ଲାଇନ୍ ବି ନଥିଲା । ମୁଁ ତ କେତେ ପଛରେ ଥିଲି । ମୋ ପଛରେ ବି ଆଉ ଲୋକ ଲମ୍ବିଥିଲେ । ମୁଁ ପଛକୁ ଟିକେ ମୁହଁ ବୁଲେଇ ଦେଲି ।

ଏ ପଟେ ଗୋଟେ ବଡ଼ ମୋଟର ଗାଡ଼ିରୁ ଜଣେ ବାବୁ ଆଉ ମାଡ଼ାମ୍ ଓହ୍ଲାଇଲେ । ଗୋଟେ ଲୋକ ଆଗରୁ ତାଙ୍କ ପାଇଁ ଛତାଟେ ଧରିକି ଠିଆ ହୋଇଥିଲା । ଲୋକଙ୍କୁ ଆଡ଼େଇ ଆଡ଼େଇ ପ୍ରସ୍ଥାନ କବାଟ ଆଡେ ଚାଲିଲା । କଣ ଗୋଟେ କାର୍ଡ ଦେଖେଇ ଦେଲା ଯେ ଦରୁଆନ ତାଙ୍କୁ ସାଲୁଟଟେ ମାରି ଭିତରକୁ ଛାଡ଼ିଦେଲା । ସେମାନେ ସାଙ୍ଗେ ସାଙ୍ଗେ ଟିକା ନେଇ ମୋଟର ଗାଡିରେ ବସି ପଳେଇଲେ ।

ମୁଁ ବେକକୁ ପଛୁଆ ମୋଡ଼ି ସେଇ ବାବୁ ଆଉ ମାଡାମଙ୍କ ଯିବା ବାଟକୁ ଦେଖୁଥିଲି । ଦୁଇଟା ଲୋକ କୋଉଠୁ ବାହାରିଲେ କେଜାଣି, ମୋ ପଛରେ ଠିଆ ହୋଇଥିବା ଦଶ ଲୋକଙ୍କୁ ଡାକି ଆଗକୁ ନେଇଗଲେ । ସେହି ଭିତରୁ ଜଣେ ପୁଣି କହୁଥିଲା, ହେଇ ଆମ ପାର୍ଟିର କର୍ତ୍ତା ନଥିଲେ.. ତୁମେ ସବୁ ଫେରିକି ଯାଇଥାନ୍ତ..., ପୁଣି ଟିକା ସରିଯାଇଥାନ୍ତା ଟିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରିଯିବା ନାଆଁ ଶୁଣି ଧାଡ଼ି ପେଟରୁ ପୁଣି ଆଉ ଗୋଟେ ଧାଡ଼ି ବାହାରି ପଡ଼ିଲା । ଠେଲା ପେଲା ଟଣା ଘୋଷରା ଚାଲିଲା । ମୋ ଆଗରେ ଠିଆ ହୋଇଥିବା ଭଦ୍ର ଲୋକ ଜଣକ ଏ ଠେଲା ପେଲା ଦେଖି କହିଲେ, "ଦୟାକରି ଗୋଟିଏ ଲାଇନ୍ ରେ ଠିଆ ହୁଅନ୍ତୁ । ପେଲା ପେଲି ହୁଅନ୍ତୁ ନାହିଁ । ଟିକେ ପରସ୍ପର ଭିତରେ ଦୂରତା ରଖନ୍ତୁ । ସରକାର ସାମାଜିକ ଦୂରତା ପାଇଁ ଏତେ କଥା କହୁଛନ୍ତି । ଆମ ଭିତରୁ କାହାକୁ ବି କ'ଣ ହେଇଥାଇ ପାରେ । ଆମେ କ'ଣ ଟିକେ ସତର୍କ ରହିପାରିବା ନାହିଁ ?"

ଲାଇନ୍ ଭାଙ୍ଗି ଆଗକୁ ଠେସି ହେଇ ଆସୁଥିବା ଲୋକଟି ତାଙ୍କୁ କହୁଛି କ'ଣ ଯାହାର ସତର୍କ ରହିବାକୁ ଏତେ ଇଚ୍ଛା ସେ ସେ ପଛକୁ ପଳାଇ ଯାଆନ୍ତୁ । ସାମାଜିକ ଦୂରତା ରଖିବାକୁ ଯିଏ ମାନିବାକୁ ଚାହୁଁଛି ସିଏ ଅଲଗା ଲାଇନ୍ ଟେ କରି ଠିଆ ହୁଅନ୍ତୁ । ଆମକୁ ଆଉ ନିୟମ କାନୁନ ଶିଖାଅନି । ତାଙ୍କ ପାଇଁ ନିୟମ କୁଆଡ଼େ ଗଲା, ଯିଏ ପଛରେ ଆସି ଆଗ ଟିକା ନେଇ ପଳାଉଛନ୍ତି । ଆମ ଭଳିଆ ଦିନ ମଜୁରିଆଙ୍କ ପାଇଁ ସବୁ ତକ ନିୟମ ! ଆରେ.... ଦୁଇ ଦିନ ହେଲା ଫେରିକି ଯାଉଛି । ଦୁଇ ଦିନର ମୂଲ ମଜୁରୀ ଟଙ୍କା କିଏ ଭରିବ ? ପେଟରେ ଓଦା କନା ଦେଇ ଶୋଇଲା ବେଳକୁ କୋଉ ସରକାର ପିଠିରେ ପଡୁଛି ? ଆମେ ଦିନ ମଜୁରିଆ ଲୋକ....., କେତେ ଦିନ ଏଠିକି ଦଉଡୁଥିବୁ .. !

- ଆଚ୍ଛା ଏମିତି କହିଲା । ତୁ ତାହେଲେ ସମସ୍ତଙ୍କ କଥାକୁ କାନ ଡେରି ଥିଲୁ.... ଟାପରା କରି ପଚାରିଲା ମନୋଜ ।

-ଆଉ ଖୁଣ୍ଟଟା ଭଳି ଠିଆ ହୋଇ କଣ କାନଟା ବନ୍ଦ କରି ଦେଇଥାଆନ୍ତି ? କିଏ କଣ କହୁଥାନ୍ତି ସବୁ କାନରେ ପଡିବନି .. ? ହଁ ଶୁଣୁନ ତାପର କଥା .. ସଙ୍ଗୀତା କହିଲା ଯେ ସେ ଦିନ ମଜୁରିଆ କଥାକୁ ଲଥା ଦେଇ ଆଉ ଦୁଇ ଜଣ ତାଙ୍କ ଭିତରେ କ'ଣ କଥା ହେଉଥିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

- ଛାଡ଼ ଛାଡ଼ କରୋନା ଯେତିକି ଆମକୁ ମାରୁନି, ଏ ଦର ଦାମ ସେତିକି ଖାଇଲା । ପୋକରା ବାଇଗଣ କେଜି ତିରିଶି ଟଙ୍କା । ଗ୍ୟାସ ସିଲିଣ୍ଡର ଦାମ୍ ଦେଖିଲେ କାଠ ଗୋଟେଇ ବାକୁ ପଡୁଛି ।

ଆର ଜଣକ ଯାହାର ଦୁଇ ପୁଅ ବାଙ୍ଗାଲୋରରୁ ଚାକିରି ଛଟେଇ ଯୋଗୁ ଘରେ ବସିଛନ୍ତି କହିଲା ।

-ଏ ଧନୀଙ୍କ ପେଟ ପୁରି ବୁକେଇ ପଡ଼ିବ... । ବି. ପି. ଏଲ. କାର୍ଡ ବାଲାଙ୍କ ଭାତ ଗଣ୍ଡାକ କେହି ନେବନି ... । ଏ ବଡ଼ପୁଅ ବାପର..., ସାନପୁଅ ମାଆର... ମଝିଆଁ ନୁହେଁ କାହାର ।

ହସୁଛ କଣ, ଆଗକୁ ସବୁଠାରୁ ମଜା କଥା ଟା ବାକି ଅଛି ।

"ଭିଡ଼ ଯୋଉଠି.. ପୋଲିସ ଜାଗାରେ ନେତା ସେଇଠି ହାଜର ହେଇ ଯାଆନ୍ତି । ମାଗଣାରେ ଏତେ ଲୋକଙ୍କୁ ଏକାଠି ଦେଖିଲେ ଭାଷଣ ଗୁଡ଼ା ତାଙ୍କ ପାଟିରୁ ଖାଲି ଭାସେ କି ଆଉ । ଗୋଟେ ଚନ୍ଦା ମୁଣ୍ଡିଆ ସାଙ୍ଗକୁ ଗୋଟେ ଧଳା ଖଦଡ଼ ସାର୍ଟ ପିନ୍ଧା ଲୋକ ଆସି ପହଞ୍ଚିଗଲେ । ପ୍ରବେଶ କବାଟ କାନ୍ଥ ପାଖରେ ତାଙ୍କ ନେତାଙ୍କ ଫଟ ମରା ଯାଇଥିଲା । ତାଙ୍କ ଭାଷଣ ଆରମ୍ଭ ହେଇଗଲା ।

- ଦେଖନ୍ତୁ ଆଜି ଆମ ମାନ୍ୟବର ନେତାଙ୍କ ପାଇଁ ଆମ ରାଜ୍ୟର ସମସ୍ତ ଜନତା ମାଗଣାରେ ଟିକା ପାଇ ପାରିଛନ୍ତି । ଟିକା ଗୁଡା ନଷ୍ଟ ହେଇ ଯାଉଥଲା । ଆମ ଲୋକ ପାଇବା ଆଗରୁ ବିଦେଶକୁ ବିକ୍ରି ହେଇ ଯାଉଥିଲା । ଆମ ନେତାଙ୍କ ଚେଷ୍ଟା ପାଇଁ ଆଜି ଆପଣ ମାନଙ୍କ ପାଇଁ ସୁରୁଖୁରୁରେ ଟିକାର ବ୍ୟବସ୍ଥା କରାଯାଇଛି । ଆପଣ ମାନେ ଆଗକୁ ଆସୁଥିବା ନିର୍ବାଚନରେ ଆମର ଏହି ନେତାଙ୍କୁ ଅଧିକ ରୁ ଅଧିକ ଭୋଟ ଦେଇ ଏହି ରାଜ୍ୟର ଦାୟିତ୍ୱଭାର ଦେଇ ଦିଅନ୍ତୁ ଇତ୍ୟାଦି ଇତ୍ୟାଦି....

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

-- ଏ ଟିକା ସେଣ୍ଟରଟାରେ ବି କଣ ଭୋଟ ଖେଳ ଚାଲିଥିଲା ? ହସି ହସି କହିଲା ମନୋଜ ।

- ତା ପର କଥାଟା ଆହୁରି ମଜା ଶୁଣ । କହି ବଖାଣି ବାକୁ ଲାଗିଲା ତା'ର ଅନୁଭୂତିର ଦୃଶ୍ୟମାନଙ୍କୁ ।

ଏ କୁଜି ନେତା ଭାଷଣ ଦେଇ ଭୋଟ ମାଗି ପଳେଇଗଲେ । କିଛି ସମୟ ପରେ ଫଟ ଫଟିଆ ମୋଟର ସାଇକେଲ ଧରି ଚାରି ପାଞ୍ଚ ଜଣ ପହଞ୍ଚିଗଲେ । ସେ କାନ୍ଥରେ ଲଗାଯାଇଥିବା ଫଟୋକୁ ଚିରି ଚୁରା ପକେଇଲେ । ଆଉ କାହାର ସବୁ ଫଟୋ ମାରି ପକାଇଲେ । ସେ ବି କ'ଣ ବିନା ଭାଷଣରେ ଏମିତି ପଳାଇବେ ?

- ଆମ କେନ୍ଦ୍ର ସରକାରଙ୍କ ପାଇଁ ଆଜି ଆପଣ ମାନେ ମାଗଣରେ ଟିକା ପାଇଲେ । ଟିକା ବନେଇ ଆମ ଦେଶ ଆଜି ଅନ୍ୟ ଦେଶ ଙ୍କ ଆଗରେ ନିଜର ପ୍ରଗତି ଦେଖାଇଦେଇଛି ।

ଆମ ନେତାଙ୍କ ପ୍ରତିନିଧିତ୍ୱରେ ସବୁ କିଛି ସୁରୁଖୁରୁରେ ଚାଲିଛି । ଆମେ ପୁଣି ଥରେ ତାଙ୍କୁ ଭୋଟ ଦେଇ ଆମ ଦେଶ ଚଳାଇବାର ଦାୟିତ୍ୱ ତାଙ୍କ ହାତରେ ଦେଇଦେବା । ଜିନ୍ଦାବାଦ ଜିନ୍ଦାବାଦ କହି ପଳେଇଗଲେ ।

ଓ ହୋ ... ! ଏମିତି ଦଳ ଦଳ ଲୋକ ଆସୁଥାଆନ୍ତି ....ଯାଉଥାଆନ୍ତି । ଆମେ ଯୋଉଠି ଠିଆ ହେଇଥିଲୁ ସେଇଠି ଠିଆ ହୋଇଛୁ ।

ଘରୁ ବାହାରିଲା ବେଳେ ଘୋଡ଼ା ଭଳି ହଉଡ଼ି ଦଉଡ଼ି ତ ଆସିଲି । ହେଲେ ଟିକା କେନ୍ଦ୍ର ଫାଟକ ପାଖରୁ କଇଁଛ ଖୋଳପା ଲାଗିଗଲା । ପଛ ଲୋକ ସବୁ ଆଗକୁ ମାଡ଼ି ଯାଉଛନ୍ତି । ଧାଡ଼ି ପାଖରେ ଆଉ ଗୋଟେ ସଉତୁଣୀ ଧାଡ଼ି । ଘଡ଼ିଏ ଠିଆ ହେଲା ପରେ ବି ଧାଡ଼ି କଣ ଆଗକୁ ବଢୁଛି ? ନଇ ବଢ଼ି ପାଣି ଛିଡ଼ିଲା ଭଳିଆ ବରଂ ପଛୁଆ ଚାଲିଛି । ଏ ପଟେ ମୁନା ପାଣି ପାଣି ହେଇ ଶୋଷରେ ଆଉଟୁ ପାଉଟୁ ହେଲାଣି । କଣ କରିବି.... ଏପଟ ସେପଟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଖି ବୁଲେଇଲି । ଦେଖିଲା ବେଳକୁ ଆମ ସାହି କାଞ୍ଚନଅପା ତା ଝିଅ କାଜଲକୁ ଧରି ଆଗରେ ଠିଆ ହେଇଛି । ମୁ ଲୋକଙ୍କୁ ଠେଲି ତା କତିକି ପଳାଇ ଗଲି । ଲୋକ ପଛରୁ ପାଟି କରୁଥିଲେ । ତାଙ୍କ କଥାକୁ କିଏ କାନ ଦେବ । ମୁନାକୁ ତାଙ୍କ ପାଖରେ ଠିଆ କରି କହିଲି ତୁ ଆମ ଯାଗା ଜଗିଥା । ଆମେ ଆଗକୁ ଆସି ଗଲେଣି । ଟିକେ ପରେ ଆମ ପାଳି ଟା ଆସିଯିବ । ମୁଁ ପାଣି କିଣି ଆସୁଛି ।

ଏଇ ଭିଡ଼ ଭାଡ଼ ଟଣା ଘୋଷାରା, ପାଟି ତୁଣ୍ଡ ଭିତରେ ବେଳ ଦୁଇ ଘଡ଼ି ହେଲାଣି ।ପାଖରେ ଅଛି ନା ଦୋକାନ ନା ବଜାର ? ଦୋକାନ ଖୋଜି ଖୋଜି ଛକ ପର୍ଯ୍ୟନ୍ତ ଯିବାକୁ ପଡ଼ିଲା । ପାଣି ଧରି ଫେରିବା ବେଳକୁ ଦେଖିଲି ଧାଡ଼ି ନା ଫାଡ଼ି । ସବୁ କେବୁଆଡ ଗଲେଣି ଭାରି । କାଞ୍ଚନ ଅପା କହିଲା ' କୋଉଠି ଥିଲୁ... । ନେ ତୋ ପୁଅ କୁ । ଟିକା ସରିଗଲା । ସେଣ୍ଟର ବାଲା ଆଲାଉଁସ୍ (announce) କରିଦେଲେ । କହିଲେ ପୁଣି ଥରେ କେବେ ଆମ ପାଳି ପଡ଼ିବ ସେଇଟା ଆମ ମୋବାଇଲ୍ କୁ କୁଆଡ଼େ ଆସିଯିବ ।

ହେ ଭଗବାନ୍.. ! ତୁ ଟିକା ନେଲୁନି.. ?

ଏଇ କଥା ଟା ସଟ୍ କଟ କରି କହି ପାରିଲୁନି ଯେ ସେତେବେଳୁ ବନେଇ ଚୁନେଇ କଥା କହୁଛୁ ।

-କାହିଁ ସବୁ କଥା ସଟ୍ କଟ୍ କରିଦେବି ? ମୋ ଦିହ ମୁଣ୍ଡ ବଥାଟା ସଟ୍ କଟ୍ ହେଇଯାଉଛିକି .. !

କହି ଭାତ କଂସାଟା ଧରି ଖାଇବାକୁ ବସି ପଡ଼ିଲା ସଙ୍ଗୀତା ।

ଚାର୍ଜର୍ ରେ ଲାଗିଥିବା ମୋବାଇଲ୍ ଟାକୁ କାଢି ଆଣିଲା ମନୋଜ । ଶୋଇପଡିଥିବା ହ୍ଵାଟ୍‌ସ ଆପ୍ ମେସେଜ ଗୁଡା ଉଠି ପଡ଼ି ଟୁଁ ଟୁଁ କରି ବୋବାଳ ଛାଡ଼ିଲେ । ମନୋଜ କେତେ ମେସେଜ୍ କୁ ଖାଲି ଆଖି ପକାଇ ଗଡ଼େଇ ଚାଲିଲା । ହେଲେ ଆଖି ଅଟକି ଗଲା ସଦାନନ୍ଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଇଥିବା ମେସେଜ ଉପରେ । ଖୁସି ଆଉ କୌତୂହଳକୁ ଦେଖିବାର ଥିଲା । ଆଉ ସଙ୍ଗୀତା ସେଇ ଟାକୁ ଦେଖି ପାରିଥିଲା ।

ପଚାରିଲା "କଣ ଦେଖି ଏତେ କୁରୁଳୁଛ ମ... ?

-ଆଲୋ ...ମୁଁ ଯୋଉ କଥା ତତେ କହୁ ନଥିଲି !

-କୋଉ କଥା ? ତୋରାଣି ଢୋକ ମାରି ପଚାରିଲା ସଙ୍ଗୀତା ।

-ଏଇ ମୁଁ ଯୋଉ କହୁଥିଲି କି ଡିଉଟିରୁ ଫେରିବାବେଳ କଥା ମ । ସାଇକେଲ୍ ବୁଲାଉ ଥିଲି । ଦେଖିଲି କେତେ ଗୁଡ଼ା ଲୋକ ହୋହଲ୍ଲା କରି ମଶାଣି ଗେଟ୍ ଭିତରେ ପଶୁଥିଲେ । ନିଶ୍ଚିତ ବଡ଼ ବଡ଼ିଆ କି ଧନୀ ଲୋକ ହେଇଥିବେ । ଭଲ ବଟିଟା ସଦାନନ୍ଦ ଘରିକା ବାଣ୍ଟି କୁଣ୍ଟି ନେବେ... ! ସଦାକୁ ଫୋନ୍ କରି କହିଲି ଯେ ମୁଁ ଏଇ କାମଟା ପରେ ଘରକୁ ଆସିବି । ସଦା କହିଲା.... ଆବେ ଆମେ ତୋ ଭାଗଟା ରଖିଦେବୁ । ତୁ ଆଉ କୋଉ ଦିନ ଆମ ପାଇଁ ଆମ ଭାଗ ରଖିଦେବୁ । ତୋର ମୋର ବୁଝାମଣା ଠିକ୍ ରହିଲେ ଗଲା ।

ହେଇ ମେସେଜ ଦେଇଛି ଯେ ବଢିଆ ବଟି ମିଳିଲା । ପୁରା ଭିଡିଓ କରି ଦେଇଛି । କାଲି ଆସିଲେ ତୋ ଭାଗ ନେଇଯିବୁ । "

- ହେଇପା ସଦା ପଠେଇଛି ଭିଡିଓ । ରହ ରହ ଟିକେ ଭିଡିଓ ଲୋଡ୍ ହେବାକୁ ସମୟ ଲାଗୁଛି । ହେଇ ହେଇ ଲୋଡ୍ ହେଇଗଲା କହି ଭିଡିଓରେ ବକଧ୍ୟାନ ପରି ଆଖି ଯୋଖିଦେଲା ।

ଆମୂଳଚୁଳ ଦେଖିଲାପରେ ତା ମୁହଁ ରୁ ବାହାରି ପଡ଼ିଲା ।

ଧେତ୍ ତେରିକା .. !

ତାପରେ ଠୋ ଠୋ କରି ହସିବାକୁ ଲାଗିଲା ।

- କିହୋ ହସ ମଉସା ଭିଡିଓରୁ ବାହାରିଲେ କି ? ଏମିତି ହସୁଛ ଯେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ଟିକେ ଦେଖା ଦେଖା କଣ ବଟି ମିଳିଲା ! ଭାତ ଗୁଣ୍ଡେ ପାଟିରେ ଜାକି କହିଲା ସଙ୍ଗୀତା ।

-ନେ... ଦେଖେ ..କହି ଭିଡିଓଟାକୁ ଚଲାଇ ଦେଲା ମନୋଜ ।

ସଦାନନ୍ଦ ଦଳେ ଲୋକଙ୍କୁ ଅଟକାଇ କହୁଛି" ନାହିଁ ଆଜ୍ଞା ଏତେ ଲୋକ ପଶିବାକୁ ଆମକୁ ଅନୁମତି ନାହିଁ । ଟିକେ ଆପଣଙ୍କ ଲୋକଙ୍କ ନାଆଁ ଟା କହନ୍ତୁ ଆଉ ଫର୍ମଟା ଦେଖନ୍ତୁ"

ସେଥିରୁ ଗୋଟେ ତା ଆଧାର କାର୍ଡ ଦେଖାଇ କହୁଛି ଯେ ଆମର ପରିଚୟ ହେଲା ଆମେ ଦେଶର ଏକ ସାଧାରଣ ଜନତା । ତା ଭିତରୁ ଜଣେ ମାଇକିଟେ ତାକୁ ଧରେଇ ଦେଲା । ତାପରେ ତା ଭାଷଣ ଆରମ୍ଭ କରିଦେଲା ।

-ଭାଇ ଓ ଭଉଣୀ ! ଆଜି କରୋନାର ଏ ଦ୍ୱିତୀୟ ଲହରୀ ଏ ପ୍ରଳୟଙ୍କରୀ ରୂପ ଧରିଛି । ଏ ଶ୍ମଶାନରେ ଅଖଣ୍ଡ ଜୁଇ ଜଳୁଛି । ଶ୍ମଶାନ ଭିତରେ ଆତ୍ମାର ବିଳାପ । ଶ୍ମଶାନ ବାହାରେ ଆତ୍ମୀୟ ସ୍ୱଜନଙ୍କ ବିଳାପ । ଖାଲି କ'ଣ କରୋନା ଆମକୁ ମାରୁଛି ? ଏ ମଣିଷ ମଣିଷକୁ ମାରୁଛି । ଯୁଆଡ଼େ ଦେଖ ଦୁର୍ନୀତି । ଦୁର୍ନୀତିରୁ ଆଜି ଏହି ଦୁର୍ଗତି ।

ଲୋକ ଶ୍ୱାସରୁଦ୍ଧ ଅବସ୍ଥାରେ କଲବଲ ହେଉଥିବା ବେଳେ ହଜାର ଟଙ୍କା ମୂଲ୍ୟର ଅକ୍ସିମିଟରକୁ ପାଞ୍ଚ ହଜାର ଟଙ୍କାରେ ବିକ୍ରି ହେଲା । ରାମଡେସିବଭିର୍ ଇଞ୍ଜେକ୍ସନକୁ ପାଞ୍ଚ ହଜାର ବଦଳରେ ତିରିଶି ଚାଳିଶ ହଜାରରେ ବିକ୍ରି କରାଗଲା । ଅକ୍ସିଜେନ୍ ସିଲିଣ୍ଡରକୁ ଲୁଚାଇ ରଖି କୃତ୍ରିମ ଅଭାବ ସୃଷ୍ଟି କରାଗଲା । ଆମ୍ବୁଲାନ୍ସ ଗାଡି ମାଲିକ, ଉଦ୍ଧିଷ୍ଟ ମୂଲ୍ୟ ଠାରୁ ଦଶ ଗୁଣ ଅଧିକ ଟଙ୍କା ଦାବି କରିଲେ । ତାଲାବନ୍ଦର ଘୋଷଣା ହେବା ମାତ୍ରେ ପନିପରିବାଠାରୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ଦାମର ଅହେତୁକ ବୃଦ୍ଧି । ମଦ ଦୋକାନକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଅନ୍ତର୍ଭୁକ୍ତ କରାଗଲା । ଏ ପ୍ରକାର ଅବ୍ୟବସ୍ଥାର ଉତ୍ତର କିଏ ଦେବ ? ଆଜି ଟିକା ନଷ୍ଟ ହେବାରେ କିଏ ନିଜକୁ ଦାୟୀ ମନେ କରୁଛି ?ଏହାର ଉତ୍ତର କିଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେବ ରାଜ୍ୟ ସରକାର ନା କେନ୍ଦ୍ର ସରକାର ?

ଦେଶ ସେବା ନାଆଁ ରେ ଚାଲିଛି ରାଜନୀତିଜ୍ଞଙ୍କ ଅହଂର ଉପଦ୍ରବ । ଆଜି ଏହି ପ୍ରକାରର ଗମ୍ଭୀର ସମସ୍ୟାରେ ବି ନେତା ମାନେ ତାଙ୍କର ଆଗତ ନିର୍ବାଚନ ପାଇଁ ବିଷବସ୍ତୁକୁ ଖୋଜୁଛନ୍ତି । କୋଭିଡ଼ କଟକଣା ନିୟମ ଆଜି ନେତାଙ୍କ ପାଇଁ କାହିଁ? ନିର୍ବାଚନ ପ୍ରଚାର ବେଳେ ତାଙ୍କ ପାଇଁ କୋଭିଡ୍ ନିୟମ କଟକଣା ବାଟବଣା ହେଇଯାଇଛି । ଆଜି ଟିକାକରଣ ନାଆଁରେ ବି ରାଜନୀତି । ଏଥିରେ ନେତାଙ୍କର ଆତ୍ମଅଭିନନ୍ଦନର ଆଡମ୍ବର ସାଜିଯାଇଛି । ଆଜି ରାଜ୍ୟ ସରକାରଙ୍କ ନେତା ଓ କେନ୍ଦ୍ର ସରକାଙ୍କ ନେତାଙ୍କ ଫୋଟୋ ଓ ପୋଷ୍ଟର ନେଇ ଟିକା କେନ୍ଦ୍ର ଗୁଡ଼ିକରେ ମାଡ଼ ଗୋଳ ।

ଏ ସବୁ ଆଗତ ନିର୍ବାଚନ ପାଇଁ ଘୋଷଣା ପତ୍ର ନୁହେଁ ଆଉ କ'ଣ ? ଜନ୍ମ ସ୍ଥାନ ଠାରୁ ଆରମ୍ଭ କରି, କର୍ମକ୍ଷେତ୍ର, ଧର୍ମସ୍ଥାନ, ବିଦ୍ୟା ସ୍ଥାନ ଏମିତି ଶ୍ମଶାନରେ ବି ବିବର୍ଣ ରାଜନୀତି । ଆଜି ଆମ ଦେଶରେ ଏହି ପ୍ରକାର ରାଜନୀତି ଚାଲିଛି ଯାହାର ମାନସିକତା ରୋଗଗ୍ରସ୍ତ ଓ ମାନବିକତା ମୃତ । କେବଳ ଧ୍ୱନି ଦେଲେ ଏ ଦୁର୍ନୀତି ହଟିବ ନାହିଁ । ଏଥିପାଇଁ ଶକ୍ତିଶାଳୀ ଆନ୍ଦୋଳନ ଲୋଡ଼ା । ଯୋଉମାନେ ଫଟୋକୁ ନେଇ ଆତ୍ମବଡ଼ିମା ଦେଖାଉଛନ୍ତି, ମଶାଣିରେ ମୃତ ବ୍ୟକ୍ତିଙ୍କ ଶୋକତୁର ଆତ୍ମାକୁ ଉତ୍ତର ଦିଅନ୍ତୁ ।

ତାଙ୍କ କଥା ସରିଛିକି ନାହିଁ କେଇଟା ଲୋକ ହାତରେ ଧରିଥିବା ପୋଷ୍ଟର ଆଉ ଫଟୋକୁ କାନ୍ଥରେ ଲଗେଇ ଦେଲେ ।

ଭିଡିଓଟା ଶ୍ରୋତାବନ୍ଧୁଙ୍କ ପାଖରେ ଫୋକସ୍ ହେଇଛି । କିଏ ଫଟୋ ଉଠାଇଛି ତ କିଏ ଜଣେ ଭିଡିଓ ନେଉଛନ୍ତି । ଜଣେ ତାଙ୍କ ପାଖକୁ ଆସି କହୁଛନ୍ତି "ଭଲ କରି ଫଟୋ ନିଅନ୍ତୁ । ହଁ ଖବର କାଗଜର ଫ୍ରଣ୍ଟପେଜ୍ ରେ ଭଲ କି କଭର ହେବା ଦରକାର ।

ପୁଣି ଭିଡ଼ିଓଟି ସେ ଫଟୋ ଉପରେ ଫୋକସ୍ କରାଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଙ୍ଗୀତା ତାକୁ ଦେଖି ଝିଭ କାମୁଡି କି କହିଲା

"ଏ ମାଆ ... ! ଏଇ ଫୋଟୋ ଦୁଇଟାତ....

ସଙ୍ଗୀତା ପୁଣି ମନୋଜକୁ ପଚାରିଲା, ଯିଏ ଭାଷଣ ଦେଉଛି ସେ କିଏ ?

ମନୋଜ ହସି ହସି କହିଲା ସେ.. କଜଳ ପାତିଆ ଭଦର ଲୋକ । ମାନେ ଏଇ ହେଲେ ବିରୋଧୀ ଦଳ । ମଉକା ଉପରେ ଚଉକା ମାରନ୍ତି । ସମୟ ଓ ଯାଗା ଖୋଜୁଥାନ୍ତି ତାଙ୍କ ଫଟୋଟା କୋଉଠି ମାରିପାରିବେ.... □

କଣ ବୁଝିଲୁ.. ?

ହସି ପକାଇ ସଙ୍ଗୀତା କହିଲା ତୁମ କଥା ତୁମେ ବୁଝୁ ଥାଅ । ମୁଁ ଯାଏଁ ଲୋ ବାସନ ମାଜି ଆଣେ... ପାଣି ବନ୍ଦ ହେଇଯିବ ।

ଏପଟେ ମସିଣାରେ ଗଡ଼ି ପଡ଼ି ମନୋଜ ମୁରୁକି ହସି ସଦାନନ୍ଦର ମେସେଜର କ'ଣ ସବୁ ଉତ୍ତର ଦେଇ ଚାଲିଥିଲା ।

ରେଳ କୁଟୀର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୋକିଲା

ମୂଳହିନ୍ଦୀ..ବାଳକୃଷ୍ଣ ଗୁପ୍ତା " ଗୁରୁ"

ଅନୁସୃଜନ- ବିନୟ କୁମାର ଦାସ

"ଶୁଣିବାକୁ ପାଇଲି ପୋଲିସ ବିଭାଗରେ କୁକୁରମାନଙ୍କ ପାଇଁ ବି ଚାକିରୀ ରହୁଛି । ସତ ନା କଣ ?"

"ହଁ...ଠିକ୍ ଶୁଣିଚ ।"

"ଯଦି ସତ... ଭାବୁଚି ମୁଁ ବି ଏଥିପାଇଁ ଆପ୍ଲାଇ କରିଦେବି ।"

"ମାନେ... ?"

"ମାନେ ଆଉ କଣ... ଭୋକିଲା କୁକୁରଙ୍କ ପରି ମୁଁ ବି ତ ଘୂରିବୁଲୁଛି ଏଣେତେଣେ ମୋ ଭୋକିଲା ପେଟକୁ ଗଣ୍ଡେ ଦାନା ଯୋଗାଇବା ପାଇଁ... ଚାକିରୀ ସଂଧାନରେ ।"

"କିନ୍ତୁ... କୁକୁରମାନେ ତ ସେ ଚାକିରୀ ପାଇଁ କେବେ ଆପ୍ଲାଇ କରନ୍ତି ନାହିଁ ।"

"ତାହେଲେ ଚାକିରୀ ମିଳେ କେମିତି ?"

"ସେମାନଙ୍କ ଯୋଗ୍ୟତାକୁ ବିଚାରକୁ ନେଇ ନିଯୁକ୍ତି ଦିଆଯାଏ ।"

"ଓହୋ... ତାହେଲେ ମୋର ସ୍ଥିତି କୁକୁରଠାରୁ ବି ହୀନ !"

"ନା... ଠିକ୍ ସେୟା ନୁହଁ ।"



ବିନୟ କୁମାର ଦାସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୁମେ ଭୁଲ ବୁଝିଲ । ତୁମର ଜାଣିବା ଉଚିତ, ମଣିଷର ଯୋଗ୍ୟତା ଥାଇ ବି ଯଦି ସେ ତାର ମନ ମୁତାବକ ଚାକିରୀଟେ ପାଇ ନ ପାରିଲା ତେବେ ସେ କେବେ ବି ଭୋକିଲା ରହିବ ନାହିଁ । ଏ ଦୁନିଆରେ କିଛି ନା କିଛି କରିପାରିବାର ବ୍ୟବସ୍ଥା ରହିଛି । ନିଜ ବୁଦ୍ଧି ବିବେକ ବଳରେ ଜଣେ କିଛି ନା କିଛି ତ କରି ନିଜର ପେଟ ପୋଷିପାରିବ ।"

ଏତକ ଶୁଣିଲା ପରେ ସେ କିଛି ସମୟ ସ୍ଥିର ମସ୍ତିଷ୍କରେ କିଛି ଚିନ୍ତା କଲା । କିଛିଦିନ ପରେ ସେ ଏକ ହୋଟେଲରେ ରୁଟି ବେଲିବା କାମ ଆରମ୍ଭ କରିଦେଲା ।

ଏବେ ସେ ଏକ ବିରାଟ ଭୋଜନାଳୟର ମାଲିକ । ତା ଭୋଜନାଳୟର ଦ୍ୱାର ବେରୋଜଗାରିଆ ଶିକ୍ଷିତ ବ୍ୟକ୍ତିଙ୍କ ପାଇଁ ସବୁବେଳେ ଖୋଲା ରହିଚି ।

ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର ୧
ମୋ..୭୯୭୮୬୨୦୩୭୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରି ଘୁରିକା : ନାଟକ

**ପାତ୍ର ପରିଚୟ:-**

୧/ଅମରେନ୍ଦ୍ର ଚୌଧୁରୀ -ରିଟାୟାର୍ଡ ଏସ.ପି

୨/ଅସିତ ଚୌଧୁରୀ -ପୁଅ

୩/ନିର -ଚାକର

୪/ସୁରେନ୍ଦ୍ର -ସାମ୍ବାଦିକ

୫/ସମ୍ବିତ - ?

୬/ମି:ପଣ୍ଡା -ଏସ.ପି

୭/ଅଭିଜିତ -ଏସ.ଆଇ

୮/ଡିଶୋଜା -ପାଗଳ

୯/ବିକ୍ରମ -ବ୍ଲାକର

୧୦/ନବୀନ -ସି.ଆଇ.ଡି

୧୧/ଦେବ କୁମାର - D

୧୨/ବିଶ୍ୱନାଥ - V

୧୩/ ଦିନଦାୟଲ - D

୧୪/ନାଥୁରାମ - N

୧୫/ରୂପେଶ -କଏଦୀ



ସୁଧାଂଶୁ ଶେଖର ଦ୍ୱିବେଦୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୬/ଶ୍ରାବଣୀ -ଆସିତର ସ୍ତ୍ରୀ

୧୭/ଯଶୋଦା -ଶ୍ରାବଣୀର ମା'

୧୮/ଅନୁଶ୍ରୀ - ଅମରେନ୍ଦ୍ରଙ୍କ ଝିଅ

୧୯/ଗୀତା - ଡିଶୋଜାର ସ୍ତ୍ରୀ ଏବଂ ସରକାରୀ, ବେସରକାରୀ ଓକିଲ ତଥା ଜଜ ଓ ୧୦ ବର୍ଷର ଛୋଟ ଶ୍ରାବଣୀ ।

## ।।୧ମ ଦୃଶ୍ୟ ।।

(ବାହାଘର ପାଇଁ ମଞ୍ଚ ସଜା ହୋଇଥାଏ । ତୁରୀ-ମହୁରୀ, ବାଜାଶଙ୍ଖର ଶବ୍ଦ ଶୁଭୁଥାଏ । ଏକାକୀ ସମ୍ବିତ ମହାପାତ୍ର ଦୁଃଖ ଓ ଅଭିମାନରେ ଠିଆ ହୋଇ କାନ୍ଦୁଥାଏ । ଶ୍ରାବଣୀ କନ୍ୟା ବେଶରେ ପ୍ରବେଶ କରେ ।)

ଶ୍ରାବଣୀ-(ସମ୍ବିତକୁ ଲକ୍ଷ୍ୟ କରି)ଆରେ..ସମ୍ବିତ ତୁମେ କାନ୍ଦୁଛ ?

ସମ୍ବିତ-ଆରେ ନା ନା ମୁଁ କାନ୍ଦିବି କାହିଁକି ?ଆଖିରେ କଣ ଗୋଟେ ପଡିଗଲାତ ସେଇଥିପାଇଁ ପାଣି ଗଡୁଛି ।

ଶ୍ରାବଣୀ-ପୁଣି ମିଛ କହିଲ ?

ସମ୍ବିତ-ମିଛ !ମୁଁ କାହିଁକି ମିଛ କହିବି ।

ଶ୍ରାବଣୀ-ମୁଁ ଜାଣେ ତୁମେ କଣପାଇଁ କାନ୍ଦୁଛ ।

ସମ୍ବିତ-ଆରେ ମୁଁ ପରା ମନାକଲି କାନ୍ଦୁନାହିଁ ମୋ ଆଖିରେ କଣ ଗୋଟେ ପଡିଗଲା ।

ଶ୍ରାବଣୀ-ଦେଖି କଣ ପଡିଛି ।

ସମ୍ବିତ-ବାହାର କରି ଦେଇଛି । ଆଛା ଶ୍ରାବଣୀ ତୁମକୁ ଗୋଟେ କଥା କହିବି କିଛି ଖରାପ ଭାବିବ ନାହିଁତ ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାବଣୀ-କୁହ... ।

ସମ୍ବିତ-ସତରେ ତୁମେନା ଆଜି ଭାରି ସୁନ୍ଦର ଦେଖାଯାଉଛ ।

ଶ୍ରାବଣୀ-ସମ୍ବିତ...

ସମ୍ବିତ-ମୁଁ ବି ଦିନେ ସ୍ୱପ୍ନ ଦେଖିଥିଲି । ତୁମେ କନିଆଁ ସାଜିଥିବ ଆଉ ମୁଁ...ଆରେ ନା ନା ମୁଁ ଏ କଣ ଭାବୁଛି । ସ୍ୱପ୍ନ ତ ଏକ ମିଛର ବନାନୀ । ମୋ ଭଳି ଅନାଥମାନେ ସ୍ୱପ୍ନ ଦେଖିବା ବଡ଼ ଭୁଲ ।

ଶ୍ରାବଣୀ-ସମ୍ବିତ....

ସମ୍ବିତ-ସତରେ ଆଜି କେତେବଡ଼ ଦିନ । ମୋ ଆଖିର ଲୁହ ଦେଖିଲେ ହୁଏତ ତୁମର ଅମଙ୍ଗଳ ହୋଇପାରେ । ହସିବି ଆଜି ମୁଁ ମନଭରି ହସିବି ହା-ହା-ହା....

ଶ୍ରାବଣୀ-ସମ୍ବିତ.. ଆରେ ତୁମେ ଏମିତି କଣପାଇଁ ହସୁଛ ?

ସମ୍ବିତ-ମନଭରି ହସିବାଟା କଣ ଭୁଲ ?

ଶ୍ରାବଣୀ-ଆଛା ତୁମେ କୁହତ ମୋ ବାହାଘରରେ ସମସ୍ତେ କିଛି

ନା କିଛି ଉପହାର ଦେଉଛନ୍ତି । କିନ୍ତୁ ତୁମେତ ଏଯାଏଁ ମୋତେ କିଛି ଦେଲନାହିଁ । କଥାକଣ ତୁମେ ମୋତେ କିଛି ଦେବନାହିଁକି ?

ସମ୍ବିତ-ହଁ(ଦୀର୍ଘଶ୍ୱାସ ନେଇ)ମୋ ଉପହାର ସ୍ୱରୂପ ମୁଁ ତ ସ୍ୱୟଂ ତୁମକୁ ଦିନେ ଦେଇ ସାରିଥିଲି । ଜୀବନତମାମ ସାଥୀ କରିବି ବୋଲି ମନରେ ଏକ ମସ୍ତବଡ଼ କଳ୍ପନା କରିଥିଲି । ହେଲେ ସେ କଳ୍ପନାରେ ଅଳନ୍ଧୁ ଲାଗିଗଲା ।

ଶ୍ରାବଣୀ-ସମ୍ବିତ....

ସମ୍ବିତ-ମୋତେ କଣ ଜଣାଥିଲା ତୁମେ ପିଲାଟି ଦିନରୁ ଅନ୍ୟର ହୋଇଯାଇଛ ବୋଲି? ତାହା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଦି ମୁଁ ପୂର୍ବରୁ ଜାଣିଥାଆନ୍ତି ସତ କହୁଛି ତୁମକୁ ମୋ ଭାବନାର ତାଜମହଲ ବନେଇ ନଥାନ୍ତି । ହଁ ତୁମେ ମୋଠାରୁ ଉପହାର ଚାହୁଁଥିଲନା ସେଇ ଉପହାର ଦେବାପାଇଁ ତ ମୁଁ ଏଠାରେ ସେଇବେଳୁ ତୁମକୁ ଅପେକ୍ଷା କରିଛି ।

ଶ୍ରାବଣୀ-ତାହେଲେ ଆଉ ବିଳମ୍ବ କଣପାଇଁ ? ଦିଅନା ମୁଁ ଆଗେ ଦେଖେ ମୋ ପିଲା ଦିନର ସାଥୀ ମୋପାଇଁ କି ଉପହାର ଆଣିଛନ୍ତି ?

ସମ୍ବିତ-(ସିନ୍ଦୁର ଫରୁଆ ବଢ଼ାଏ)

ଶ୍ରାବଣୀ-ସିନ୍ଦୁର ଫରୁଆ ? ?

ସମ୍ବିତ-ହଁ ଶ୍ରାବଣୀ ଏହାରି ଭିତରେ ଜଣେ ବିବାହିତା ନାରୀର ଶ୍ରେଷ୍ଠ ସମ୍ବଳ ରହିଛି । ଏଇ ଫରୁଆର ପ୍ରତ୍ୟକ ସିନ୍ଦୁର ବିନ୍ଦୁ ତୁମ ଜୀବନର ଚିର ସୀମନ୍ତ ହୋଇ ରହୁ ଏହାହିଁ ଜଗନ୍ନାଥଙ୍କ ନିକଟରେ ଗୁହାରି ।

ଶ୍ରାବଣୀ-ସମ୍ବିତ...

ସମ୍ବିତ-ମୋର ଏ ଉପହାର ତୁମପାଇଁ ସାମାନ୍ୟ ହୋଇପାରେ କିନ୍ତୁ..

ଶ୍ରାବଣୀ-ନା ସମ୍ବିତ ତୁମର ଏ ଉପହାର ମୋପାଇଁ ସାରା ଜୀବନ ଅସାମାନ୍ୟ ଅପାସୋରା ହୋଇ ରହିବ ।

ସମ୍ବିତ-ଆଉ କିଛି ସମୟ ପରେ ତୁମେ ପରର ସ୍ତ୍ରୀ ହୋଇଯିବ । ଆଉ କେବେ ଦେଖା ହେବ କି ନା ସେଇ ଭଗବାନ ଜାଣନ୍ତି । ତୁମ ଖୁସିପାଇଁ ମୁଁ ଯେପରି ଆଜି ତୁମଠାରୁ ଦୂରେଇ ଯାଇଛି ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ତୁମେ ସଦା ସୁଖୀ ରୁହ ।

ଶ୍ରାବଣୀ-ସମ୍ବିତ....(କୋହ)

ସମ୍ବିତ-ଲୁହ ପୋଛିଦିଅ ଶ୍ରାବଣୀ । ଶୁଭ ଦିନରେ କାନ୍ଦିବା ଆଦୌ ଠିକ ନୁହେଁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(ବର ଆସିବାର ମ୍ୟୁଜିକ ବାଜେ । ବାଣ, ରୋଷଣୀ ଫୁଟିବାର ଶବ୍ଦ ଶୁଭେ)

(ଅନ୍ତରାଳେ ଯଶୋଦାଙ୍କର ଭଏସ)

- ଆରେ ଶମ୍ଭୁ କୁଆଡେ ଗଲୁ ? ଦେଖ ତ ବର ବରଯାତ୍ରୀ ଆସିଲେଣି ନା କଣ ?

ସମ୍ବିତ-ହଁ ବୋଉ, ଦେଖୁଛି ।(ପ୍ରସ୍ଥାନ)

ଶ୍ରାବଣୀ-ତୁମେ ହୁଏତ ଜାଣିନାହଁ ସମ୍ବିତ ମୁଁ ଆଜି କଣପାଇଁ ନିଜକୁ ଭୁଲି ଅନ୍ୟକୁ ଆପଣାର କରୁଛି ?

(କିଛିକ୍ଷଣ ପାଇଁ ମଞ୍ଚ ଅନ୍ଧାର ହେବା ପରେ ପୁନଃ ଆଲୋକିତ)

(ଅନ୍ୟ ଦିଗରୁ ଅମରେନ୍ଦ୍ର ଚୌଧୁରୀ ଓ ଯଶୋଦାର ପ୍ରବେଶ । ଅମରେନ୍ଦ୍ର ଉପରେ ଏକ ସାଲ ପକାଇଥାନ୍ତି । ତାଙ୍କର ଦୁଇଟି ହାତ ନଥାଏ । ପଛେ ପଛେ ତାଙ୍କ ଚାକର ନିର ମଧ୍ୟ ଥାଏ ।)

ଯଶୋଦା-ଆପଣଙ୍କର ଏ ଉପକାର ମୁଁ ଜୀବନ ସାରା ଭୁଲି ପାରିବିନି ଭାଇ ସାହେବ ।

ଅମ-ଏଥିରେ ଭଲା ମୁଁ କି ଉପକାର କଲି ? ଯାହା ପୂର୍ବ ନିର୍ଦ୍ଧାରିତ ସେଇୟାକୁ ପାଳନ କରିଛି ।

ଯଶୋଦା-ସତରେ ଆପଣ ମୋ ମାନ ମହତକୁ ରକ୍ଷା କରି ଶ୍ରାବଣୀକୁ ବୋହୂ କରିନେଲେ । ଆପଣଙ୍କ ମହାନତା ପାଇଁ ମୁଁ ଚିର ଋଣୀ ହୋଇ ରହିବି ।

ଅମ-କି କଥା ଆପଣ କହୁଛନ୍ତି ଭାଉଜ । ମୋ ବନ୍ଧୁର ମହତ୍ୱାକାଂକ୍ଷାକୁ କେମିତି ଭୁଲି ଯାଇଥାଆନ୍ତି ? ସୁରେନ୍ଦ୍ର ଯଦି ଆଜି ଥାଆନ୍ତା ତାହେଲେ ତା ଝିଅ ବାହାଘରରେ କେତେ ଖୁସି କେତେ ଆନନ୍ଦ ହେଉନଥାନ୍ତା !

(ଯଶୋଦା ଅଭିଭୂତ ହୋଇ ଲୁହ ପୋଛନ୍ତି ।)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅମ-ଛାଡ଼ ଭାଉଜ, ଗଲାକଥା ପାଣିର ସୁଅ ପରି ବହିଯାଇଛି । ପାଣିର ସୁଅକୁ ଆଉ କଣ ଫେରାଇ ଆଣିହେବ ?

ଯଶୋଦା-ସମୁଦି.... ।

ଅମ-ନା ଭାଉଜ ମୋତେ ଆପଣ ସେଇ ଭାଇ ସାହେବ ବୋଲି ସମ୍ବୋଧନରେ ଡାକନ୍ତୁ । ମୋ ବନ୍ଧୁର ନିବିଡ଼ ସମ୍ପର୍କକୁ ଭୁଲି ମୁଁ ସମୁଦି ଡାକରେ ପରିବର୍ତ୍ତନ ହେବାକୁ ଚାହେଁନା ।

ଯଶୋଦା-ଭା-ଇ ସା-ହେ-ବ- ।

(ମଞ୍ଚ ଅନ୍ଧାର)

।।୨ୟ ଦୃଶ୍ୟ ।।

(ପୁଣିଥରେ ଆଲୋକିତ ହେବାରୁ ବିବାହର ମନ୍ତ୍ର ଉଚ୍ଚାରଣ ଶୁଭେ । ଫ୍ଲାସ ବେକରେ ବିବାହ ଉତ୍ସବ ଅନୁଷ୍ଠିତ ହେବାର ଦୃଶ୍ୟ । ସମ୍ବିତ ବର ବେଶରେ ସଜ୍ଜିତ ଆସିତକୁ ଧରି ଆସେ ଓ ଯଶୋଦା କନ୍ୟା ବେଶରେ ଶ୍ରାବଣୀକୁ ଧରି ଆସନ୍ତି ।)

ଯଶୋଦା-ଚାଲ ମା'

ଶ୍ରାବଣୀ-ବୋଉ--(ଜଡାଇ ଧରି ବାହୁନି ଉଠେ)

ଯଶୋଦା- ନା ରେ ମା' କାନ୍ଦନା । ଝିଅ ଜନମ ପରା ପର ଘରକୁ । ମାଟି କଣ୍ଢେଇରୁ ମଣିଷ କରି ଗଢି ତୋଳିଥିଲି କଣ ଏଇଥିପାଇଁ? ଛି ମୋ ସୁନାଝିଅ ପରା ଜମା କାନ୍ଦିବନି । ମୁଁ ତୋତେ ଭାଇ ସାହେବଙ୍କ ହାତରେ ସମର୍ପି ଦେଉଛି । ଆଜିଠାରୁ ସେ ତୋର ବାପା ବୋଉ ସବୁକିଛି ।

ଶ୍ରାବଣୀ-ବୋଉ---(କାନ୍ଦେ)

ଅମ-(ପ୍ରବେଶୀ,ପଛେ ପଛେ ଚାକର ନୀର)ଆମକୁ ଏଥର ବିଦାୟ ଦିଅନ୍ତି ଭାଉଜ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଶୀଦା-ହଁ-ଚାଲ ମା' ମୁଁ ତୋତେ ବାଟୋଇ ଦେଇଆସେ ଚାଲ

(ସାହାନାଇର ତାଳେ ତାଳେ ସମସ୍ତଙ୍କର ପ୍ରସ୍ଥାନ)

(ମଞ୍ଚ ଅନ୍ଧାର)

। । ୩ୟ ଦୃଶ୍ୟ । ।

(ପୁନଃ ଆଲୋକିତ ହେବାରୁ ସମ୍ବିତ ଓ ଯଶୋଦା ଥାଆନ୍ତି)

ଯଶୋଦା- ଦେଖିଲୁରେ ଶମ୍ଭୁ ଶ୍ରାବଣୀ ଚାଲିଯିବା ପରେ ଏତେ ବଡ଼ ଘର କେମିତି ଶୂନଶାନ ହେଇଗଲା ।

ସମ୍ବିତ-ମୁଁ ପରା ତୋ ପାଖେ ପାଖେ ଅଛି । ମୁଁ କଣ ତୋର କେହି ନୁହେଁ ।

ଯଶୋଦା-(ସମ୍ବିତକୁ କୋଳେଇ ଧରି) ଛି ସେମିତି କହନାରେ । କିଏ କହିବ ତୁ ମୋ ପୁଅ ନୁହେଁ । ଯା ବାପା କିଛି ଦିଇଟା ଖାଇଦେବୁ ଯା । ସାରା ସକାଳୁ କାମରେ ଲାଗିଛୁ ଯେ ଏଯାଏ ବି ଟିକେ ଥୟ ହେଇନାହୁଁ ।

ସମ୍ବିତ-ନା ବୋଉ ମୋତେ ଆଜି ଜମ୍ମାରୁ ଭୋକ ନାହିଁ । ତୁ ଖାଇବୁ ଯା ।

ଯଶୋଦା-କଣ କହିଲୁ ଭୋକ ନାହିଁ ନା ଶ୍ରାବଣୀ ତୋତେ ଛାଡ଼ି ଚାଲିଗଲା ବୋଲି ମନ କଷ୍ଟ କରୁଛୁ । ଛି ବାପା ସେ ତ ପରଘରିଆ ଦିନେନା ଦିନେ ଆମଠାରୁ ବିଦାୟ ନେଇଥାଆନ୍ତା । ତୁ କାହିଁକି ଏମିତି ମନ କଷ୍ଟ କରୁଛୁ । ଚାଲ ଖାଇବୁ ଚାଲ ।

ସମ୍ବିତ- ନା ବୋଉ ମୋତେ ମୋଟେ ଭୋକ ନାହିଁ ତୁ ଖାଇବୁ ଯା ।

ଯଶୋଦା-ଦେଖ ଶମ୍ଭୁ ତୁ ଯଦି ଏମିତି ଜିଦ ଧରିବୁ ମୁଁ ବି କିଛି ଖାଇବିନାହିଁ । ସେମିତି ଉପାଶ ରହିଯିବି ।(କୋହ)

ସମ୍ବିତ- ବୋଉ--- (କୋଳେଇ ଧରେ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ମଞ୍ଚ ଅନ୍ଧାର)

। । ୪ର୍ଥ ଦୃଶ୍ୟ । ।

(ମଧୁ ଯାମିନୀ । ଶ୍ରାବଣୀ ନବ ବଧୂର ଅଙ୍ଗରାଗରେ ବସିଥାଏ । ଅସିତ ଆସେ । ନିକଟସ୍ଥ ଟେବୁଲରେ ପୋଲିସ କେପ, ଷ୍ଟିକ ଓ ମୋବାଇଲ ଥୁଆ ହୋଇଥାଏ । ଅସିତ କିଛି ସମୟ ଏକ ଧ୍ୟାନରେ ଶ୍ରାବଣୀକୁ ଚାହିଁରହେ ପୁନଃ ଗଳା ଝାଡ଼ି ଉପସ୍ଥିତ ବୋଲି ସଙ୍କେତ ଦିଏ । ଶ୍ରାବଣୀ ଆସିତକୁ ପ୍ରଣାମ କରିବା ବେଳେ)

ଅସିତ- ଆରେ ଏ କଣ ? ମଡ଼ର୍ଣ୍ଣ ଯୁଗରେ ସ୍ତ୍ରୀ ସ୍ୱାମୀର ପାଦ ଛୁଇଁ ପ୍ରଣାମ କରିବା ଟ୍ରାଡିସନ କେତେ ଦିନରୁ ଲୁପ୍ତ ହୋଇ ଗଲାଣି । ତୁମର ସ୍ଥାନ ମୋ ପାଦ ନୁହେଁ ବରଂ ମୋ (ଆଲିଙ୍ଗନ ରେ ବାନ୍ଧିରଖେ) ସତରେ ଶ୍ରାବଣୀ ତୁମେନା ଆଜି ଭାରି ସୁନ୍ଦର ଦିଶୁଛ । ଏକଥାକୁ ତୁମେ ଭାବିବ ମୁଁ ଫିଲ୍ମ ଡାଇଲଗ କହୁଛି । କିନ୍ତୁ ବାସ୍ତବରେ ତୁମେ ଆଜି ଏତେ ସୁନ୍ଦର ହୋଇଛ ଯେ ଆକାଶର ଜହ୍ନ, ବସନ୍ତର କୋଇଲି ଓ ବଗିଚାର ଗୋଲାପ ତୁମ ସୁନ୍ଦରତାରେ ଫିକା ଦେଖାଯିବେ । (ଶ୍ରାବଣୀର ଓଠକୁ ଧରି ଉଠାଇଧରେ । ଶ୍ରାବଣୀ ଲାଜରେ ଦୂରେଇଯାଏ ।)

(ମିଳନର ଗୀତ)

ଅସିତ-(ଗୀତ ପରେ)ଆରେ ଆସନା(ଅସିତ ଶ୍ରାବଣୀକୁ ଭିଡି ଆଣିବା ସମୟରେ ମୋବାଇଲ ରିଂ ହୁଏ ।) ଓହୋ— ତୁମେ ଜାଣ ଶ୍ରାବଣୀ ଏ ସମୟରେ ମୋ ପାଖକୁ ଫୋନ କିଏ କରି ଥିବ ?

ଶ୍ରାବଣୀ-କିଏ ? ?

ଅସିତ-ଅନୁ ବ୍ୟତୀତ ଆଉ କିଏ ହେବ ?(ଫୋନ ରିସିଭ କରି)

ଏଇ ଅନୁ କାହିଁକି ଏମିତି ଡିଷ୍ଟର୍ବ କରୁଛୁ କହିଲୁ ? ଓଃ ଅଭିଜିତ !

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କଣ ହେଲା ? ହ୍ୱାଟ ? ଓଃ ନୋ...ଆଚ୍ଛା ଠିକ ଅଛି ମୁଁ ଏଇ ସଙ୍ଗେ ସଙ୍ଗେ ପହଞ୍ଚୁଛି । (ପୋଲିସ କେପ, ଷ୍ଟିକ ଉଠାଏ) ସରି ଶ୍ରାବଣୀ ମୋତେ ଏବେ ଯେମିତିହେଉ ଥାନାରେ ପହଞ୍ଚିବାକୁ ହେବ ।

ଶ୍ରାବଣୀ-କିନ୍ତୁ...ଆଜି ଦିନରେବି..

ଅସିତ-ଆଜିପରି ଦିନରେ ତୁମକୁ ଛାଡିଯିବାକୁ ଇଚ୍ଛା ହେଉ ନଥିଲେ ବି ମୋତେ କିନ୍ତୁ ଯିବାକୁ ହେବ । ଆଇନ ପାଖରେ ମୁଁ ଏଭଳି ବାନ୍ଧି ହୋଇପଡିଛି ଯେ ମୋ ପାଇଁ ବର୍ତ୍ତମାନ ହିଁ ସବୁଠାରୁ ବେଶୀ ମୂଲ୍ୟବାନ । ତୁମେ ଜାଣିନାହଁ ଶ୍ରାବଣୀ ସେ ଲୋକମାନେ କେତେ କୁଖ୍ୟାତ ।

ଶ୍ରାବଣୀ-କେଉଁମାନେ ? ?

ଅସିତ-DVDN

ଶ୍ରାବଣୀ-DVDN ? ?

ଅସିତ-ହଁ DVDN.....

(ମଞ୍ଚ ଅନ୍ଧାର)

## । । ୫ମ ଦୃଶ୍ୟ । ।

(ମଞ୍ଚର ମଝି ଜୋନରେ ଡିଶୋଜା ଖୁବଜୋର ପାଗଳ ଭଳି ହସୁଥାଏ । ମଞ୍ଚ ଚାରି କୋଣ ଜୋନରେ ଦେବ କୁମାର, ବିଶ୍ୱନାଥ ଦିନଦୟାଲ ଓ ନାଥୁରାମ ଅବସ୍ଥିତ ।)

ଡିଶୋଜା-(ଜୋନରେ ରହି)DVDN (ହସ ମଧ୍ୟରେ)D for...

ଦେବ-(ଜୋନରେ ରହି)ଦେବ କୁମାର... ! ଟଙ୍କା ଚାହେଁ । ଇଏସ ଆଇ ୱାଣ୍ଟ ଓନଲି ମନି, ମନି ଇଜ ହନି । (ଟଙ୍କା ବଣ୍ଡଲରେ କିସ ମାରି)ଏଇ କାଗଜ କେତେଖଣ୍ଡ ପାଇଁ ସମସ୍ତେ ଆଜି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଗଳ । ସେମାନଙ୍କ ଭିତରୁ ମୁଁ ବି ଜଣେ । ପଞ୍ଚେନ୍ଦ୍ରିୟ ଭଳି ଟଙ୍କା ଏବେ ସମସ୍ତଙ୍କ ଷଷ୍ଠ ଇନ୍ଦ୍ରିୟ ହୋଇଯାଇଛି । କଥାରେ ନାହିଁ ଆବେ ପର୍ଶୁ ଯାବେ ପର୍ଶୁ ବାବୁ ପର୍ଶୁରାମ ପୈସା କିୟା ନକରେ କାମ । ଟଙ୍କା ମୋ ପାଇଁ ଆଲ୍ଲା, ଯୀଶୁ, ଜଗନ୍ନାଥ । ଇଏସ ଆଇ ୱାଣ୍ଟ ଓନଲି ମନି, ମନି ଇଜ ହନି ।(ହସ ଭିତରେ ଟଙ୍କାକୁ ବାରମ୍ବାର କିସ ମାରୁଥାଏ)

ଡିଶୋଜା-V for.....

ବିଶ୍ୱନାଥ-(ଜୋନରେ ରହି ହାତରେ ମଦ ବୋତଲ ଧରିଥାଏ) ଆବେ ପିଇବୁ ନାହିଁ ତ ଜିଇବୁ କିପରି ? ଜୀବନ ବଞ୍ଚେଇବାକୁ ହେଲେ ପିଇବାକୁ ହେବ ।(ହସ)ବିଶ୍ୱନାଥ..! ମାନେ ଏରାଉଣ୍ଡ ଦି ୱାର୍ଲଡ଼ । ବିଶ୍ୱନାଥ ମଦ ଚାହେଁ । ଇଏସ ଆଇ ୱାଣ୍ଟ ଅଲକୋହଲ...

ଆରେ ଭାଇ ଯେତେଦିନ ଏ ଦୁନିଆରେ ରହିବ ଖାଲି ଖାଅ ପିଅ ମଜା ମସ୍ତି କର ବାସ... (ମଦ ପିଏ)

ଡିଶୋଜା- D for.....

ଦିନ-ଦିନ ଦୟାଳ ଗୁପ୍ତା । ହମକୋ ମିଟ, ଫିସ ଚାହିଏ । ମାରୁଆଡ଼ି ଆଦମୀ ହୋକର ଭି ହମକୋ ଆମିଷ ଚାହିଏ । କିଉଁକି ହମ ଓ ନେହିଁ ଯୋ ଓହି କରତେ ଥେ । ହମ ଓ ଯୋ ଆମିଷ ଖାତେ ହେଁ । ଇସ ସଂସାର କି ଜଙ୍ଗଲ ମେ ଶିରିଫ ମିଟ ଫିସ ଖାନା କାଫି ନେହିଁ ହେ କୋଇଦିନ ହମକୋ ମାନୁସ କା ମିଟ ମିଲ ଯାଏଗା ତୋ କମାଲ ହୋ ଯାଏଗା ।(ହସ)

ଡିଶୋଜା-N for....

ନାଥୁରାମ-ନାଠୁରାମ ! ଆଇ ମିନ ନାଠୁରାମ ଇନ ଇଂଲଣ୍ଡ । ମୁଁ ମନି ଚାହେନା, ମିଟ ଚାହେନା, ଦାରୁ ଚାହେନା । ମୁଁ ଚାହେ ଓନଲି ନାଡି । ଇଏସ ନାଠୁରାମ ଚାହେ ଓନଲି ଉଇମେନ । ଆଇ ମିନ ନାଡି ସମ୍ଭୋଗ ।(ହାତରେ ଧରିଥିବା କଣ୍ଢେଇକୁ ଛାତିରେ ଚାପି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧରେ)

ଡିଶୋଜା-(ଜୋନରେ ରହି)ଏଇମାନେ ହେଉଛନ୍ତି ଏ ଦେଶର ତଥାକଥିତ ବଡ଼ପଣ୍ଡା ସାଜିଥିବା DVDN ।ଏମାନଙ୍କ ପାଇଁ ଆଜି ଦ୍ୱିତୀୟ ମହା ସମର ପରେ ତୃତୀୟ ମହା ସମର ହେବା ଲାଗି ପୂର୍ବାନୁମାନ କରିପାରିବେ । ଦେଶ, ଜାତି, ସମାଜକୁ ଲୁଟି ଲୁଟି ଖାଉଥିବା ଶାଗୁଣା ଦଳ ଏମାନେ । ମଢ଼ର ସନ୍ଧାନରେ ସମସ୍ତଙ୍କ ପ୍ରତି ନଜର ଥାଏ ଏମାନଙ୍କର । ଆଉ ମୁଁ.. ? ମସ୍ତ ପାଗଳଟାଏ । ମୋ ଜୀବନ ନିର୍ବାସିତ । କଳାପାଣିର ଦଣ୍ଡ ଭୋଗୁଛି । ଜିଇଁ ମଧ୍ୟ ମରିଯାଇଛି । ଏଠି ଭାବ କାହିଁ ନା ଭାବ ପ୍ରବଣତା କାହିଁ? ଅଛି କେବଳ ହତ୍ୟା, ଲୁଣ୍ଠନ, କଳାବଜାର । ତଥାପି ତାହାରି ଭିତରେ ମୋତେ ବଞ୍ଚିବାକୁ ହେବ । ନିଜକୁ ଚିହ୍ନି ଅନ୍ୟକୁ ଚିହ୍ନେଇବାକୁ ହେବ । ମୁଁ ସେଇ ହୀରୋସୀମା ନାଗାସାକୀ ବୋମିଙ୍ଗ ପରେ ପରେ ବଞ୍ଚି ରହିଥିବା ପାଗଳ । ଖୋଜୁଛି ଆଉଜଣେ ମଣିଷକୁ । ଜାଣେନି ଆପଣମାନଙ୍କ ଭିତରୁ କେହି ମୋ ମନର ମାନସୀକୁ DVDN ସାଜି ଛଡାଇ ନେଇଯାଇ ନାହାନ୍ତିତ ?

(ମଞ୍ଚ ଅନ୍ଧାର) କ୍ରମଶଃ.....

email-dwibedysudhansu@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ଦ୍ୱିତୀୟ ଅଧ୍ୟାୟ (ଭାଗ "୨")

ଅଚିରାତ୍ କେହି ଆଗରେ ଦିଶଇ
ଓଗାଳିଲା ପଥ ତାର,
ଅପରିଚିତ ଏ ମୁଖ କଜ୍ୱଲିତ
କୃଷ୍ଣ ବର୍ଣ୍ଣର ଶରୀର ।
ଅଂସଳ ଜୁଗଳ ସୁଦୃଢ ପୃଥୁଳ
ବକ୍ଷ ଉଦର ସମାନ,
ଅଞ୍ଜନେ ନୟନ ଶ୍ମଶ୍ରୁ ମୁଖେ କର୍ଣ୍ଣେ
କୁଣ୍ଡଳ ଦୁଇ ଦୋଳନ ।
ଅଳିକେ ଚନ୍ଦନ ବହଳେ ଲେପନ
ସିନ୍ଦୂର ଶୋଭନ ବୋଲି,
ଅନୁମତି ବିନା କେହିବି ଯାଏନା
କର୍କଶେ ରୋକଇ ବୋଲି ।
ଅଦୃଷ୍ଟ ଜଙ୍ଗଲେ ଏ କାହୁଁ ଦିଶିଲେ
ବୋଲି ଭ୍ରମରେ ପଡ଼ିଲେ,
ଅଚାନକ ଉଇଁ ପଥକୁ ରୋକଇ
ନିରାଶ ଏଣୁ କରିଲେ ।
ଅତି ବିନୟରେ କହନ୍ତି ଏ ଥରେ
ଅନୁମତି ଦେଲେ ଯିବେ,
ଅଦୂରେ ତାଙ୍କର ଅତ୍ୟନ୍ତ ନିଜର
ବ୍ୟକ୍ତି ଜାଣ ଚାକିଥିବେ ।
ଅଦ୍ୟ ନଗଲେ ଟିକେ ଡେରି କଲେ
ଅଶ୍ରୁ ଝରେଇବେ ସେହି,
ଅନେକ ଦିନରୁ ଦେଖିନି ପାଖରୁ
କୋମଳ କମଳ ଦେହୀ ।
"ଅଦ୍ୟାପି କେବଳ ମୃତ ହିଁ ଚଂଚଳ
ଏ ପଥେ ଆଗକୁ ଯିବେ,
ଅଧିକାର ନାହିଁ ଅନୁମତି କାହିଁ,
ଜୀବନ୍ତ ପାଇଁ ଦେଇବେ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅତି କର୍କଶରେ ଦ୍ୱିତୀୟ କହଇ
ପ୍ରଥମକୁ ତିଳେ ଚାହିଁ,
ଅନୁରୋଧ ପୁଣି କରନ୍ତି ଏ ଶୁଣି
ଜୀବନ୍ତେ ଏ ମୃତ ଥାଇ ।
ଅର୍ଦ୍ଧମୃତ ଅର୍ଦ୍ଧ ଶରୀର ଜୀବନ୍ତ
ଜୀବନ ବିତାଉଛନ୍ତି,
ଅନୁମତି ଦେବେ ପୁଣି ତ ଫେରିବେ
କିଛି କ୍ଷଣ ଚାହୁଁଛନ୍ତି ।
ଅସୁବିଧା ଅଛି ବୋଲି ତ ଯାଉଛି
କହି ଅନୁରୋଧ କଲେ,
ଅତି ତାଚ୍ଛଲ୍ୟରେ ଅନୁରୋଧ ଥରେ
ହସରେ ଉଡେଇ ଦେଲେ ।
ଅଜଣାବ୍ୟକ୍ତିକୁ ସବୁ କହିବାକୁ
ହେୟ ମନେ କରିଥିଲେ,
ଅଙ୍ଗ ଭେଦି ଦୁଃଖ ଜନ୍ତ୍ରଣାରେ ମୁଖ
ମଳିନ ଏଣୁ ଚାହିଁଲେ ।
ଅନୁନୟେ ପୁନଃ ତରଳି କଠୋର
କିଛି କ୍ଷଣ ମାତ୍ର ଦେଲେ,
ଅନୁମତି ଲଭି ପ୍ରବେଶିଲେ ତଭି
ଅନ୍ଧାରକୁ ନିଜ ବଳେ ।
"ଅତ୍ୟଧିକ ପୁଣି ସମୟ ତ ଜାଣି
ହୋଇଲେ ଟାଣି ଆଣିବେ,
ଅନୁଧ୍ୟାନ ସିଏ କରିବେ ସମୟେ"
ପ୍ରଥମ ଏହି ଶୁଣିବେ ।
ଅନୁଗତ୍ୟ ବୋଲି ଶିଘ୍ର ଚାଲିଚାଲି
ଆଗକୁ ଅନ୍ଧାରେ ଗଲେ,
ଅନୁଭବ କିଛି ତାହାଙ୍କୁ ହୋଇଛି
ଅନ୍ଧାରରେ ଯିବା ବେଳେ ।
ଅତି କ୍ଷିଣ ସ୍ୱରେ କ୍ରନ୍ଦନ ଅଦୂରେ
କଳାଭଳି ଶୁଭୁଥିଲା,
ଅନୁମେୟ କରି ସ୍ୱର ଅନୁସରି
ଆଗ ପାଦ ବଢେଇଲେ ।
ଅଗ୍ରସର ହେଲେ ସ୍ୱର ତିଳେତିଳେ
ବୃଦ୍ଧିହେଉଥାଏ କାହିଁ,
ଅନ୍ଧାରୁଆ ବେଳେ ଏମିତି ଚାଲିଲେ
ଦିଶିବ କି ଜଣା ନାହିଁ ।
ଅସୁବିଧା ବେଳେ ସବୁକିଛି ଚଳେ
ନିରୁପାୟି ଜାଣିସାରି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନୁମତି ଦେଲେ ବୋଲି ଜାଣ ବଲେ

ଚାଲୁଛି ଖୋଜି କୁମାରୀ ।

ଅଶ୍ରୁ ଯେ ହୃଦରୁ ଯେତେ ବି ବାହାରୁ

ସହୁଛନ୍ତି ଜୀବନରେ,

ଅଧା ତ ଜୀବନ ବିତିଛି ମୋହନ

କୃପାରୁ ଏ ଜନମରେ ।

ଅଶ୍ରୁଳ ଲୋଚନ ଲଭିଛି ଜୀବନ

କୁମାରୀକୁ ମାରି କରେ,

ଅଘ ଅଘଟଣ କରିଛି କୃପଣ

ଜୀବନ ଏ ଜୀବ ନରେ ।

ଅଳପ ଅଳପ କାହାର ନିସ୍ୱାପ

ସ୍ୱର ବୃଦ୍ଧି ହେଉଥାଏ,

ଅନ୍ଧାରରେ ଏହି ଚାଲୁଛନ୍ତି ସହି

ହୃଦେ କୋହ ପୁରିଥାଏ ।

(କ୍ରମଶଃ..)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ତ ସମୟ



ଶିବ ନାରାୟଣ ଦାଶ

ସମୟକୁ ଖୋଜୁଥିଲି ସୀମାର ଭୂଇଁରେ,
ଅନ୍ତରରୁ କହିଗଲା କେହି -
ଅନନ୍ତ ବିସ୍ତୃତି ମଧ୍ୟେ ସେ ଯେ ଏକ ଅଳୀକ କଳ୍ପନା,
ସମୟ ସମୟ ବୋଲି ହୁଅ ଖାଲି ମିଛେ ପଥବଣା ।

ଖୋଜୁଥିଲି ମୋ ଜନ୍ମର ପାଣ୍ଡୁଲିପି ଖୋଲି,
ଶୈଶବର ସୂର୍ଯ୍ୟୋଦୟ, ସୂର୍ଯ୍ୟସ୍ନାତ ଯୌବନକୁ ଛୁଇଁ
ଜୀବନର ଏବର ଏ ପ୍ରଖର ମଧ୍ୟାହ୍ନେ ।
ଅନ୍ତରରୁ କହିଗଲା କେହି -
ଜୀବନରୁ ଉର୍ଦ୍ଧ୍ୱେ ଉଠି ଦେଖ - ସୂର୍ଯ୍ୟ ଅଛି ଏକା
ଉଦୟ ଓ ଅସ୍ତ ଖାଲି ଭ୍ରମ ମାତ୍ର ସିନା,
ଜୀବନର ଯାତ୍ରା ପଥେ - ସେ ଯେ ଏକ ମିଛ ପ୍ରବଞ୍ଚନା ।

ଜନ୍ମ ଠାରୁ ମୃତ୍ୟୁ ଯାଏ ଜୀବନକୁ ଆଦରିଲି ମୁହିଁ
ସରାଗରେ ଦେଇ କେତେ ପ୍ରୀତି ଅନୁରାଗ,
ଭଲପାଇ ଆପଣାକୁ ଭୁଲିଲି ମୋ ସତ୍ତାର ସ୍ୱରୂପ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ତରରୁ କହିଗଲା କେହି -
ଜନ୍ମ ମିଥ୍ୟା, ମୃତ୍ୟୁ ମିଥ୍ୟା,
ମିଥ୍ୟା ପୁଣି ଜୀବନର ଅଳୀକ ସପନ,
ସାଉଁଟା ସାଉଁଟି କରି ଅଭିଜ୍ଞତା ଧନ
ଲକ୍ଷ ପଥେ ଧାଉଁଥାଏ ଏକଇ ଜୀବନ ।

ମୁଁ ବଞ୍ଚିଲି କେତେ ରୂପ ନାମର ଭିତରେ
ଜ୍ଞାନ ଆଉ ପାଣ୍ଡିତ୍ୟର ଗୁଣ ଗାଇ ଗାଇ,
ଖୋଜି ଖୋଜି ଜୀବନର ଅଦ୍ଭୁତ ଦର୍ଶନ
ମୁଁ ହସିଲି ମାନ ଯଶ ଆତ୍ମ ସନ୍ତୋଷରେ,
ଅନ୍ତରରୁ କହିଗଲା କେହି -
ଜ୍ଞାନ, ମାନ, ରୂପ ଯଶ ସବୁ
ସେ ତ ଖାଲି ମାୟା ମରୀଚିକା -
ରୂପାତୀତ ବିଦେହୀ ମୋ କାୟା
ମୁଁ ଯେ ଏକ ମୁଠାଏ ଶୁନ୍ୟତା ।

ମୁଁ ଯେବେ ଛୁଇଁଲି ଶେଷେ ଅନ୍ତରର ଅନନ୍ତ ବିଭୁତି -
ଗ୍ରହ, ତାରା, ନକ୍ଷତ୍ରର ମେଳେ,
ବିସ୍ତାରିଲି ବ୍ୟାପ୍ତ ମୋର ତନୁ -

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ତରୀକ୍ଷେ ହଜିଗଲି

ଜଳାଇ ମୋ ଚୈତନ୍ୟ ଚପଳା,

ଲକ୍ଷ ପଥେ - କକ୍ଷ ପଥେ କରି ପ୍ରଜ୍ୱଳିତ

ଅଗ୍ନିଗର୍ଭା ସ୍ୱରୂପ ମୋ ବିଶ୍ୱାତୀତ ରୂପ -

ହଜିଗଲା ସମୟର ସୀମିତ ପ୍ରତୀତି,

ଆବୋରିଲା ଶୁନ୍ୟ ଏକ ନିଶବ୍ଦ ପ୍ରବାହ -

କାଳ ବକ୍ଷେ କାଳାତୀତ ଅନନ୍ତ ବିସ୍ତୃତି ।

ଜେନେରାଲ୍ ମ୍ୟାନେଜର (ବିଡ଼ି ଫାଇନାନ୍ସ୍)
ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍
ବିଜିନେସ୍ ଡେଭେଲପ୍‌ମେଣ୍ଟ ପେଟ୍ରୋକେମିକାଲ୍ସ୍
ସପ୍ତମ ମହଲା, ଇଣ୍ଡିଆନ୍ ଅଏଲ୍ ଭବନ, ୟୁସୁଫ୍ ସରାୟ
ନୁଆ ଦିଲ୍ଲୀ : ୧୧୦୦୧୬
ଫୋନ୍ : ୨୬୮୫୯୦୬୩, ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଧୁଝରା...



ପ୍ରଶାନ୍ତ କୁମାର
ବେହେରା

ନବୀନ ଯୁବତୀ ହୋଇଥିବ
ଜହ୍ନ ଫିକା ଫିକା ଉଇଁଥିବ
ବେଳାଭୂମି ପରେ ଝାଉଁ ବିଥିକାରେ
ଝୁମି ଝୁମି ନିଶା ଘାରିଥିବ

ସମୟର ଚକ ଥିର ହୋଇ
ପ୍ରେମ ଅଂଜଳିରେ ଯିବ ଲୁଚି
ତାରାଫୁଲ ସବୁ ଆକାଶରୁ ଝଡି
କେଳି କୁଞ୍ଜରେ ପଡିବ ବିଞ୍ଚି

ଜହ୍ନ ଲାଜେ ଲାଜେ ମରିଯିବ
ବଉଦର କୋଳେ ଲୁଚିଯିବ
ବେଳାଭୂମି ପରେ ଧୀର ସମୀରରେ
ଚିର ପ୍ରୀତି ମଧୁ ଝରୁଥିବ

ସିନ୍ଧୁ ଲହରୀ ଥିର ହୋଇ
ଦେହ କାନନେ ଯିବକି ଖେଳି
ଜୁଆର ଉଠିବ ମନ ଯମୁନାରେ
ଚେତନା ଖେଳିବ ପ୍ରେମ ଦୋଳି

ଜହ୍ନ ଛପି ଛପି ଚାହୁଁଥିବ
ଲାଜେ ଲାଜେ ପୁଣି ହସୁଥିବ
ବେଳାଭୂମି ପରେ ଧୀର ସମୀରରେ
ଚିର ପ୍ରୀତି ମଧୁ ଝରୁଥିବ ।

ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା
ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ,
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଜଗତସିଂହପୁର
ଦୂରଭାଷ - ୯୪୩୭୦୩୫୯୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ବାଟରେ



ରିନା କୈବର୍ତ୍ତ

ଜୀବନଟା ଏକ ବାଟ ହେଲେ
ମଣିଷ ଏହାର ବାଟୋଇ
ରାସ୍ତାର ଆରମ୍ଭ ଜନ୍ମରୁ ହେଲେ
ଶେଷ ହୁଏ ମୃତ୍ୟୁ ହୋଇ । ।

କେବେ ଚିହ୍ନା ଲୋକ ହୋଇଯାଏ ପର
କେବେ ଅଚିହ୍ନା ହୃଦୟରେ କରେ ଘର
ଶେଷରେ ମଣିଷ ହଜିଯାଏ
ଏ ଚିହ୍ନ-ଅଚିହ୍ନା ସମ୍ପର୍କ ଭିତରେ । ।

କେବେ ସତ କହିବାକୁ ଅନ୍ୟକୁ ବୁଝାଏ
କେବେ ମିଛ ପରଦାରେ ନିଜକୁ ଲୁଚାଏ
ହାରିଯାଏ କେତେବେଳେ
ଏ ସତ-ମିଛ ଛକିଶୂନ ଖେଳରେ । ।

କେବେ ପ୍ରଶଂସା ରେ ଭାସିଯାଏ
ପୁଣି କେବେ ନିନ୍ଦାରେ ବୁଡିଯାଏ
ତଥାପି ସୁଖ ଦୁଃଖ କୁ ସାଇତି ରଖେ
ନିଜ ଛାତିର ଶାମୁକା ଭିତରେ । ।

କେତେ ଘଟଣା ମନେ ରୁହେନି
କେତେ ଘଟଣା ଭୁଲି ହୁଏନି
ଏ ସବୁ ସ୍ମୃତି କୁ ଗଣ୍ଠିଲି କରି
ନେଇ ଯାଏ ତା ସାଥିରେ । ।

ଯେତେ କଣ୍ଟା ଥାଉ
ଯେତେ ଅନ୍ଧାର ହେଉ
ମଣିଷ ଚାଲୁଅଛି,ଚାଲୁଥିବ
ଏ ଜିବନ ବାଟରେ
ଏ ଜିବନ ବାଟରେ । ।

ନୁଆପଡ଼ା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନର କୋହ



ଶଶିକାନ୍ତ ମେହେର

ମନର "କୋହ" କାହାକୁ କେମିତି କହିବି
ଅବ୍ୟକ୍ତ ସେହି "କୋହ" ଲୋ ..... !
ମନର "କୋହ" କୁ କଣ କହିହୁଏ କି
ମୁଁ ଏମିତି ସହିଯିବି ସବୁଦିନ ଲୋ ..... !

ମନର "କୋହ" ଏଠି କିଏବା ବୁଝିବ
ଖାଲି ମନକୁ ଜଣା ସେଇ "କୋହ" ଲୋ ..... !
ଯେମିତି କେହି ନ ଜାଣିବେ ଏ "କୋହ" କୁ
ମୁଁ ସେମିତି ରହିବି ସବୁ ଦିନଲୋ ..... !

ମନର "କୋହ" କଣ କହିହୁଏ କି
ସେତ ଅବ୍ୟକ୍ତ ଯନ୍ତ୍ରଣା ଟିଏ ଲୋ ..... !
ମନର ଯନ୍ତ୍ରଣା ମନରେ ରହିବ
ହସୁ ଥିବି ରାତିଦିନ ଲୋ ..... !

ଅନେକ ଚିନ୍ତା ମୁଣ୍ଡରେ ପୂର୍ଣ୍ଣ ରହିଅଛି
ସେ ସବୁ ଦୁଃଖ ଦିଏ ସବୁବେଳେ ଲୋ ..... !
ଭବିଷ୍ୟତ କଥା ଯେବେ ଭାବିଦିଏ ଏ ମନକୁ
ଅନ୍ଧକାର ଲାଗେ ଦଶଦିଗ ଲୋ ..... !

ହେଲେ ଏ ମନ ଧର୍ଯ୍ୟ ଧରିଅଛି
ଭାବିଅଛି ସେ ଅନ୍ଧାରକୁ ଦୁରକରି ଆଲୁଅ କରିବିଲୋ ..... !
ମନର "କୋହ" କଣ କହିହୁଏ କି
ସେତ ଅବ୍ୟକ୍ତ ଯନ୍ତ୍ରଣା ଟିଏ ଲୋ .... !

ସତେ ସହିଅଛି ଏ ମନର "କୋହ" କୁ
ଲୋକଙ୍କ ଆଗେ ହସୁଅଛି ରାତି ଦିନଲୋ .....
ମନର "କୋହ" କାହାକୁ କେମିତି କହିବି
ଅବ୍ୟକ୍ତ ସେହି "କୋହ" ଲୋ ..... !
ଅବ୍ୟକ୍ତ ସେହି "କୋହ" ଲୋ ..... !

(ଯୁକ୍ତତିନି ତୃତୀୟ ବର୍ଷ ଛାତ୍ର),
ଗ୍ରାମ- ଜମଲା, ବ୍ଲକ- ପଦମପୁର, ଜିଲ୍ଲା - ବରଗଡ଼,
ପିନ୍ - ୭୬୮୦୪୯, ମୋବାଇଲ୍ ନମ୍ବର -
୮୦୧୮୧୬୮୧୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତୁଚ୍ଛ ସମ୍ପର୍କ



ରାମଚନ୍ଦ୍ର ପ୍ରଧାନ

ସ୍ୱାର୍ଥପର ଏଇ ଦୁନିଆଁ ବୁକୁରେ
ନୁହେଁ କେ' ରଜନୀଗନ୍ଧା
ତୁଚ୍ଛ ସମ୍ପର୍କର ଅଡୁଆ ସୁତାରେ
ସର୍ବେ ଆଜିକାଲି ବନ୍ଧା ।

ସବୁଠି ଚାଲିଛି ସ୍ୱାର୍ଥର ସାଧନା
ନା' ଅଛି ବୁଦ୍ଧି ବିବେକ
ସଂସାର ସାଗରେ ଅର୍ଦ୍ଧମଗ୍ନ ଆଜି
ସମ୍ପର୍କର କୋଣାରକ ।

ଧରମ ଦାଣ୍ଡରେ ବିଶ୍ୱାସ ହରାଇ
ସମ୍ପର୍କଟା ବାଟ ଭୁଲେ
ଅଭିନୟ ରଙ୍ଗ ଭାବନାରେ ମାଖି
ଛନ୍ଦି ହୁଏ ମାୟାଜାଲେ ।

ବୁଝିପାରେ ନାହିଁ ସମ୍ପର୍କର ମୂଲ୍ୟ
ଅବିଶ୍ୱାସ ହୃଦେ ଧରି
ତୁଚ୍ଛ ସମ୍ପର୍କରେ  ହୁଏ ବାଟବଣା
ଧରମକୁ ଆଖି ଠାରି ।

ତେଣୁ ସାବଧାନ ସର୍ବେ ହୁଅ ଭାଇ
ତୁଚ୍ଛ ସମ୍ପର୍କକୁ ତ୍ୟାଗି
ମଧୁର ସମ୍ପର୍କେ ହୃଦୟକୁ ଯୋଡ଼ି
ଦୁଃଖେ ହୁଅ ସହାଭାଗି ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୩୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମ୍ପର୍କ



ପ୍ରଦୀପ କୁମାର
ଭକ୍ତ

ଜାଣିନି ମୁଁ, ତୁମେ ମୋର କିଏ, କ'ଣ ସଂପର୍କ ଆମ ଦୁହିଁଙ୍କର ।
ତଥାପି କେଜାଣି, ତୁମେ କାଇଁ ଲାଗ ବେଶୀ ଆପଣାର ।।
ତୁମେ ମୋ'ର ବନ୍ଧୁ ନା ସାଥୀ ନା ପ୍ରିୟତମା, ମୁଁ କିଛି ଜାଣି ନାହିଁ ।
ତମ ସାଥେ ଥିଲି, ମୁଁ ରହିଛି ରହିବି ସାରା ଜୀବନ ପାଇଁ ।।
ତୁମେ ମତେ ଭଲ ପାଅ କି ନ ପାଅ, ସେ କଥା ମୁଁ ଜାଣେ ନାହିଁ ।
କଥା ମୁଁ ଦଉଛି, ଶେଷ ନିଶ୍ୱାସ ଯାଏଁ, ତୁମ ହାତ ମୁଁ ଛାଡ଼ିବି ନାହିଁ ।।
ମୁଁ କେବେ କହିବି ନାହିଁ, ତୁମେ ମଧ୍ୟ ମତେ ଭଲ ପାଅ ।
ଯେବେ ହେବ ମନ, ଆସିବ ଜୀବନେ, ତୁମ ପାଇଁ ସର୍ବଦା ଖୋଲା ମୋ'ର ହୃଦୟ ।।
କେବେ ଯଦି କିଛି ବିପଦ ଆପଦ ଅସେ ତୁମ ଜୀବନରେ ।
ଭାବିବନି ଶୁଣ, ହୋ ପ୍ରିୟା ମୋହର, କହିବ ନିଃସଙ୍କୋଚରେ ।।
ସ୍ୱଚ୍ଛ ଓ ନିର୍ମଳ, ନୀଳ ଆକାଶ ପରି ଏ ସଂପର୍କ ଆମର ।
ନଲାଗୁ କାହାରି, ନଜର ଆମ ସମ୍ପର୍କେ, ହେ ପ୍ରଭୁ ! ଏତିକି ଗୁହାରୀ ମୋ'ର ।।

କଦଲିମୁଣ୍ଡା , ପର୍ଲା , ଧର୍ମଗଡ଼
କଳାହାଣ୍ଡି
ମୋ :- ୮୨୪୯୪୭୬୮୮୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେଳ ସରେ



ଲକ୍ଷ୍ମୀପ୍ରିୟା ମାଇତି

ରଜନୀଗନ୍ଧାର ଅତର ମାଖି
ସିଏ ଡାକିଥିଲା -
"ଆସୁନୁ, ଜହ୍ନ ରାଇଜକୁ ଯିବା ।"
ଇଏ କହିଲା-
"ଜହ୍ନ ପାଖେ ଆଉ ମନ ନାହିଁ ବାବୁ
ଜୀବନ ପରା ଅନ୍ଧକାରେ ହଜିଗଲା ।"
କହିଲା ସିଏ- "
ଫୁଲ ବିଛେଇବି
ଚଲା ବାଟରେ ତୋର"
ମୃଦୁ ହସି ଇଏ ତ କହିଲା-
"ହସେଇଲ ବାବୁ
କଣ୍ଟା ବଣରେ ପରା ମୋ ଘର ।"

ପୁଣି କହିଲା- "
ସରିବ ଏ ଦିନ
ଆସିବ ସକାଳ
ଦୂର ହେବ ଏଇ କାଳ"
ଇଏ କହିଲା- "ହଁ ସତ ବି କହିଲ"
ହେଲେ ତାଠୁ ଆହୁରି ସତ
ନିଆଁ ଜ୍ୱଳନ ଶେଷ ହୁଏ ସେବେ
ଯେବେ ପାଉଁଶ ସାଜେ
ସରିଯାଏ ତାର ବେଳ ।"

ଏରସମା, ଜଗତସିଂହପୁର
ମୋ-୯୪୩୯୫୩୭୫୯୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ନୀତି



ଆନନ୍ଦ କୁମାର ମାଇତି

ଏବେ ସ୍ୱାଧୀନତା ମାତ୍ରେ ସ୍ୱେଚ୍ଛାଚରିତ

ବନ୍ଦେ ମାତରଂ'ର ମୂଳ ସତ୍ତା ।

ସେ କୁଦାମାରି ବାହାରି ଆସୁଛି

ତ୍ରିରଙ୍ଗା ପେଟ ଭିତରୁ

ଅଖ ଚକର ନାହୀ ମୂଳକୁ ଛିଣ୍ଡି

ନିର୍ବୋଧ ନଙ୍ଗଳା ଶିଶୁଟି ପରି

ଦରାଣ୍ଡି ଖୋଜୁଛି

ଫେର କେବେ ମିଳିଯିବ ଆଉ ଏକ ସ୍ୱାଧୀନତା

ଏଇ ଉଶୃଙ୍ଖଳ ସମାଜ ଉଦ୍ୟାନ ସୈକତରୁ ।

ଏବେ କଳା ବିରୁଦ୍ଧରେ ଗୋରା ନାହିଁ

ଚାଷୀ ବିରୁଦ୍ଧରେ ଖଟିଖିଆ

ନେତା ବିରୁଦ୍ଧରେ ମନ୍ତ୍ରୀ

କବି ବିରୁଦ୍ଧରେ ପଣ୍ଡିତ

ସକାଳ ବିରୁଦ୍ଧରେ ତନ୍ଦ୍ରାଛନ୍ନ ବିବର୍ଣ୍ଣ ବୈକାଳ ।

ଅରାଜକତା ର ଅସ୍ତିତ୍ୱ ପିଲ ମାରି ଚାଲିଛି

ପ୍ରାତ୍ୟହିକ ଗଣତନ୍ତ୍ରରେ,

ସାମାଜିକ ରାଜ ରାସ୍ତାରେ ପାଳିତ

ବନ୍ଦ୍ ବାନ୍ଦ୍ ଆନ୍ଦୋଳନ ର ଅଗ୍ନି ଉତ୍ସବ

ହ ହା କାର ଆଁ କରି ଅନେଇ ରହିଛି

ତମାମ ଜିନ୍ଦାବାଦ କୁ ଗିଳି

ଠିକ୍ ଆଖି ଫୁଟି ନଥିବା ଶାବକ ପକ୍ଷୀଛୁଆଟେ ପରି

ସୂର୍ଯ୍ୟୋଦୟ ରୁ ସୂର୍ଯ୍ୟାସ୍ତ ଅବଧି

ନିଜେ ନିଜେ ଜିନ୍ଦାବାଦ ହେବାକୁ ।

ସୁନ୍ଦର ଶାନ୍ତି କାହିଁ

ଗୋଟେ ବେଶ୍ୟାଟେ ଭଳି

ତାକୁ ନଙ୍ଗଳା କରି ଗଡ଼େଇ ଦିଆ ଯାଉଛି

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ରାଜ ରାସ୍ତା ପାଖ ଜଙ୍କସନ୍ ଗଳିରେ

ଏ ଦେଶର ଭବ୍ୟ ସମ୍ରାଟମାନେ

ହୁମକ ହାତ ପଂଝରେ

ମା'ର ଛିଣ୍ଡା ଲୁଗା ଭିତରୁ

ଝାଂପି ନେଇ ଯାଉଛି

ସନାତନ ଇଜ୍ଜତ ସମ୍ପତ୍ତି କୁ ।

ହେ ସେଛାଚାରି ପରାକ୍ରମୀ ସମ୍ରାଟ

ସ୍ୱାଧୀନତା ଅମର କ୍ଷୋଭ ନୁହେଁ

କି ଉଲଗ୍ନ ଭୋକ ନୁହେଁ

ସ୍ୱାଧୀନତା ଆମ ଅଭିମାନ

ଆମର ଅହଂକାର

ସେ ଅହଙ୍କାରକୁ ସମ୍ଭ୍ରାନ୍ତ କର

ନତୁବା ତୁମ ଅହଂକାରରେ

ଉତାରି ନିଅ ତୁମ ସ୍ୱାଧୀନତା ନାମକ ଲଜ୍ୟାକୁ

ପତାକା ଦେହରୁ

ତାପରେ ହୋଇଯାଅ ଆଉ ଥରେ ଗୁଲାମ । ।

ଝାଟିପାରି, ଅମ୍ବିକ୍,ଏରସମା, ଜଗତସିଂହପୁର

ମୋ -୯୪୩୯୦୭୭୩୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟ



ସୁଧାଂଶୁ ଶେଖର ପ୍ରଧାନ

ସାଖିଥିଲା ଅଧା ଜହ୍ନ ଟେ
ଭିଜିଥିଲା ଦୁଇଟି ଆଖି ଲୁହରେ,
ମତେ ମନା କରି ନିଜେ ଢାଳୁଥିଲା
ନୀରବ ଲୁଣିଆ ପାଣି ।

କିଛି ଭିଜିଥିଲା ତା ରୁମାଲ
ଆଉ କିଛି ପିଇଥିଲା ଓଠ,
ଆଉ କିଛି ଛିଟା ହୋଇ ଲାଗିଥିଲା
ସେଇ ରାତିର ସଫେଦ ସାର୍ଟରେ ।

କିଛି ନକହି ବି ବହୁତ କିଛି କହୁଥିଲା
ତାର ଲୁହ ଭିଜା ଆଖି,
ଦୁହିଁଙ୍କ ଓଠ ନୀରବରେ ମୁକ ପାଲଟି
ହାରିଥିଲା ସମୟ ପାଖରେ ।

ତା ଆଖି ଲୁହରେ ମାପିଥିଲି ମୁଁ
ଆମ ପ୍ରେମର ଗଭୀରତା,
ମନ ଥିଲା ନାରାଜ ଛାଡ଼ିବାକୁ ତା ସାଥ ।

ଭାଗ୍ୟକୁ ଭାଗିରଥୀରେ ଭସେଇ
ମୁଠେଇ କିଛି କଷ୍ଟ ସାଉଁଟି କିଛି ଟୋପା ଲୁହ,
ଉଠିଲି ସ୍ୱପ୍ନିଳ ହୋଇ
ଦେଖେଇ ମିଛ ହସକୁ,
ଦେଇଥିଲି ପ୍ରାଣଭରା ବିଦାୟ ।

ସୋଲଗାଡିଆ
୭୮୧୫୦୪୨୮୮୯

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅଣ୍ଟିଛୁରୀ ତଣ୍ଟି କାଟେ



ଅଲେଖ ମେହେର

ଅଣ୍ଟି ଛୁରୀ ହୋଇ
ଗଭୀର ନିଶିଥେ ତଣ୍ଟି କାଟଇ ।
ଶିଳାକୁ ମଣିଲି ଦେବ ସମାନ
ନିତି ଅରପିଲି ଶ୍ରଦ୍ଧା ସୁମନ ।
ବସ୍ରର ବଚ ବିନୟେ ବଖାଣି,
ନିରାପଦ ଆଶ୍ରୟ ଥିଲି ମଣି ।୧

ଅବିରତ କଲି ଗୁଣ ଗାୟନ,
ଲଭୁଥିଲି ତହିଁ ଚୁଆ ଚନ୍ଦନ ।
ବିଛୁଆତି ହୋଇ କାୟାରେ ଲେପି,
ଅଟ୍ଟହାସ୍ୟ କରେ ଅଚିରେ ଗପି ।୨

ସରେଇ ଗରଭେ ଭରି ଗରଳ
ମୁଖରେ ପୀୟୁଷ ସୁମିଷ୍ଟ ଜଳ ।
ପିରତୀ ବଲ୍ଲରୀ ଆଷ୍ଟେ ଭିଡ଼ିଲା,
ବିଚ୍ଛେଦର ଅଗ୍ନି ହୃଦେ ଜାଳିଲା ।୩

କୀର ପାଳିଥିଲି ହେଲା ବୟସ,
ରାମନାମ ଛାଡି ମୋଡଇ ନୀଶ ।
ଅଶନ ଦେଲେ କାଟଇ ଆଙ୍ଗୁଳି,
ଏସନକ ଭାବ ଜାଣି ନଥିଲି ।୪

ବଗୁଲା ସଙ୍ଗତେ ମଇତ୍ର ବସି
ହଂସ ନିଜମନେ ହୋଇଲା ଖୁସି
ବିସ ଭକ୍ଷଣରେ କଟେ ଯା'ଦିନ
ବନ୍ଧୁର ଉଚ୍ଛିଷ୍ଟ କଲା ଭକ୍ଷଣ ।୫

ବି:ଦ୍ର: ନିଶିଥେ -ମଧ୍ୟ ରାତ୍ରି କାଳରେ । ବସ୍ରର-ଛାତିର । ପୀୟୁଷ - ଅମୃତ । ବଲ୍ଲରୀ ଲତା । କୀର-ଶୁଆ । ଅଶନ-ଭୋଜନ । ଏସନକ-ଏହିପରି । ଉଚ୍ଛିଷ୍ଟ - ଅଇଁଠା ।

ସୋହେଲା ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଜଣା ପଥ



ଦୁଷ୍ମନ୍ତ ବେହେରା

ପଥ ପାନ୍ତରରେ ଅବସାଦ ମନ
ଚଞ୍ଚଳ ହୃଦୟେ ପ୍ରେମ
ବାଟୋଇ ଦେଖାରେ ଭୁଲେ ଅବାନ୍ତର
ଚଲା ସାଥି ଗୋଟେ ଫୁଲ !!

କିଏ କହେ ମୁଁ ଲିଭି ଜଳୁଛି ଶିଖା
ଜଳଙ୍ଗ ତରଙ୍ଗ ସୂତେ
ଦୁନିଆ ପବନ ହାଉଲେ ଉଡାଏ
ସଂସାର ଇଲାକା ମୂଳେ !!

ପଥ ସରେ ନାହିଁ ମନ ସରେ ନାହିଁ
ମୁ ସରେ ରାଇଜ ରେ
କଡ ଉହାଡରେ ଗୁମୁରି ଉଡେ
କାକର ସ୍ୱର୍ଶ ର ତଳେ !!

ମୁଁ ଆସିଛି ମନ ଫୁଲ ନେଇ ସାଥି
ଧରୁ ଧରୁ ମୁଁ ନରମି ଯାଏ
ତୁମ ପୟର ଛୁଆଁ ପାଇଁ ଦେହ
ମୋ ଲାଜରେ ଶୀତେଇ ଉଠେ !!

ଶେଷ ବାଟୋଇ ମୁଁ ସମୟ ଦୁଆରେ
ଚାଲି ଥକି ଗଲି ଶେଷେ
ଠିକଣା ପଚାରେ କଣ ପାଇଲୁ ଧଳା
ଦୁନିଆ ର ଲୋଭ ପାଶେ !!

ଲୋଭ ରେ ଚାଲିଲି ସରିଲା ନାହିଁ
କର୍ତ୍ତବ୍ୟ ତୁଠ ପଥରରେ
ଭାଗ୍ୟ ଘସେ ମୁଁ କରମ ଝୁରି ଝୁରି
ମଳି ନ ଛାଡେ ଅଜଣା ପଥ !!
ଶେଷ ପଥ ମୁଁ ଅଜଣା ବାଟୋଇ
ଧୂଳି ସାଙ୍ଗେ ମୁଁ ସାଥି
ଏଣେ ତେଣେ ଉଡାଏ ପବନ
ନାଚି ଖେଳି ହସି ହସି !!

ରାସୋଳ-ମୁଣ୍ଡିଆପଡ଼ି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୪୦୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅଶ୍ରୁ ପାଟରାଣୀ



ସରୋଜ କୁମାର ଜେନା

ଆଖି ଆଜି ପଲକ ପଡୁନି କାଳିଆ

ଅନବରତ ଅଶ୍ରୁ ଆସୁଛି ଝରି ,

ସତେ ଅବା ଏକ ଉଷ୍ମ ନିର୍ଝରଣୀ

କାହିଁକି କାଳିଆ ........କାହିଁକି ?

ମନରେ ଅସୁମାରୀ ସ୍ୱପ୍ନର ବିଳାସ

କିନ୍ତୁ ତୁ କଣ ଶୁଣୁଛୁ

ତୁ କାହୁଁ ଶୁଣିବୁ ଏ ଅଭାଗା ଅନ୍ତର ବେଦନା

ଶୟନେ ନିଦ୍ରା ମୋର ଏକ ଦେଖାଣିଆ

କିନ୍ତୁ ମନରେ ଅସରନ୍ତି କୋହ ।

ହିମର ମନ ଗିରି ଆଜି ଖଣ୍ଡ ବିଖଣ୍ଡିତ

କେବେ ସେ ପ୍ରତାରଣା ଉତ୍ତାପ ଚାପରେ

ଆଉ କେବେ ସାମାଜିକ ଲାଞ୍ଛନା ଚୋଟରେ

କେବେ ପୁଣି ଦୁଃଖର ଉଦ୍ଗିରଣ ଲଭା କୋହରେ

ଆଉ କେବେ ସର୍ବକୋହ ମିଶ୍ରିତ ଝଡ଼ର ଶକ୍ତ ମାଡ଼ରେ ,

ଆଜି ଏ ଆଖିରୁ ଗହ୍ୱର ମଧ୍ୟରୁ  ମନ ହିମଗିରି ପ୍ରଦେଶରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତରଳି ସେ ଅଶ୍ରୁର ଝର ଯାଉଅଛି ଝରି ।

କହରେ କାଳିଆ କହ ............,,

ନା ସେ ହେବ ନିର୍ଝରିଣୀ

ନା ହୋଇବ କେବେ ତୁନି ।

ସମୟର ଅନ୍ତରାଳ ରେ ସେ ହୋଇଛି

କେବେ ମନ ନିର୍ଝରଣୀ ......

କିନ୍ତୁ ବିବେକ କହେ ନାଇଁରେ

ସେ ବା ଅଶ୍ରୁ ପାଟରାଣୀ ......

ହଁ ହଁ ଅଶ୍ରୁ ପାଟରାଣୀ .... ଅଶ୍ରୁ ପାଟରାଣୀ ... ।।

ବାଲିଝରୀ, ନରସିଂହପୁର, କଟକ

ମୋ -୯୩୪୦୭୬୩୭୯୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବ୍ୟାଧି ହେଉ ବାଟବଣା



ସତ୍ୟବ୍ରତ
ମହାପାତ୍ର

ଜଗତର ନାଥ ଜଗତ ଈଶ୍ୱର ଧରା ହେଉ ଶୁଦ୍ଧ ଶାନ୍ତ
ଭୁତାଣୁ ଜନିତ ମହାମାରୀ ରୋଗ ହେଉ ଯଥା ଦୂରୀଭୂତ ।୧।
ହେଉଅଛି ଘାଣ୍ଟି ଏ ବିଶ୍ୱ ଜଗତ ମହାବ୍ୟାଧି ର ସଂକଟେ
ସମ୍ପର୍କ ର ମାନେ ବନ୍ଧାପଡ଼ିଅଛି କେହି ନ ଥାନ୍ତି ନିକଟେ ।୨।
ମହାମାରୀ ଏହି କୋରନା ଭୁତାଣୁ ବିଶ୍ୱ ହୁଏ କଲବଲ
ଉଦ୍ଧାରୀ ଧରନ୍ତ ପ୍ରଭୁ ମହାବାହୁ ଧରା ହେଉ ସମତୁଲ ।୩।
ଜୀବନ ଜୀବିକା ସଂଘର୍ଷ ର ମଧ୍ୟେ ମାନବ ହେଉଛି ଦ୍ୱନ୍ଦି
ହୋଇଗଲେ ଶେଷ ଜୀବନଜୀବିକା କେହିନୁଁହପ୍ରତିବାଦୀ।୪।
ଧନୀ କି ଗରିବ ଶିଶୁ କି ଯୁବକ ହେଉ ଅବା ବୃଦ୍ଧ ବୃଦ୍ଧା
ସର୍ବ କାର୍ଯ୍ୟସିଏ ବିଘ୍ନ ଘଟାଇଣ ଦେଉଅଛି କେତେ ବାଧା ।୫।
ଘୋର ସଂକଟେ ମାନବ ସଭ୍ୟତା ଖୋଜୁଅଛି ନିଜ ରାହା
ଚିକିତ୍ସା ବିଜ୍ଞାନ ହୁଏ ବାଟବଣା ହେଉ ପ୍ରଭୁ ତୁମ୍ଭ ଦୟା ।୬।
କେହି ନ ଦେଖନ୍ତି କାହା ମୁଖ ପୁଣି ନ ରଖିଣ ଦୟା ଭାବ
ଉଜୁଡି ଯାଉଛି ସୁନାର ସଂସାର ଛୁଟୁଅଛି କେତେ ଶବ ।୭।
ଶୂନ୍ୟ ରୁ ଆସିଛି ଅଦୃଶ୍ୟ ଭୁତାଣୁ କରଇ ସଭି ଙ୍କୁ ଗ୍ରାସ
ତୁମ୍ଭ ସୃଷ୍ଟି ପ୍ରଭୁ ତୁମ୍ଭେ ନ ରଖିଲେ ହୋଇଯିବ ସର୍ବନାଶ ।୮।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୂନ୍ୟେ ଚକ୍ରପେଶୀ ଦିଅ ପ୍ରଭୁ ନାଶୀ ବ୍ୟାଧି ହୋଇଯାଉଦୂର

ଉଦ୍ଧରୀ ଧରନ୍ତୁ ସୃଷ୍ଟି ତୁମ୍ଭର ବାନା ଉଡ଼େ ତିନି ପୁର ।୯।

ବଡ଼ ପ୍ରଭୁ ବୋଲି ସଭିଏଁ ଜାଣନ୍ତି କେହି ନୁହଁନ୍ତି ଅଜଣା,

କହେ ସତ୍ୟବ୍ରତ ଧ୍ୟାୟି ପ୍ରଭୁପାଦ ବ୍ୟାଧି ହେଉ ବାଟବଣା।୧୦।

କୁରୁଡ଼ା, ସୋର, ବାଲେଶ୍ୱର

ଦୂରଭାଷ : ୭୭୮୯୮୮୫୭୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମନ ଚିତ୍ରପଟେ କବିତା



ଆଶୁତୋଷ ମେହେର

ଶବଦ କାକଳି କବି ତୁଳୀଗାର ଚିତ୍ରପଟ ଦେହେ ଫୁଟେ
ଶତ ଭାବନାରେ ମନ କାନଭାସେ କବିତା ହୋଇକି ଲୋଟେ ।
ହାତ ଠାରି ଡାକେ ପାଖେ ଆସ ଥରେ କହିବି ମନର କଥା
ସାଇତା ପ୍ରେମର ହୃଦୟ ଗହିରେ ଭରି ରହିଥିବା ବ୍ୟଥା । ।

ଜୀବନ ସଙ୍ଗୀତ ପଦ ପଦ କରି ଚିତ୍ରପଟୁ ପଡେ ଝରି
ପୂର୍ଣ୍ଣିମା ଚାନ୍ଦର ପ୍ରେମ ନିବେଦନ କଅଁଳ ଜୋଛନା ଭରି ।
ଚାତକ ପରାଏ ଖୋଜେ ମନ କୋଣେ ଅନାଇଁ ରହେ ତା' ବାଟ
ମୁକୁଳା କାଗଜେ ରଙ୍ଗ ଫେଣ୍ଟି,ଠିଆ କବିତା ର ଚିତ୍ରପଟ । ।

ସେଇ ଛବି କହେ ମନ ରାଇଜର ଦରଦୀ ମରମ ଭାବ
କବି ମନ ଜାଣି ଲେଖି ହୋଇଯାଏ ପ୍ରେମଭାବ ଅନୁଭବ ।
ଅନୁଭବି ଜାଣେ ଭାବ ସାଗରର କବିତା ଯେ ରଙ୍ଗମୟ
ମନ ଚିତ୍ର ପଟେ କବିତା କଲ୍ଲୋଳ ଭାବନା ର ସାଥେ ତୟ । ।

୫୪ ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର ୭୫୧୦୨୪, ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଚେତନାର ଆଲୁଅ



ଡଃ ମମତା
ପ୍ରିୟଦର୍ଶିନୀ ସାହୁ

ମୁଁ ଅଜାଡି ଦେଉଛି ମୋ ସମସ୍ତ ଆତ୍ମିକ ଆଲୁଅ
ନିତି ପ୍ରତି ଜଳୁଥିବା ସେଇ ଅନ୍ଧକାରାଚ୍ଛନ୍ନ ଇଲାକା ମାନଙ୍କୁ ,
ଯେଉଁଠି ଅଣନିଶ୍ୱାସୀ ପ୍ରାୟ ଜୀବନରେ ତଳିତଳାନ୍ତ
ଏବେବି  କିଛି ଅସହାୟ ଲଳନା  ।

ଯେଉଁଠି ମୁହଁ ଲୁଚେଇ
ବାଟ ଚାଲେ କିଛି ଅସହାୟ ମସ୍ତକ,
କିଛି କିଛି ନିର୍ମମ , ନିଷ୍ଠୁର
ରୀତି ନୀତି ପାଇଁ,
କିଛି ଆଶା ସମ୍ଭାବନା
ପ୍ରସ୍ଫୁଟିତ ହେବା ପୂର୍ବରୁ
ମଉଳି ଯାଆନ୍ତି ଅଚିରେ  ।

ସେଇ ଆଲୁଅ ଦେଉ ଉର୍ଜା
ସେଇ ଅସହାୟ ହାତରେ,
ଦେଉ ନବ ନବ ଆଶା ସ୍ୱପ୍ନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲମ ଧରିବାକୁ ,

ନିହାଣ ମୂନରେ  ନିର୍ମାଣ  କରିବାକୁ

ନବ ନବ ମନ୍ଦିର  ।

ଆଲୁଅ ହେଉ ସାହସ

ଭାଙ୍ଗି ଦେବାକୁ

ଅନ୍ଧବିଶ୍ୱାସର ପୁରୁଣା କାନ୍ଥ ,

ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ   ।

ବଦଳିଦେବାକୁ ସେ ପୁରୁଣାପୃଷ୍ଠା

ଯୋଉଠି ଲିପିବଦ୍ଧ :-

"ନାରୀ କେବଳ ଘରକୋଣର"  ।

ପ୍ରତିବାଦ ପାଇଁ ଖୋରାକ ମିଳୁ

ସେଇ ଆଲୁଅର ଶିଖା ମାନଙ୍କରୁ ,

ଅସହ୍ୟ ଯନ୍ତ୍ରଣା କୁ  ସମୂଳେ

ଉତ୍ପାଟିତ କରିବାକୁ  ।

ଆଲୁଅ ଦେଉ ମୁକ୍ତ ପକ୍ଷୀର ଉଡାଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିସ୍ତୀର୍ଣ୍ଣ ନୀଳାଭ ଗଗନରେ ,

ସ୍ୱେଚ୍ଛାଚାରିତାର ଅନ୍ଧାର କବଳିତ କରିବା ପୂର୍ବରୁ

ଆଲୁଅ ଦେଖାଉ ରାସ୍ତା ନୂଆ ଏକ ଜୀବନର ।

ଆଲୁଅ ଖେଳଇଦେଉ

ନବ ନିର୍ମିତ ରକ୍ତର ଧାରା

ପ୍ରତିଟି ନାରୀର ଶିରା ପ୍ରଶିରାରେ

ଗଢ଼ିବାକୁ ଏକ ଅନ୍ୟାୟ ମୁକ୍ତ ଦେଶ,

ନିର୍ଯ୍ୟାତନା ମୁକ୍ତ ପ୍ରଦେଶ ।

ପ୍ରଜ୍ୱଳିତ କରୁ ପ୍ରତ୍ୟେକେ ହୃଦୟେ

ସ୍ନେହ ପ୍ରେମର ବହ୍ନି ଶିଖା ,

ଏକଇ ଧାରା ନିର୍ମାଣ କରୁ

ସହସ୍ର ଧାରାର ଆଲୁଅ ଶିଖା ।

ଓଡିଆ ଅଧ୍ୟାପିକା,

ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍, ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,

ବାଲିଶଙ୍କରା, ସୁନ୍ଦରଗଡ,

ଫୋନ୍: ୯୩୭୭୦୬୭୧୮୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୋ ଆଦର୍ଶ ତୁମେ ବାପା



ମମତା ବାରିକ

ମୋ ପିଣ୍ଡର ପ୍ରାଣ ଦାତା ତୁମେ ବାପା
ଶରୀରର ତୁମେ ରକ୍ତ ବୁନ୍ଦା
ମୋ ପ୍ରତି ଉଚ୍ଚାରଣର ଶବ୍ଦ ତୁମେ
ତୁମ ଆଦର୍ଶରେ ମୁଁ ବନ୍ଧା । ।

ପ୍ରତିକ୍ଷଣ ରହିଛ ମୋର ଛାୟା ହୋଇ
ଦିଅ ମତେ ସୁକର୍ମ ବତାଇ
ମୋ ଆଶା ପୂରଣ କର ଶ୍ରମିକଟିଏ ହୋଇ
ଶରୀରରୁ ତୁମ ରକ୍ତ ଝରଇ । ।

ହୃଦେ ରଖିଥାଅ ଦୁଃଖ ର ବୁଜୁଳା
ମନେ ତୁମ ଉତ୍ସାହ ଚେତନା
ସେ ଚେତନା ଆମକୁ ଦିଏ ପ୍ରେରଣା
ଜାଗ୍ରତର ଶହସ୍ର କଳ୍ପନା । ।

କରୁଥାଅ ନିତି ପ୍ରଭୁଙ୍କୁ ପ୍ରାର୍ଥନା
ଆମର ନବ ଉନ୍ନତି ପାଇଁ
ନିଜେ ପିନ୍ଧ ମସିହା ବସନ ଦେହେ
ନୂଆ କ୍ରୟ କର ଆମ ପାଇଁ । ।

ତୁମ ଆଦର୍ଶେ ନିଶ୍ଚେ ହେବି ମୁଁ ଜ୍ଞାନୀ
ବାପା ମୁଁ ତୁମ କନ୍ୟାନନ୍ଦିନୀ
ଦେବୀ ତୁମ ରକ୍ତବୁନ୍ଦାର ମୂଲ୍ୟ ଗଣି
ବିଶ୍ୱାସ ର ଖୁଣ୍ଟି କହେ ଶୁଣି । ।

ସ୍ଥାନ-ଯାଜପୁର, ବାରବାଟୀ, ଗ୍ରାମ-ବାମଦେବ ପୁର,
ପିନ-୭୫୫୦୦୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଠ ଚିର ନିଦ୍ରାରୁ ଥରେ



ସିଦ୍ଧେଶ୍ୱର ତ୍ରିପାଠୀ

କୁଣ୍ଡିଲୋ ଗ୍ରାମର ପ୍ରଥମ ଡାକ୍ତର
ପ୍ରଥମ ନାଟ୍ୟକାର
ଅବେଳରେ କାହିଁ ହଜିଗଲ ତୁମେ
ଦୁନିଆକୁ କରି ପର ।

ତୃତୀୟ ପଞ୍ଚମ ସପ୍ତମ ଦଶମ
ସବୁଥିରେ ପାଇ ବୃତ୍ତି
ବ୍ରହ୍ମପୁର ଠାରେ ଡାକ୍ତରୀ ପଢି
ଅର୍ଜିଗଲ କେତେ କୀର୍ତ୍ତି ।

ନାଟକ ଲେଖାରେ ମନ ନିବେଶୀଲ
ସାଥେ ନିର୍ଦ୍ଦେଶନା ଦେଇ
କେତେ ସମ୍ବୋର୍ଦ୍ଧନା ପ୍ରସିଦ୍ଧି ଅର୍ଜିଲ
ସୃଜନ କଳା ପାଇଁ ।

ଝୁରୁଛି ଖୋରଧା ଝୁରେ ନୟାଗଡ଼
ରୋଗୀ, କଳାପ୍ରେମୀ ଝୁରେ
କୋଟିଏ ମନର ଧନର ଈଶ୍ୱର
ଉଠ ଚିରନିଦ୍ରାରୁ ଥରେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
୭୦୦୮୩୧୧୫୦୪୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହା କି ମଜା



ଝରଣା ବାରିକ

କେତେ ମଜା ଥିଲା ପିଲା ଦିନ ଆମ
ଖାଉଥିଲୁ ଗୁଆ କୋଳି,
କଣ୍ଟେଇ କୋଳି ତ ସୁଆଦିଆ ଭାରି
ଆଣୁଥିଲୁ ମେଞ୍ଚେ ତୋଳି ।

ଖଟା ମିଠା ଲାଗେ ବେତ କୋଳି ସିନା
ହୁଏନାହିଁ ତୋଳି ବେଶୀ,
ଛନ୍ଦା ଛନ୍ଦି ହୋଇ ଗଛ ତାର ଥାଏ
ଭିତରେ ହୁଏନା ପଶି ।

ନଇ ପଠାର ସେ ଝାଉଁ ବଣେ ଥାଏ
କେତେ ଭୁଇଁ ବର କୋଳି,
ମଧ୍ୟାହ୍ନ ଛୁଟିରେ ସ୍କୁଲ ରୁ ଲୁଚି
ସାଙ୍ଗମାନେ ଯାଉ ତୋଳି ।

ନଇ ପାଖା ପାଖି ଜାମୁକୋଳି ଗଛ
ଆଖି ଯାଉଥାଏ ଲାଖି,
ସୁଆଦ ତାହାର ଯିବନି ପାଟିରୁ
ଥରେ ଯିଏ ଥିବ ଚାଖି ।

ଆଉ ମିଳୁନାହିଁ ସବୁ ହଜିଲାଣି
ସପନ ପରିକା ଲାଗେ,
ଏ ନାଁ ଶୁଣିଲେ ପିଲେ ମୋ କୁହନ୍ତି
ସେସବୁ କେମିତି ଲାଗେ ।

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ବିଧାତା !



ନିରଞ୍ଜନ ସାହୁ

ଲୁହ ଯେବେ ଧାରା ଶ୍ରାବଣ ସାଜିଲା
କୋହ ଘଡଘଡି ହେଲା
କିଏ ସେ ବିଧାତା ଏ ଭାଗ୍ୟ ଲେଖିକି
କେଉଁ ବାହାଦୁରୀ ନେଲା ।

ଜଗତେ କହନ୍ତି କାହାକୁ କଦାପି
କେବେ ଦୁଃଖ ଦିଅ ନାହିଁ
କୁହ ହେ ବିଧାତା ନିଷ୍ଠୁର ସାଜିକି
ତୁମେ ଦୁଃଖ ଦିଅ କାହିଁ
କି ବିଚାର କରି ତୁମ ନିର୍ଦ୍ଦେଶେ କେ '
ହସ୍ତରେଖା ଟାଣି ଦେଲା ।

ଓଠ ଧାରେ ହସ ଦେଇଥିଲେ କିବା
ତୁମେ ଦୁଃଖୀ ହୋଇଥାନ୍ତ
ତୁମେ ଥରେ ନିଜେ ଅନୁଭବି ହେଲେ
ସବୁ କଥା ବୁଝିଯାନ୍ତ
ତୁମ ଦରବାରେ ଅଭିଯୋଗ ଫର୍ଦ୍ଦ
ହୁଅନ୍ତାନି ଠେଲାପେଲା ।

ନିହଲପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ — ୯୯୩୭୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାକୁ କହିବି ସତେ



ଯୁବରାଜ କୁଦେଇ

ଚାଲୁଛି ଚାଲିବି ଥକି ପଡିବିନି
ଲକ୍ଷ୍ୟସ୍ଥଳ ବହୁଦୂର ,
ଚାଲିବା ବାଟ ତ କଣ୍ଟକମୟ ଯେ
ବିପଦରେ ଭରପୂର ॥
ମନକୁ ମୋହର ଦୃଢ କରି ମୁଁ ଯେ
ଆଗକୁ ତ ଯିବି ବଢି ,
ପାହୁଣ୍ଡେ ପାହୁଣ୍ଡେ ପାଦ ମୋ ପକେଇ
ଚଢିବି ସଫଳତା ସିଢି ॥
ପରିଶ୍ରମ ମୁଁ ଯେ କରୁଥିବି ସଦା
ଆଳସ୍ୟକୁ ଦେଇ ଛାଡି ,
ଏଭଳି ଅଭ୍ୟାସ ଜାରି ମୁଁ ରଖିଲେ
ଉତ୍ସାହ ଯାଉଥିବ ମୋ ବଢି ॥

ଭାରି ଦଗାଦିଆ ଅଟେ ଏ ସଂସାର
ସତର୍କ ରହିଲେ ହେଲା ,
ଅଧର୍ମ ପଥରୁ ଦୂରେଇ ରହିଲେ
ବୁଡି ନ ଥାଏ ତ ଭେଳା ॥
ଜୀବନ ଯୁଦ୍ଧରେ ସରଳିଆ ଲୋକ
ଯାଉଥାଏ ଖାଲି ହାରି ,
ଭାଗ୍ୟ ତା ସାଥିରେ କେତେ ଖେଳ ଖେଳି
ଦେଉଥାଏ ତାକୁ ମାରି ॥
ଯାହାକୁ କଲି ମୁଁ ଅଧିକ ବିଶ୍ୱାସ
ଧୋକା ଦେଲା ସିଏ ମତେ ,
ନିଜ ଲୋକ ଯଦି ଭଗାରି ସାଜିଲା
କାହାକୁ କହିବି ସତେ ॥

ଗ୍ରା/ପୋ- ଇଛାପୁର, ଥା- ଡୁଙ୍ଗୁରିପାଲି
ଜି- ସୁବର୍ଣ୍ଣପୁର, ଓଡ଼ିଶା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବର୍ଷାର ସ୍ମୃତିରେ



ସତ୍ୟବ୍ରତ ସାହୁ

ବର୍ଷା ଆସିଲେ..
ଆମ ବାଡ଼ିରେ ଆପେ ଆପେ ଉଠିପଡେ
ଓଲ ଗଛ ଓ ହଳଦୀ ଗଛ
ମୁଣ୍ଡ ଟେକନ୍ତି ଆହୁରି ଅନେକ ଅନାବନା ଗଛ,
ବୋଉ ପୋତିଦିଏ ଖଡା, ପୋଇ ଓ ଛଚିନ୍ଦ୍ରା
ବାପା ତିଆରି କରିଦିଅନ୍ତି ମଞ୍ଚା
ପିଲାଦିନେ ଓହଳିଥିବା ଛୋଟ ଛଚିନ୍ଦ୍ରା ଲାଞ୍ଜରେ ମୁଁ ବାନ୍ଧିଦିଏ ଛୋଟ ଇଟା ଖଣ୍ଡେ,
ଛଚିନ୍ଦ୍ରା ଲମ୍ବା ହେବ ବୋଲି ।

ବର୍ଷାକୁ ନେଇ ଅନେକ ସ୍ମୃତି ..
କାଗଜ ଡ଼ଙ୍ଗା, ପାଣି ଫୋଟକା, ଓଦା ଓଦା ସ୍କୁଲ ଫେରନ୍ତା ସମୟ..
ଏବେ ଆଉ ସେମିତି ବର୍ଷା ନାହିଁ ଯେମିତି ଥିଲା ମୋ' ପିଲାଦିନେ ।
ଏବେ ତ ଶ୍ରାବଣରେ ବି ଲୋଡା ପଡୁନି ଛତା କି ପକ୍ଷୀଆଟିଏ
ଅଥଚ ମୁଁ ବର୍ଷାଦିନେ ରଖିଥାଏ ବର୍ଷାତିଟିଏ ମୋ' ବ୍ୟାଗରେ ।
ସେଦିନ କଲେଜରୁ ଫେରୁଥିବା ବେଳେ ବର୍ଷାର ଦାଉ ସହିନପାରି ରାସ୍ତା ତଳକୁ ପଡିଯାଇଥିବା ଝିଅ ବର୍ଷାର ସ୍ମୃତି ପରି ଏବେ ବର୍ଷା ସ୍ମୃତିଟିଏ ।
ଏବେ ବର୍ଷା ପାଇଁ କବିତା ମନେପଡୁନି,
ମନେପଡୁଛି ସେହି ଝିଅ ବର୍ଷାର ସ୍ମୃତିରେ ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ-୯୩୩୮୧୭୫୬୧୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତାରଣା



ସୁଶୀଲ କୁମାର ଭୋଇ

ନିସ୍ତବ୍ଧ ମୁଁ ଆଜି ତୋ ପ୍ରତାରଣାରେ
ତୋ ପାଇଁ ମୁଁ ପ୍ରତି ମୁହୂର୍ତ୍ତରେ ଜଳେ
ହୃଦୟର ବ୍ୟଥା ତୁ କାଇଁ ବା ବୁଝିବୁ
ତୁ ତ' ଅଛୁ ବହୁ ଖୁସିରେ ।

ତୋ ଭଲ ପାଇବା ଥିଲା ଅଭିନୟ
ମୋ ସାଥେ ତୁ କରିଦେଲୁ ଅଭିନୟଟେ
କେତେ ମନଦେଇ ତତେ ଭଲ ପାଇଥିଲି
ହେଲେ ତୋ ଛଳନାକୁ ବୁଝି ପାରି ନଥିଲି ।

ତୋ ହୃଦୟ ସତେ ଟାଣ ପଥରଟେ
ମୋ ହୃଦୟକୁ କାଚପରି ଭାଙ୍ଗି ଦେଇଗଲୁ
ଭଙ୍ଗା ହୃଦୟକୁ କେମିତି ଯୋଡ଼ିବି
କୋଉ କାରିଗର ଆସି ଯୋଡ଼ି ଦେବ ଯେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋ' ପାଇଁ ମୁଁ କେତେ ମରୁଛି
ତୋ ପ୍ରତାରଣାରେ ମୁଁ ପ୍ରତି ମୁହୂର୍ତ୍ତରେ ମରୁଛି
ଆଜି ମୁଁ ଗୋଟେ ଶବ ପାଲଟି ଯାଇଛି
ହେଲେ ତ' ତେ ମୁଁ ଅପେକ୍ଷା କରିଛି ।

କେବେ ତୁ' ଫେରିବୁ ମୋ ଜୀବନକୁ
ମିଛ ଭଲ ପାଇବାର ଅଭିନୟ ନେଇ
ପ୍ରତାରଣା ସଙ୍ଗେ ମିଛ ପ୍ରତିସ୍ମୃତି
ଯାହା ତୁ ଦେଇଥିଲୁ ଅତୀତରେ ଯାଇ ।

ତୁ ମତେ ଧୋକା ଦେ କିମ୍ବା ଯନ୍ତ୍ରଣା ଦେ
ତୋ ସୁଖ ପାଇଁ ଜାହାତୁ କରିବୁ
ସହିଯିବି ମୁଁ ଖୁସିରେ,ହଁ ସହିଯିବି ମୁଁ ଖୁସିରେ ।
ହଁ ମୁଁ ନିସ୍ତବ୍ଧ ତୋ' ପ୍ରତାରଣାରେ ।

ଭୁବନେଶ୍ୱର-୨ ।
(ସାମାଜିକ କର୍ମୀ/ଯୁବ ଲେଖକ)
୬୩୭୦୭୭୮୭୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବେଙ୍ଗ କହେ ବେଙ୍ଗୁଲି ଲୋ...



ମନୋରଞ୍ଜନ
ସୁରୁଜାଳ

ସାରୁପତ୍ର ମୂଳ ଆଜି ଲାଗେ ଶୂନ୍ୟ
ନାହିଁ ଜାତିଭାଇ ଭିଡ,
ନିର୍ମଳ ଆକାଶ ନାହିଁ ମେଘ ମାଳ
ଅଶାନ୍ତ ପ୍ରକୃତି ନୀଡ଼ । (୧)

ଓଢଣୀ ତଳରେ ମଉସୁମୀ ରାଣୀ
ଲାଜେଇ ଯାଇଛି ଲୁଚି,
କାହିଁ ଘନ ରୂପ ମୟୂରର ନୃତ୍ୟ
ଶୁଭେନି ମହ୍ଲାର କିଛି । (୨)

ମେଘ ଆସରକୁ ଚାହିଛି ଚାତକ
ଆଖି ପାଣି ଯାଏ ଶୁଖି,
ବିଲ ଗେଣ୍ଡା ପଲ ଦେଖିବାକୁ ନାହିଁ
କାହିଁ ସାଧବର ଚାଖି । (୩)

ଋତୁଚକ୍ର ଆଜି ବାଟ ଯାଏ ଭୁଲି
ଋତୁ ଦେହେ ଋତୁ ହଜେ,
ଆଷାଢେ ନିଦାଘ ଶ୍ରାବଣେ ଜୀମୂତ
ଶୀତ ପଥ ହୁଡି ମଜେ । (୪)

ଅସମୟେ ବର୍ଷା ଶିଶିର ବସନ୍ତ
ଅପାଳକ ଆଜି ମହୀ,
ଦେଖି ଭୀମ ରୂପ ପ୍ରକୃତି ବିମୁଖ
ମଣିଷ ର ପାପ କହି ।(୫)

ବିଷ ଯୁକ୍ତ ବସୁ ଆବିଳ ଉଦର
ଦୂଷିତ ଜଳ ମରୁତ,
ତା କଲା କରମ ଭୋଗୁଛି ମାନବ
ପିଠିରେ ପଡୁଛି ବେତ ।(୬)

ଅଳପ ଦିନର ଗଳପ ସରିବ
ଧରିବା ସତ୍ୟର ରାହା,
ସତ୍ୟ ଧର୍ମ ପଥେ ମନ ଚଲୁଥିଲେ
ଏକା ସାହା ଚଉବାହା । (୭)

ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିବ୍ୟ ବନ୍ଦନା



ଅଚ୍ୟୁତାନନ୍ଦ ଭୁଏ

ଅକାଳ କାଳକୁ ବରଣ କରିବା
କାଳଜୟୀ ଘୋଷଯାତ,
ଭକତ ବିହୀନ ମନ ବୋଲେ ସିନା
ଜଗତ କୁ କର ହୀତ । (୧)

ଅନୁଭବୀ ସିନା ଅନୁଭବ କରେ
ତବ ଲୀଳା ଗାଥା-ମୃତ
ଭକତିର ଡୋରେ ବନ୍ଧା ସେଇ ଏକା
ବୋଲାଇ ଜଗତ ନାଥ । (୨)

ବରଷକୁ ଥରେ ତାରିବା ପାଇଁ କି
ବିଜେ କର ନନ୍ଦଘୋଷେ,
ଷଡରିପୁ ନାଶି ଜନତାରେ ତୋଷି
ଭରି ଦିଅ ଭକ୍ତି ରସେ । (୩)

ତାର ଅବା ମାର ଏ ଦୀନ ଜନକୁ
ନାହିଁ କିଛି ଅବଶୋଷ,
ମନ-ହୃଦ-ନେତ୍ରେ ତବ ପ୍ରତିଛବି
ଦେଖି ହେଉ ପରିତୋଷ ।(୪)

ପ୍ରଧାନ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
ଗୋଲାମାଳ, ରେଂଗାଲି, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ



ଗୁପ୍ତେଶ୍ୱର ଚାନ୍ଦ

ପରମ ମଇତ୍ର  ଅଟଇ ବିଶ୍ୱାସ
	ବିଶ୍ୱାସରେ କଲେ ଭରସା ,
ଅବଶ୍ୟ ପୂରଣ ହୋଇ ଥାଏ ଦିନେ
	ଦୃଢତା ଥିଲେ ନିଜ ଆଶା ।
ଚାତକ ସମ,
	ଆକାଶରୁ ଝରେ ବରଷା  ।
ପ୍ରଚଣ୍ଡ ନିଦାଘ ଜ୍ୱାଳା ଥିଲେ ସହି
	ମେଣ୍ଟଇ ଜୀବନ ର ତୃଷା  ॥ ୧

ମତଙ୍ଗ ମୁନିଙ୍କ ଗୁରୁ ରୂପେ ବରି
	ସେବୁ ଥିଲେ ପଦ ଶବରୀ ,
ନୀଚ କୁଳେ ଜାତ ହେଲେହେଁ ପୂରୁବ
	ସ୍ୱଭାବ ଅତ୍ୟନ୍ତ ସଂସ୍କାରୀ ।
ପବିତ୍ର ଚିତ୍ତ,
	ବିଶୁଦ୍ଧ ଅନ୍ତର ତାହାରି  ।
ନିର୍ମଳ ଭକତି ଚାହିଁ ଯତି  ଅତି
	ପ୍ରସନ୍ନରେ ଗୀର ଉଦ୍ଗାରୀ  ॥ ୨

"ପିତୃ ସତ୍ୟ ପାଳି ଦୁଃଖୀର ସଙ୍ଗାଳି
	ଆସିବେ ନିଶ୍ଚୟ ଏ ସ୍ଥାନ,
ରହିଥା ଅନାଇଁ ରଘୁକୁଳ ସାଇଁ
	ରଖିବେ ଭକତ ର ମାନ ।"
ବାଣୀ ଉଚ୍ଚାରି,
	ଚଳିଲେ ତେଜି ଅପଘନ  ।
ସେଦିନୁଁ ଶବରୀ ପଥ ନିରେଖଇ
	ଶିରେ ଧରି ଗୁରୁ ବଚନ  ॥ ୩

ନିତି ପୁଷ୍ପ ତୋଳେ  ମନେ ମନେ ଭାଳେ
	ପ୍ରଭୁ ଙ୍କ କୋମଳ ପୟର ,
କଣ୍ଟକ ଚୁମ୍ବିବ ଶୋଣିତ ବହିବ
	ଯାତନା ଲଭିବେ ଅପାର  ।
ଏଣୁ ବିଛାଏ,
	କୋମଳ ପାଖୁଡ଼ା ଫୁଲ ର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋଳି ମିଠା କୋଳି ସରାଗେ ସଞ୍ଚଇ
ଭୁଞ୍ଜିବେ ବୋଲି ରଘୁ ବୀର ॥ ୪
ବିଶ୍ୱାସେ ମିଳନ୍ତି ହରି ଏ ପ୍ରସିଦ୍ଧି
ରହିଛି ଅନାଦି କାଳରୁ ,
ଅଟଳ ବିଶ୍ୱାସ ରଖିଛି ଶବରୀ
ପରମ ଗୁରୁଙ୍କ ବାକ୍ୟରୁ ।
ଅନ୍ତର୍ଯ୍ୟାମୀ ସେ,
ଅନ୍ତର ବାରତା ଦୂରରୁ ।
ଜାଣି ପାରି ଧାଇଁ ଆସିଲେ ନିକଟେ
ଧୋଇଲା ପଦ ସୁକୃତ ରୁ ॥ ୫
ଚରଣ ବନ୍ଦନା କରି କୁଟୀରକୁ
ପାଛୋଟି ନେଲେ ଟି ସଧିରେ,
ଆସନ ପାରି ବସାଇଲେ ଆଦରେ
ଅତିଥି ସେବିଲେ ବିଧିରେ ।
ପ୍ରଭୁ ଶ୍ରୀରାମ,
ପ୍ରସନ୍ନ ହୋଇ ଆତିଥ୍ୟ ରେ ।
ବର ଯାଚନ୍ତେ ଶବରୀ କୃତ୍ୟ କୃତ୍ୟ
ନବଧା ଭକତି ପଚାରେ ॥ ୬
ନିର୍ମଳ ହୃଦୟ ଦେଖି ରଘୁରାୟ
ଭାବରେ ହୋଇ ଗଦ ଗଦ ,
ଜିଜ୍ଞାସା ପୂରଣ କଲେ ଭାବଗ୍ରାହୀ
ପ୍ରାପ୍ତ ହେଲା ପରମ ପଦ ।
ଧନ୍ୟ ଶବରୀ,
ତିଳେ ନାହିଁ କପଟ ଛନ୍ଦ ।
ଶ୍ରୀ ରଘୁ ନନ୍ଦନ -ଚାନ୍ଦ ଦରଶନ
ଲଭି ମୁଦ ହୃଦ-କୁମୁଦ ॥ ୭
ଗୁରୁଙ୍କ ଉଦନ୍ତ ସାଧେ ଶିଷ୍ୟ ହିତ
ନାଶଇ ସକଳ କିଲବିଷ,
ପ୍ରଭୁଙ୍କ ଉପରେ ଭରସା ରଖିଣ
ପିଇଲେ ହଳାହଳ ବିଷ ।
କୈଳାସ ବାସୀ,
ଲଭିଲେ ଯଶ ପଉରୁଷ ।
ନୀଳକଣ୍ଠ ନାମେ ଜଗତ ବରେଣ୍ୟ
ହୃଦରେ ଅଟଳ ବିଶ୍ୱାସ ॥ ୮
ପରମ ଶାସ୍ତ୍ର ଶ୍ରୀମଦ ଭାଗବତ
କୁହନ୍ତି ପବିତ୍ର ଭାରତୀ,
ବିଶ୍ୱାସ ବିହୁନେ ଫଳ ନ ଫଳଇ
ଖଟୁ ଥିଲେ ଦିବସ ରାତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏଣୁ ସୁଜନେ,

ଚିତ୍ତେ ଘେନ ଏ ଦିବ୍ୟ ବାଣୀ ।

ବିଶ୍ୱ ବ୍ରହ୍ମାଣ୍ଡ କୁ ମସ୍ତକେ ଧାରଣ

କରି ଛନ୍ତି ଅନନ୍ତ ଫଣୀ ॥ ୯

ମୃଗୁଣୀ, ବାରଣ, ଅଞ୍ଜନା ନନ୍ଦନ

ଧ୍ରୁବ, ପ୍ରହଲ୍ଲାଦ, ସୁଦାମା ।

ଧୀବର, ଦାସିଆ, ପାଞ୍ଚାଳୀ , ଅହଲ୍ୟା

ମୀରା ବାଈ, ବିଦୁର ବାମା ।

ରୁକ୍ମିଣୀ ଆଦି,

ବିଶ୍ୱାବସୁ ଭଳି ଭକତ ।

ବିଶ୍ୱାସ ବଳରେ ଲଭିଲେ ପ୍ରଭୁଙ୍କୁ

ଅଟଇ ଏ ଅପ୍ରିୟ ସତ ॥ ୧୦

ଗ୍ରାମ /ପୋଷ୍ଟ :-ସମାସିଂହା,

ଜିଲ୍ଲା :-ଝାରସୁଗୁଡା, ମୋ. ନଂ. ୭୨୮୩୮୪୧୦୬୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସ୍ୱାଧୀନତା ବିପ୍ଳବ



ଅନନ୍ତ ପଟେଲ

ପୂରୁବ ଦିଗରେ ସୁରୁଜ ଉଦଇ
ଉଠ ହେ ପାହିଲା ରାତି

ଭାରତ ଆଜି ସ୍ୱାଧୀନ ହେଲା
ପତାକା ଉଡ଼ଇ ନିତି.....(୧)

ସ୍ୱାଧୀନତା ପୂର୍ବେ ସଂଗ୍ରାମୀ
କଲେ ବିପ୍ଳବ
ତାଙ୍କ ପାଇଁ ଆମ ଦେଶ  ସ୍ୱାଧୀନ
ହେଲା ସମ୍ଭବ.....(୨)

ଜୀବନ ଦେଇ ସଂଗ୍ରାମ କଲେ
ବ୍ରିଟିଶଙ୍କ ସାଥେ
ଯେତେ ବିଘ୍ନ ହେଲେ ମଧ୍ୟ ହଟି
ନ ଥିଲେ ପଥେ.....(୩)

ଜବନର ପ୍ରତି ମୁହୁର୍ତ୍ତ ରେ ତାଙ୍କ
ନାମ ଗାଏ
ଭାରତର ସମସ୍ତଙ୍କ ମନରେ ଈଶ୍ୱର
ରୂପ ପାଏ.....(୪)

ଆହ୍ୱାନ ଦେଲେ ବୀର ଭାରତ ବାସି
ଜାଗାରେ ଜାଗ ବୀର ସନ୍ତାନ
ସମସ୍ତେ ଏକତ୍ରିତ ହେଲେ ହସି ଉଠିବ
ଏହି ଆମ ଜନମ ସ୍ଥାନ.....(୫)

କଦଳୀ ମୁଣ୍ଡା, କଳାହାଣ୍ଡି
ଓଡ଼ିଶା ପିନ_୭୬୬୧୦୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସିଲା ସନ୍ଧ୍ୟା



ଗୌରୀ ମେହେର

ପଶ୍ଚିମ ଦିଗରେ ବୁଡଇ ରବି,
କି ସୁନ୍ଦର ସତେ ଲୋହିତ ଛବି

ଆହା କି ମନୋହର ଦିଶେ ସିନ୍ଦୁର ମୟ,
ମନ ମୁଗ୍ଧକର ହାଏ ଏହି ସମୟ

ଲାଲ ଶାଡୀ ପିନ୍ଧେ ପଶ୍ଚିମ ଆକାଶ,,
ନାଲି ରଂଗେ ହୁଏ, ଧରଣୀ ସୁବେଶ

ଅନ୍ଧକାର କ୍ରମେ ମାଡି ମାଡି ଆସଇ,,
ତାରା ଗୋଟିକ ଗୋଟି ଆସିଲେ ଉଇଁ

ଗାଈ ଗୋଠ ଦଳ ଧୂଳି ଉଡାଏ,,
ପିଲାଏ ଖେଳନ୍ତି ସାଥିଙ୍କ ମେଳେ

ପକ୍ଷୀଏ ଫେରନ୍ତି ନିଜ ବସାକୁ,,
ଚାଷୀ ଫେରୁଛନ୍ତି ଦେଖ ନିଜ ଗୃହକୁ

ସଞ୍ଜ ଦୀପ ମାଁ ଜଳେଇଦେଲେ,,
ଶ୍ରଦ୍ଧା ଫୁଲ ଦେଇ ଚଉରାମୂଳେ

ମନ୍ଦିରେ କରନ୍ତି ଭଜନ କୀର୍ତ୍ତନ,,
ଭକ୍ତି, ଆନନ୍ଦରେ ସର୍ବଜନ

ଶୀତଳ ଶୀତଳ ପବନ ବହଇ,,
ଆହା କି ସୁନ୍ଦର ସନ୍ଧ୍ୟାର ଛବି

ଗମ୍ଭାରୀଗୁଡ଼ା, ନୂଆପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୃତ୍ୟୁ



ଉତ୍ତମ ମହାପାତ୍ର

ମୃତ୍ୟୁ  ମୋର ନିକଟତର
        ଡାକୁଛି ହାତ ଠାରି,
ଯିବି କି  ନାହିଁ ଭାବିକି ଟିକେ
        ଯାଉଛି ମୁହିଁ ଡରି  ।
ସରିନି ବେଳ ପୁରିନି କାଳ
        ରହିଛି କାମ ବାକି,
ମୋ ଘର ଚାଳେ ଶାଗୁଣା ବସି
        ଯାଉଛି ଉଡି ଡାକି  ।
ଘର ଚଟିଆ ଗଲେଣି ଉଡ଼ି
        ମୃତ୍ୟୁ ସଙ୍କେତ ଦେଇ,
ମୁଣ୍ଡ ଉପରେ କଳା ବାଦଲ
        ଗଲାଣି ମୋର ଛାଇ ।
ଯାଉଛି ଏଇ ଦୁନିଆଁ ଛାଡି
        ସାଇତି ସବୁ ସ୍ମୃତି,
ମାୟା ସାଂସାରୁ ସ୍ନେହ ବନ୍ଧନୁ
        ମୋହ ଗଲାଣି ତୁଟି  ।

ବାଲେଶ୍ୱର, ୭୫୬୦୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଣମଲ୍ଲୀ



ଚିନ୍ମୟୀ ଦାସ

ବଣମଲ୍ଲୀ ମୁହିଁ ଦିନେ ଝଡିଯିବି
ବଣ ଭିତରେ ରହି
ହେଲେ ମୋର ବାସ କାହାରି ପାଖରେ
ପହଞ୍ଚି ପାରିବ ନାହିଁ ।

କି ଲାଭ ଅଛି ଏହି ଜୀବନେ ମୋର
ଏତେ ବାସ ଯଦି ଥାଇ
ଈଶ୍ୱରଙ୍କ ସଂଗେ ଦେଖାହେଲେ କେବେ
ସବୁ ଦୁଃଖ ଦେବି କହି ।

ଜାଣି ନାହିଁ ମୁଁ ଦେଖା ଦେବେ କେବେ
ମୋର ସେହି ପରମ ପୁରୁଷ
ସ୍ୱପ୍ନରେ ହେଉ ପଛେ ରଖ ମୋ ବିନତୀ
ଫୁଟାଇ ଦିଅ ତୁମ ମୃଦୁମଳୟର ହସ ।

ଚୌଦ୍ୱାର, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗରିବ ପର କାହିଁକି ?



ନରେନ୍ଦ୍ର ପ୍ରସାଦ ବେହେରା

ଧନୀ ଗରିବର ରାଜନୀତି ଏଠି
ଚାଲିଛି ସାରା ସଂସାରେ
ତେଲିଆ ମୁଣ୍ଡରେ ଢଳାଯାଏ ତେଲ
ଗରିବ କାନ୍ଦୁଛି ଘରେ ।୧ ।

ରାଜ୍ୟ ରାଜନୀତି ହୁଏ ବାଟବଣା
ଗରିବ ପାଏନି ନ୍ୟାୟ
ଅର୍ଥହୀନ ବ୍ୟକ୍ତି ଲୁହ ଗଡାଉଛି
ଦେଖି ଧନୀଙ୍କ ଅନ୍ୟାୟ ।୨ ।

ସରକାରୀ କଳ କିଣେ ଧନୀ ବ୍ୟକ୍ତି
ଦେଖାଇ ସମସ୍ତ ବଳ
ଗରିବ ଜନତା କାନ୍ଦି କାନ୍ଦି ମରେ
ପାଏ ନାହିଁ ଥଳକୂଳ ।୩ ।

କେତେ ପ୍ରତିଶ୍ରୁତି ଦେଇଥାଏ ଦଳ
ରହିବ ନାହିଁ ଅଭାବ
ଭୋଅଟ ବେଳରେ ଗୋଟିଏ ଚିହ୍ନରେ
ମୋହର ଲଗାଇ ଦେବ ।୪ ।

ଜିତିଗଲା ଦଳ ଗଢିଲେ ସର୍କାର
ଗରିବ ମୁଣ୍ଡେ ପ୍ରହାର
ଭତ୍ତା ଓ ଆବାସ ଯୋଜନାରେ ଘର
ଲୋଟିଲେ ଧନୀ ଶ୍ରେଣୀର ।୫ ।

ବିଚରା ଗରିବ ଜନତାର କଥା
ବୁଝିଲେନି କେହି ନେତା
ନିଜ ପରିବାର ଆତ୍ମୀୟ ସ୍ୱଜନ
ନେଲେ ସେ ଆବାସ ଭତ୍ତା ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମିଥ୍ୟା ପ୍ରତିଶ୍ରୁତି ମିଥ୍ୟା ରାଜନୀତି
ଭାବିଲେ ଘୁରିବ ମଥା
ଏମିତି ଶାସନ ଚାଲିଛି ଜଗତେ
ଭୁଷୁଡି ଗଲାଣି ପ୍ରଥା ।୭ ।

ଧନୀ ଓ ଗରିବ ସମସ୍ତଙ୍କ ପାଇଁ
ଆଇନ ଅଛି ସମାନ
ମତଦାନ କେନ୍ଦ୍ରେ ଗୋଟିଏ ଭୋଅଟ
ଅଟଇ ଯେ ବଳବାନ ।୮ ।

ନାମିଦାମୀ ଗାଡି ଚଢି ଧନୀ ବ୍ୟକ୍ତି
ଖଣ୍ଡିଏ ଭୋଅଟ ଦିଏ
ଗରିବ ଜନତା ପିନ୍ଧି ଛିଣ୍ଡା ଲୁଗା
ଖଣ୍ଡେ ଭୋଟ ଦେଇଥାଏ ।୯ ।

ଧନୀଲୋକ ପାଏ ସମସ୍ତ ସୁବିଧା
ଗରିବ ପର କାହିଁକି ?
ଜବାବ ଦିଅହେ ଏଦେଶ ଜନତା
ଆଇନ ଦେଶେ ନାହିଁ କି ?୧୦ ?

ପାଏନି ଗରିବ ଭତ୍ତା ଓ ଆବାସ
ଧନୀ ପାଏ ବାରମ୍ବାର
ସମସ୍ତ ଯୋଜନା ସହାୟତା ପୁଣି
ଏ ଗରିବ ସାତପର ।୧୧ ।

ଧନୀ ଦେଇନାହିଁ ଖଣ୍ଡେରୁ ଅଧିକ
ଦେଇଛି ଖଣ୍ଡିଏ ଭୋଟ
ଗରିବ ଦେଇନି ଖଣ୍ଡିଏରୁ କମ୍
ତାଲିକାରେ ଅଛି ନୋଟ୍ ।୧୨ ।

ହୁଅ ସଚେତନ ସରକାରୀ କଳ
ଛାଡିଦିଅ ପ୍ରିୟାପ୍ରୀତି
ଗରିବଙ୍କୁ ଦିଅ ସେବା ଓ ମମତା
ଦେଶର ହେବ ଉନ୍ନତି ।୧୩ ।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ-୯୮୫୩୧୯୪୨୫୧୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନେକ ସ୍ୱପ୍ନ



ପୁଷ୍ପାଞ୍ଜଳୀ ପଣ୍ଡା

ମୁଁ ସ୍ୱପ୍ନ ଦେଖେ,
ଝରଝର ବର୍ଷାର ।
ଲମ୍ବା ଲମ୍ବିଥିବା ରାସ୍ତାର କଡେକଡେ,
ଏକଲା ଦୌଡ଼ୁ ଥିବାର ।
ଆଉ ରାତିରେ ଦିନେ ଦିନେ
ସୂର୍ଯ୍ୟଙ୍କ ଆଡ଼କୁ ପିଠି କରି
କଅଁଳିଆ ଖରା ପୋଉଁ ଥିବାର ।
ବେଳେବେଳେ ସ୍ୱପ୍ନ ମୋର
ସୁନୀଳ ଆକାଶକୁ
ଛୁଇଁଯାଏ, ମାଡ଼ି ଯାଏ ।
ଗୁଡାଏ ପକ୍ଷୀଙ୍କୁ ନେଇ
ସାରା ଆକାଶ ଭର୍ତ୍ତି କରିଦିଏ ।

ତଳେ, ବେଳେ ବେଳେ
ଘନନୀଳ ସମୁଦ୍ରର
ମୁକ୍ତାପରି ଝଲମଲ
ଢେଉ ସବୁ ମୋ ଦେହରେ
ନେଶି ହେଇଯାଏ ।
ଅନେକ ସ୍ୱପ୍ନ ଦେଖେ ।
ମୁହଁରେ ରଙ୍ଗ ମାଖେ ।
ସ୍ୱପ୍ନ ସବୁ ଏମିତି ଅଧା କାହିଁ ହୁଏ !
ଆଲାରାମ ଘଣ୍ଟି ଟାସମୟର
ଧାଁ ଧଉଡ଼ ସୁଚୀପତ୍ର କୁ
ହାତରେ ଧରାଇ ଦିଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱପ୍ନ ନାହିଁ ତ ବର୍ଷା ନାହିଁ

ସ୍ୱପ୍ନ ନାହିଁ ତ ରାସ୍ତା ନାହିଁ

ସ୍ୱପ୍ନ ନାହିଁ ତ ଆକାଶ ନାହିଁ

ସମୁଦ୍ର ନାହିଁ, ପାଣି ନାହିଁ, ପବନ ନାହିଁ ।

ଜୀବନଟା ଶବ୍ଦ ହୀନ ,

ରୂପ ହୀନ, ଆଭାହୀନ ଲାଗେ

ସ୍ୱପ୍ନ ନ ଦେଖିଲେ ।

ତଥାପି ମିଛ ଜୀବନ ଏଠି

ମିଛ ସ୍ୱପ୍ନ ରେ ଜୀଉଁଛି ।

ରାତି ପାହିଗଲେ ଆଉ ସିନ୍ଦୁରା ଫାଟିଲେ ,

ଖାଲି ଦୌଡୁଛି ଆଉ ଦୌଡୁଛି ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେ-ସରକାରୀ ଜ୍ଞାନାଳୟ



ସ୍ମୃତିରଞ୍ଜନ ବାରିକ

ଅନ୍ଧର ଆକାର ଅପସରି ଯାଏ,
ଜ୍ଞାନର ଆବିର୍ଭାବେ ।
ଶିଷ୍ୟର ଧର୍ମାଙ୍ଗ ବିକଶିତ ହୁଏ,
ଗୁରୁର ଆଶିର୍ବାଦେ । ।.........୧

ଗୁରୁର ଆଦେଶ ବିଦ୍ୟାଳୟ ଗଢେ,
ବୃକ୍ଷତଳ, ନଦୀତଟେ ।
ଯେଉଁଠି ଗୁରୁର ବାଣୀ ଶୁଭାଯାଏ,
ଶିଷ୍ୟ ତା ପ୍ରତିଭା ରଟେ । ।.....୨

ଜ୍ଞାନ ତ ନୁହଁଇ ବାଲି, ମାଟି, ଗୋଡ଼ି,
ମେଞ୍ଚାଏ ନେଇଯିବା ।
ସାଧନା, ତପସ୍ୟା ତ୍ୟାଗ ପରି ନିଷ୍ଠା,
ସମର୍ପଣ ଜ୍ଞାନେ ଦେବା ।.........୩

ଆବଦ୍ଧ ନୁହଁଇ ଜ୍ଞାନର ପଡିଆ,
ଧନର ପଘାରେ ବନ୍ଧା ।
ଇଚ୍ଛା ଶକ୍ତି, ସତ୍ୟ ମନର ମନ୍ଥନ,
ଯେଉଁଠାରେ ଜ୍ଞାନ ସନ୍ଧା । ।.......୪

ଜ୍ଞାନ ତ ନଥାଏ ଚାରିକାନ୍ଥ ଅନ୍ତେ,
ମସ୍ତିଷ୍କେ ଭରିଯିବ ।
ପରିବେଶେ ଥାଏ ଗୁରୁର ବାଣୀରେ,
ହୃଦୟ ଡୁବିଯିବ । ।.......୫

ଧନର ଆକାଶେ ସ୍ୱର୍ଣ୍ଣର ମହଲ,
ନୁହେଁ ଯେ ଜ୍ଞାନାଳୟ ।
ଶିଷ୍ୟର ଆଗ୍ରହ ଜିଜ୍ଞାସାର ମାର୍ଗ,
ଖୋଲିଦିଏ ବିଦ୍ୟାଳୟ । ।........୬

ଶିଷ୍ୟତ ନୁହଁଇ ସରକାରୀ କଳ,
ନୁହେଁ ସେ ବେ-ସରକାରୀ ।
ବେପାର ଚାଲଇ ଜ୍ଞାନର ହାଟରେ,
ଗରୀବ ଯେଉଁଠି ହାରୀ । ।........୭

ବେସରକାରୀର ଚାରିକାନ୍ଥ ନୁହେଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜ୍ଞାନର ମୂଳ ଉତ୍ସ ।

ସରକାରୀ ଗୃହେ ଜ୍ଞାନର ଆଭାସ,

ଯଦି ଥାଏ ଗୁରୁ ସୁସ୍ଥ । ।............୮

ମୂଲ୍ୟତ ନୁହଁଇ ଜ୍ଞାନର ପ୍ରମାଣ,

ଶିଷ୍ୟର ଶେଷ ଫଳ ।

ବିଦ୍ୟାରେ ଆଗ୍ରହ ବିଦ୍ୟାର୍ଥୀ ଦେଖାଏ,

ଜ୍ଞାନଲାଭ ତା'ର ମୂଳ । ।.........୯

ଶିକ୍ଷାତ ନୁହଁଇ ମାପର ଗାଲିଚା,

ମାପ ଫିତା ମାପିଦେବ ।

ଧନର ସାମର୍ଥ୍ୟ ମୁଣ୍ଡବି ନୂଆଁଏ,

ଦୂରକର ଅହଂଭାବ । ।.......୧୦

ଗ୍ରାମ:- ଅନୁପଲା, ଗ୍ରାମ.ପ:-ସାମନ୍ତରାପୁର
ବ୍ଲକ୍:-ତିର୍ତ୍ତୋଲ, ପିନ୍:-୭୫୪୧୩୭
ଜିଲ୍ଲା:-ଜଗତସିଂହପୁର
ମେଲ୍:- smrutiranjanbarik.smruti@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତୀ



ସନାତନ ମହାକୁଡ଼

ସେମାନେ ସତୀ
ପୁଣ୍ୟତୋୟା ଗଙ୍ଗା ପରି
ପତି ପ୍ରାଣପ୍ରିୟା
ଅନସୂୟା ସୀତା ଓ ସାବିତ୍ରୀ
ଦେଇ ପାରନ୍ତି ଜୀବନ ପରୀକ୍ଷା
କେବେ ଅନସୂୟା,
ଯାହା ପାଇଁ ପାଏ ନାହିଁ ରାତି ।
କେବେ ସୀତା ,
ଯାହାକୁ ଦେବାକୁ ହୁଏ ଅଗ୍ନି ପରୀକ୍ଷା
ଧରିତ୍ରୀରେ ମିଶିବା ପର୍ଯ୍ୟନ୍ତ ।
କେବେ ସାବିତ୍ରୀ
ଯେ ଭେଟିପାରେ ଯମରାଜାଙ୍କୁ
ମାଗିବାକୁ ମଥାର ସିନ୍ଦୂର
ପରୋକ୍ଷରେ
ପତିଙ୍କର ଆୟୁଷ ମୁଠାକ ।

ଗ୍ରାମ/ପୋ. ଅ: ବେରୁଆଁବାରୀ
ଜିଲ୍ଲା:ନୟାଗଡ଼- ୭୫୨୦୮୨,ଓଡିଶା ।
ଦୂରଭାଷ: ୯୩୩୯୬୧୦୧୬୮
ଇମେଲ୍: sanmahakud@gmail.com
www.sanatanmahakud.in

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବରଷା



ଡଃ ମାଙ୍ଗଳିକା
ମହାପାତ୍ର

ଆଜି କିଛି ନୂଆ ନୁହେଁ ...
ଏମିତି କେତେ ବରଷା ଗଲାଣି

ଏମିତି କେତେ ଋତୁ ବଦଳିଲାଣି
ଚାହିଁ ଚାହିଁ ତୁମକୁ
ଆଖିରୁ ପାଣି ମଲାଣି ..
ମନ ମୋ ହାଲିଆ ହେଲାଣି
ହେଲେ ଆସନାହିଁ ତୁମେ
ମନର ଭାଷା ତ ମନରେ ରହିଛି
କେବେ ବୁଝ ନାହିଁ ତୁମେ
ହେଲେ ମୋ କଲମ ବୁଝୁଛି
ସ୍ୱାର୍ଥହୀନ ଭାବେ ଦିନରାତି
ମୋ ପାଖେ ପାଖେ ରହିଛି

ସତରେ...
ଆଜି କିଛି ନୂଆ ନୁହେଁ ...
ଏମିତି କେତେ ବରଷା ଗଲାଣି

କଳାମେଘ ଭରା ଆକାଶରେ
ମୁଁହ ଅନ୍ଧାର ଦିନରେ ...

ଧରଣୀ ରାଣୀ ଭିଜିଯାଏ
ବର୍ଷାର ପ୍ରତିଟି ଟୋପାରେ
ମୁଁ ଭିଜିବାକୁ ଚାହେଁ ...
ତୁମ ପ୍ରୀତିର ବରଷାରେ
ତୁମେ ନାହଁ ମୋ ସାଥିରେ
ଭାବୁଛି ଭରା ମନରେ
ତୁମେ କି ବୁଝି ପାରନି
ଘଟୁଛି କଣ ଏ ମନରେ .. ! !
କାହିଁକି ରୁହ ଏତେ ଦୂରରେ

କେମିତି ହେଇଛ ମୋ
ମନର ମଣିଷ ତୁମେ .. ! !
ଯଦି ଭିଜି ନ ପାରିଲ
ହୃଦୟର ପ୍ରୀତି ବର୍ଷାରେ .. ! !

ରେଭେନସା ବିଶ୍ୱବିଦ୍ୟାଳୟ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କରୋନା : "ଆ" ମନ୍ତ୍ରାକ୍ଷରୀ



ଶୈଳବାଳା ସିଂହ

ଆମରି ଜୀବନ ଆମ ହାତେ

ଆହେ ଦୟାମୟ ବିଶ୍ୱବିହାରୀ
ଆମେ କରୁଛୁ ତମକୁ ଗୁହାରି

ଆଜି ଉଜୁଡ଼େ ସଭିଙ୍କ ସଂସାର
ଆପଣ ଟିକେ ହୃଦେ ଘେନା କର

ଆହା କି ସୁନ୍ଦର ଏହି ସଂସାର
ଆଲୋକ ଦେଖାଇ କର ଉଦ୍ଧାର

ଆତୁରେ ହୁଅନ୍ତି ଜନେ କାତର
ଆଶିଷ ତବ ପଡ଼େ ଦରକାର

ଆଗକୁ ବଢ଼ିଲେ ଏ କରୋନା
ଆଉ ନ ଉଡ଼ିବ ତମରି ବାନା

ଆମରି ଜୀବନ ଆମରି ହାତେ
ଆଗକୁ ସତର୍କ ରହିବା ଯେତେ

ଆପଣେଇ ପାରୁ ନାହୁଁ ନିୟମ
ଆପଣା ହସ୍ତରେ ଯିବ ଜୀବନ

ଆଖିରେ ଦେଖୁଛୁ କଷଣ ଛବି
ଆସି ଦେଖା ଦିଅ ନ ରୁହ ଛପି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆବଶ୍ୟକ ଆଜି ତୁମର ଉଭା
ଆହୁଲା ମାରିବ ସଂସାର ଡଙ୍ଗା

ଆଖି ଲୁହେ ତବ ସଂସାର ଭାସେ
ଆସନ୍ତାକାଲିକି କାନ୍ଦିବେ କେତେ

ଆର୍ତ୍ତତ୍ରାଣ ତୁମେ ପାଖେ ରହିଛ
ଆମ ଦୁଃଖ କି ନ ଶୁଣି ପାରୁଛ

ଆରମ୍ଭରୁ ଆମେ ଜଗିଲୁ ନାହିଁ
ଆଁ କରେ କରୋନା ଖାଇବା ପାଇଁ

ଆମର ଟିକିଏ ଭୁଲ ପାଇଁ
ଆକାର ବଢୁଛି ହିସାବ ନାହିଁ

ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲେ
ଆକଳନ ତାର କେ କରିପାରେ

ଆକାରରେ ଭୁତାଣୁ ନୁହେଁ ବଡ଼
ଆରମ୍ଭରୁ କଲେ ତା ଉପଚାର

ଆୟତ୍ତରେ ତ ରହିବ କରୋନା
ଆଗାମୀ ଦିନରେ ଯିବ ଡରନା

ଆଖିରୁ ସପନ ଅନେକ ଦୂର
ଆସନ୍ତା ଦିନକୁ ଭରସା କା'ର

ଆକ୍ରମଣ କରେ ପୁଣି କରୋନା
ଆଗୁଆ ଟିକା ନେବା ଭାଇନା

ଆଣିଛି ସମୟ କରୋନା ରୋଗ
ଆବାକ୍ ମଣିଷ ଦୁଃଖ ହିଁ ଭୋଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତତାୟୀ ପରି ମାଡ଼ି ଆସିଛି
ଆତଙ୍କବାଦୀ ପ୍ରାୟ କାମ କରୁଛି

ଆର୍ଥିକ ଚିନ୍ତାରେ ସମସ୍ତ ଜନ
ଆତ୍ମବିଶ୍ୱାସଟି ହେଲାଣି କ୍ଷିଣ

ଆରମ୍ଭ ଅଛି ତ ଶେଷ ବି ଅଛି
ଆସିବା ଦୁଃଖର ଅନ୍ତ ବି ଅଛି

ଆଗପଛ ହୋଇ ଯା'ନ୍ତି ପଳାଇ
ଆହା କରିବାକୁ କେହି ନାହିଁ

ଆତ୍ମାର ସଦ୍‌ଗତି କରିବା ପାଇଁ
ଆକାଶରୁ ତୁମେ ଆସ  ଓହ୍ଲାଇ

ଆତଙ୍କ କରୋନା ନିଅ ଉଭାଇ
ଆଶୀର୍ବାଦ ତୁମେ କର ଗୋସାଇଁ

ଆଜ୍ଞାକର ପ୍ରଭୁ ଘୁଞ୍ଚୁ ବିପଦ
ଆନନ୍ଦରେ ଦେଖୁ ତମର ନେତ

ଆଜି କରୁଛୁ ତୁମକୁ ଗୁହାରି
ଆଗେ ଆଗେ ତୁମେ ଚାଲ ଶ୍ରୀହରି

ଆହେ ମହାବାହୁ କର ଉଦ୍ଧାର
ଆପଣଙ୍କ ପାଦେ କରୁ ଜୁହାର

ଶୈଳବାଳା ସିଂହ, ଶିକ୍ଷୟିତ୍ରୀ
କୁସୁପୁର, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା ଆଉ ପୃଥିବୀ



ରାକେଶ ଷଡ଼ଙ୍ଗୀ

ବର୍ଷାର ପୂର୍ବ ରୂପ ବହୁତ ଭଲ ଲାଗେ
କିନ୍ତୁ ସେ ବି ଡରାଏ
ଆଗକୁ ବଢ଼ିଯାଇଥିବା ମଣିଷକୁ

ସେ ଆସେ ନୀଳ ବର୍ଣ୍ଣ ଆକାଶକୁ କଳାରଙ୍ଗ କରି
ତାର କୃଷ୍ଣକାୟ ଚାଦରରେ
ଧିରେଧିରେ ସୂର୍ଯ୍ୟଙ୍କୁ ଲୁଚାଇ ଦିଏ
ଯେମିତି ଲୁଚାଇ ଦେବ ପୂରା ପୃଥିବୀକୁ
ତାର ଆସିବାର ସଂକେତରେ
ପ୍ରକୃତି ବି ଆଗୁଆ ପ୍ରସ୍ତୁତି ଜଣାଇଦିଏ

ସବୁଜ ଗଛ କଳାମେଘ । ଘନଘନ ପବନ ବହିଚାଲେ
ଜାମୁକୋଳି ପରି ବଡ଼ ବଡ଼ ଟୋପା
ଗଛ ପାଗଳ ହୁଏ । ମୁଣ୍ଡ ନୁଆଇଁ ଦିଏ
ମଝିରେ ମଝିରେ ଖସିପଡ଼େ କାଚ ପରି ପଥର
ମାଟିରେ ମିଳେଇ ଯାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗଭୀର ଜାଗା ଗହିରୀଆ ହୁଏ

ଭଙ୍ଗାରୁଜା ଚାଲେ

ଜଳମୟ ହୋଇଯାଏ ସଂସାର

ମେଘ ସାଥେ ମେଘ ଧକ୍କା ଖାଇ ଶବ୍ଦ କରେ

ବିଜୁଳି ମାରେ । ଗରଜୁ ଥାଏ ପୃଥିବୀ

ତାରି ଭିତରେ ଲୋଟି ପଡ଼ନ୍ତି କେତୋଟି ଜୀବନ

ବର୍ଷାର ତେର୍ଚ୍ଛା ମେର୍ଚ୍ଛା ପାଣି

ମୁହଁକୁ ଚାପୁଡ଼ା ମାରେ

ମୁଣ୍ଡରେ ତାଳ ପକ୍ଷିଆ ଟାଙ୍ଗି

ବିଲରେ ହଳ କଷା ହୁଏ

ବର୍ଷାର ଉପସ୍ଥିତି ଯେତିକି ଶାନ୍ତ୍ୱନା ଦିଏ

ସେତିକି ଯନ୍ତ୍ରଣା ଦିଏ ଉପାୟଶୂନ୍ୟ ଜୀବନକୁ

ଜୀବନ ଯନ୍ତ୍ରଣା ପାଏ ବର୍ଷାର ଉପସ୍ଥିତି ଥିବା ଯାଏଁ

ଅନେକ ଚୂଲିରେ ନିଆଁ ଜଳେ ନାହିଁ

କେଜାଣି କେତେ ଦିନ ଯାଏଁ ?

ସ୍ୱପ୍ନ ଭାଙ୍ଗିଗଲା ପରି ଲାଗେ

ତଥାପି ଅପେକ୍ଷା ଥାଏ ବର୍ଷାର ବିଦାୟ ଦିନକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିନରାତି ଝିପ୍ ଝିପ୍ ବର୍ଷା ବୁଡ଼ାଇ ରଖେ ପୃଥିବୀକୁ

ଚାଳର ଫାଙ୍କରୁ ଝରୁଥିବା ପାଣି

ଓଦା କରେ ମାଟିକାନ୍ଥ

ସାରୁ ପତ୍ରରୁ ପାଣି ଖସୁଥାଏ

କଟର କଟର କରୁଥିବା ବେଙ୍ଗ ବର୍ଷାର ସଙ୍ଗୀତ ଗାଏ

କିବା ତାର ଅସହାୟତାକୁ ପ୍ରକାଶ କରୁଥାଏ

ରାତିରେ ଝିଙ୍କାରି ର ଶବ୍ଦ ଆଉ ବର୍ଷାର ମୂର୍ଚ୍ଛନା

ଟାଣି ନିଅନ୍ତି କେଉଁ ଏକ ତୃପ୍ତିର ଦୁନିଆକୁ

ଯେଉଁଠାରେ ହଜିଯିବାକୁ ଇଚ୍ଛା ହୁଏ

ପୂର୍ବାବସ୍ଥାକୁ ନଫେରି

ସେହିଠାରେ ଦେହ,ମନ ଆଉ ଜୀବନ

ସବୁକିଛି ମିଳେଇ ଯାଏ

ବର୍ଷା ଜାହିର କରୁଥାଏ ତାର ଉପସ୍ଥିତି

ଯେମିତି ଭସେଇ ନେବ , ଧସେଇ ନେବ

ଆଉ ଫୋପାଡ଼ି ଦେବ  ପୃଥିବୀ ବାହାରେ

ତାରି ଭିତରେ ବି ବିଲରେ ବିହନ ଗଜା ହୁଏ

ଧାନଗଛ ଉଠେ ସବୁଜମୟ ଦିଶୁଥାଏ ପୃଥିବୀ  । ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ୭୮୫୩୦୭୬୦୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୃପାଭିକ୍ଷା



ସରୋଜିନୀ ମିଶ୍ର

ଅଶ୍ରୁର ସାଗରେ ଭସାଇ ସଂସାର
ଅମୃତ ସାଗରେ କଲ ଶୟନ
ହେ ଚକାନୟନ
କେବେ ଖୋଲିବ ପ୍ରଭୁ ବେନି ନୟନ ?

ତୁମରି ସଂସାର ଯାଏ ରସାତଳ
କରୋନା କବଳେ ସମସ୍ତ ପ୍ରାଣ
ହେ ଚକାନୟନ
କେବେ କରିବ ପ୍ରଭୁ ଦୁଃଖ ହରଣ ?

ବିଶ୍ୱବାସୀଙ୍କର ଅଶ୍ରୁର ତର୍ପଣେ
ବିଦଗ୍ଧ ହୃଦୟ ମନ ଓ ପ୍ରାଣ
ହେ ଚକାନୟନ
କେବେ କରିବ କରୋନାକୁ ଦଳନ ?

ଆକାଶ କାଗଜେ ଲେଖୁଛି ମୁ ଚିଠି
ସାଗର ଜଳକୁ କାଳୀ କରିଣ
ହେ ଚକା ନୟନ
କେବେ କରିବ ପ୍ରଭୁ ଅଶ୍ରୁ ମୋଚନ ?


ଭାବ ଭକ୍ତି ଆଉ ବିଶ୍ୱାସର ମଞ୍ଜି
ସର୍ବ ହୃଦେ ପ୍ରଭୁ କରି ରୋପଣ
ହେ ଚକା ନୟନ
କ୍ଷମା କରି ଭକ୍ତେ କର ତାରଣ

ଆଲୋକ ନଗର
ଆମ୍ବପୁଆ, ବ୍ରହ୍ମପୁର,
ଭ୍ରାମ୍ୟଭାଷ : ୯୯୩୮୪୭୫୨୦୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରେମ



ପ୍ରିୟଙ୍କା
ପ୍ରିୟଦର୍ଶିନୀ ରାୟ

ପ୍ରେମର ରାଇଜେ ସାଇତା ତୁମ ନାମ
ସପନ ସାଗରେ ତୁମେ ମୋ ପ୍ରିୟତମ,
ମନ ମୋର କହେ ନୀତି ଦେଖି ତୁମ ଛବି
ତୁମେ ହିଁ ମୋର, ମୁଁ ତୁମ ପ୍ରେମ ବାନ୍ଧବୀ।
ସାଥେ ନଥିଲେ ତୁମେ ମୋର
ଏ ଦୁନିଆ ଲାଗେ ଅନ୍ଧକାର,
ଆସ !ଚାଲିଯିବା ବହୁ ଦୂର
କରିଦେଇ ଦୁନିଆ କୁ ସାଥପର ।
ବୋହୁ ବେଶେ କେବେ ନେବ ଯେ ସଜେଇ
ଭାବି ଦେଲେ ସେ ସବୁ ଯାଏ ମୁଁ ଲାଜେଇ,
ପ୍ରେମ ରଙ୍ଗେ ମନକୁ ମୁଁ ଦେଇଛି ଭିଜେଇ
ସାକ୍ଷାତ ପାଇଁ ଟିକେ ରହିଛି ଅନେଇ ।
ପ୍ରିୟ କାଇଁ ଆଜି ତୁମେ ଯାଇଛ ନିରବୀ
ମୁଁ ଦିନେ ଥିଲି ତମ ପ୍ରେମ ର ସୁରଭି,
ଯେବେ ଭାଙ୍ଗିବ ତୁମର ନୀରବତା
ସିନ୍ଦୁରେ ସଜେଇଦେବ ମୋ ମଥା ।

ଜାରକା, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୂଜାପାଇଁ ଗୀତଟିଏ



ଆର୍. ଦିବ୍ୟା ଦତ୍ତା

ହସର ମନ୍ଦିରେ ଫୁଲର ଦେବୀ ତୁ
ହସିଦେଲେ ଇନ୍ଦ୍ର ଲୁଚିଯାଏ;
ମେଘର ଓଢ଼ଣୀ ଇନ୍ଦ୍ରଧନୁ ବେଣୀ
ପବନ ସୌନ୍ଦର୍ଯ୍ୟ ଗାଇଯାଏ ।
ରୁସିଗଲେ ଅଗ୍ନି ଫିକା ପଡ଼ିଯାଏ
ନାସା ଅଗ୍ରେ ଦେଖି ରାଗ;
ଖୁସିର ଚକ୍ଷୁରେ ଦୂର୍ଗା ନୃତ୍ୟକରେ
ଗୋରା ମୁହେଁ ତୋର ନାଗ ।
କମଳ ନୟନ ପଥରେ ଶୟନ
ଅଣସର ଗୃହେ ମନ;
ଚିନ୍ତାରେ ଚିତ୍ତବି ସ୍ମରଇ ଆହାତେ
କ୍ଷୁର୍ଣ୍ଣ ହୁଏ ଆଜି ଧନ ।

ଆଖିର କଜଳ କୃଷ୍ଣସାର ମୃଗ
ମନରେ ତୃଷ୍ଣାକୁ ଜାଳେ;
ଚକ୍ଷୁର ପଲକେ ମୟୂର ଦିଶଇ,
ସ୍ଥିତି ଖୋଜିଥାଏ ଜଳେ ।
ସୁନ୍ଦର ଚାଲିଟୋ ଲକ୍ଷ୍ମୀରାଣୀ ପାଦ
ଚାଲିଗଲେ ପଦ୍ମଫୁଟେ;
ଅଙ୍କାବଙ୍କା ଠାଣି କଣେଇ ଚାହାଣି
ହୃଦୟେ ଆଶଙ୍କା ଝୁଣ୍ଟେ ।
କର୍ଣ୍ଣର କୁଣ୍ଡଳ କାନେ ତୋ ନାଚଇ
ବିମୋହିତ ଶବ୍ଦ କରି;
କେଶର ବାସ୍ନାରେ କାମ ଧରାଶାୟୀ
ଚକ୍ରବର୍ତ୍ତୀ ହୁଏ ସ୍ମରି ।
ପାନର ପତରେ ଓଠର ଆକୃତି
ଗୋଲାପି ରଂଗବି ହାରେ;
ସୁନ୍ଦର ମୁଖରେ ଚନ୍ଦ୍ରର ବସତି
ଓଠତ ରାଜୁତି କରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଳା ଟୋପା କହେ     ମଥାର ରୂପମା
ଅଚିହ୍ନା ପ୍ରଦେଶ ରାଣୀ,
ସାକ୍ଷାତ ଲକ୍ଷ୍ମୀ ତୁ     ହୃଦୟ ମନ୍ଦିରେ
ପାର୍ବତୀର  ମଥାମଣି ।
ତନୁଟୋ ବିସ୍ମୟ     ଈଶ୍ୱରର ଭ୍ରମ
କିପରି ହେଲା ତୋ ସୃଷ୍ଟି,
ଅଜ୍ଞାନ ସମୟେ     ଗଢ଼ିଦେଲା ବୋଧେ
ବିଶ୍ୱକର୍ମା ଦିଏ ଦୃଷ୍ଟି ।
କରରେ ଚୁଡ଼ିଟୋ     ସୁଦର୍ଶନ ଚିତ୍ର
ଚକ୍ରଧର ଚକ୍ରପରି,
ବାହୁର ତେଜରେ     ସତୀ ଲାଜଯାଏ
ଦେବତା ଯାଏ ବି ମରି ।

ମେହେନ୍ଦି ହସ୍ତରେ     ପାପୁଲି ରାଜ୍ୟରେ,
ପାଣ୍ଡବ ପଞ୍ଚ ଆଙ୍ଗୁଳି,
ପଦ୍ମର ପାଖୁଡ଼ା     ଗୋଲାପର ନିଶା
ଦେଖାଯାଏ ଆଜି ମଳି ।
ଗଢ଼ଣ ଗଢ଼ିଦେ     ଅନ୍ୟ ଏକ କୃଷ୍ଣା
କର୍ଣ୍ଣ ବି ଯେଉଁଠି ହାରି,
ସୁନ୍ଦର ଶାଢ଼ୀରେ     ମାଧବର ନାମ
ଲାଗୁ ତୁ ସ୍ୱର୍ଗର ପରି ।
ଚରଣ ଯାହାର     ଲକ୍ଷ୍ମୀର ସାଗର
ଲହୁଣୀ ସରର ଢେଉ,
ପାଦେ ଚାଲିଗଲେ     ଧରଣୀ ବୁକୁରେ
ଡରି ଚାଲିଯାଏ ରାହୁ ।
ପାଦରେ ଅଳତା     ହୃଦୟ ର କର୍ତ୍ତା
ପାଉଁଜି କରଇ ଶବ୍ଦ,
ଆଙ୍ଗୁଠି ଦଶଟି     ହୀରାର କସଟୀ
ହୃଦ ହୋଇଯାଏ ସ୍ତବ୍ଧ ।
ଚୁଲବୁଲି ବୋଲି     ଆଦର ସବୁଠି
ସୁନ୍ଦର ତୋ ହସ ବାର୍ତ୍ତା,
ବିଷାଦ ହୃଦୟେ     ପତ୍ରବି ଜନ୍ମଇ
ଯେବେ ସାଜି ଆସୁ କର୍ତ୍ତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହସର ଗହଣା ପିନ୍ଧି ଚାଲିଥାଉ
ମୁଖେ ଧରି ସୁଖ ବାଣୀ,
ଦୁଃଖୀର ଜୀବନେ ଆଲୋକ ଜାଳଉ
ସଞ୍ଜୀବନୀ,ମୁକ୍ତାମଣି ।
ଏତେତୁ ନିର୍ମଳ ଜୀବନରେ ପୂଣ୍ୟ
ଦେଖିନାହିଁ ଚକ୍ଷୁ କେବେ,
କଳ୍ପନା, ଦୁନିଆ ଭାବନାରେ ଭାବେ
ଭରିଯାଏ ଆତ୍ମା ତେବେ ।
ବିଦ୍ୟାଳୟ ଯେବେ ଦେଖଇ ନୟନ
ପବିତ୍ର ଲାଗଇ ମନ,
ସୁନ୍ଦର ଭାଷାରେ ମିଠାର ବାସ୍ନାରେ
ଭଙ୍ଗ ହୋଇଯାଏ ଧ୍ୟାନ ।
ସମସ୍ତ ମୁଖରେ ତୋହରି ବଚନ
ଶୁଣି ଶୁଣି ମନ ଖୋଜେ,
କିଏ ସେ ତରୁଣି ମୃଗର ନୟନୀ
ସ୍ନେହର ସାଗର ସାଜେ ।
ପିଲାଙ୍କ ମଧ୍ୟରେ ବାରିହୋଇ ପଡୁ
ଶରୀରର ତେଜ ଏତେ,
ପଦେ କହିଦେଲେ ହୃଦୟ ଥରଇ
ସ୍ୱର୍ଗର ପରୀ କି ସତେ ।

ହସ ତୋ ମୁଖରେ ଦେଖି ଦେଲେ ମେଘ
ଇନ୍ଦ୍ରଧନୁ ଟାଣେ ଗାର,
ଗଗନ ଈର୍ଷାରେ ରାକ୍ଷସ ସାଜଇ
ଘଡଘଡି କରି ଧାର ।
ବିଜୁଳି ଚମକେ ମୟୂର ଆନନ୍ଦେ
ପାଟରାଣୀ ସାଜି ନାଚେ,
ବାଦଲ, ସାଗର ଏକତ୍ର ହୁଅନ୍ତି
ଯେବେ ମୁଖେ ଅଶ୍ରୁ ଦେଖେ ।
ଈଶ୍ୱରେ ପ୍ରାର୍ଥନା କରେ ମୁଁ ବନ୍ଦନା
ସୁଖେ ଭରିଯାଉ ଦିନ,
ଖୁସିର ଗାଲିଚା ଧରିତ୍ରୀ ବିଛାଉ
କୋକିଳ କରୁ ତୋ ଗାନ ।
ଜାଣି ନାହିଁ ତୋତେ ବୁଝି ନାହିଁ ତୋତେ
କଳ୍ପନା ରେ ବସି ଲେଖେ,
କ୍ଷମା ମାଗିନେଲି ଆଗୁଆ ହସ୍ତରେ
ଅନ୍ଧାରେ ଆଲୋକ ଦେଖେ ।

ଗ୍ରାମ/ପୋ:-ପାଇଲୋ, ବ୍ଲ:-ମାର୍ଶାଘାଇ
ଜି:-କେନ୍ଦ୍ରାପଡା, ପିନ୍:-୭୫୪୧୭୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗରବେ କହିବା ଆମେ ସ୍ୱାଧୀନ



ଜନ୍ମଜୟ ନାୟକ

ପରାଧୀନତାର ସିକୁଳି ଛିଡିଲା
ମୁକତି ପାଇଲୁ ଆମେ,
ସ୍ୱାଧୀନତାର ମହୁ ଚାଖି ସରବେ
ଭିଜିଗଲେ ଦେଶପ୍ରେମେ ।

କେତେ ଶୋଷଣ ଦୁର୍ନୀତି କଷଣ
ସହିଲେ ଆମ ଜନତା,
ଶେଷରେ ବିଦେଶୀ ଗୋରା ସରକାର
ନଇଁଲେ ତାଙ୍କରି ମଥା ।

କେତେ ବୀର ପୁଣି ଶହୀଦ ହୋଇଲେ
ଦେଶପାଇଁ ଦେଲେ ପ୍ରାଣ,
ଫିରିଙ୍ଗି ଶାସକ ଦେଶ ଛାଡିଗଲେ
ଆମେ ହେଲୁ ତ ସ୍ୱାଧୀନ ।

ଯାହାଙ୍କର ତ୍ୟାଗ ବଳିଦାନ ପାଇଁ
ହୋଇଛେ ସ୍ୱାଧୀନ ଆଜି,
ସେମାନଙ୍କୁ ଦେବା ଭକ୍ତି ଶ୍ରଦ୍ଧାଞ୍ଜଳି
ତାଙ୍କରି ସ୍ମୃତିରେ  ଭିଜି ।

ଆଜିର ଜାତୀୟ ଦିବସେ ଗରବେ
କହିବା ଆମେ ସ୍ୱାଧୀନ,
ଜାତୀୟ ଧ୍ୱଜା ଉଡୁଛି ଫରଫର
କରିବା ତାକୁ ସମ୍ମାନ ।

ମନେ ପଡିଗଲେ ସେ ପୁରୁଣାଦିନ
ହୃଦେ ଜାଗେ କେତେ କୋହ,
ଗାଇବା ଜାତୀୟ ସଂଗୀତ ସଭିଏଁ
ସୁର  ଲୟ  ତାଳ  ସହ  ।

ଚିଲିକା ନୋଡାଲ ହାଇସ୍କୁଲ
ସାତପଡା, ପୁରୀ
୯୩୩୭୦୦୫୬୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜ୍ଞାନ



ଭାଗିରଥୀ ଯାନୀ

ଜ୍ଞାନର ଉଦୟ କର୍ମ ଅନୁସାରେ
ହୋଇଥାଏ ଅନ୍ତରରେ,
ସମୁଚିତ ଜ୍ଞାନେ ଉଚିତ କରମ
ଦୃଶ୍ୟହୁଏ ସମ୍ମୁଖରେ ।

ପ୍ରକୃତରେ ଜ୍ଞାନ ସଂଘର୍ଷ ଜୀବନେ
ହୃଦୟକୁ ଦିଏ ଶକ୍ତି,
ଅଜ୍ଞାନ ହୃଦୟେ ଅଦୃଶ୍ୟ ପଥରେ
ଦୃଶ୍ୟହୁଏ ଜ୍ଞାନଜ୍ୟୋତି ।

ଉତ୍ତମ ଶିକ୍ଷାର ପ୍ରଭାବ ପଡିଲେ
ଶାନ୍ତିରେ କଟେ ଜୀବନ,
ଶିଖାଏ ସଂସ୍କାର ଆଉ ଶିଷ୍ଟାଚାର
ମାନବିକତାର ଗୁଣ ।

ଜ୍ଞାନର ମହତ୍ତ୍ୱ ବୁଝେ ସେହି ଜନ
ତପ ବଳେ ପାଏ ଯିଏ,
ଅସମ୍ଭବ କାର୍ଯ୍ୟ ଜ୍ଞାନ କୌଶଳରେ
ସଫଳତା ମିଳିଥାଏ ।

ଗୁରୁ କୃପା ବିନା ଉତ୍ତମ ଜ୍ଞାନର
ପ୍ରାପ୍ତି ନୁହଁଇ ସହଜ,
ଜୀବନେ ପ୍ରଗତି ପାଇବାକୁ ହେଲେ
ପ୍ରକୃତ କାରଣ ଖୋଜ ।

ଜ୍ଞାନ ବିନା ମନ ସର୍ବଦା ଅସ୍ଥିର
ଚୁନା ହୁଏ ସବୁ ସ୍ୱପ୍ନ,
ଜ୍ଞାନର ଆଲୋକେ ଜୀବନ ସୁନ୍ଦର
ମିଳିଥାଏ ଯଶ ମାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜ୍ଞାନୀ ଗୁଣୀ ବାଣୀ ଜୀବନ ଜଞ୍ଜାଳେ

ଅମୂଲ୍ୟ ଜୀବନୀ ପୋଥି,

ସଂଯମତା ରକ୍ଷା ଶକ୍ତି ଦେଇଥାଏ

ଅଭିଜ୍ଞତା ଅନୁଭୂତି ।

ଉପଯୁକ୍ତ ଜ୍ଞାନ ଥରେ ପାଇଗଲେ

ହୃଦୟକୁ ମିଳେ ଶାନ୍ତି,

ସେହି ଜ୍ଞାନ ବଳେ ଏ ଭବ ସଂସାରେ


ଜୀବନ ହୁଅଇ ଦୀପ୍ତି ।

ଦଳପଡା, ଖଜୁରୀପଡା, ଫୁଲବାଣୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତ ବନ୍ଧୁ



ଗୌରୀ ପଣ୍ଡା

ସୁଖରେ, ଦୁଃଖ ରେ
ଥାଏ ଯେ ସାଥୀରେ
ହସରେ, କାନ୍ଦରେ
ଥାଏ ଯେ ଲୁହରେ ।
ବନ୍ଧୁ ପରି ବନ୍ଧୁ
ସିଏ ପ୍ରକୃତ ରେ ।
ଅନେକ ଅଛନ୍ତି
ବନ୍ଧୁ ଜଗତରେ,
ସୁଦାମା ପରି କେ
ବନ୍ଧୁ ଦେଖିଛ ରେ ?
ସ୍ନେହ, ଶ୍ରଦ୍ଧା ଠାରୁ
ନରହି ଦୂରରେ,
ବନ୍ଧୁତା କୁ ବାନ୍ଧ
ମମତା ଡୋରୀ ରେ ।
ବନ୍ଧୁତା ବନ୍ଧା ତ
ଭାବର ଡୋରୀ ରେ ।

ଦୁହିଁଙ୍କର ମନ
ସୂକ୍ଷ୍ମ ଆବେଗରେ ।
ଅନାବିଳ ସ୍ନେହ
ଆବିଳତା ଡୋରେ
ପ୍ରକୃତ ବନ୍ଧୁତା,
ଥାଏ ସେହିଠାରେ ।
ଆଜି ଏ ମାନବ
ସଭ୍ୟ ସମାଜ ରେ,
ପ୍ରକୃତ ବନ୍ଧୁତା
ଦୂରେ, ବହୁ ଦୂରେ ।
ବୁଝୁନି ମଣିଷ
ଅଛି ବ୍ୟସ୍ତତାରେ ।
ବନ୍ଧୁ କୁ ଖୋଜୁଛି
ଅତି ଦରକାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅସମୟ ବେଳେ

ବନ୍ଧୁ କୁ ଖୋଜେ ରେ ।

ଅସମୟ ଶେଷେ

ଭୁଲିଯାଇପାରେ ।

ଏପରି ବନ୍ଧୁତା

ବନ୍ଧୁ କି କାମ ରେ ?

ମୋର ଆବଶ୍ୟକ

ପ୍ରକୃତ ବନ୍ଧୁ ରେ ।

ସେଇ ବନ୍ଧୁ ଲୋଡା

ଯେ ରହେ ପାଖରେ ।

ବନ୍ଧୁ ପରି ବନ୍ଧୁ

ସିଏ ପ୍ରକୃତ ରେ ।

ଜୟପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକ୍ଷା ଓ ପ୍ରୌଢ଼ଶିକ୍ଷା



ଅମୂଲ୍ୟ କୁମାର ପଣ୍ଡା

କାହିଁ କେଉଁ କାଳୁ ପ୍ରୌଢ଼ଶିକ୍ଷା ଆମ ଜୀବନର ଏକ ଅଙ୍ଗ
ପାଠ ପଢା ଯାହା ହେଉ ସେହିଠାରେ ବଦଳେ ଜୀବନ ଢଙ୍ଗ
ବୟସର ଅପରାହ୍ନେ ଏହି ଶିକ୍ଷା ଦେଇଥାଏ ମାର୍ଗ କେତେ
ସମାଜ ପାଇଁକି ଜ୍ଞାନର ଭଣ୍ଡାର ପାଇଥାଏ ସିଏ ସେତେ ।

କର୍ତ୍ତବ୍ୟ ପଥରେ ରହି ମଧ୍ୟ ସିଏ ଆହରଣ କରେ ଜ୍ଞାନ
ଶିକ୍ଷିତ ହୋଇଲେ ଦେଶ ଓ ରାଜ୍ୟର ବଢ଼ିଥାଏ ଆପେ ମାନ
ଯେଉଁ ଶିକ୍ଷାଟିକୁ ଶିକ୍ଷା ସମୟରେ ସୁଯୋଗ ସେ ପାଇ ନାହିଁ
ସରକାରଙ୍କର ଏହି ନୀତି ଶିକ୍ଷା ସୁଯୋଗ ତାଙ୍କରି ପାଇଁ ।

ପ୍ରୌଢ଼ଶିକ୍ଷା ସହ ବୈଷୟିକ ଜ୍ଞାନ ପ୍ରଣୟନ ଯଦି ହୁଏ
ଶିକ୍ଷାର ମାନଟି ଅବିଳମ୍ବେ ପୁଣି ଆକାଶ ବକ୍ଷକୁ ଛୁଏଁ
ଶିକ୍ଷା ଆଗେଇଲେ ଦେଶ ଆଗେଇବ ଆଗେଇବା ସର୍ବେ ଆମେ
ପ୍ରୌଢ଼ଶିକ୍ଷା ଏକ ମହତ୍ତ ଶିକ୍ଷାଟିଲାଗିଥାଏ ବହୁ କାମେ ।

ଶିକ୍ଷା ଜୀବନରେ ଆନନ୍ଦ ଦିଅଇ ଦେଇଥାଏ କେତେ ଦୀକ୍ଷା
ସେଥିପାଇଁ ପରା ଏହି ଜୀବନରେ ମହତ୍ତ୍ୱ ଅଟଇ ଶିକ୍ଷା ।

ଅରଙ୍ଗାବାଦ, ବରୀ, ଯାଜପୁର, ମୋବାଇଲ :- ୯୯୩୮୯୦୬୦୭୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତି ରାତିରେ



ରୁଦ୍ର ନାରାୟଣ ଦାଶ

ସେ ଆସନ୍ତି

ପ୍ରତି ରାତିର ଗାଢ଼ ଅନ୍ଧକାର ମଧ୍ୟରୁ

ଏ ବେଦନାସିକ୍ତ ଛାତିରେ

ଅମୃତର ଜଳ ସିଞ୍ଚନାର୍ଥେ

ଏ ଶୂନ୍ୟ କୋଠରୀକୁ ।।

ଦୁଇଟୋପା ଉଷ୍ଣ ଲୁହ

ବହିଯାଇ ତକିଆକୁ ଜଳେଇଦିଏ

ମୋ ଭାସମାନ ଭାବନା

ତରଳୀକୃତ କରିବାରେ ।।

ଆହା !

ସତେ ପୁଣି ଭୁଲିଯାଏ ମୁଁ

ଅତୀତର ନିଷ୍ପାପ ପ୍ରାଣକୁ

ଦେଇଥିବା କଷ୍ଟ ସବୁକୁ

ପୁଣି ଏକାକାର କରିଦିଏ

ଏ ମନ ଦେହ ତାଙ୍କ ସହ

ଏ ପଲଙ୍କ ଉପରେ

ପ୍ରତି ରାତିରେ ।।

ଠିକଣା- ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ କନ୍ଧୁଣୀଦେବୀ



ବାଲାଜୀ ସେଠୀ

ମାଆ ଗୋ କନ୍ଧୁଣୀ   ଦେବୀ ଠାକୁରାଣୀ
ପ୍ରତ୍ୟକ୍ଷ ପ୍ରତିମା ତୁହି
ମନ୍ଦାରମାଳିନୀ   ଅଭୟ ଦାୟିନୀ
କଲ୍ୟାଣୀ, ସିନ୍ଦୁରମୁହିଁ ।

ବାଟେ ବାଟ ଜଗି   ବସିଅଛୁ ଚାହିଁ
ବାଟର ବାଟୋଇ ପାଇଁ
ମଙ୍ଗଳମୟୀ ତୁ   ଅମଙ୍ଗଳ ହରୁ
ମନବାଞ୍ଛା ଦେଲେ କହି ।

ବନ ପାଦଦେଶେ   ବନଦୁର୍ଗା ବେଶେ
ବସିଛୁ କନ୍ଧୁଣୀଦେବୀ
ନାଚୁଣିବାଡିର   ଗ୍ରାମବାସୀ ଗଣ
ଧନ୍ୟ ତୋ ଚରଣ ସେବି ।

ସୁଖରେ ଦୁଃଖରେ   ରହିଛୁ ସାଥିରେ
କୃପାଧନ କରି ଦାନ
ତୋ ପଣତ ଛାଇ   ଗ୍ରାମବାସୀ ପାଇ
ସୁଖରେ କାଟନ୍ତି ଦିନ ।

ଧୂପ, ଦୀପ, ଚୁଆ   ବାସ ଛୁଟେ ଆହା
ଭକ୍ତିମୟ ହୁଏ ପ୍ରାଣ
ମଙ୍ଗଳବାରରେ   ଦରଶନ କଲେ
(ମାଆ)ପୂର୍ଣ୍ଣ କରେ ମନସ୍କାମ !

ତୋ ଯଶ କୀର୍ତ୍ତନ   ଶୁଭେ ଘନ ଘନ
ବନ, ଝର, ଗିରି ଡେଇଁ
ତୋ କୃପା ଆଶିଷ   ମନେ ରଖି ଆଶ
ଭକ୍ତ ଆସେ ଦୂରୁ ଧାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଥାଉ କର୍ଣ୍ଣ ଡେରି    ଶୁଣୁ ତୁ ଗୁହାରି
ଭରି ଦେଉ ଶୂନ୍ୟକୋଳ
ତୋ ଦୁଆରେ କେହି   ନିରାଶ ନୁହଁଇ
ପୂର୍ଣ୍ଣ କରୁ ଶୂନ୍ୟଥାଳ  ।

ମୋ ଭାଗ୍ୟ ଆକାଶ   କାଳିମା ଉଆଁଶ
ଦୁଃଖ ଲଭେ ଅପ୍ରମିତ
ତୋ ଆଶ୍ରିତ ହୋଇ   କି କାରଣେ ମୁହିଁ
ବାରମ୍ବାର କଳୁଷିତ  ।

ମାଆ ଥାଉ ଥାଉ    କିଏ ସାହା ଆଉ
ଯାତନା ଗଲାଣି ବଳି
କୋଳପୋଛା ବୋଲି  କୂଳେ ଦେଲୁ ଠେଲି
ଅସହାୟେ ହୁଏ ଭାଳି  !

ଆଖି ଲୁହ ଢ଼ାଳି     ଜାଳୁଛି ଦୀପାଳି
ମାଟି ଅଗଣାରେ ତୋର
ମୋ ଅନ୍ଧାର ଘରେ   ଭରି ଦେ ଆଲୋକେ
ଦେଇ ତୋ ଶୁଭ ନଜର   । ।

ନାଚୁଣିବାଡି,ଗଞ୍ଜାମ/ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୟସ ନଦୀର ତୀରେ



ବେଣୁଧର ସୁତାର

ଅଳସୀ ରାତିର ବିଳାସୀ ସପନ
ଅମୀୟ ଆହ୍ଲାଦ ତୋଳେ
ରୂପ ଚନ୍ଦ୍ରିକାର ରୋମାଞ୍ଚିତ ଧାରା
ଭସାମେଘ ଆଢୁଆଳେ
ସପନ ଫୁଲ ଝରେ
ପ୍ରୀତି ପାରିଜାତ ପ୍ରଣୟ କୁଞ୍ଜରେ
ନୀଳ ସମ୍ମୋହନ ଭରେ
ବୟସ ନଦୀର ତୀରେ ।।

ସାଉଁଟୁ ଥିଲି ମୁଁ ସୁଧାମୟ ମଧୁ
ସ୍ୱପ୍ନଭିଜା ରଜନୀରେ
ପ୍ରୀତିସୁଧା ଖୋଜେ ମନ ପ୍ରଜାପତି
ପ୍ରିୟାଓଠ ଧାରେଧାରେ
ମିଠା ସପନର ପୁରେ
ସପନ ସୁନ୍ଦରୀ ମହକ ମାଧୁରୀ
ମନ ଆନମନା କରେ
ବୟସ ନଦୀର ତୀରେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲାବଣ୍ୟବତୀର ରୂପ ପସରାରେ
ଅମାନିଆ ପ୍ରୀତି ଛନ୍ଦ
ଭିଜା ନିଶିଥର ମାଧୁର୍ଯ୍ୟ ମଧୁରେ
ଝରୁଥିଲା ମକରନ୍ଦ
ପ୍ରୀତିମୟ ଉପଚାରେ
ମନ ଝୁମିଯାଏ ମୋହିନୀ ମାୟାରେ
ଅଳକାନନ୍ଦାର ଧାରେ
ବୟସ ନଦୀର ତୀରେ ।।

ସପନେ ସପନେ ମନ ଉପବନେ
ମତୁଆଲା ପ୍ରୀତି ନିଶା
ଖୋଲିଗଲା ଯହିଁ ନୟନ ପେଟିକା
ମଉଳିଲା ସ୍ୱପ୍ନ ଆଶା
ପ୍ରିୟା ମୋ ରହିଲା ଦୂରେ
ବିରହ ବ୍ୟଥାରେ ବିଦିର୍ଣ୍ଣ ବୁକୁରେ
ବେଦନା ଲହରି ମାରେ
ବୟସ ନଦୀର ତୀରେ ।।

ମନ ମଧୁଶାଳା ପୀରତି ଉଚ୍ଛୁଳା
ମୁକୁଳା ଯୌବନ ବନେ
ମାତବରୀ ଏଇ ବୟସ ଝୁମଇ
ପ୍ରିୟା ପ୍ରୀତି ଅନୁଦାନେ
ପ୍ରେମ ରଙ୍ଗ ଅଭିସାରେ
ସପନ କୁଞ୍ଜର ରେଶମୀ ଶେଯରେ
ପ୍ରୀତି ପଦ୍ମରାଗ ଝରେ
ବୟସ ନଦୀର ତୀରେ ।।

ବୟସ ନଦୀର ତୀରେ ମୁଁ ଖୋଜଇ
ପ୍ରିୟା ମୃଦୁ ପାଦଚିହ୍ନ
ବିତିଗଲା ମୋର ରୂପରୁ ବୟସ
ଉଜୁଡିଲା ଯଉବନ
ପିଆସୀ ପରାଣ ଝୁରେ
ମାନସେ ପ୍ରିୟାର ରୂପଚିତ୍ର ଆଙ୍କେ
ସପନର ବଲିଘରେ
ବୟସ ନଦୀର ତୀରେ ।।

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ ୯୦୭୮୫୭୮୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହୁଆଭଟା ମୋ ମାଟି ମାଆ



କୁମରଲାଲ ରଣା

ମହୁଲ ଗଛ ଯହିଁ ପ୍ରକାଶ
ତହିଁ ତାର ବେଶ ଭୁଷା ।
ମହୁଆ ଭଟା ନାମ ଯୋଡ଼ିଛି
ଇତିହାସେ ଯଶ ମିଶା ।
ସୁନ୍ଦର ତେଜ ବାହାଲ ମାଟି
ଫସଲେ ମିଳେ ସୁନା ।
ସବୁଜ ପତ୍ରେ ଘେରିଛି ବନ
ଗାଁଟି ନବ ନବୀନା ।
ଆଗରେ ବେଢ଼ି ଡୁଙ୍ଗର ଭୂମି
ସବୁଜ ରଙ୍ଗ ଆଣି ।
କାଦୁଅ ମାଟି ଦୋରସା ବହି
ଚାଷକୁ ଦିଏ ଗଣି ।
ପାଶରେ ଶୋଭା ନୀଳ ପୋଖରୀ
ରାସ୍ତା କଡ଼କୁ ଛୁଏଁ ।
ଧନ୍ୟ ମହିମା ଭୂମି ମାଆର
କିରତୀ ଯଶ ପାଏ ।

ପାଖରେ ଘେରେ ଆମ୍ବ ବଉଲୀ
ଦିଶଇ କେତେ ଶୋଭା ।
ଯତନେ ଫଳେ ଭୂମି ହସାଇ
ଅନାଇଁ ଦିଏ ଆଭା ।
ମା ଲଙ୍କେଶ୍ୱରୀ ଗ୍ରାମ ଦେବତୀ
ବିପଦେ ହୁଏ ସାହା ।
ଘେରିଛି ଗାଆଁ ଚଉପାଶରେ
ଦେଖାଏ ଦିଏ ରାହା ।
ପବନ ବହି ଅଣାଇ ଦିଏ
ନିର୍ମଳ ସୁଖ ସ୍ୱପ୍ନ ।
ଶୋଭାର ରଙ୍ଗ ବାୟୁ ଦୋଳଇ
ଆନନ୍ଦ କରି ମନ ।

ମହୁଆ ଭଟା, ନୂଆପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତରାୟ



ସ୍ୱାତୀସ୍ମିତା ବାରିକ

ତୁମେ ମୋ ଜୀବନର ଅନିର୍ବାଯ୍ୟ ଅବଶୋଷ,
ମୁଁ ନିଜ ଭବିଷ୍ୟତର ବିକଳାଙ୍ଗ ଅବଶେଷ ।

ତୁମେ କାହାଣୀରେ ଅଳସ ଭାଙ୍ଗୁଥିବା ସମ୍ମୋହନୀ କଳାକାର,
ମୁଁ ଉପେକ୍ଷିତ ପରଦାରେ ନାଟକ କରୁଥିବା ଏକ ଯାଯାବର ।

ଅରୁଣିମା ବୋଳା ପ୍ରତି ସକାଳର ମୂର୍ଚ୍ଛିତ କାମନା ତୁମେ,
ଶାପ ଜୁଡୁବୁଡୁ ଅନେକ ସ୍ୱପ୍ନର ସୁନ୍ଦର କବରୀ ମୁଁ ଯେ ।

ଚଉରା ମୂଳରେ ଭାସି ବୁଲୁଥିବା ସକାଳ ଆରତୀ ତୁମେ,
ସୁରଭି ଜଙ୍ଗଲେ ନିତି ଜଳୁଥିବା ସାମାନ୍ୟ କାଠିଟି ମୁଁ ଯେ ।

ଆଶାର ପୁଟୁଳି ବନ୍ଧା ବିରାଟ କଳ୍ପବଟ ତୁମେ,
ମୁଁ...... !
ମୁଁ ତ ଶେଷ ସନ୍ତକ ଧରି ମଶାଣିରେ ତୁଳସୀ ଚାରା ହୋଇ ଜନ୍ମ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମେ ସହରୀ ଦ୍ୱାରରେ ଚିକ୍ ଚିକ୍ ହୋଇ ଝଲସୁଥିବା ସୌଧ,

ମୁଁ କେଉଁ ଏକ ବସ୍ତିରେ ଦଣ୍ଡାୟମାନ ଝାଟି ମାଟି କଙ୍କାଳ ।

ତୁମେ ପାହାଡ଼ କନ୍ଦିରୁ ଝରିପଡୁଥିବା ଘୁଙ୍ଘୁର ପିନ୍ଧା ଆତ୍ମା,

ମୁଁ ମରୁଭୂମିରେ ଜୀବନ ଖୋଜୁଥିବା ଅସମାହିତ ନିସଂଗତା ।

ଅନୁପଲା, ତିର୍ତ୍ତୋଲ,

ଜଗତସିଂହପୁର, ୭୫୪୧୬୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଡ଼ିଲା ଗଣ୍ଠି ମୋ କାନିରେ



ଶିଶିର କୁମାର ପଣ୍ଡା

ସୁନାପୁଅ ଆଜି ଚୁନା କରି ଗଲା
ମୋ ହାତଗଢ଼ା ସଂସାର
ମାଛ ମାଉଁସର ସପନ ଦେଖେ ଯେ
କି ଲୋଡ଼ା ପଖାଳ କଂସାର ।

ବାହା ଦେଇଥିଲୁ ବରଷେ ଯାଇନି
ବୋହୂ ଶୁଣେଇକି କହୁଛି
କ୍ୱାଟର ଛାଡ଼ିକି ମୁଣ୍ଡ ମୋ ଖରାପ
ତମରି ପାଖରେ ରହୁଛି ।

କି ସୁବିଧା ଅଛି ଗାଆଁରେ କହିଲ
ଛୁଆ କି ମଣିଷ ହୋଇବେ
ଡନଲପ୍ ଛାଡ଼ି କନ୍ଥାରେ ତୁମର
ଗୁଞ୍ଜିଗାଞ୍ଜି ହୋଇ ଶୋଇବେ ।

ତେଲିଆ ଗନ୍ଧାଏ ତୁମ ଦେହହାତ
ସବୁବେଳେ ଲାଗ ଅସନା
ଦାନ୍ତକାଠି ଛଡ଼ା କି ମଣିଷ ତୁମେ
ବ୍ରଅସରେ ଦାନ୍ତ ଘଷନା ।

ତମେମାନେ ଏଠି ଗାଆଁରେ ପଡ଼ିଥା'
ଆମେ ଥାଉ ରାଜଧାନୀରେ
ଆସିବୁନି ଆଉ ଏ ଭିଟାମାଟିକୁ
ପଡ଼ିଲା ଗଣ୍ଠି ମୋ କାନିରେ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଧୀନତାର ମୂଲ୍ୟ



ଅମରନାଥ୍ ବାରିକ

ରକତର ସୁଅ ବହିଛି ଅନେକ
ଗୋଳାବାରୁଦ ଛୁଟାଇ
ସ୍ୱାଧୀନତା ସେନା ସହୀଦ ହୋଇଲେ
ବନ୍ଦେ ମାତରମ୍ ଗାଇ ।
ଏଇ ସ୍ୱାଧୀନତା ପାଇଁ
କାନ୍ଦିଛି ନିରୀହ ପରାଣ ବିକଳେ
ପୁତ୍ର ଶବ ମାତା ପାଇ ।

ଭାରତ ମାତର ଅଶ୍ରୁ ନିଗାଡ଼ିଛି
ବୀର ସହିଦଙ୍କୁ ଦେଖି
ରକ୍ତବୁଡ଼ା ସେହି ତ୍ରିରଙ୍ଗା ପତାକା
ଆଉ ପୁଣି ଚିରା ଖାକି ।
ବୁଜିଦେଲେ ଯେବେ ଆଖି
ଦେଖାଇ ଆମକୁ ନବୀନ ପ୍ରଭାତ
ଶୁଳିରେ ଶିରକୁ ରଖି ।

ଅନ୍ୟାୟ ଦୁର୍ନୀତି ଫିରିଙ୍ଗି ଶାସନ
ଗୋରାଙ୍କୁ କରି ଦମନ
ବିଜୟ କରିଲେ ଭାରତକୁ ଆମ
ଦେଶପ୍ରାଣ ବୀର ସୈନ୍ୟ ।
ହୋଇଲୁ ଯେବେ ସ୍ୱାଧୀନ
ଅନୁସୃତ ସୂତ୍ର ସମଷ୍ଟିରେ ଗଢ଼ା
ଲେଖା ହେଲା ସମ୍ବିଧାନ ।

ଆସିଛି ସେ ଦିନ ସ୍ମରଣ କରିବା
ସେହି ମହାପୁରୁଷଙ୍କୁ
ଊର୍ଦ୍ଧ୍ୱରେ ରଖିବା ତାଙ୍କ ଟେକ ଆଉ
ଆମ ତ୍ରିରଙ୍ଗା ଝଣ୍ଡାକୁ ।
ଶକ୍ତିଶାଳୀ କରିବାକୁ
ଆମ ଦେଶ ଆମ ହାତରେ ଗଢିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଇ ଜାତୀୟ ଗୀତକୁ ।

ଶାନ୍ତି ମୈତ୍ରୀ ଆଉ ପ୍ରଗତି ପ୍ରତୀକ
ପବିତ୍ର ପତାକା ଧରି
ଏକତ୍ରିତ ହୋଇ କରିବା ସଂକଳ୍ପ
ପୁଷ୍ପ ମାଲ୍ୟାର୍ପଣ କରି ।
ପୁଲକରେ ପ୍ରାଣ ଭରି
ମହାତ୍ମାଙ୍କ ସ୍ୱପ୍ନ ପୁରଣ କରିବା
ରାମରାଜ୍ୟ ସୃଷ୍ଟିକରି ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ତମ ନିଜର



ସୁକାନ୍ତି ନନ୍ଦ

ଆସିବ ଆସିବ ବୋଲି କହୁଥିଲ
ଆସିଲ ତ' ଖୁବ୍ ଭଲ କଲ ।

ଆସୁଆସୁ ହଠାତ୍ ଏ ମଉନପଣ !
ଆପଣାର ଭାବି କେଉଁ କଥା କି ଅକଥାକୁ
ମୁଁ ଲୁଚେଇନି ତ କାଳେ ହେଲେ
ଏମିତିରେ ବି ଏ ଜୀବନର ଭଲ ପୁଣି ମନ୍ଦ ଗୋଟେ କ'ଣ ! !

ଉଖାରି ବିଦାରି କଥା ଅକଥାକୁ
ଶକ୍ତ ଗଣ୍ଠିରେ ତମେ ବାନ୍ଧି ରଖିପାର
ତେବେ ରୁହ, ସ୍ଥିର ହୋଇଯାଅ
ସବିଶେଷ ମନେ ପଡ଼ିବା ଯାଏଁ ମୋର ।

ହଁ ଗଲାବର୍ଷ ଅସରନ୍ତି ଦୁର୍ଦ୍ଦଶାରେ
ଖଣ୍ଡ ଖଣ୍ଡ ମୁଁ
ଝିଅର ମିଳିମିଳା, ସାନପୁଅର ଆତ୍ମା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆକାଶ ଛିଣ୍ଡି ପଡ଼ିଲା ଭଳି

ସ୍ୱାମୀଙ୍କର ସସ୍‌ପେନ୍‌ସନ୍ ଅର୍ଡର୍

ଜମିବାଡ଼ିଙ୍କୁ ନେଇ ଭଗାରୀଙ୍କ ଷଡ଼ଯନ୍ତ୍ର ତ

ସାଙ୍ଗସାଥୀରେ ନିନ୍ଦା ଅପଯଶ...

କୋଉଠି ଥିଲ

ସ୍ୱର୍ଗରେ ନା ମର୍ତ୍ତ୍ୟରେ ନା ପାତାଳରେ

ଏମିତି କୋଉ ଗୋଟେ ଦଣ୍ଡ ନାହିଁ ଯେ

ମୁଁ ସ୍ମରିନି କି ଖୋଜିନି ତମକୁ ସେତେବେଳେ !

ଖୋଜିଛି ତ ପ୍ରତି ମେଘଖଣ୍ଡକୁ ଆଢ଼େଇଛି

ମାଟିର ଶେଯକୁ ଦବେଇଛି

ସମୁଦ୍ର ମହାସ୍ରୋତକୁ

ଓଲଟି ଓଲଟି କରି ନିରେଖିଛି ।

ଥରେ ସ୍ୱପ୍ନ ଦେଖିଥିଲି ପାହାନ୍ତାରେ...

ମହାକାଶ ଫର୍ଚ୍ଚା ହେଇ ଆସିଲାବେଳେ

ଦପ୍ ଦପ୍ ତାରାଟି ଭିତରେ

ଦେଖିଲି ତମ ପ୍ରତିଛବିର ଚିତ୍ର

ସବୁ ଆରମ୍ଭ ଆଉ ଶେଷ କୌଶଳର

ନିଖୁଣ ଶିଳ୍ପଚାତୁରୀର ସମ୍ମୋହନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତଥାପି ବି ତମେ ନିଶ୍ଚଳ ମୌନ !

ତେବେ କାହିଁକି... !

ଯେତେକ ରାତି ଓ ମୋ ସ୍ୱପ୍ନମାନ ଯଦି ତୁମର

ଘଟଣା ଦୁର୍ଘଟଣା ତ

ହାରିବା ଜିତିବାକୁ ନେଇ

ସମଗ୍ର ଜୀବନର ସାରାଂଶ ବି ତମର;

କେଉଁ ନିରୋଳା ମୁହୂର୍ତ୍ତରେ

କହିବାକୁ କାହିଁକି କଷ୍ଟ ହୁଏ

ମୁଁ ତମ ଅଧିକା ନିଜର ! !


Listen to Odia Podcast on https://anchor.fm/aahwaan

ପୁରୀ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନେ ଦେବିନି ମୁଁ କୋହ



ଅମ୍ରିତା ଚର୍ଚ୍ଚି

କଷ୍ଟ ପାଶୋରିଛି
ତୋ କଷ୍ଟକୁ ବୁଝି
ଡରିବା ଛାଡ଼ିଛି
ତୋ ସାହାସ ଦେଖି
କାନ୍ଦିବା ଭୁଲିଛି
ମୁହଁ ତୋର ଦେଖି
ହସିବା ଶିଖିଛି
ଲୁହ ବୁନ୍ଦେ ଦେଖି ।

ସତ୍ୟଧର୍ମ ଖଞ୍ଜା ତୁ ପ୍ରତ୍ୟକ୍ଷ ଦେବୀ
ତତେ କିବା ଦୁଃଖ ଦେଇ ମୁଁ ପାରିବି
ସଂସ୍କାର ଦେଇ ଗଢ଼ିଛୁ ଆମକୁ
ଲୁହା ପରିଟାଣ କରିଛୁ ଦେହ କୁ ।

ଏଇ ଜନ୍ମରେ ପାଇଣାକୁ ତୋର
ଶୁଝି ନ ପାରିବି ଯଦି,
ସବୁ ଜନ୍ମରେ ତୋ କୋଳରେ ଜନ୍ମି
ସେବା କାମନା କରିବି ।

ଛାଡ଼ିଦେବିନି ମୁଁ ହାତ ତୋର ମା'
କରିବିନି ବେସାହାରା
ତୋ ହସ ଆକଟ ମମତାରେ ମୋ
ସକଳ ଜୀବନଭରା ।

ଯେମିତି ଅଛି ମୁଁ ସେମିତି ରହିବି
ଡେଇଁବିନି ସ୍ନେହ ଡିହ
କରିବୁନି ଚିନ୍ତା ବଦଳିବିନି ମୁଁ
ତୋ ମନେ ଦେବି ନି କୋହ... !

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଥୀ



ଡଃ ମନୋରଞ୍ଜନ ବିଷୋୟୀ

ସୁଖ ଆଉ ଦୁଃଖ
ଦୁହେଁ ଖୁବ୍ ପାଖାପାଖି
କିନ୍ତୁ ରହିଥାନ୍ତି ଏକାକୀ ।
ଜଣେ ଆସିଲେ
ଆର ଜଣକ
ନେଇଯାଏ ଛୁଟି ।
ଆମେ ସଭିଏଁ
ନିଜ ନିଜର ସ୍ୱପ୍ନକୁ ନେଇ
ସମୟକୁ ନେଇ
ସୁଖ କିମ୍ବା ଦୁଃଖ ସହ
କିଛିକାଳ ହେଇଥାଉ ସାଥୀ ।
କାରଣ ଜୀବନ ହିଁ ଏମିତି
ସୁଖ ହେଉ ଅବା ଦୁଃଖ
କେହି ହେଲେ ଚିରଦିନ
ହୁଏ ନାହିଁ ସାଥୀ ।
ହେଲେ ସୁଖ ଆଉ ଦୁଃଖ ସହ
ବିତିଥିବା ମୁହୂର୍ତ୍ତ ସବୁ
ଅଭୁଲା କାହାଣୀ ପରି
ହୃଦୟରେ ରହିଥାଏ
ହୋଇ ସାଇତି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭
ଫୋନ୍: ୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ "ପୁଷ୍ପାଞ୍ଜଳି"



ଅଞ୍ଜଳି ଦାସ

ପୁଷ୍ପଟିଏ ହୋଇ ଝରି ତ ଯାଇନୁ
ଜୀବନ ଯମୁନା କୂଳେ
ବଢ଼ିଛୁ, ଲଢ଼ିଛୁ ସଂସାର ଖେଳରେ
ଜଳି ଜଳି ତିଳେ ତିଳେ

ହସାଇ, କନ୍ଦାଇ କରିଛୁ ଆହ୍ଲାଦ
ପାରୁନି ଲୋ ତୋତେ ଭୁଲି
କେଉଁ ରାଇଜକୁ ଚାଲିଗଲୁ ପୁଣି
ଆସିବୁନି କେବେ ଫେରି

ସାଉଁଟି ବସିଛି ପିଲାଦିନ ପରା
ଛୁଆ-ଖେଳ କଥା ଭାଳି
ଫେରିକି ଆସିବୁ କହିବାକୁ ଥରେ
ଖେଳୁଥିଲି ଲୁଚକାଳି

ବୋହୁ ବେଶ ହୋଇ ଚାଲିଗଲୁ ତୁହି
ଜଳାଇ ମୋ ମନେ ଜୁଇ
ପାରିବିକି ତୋତେ କେବେ ମୁଁ ଭୁଲାଇ
ଝୁରୁଥିବି ସଦା ଜୀଇଁ

କଥା ଦେଇଥିଲୁ ହସିବା, ଖେଳିବା
ଚିରକାଳ ହାତ ଧରି
ମଝି ବାଟଟାରେ ହାତ ଛାଡିଦେଲୁ
ଏ ପୁଣି କେମିତି କେଳି

ଦେଖାହେବ ସତେ ସେ ଆରପାରିରେ
ପାରିବିକି ତୋତେ ଚିହ୍ନି
ଛୁଆଦିନ ଆମ ହଜିଗଲା ସତେ
ଜାଳିଦେଲା ସବୁ ବହ୍ନି

ଯେଉଁ ପୁରେ ଆଲୋ ଚାଲିଗଲୁ ତୁହି
ସୁଖରେ ଥା ଏ ଅଳି
ମରମେ ମରମେ ଝୁରୁଛି ତୋତେ ମୁଁ
ଦେଇ ଶେଷ "ପୁଷ୍ପାଞ୍ଜଳି"

ନୁଆଦିଲ୍ଲୀ, ୯୯୯୮୦୪୭୭
anjalidas0404@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧୁନା ସମାଜ



ଲିଟୁ ନାୟକ

ପାଷାଣ୍ଡ ପାମର ସ୍ୱୟଂ ବୀରବର
ଅପକୀର୍ତ୍ତି ରଚି ଧରା ବକ୍ଷରେ
ପୁଣ୍ୟତୋୟା ଧାତ୍ରୀ କଳୁଷିତ ଅତ୍ର
ବକ୍ଷ ବିଦାରିତ ପାପ ଭାରରେ
ଜ୍ଞାନୀର ନିଷ୍କ୍ରିୟ ଜ୍ଞାନେ ନାହିଁ ଉର୍ଜା
ଅଜ୍ଞାନୀ ସ୍କନ୍ଧରେ ରାଜ୍ୟ ଶାସନ
ଦୀନର ଦିନଟି ଦିବାଲୋକେ ଯାଏ
ଭୋଗି ଭୋଗେକରେ ରାଜା ଆସନ
ଅତି ଇତି ନାସ୍ତି, ନାସ୍ତି ଗର୍ବ ଖର୍ବ
ତୈଳିକ ମସ୍ତକେ ପ୍ରାପ୍ତ ତୈଳ
କଳୁଷିତ ଭରା କୌଳିକ ସମାଜ
ଜାତି ଭେଦ ଭାବ ଲାଗେ ବିହ୍ୱଳ
ଦୀନର ଶରୀରେ ଗର୍ତ୍ତ ପୂର୍ଣ୍ଣ ହୁଏ
ବିଦ୍ୟମାନ ତତ୍ର ବିକାଶ କୀର୍ତ୍ତି
ସ୍ୱର ଉତ୍ତୋଳନ ନିନ୍ଦନୀୟ ଅତ୍ର
ଅକାରଣେ ସ୍ୱୟଂ ପାଇବି ଶାସ୍ତି
ସଦା ସ୍ମରେ ମମ ଶାନ୍ତ ମସ୍ତିଷ୍କରେ
ସ୍ୱାଧୀନ ପ୍ରାପ୍ତି କି ଉକ୍ତ ଭାରତେ
ସୁରକ୍ଷିତ ନାସ୍ତି ନାରୀ, ନର, ଯଶ
ପଶୁ ତୁଲ୍ୟ ଜୀବ ଏହି ମରତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାସ୍ତବତା



ରାଧାମୋହନ ପୂଜାହାରୀ

କାଲି ମୋର ଯେବେ ସମୟ ସରିବ
ଅକାଳରେ ମୋର ମରଣ ହୋଇବ
ଆହେ ପ୍ରିୟଜନ କୋହ ଭରା କଣ୍ଠେ
କାନ୍ଦିବ ମୋ ମୁହଁ ଚାହିଁକି,
ମରିଗଲା ପରେ କ'ଣ ବା ଜାଣିବି
ସେଇ କାନ୍ଦଣା ରୁ କି ଲାଭ ପାଇବି
ବଞ୍ଚି ଥାଉ ଥାଉ ମୋ ଦୁଃଖ ସମୟେ
ଆଜି କାନ୍ଦିବନି କାହିଁକି ?

ମୋର ମୃତ୍ୟୁ ପରେ ତୁମେ ଶ୍ରାଦ୍ଧ ଦେବ
ବନ୍ଧୁ ବର୍ଗ ମେଳେ ପୂଜା ପାଠ ହେବ
କେତେ ଯେ ବ୍ୟଞ୍ଜନ ପ୍ରସ୍ତୁତ କରିବ
ମୋର ଆତ୍ମା ଶାନ୍ତି ପାଇଁକି,
ମରିଗଲା ପରେ କ'ଣ ବା ଜାଣିବି
ନା ଦେଖିପାରିବି ନା ଖାଇପାରିବି
ବଞ୍ଚି ଥାଉ ଥାଉ ମୋତେ ସେ ବ୍ୟଞ୍ଜନ
ଆଜି ଖୋଇବନି କାହିଁକି ?

ମୋର ଯିବା ପରେ ପ୍ରଶଂସା କରିବ
ମୋର କେତେ ଯଶ କୀରତି ଗାଇବ
ବାହୁନି ବାହୁନି ଅଶ୍ରୁ ପୂର୍ଣ୍ଣ ନେତ୍ରେ
କାନ୍ଦିବ ମୋ ଗୁଣ ଗାଇକି,
ମରିଗଲା ପରେ କ'ଣ ବା ଜାଣିବି
ନା ମୁଁ ନିଜେ ମୋର ପ୍ରଶଂସା ଶୁଣିବି
ବଞ୍ଚି ଥାଉ ଥାଉ ମୋର ସେ ପ୍ରଶଂସା
ଆଜି କରିବନି କାହିଁକି ?

ମୋର ଅନ୍ତେ ମୋର ଭୁଲ୍ କୁ ଭୁଲିବ
ଦୋଷ ଅପରାଧ ମୋ କ୍ଷମା କରିବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିବାର ସାଥେ ବନ୍ଧୁ ପରିଜନ

କ୍ଷମିବ ମୋ ଭୁଲ୍ ପାଇଁକି,

ମରିଗଲା ପରେ କ'ଣ ବା ଜାଣିବି

କ୍ଷମା କଲ ବୋଲି କେମିତି ଭାବିବି

ବଞ୍ଚି ଥାଉ ଥାଉ ମୋର ଦୋଷ ସବୁ

ଆଜି ଭୁଲିବନି କାହିଁକି ?

ମରିଗଲା ପରେ ମନେ ପକାଇବ

ପ୍ରତିଟି ମୁହୂର୍ତ୍ତେ ଭାଳି ହେଉଥିବ

ମୋ ସ୍ମୃତିକୁ ତୁମେ ହୃଦୟେ ସାଇତି

କାନ୍ଦିବ ମୋ ଫଟୋ ଚାହିଁକି,

ମରିଗଲା ପରେ କ'ଣ ବା ଜାଣିବି

ଆଖି ଲୁହ ତୁମ ଦେଖି କି ପାରିବି

ବଞ୍ଚି ଥାଉ ଥାଉ ମୋତେ ତୁମେ ଆଜି

ମନେ ରଖିବନି କାହିଁକି ?

ଗ୍ରାମ : ବୀରମହାରାଜପୁର

ଜିଲ୍ଲା : ସୁବର୍ଣ୍ଣପୁର

ଭ୍ରାମ୍ୟଭାଷ : ୮୯୧୭୪୧୬୮୫୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ Aahwaan.com

Magazine Downloaded from www.aahwaan.com

# ପ୍ରେମ



ରାଜେନ୍ଦ୍ର
ବୋଡ଼କିଆ

ପ୍ରେମ ଅଟେ ଅଢେଇ ଅକ୍ଷର
ପ୍ରେମ ମାନେ ତ୍ୟାଗ, ଉତ୍ସର୍ଗ
ପ୍ରେମ ଅଟେ ଏକ ପବିତ୍ର ବନ୍ଧନ
ଯୁଗ ଯୁଗ ପାଇଁ ରହିଥାଏ ।

କିନ୍ତୁ,ଆଜିର ଯୁଗରେ
ପ୍ରେମ ହେଲା ଏକ ପ୍ରଣୟ ବ୍ୟାପାର
ଆଜିର ପୁରୁଷ ନାରୀ
ପ୍ରେମ ପାଇଁ ହୁଅନ୍ତି ପାଗଳ ।

ଦୈହିକ ସୁଖ ପାଇଁ
ବଳି ଦିଅନ୍ତି ନିଜ ଆତ୍ମସମ୍ମାନକୁ
ଭୁଲି ଯାଆନ୍ତି ସେମାନେ
ମା'ବାପଙ୍କ ଉପଦେଶକୁ
ମାଡିଚାଲନ୍ତି କ୍ଷଣିକ ସୁଖ ପାଇଁ ।

ଆଜିର ପ୍ରେମ ହୃଦୟର ପ୍ରେମ ନୁହେଁ
ପ୍ରେମ ହୁଏ ଆଜି ଚେହେରା ଦେଖି
ଟଙ୍କା ପଇସା ଗାଡ଼ି ଅଛି ଯା ପାଖେ
ଆଜି ଅଛି ତା ପାଖେ ପ୍ରେମ ।

ଶୁଣ ଭାଇଭଉଣୀ ଶୁଣ........
ପ୍ରେମ ନୁହେଁ ଏକ କାଚ ର କଣ୍ଢେଇ
ତଳେ ପଡି ଭାଙ୍ଗି ଯିବ
ପ୍ରେମ ନୁହେଁ ଏକ ବାଲିର ଘର
ଲହରୀ ରେ ଧୋଇ ହୋଇଯିବ
ପ୍ରେମ ତ ଏକ ମନର ବନ୍ଧନ
ଯୁଗେ ଯୁଗେ ରହିଥିବ ।

କଦଳୀମୁଣ୍ଡା, ଧର୍ମଗଡ଼, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ଦଣ୍ଡାସି ପ୍ରଧାନ

ବର୍ଷା !

ତୁମ ସୁନ୍ଦର ଅମିୟ ଧାରା ଆସ୍ୱାଦକୁ

ଝୁରିଝୁରି ଚାଲିଛି ,ମୁଁ ମାଟି !

କିନ୍ତୁ ଆଜି ତୁମେ ଝରା ଝୁଲଣାରେ ଭାସିଭାସି -

ଭାସିଯାଅ-ଭିନ୍ନ ଏକ ଅଲୋଡା ଇଲାକାକୁ ,

ବିଭ୍ରାନ୍ତ ମନସ୍କରେ ।

କାହିଁ ତୁମ ସେହି କାରୁ କରଣିର ଯାଦୁକର ପରସ ?

ଅଦ୍ଭୁତ ଶିହରଣର ଅପୂର୍ବ ସମାହାର ? ୧

ବର୍ଷା ! ତୁମେ ଏବେ ଖୁବ୍ ପୀଡ଼ିତା ନା ;

ଖାଲି ବିଭ୍ରାଟ ପ୍ରବଞ୍ଚନା ନାୟିକା ଭାବରେ !

ନା ଏବେ ତୁମେ ମାଟିର ? ନା ସ୍ୱର୍ଗର ?

ତୁମ ମାଟିର ବା ଦୋଷ କ'ଣ ?

ଏହି ଅସନ୍ତୋଳନର ଅସନ୍ତୁଷ୍ଟିରେ ।

ଆଜି ଏଠି ଅନୁପମ ମୂଳ ପ୍ରକୃତି –

ଜୀବନବାଦ –ବନ୍ଧକ ପଡ଼ିଛି ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଙ୍ଗୁର ଜଡବାଦ ସମୀପରେ ।

ବିଜ୍ଞାନ ପରିସର କ'ଣ ଜ୍ୱଳନ୍ତ ବିକିରଣରେ ହିଁ ସୀମିତ ?

ଆଜି ବିଶ୍ୱ ବିକାଶ ନାମରେ ଅଗ୍ନି ଉଦ୍ଗାରୁଛି ଜଳେ ସ୍ଥଳେ

ଆଭ୍ୟନ୍ତର ରୁ ଅନ୍ତରୀକ୍ଷ ଯାଏଁ ।

କେବଳ ବିସ୍ଫୋରଣ ହିଁ ବିସ୍ଫୋରଣ ।

ସସାଗର ବ୍ରହ୍ମାଣ୍ଡକୁ

ବିବର୍ତ୍ତିତ ଉତ୍ତପ୍ତ ରାକ୍ଷାସ ଗ୍ରାସିଛି,

ଭୂମିରୁ ଭୂମା ଯାଏଁ । ୨

ଏଠି ଗ୍ରୀଷ୍ମ-ବର୍ଷା- ଶୀତ, ସର୍ବେ ଏକାକାର ।

ବିପର୍ଯ୍ୟସ୍ତ ଧ୍ୱଂସର ବିଭୀଷିକା

ମୁଖ ବିସ୍ତାରି ଗିଳି ଚାଲିଛି ;

ଅଙ୍କୁରଦ୍ଗମ _ଏନ୍ତୁଡ଼ିଶାଳରୁ ଅନ୍ତରୀକ୍ଷ ଯାଏଁ ।

ସୃଜନ ଯଜ୍ଞଶାଳାରୁ ଜଗମୋହନ ଯାଏଁ ।

ଆଦ୍ୟ ଆଷାଢ଼ରେ କେକୀ

ଆଉ ଶୁଣାଏ ନାହିଁ ,

ନେ.... ହୋ ! ନେ....ହୋ !

ସ୍ୱର ରାଗିଣୀ ; ବର୍ଷାର ଆହ୍ୱାନ ଗୀତିକା ।

କୃଷ୍ଣ କଳାହାଣ୍ଡିଆ ମେଘ ନାହିଁ କି,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରୁ କାଲୁଆ ହେମାଳ ମୃଦୁ ପବନ ନାହିଁ ।
ମେଘ ଗର୍ଜନ ରେ
ଦୁଲଦୁଲ୍ ହେଉନାହଁ ପୁରୁବାକାଶ ।
ନା ପାନ-ମୀନ ?/ ନା ବନ- ଉପବନ ?
ଅତି ଦୁର୍ଲଭ ଜୀବସତ୍ତା ଲୁପ୍ତ ପ୍ରାୟ । ୩

ବର୍ଷା ଆଜି ବାରଙ୍ଗନା ବିଡ଼ମ୍ବନାର ।
ଅନିଚ୍ଛାକୃତ ଉତ୍ତାପରେ ସେ ମୃତ ପ୍ରାୟ ।
ଅତି ଓ ଇତିର ଅଜଗର ଗିଳି ସାରିଲାଣି ,
ସବୁଜ ବଳୟରେ ଚାଷ ଓ ଚାଷୀଙ୍କୁ ।
ବନସ୍ପତିକୁ । ଆୟୁର୍ବେଦ କୁ ।
ସେ ଆଜି ଅସମୟରେ ଅପନ୍ତରାରେ ବିପ୍ରାତ
ରଚିବାରେ ଧୂର୍ତ୍ତ ବିପନ୍ନ ମନସ୍କା ।
କେବଳ ଏପଟରୁ ସେପଟକୁ ବୃଥା ସଞ୍ଚାଳନ ।
ବିନା ବିନ୍ଦୁରେ- ଅବା ହୀନା ବିନ୍ଦୁରେ !
ଖାଲି ଆଶା ଓ ନିରାଶ ମାୟାରେ ବିମନା ।
ସଂକଟାପନ୍ନ ବିଭୀଷିକାର ଅବାଞ୍ଛିତ-
ବିରୋଧାଭାସର ଖଳ ନାୟିକା ,
ଧୋଇ ଆଉ ଧାସରେ । ୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୋରୁଗାଇ ପଲରେ

ହୋ- ହମ୍ବା-ହମ୍ବାଳି ଢ଼ୋଲ,

କି ନୀଡଫେରା ବିହଙ୍ଗର

ମନଫୁଲାଣିଆ-ରାବ,

ସବୁଜିମାର  ଗ୍ରାମୀଣ  ପରିବେଶ _

ସବୁ ହଜିଯାଇଛି ,କଂକ୍ରିଟ ନଭସ୍ଚୁମ୍ବି-

ପ୍ରାସାଦ ପର୍ବତ ମାଳାରେ ;

ସୁବର୍ଣ୍ଣ  ସବୁଜ ଆଚ୍ଛାଦିତ ସୁଜଳା ସୁଫଳା-

ସୁବିସ୍ତୃତ ଖେତ କ୍ଷେତ୍ରାଞ୍ଚଳ ବିବର୍ଣ୍ଣ ପାଂଶୁଳ-

କଳକାରଖାନାର ଧୂଳି ଧୂମାଳ ଧୂଆଁରେ ।

ବାରୁଦ ବାସ୍ନାରେ ହଜିଛି -

'ମାଟି ଓ ମେଘ ' ର ମହା ମିଳନ  ।

ହଜିଯାଇଛି ଅପୂର୍ବ ଶୋଭାର ମନମୁଗ୍ଧକର ଶିହରଣ ।

ଶ୍ରାବଣୀ ଧାରା, ବର୍ଷାରେ ବର୍ଷାର । ୫

ମୃଦୁ ବର୍ଷାଭିଜାର ଅନୁଭୂତି/

ପିଲାଙ୍କ ଓଳି ତଳର ପାଣି ଖେଳ/

ଅବା କାଗଜ ଡଙ୍ଗା ଭସାଣି ମଉଜ ;

ଆଜି ସ୍ମୃତିର ସ୍ମୃତିରେ, ଝାପସା ଝାପସା ଚିତ୍ରପଟ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଟି ପାଇଁ ।

ବର୍ଷାର ମୁଲାୟମ ପରଶ ହେଉ ,

କି ମାଟି ଗନ୍ଧର ମହକ -

ଅବା ବେଙ୍ଗ ବେଙ୍ଗୁଲିର ଗୁରୁ ଗମ୍ଭୀର ସ୍ୱର

ସବୁ ଭାସିଯାଇଛି ,ମରୁଡିରେ-

ବାତ୍ୟାରେ ! ବନ୍ୟାରେ ! ବାତାବର୍ତ୍ତର-

ଧ୍ୱସ୍ତ ବିଧ୍ୱସ୍ତରେ ! ବିବିଧ ବୈଷମ୍ୟରେ । ୬

ବର୍ଷା ପ୍ରିୟଦର୍ଶିନୀ ଆଜି ତିଳେ ବି ପୁଲକିତା ନୁହେଁ ,

ନାହିଁ ସମ୍ପୂର୍ଣ୍ଣ ଆତ୍ମସମର୍ପଣର ମନଭରି ସ୍ଫୁର୍ତ୍ତି , ଋତୁଚର୍ଯା ପାଳନରେ ।

ସେ ବି ଜାଣି ପାରୁନାହୁଁ ,

ତା'ର  ଆପଣାର ମାଟି ମଣିଷଟି -

ଆଜି ଆନମନ କାହା ପାଇଁ ?

ସବୁଜିମାର  ପବିତ୍ର ବେଦୀରେ ,

ବର୍ଷାକୁ  ସିନ୍ଦୂର ନାଇବାରେ ;

ମାଟି ମଣିଷ ଆଜି ସମ୍ପୂର୍ଣ୍ଣ

ଅସମର୍ଥ କାହିଁକି ?

ବର୍ଷା ଯେ  ସର୍ବ ଐଶ୍ୱର୍ଯ୍ୟର  ନିରୂପମ

ବୈଭବ ହେତୁ ଜାଣି ମଧ୍ୟ ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ଆମନ୍ତ୍ରଣେ ରତ ଧ୍ୱଂସର ତାଣ୍ଡବେ ,

ଅହରହ । ୭

ହେ ମଣିଷ !

ବିକାଶ ରୂପାନ୍ତରିତ ହେଉ ବନୀକରଣ ରେ-

ଶକ୍ତି ସଞ୍ଚିତ ହେଉ ନବୀକରଣ ରେ-

ସବୁଜିମା ଆଚ୍ଛାଦିତ ସୁଶୀତଳ ବିପ୍ଳବ ସଙ୍କଳ୍ପରେ-

ଏବେ ବି ବର୍ଷାକୁ ଆଦରି ନିଅ ।

ପ୍ରତିବଦ୍ଧତାର ପ୍ରତିଶ୍ରୁତି ଦେଇ

ଜଗତେ ଜୀବନ ପାଇଁ ,

ହସି ହସାଇବାର ମନ୍ତ୍ର ନେଇ ।

ସନ୍ତୋଳିତ ପରିବେଶ ବିଜ୍ଞାନକୁ ଆଦରି

ସରଳ ଉଦାର ସୃଷ୍ଟିର ସୁରକ୍ଷା ନିମିତ୍ତ । ୮

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।

୮୭୬୦୧୯୪୯୬୭ ।

ବାଦପୁର, ଉ. ସା. ସେ ସଂସଦ, ପାତ୍ରପୁର,ଗଞ୍ଜାମ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମଧୁବର୍ଣ୍ଣା

ଆଗୋ ମଧୁବର୍ଣ୍ଣା....



ପ୍ରହ୍ଲାଦ ସାହୁ

ସ୍ମୃତିର ମଶାଲ ଜାଳି ଦେଇଗଲ ତୁମେ ; ପ୍ରୀତିର ଗୁହାରେ ପ୍ରେମ ଶିଖାଟିଏ ହେଇ
ଖୋଜିଲେ ନ ମିଳେ ହଜିଲା ଅତୀତ; ସେ'ତ ଅପାଶୋରା ସ୍ନେହ-ମମତାର ନଈ ।
ଯଦି ଉଷ୍ଣ ପ୍ରବାହେ ଶୁଖିଯାଏ ସେ ନଈ; ରୁଦ୍ର ପ୍ରତାପେ ଜଳିଯାଏ ଧରାଧାମ
ତଥାପି ଏକାକି ଚାହିଁ ବସିଥିବି ମୁଁ; ତୁମ ବାହୁଡିବା ପଥେ ବିଛେଇ କୁସୁମ ।
ଯେଉଁ ପଥଦେଇ ଫେରିବ ତୁମେ; ସେ ପଥେ ଚହଟିବ ଆମ ପ୍ରେମର ବାସ୍ନା
ପ୍ରୀତି ବାସନାରେ ବିମୋହିତ ମନ; ଭୁଲିପାରେନା ସେ' ବାସ ଗୋ ମଧୁବର୍ଣ୍ଣା ।
ପାଦେ ରୁଣୁଝୁଣୁ ପାଉଁଜି ତୁମର; ରୂପ-ଯଉବନେ ଭରା ତନୁ ଆହା'କି ସୁନ୍ଦର
ନାଲି ଚହଟହ ଓଠେ ଛୁଇଁଦେଇ; ସପନେ ଆଙ୍କିଲ ପ୍ରେମବନ୍ୟା ମୋ ବୁକୁର ।
କେତେକାଳ ଆଉ ଚାହିଁଥିବି ତୁମକୁ; ବଉଳିଲା କଢି, ଫୁଟି ବାସ ଚହଟିଲା
ଆସିବ କହି କେତେ ଭୁଲଉଛ, ହୋଲି ପରବ ଯାଇ ଚନ୍ଦନ ଯାତ ହେଲା ।
ବସନ୍ତର ଫଗୁରଙ୍ଗ ଆଜି ଫିକା ଲାଗେ, ପଳାଶ ଫୁଲର ଆଉ ବାସ ନାହିଁ
ଷୋଳଟି ଫଗୁଣ ଚାଲିଗଲା ପରେ, ଆଉ କେଉଁ ଆଶାର ପଥିକ ହେବି ମୁହିଁ ?

ଚିଫ୍ ଏଡିଟର । ଆକାଶ ଇନଷ୍ଟିଚ୍ୟୁଟ୍ , ନୂଆଦିଲ୍ଲୀ ।
ଦୂରବାର୍ତ୍ତା – ୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାବଣ ବାଣୀ



ରଞ୍ଜନ କୁମାର ପ୍ରଧାନ

ଦୁଃଶାସନ ଯେତେ ରାମ ସାଜି ଆଜି
କାଣ୍ଡଶର ହାତେ ଧରି ,
ବୀର ଦର୍ପେ ଦେଖ ମାଡ଼ି ଚାଲିଛନ୍ତି
ରାବଣର ବଦ୍ଧ କରି ।
ତ୍ରେତା ଭଳି ଏବେ ଶମନ ହେଉନି ଜାରି
ଭଦ୍ର ମୁଖା ପିନ୍ଧା ଲମ୍ପଟଙ୍କୁ ଦେଖ
ଭଜୁଛନ୍ତି କୃଷ୍ଣ ହରି ।।୧
ଝିଅଟିଏ ଏଠି ସୁରୁଜ ଢଳିଲେ
ସଡକେ ଅସୁରକ୍ଷିତ ,
ରାବଣ ବେଳକୁ ବାଃରେ ମଣିଷ
ବଦଳି ଯାଉଛି ମତ ।
ତୁମେ ସବୁ ରାମ ଇକ୍ଷାକୁ ବଂଶର ସୁତ
ରାବଣଟା ଯାହା ରାକ୍ଷସ କୁଳରେ ଜାତ ।।୨
ମୁଁ ଯଦି ସିତାକୁ ଚୋରୀ କରି ଏଠି
ବୋଲାଇଲି ମହାପାପୀ ,
ତୁମେ ବା କେମିତି ବଳାତ୍କାରୀ ସାଜି
ରାମଙ୍କୁ କରିଛ କପି ।
ଲୁଚି କର ପାପ ଉପରେ ରାମଙ୍କୁ ଜପି
ପାପପୂଣ୍ୟ ତବ ଦେଖିଛକି କେବେ
ଧର୍ମ ତରାଜୁରେ ମାପି ।।୩
ବ୍ୟଭିଚାର ଶୂନ୍ୟ ସ୍ୱପ୍ନ ସମାଜର
ଆରେ କଳିଯୁଗ ରାମ ,
ତାକୁ ଯା' ପ୍ରଥମେ କରିବୁ ପୂରଣ
ନଚେତ, ଧିକ ତୋର ଏଇ ଜନ୍ମ ।
ଏ ସବୁ ନକରି ଯଦି, ରାବଣ ଦହନେ
ପାଉଥାଅ ତୁମେ ଖୁସି
ଏ ଦହନ ସ୍ୱୀକାରିବି ମୁଁ ଯେ ହସି ହସି ।।୪

ପାଇକିଆଁରା, ତିଗିରିଆ, କଟକ
ମୋବାଇଲ୍: ୯୯୩୮୧୭୧୬୬୯, ୯୦୯୦୩୮୯୮୫୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୁହ ଖୁବ୍ ଆପଣାର



ଅନସୂୟା ପଣ୍ଡା

ନିଗିଡି ଆସେ ଆତ୍ମାରୁ ହୃଦୟକୁ

ଆଉ ହୃଦୟରୁ ମନକୁ

ଖୁବ୍ ଆପଣାର ଲୁହ ବୁନ୍ଦାକ

ଭାରି ସନ୍ତୋଷ ଦିଏ ।

ରଙ୍ଗହୀନ ଲୁହରେ ଅନେକ ଅଘୋଷିତ ଦୁଖ

ଅପ୍ରକାଶ୍ୟ ଯନ୍ତ୍ରଣା, ନିରସ୍ତ୍ର ଅହିଂସା ଯୁଦ୍ଧର ଥାଏ ଘୋଷଣା ।

ପରାଜିତ ପ୍ରଶ୍ନଙ୍କର ସମ୍ମିଳନୀରେ

ଅବଶୋଷର ଲୁହ ବୋହିଯାଏ

ଅଣାୟତ୍ତ ମନର ଭାବନା ହୋଇ ଭାଷା

ଭାବନା, ଅନୁଶୋଚନା ମାନେ ବୋହି ଉଛୁଳି ପଡନ୍ତି ।

ଆଖିର ସୀମା ଡେଇଁ

କୋରଡ ଭିତରୁ ଆଖି କହିଦିଏ ଅଜସ୍ର ତାଡନା

କେବେ ସୁଖର ତ, କେବେ ଦୁଖର ଲୁହ ସନ୍ତ୍ରସ୍ତ ଆତ୍ମା ରୁ

ବିବଶରେ ଗଡି ଆସେ ଶ୍ରାବଣପରି ଅର୍ନ୍ତଦାହରେ ।

ଯେବେ ଅସମର୍ଥ ଅସହାୟ ଲାଗେ ଆକାଂକ୍ଷିତ ଆଶା

ମିଛ ସ୍ୱପ୍ନ ସବୁସୁଖର କଳ୍ପନା କରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲୁହ କୋହ ହେଇ ବହି ଆସେ ଅନ୍ତର ମନରୁ ଆଖିକି

କେବେ ପୁଣି ନିଗିଡି ଆସେ ଆତ୍ମତୃପ୍ତିର ଲୁହ ।

ସନ୍ତୋଷର ଶିହରଣ ଖେଳେଇ

ଯେବେ କେହି ମୁକ୍ତାକହି ସାଉଣ୍ଟେ ଲୁହକୁ

ଜିତିବାରେ ନୁହେଁ ଜିତେଇବାରେ ଆଖି ଜକେଇ ଆସେ

ଖୁସିକି ଆୟୁଧ କରି ସାଉଁଟି ଚାଲେ ଧୀର ପଦରେ .............,

ଭିସ୍ୟୁଟ୍ କଲୋନୀ, ବୁର୍ଲା, ସମ୍ବଲପୁର,

ଭ୍ରାମ୍ୟଭାଷ : ୯୪୩୯୨୧୧୯୭୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ ଝଙ୍କାର ଶୁଭୁନି ଆଉ



ସଂଜୀବ କୁମାର ଦାସ

ବାପୁଙ୍କୁ ଡାକିବା କାହିଁକି ?
ତୁ ଆଜି ମନେପଡୁ ବାପୁ କେବଳ
ନୀରବରେ ଦୁଇ ମିନିଟ ପ୍ରାର୍ଥନା କଲାବେଳେ
ତୋ ସ୍ୱନକ୍ଷତ୍ର ଅବା ତିରୋଧାନ ଦିବସରେ ।
ତୁ ଆଜି ନାଚିଯାଉ ସଭିଙ୍କ ଆଖି ସାମନାରେ
ପ୍ରାର୍ଥନା ସଭାର ଗୁଳିର ଶବଦ ମନେ ପଡିଗଲେ ।
ସତରେ ତୁ ବାପୁ ଯେଉଁଠି ଥିଲେବି ବୁଜିଦେ ଆଖି
ମୁଦିଥିଲୁ ଯେମିତି ସେଦିନ ।
ତୋ ତ୍ୟାଗର ଗାଥା କେହି ଏଠି ପାରେନା କଳି ।
ତୁ ଯାହା ଦେଇ ଆଣିଛୁ ସ୍ୱାଧୀନତାର ସ୍ୱାଦ ।
ଏଠି ଆମେ ଭୋଗ କରୁଚୁ କେବଳ
ନ ବୁଝି ତୋ ମହତ ଦାନର କାଣିଚାଏ ।
ଏଠି ଆକଟା ହେବାକୁ ଲାଗିଲାଣି ସଭିଙ୍କୁ
ଆଦର୍ଶରେ ଲାଗିଲାଣି ଘୁଣ ।
ତୋ ଅହିଂସା ବିପ୍ଳବର କାହାଣୀ ସୀମିତ ସିନା ଭାଷଣରେ ।
ଏଠି ତରବାରୀ ଚାଲେ ପ୍ରତିଟି କଥା ଆଉ କାମରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେ ବାପୁ ! ତୁ ଯଦି ଫେରି କରନ୍ତ ପରିକ୍ରମା

ଏ ନଗ୍ର ଏ ଗ୍ରାମର କୋଣେ କୋଣେ

ପ୍ରତାରଣାର ସାକ୍ଷୀସବୁ ତୋ କାନେ କହନ୍ତେ ବସାଇ ।

ନ କାନ୍ଦି ତୁ ରହିବୁନି ଭାଳିହେବୁ ଅତୀତ କଥା ।

ଭାବିବୁ- କଣ ଭୁଲ କରିଥିଲି ଅହିଂସାର ମୂଳଦୁଆ ପକାଇ ,

ସତ୍ୟର ଜୟଯାତ୍ରା କରାଇ ।

ପକାଇ ଯବନିକା ତୋ ଭାବନାରେ ସ୍ୱାର୍ଥର ମଣିଷଟିଏ

ଉଭାହେବ ସାମନାରେ ଖଣ୍ଡଟିଏ ଧରି ।

ପ୍ରତିରୋଧ କରିବ ତୋତେ, ଆଖିରେ ଆଖି ମିଶାଇ ଯୁକ୍ତି ବି କରିବ ।

ନ ହୋଇ ସହମତ ତୋ ସାଥେ ଧମକେଇ ଦେବ ।

ପଚ୍ଛାଇବ ନାହିଁ କହିବାକୁ ସମ୍ଭବତଃ -

ତୋ ବିଦାୟ ସଂଗେ ବିଦାୟ ନେଇଛି ସତ୍ୟ ଅହିଂସାର ସାର ସବୁ ।

ତୁ ଫେରିଯାଇପାରୁ ବାପୁ,ତୋତେ ଆମେ ଚାହିଁବୁନି ଆଉ ।

କରୁନି ଶାସନ ଏଠି ଇଂରେଜ ଯେ ପରାଧୀନ ଶୃଙ୍ଖଳରୁ ଆଜାଦୀ ମାଗିବୁ ।

ଡାକିବୁ କାହିଁକି କହ, ଆମ ହାତେ ଏବେ ଆମ ଶାସନର ଡୋରି ।

ମନ ଉଣା କରିବୁ ସିନା, ତୋ ପାଇଁ ନାହିଁ କିଛି ଏତ ଜାତିର ବିଡମ୍ବନା ।

ଉଦାସ ହୋଇ ଫେରିଯିବା  ଥୟ ହେବ ତୋ କର୍ମପୀଠକୁ

ଯେଉଁଠୁ ତୋତେ ଆଉଥରେ ଆସିବାକୁ ପଡ଼ିବନି ।

କଟକ -୭୫୩୦୧୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସ୍ୱପ୍ନର କୁହୁକ



ପ୍ରଣତୀ ରଥ

ମୋ ଆଞ୍ଜୁଳିରେ ଭରିଦେଲ ଶତ ଶତ

ସ୍ୱପ୍ନର କୁହୁକ

ତମମୟ ଜୀବନରୁ କରି ଉଦ୍ଧାର

ଦେଲ ମୋତେ ଚନ୍ଦ୍ରର ଆଲୋକ ।

ସେହି ଆଲୋକରେ ହୋଇ ଆଲୋକିତ

ଏହି ନିର୍ଜନ, ଜନଶୂନ୍ୟ, ଏକତାର ମଧ୍ୟରେ

ମୁଁ ଚାଲିବାକୁ ଲାଗିଲି ।

ତୁମରି ଗତି ପଥରେ ପାଦକୁ ମିଶାଇ

ସୁନ୍ ସାନ୍ ଗିରିକୁଟକୁ ମଧ୍ୟ

ପାଦ ଉଠାଇଲି

ହେଲେ,

ଜହ୍ନର ଜେମିତି ଆଲୋକ ନାହିଁ

ରାତ୍ରିର ଗମନ ପରେ

ପ୍ରଭାତ ହେଉଣୁ ପହିଲି ସୂର୍ଯ୍ୟ କିରଣ ଢାଳେ

ଠିକ୍ ସେହିପରି ତୁମେ ଥିଲ ଅସ୍ଥାୟୀ ଓ ଅଳ୍ପାୟୁ ।

କେଉଁ ଆଡେ ହଠାତ୍ ନିଶ୍ଚିହ୍ନ ହୋଇଯାଇଥିଲ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ଖୋଜିଲି,

ଖରଜଳ ମୃଗୁଣୀର ତୃଷ୍ଣାପ୍ରାୟ

ଚିତ୍କାରିତ ସ୍ୱରେ, ତୋଫାନ ବେଗରେ

ତୁମକୁ ଡାକିଲି ।

ତୁମେ ଶୋଇଯାଇ ଥିଲ ବୋଧେ

ଘଟକର୍ଣ୍ଣ ର ନିଦ୍ରା

ମୋ ବିକଳ ଶୁଭି ନ ଥିଲା

ତୁମରି କର୍ଣ୍ଣକୁ ।

ଗିରିଶୃଙ୍ଗେ ବସି ପୁଷ୍କର ହାତରେ

କେତେ ସନ୍ଦେଶ ପଠାଇଛି

ସବୁଠି ବିସ୍ତାର ବୋଲି

ତୁମକୁ ବୋଧେ ପାଇଯିବ

ହେଲେ କ'ଣ ହେବ

ତୁମେତ ଆଉ କେଉଁ ଗ୍ରହରେ

ବୋଧେ ଯାଇଥିଲ ଲୁଚି ।

ରାଉରକେଲା, ସୁନ୍ଦରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଆସିବ ବୋଲି



ଲକ୍ଷ୍ମଣ ମହାନ୍ତି

ତୁମେ ଆସିବ ବୋଲି
ଫଗୁଣ ଠୁ ରଙ୍ଗ ଚୋରେଇ
ନୀଳ ଆକାଶେ ଆଙ୍କିଛି ତୁମ ଛବି.....□
ତୁମେ ଆସିବ ବୋଲି,
ଚାନ୍ଦକୁ ମାଗିଛି ଯାଗା ଟିଏ, ପୁଣି
ତାରାକୁ ମାଗିଛି ନଅଁର ଟେ,
ହୃଦୟ କଥା କହିବା ପାଇଁ
ଲେଖିଛି ମନର କବିତା ଟେ...
କେବଳ ତୁମେ ଆସିବ ବୋଲି,
ସାମୁକାକୁ ମାଗିଛି ତା' ମୋତି,
ସାଗରକୁ ମାଗିଛି ସାହସ,
ବୃକ୍ଷକୁ ମାଗିଛି ଛାଇ, ଏମିତି ଅନେକ କିଛି....□
କେବଳ ତୁମପାଇଁ ଚୋରେଇ ଆଣିଛି
ବସନ୍ତଠୁ ଲାବଣ୍ୟ,
ଫୁଲର ମହକ,
ଭଅଁରଠୁ ପାଗଳାମି,
କୋଇଲିର ମୀଠା ସୂର... ଇତ୍ୟାଦି
ତୁମେ ଆସିବ ବୋଲି,
ପାଦ ମୋ ଲାଗୁନି ଭୁଇଁରେ
ଆକାଶେ ଘୁରିବୁଲେ ଆଜି
ପ୍ରେମଭିଜା ପାଗଳ ପକ୍ଷୀ ଟେ ପରି.....□
ତୁମ ଆସିବା ପଥକୁ ଅନାଇ ବସିଛି
ଯେମିତି,
ବର୍ଷାକୁ ପ୍ରତୀକ୍ଷାରତ ଚାତକ ପରି,
ପ୍ରେମିକାକୁ ପ୍ରତୀକ୍ଷାରତ ପ୍ରେମିକ ପରି,
ସୂର୍ଯ୍ୟଙ୍କୁ ପ୍ରତୀକ୍ଷାରତ ପଙ୍କଜ ପରି,
ତୁମେ ଆସିବ ବୋଲି
ତୁମ ପ୍ରତୀକ୍ଷାରେ ବସିଛି ଖାଲି.....□

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିର୍ବାଣ ରଜନୀ



ଦିଲ୍ଲୀପ କୁମାର ଜେନା

ନୀଳ ନିଳୀମାର ନୟନ ନୀଳରେ
ନୀଳ ଯେବେ ଭାସିଯାଏ
ନୟନର ସେହି ଚାହାଣିରେ ଧିରେ
ନିଦ ଆସି ଭରିଯାଏ □ (୧)

ନିତି ନିରନ୍ତରେ ନିବିଡରେ ଧସି
ନିକଟରେ ଉଡିଯାଏ
ନୀଳଗିରି ନୀଳ ଆକାଶରେ ଭାସି
ନିରବରେ ଦେଖୁଥାଏ □ (୨)

ନିଃଶ୍ୱାସରେ ଭରି ନୂତନ ଜୀବନ
ନିରନ୍ତରେ ରେଖା ଟାଣେ
ନିରାକାର ନଭ ପ୍ରକାଶ ଭିତରେ
ନିର୍ଝର ଆଭାସ ଆଣେ □ (୩)

ନିଶ୍ଚଳର ନବ ଶିଖାର ଝଲସେ
ନିର୍ଜନ ପ୍ରଦେଶ ବୁଲେ
ନିରୀହ ପ୍ରତିମା ଶୃଙ୍ଗାରର ବେଶେ
ନିସନ୍ଦେହେ ବୋଲି ଚାଲେ □ (୪)

ନିର୍ବାଣର ନୀର ପ୍ରବାହରେ ଭାସି
ନିଦାନର କ୍ଳାନ୍ତି ବାଣ୍ଟେ
ନିର୍ଜୀବର ଜଡ ନିରବରେ ଧିରେ
ନିଜର ଜୀବନ ସାଉଁଟେ □ (୫)

ନିଶି ନିମନ୍ତ୍ରଣେ ଶଶି ଆଗମନେ
ନିରୋଳାରେ ନିଦ ଆସେ
ନିବୃତର ନୀଡ଼ କୋଠରୀ ଭିତରେ
ନିମିଷେ ଉଲ୍ଲାସ ବାସେ □ (୬)

(କଳା ଶିକ୍ଷକ), ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ରାୟଗଡ଼, ଗଜପତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ଡଃ ଆଭାଞ୍ଜଳି ଶତପଥୀ

ଦୀପ୍ତି ପ୍ରୀତି କାନ୍ତି  ସେତ  ମହୀୟସୀ ନାରୀ
ଛବି ପ୍ରତିଛବି ସବୁ ସୃଜନ ତାହାରି  ।

କ୍ଷମାମୟୀ ଦୟାମୟୀ ହୁଏ ସ୍ୱାଭିମାନୀ
ପ୍ରାଣଦାତ୍ରୀ ମାତା ସେତ ଜଗତ ଜନନୀ  ।

ଝଡ଼ଝଂଜା ଯାହା ଯେତେ ତା' ବାଟେ ଆସଇ
ଲଢେ ଏକା ଏକା ତା'ର ଲୁହକୁ ଲୁଚାଇ ।

ପିନ୍ଧି ଥାଏ ବସ୍ତ୍ର ସେତ କୁଳର ସମ୍ମାନ
ସମାଧାନ କରେ ପୁଣି  ସଭିଙ୍କର ମାନ  ।

ସହନଶୀଳତା ତା'ର ମଥାର ମୁକୁଟ  ।
ଭାଙ୍ଗେ ନାହିଁ ସେତ ଯେତେ ଖାଇଲେ ବି ଚୋଟ  ।।

ଛନ୍ଦିଦିଏ ପରିବାର  ତ୍ୟାଗରେ ସ୍ନେହରେ
ରହିଥାଏ ସମସ୍ତଙ୍କ ହସରେ କାନ୍ଦରେ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅତୁଟ ସୁତା ସେ ସମ୍ପର୍କ ମାଳରେ
ବାନ୍ଧି ରଖିଥାଏ ସେତ ଅତି ଯତନରେ ।

କେତେ ଯେ ଭୂମିକା ତା'ର ରଙ୍ଗମଞ୍ଚ ପରେ
ରଙ୍ଗ ଦେଉ ଥାଏ ସେତ ପ୍ରୀତି ର ତୁଳୀ ରେ ।
ନାରୀର ମର୍ଯ୍ୟାଦା ସଦା ନାରୀ ହିଁ ବୁଝଇ
ଶାଶୁ ଯେବେ ମା ହୁଏ ବୋହୂକୁ କୋଳାଇ ।

ଯା ନଣନ୍ଦଙ୍କ ପ୍ରତି ଭଉଣୀ ସ୍ୱଭାବ
'ନାରୀ ଦୁଃଖ ବୁଝେ ନାରୀ' ଯେବେ ଏହି ଭାବ ।

ନନ୍ଦିନୀ, ଭଗିନୀ ପୁଣି ଜାୟା ଓ ଜନନୀ
ସବୁରି ମୂଳରେ ଅଟେ ନାରୀ ନାରାୟଣୀ ।

ରେଳ କୁଟିର, ଚନ୍ଦ୍ରଶେଖରପୁର ଭୁବନେଶ୍ୱର
Email- avanjali@yahoo.co.uk

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହାଇଦ୍ରାବାଦରେ ବର୍ଷା



ମଞ୍ଜୁରାଣୀ ମିଶ୍ର

ଅମାନିଆ ପିଲାର ଦୌଡ ପରି ଆସିଯାଏ
ହାଇଦ୍ରାବାଦର  ବର୍ଷା
କଂକ୍ରିଟ ଜଙ୍ଗଲରେ ପାଦ କଚାଡେ
ଆକାଶ ଛୁଆଁ ପ୍ରାସାଦକୁ ହାତ ବଢାଏ ମେଘ
ଓଭରବ୍ରିଜ ତଳେ ମନଇଚ୍ଛା ଗପ କରେ
କ୍ଲାନ୍ତ ହୋଇଯାଏ ଝୁମ୍ପୁଡି ବସ୍ତିରେ
ସାତସିଆଁ ସ୍ୱପ୍ନ ମାନଙ୍କ ମାନଚିତ୍ର ଆଙ୍କେ
ଦିନ ମଜୁରିଆର ଭୂଗୋଳ ଖାତାରେ
ମନେ ପଡେ ଗାଁ ବର୍ଷା
ନଈ ପାହାଡ ସାଥୀରେ ଠିଆ ପୁଚି ଖେଳ
ହାତ ଛନ୍ଦାଛନ୍ଦି ବରଗଛର ଓହଳ
ସାଙ୍ଗସାଥୀ କଣ୍ଢେଇ ବାହାଘର ଗହଳ ଚହଳ
ସାରୁପତ୍ର ବେଦୀରେ ବେଙ୍ଗ ବାହାଘର
କଙ୍କିର ଧାଁ ଧଉଡ ଝିଙ୍କାରୀର ପରିଚିତ ସ୍ୱର
ତାଳଗଛ  ମଥାନରେ  ଭିଜା  ଭିଜା  ବାଇ
ଚଢେଇ ବସା
ଏ ସବୁତ ସ୍ମୃତିର ନକ୍ସା
ହାଇଦ୍ରାବାଦର ବର୍ଷା ନୃତ୍ୟ କରେ
ଗୋଲକୁଣ୍ଡା ପ୍ରାଙ୍ଗଣରେ
ଅତୀତର ମଣିମୁକ୍ତା ସାଉଁଟେ ଗମ୍ବୁଜ ଭିତରେ
ନିଛାଟିଆ ମନ୍ଦିର ବେଢାରେ
କୋଟିକମ ଚିତା ଲେଖୁଥାଏ ଛାଇ ଆଲୁଅରେ
ଚାରମିନାର ବିପଣିରେ ମାତାଲ ହୁଏ ବର୍ଷା
ନାଲି ନେଳି ଆଲୁଅରେ
ଜଣା ଅଜଣା ଦୃଶ୍ୟକୁ ଆଲିଙ୍ଗନ କରେ
ନିରୋଳା ସନ୍ଧ୍ୟାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୁମ୍ବିନୀ ଲେକରେ ପଣତ ଉଡାଏ ବର୍ଷା

ଆତ୍ମୀୟତାର ସ୍ୱର୍ଣ ଦିଏ ମୁଗ୍ଧ ଇଲାକାରେ

ସୁଇମିଙ୍ଗପୁଲରେ ବର୍ଷାର ଅଭିସାର

କଫି ହାଉସରେ ଭିଡ କିଛି ତୃଷ୍ଣା କିଛି ଉପହାର

ଟ୍ରାଫିକ ଛକରେ ଅଟକିଯାଏ ବର୍ଷା

ପରସ୍ତ ପରସ୍ତ ଦୁଃଖକୁ ଲୁଚାଏ

ଫ୍ରକ ପିନ୍ଧା ଝିଅର ଓଦା ସର ସର ମୁହଁ

କିଣାବିକା ପସରାକୁ ଓଟାରୁ ଥାଏ ପବନର ସୁଅ

ବାଲକୋନିରେ ମୁଠା ମୁଠା ବର୍ଷାର ହିଲ୍ଲୋଳ

ଫୁଲ ଚିବୁକରେ ପତ୍ର ଆଞ୍ଜୁଳାରେ

ଏକୁଟିଆ ଚଢେଇର ନରମ ଡେଣାରେ

ଏଇତ –

କୁହୁଡିର କାନଭାସରେ ବର୍ଷାର ହସ୍ତାକ୍ଷର

ଏମିତି ନିଜର ଲାଗେ ଭାରି ନିଜର ଭାରି ନିଜର

ହାଇଦ୍ରାବାଦ

୭୩୮୦୨୭୬୫୭୬୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରୀତି ନିବେଦନ



ଡଃ ରାକେଶ
ରଞ୍ଜନ ମୁଣ୍ଡ

ରହିଛୁ ମନରେ ଏପରି ସାଥି  କହିବା କଷ୍ଟ
ଯନ୍ତ୍ରଣା ବିଶାଦ ଆତ୍ମାକୁ ଆଜି କରୁଛି ନଷ୍ଟ  ।
ଆରମ୍ଭ ସକାଳ ମୋହର ତୋତେ ରଖି ନୟନେ
ବିତୁଛି ରଜନୀ ଜହ୍ନର  ତୋତେ ଦେଖି ସପନେ  ।
ସଞ୍ଜ ନଇ ଗଲେ ସାଥିରେ ମନେ ପଡୁ ବହୁତ
ଧିରେ ଧିରେ ଗଢେ ସମୟ ନିଦ ହଜା ମୁହୁର୍ତ୍ତ  ।
ଥରୁଟିଏ ଦେଖାରେ କଲୁ ବାସ ଶାସ୍ୱତ ମନେ
ଯେମିତି  ଜହ୍ନରେ ରହିଛି ଦାଗ ସଦା ଜୀବନେ  ।
ବୁଝି ହୁଏନା କେବେ ଲାଗୁ ପାସେ କେବେ ଦୂରରେ
ତଥାପି ରଖିଛି ଯତନେ ସାଥି ତୋତେ ହୃଦୟରେ  ।
ଅବୁଝା ମୋ ଆଖି ଲୁହ ଯେ ବହେ ତୋ ଅପେକ୍ଷାରେ
ଝରୁଛି ଥମୁଛି ବହୁଛି ମନ ମୋର ଶ୍ରଦ୍ଧାରେ  ।।

ଧର୍ମଗଡ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଅଁଳ



କୌଶିକ ସାହୁ

କଅଁଳ କିରଣ କଅଁଳ ପବନ
ସ୍ୱାସ୍ଥ୍ୟ ପକ୍ଷେ ହିତକର,
କଅଁଳ ବଦନ କଅଁଳ ବଚନ
ଜନମୁଖେ ଶୋଭାକର ।ା

କଅଁଳ ଭୂଷଣ କଅଁଳ ବସନ
ପଦ୍ମିନୀ ନାରୀକୁ ଶୋଭା
କଅଁଳ ମନଟା କଅଁଳ ଭାବଟା
ବନ୍ଧୁତ୍ୱର ଭାବ ଲୋଭା ।ା

କଅଁଳ ପରଶ କଅଁଳ ଉଲ୍ଲାସ
ହୃଦେ ଆନନ୍ଦିତ ଆଣେ
କଅଁଳ ସ୍ୱଭାବ କଅଁଳ ଅଭାବ
ଥାଉଁ ଥାଉଁ ମନ ଜିଣେ ।ା

କଅଁଳ ଯୌବନ କଅଁଳ ସୁମନ
ପ୍ରେମିକା ମନକୁ କିଣେ
କଅଁଳ ଚାହାଁରେ କଅଁଳ ହସରେ
ଉତଫୁଲ୍ଲ ମନ ଆଣେ ।ା

କଅଁଳ ବୁଦ୍ଧିରେ କଅଁଳ ହୃଦରେ
ଗଢିହୁଏ କେତେ କଥା
କଅଁଳ ସାଗର କଅଁଳ ଶରୀର
କରେ ଆଧ୍ୟାତ୍ମିକ ଚିନ୍ତା ।ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୂନ୍ୟତାର ପ୍ରତିଧ୍ୱନି



ଆଲୋକ ଦାଶ

ହଜାରେ ଅତୀତ ଜନମର ଦାଗ ଫୁଟିରହେ ଆକାଶର ତାରାରେ,
କିଏ ଯେ ଥିଲି ମୁଁ ମନେ ପଡେନା;
ପୂର୍ବ ସ୍ମୃତି ପୂର୍ବ ପରିଚୟ ମୁଁ ତ ଜାଣେନା ।

ମୁଁ କଣ ସତରେ ମୁଁ, ନା ଅନ୍ୟ କିଏ; ସେଇ ଏକା ମୁହଁ ବହୁ ଠିକଣାରେ,
ଆସିଛି ଯେମିତି ମିଶି ଯିବି ଠିକ୍ ମାଟି, ପାଣି, ନିଆଁ, ପବନରେ;
ପ୍ରତି ଜନମରେ ନୂତନ ଏକ ଦିନ ସେଇ ପୁରୁଣା ତାରିଖ ଖୋଜି ପାଏ ।

ବହୁ ପଥିକର ଏଇ ଚଲାପଥ ସେଇ ଏକା ଗଳ୍ପ ଶୁଣାଏ,
କିଏ ମୁଁ, କୋଉଠି ମୁଁ ଏ ପ୍ରଶ୍ନର ଉତ୍ତର ଖୋଜି ନ ପାଏ ।

କେତେଥର ଦର୍ପଣକୁ ଭାଙ୍ଗି ଯେବେ ମୁଁ ବୁଲି ଚାହେଁ,
ମୋ ମତରେ ତୁମ ପରି ଆଉ କେହି ନାହିଁ;
ଶୂନ୍ୟତାରୁ କେଜାଣି କିଏ ସେ ମତେ କହିଯାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପେରେମ୍ ପ୍ରତିଜ୍ଞା



ସତ୍ୟ ନାରାୟଣ ମିଶ୍ର

ପ୍ରେମ୍ ନେ ଟିକେ ବି ଉନା ନାଇଁ କରି ଦିଏଁ ବୋଲି ବିଜିଲି ର୍ ଠାନେ କସମ୍ ଖାଇଛେ ଆରୁ ତାର ହାତ ଧରି କରି ଜୀବନ୍ ସାଥି ବନେଇଛେ ଦୁକାନ ୱାଲା ବାଦଲ୍ । ବିଜିଲି ର୍ ସୁନା ବାଗିର ଗୁରୀ ଚେହେରା ଦେଖି ଦେଖି ବଡା ଉସତ୍ ହେସି ସେ । ଯେଭେ ଯାହା ଆଣିଦିଅ ବୋଲି ଫର୍ମାସ କଲେ ସବୁ ଜିନିଷ ଆନି କରି ବିଜିଲି ର୍ ଆଘେ ଗଦେଇ ଦେସି ବାଦଲ ।

ବିଜିଲି ବି ଜୀବନ ନୁ ଅଧିକ ଭଲ ପାଏସି ତାକେ । ସେନ ସରାଗ ପାଇକରି ତାକେ ଲାଗସି ସେ ଇନେ ବାଦଲ ନୁ ସରଗ ର୍ ସୁଖ ପାଇଛେ । ଇନ୍ଦ୍ର ଦେବ ବାଗିର ମୁନୁଷ ତାର୍ ମନ୍ ଜାଣି କରି ପ୍ରେମ ପାରିଜାତ ଟୁକୁନା ଟୁକୁନା ଉଝୁନି ଦଉଛେ ମୁଡ଼େ । ସଜେଇ ଦଉଛେ ଲାଡ଼ ଗେଲ ର୍ ହୀରା ମୋତି ସୁନା ରୁପା ଥି । ପିନ୍ଧେଇ ଦଉଛେ ଦୁହିଁ ବାହା ବନ୍ଧନ୍ କହେନୁର ହାର୍ । ପିନ୍ଧେଇ ଦଉଛେ ସର୍ଦା ଭାଙ୍ଗ ର୍ ହଜାର ହଜାର୍ ଝକମକୀ ପାଟ । ସେ ତାର୍ ରୂପ୍ କେ ନେଇ କରି ରାନୀ ଆରୁ ବାଦଲ ମନ ର୍ ରାଜା ।

ଇ ଜୀବନ ଥି ଆରୁ କେଁ ଦରବ୍ ଖୁଜା ନୁରା ଯେ ?

ବଡା ସୁଖେ ଉଲେ ଦୁଲେ ଗୁଜୁରୀ ଯାଉଥିଲା ସେମାନଙ୍କ ର୍ ଦିନ୍ କାଲ୍ । ହେଲେ, ସବୁ ଦିନ୍ ସମାନ ନି ଯାଏ କି ସବୁ ସକାଲ୍ ଫଟିକ୍ ନାଇଁ ଥାଏ ଜୀବନ ଥି ବେଳେବେଳେ ବିପଦ ଅପଦ୍ ଜକଳେଇ ଆସ ସି । ହେନ୍ତା ଦିନ୍ ଗୁଟେ ଗେସ୍ ଥୁ ଭାତଗଞ୍ଜି ଉଲହାଲା ବେଳେ ଶାଢ଼ୀ ନେ ଜୁଏ ଲାଗି ଗଲା କେ ଦେହେ ପୁଡି କରି ମୁହୁଁ ର୍ ଗୁଟେ ଆଡ଼ ବି ପୁଡି ଗଲା ବିଜିଲି ର୍ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାଦଲ ତାକେ ବଡ଼ ହସ୍ପିଟାଲ ନେ ଭର୍ତି କଲା । ବନେ ଦିନ ଯେ ଉସ ମଲମ୍ ଲାଗଲା । ଘା ସବୁ ସୁଖି ଗଲା, ହେଲେ ଚିନ୍‌ହଆ ରହି କରି ମୁହୁ ଆରୁ ଦେହେ ଅସୁନ୍ଦର ଦିଶିଲା । ରୂପ କେ ନେଇ କରି ବାଦଲ କେଭେଁ ଭି ମନ ଉନା ନାଇଁ କରୁଥାଇ, ଯାହା ହଉ ମୋର୍ ବିଜିଲି କେ ବଞ୍ଚେଇ ଦେଲ ବୋଲି ମହାପୁରୁ କେ ଧଏନ୍ ବାଦ୍ ଦଉଥେ ମନେ ମନେ । ଯେନ୍ ପ୍ରେମ କେ ନେଇ କରି ପ୍ରତିଜ୍ଞା ଥିଲା ସେ ପ୍ରେମ ଭାଙ୍ଗ ହେନ୍ତା ଏକା ଗୁଲା ମୂଲା ରଖି ଥାଏ ନ । ହେଲେ, ବିଜିଲି ମନ ର୍ ଦୁଃଖ । ଭାବୁ ଥେ ମତେ ଦେଖି କରି ବାଦଲ୍ ର୍ ମନ ଭାଙ୍ଗି ଜେଇଥିବା । ଉପୁରେ ଉପୁରେ ଭଲ ପାଉଥିବେ ମୋର୍ ମନ ବୁଝୁବା ବୋଲି । କାହିଁ ମତେ ଏତେ ସରି କଲା ଭଗବାନ୍ ଯେ ?

ଆର ଦିନ ବେଲା କେ ଯାହା ସୁନ୍ଲା ସେନୁ ଆହରୁ ମନ ଖରାପ ହେଲା ତାର୍ । ବାଦଲ ବାଇକ ଅକ୍ସି ଡେଣ୍ଟ ଥି ଖ ଣି ଆ ହେଇ କରି ଆଖି ଫୁଟି ଜେଇଛେ, ଜୀବନ ସାଥୀର୍ ଇ ଅବସ୍ଥା ଦେଖି କରି ମନ ଭିତିର ଟା କାନ୍ଦୁଥିଲା ସିନା, ହେଲେ ଦମ୍ ଦେଇ କରି ବାଦଲ କେ କହୁଥେ "ତମେ କିଛି ଚିନ୍ତା ନାଇଁ କର । ମୁଁ ଇ ଅଛେ ଯେ । ମୁଇ ତମର ସବୁ ସେବା କର୍ମି । କେହେନି ଅସୁବିଧା ନାଇଁ ଜାଣି ପାର ତମେ । ଆମେ ପରେ ଦୁହିଁ ଝନ୍ ପ୍ରେମ ଥି ବନ୍ଧା ଛନ୍ଦା । ମୋର୍ ଆଖିନ ଦୁନିଆଁ ଦେଖବ ତମେ ।"

ସୁଖେ ଦୁଃଖେ ଗଲା ହେନ୍ତା ବଛର କେତେ ବହଲି । ବେମାର୍ ଗୁଟେ ନ ପଡି କରି ବିଜିଲି ଆଖି ମୁଜି ଦେଲା ସବୁ ଦିନର ଲାଗି । ବାଦଲ କେତେ ଟେ କାନଲା ତାକେ ହରେଇ କରି ସୋର ପଡୁଥିବା ନ ଭାବଲା ଆରୁ ଘର ଛାଡ଼ି କରି କେନ୍ ଆଡେ ପଲେଇ ଯିବା କେ ବାହାରିଲା । ତାର ସାଙ୍ଗଟେ ତାକେ କହେଲା "ହଏରେ ବାଦଲ୍ ! ତୁଇ ତ ଦେଖି ନି ପାରୁ । କେନ୍ ଆଡେ ଯିବୁ ଯେ ଚଲବୁ କେନ୍ତା ? ଇନ ଥା, ଆମେ ତତେ ଦେଖମୁ ଚାହେଁମୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବାଦଲ କହେଲା "ନାଇଁ ରେ ସାଙ୍ଗ । ମୁଇ ଅନ୍ଧା ନାଇଁ ସେ । ମୋର୍ ବିଜିଲି ତାର ରୂପ କେ ଦେଖଲେ ମୁଇ ମନ ଦୁଖ କରସି ବୋଲି ଭାବିବା ଆରୁ ତାର୍ ମନ ବି ଉନା କରିଦେବା ଭାବି କରି ନିଜେ ଅନ୍ଧା ହେବାର ନାଟକ କରୁଥିଲି । ପ୍ରେମ ଭାଙ୍ଗ ଥି ଉନା ନାଇଁ କରି ଦିଏ ବୋଲି ପ୍ରତିଜ୍ଞା କରିଥିଲି । ଇହାଦେ ମତେ ଛାଡିକରି, ଦୁଃଖ ର୍ ସମୁଦେରେ ଉହୁଳେଇ କରି ସେ ସରଗ କେ ଗଲା ନ । ଆରୁ ଅନ୍ଧ ନାଟକ କର୍ମି କାଁ କରି  । ଯାଏସି "  ........

ଲେଖା ସତ୍ୟନାରାୟଣ ମିଶ୍ର ସିଂଧେକେଲା ବଲାଙ୍ଗୀର, ୯୫୮୩୭୦୫୯୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ୍



ବିଶ୍ୱନାଥ ଭୁଏ

"କେଲ୍'କେ ମିଟିଂ ହେବା, ଗାଁ ନୁ ସଭେ ଥିବ, ଇଆଡ୍ ସେଆଡ୍ ନେ ଯିବ । ଯାହାର୍ ଯାହାର୍ ରାସନ୍ କାର୍ଡ୍, ଭତ୍ତା କାର୍ଡ୍ ନେ ହଇ ଫରମ୍ କେଲ୍ ପକାବ । ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ ଆଜ୍ଞା କେଲ୍ କେ ଆସ୍'ବେ, ହେଥିର୍ ଲାଗି ସଭେ ନିଜର୍ ନିଜର୍ ସୁବିଧା ଅସୁବିଧା କହେବ ହୋ....... ! " - ଗାଁ ସାରା ବୁଲିବୁଲି ଡକରା ପକଉଛେ ବୁଢ଼ା ଟେ ।

ତାର୍ ଆରଦିନ ମିଟିଂ ହେସି, ମନ୍ତ୍ରୀ ଆଜ୍ଞା ଆସିଛନ୍ । ସଭେ ଫରମ୍ ପକଉଛନ୍, ମନ୍ତ୍ରୀ ଆଜ୍ଞା ଭାଷଣ୍ ଦେଇ ସାର୍'ଲେ କି ସଭେ ସୁବିଧା ଅସୁବିଧା କହୁଛନ୍ । ଯେତେବେଲେ ଷ୍ଟେଜ୍ ଉପ୍'ରୁ ମନ୍ତ୍ରୀ ଉତ୍'ରୁଥିସନ୍ ଇ ସମିଆଁ କେ ତେଇଶ୍ ବଛ୍'ରିଆ ପିଲାଟେ ଆଏସି କାଗଜ୍ ଗୁଟେ ଧରିକରି । ମନ୍ତ୍ରୀ ଆଜ୍ଞା ଦେଖ୍'ସନ୍ ଗୁଟେ ଆପ୍'ଲିକେସନ୍ ଆଏ । ପଢ଼ିକରି ସବୁ ବୁଝି ପକାସନ୍ ଅଉ ତାକର୍ ଅଫିସ୍ କେ ଆସ୍'ବାର୍ ଲାଗି କହେସନ୍ । ସେ ପିଲା ନିଜର୍ ଭାଇର୍ ଚିକିତ୍ସା ଲାଗି ଏପ୍'ଲିକେସନ୍ ଲେଖିଥିସି ମନ୍ତ୍ରୀ ଆଜ୍ଞାଙ୍କୁ ।

ମନ୍ତ୍ରୀ ଆଜ୍ଞାଙ୍କର୍ ଅଫିସ୍ କେ ସେ ପିଲା ପୁହୁଁଚିଯାଏସି । ମନ୍ତ୍ରୀ ଆଜ୍ଞା ସବୁ ବୁଝ୍'ସନ୍ ଅଉ କହେସଁନ୍ ଆସନ୍ତା ମାସର୍ ଚେର୍ ତାରିଖ୍ ଭୁବନେଶ୍ୱର୍ କେ ଆସ୍'ବାର୍ ଲାଗି । ହେନୁ ଭଲ୍ ଡାକ୍'ଟର୍ ନୁ ଦେଖାମା ଆନ୍'ବ କହେସଁନ୍ । ସେ ପିଲା ଆଜ୍ଞାଙ୍କୁ ଭୁବନେଶ୍ୱର୍ ର ଏଡ୍ରେସ୍ ମାଗ୍'ସି । ଆଜ୍ଞାଙ୍କର୍ ପାଖେ ଅଉ ଝନେ ଥିସନ୍ ସେ ସବୁ ଲେଖିଦେସନ୍ । ସେ ପିଲା କାଗଜ୍ ଧରିକରି ଅଫିସ୍ ନୁ ବାହାରୁଥିସି । ଇ ସମିଆଁ କେ ଅଉ ଗୁଟେ ଚିନ୍'ହ୍'ଲା ଆଜ୍ଞାଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭେଟିପକାସି । ସେ ଆଜ୍ଞାଙ୍କୁ ସବୁ କହେସି ଅଉ ସେ ଆଜ୍ଞାଙ୍କର୍ ନମ୍ବର୍ ଭି ଆନ୍'ସି ।

ସେନୁ ସେ ପିଲା ଉଷତ୍ ମନେ ଘର୍'କେ ଯାଏସି । ମନେ ମନେ ଭାବୁଥିସି ତାର୍ ଭାଇର୍ ଚିକିତ୍ସା ହେଇଯିବା । ମନ୍ତ୍ରୀ ଆଜ୍ଞାଙ୍କର୍ ଉପ୍'ରେ ତାର୍ ବିଶ୍ୱାସ୍ ଥିସି । ସେ ଘର୍ କେ ପୁହୁଁଚିସି । ସେନୁ ତାକର୍ ପରା ଲୁକେ ପଚ୍'ରାସନ୍ କେନ୍ତା କେନ୍ତା ହେଲା ବଲି । ସମ୍'କୁ କହେସି ସବୁ କଥା । ପରାର୍ ଲୁକେ କହେସଁନ୍ - ହେ ମନ୍ତ୍ରୀ, ଏମ୍. ଏଲ୍. ଏ. ମାନେ ହେନ୍ତା ସୋଚ୍ କହିଦେସନ୍ ବୋ । ଭୁବନେଶ୍ୱର୍ ଆସ ବଲି କହିଛନ୍ ଯେ କିଏ ଯିବା, କେନ୍'କେ ଯିବା । ସଭେ ହଁସି ମଜାକ୍ ଥି ଇ କଥାକେ ଉଡ଼େଇ ଦେସନ୍ ହେଲେ ସେ ପିଲାର୍ ବିଶ୍ୱାସ୍ ମନ୍ତ୍ରୀ ଆଜ୍ଞାଙ୍କର୍ ଉପ୍'ରେ ଥିସି । ଠିକ୍ ଚେର୍ ତାରିଖ୍ ଆଏବା ବି ସେ ପିଲା ଫୁନ୍ ଫୁନା କର୍'ସି ଗୁଟେ ଆଜ୍ଞାଙ୍କୁ । ସେ ଆଜ୍ଞା କହେସଁନ୍ -" ମନ୍ତ୍ରୀ ଭୁବନେଶ୍ୱର୍ ଗଲେନ, ଯିବ ବେଲେ ଯ.. ! " ସେଦିନ ତାର୍ ଭାଇ ସାଂଗେ ସେ ପିଲା ରାତି ବାହାର୍'ସନ୍ । ହେଲେ ବି ସେ ପରାର୍ ଲୁକେ କହୁଥାନ୍ - "ସୋଚ୍ ସୋଚ୍ ନେ ଯ, କେନ୍'କେ ଯିବରେ,ହଇରାଣ୍ ହେବ ଅଉ ଫିରି ଆଏବ " । ସେ ପିଲା ଅଉ କାହାରିର୍ କଥା ନେ ଶୁନେ । ତାର୍ ବିଶ୍ୱାସ୍ ଥିସି ମନ୍ତ୍ରୀ ଆଜ୍ଞାଙ୍କର୍ ଉପ୍'ରେ । ତାର୍ ଭାଇ ସାଂଗେ ଭୁବନେଶ୍ୱର୍ ଯାଏସନ୍ । ସେନୁ ମନ୍ତ୍ରୀ ଆଜ୍ଞାଙ୍କର୍ ସାଂଗେ ଭେଟ୍ ହେସନ୍ ଅଉ ତାର୍ ଭାଇର୍ ଚିକିତ୍ସା ଲାଗି ନଅ ଦିନ୍ ରହେବାର୍ କେ ପଡ଼୍'ସି । ଖାନାପିନା, ଉଷୋକଷା ଯେତ୍'କି ଭି ଖଏର୍ଚା ହେସି ସବୁ ମନ୍ତ୍ରୀ ଆଜ୍ଞା ଦେସନ୍ । ତାର୍ ପରେ ସେ ବସ୍ ଥି ଯିବାର୍ ଲାଗି ବସ୍ ଭଡ଼ା ଭି ଦେସନ୍ ।

ସେ ପିଲାର ଦୃଢ଼ ବିଶ୍ୱାସ୍ ଥିସି ମନ୍ତ୍ରୀ ଆଜ୍ଞାଙ୍କର୍ ଉପ୍'ରେ । ଇ ବିଶ୍ୱାସ୍ ଲାଗି ବଲି ତାର୍ ଭାଇର ଚିକିତ୍ସା ହେଇ ପାର୍'ସି । ଅଉ ସେମାନ୍'କୁ ଜବାବ୍ ମିଲିଯାଏସି ଯେ - ବିଶ୍ୱାସ୍ ଥିଲେ ସବୁ ହେଇ ପାର୍'ସି ।

କେଶାଇପାଲି, ଭଟଲି, ବରଗଡ଼, ମୋ - ୯୬୭୮୮୭୮୪୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଫଟାକାଁଚ



ଦେବେନ୍ଦ୍ର କୁମାର ନାଏକ

ସମିଆ ଗଡ଼ୁଛେ
ବେଲ ଭି ଭାଗୁଛେ
ବଏସ ଗଡ଼ି ଗଡ଼ି ଯାଉଛେ,
ଯାର ହାତେ ସିଏ
ତିନ ହାତ କାଁଡ଼େ
କାର କଥା କିଏ ଶୁନୁଛେ ।।

କୁହୁଡ଼ି ଢ଼ାପି ହେସି
ଦିନର ବାର ବଜେ
ଲାଲଟିନ ମିଟ ମିଟ ଜଲୁଛେ,
କରମ ଫଟା ହେଲେ
ସଭେ ଅଚିହ୍ନାର ତ
ଆଏଁଖ ମିଟ ମିଟ କରୁଛେ ।।

ଦୁଇ ଦୁଣେ ଚାର
ନାଇଁ ହେବାର ତ
ଫଟାକାଁଚ୍ ରୁବାବ ବଢୁଛେ,
ଗୁନ୍ଦଲା ଗୁପା କରି
ଅକ୍ଷର ଗୋଲ ଯେ
ଲାଇନ ଛାଟ ବାରି ହେଉଛେ ।।

ନାଇଁ ନ ଆଘର
ଭାଗବତ ଟୁଙ୍ଗୀ
କିଏ ଭାଗବତ କଥା ଶୁନୁଛେ ?
ଥୁତୁମ ଥାତୁମ ଏକଲା
ଘୁରମୁସେଇ କରି
ବୁଢ଼ା ଯାହା ଖଞ୍ଜଣି ବଜଉଛେ ।।

ତରଭା, ସୁବର୍ଣ୍ଣପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୋର୍ କରୁଥିମା ସେମାନ୍'କୁଁ



ବିଶ୍ୱନାଥ ଭୁଏ

ପଡୁଥିଲା ଜହଲ୍ ଭିତ୍'ରେ
ଛଟ୍'ପଟ୍ ହେବାର୍ କେ
କିହେ ନେ ଥେଇ ଜହଲ୍ ଭିତ୍'ରୁ
ଆମ୍'କୁ ମୁକ୍'ଲାବାର୍ କେ..... !

ଇ ମାଟି ଜନମ୍ ହେଲେ କେତେ ମୁନୁଷ୍
ଇଂରେଜ୍ ମାନ୍'କର୍ ସାଂଗେ ଲଢ୍'ବାର୍ କେ
କେତେ ଡାକର୍ ଦେଇଗଲେ
ହଁସି ହଁସି ପରାନ୍ କେ.... !
ଦେଶର୍ ସ୍ୱାଧିନ୍ ଲାଗି ବୋଲି
ନେ ଅଟ୍'କି କେଭେ ଆଗ୍'କେ ଯିବାର୍ କେ
ସ୍ୱାଧିନ୍ ଡେନା ଲଗେଇକରି
କର୍'ଲେ କୁଶିଶ୍ ସମ୍'କୁ ବାହାର୍ ବାର୍
କେ .... !

ନେ ପଛାଲେ ଆଗ୍'କେ ଗଲେ
ସ୍ୱାଧିନ୍ ଭାବେ ରହେବାର୍'କେ
ପର୍'ହର୍ ସାଂଗେ ଲଢ଼େଇ କର୍'ଲେ
ନିଜର୍ ଅଧିକାର୍ ପାଏବାର୍ କେ..... !
ଜହଲ୍ ଭିତ୍'ରୁ ଆଜାଦ୍ ଆମେ
କିହେ ନେ ଡରୁଁ କାହାକେ
ସମ୍'କୁ ଶୋର୍ କରୁଥିମା ଯେନ୍'ମାନେ
ଜୀବନ୍ ଦେଲେ ଆମ୍'କୁ ମୁକ୍'ଲାବାର୍
କେ.... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୭୮୮୨୫୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଂଗ୍



ପ୍ରସନ୍ନ ପ୍ରୟାସ ଭୁଏ

ଝିଟି ଦେ ଦିହେଁ ତୋର ପିରତୀ ରଂଗ୍
ଦିହିଟା ଯାଉ ମୋର୍ ଭିଜି,
ଅହଁକାର୍ ଛିଦର୍ ଘୁରନା ଭାବର୍ ରଂଗ୍
ନାଇଁ ପାରେଁ ଯେନତା ବୁଝି ।

ଝିଟି ଦେ ଦିହେଁ ତୋର୍ ମିତ୍ ମଏତର୍ ରଂଗ୍
ରଂଗିଯାଉ ଦିହି ସେ ରଂଗେ,
ମାର୍ ମର୍ଦନ ଗାଲି ଝଗର୍ ଯେନ୍ ଠାନେ
ସାଂଗ୍ ନାଇଁ ହଏଁ ତାକର୍ ସଂଗେ ।

ଝିଟି ଦେ ଦିହେଁ ତୋର୍ ଏକତାର୍ ରଂଗ୍
ସାତ୍ ରଂଗେ ହେଉଁ ବାନ୍ଧି,
ଗୁଟେ ମାଲର୍ ଫୁଲ୍ ସବୁ ଜାତିର୍ ମୁନୁସ୍
ଗୁଟେ ସୁତାଥି ହେଉଁ ଛନ୍ଦି ।

ଝିଟି ଦେ ଦିହେଁ ତୋର୍ ଶାନ୍ତିର୍ ରଂଗ୍
ହଇଯାଉ ମନଟା ଗୁଟା ଘୁଲି,
ରାଗ୍ ରିସମି କେ କୁଶେ ଧୁରେ ଫିକି
ବାହାରୁ ମଧୁର୍ ଭାଷାର୍ ବୁଲି ।

ଝିଟି ଦେ ଦିହେଁ ତୋର୍ ଦେଶପେରେମ୍ ରଂଗ୍
ତନ-ମନ୍-ପରାନ୍ ଯାଉ ଭିଜି,
ମାଁ ମାଏଟ୍ ସେବାଥି ଲାଗି ଥାଉ ଜୀବନ୍
ଯେତେ ଦିନ୍ ପତେ ଥିମା ବାଆଁଚି ।

ରାଞ୍ଚି , ଝାଡ଼ଖଣ୍ଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତିନ ରଙ୍ଗେ ରଙ୍ଗା 'ବୀରଗାଥା'



ମନୋରଞ୍ଜନ
ସୁରୁଜାଳ

ପୁରୁବ ପଛିମ ଉତର ଦଖିନ
ବାଜୁଛେ ବୀର କାହାଲି,
ଭାରତ ମାଟିର ଆକାଶେ ପବନେ
ଉଡେ ଦୁହୁଲି ଦୁହୁଲି । (୧)

ଗେରୁଆ କସିଆ ସୁରୁଜ ରଁଗିଆ
ଉପ୍ରେ କେଡେ ଉବାଗର,
ଫଅକ ପଅଁର୍ରା ମଝେ ଗହଗହ
ତଲେ ସାଗୁଆ ସୁନ୍ଦର । (୨)

ଅହିଁସା ମନ୍ତର ଶିଆଁତିର ବାର୍ତ୍ତା
ଅଶୋକ ଚକରି ମଝା,
ଭାରତ ମାଆଁର ଜଏଗାନ ସୁରେଁ
ଫରଫର ଉଡେ ଧଜା । (୩)

ହିମାଲଏ ଯାର ମୁଡର ମୁକୁଟ
ପାଦ ଧୁଏ ସମଦର,
ବନ ପରବତ କେଡେ ଉସନାକି
ଉସତ ପରାନ ଭିତର । (୪)

ଭୁଲି ନାଇଁ ଯାଇ ପାସରି ଇ ମନୁ
ଭିଜା ମନ କରପନ,
ରକତର ହୁରି ନି ଡରି ବଏରି
ମୁରଛି ଦେଇ ଜୀବନ । (୫)

ହଁସି ହଁସି ଜାନ ରଖି ମାଁର ମାନ
ଲାଏକ ପୁଓର କଥା,
ରକତର ମୋଲ ଶୁଇ ତାର କୋଲ
ଲେଖି ଗଲେ ବୀର ଗାଥା । (୬)

ତିନ ରଁଗେ ରଁଗା ଛାତିଥି ହଁସବା
ବୀର ସଏନିକ କହେ,
ମାରମି ମରମି ତୋର ଲାଗି ମାଆଁ
ଗାଇ ତୋର ଜଏ ଜଏ । (୭)

ଅଇଁଲାପାଲି, ଧମା,ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ୍



ଭକ୍ତବନ୍ଧୁ ସାହୁ

ବିଶାସ୍ ଲାଗି ପର୍ ଲୁକର୍ କଥା
ଲାଗୁଥିସି କେଡେ ମିଠା
ନିଜର୍ ଲୋକ୍ ପର୍ ହେଇ ଯାଏସି
ଛିଁଡଲେ ବିଶାସ୍ ଅଁଠା ।

ଫୁଲ୍ ସିଁଦୁର୍ ଚନନ୍ ଲେପି ଦେଲେ
ଗଛ୍ ହେସି ମାହାପୁରୁ
ଷଁଣ୍ ସାଁପ୍ କେଛୋ ଗାଏ ଚେରେ କେ ବି
ମୁଡିଆ ମାର୍ସନ୍ ଦୁରୁ ।

ପିନ୍ ପିନା ଚକୁ ଧର୍ ସି ଭଁଣାରି
ନାଇଁ ଲାଗେ ତାକେ ଡର୍
ମୁହୁଁ ବେଁକ୍ ପାଖେ ଦଁତେଇ ଦେସନ୍
ଖୁରି ଦେସି ଚର୍ ଚର୍ ।

ଉଛୁଲି ଯଉଥିସି ନଧି ପାଏନ୍
ଘଁଟୁଆଲ୍ ନେସି ବାହି
ବିଶାସ୍ ଲାଗି ଡଂଗେ ଲୋକ ବସେଇ
ଖଁଏଡ୍ ଥି ଦେସି ଥୁଇ ।

ବିଶାସ୍ ଲାଗି ମନ୍ଦିର ମସଜିଦ୍
ମଠ୍ ଗୁରୁଦ୍ୱାର୍ ଯେତେ
ନର୍ଧି ଯାଏସନ୍ ବିପଦେ ଆପଦେ
ସୁଖ୍ ମିଲୁ ବଲି ସତେ ।

ବିଶାସ୍  ଥିସି ଜହଁ ମା ବୁଆ ଠାନେ
ଛୁଆ ଖେଲୁଥିସି କୁଲେ
କାନ୍ଦିବୁବି କରି ଘଁଚିଟାନି ହେସି
ଡଂଝା କିହେ କୁଲେ ନେଲେ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଶାସ୍ ବଲେ ଛୁଟାକୁଲା ମୁନୁଷ୍
ଚଢିଦେସି ପରବତ୍
କଲା ପଥର୍ ଟେ ମାହାପୁରୁ ହେସି
ପିଇଦେସି ସରବତ୍ ।
ବିଶାସ୍ ଲାଗି ତ ବାଁଭନ ଗୁସେଇଁ
ବରତ୍ ପୁଜା କରମ୍
ହଜିଲେ ବିଶାସ୍ ମନ କରପନୁ
ଫସକା ଦାନ୍ ଧରମ୍ ।
ବିଶାସ୍ ଲାଗି କୁଆଁରି ଟୁକେଲ ଟେ
ମନ୍ ତନ୍ ଦେଇ ଦେସି
ଅଜନା ଗାଆଁର୍ ଅଚିଁନା ପିଲାକେ
ଘଏଁତା ବନେଇ ନେସି ।
ଘର୍ ଭାଂଗିଗଲେ ଯେଭେଁ ମନ୍ କଲେ
ବନେଇ ହେସି ତ ଥରେ

ବିଶାସ୍ ଗୁଏଁଠ ଛିଁଡିଗଲେ ମନୁ
ଆରୁ କେଭେଁ ନାଇଁ ଯୁରେ ।
ପୁଡଲା ତୁନେ ଯେତେ ମସଲା କଷି
ଯେତେ ପରଝନା ଦେଲେ
ପୁଡା ଗନ୍ଧ୍ ବାସ୍ କେଭେଁ ନାଇଁ ଯାଏ
ତୁନ୍ ସୁଆଦ୍ ନି ମିଲେ ।
ବିଶାସ୍ ରଂଗ୍ କେ ସରସରା ମାଖି
ହୁରଦ୍ କେ କଲେ ଖୁଲା
ଭାବ୍ ଦିଆନିଆ ହଁମେସା ରହେବା
ମନ୍ ଭିତର୍ କଲେ ମେଲା ।
ବିଶାସେ ଚାଲିଛେ ସାରା ସଁସାର ହୋ
ବିଶାସ୍ ସୁଖର ମୁଲ୍
ବିଶାସ୍ ବଂଧନ୍ ଭାଂଗିଗଲେ ଥରେ
ଭାବ ଦିଆନିଆ ଗୁଲ୍ ।

କପସିଲା(ତୁଷୁରା),ବଲାଙ୍ଗୀର
ମୋନଂ-୯୯୩୮୧୯୯୪୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋର୍ ଗାଁର୍ ଢଙ୍ଗ



ଲିପ୍ସା ଗଡ଼ତିଆ

ଆମର୍ ଗାଁ ଥିଲା ମାଏଟ୍
ଏଖନ୍ ଅଛେ ସଡ଼କ ପିଚୁ
ଚାଲ୍ ଯିମା କାମ କରି
ଏଖନ୍ କିଏ ପାରେ ବୁଆ ।
ଆଘର୍ ଜୁଖା ପିଠା ଆର୍
ଏଖନ୍ ର ଚାଉମିନ୍ ମ୍ୟାଗି
ଜର ହେଉଥିଲେ ବଇଦ ବୁଢା
ଏଖନ୍ ବଡ଼ ବଡ଼ ଡ଼ାକ୍ତରଖାନା ।
ଭାଗବତ ଗୁଡ଼ି ପଢୁଥିଲେ ବୁଢା ବୁଢ଼ୀ
ଏଖନ୍ ପଢୁଛନ୍ ଗାଏ ଗରୁ
କେନାଲେ ଶୁଭୁଥିଲା କେଲର୍ କାଲର୍
ଏଖନ୍ ଘର୍ ର ଟେପର ଶବଦ ।
ଦଶ ପଇସିଆ ବିସ୍କୁଟ ଆର କମଳା ଚକଲେଟ
ଏଖନ୍ ଓରିଓ ଆର ଫାଇଭ ଷ୍ଟାର୍
କୋଷ କୋଷ ରାସ୍ତା ସାଇକେଲ ଥି
ଏଖନ୍ ହେବା ପ୍ରେଷ୍ଟିଜ 'ଲୋ ' ।
ଶୁଭୁଥିଲା ଛୁଆ ଙ୍କର ବିଷଅମୃତ
ଏଖନ୍ ମୋବାଇଲ ର୍ ଫ୍ରି-ଫାୟାର
ସେ ସମିୟା ର୍ ଶାଗ ପଖାଳ
ଏଖନ୍ ର ଚିଲ୍ଲୀ ଚିକେନ୍ ।
ସେ ସମିୟା ବହି ବସ୍ତାନୀ
ଏଖନ୍ ର ଇଷ୍ଟାଇଲ ବେଗ୍
ସେ ଖୁସି ମନ୍ ଭିତରୁ
ଏଖନ୍ ରୁ ଉପର୍ ମନିଆ ହସି ।

ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୂଦୋ ଅଏଲା (ଭାବର୍ ତିହାର୍)



ଦିନେଶ୍ ମେହେର

ଅସାର୍ ସରାବନ୍ ପରେ
ଇହାଦେ ଭୂଦୋ ଆଏଲା
ନୂଆଁଖାଇ ଆମର୍ ବଡ଼ଖା ତିହାର୍
ମନ୍ କେ ଉସତ୍ କଲା

ଆଇଛେ ଆମର୍ ନୂଆଁଖାଇ
ନୂଆଁ ଆଶା ନୂଆଁ ସପନ୍ ନେଇ
କେତେ ବନ୍ଧନ୍ ଦେସି ଲଗେଇ
ଭାଇ ବନ୍ଧୁ ଭାବ୍ କେ ନେଇ ।

ବଛର୍ କେ ଗୁଟେ ପୂଜା ଆମର୍
ନୂଆଁଖାଇ ଆମର୍ ବଡ଼ଖା ତିହାର୍
ଲାଗୁଥିସି କେତେ ଉଷତ୍ କେତେ ଚଁଚଲ୍
ଆଏଲେ ଆମର୍ ଇ ବଡ଼ଖା ତିହାର୍ ।

କଦମ୍ବ ଫୁଲ କେ ମଲି ଫୁଲ
ମହକୁ ଥିଶି ଦୁନିଆଁ ସାରା
ଲିପାପୋଛା ସଙ୍ଗେ କେତ୍ ନି କେତେ
ଘର୍ ହଉରେସି ଛେରା ପହଁରା ।

ବେଲ୍ ଉଦାର୍ ବେଲ୍ କେ
ଭୂଆସେନ୍ ବୁହି କରି ଗରିଆର୍ ପାଏନ୍
ନେସି ଘର୍ କେ ଧୁଇବର୍ ଲାଗି
ଇଷ୍ଟଦେବୀ ଭାବର୍ ଚରନ୍ ।

ନୂଆଁଖାଇ ଦିନେ ଭେଟ୍ ଘାଟ୍
ପରା କେ ପରା ବୁଲି
ବନ୍ଧୁ ବରଗ୍ କେ ଜୁହାର୍ ମୁଡ଼ିଆ ମାରି
ଦୁଷ୍ମନି କେ ଯାଏସନ୍ ଭୁଲି ।

ମାଁ ସମଲେଇ କରୁଣା ସଙ୍ଗେ ଆଇଛେ
ନୂଆଁଖାଇ ଆମର୍ ଭାଇଚାରା ର୍ ତିହାର୍
ନୂଆଁ ଧାନ୍ ବିଜେ ନୂଆଁ ମାନ୍ ସଙ୍ଗେଁ
ସମ୍ କେ ମୋର୍ ନୂଆଁଖାଇ ଜୁହାର୍ ।

ପଲାସ୍, କଳାହାଣ୍ଡି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବରଷା ରାନୀ



ରାଧାମୋହନ ପୂଜାହାରୀ

କଲା ବାଦଲ୍ ଦେଖ୍ ଗରଜୁଛେ
ବିଜଲୀ ରାନୀ କେନ୍ତା ଚମକୁଛେ,
ଆସୁଅଛୁ ବୋଲି ତୁଇ ଗୋ ବର୍ଷା
ମନ୍ ଉଛୁଲ୍ ମୁଛୁଲ୍ ହଉଛେ ।(୧)

ତୋର୍ ବିନେ ଇ ବସୁଧାର୍ ମନ୍
ଖରେ ସିଝିଗଲା ତା'ର୍ ଯୌବନ୍,
ତୋ'ର୍ ଆଗମନେ ହଏଗୋ ରାନୀ
ମହକି ଉଠୁଛେ ଇ ଭୂଇଁବନ୍ ।(୨)

ବେଗି ବେଗି ଆ' ଗୋ ବରଷା ରାନୀ
ପବନେ ଉଡ଼େଇ ପନତ୍ କାନି,
ଲାଘବ୍ କର୍ ଗୋ ପ୍ରାଣୀର୍ ଦୁଃଖ୍
ବରଷି ଯାଆ ଗୋ ଦେ' ତୋ'ର୍ ପାନି ।(୩)

ତୁଇ ମଉସୁମୀ ତୁଇ ବରଷା
ତୋତେ ଦେଖି ଖୁସ୍ ହଉଛେ ଚଷା,
ତା'ର୍ ମନେ ନୂଆ ଉନ୍ମାଦନା ଟେ
ଭରିକରି ହଅ ତା'ର ଭରସା ।(୪)

ତୋ'ର୍ ଲାଗି ଗୋ ଇ ଧରତି ରାନୀ
ସୁଖ୍ ଦେସି ଲୋକ୍ ମନ୍ କେ ଜାନି,
ଧରା ଧାମେ ଆସି ତୁଇ ଗୋ ତା'ର୍
ଜୀବନେ ଭରି ଦେ ନୂଆ ଯବାନୀ ।(୫)

ଗ୍ରାମ : ବୀରମହାରାଜପୁର
ଜିଲ୍ଲା : ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ : ୮୯୧୭୪୧୭୮୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀକାରୀ



ଦେବଦତ୍ତ ସନ୍ସ୍

( ଭାଗ ୯ )

ଛାଡ଼ ହୋ ଇକଥା ଅର୍ ଗୁଟେ କଥା
କହୁଛେଁ ଶୁନ୍ବ ଘାଏ,
ମଦ୍ ପିଆ କଥା କହେମି କହେଲିଁ
ଭୁଲିଁ ଥିଲି ଶୁନ ଘାଏ ।
ବିହା ଯେ ହେବାର୍ ପୁର୍ବୁ ତ ଘାଏ
ଟିକେ ରଚେ ପିଉଥଲିଁ,
ବିହା ପରେପରେ ମାହେଝି କେ ଦେଖି
ପୁରା ତାକେ ଛାଡ଼ି ଦେଲିଁ ।
ନେଇଁ ଛାଡ଼ିଥିତିଁ ଯେନ୍ ଦିନ ପିଇ
ଘର୍ ଫିର୍ଲେ କନିଆ,
କଥା ନେଇ ହୁଏ ଚୁପ୍‌ଚାପ୍ ଥାଏ
କଥା ଯାର୍ ମଗ୍ନିଆ ।
ଦିନେ ଅଧେ ଭାଲ୍ ହେନ୍ତା କର୍ତା
ପିଇ ଦେଲେ ଚୁପ୍ ଚାପ୍,
କଥା ନେଇ ହୁଏ ପାଖେ ପାଖେ ଥାଏ
ଲାଗ୍ଲା ମତେ ବେଖାପ୍ ।
ନେଇ କହୁଥାଇ କଥା ସିଏ କାହିଁ
ନେଇ ହେବାର୍ ଭାବ୍ଲିଁ,
ମଦ୍ ପଉଥିଲିଁ ଧିରେ ଧିରେ କରି
ହେତାକେ ପୁରା ଛାଡ୍ଲିଁ ।
ମଦ୍‌ କ କହୁଛେଁ ମାହାଝି କେ ନେଇଁ
ହେତାକେ କାଏଁ ଛାଡ୍ଲିଁ,
ତାକେ ପରେ ମୁଇଁ ବିହା ହେଇଛେଁ ହୋ
ଭୁଲି କାଁ ଦମ୍ ଧର୍ମି ।
ମଦ୍ ଛାଡ଼ି ଦେଲିଁ ପରେ ପଚାର୍ଲିଁ
ମାହାଝିକେ ମୋର୍ କଥା,
କାଏଁ ଯେ ସୁହୁଜେ ମଦ୍ ପିଇଥିଲେଁ
ନେଇ ହଉଥାଇ କଥା ।
ଲାଜେ ଡରେଁ ଘାଏ ମତେ ଦେଖୁଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାତିକା ସାଙ୍ଗେ ତ ସୁଇ,
ଡିବ୍ରି ଜଲୁଥାଏ ଧିରେ କହୁଥାଏ
ଛାଡିନ ମୁଡ୍‌କେ ଥୁଇ ।
ମଦ ପଇଥିଲେ ଉତ୍ତର୍ ଫିରାଲେ
ଲାଗ୍ଲୁ ବଏଲା କଳି,
"ମଧୁଆର୍ କାଏଁ ସୁଓର୍ ସୁତର୍
ଯେ ତାର୍ନୁ କିଏ ବଳି ।
ପିଇଥିଲେ ସିଂହ ରଜାର୍ ବାଗିର୍
ଠାନି ତାର୍ ବଢ଼ିଥିସି,
ଟିକେ ରଚେ କଥା ଧରିକରି କାଏଁ
ସୁହୁଙ୍ଖେ ପିଠ୍ ସିଙ୍ଖ୍‌ସି ।
ହେଥିର୍ ଲାଗିରେ ପିଇଥିଲେ ତୁମେ
କଥା ପଦେ ନାଇଁ ହୁଏଁ,
ଯାହା କହେଲେରେ ସବୁ ମାନି କରି
କଥା ପଦେ ନାଇଁ କୁହେଁ ।"
ତାର୍ କଥା ଶୁନି ହସିଁ ତ ପକାଲିଁ
ଜାନ୍ଲିଁ ସେ ହୁସିଆର୍,
ମଦ୍ ନେଇଁ ପିଏଁ ପୁରା ଛାଡ଼ିଦେଲିଁ
ଜାନ୍ଲିଁ ତାର୍ ବିକାର୍ ।

ସେହି ଦିନୁଲେ ମଦ୍ ତ ଛାଡ଼ିଛେଁ
ଆର୍ ନି ପିଇବାର୍,
ସତ୍ କହୁଛେଁ ହୋ କାଏଁ ମିଛ କଥା
କହେମି ଯେ ଦର୍କାର୍ ।
ହେଦେହେଦେ କାଣା ଗୁଟେ ବାଗିର୍ ତ
ଦିଶୁଛେ ପଡ଼ିଆ ପାଖେଁ,
ଘାସ୍ ବହଲିଆ ପୁରା ଠିଆଠିଆ
ଗଛ୍ ଘେରା ଚାରି ପାଖେଁ ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।
ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।
ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ ।

ଶ୍ରୀମଦ୍ଭାଗବତ ମହାପୁରାଣର ୬ଷ୍ଠ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -



ସହଦେବ ପ୍ରଧାନ

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୬ଷ୍ଠ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ଷଷ୍ଠ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୧୯ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରା ଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ଷଷ୍ଠ ସ୍କନ୍ଧ - ୧୯ ଟି ଅଧ୍ୟାୟ (ପୋଷଣ) ଭାଗବତର ୪ର୍ଥ ଲକ୍ଷଣ

| ସଂଖ୍ୟା | ଅଧ୍ୟାୟ | ବିଷୟ ବସ୍ତୁ |
|---|---|---|
| ୧ | ପ୍ରଥମ | ଅଜାମିଲୋପାଖ୍ୟାନେ ବିଷ୍ଣୁ ଯମଦୂତ ସଂବାଦ । |
| ୨ | ଦ୍ୱିତୀୟ | ବିଷ୍ଣୁଦୂତଙ୍କ ଦ୍ୱାରା ଭାଗବତ ଧର୍ମ ନିରୂପଣ ଓ ଅଜାମିଳର ପରମଧାମ ଗମନ । |
| ୩ | ତୃତୀୟ | ଯମରାଜା ଓ ଯମଦୂତଙ୍କ ସଂବାଦ - ଯମଙ୍କ ଦ୍ୱାରା ବିଷ୍ଣୁ ମହିମା ବର୍ଣ୍ଣନ । |
| ୪ | ଚତୁର୍ଥ | ଭଗବାନଙ୍କୁ ଦକ୍ଷଙ୍କ ସ୍ତୁତି ଓ ଭଗବାନଙ୍କ ପ୍ରାକଟ୍ୟ (ହଂସଗୁହ୍ୟ ସ୍ତବ) । |
| ୫ | ପଞ୍ଚମ | ନାରଦଙ୍କ ଉପଦେଶ (ପ୍ରବର୍ତ୍ତନା)ରେ ଦକ୍ଷ ପୁତ୍ରଙ୍କର ବୈରାଗ୍ୟ ଏବଂ ନାରଦଙ୍କୁ ଦକ୍ଷଙ୍କ ଅଭିଶାପ । |
| ୬ | ଷଷ୍ଠ | ଦକ୍ଷ ପ୍ରଜାପତିଙ୍କ ଷାଠିଏ କନ୍ୟାଙ୍କର ବଂଶ ବିବରଣ । |
| ୭ | ସପ୍ତମ | ଇନ୍ଦ୍ରଙ୍କ ଦ୍ୱାରା ଅପମାନିତ ବୃହସ୍ପତିଙ୍କ ଆତ୍ମଗୋପନ ଓ ଦେବଗଣଙ୍କର ବିଶ୍ୱରୂପଙ୍କୁ ଦେବଗୁରୁରୂପେ ବରଣ । ବିଶ୍ୱରୂପାଙ୍କ ଇନ୍ଦ୍ରଙ୍କୁ ବୈଷ୍ଣବୀ ବିଦ୍ୟା ଦାନ । |
| ୮ | ଅଷ୍ଟମ | ଇନ୍ଦ୍ରଙ୍କୁ ବିଶ୍ୱରୂପଙ୍କର ବର୍ମ ନାରାୟଣ ମନ୍ତ୍ର ପାଠ ଓ ସାଧନା କରିବା ପଦ୍ଧତି ଉପଦେଶ ପ୍ରଦାନ । |
| ୯ | ନବମ | ବିଶ୍ୱରୂପ ବଧ; ବୃତ୍ରାସୁରଠାରୁ ଦେବଗଣଙ୍କ ପରାଜୟ ଏବଂ ଭଗବାନଙ୍କ ପ୍ରେରଣାରେ ଦେବତା ମାନଙ୍କର ଦଧୀଚି ଋଷିଙ୍କ ପାଖକୁ ଗମନ । |

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୦ ଦଶମ ଦଧୀଚିଙ୍କ ଅସ୍ଥିରେ ବଜ୍ର ନିର୍ମାଣ ଓ ଇନ୍ଦ୍ର-ବୃତ୍ରାସୁର ଯୁଦ୍ଧ ।

୧୧ ଏକାଦଶ ବୃତ୍ରାସୁରର ବୀରବାଣୀ ଓ ଭଗବାନଙ୍କ ପ୍ରତି ପ୍ରାର୍ଥନା – ବୃତ୍ରର ଇନ୍ଦ୍ରଙ୍କୁ ପ୍ରାର୍ଥନା ପୂର୍ବକ ଉପଦେଶ ଓ ଅଶ୍ୱମେଧ ଯଜ୍ଞ ସମାପନ ।

୧୨ ଦ୍ୱାଦଶ ବୃତ୍ରାସୁର ବଧ ।

୧୩ ତ୍ରୟୋଦଶ ବ୍ରହ୍ମହତ୍ୟା ଭୟରେ ଇନ୍ଦ୍ରଙ୍କର ପଳାୟନ ଓ ହରି ଆରାଧନାରୁ ପାପ ମୋଚନ ।

୧୪ ଚତୁର୍ଦ୍ଦଶ ବୃତ୍ରାସୁରର ପୂର୍ବଜନ୍ମ ଚରିତ୍ରକ୍ରମେ ଚିତ୍ରକେତୁ ଉପାଖ୍ୟାନ । ଚିତ୍ରକେତୁର ପୁତ୍ର ଜନ୍ମ ଓ ମରଣ ।

୧୫ ପଞ୍ଚଦଶ ଚିତ୍ରକେତୁଙ୍କୁ ଅଙ୍ଗିରା ଓ ନାରଦଙ୍କ ସାନ୍ତ୍ୱନା ।

୧୬ ଷୋଡଶ ଚିତ୍ରକେତୁର ବୈରାଗ୍ୟ ଓ ସଙ୍କର୍ଷଣ (ପରମାତ୍ମା) ଦର୍ଶନ ।

୧୭ ସପ୍ତଦଶ ଚିତ୍ରକେତୁଙ୍କୁ ପାର୍ବତୀଙ୍କ ଅଭିଶାପ ଓ ବୃତ୍ରରୂପେ ରୂପାନ୍ତର ବା ଜାତ

୧୮ ଅଷ୍ଟାଦଶ ଦିତିଙ୍କ ଗର୍ଭରୁ ମରୁଦ୍ଗଣଙ୍କ ଉତ୍ପତ୍ତି । ଦିତି ବଂଶ ବର୍ଣ୍ଣନ ।

୧୯ ଊନବିଂଶ ପୁଂସବନ ବ୍ରତ ବିଧି – ସ୍ୱାମୀ ଯଶ, ଉତ୍ତମ ପୁତ୍ର, ସ୍ୱାମୀ, ସୌନ୍ଦର୍ଯ୍ୟ ପ୍ରାପ୍ତି, ରୋଗରୁ ମୁକ୍ତି ନିମନ୍ତେ ।

୬ଷ୍ଠ ସ୍କନ୍ଧ ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ ଅଜାମିଳ ଉପାଖ୍ୟାନ ଉପକ୍ରମ ବର୍ଣ୍ଣନା କରାଯାଇଛି ।

ମନ ବଚନ ଶରୀରରେ । ଯେ ପ୍ରାଣୀ ପାପ କାର୍ଯ୍ୟ କରେ । ।
ଇହଲୋକରେ ଦେହ ଧରି । ଯେବେ ପ୍ରାୟଶ୍ଚିତ୍ତ ନ କରି । ।
କି ଅବା ପରମ ଈଶ୍ୱରେ । ପୂଜା ନ କରେ ଭକ୍ତିଭରେ । ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଅଥବା ନାମ ସଂକୀର୍ତ୍ତନେ । ଶ୍ରଦ୍ଧା ନ କରେ ଭଗବାନେ । ।

ନିଶ୍ଚୟେ ଯାତନା ନରକ । ସେ ପ୍ରାଣୀ ଲଭନ୍ତି ଅନେକ । ।୬/୧/୭

ଯେବଣ ପ୍ରକାରେ ଭିଷକ । କରଇ ଚିକିତ୍ସା ଅନେକ । ।

ରୋଗର ଗୁରୁ ଲଘୁ ଜାଣି । ନିଦାନ କଥା ପରିମାଣି । ।

ତେମନ୍ତ ମରଣର ଆଗେ । ସଂଯତମନା ହୋଇ ବେଗେ । ।

ପାପର ନିବାରଣ ଅର୍ଥେ । କରିବ ସଦା ପ୍ରାୟଶ୍ଚିତ୍ତେ । ।୬/୧/୮

କାନ୍ୟକୁବ୍ଜ (ଆଧୁନିକ କନୌଜ) ନଗରରେ ଜଣେ ଦାସୀପତି (ଶୂଦ୍ରାକୁ ରକ୍ଷିତା ସ୍ତ୍ରୀ କରିଥିବା) ବ୍ରାହ୍ମଣ ରହୁଥିଲା । ତାର ନାମ ହେଉଛି ଅଜାମିଳ । ସେ ଦାସୀର ସଂସର୍ଗରେ ଏତେ ପରିମାଣରେ ଦୂଷିତ ହୋଇଯାଇଥିଲା ଯେ ତାର ସଦାଚାର ନଷ୍ଟ ହୋଇଯାଇଥିଲା । ଚୋରୀ, ଡକାୟତି, ଲୁଣ୍ଠନ ତଥା ଜୁଆଖେଳରେ ସେ ଏତେ ପରିମାଣରେ ମଜ୍ଜି ଯାଇଥିଲା ଯେ, ତାକୁ କୌଣସି ପ୍ରକାର ସଦାଚାର ଭଲ ଲାଗୁ ନଥିଲା । ଏପରି ଭାବରେ ସେ ଅତ୍ୟନ୍ତ ନିନ୍ଦନୀୟ କର୍ମ କରି କୁଟୁମ୍ବ ପୋଷୁଥିଲା ଓ ଅନ୍ୟମାନଙ୍କୁ ବହୁ ଦୁଃଖ ଦେଉଥିଲା । ଦାସୀର ପୁଅମାନଙ୍କୁ ସେ ଅତ୍ୟନ୍ତ ସ୍ନେହ କରୁଥିଲା । ଦାସୀ ଜଣକର ୧୦ଟି ପୁତ୍ର ଥିଲେ । ସାନ ପୁଅଟିର ନାମ ନାରାୟଣ ଥିଲା । ସେ ସାନପୁଅକୁ ବହୁତ ସ୍ନେହ କରୁଥିଲା । ସେ ୮୮ ବର୍ଷ ବୟସରେ ପହଞ୍ଚିଗଲା । ମୃତ୍ୟୁ ବେଳ ଆସି ପହଞ୍ଚିଲା । ତାକୁ ନେବା ପାଇଁ ୩ ଜଣ ଯମଦୂତ ଆସିଲେ । ସେମାନଙ୍କୁ ଦେଖି ଭୟଭୀତ ହୋଇ ଅଜାମିଳ ନିଜ ଆଦରର ପୁତ୍ର ନାରାୟଣ ନାମ ଧରି ଡ଼ାକ ଦେଲା । ବିଷ୍ଣୁଦୂତମାନେ ସେମାନଙ୍କର ପ୍ରଭୁଙ୍କ ନାମ ଉଚ୍ଚାରଣ କରିଥିବାରୁ ତାକୁ ବୈକୁଣ୍ଠପୁରକୁ ନେବାକୁ ଆସିଲେ । ଏଣେ ଯମଦୂତମାନେ ତାକୁ ଯମପୁରକୁ ନେବାକୁ ଚାହିଁଲେ । ବିଷ୍ଣୁଦୂତ ଅର୍ଥାତ୍ ଧର୍ମଦୂତ ଓ ଯମଦୂତଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଲା । ସମଗ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଥମ ଅଧ୍ୟାୟରେ ଯମଦୂତ ମାନଙ୍କ ଦ୍ୱାରା ଅଜାମିଳର ସମ୍ପୂର୍ଣ୍ଣ ଜୀବନ ପାପ କର୍ମଲିପ୍ତ ଥିବା ବିଷୟ ବର୍ଣ୍ଣନା ହୋଇଛି ।

ଦ୍ୱିତୀୟ ଅଧ୍ୟାୟରେ ବିଷ୍ଣୁଦୂତମାନଙ୍କ ଦ୍ୱାରା ଭାଗବତଧର୍ମ ନିରୂପଣ ଓ ଅଜାମିଳର ପରମଧାମ ଗମନ ବିଷୟ ବର୍ଣ୍ଣିତ । ବିଷ୍ଣୁଦୂତମାନେ ଅଜାମିଳର ନାରାୟଣ ଡ଼ାକ ଦ୍ୱାରା ପୂଣ୍ୟ ଅର୍ଜନ ବୋଲି ଦର୍ଶାଇଛନ୍ତି । ତେଣୁ ଯମରାଜ ତାକୁ ଦଣ୍ଡ ଦେବା ପରିବର୍ତ୍ତେ ପୂଣ୍ୟାତ୍ମା ରୂପେ ବିବେଚିତ କରିବା ଉଚିତ ବୋଲି କହିଛନ୍ତି । ଯମ ନିଜେ ରାଜା ହୋଇ ପ୍ରଜା ଅଜାମିଳ ପ୍ରତି କିପରି ଏପରି ଆଚରଣ କରୁଛନ୍ତି ବୋଲି ଯୁକ୍ତି କରିଛନ୍ତି । ରାଜା ହୋଇ ଏପରି ଆଚରଣ କଲେ ଲୋକେ ବି ସେହି ଅମାର୍ଗରେ ଯିବେ ବୋଲି କହିଛନ୍ତି । ଯଥା -

ମହତେ ଯାହା ଆଚରିବେ । ଇତରେ ତାହାହିଁ କରିବେ । ।
ସେ ଯାହା ପ୍ରମାଣ କରିବେ । ଲୋକେ ସେ ପଥେ ପ୍ରବର୍ତ୍ତିବେ । ।୬/୨/୪

ଯେତେବଡ଼ ପାପୀ ହେଉନା କାହିଁକି ଭଗବାନଙ୍କ ନାମ ଉଚ୍ଚାରଣ କରିଦେଲେ ତାର ସମସ୍ତ ପାପ ଖଣ୍ଡନ ହୋଇଯାଏ ।

ଯେ ବ୍ରହ୍ମହତ୍ୟା ମଦ୍ୟପାନ । ଗୁରୁପତ୍ନୀ ଅଭିଗମନ । ।
ମିତ୍ର ବିଷୟେ ଅପରାଧ । ସ୍ତିରୀ ରାଜ ପିତୃ ଗୋ ବଧ । ।
ଏ ଆଦି ପାପ ଯେ ଅପରେ । ସର୍ବ ଦୁରିତ ନିଶ୍ଚେ ହରେ । ।
ପ୍ରାୟଶ୍ଚିତ୍ତ ସର୍ବ ପ୍ରାଣୀଙ୍କର । ନାମ ଉଚ୍ଚାରଣ ବିଷ୍ଣୁର । ।
ଯାହାର ବିଷ୍ଣୁଭାବେ ମତି । ପାପରେ ଗ୍ରସ୍ତ ସେ ନୁହନ୍ତି । ।୬/୨/୯, ୧୦

ସଙ୍କେତରେ, ପରିହାସରେ, ବା ଗୀତାଳାପରେ ବି ଯଦି କେହି ଭଗବାନଙ୍କ ନାମ ଧରେ, ତାର ମୁକ୍ତି ହୋଇଯାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଙ୍କେତ ପରିହାସ ବେଳେ । ଗୀତାଳାପରେ ଯେବେ ହେଲେ ।।
ବୈକୁଣ୍ଠ ନାମ ଉଚ୍ଚାରଇ । ତାର କଳୁଷ ନ ରହଇ ।।
ପତନ ସ୍ଖଳନ ଭଗ୍ନରେ । ନାନାପ୍ରକାରେ ଯେ ସୁମରେ ।।
ତୁଣ୍ଡେ ଉଚ୍ଚାରେ ହରିନାମ । ତାହାକୁ ନ ଦଣ୍ଡଇ ଯମ । ।୬/୨/୧୪,୧୫

ଅଜାମିଳ ପରି ପାପୀ ମୃତ୍ୟୁକାଳରେ ପୁଅକୁ ଡ଼ାକିବାକୁ ଭଗବାନଙ୍କର ନାମ ଉଚ୍ଚାରଣ କରିଥିଲା, କିନ୍ତୁ ତାକୁ ବି ବୈକୁଣ୍ଠପ୍ରାପ୍ତି ହୋଇଗଲା ।

ତୃତୀୟ ଅଧ୍ୟାୟରେ ଯମ ଓ ଯମଦୂତମାନଙ୍କ ମଧ୍ୟରେ କଥୋପକଥନ ଛଳରେ ଯମରାଜା ନିଜ ଦୂତମାନଙ୍କୁ କହିଛନ୍ତି ଯେ, ସେ ମୃତ୍ୟୁର ଅଧୀଶ୍ୱର ତଥା ସଚରାଚର ଜଗତର ସ୍ୱାମୀ ହେଲେ ବି ତାଙ୍କ ଉପରେ ଆଉ ଜଣେ ଅଛନ୍ତି । ଜଗତର ନାଥ ସମଗ୍ର ସଂସାରକୁ ନିୟନ୍ତ୍ରଣ କରୁଛନ୍ତି । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବି ତାଙ୍କର କେବଳ ଅଂଶ ମାତ୍ର । ବିଷ୍ଣୁ ହିଁ ସମସ୍ତଙ୍କର ଅଧୀଶ୍ୱର ବୋଲି ଯମଦୂତମାନେ ଯମରାଜା ଠାରୁ ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ ।

ଚତୁର୍ଥ ଅଧ୍ୟାୟରେ ଭଗବାନଙ୍କୁ ଦକ୍ଷଙ୍କ ସ୍ତୁତି ଓ ଭଗବାନଙ୍କ ପ୍ରାକଟ୍ୟ (ହଂସଗୁହ୍ୟ ସ୍ତବ) ବିଷୟ ବର୍ଣ୍ଣିତ । ପ୍ରଚେତସ ଦଶ ଭାଇଙ୍କୁ ସୋମ (ଚନ୍ଦ୍ର) ନିଜ କନ୍ୟା (ପ୍ରମ୍ଲୋଚା ଅପସରୀ ଠାରୁ ଜାତ କନ୍ୟା)କୁ ବିଭାଦେଲେ । ସେମାନଙ୍କଠାରୁ ଦକ୍ଷ ବେଦବର ଜନ୍ମ ହେଲେ । (ପ୍ରକାଶ ଥାଉକି ଶିବଙ୍କ ଶ୍ୱଶୁର ଅର୍ଥାତ୍ ସତୀଙ୍କ ପିତା ଦକ୍ଷଙ୍କ ଠାରୁ ଏହି ଦକ୍ଷ ଭିନ୍ନ) । ପଞ୍ଚଜନ୍ୟଙ୍କ କନ୍ୟା ଅସିକ୍ନୀଙ୍କୁ ବାହା ହୋଇ ମୈଥୁନ କରି ପ୍ରଜା ସୃଷ୍ଟି କରିବାକୁ ଭଗବାନ ଏହି ଦକ୍ଷଙ୍କୁ ଆଦେଶ ଦେଲେ ।

ପଞ୍ଚମ ଅଧ୍ୟାୟରେ ନାରଦଙ୍କ ଉପଦେଶରେ ଦକ୍ଷପୁତ୍ରମାନଙ୍କର ବୈରାଗ୍ୟ ତଥା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରଦଙ୍କୁ ଦକ୍ଷଙ୍କ ଅଭିଶାପ ବିଷୟ ବର୍ଣ୍ଣିତ । ଅର୍ଥାତ୍ ପଞ୍ଚଜନ୍ୟଙ୍କର କନ୍ୟା ଅସିକ୍ନୀ ଓ ପ୍ରଚେତସ ଭାଇମାନଙ୍କ ଠାରୁ ହର୍ଯ୍ୟଶ୍ୱ ନାମରେ ଅଯୁତ ପୁତ୍ର ଜନ୍ମ । ନାରଦଙ୍କ ନିବର୍ତ୍ତନାରୁ ହର୍ଯ୍ୟଶ୍ୱମାନେ ମୋକ୍ଷମାର୍ଗରେ ଚାଲି ଯିବାରୁ ଦକ୍ଷ ପୁଣି ଅସିକ୍ନୀ ଗର୍ଭରୁ ସହସ୍ର ପରିମିତ ପୁତ୍ର ଶବଳାଶ୍ୱ ଜନ୍ମ କଲେ । ଏମାନେ ମଧ୍ୟ ନାରଦ କୂଟରେ ନାଶ ଗଲେ । ଦକ୍ଷଙ୍କ ଅଭିଶାପରେ ନାରଦ ଏକତ୍ର ସ୍ଥିର ନ ରହିପାରି ବିଭିନ୍ନ ଲୋକରେ ଭ୍ରମଣ କରୁଥାନ୍ତି ।

ଷଷ୍ଠ ଅଧ୍ୟାୟରେ ଦକ୍ଷ ପ୍ରଜାପତିଙ୍କ କନ୍ୟାମାନଙ୍କର ବଂଶ ବିବରଣ କରାଯାଇଛି । ଦକ୍ଷ ଓ ଅସିକ୍ନୀଙ୍କଠାରୁ ୬୦ କନ୍ୟା ଜନ୍ମ ହେଲେ । ସେଥିରୁ ସେମାନେ ଧର୍ମଙ୍କୁ ୧୦ଟି, କଶ୍ୟପଙ୍କୁ ୧୩ଟି, ଚନ୍ଦ୍ରଙ୍କୁ ୨୭ଟି, ଭୂତଙ୍କୁ ୨ଟି, ଅଙ୍ଗିରସଙ୍କୁ ୨ଟି, କୃଶାଶ୍ୱଙ୍କୁ ୨ଟି ଓ ତାର୍କ୍ଷ୍ୟ କଶ୍ୟପଙ୍କୁ ୪ଟି ବିବାହ ଦେଲେ ।

ଧର୍ମଙ୍କୁ– ଭାନୁ, ଲମ୍ବା, କକୁଭ (ଅରୁନ୍ଧତୀ), ଯାମି, ମୁହୂର୍ତ୍ତା, ବସୁ, ବିଶ୍ୱା, ସାଧ୍ୟା, ମରୁତ୍ୱତୀ ଓ ସଙ୍କଳ୍ପା । ଭାନୁର ପୁତ୍ର, ଦେବଋଷଭ– ତା ସୁତ ଇନ୍ଦ୍ରସେନ; ଲମ୍ବାର ପୁତ୍ର– ବିଦ୍ୟୋତ; କକୁଭର ପୁତ୍ର – ସଙ୍କଟ – ତା ସୁତ କୀକଟ – କୀକଟ ଠାରୁ ଦୁର୍ଗାଭିମାନୀ ଦେବଗଣ ଜନ୍ମ ହେଲେ । ଯାମୀ (ଜାମି)ର ପୁତ୍ର – ସ୍ୱର୍ଗ – ତା ସୁତ ନନ୍ଦୀ; ବିଶ୍ୱାର ପୁତ୍ର - ବିଶ୍ୱଦେବା (ଅପୁତ୍ରିକ) । ସାଧ୍ୟାର ସୁତ ସାଧ୍ୟଗଣ – ସାଧ୍ୟଗଣଙ୍କଠାରୁ ଅର୍ଥସିଦ୍ଧି । ମରୁତ୍ୱତୀର ୨ ପୁତ୍ର – ଜୟନ୍ତ ଓ ମରୁତ୍ୱାନ; ମୁହୁର୍ତ୍ତା ଗର୍ଭେ ଦେବଗଣ ଜନ୍ମ । ସଙ୍କଳ୍ପାର ପୁତ୍ର ସଙ୍କଳ୍ପ – ତା ସୁତ – କାମ; ବସୁର ପୁତ୍ର ଅଷ୍ଟବସୁ । ଅଷ୍ଟବସୁଙ୍କ ନାମ - ଧ୍ରୁବ, ଅର୍କ, ଦୋଷ, ଅଗ୍ନି, ଦ୍ରୋଣ, ବିଭାବସୁ, ବସୁ ଓ ପ୍ରାଣ । ଅଷ୍ଟବସୂମାନଙ୍କ ମଧ୍ୟରେ ଦ୍ରୋଣର ପତ୍ନୀ ଅଭିମତି – ଏମାନଙ୍କ ୩ ପୁତ୍ର – ହର୍ଷ, ଶୋକ ଓ ଭୟ । ପ୍ରାଣର ପତ୍ନୀ ଉର୍ଜସ୍ୱତୀ – ଏମାନଙ୍କର ୩ ପୁତ୍ର – ସହ, ଆୟୁ ଓ ପୁରୋଜବ । ଧ୍ରୁବର ପତ୍ନୀ ଧରଣୀ – ଏମାନଙ୍କ ଗର୍ଭରୁ ନାନାପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ବିଭିନ୍ନ ନଗରର ଅଭିମାନୀ ଦେବତା) ଜନ୍ମ । ଅର୍କର ରମଣୀ ବାସନା – ଏମାନଙ୍କର ପୁତ୍ର – ତର୍ଷ ଆଦି । ଅଗ୍ନିର ଭାର୍ଯ୍ୟା ଧାରା – ଏମାନଙ୍କର ଅନେକ ପୁତ୍ର ଜନ୍ମିଲେ । କୃତ୍ତିକା ପୁତ୍ର ସ୍କନ୍ଧ - ସ୍କନ୍ଧ ପୁତ୍ର ବିଶାଖ ଆଦି । ଦୋଷର ରମଣୀ ଶର୍ବରୀ – ଏମାନଙ୍କ ପୁତ୍ର ଶିଶୁମାର (ଈଶ୍ୱର ଅଂଶ) । ବସୁ ବନିତା ଆଙ୍ଗିରସୀ – ଏମାନଙ୍କ ପୁତ୍ର ବିଶ୍ୱକର୍ମା । ବିଶ୍ୱକର୍ମାର ପୁତ୍ର – ଚାକ୍ଷୁଷ

ମନୁ – ଚାକ୍ଷୁଷର ପୁତ୍ର ବିଶ୍ୱଦେବାଦି ସମସ୍ତେ । ବିଭାବସୁର ପତ୍ନୀ ଉଷା – ଏମାନଙ୍କ ୩ ପୁତ୍ର – ବ୍ୟୁଷ୍ଟ, ରୋଚିଷ ଓ ଆତପ । ଆତପ ପୁତ୍ର - ଦିବସ (ପଯାମ) ।

ଭୂତଙ୍କର ୨ ପତ୍ନୀ - ସରୂପା ଓ ଅନ୍ୟ ପତ୍ନୀ ନାମ ଭୂତା (ଭୂତା ନାମ ଓଡ଼ିଆ ଭାଗବତରେ ଉଲ୍ଲେଖ ହୋଇନାହିଁ, କିନ୍ତୁ ସଂସ୍କୃତ ଭାଗବତରେ ଉଲ୍ଲେଖ ଅଛି) । ସରୂପା ଠାରୁ ରୁଦ୍ରଗଣ – ସେମାନେ ହେଲେ ୧୧ ଜଣ – ରେବତ, ଅଜ, ଭବ, ଭୀମ, ଭଗ, ବୃଷାକପି, ବାମ, ଅର୍ଜୈକପାଦ, ଅହିର୍ବୁଧ୍ନ୍ୟ, ମହାନ ଓ ବହୁରୂପ (ଭୂତଗଣ) – ଭୂତଙ୍କର ବଂଶ । ରୁଦ୍ରର ପାରିଷଦଗଣ – ପ୍ରେତ, ବିନାୟକ, ଘୋର, ଇତ୍ୟାଦି । ପତ୍ନୀ ଭୂତାର ସୁତ ସମସ୍ତେ ଭୂତ ବା ପ୍ରେତଗଣ ।

ପ୍ରଜାପତି ଅଙ୍ଗିରସଙ୍କ ୨ ପତ୍ନୀ ସ୍ୱଧା ଓ ସତୀ । ଏମାନଙ୍କଠାରୁ ପିତୃଗଣ ଜାତ ହେଲେ । ସତୀର ୪ ପୁତ୍ର ଅଥର୍ବ, ଅଙ୍ଗିରସ, ବେଦ ଓ ସଂବାଦ ।

ପ୍ରଜାପତି କୃଶାଶ୍ୱଙ୍କର ୧ମ ପତ୍ନୀ ଅର୍ଚ୍ଚୀ - ଅର୍ଚ୍ଚୀ ସୁତ - ଧୂମ୍ରକେତୁ । ୨ୟ ପତ୍ନୀ ଧୀଷଣା । ଧୀଷଣାର ୪ ପୁତ୍ର – ବେଦଶିରା, ମନୁ, ବୟୁନ ଓ ଦେବଳ ।

ତାର୍କ୍ଷ୍ୟ ନାମକ କଶ୍ୟପଙ୍କ ୪ ପତ୍ନୀ – ବିନତା, ପତଙ୍ଗୀ, ଯାମିନୀ ଓ କଦ୍ରୁ । ବିନତାର ୨ପୁତ୍ର – ଗରୁଡ଼ ଓ ଅରୁଣ । ଗରୁଡ଼ ବିଷ୍ଣୁଙ୍କ ବାହାନ ଓ ଅରୁଣ ସୂର୍ଯ୍ୟଙ୍କ ସାରଥି । ପତଙ୍ଗୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପତଙ୍ଗମାନଙ୍କୁ ଜନ୍ମ ଦେଲେ । ଯାମିନୀ ଶଲଭ ପୁତ୍ରଙ୍କୁ ଜନ୍ମ ଦେଲେ ଓ କଦ୍ରୁର ଗର୍ଭୁ ନାଗମାନେ ଜାତ ହେଲେ ।

ଦକ୍ଷ ପ୍ରଜାପତି ୨୭ଟି କନ୍ୟା ଚନ୍ଦ୍ରଙ୍କୁ ଦେଲେ । ସେମାନେ ହେଲେ - ୧. ଅଶ୍ୱିନୀ, ୨. ଭରଣୀ ବା ଦ୍ୱିଜା, ୩. କୃତ୍ତିକା, ୪. ରୋହିଣୀ, ୫. ମୃଗଶିରା, ୬. ଆର୍ଦ୍ରା, ୭. ପୁନର୍ବସୁ, ୮. ପୂଷ୍ୟା, ୯. ଅଶ୍ଳେଷା, ୧୦. ମଘା. ୧୧. ପର୍ବୂ ଫାଲଗୁନୀ, ୧୨. ଉତ୍ତର ଫାଲଗୁନୀ, ୧୩. ହସ୍ତା, ୧୪. ଚିତ୍ରା, ୧୫. ସ୍ୱାତୀ, ୧୬. ବିଶାଖା, ୧୭. ଅନୁରାଧା, ୧୮. ଜ୍ୟେଷ୍ଠା, ୧୯. ମୂଳା, ୨୦. ପୂର୍ବାଷାଢ଼ା, ୨୧. ଉତ୍ତରାଷାଢ଼ା, ୨୨. ଶ୍ରବଣା, ୨୩. ଧନିଷ୍ଠା, ୨୪. ଶତଭିଷା, ୨୫. ପୂର୍ବ ଭାଦ୍ରପଦ, ୨୬. ଉତ୍ତର ଭାଦ୍ରପଦ ଏବଂ ୨୭. ରେବତୀ । କିନ୍ତୁ ଚନ୍ଦ୍ର କେବଳ ରୋହିଣୀର ପ୍ରେମରେ ସର୍ବଦା ବଶ ହୋଇ ରହୁଥିଲେ । ଅନ୍ୟ କନ୍ୟାମାନଙ୍କ ଦୁଃଖ ଦେଖି ଦକ୍ଷ ଚନ୍ଦ୍ରଙ୍କୁ କ୍ଷୟ ହେବାକୁ ଶାପ ଦେଲେ । କିନ୍ତୁ ପରେ ଚନ୍ଦ୍ର ଦକ୍ଷଙ୍କୁ ପ୍ରସନ୍ନ କରାଇବାରୁ ଚନ୍ଦ୍ରଙ୍କର କ୍ରମରେ କ୍ଷୟ ବୃଦ୍ଧି ହେଲା ।

କଶ୍ୟପଙ୍କ ୧୩ଟି ପତ୍ନୀ - ଅଦିତି, ଦିତି, ଦନୁ, କାଷ୍ଠା, ଅରିଷ୍ଟା, ସୁରସା, ଇଳା, ମୁନି, କ୍ରୋଧବଶା, ତାମ୍ରା, ସୁରଭି, ସରମା ଓ ତିମି-ଏମାନେ ମାତୃଗଣ । ତିମି ଠାରୁ ଜଳଜନ୍ତୁ, ସରମା ଗର୍ଭୁ ଶ୍ୱାପଦମାନେ, ସୁରଭି ଠାରୁ ଗୋରୁ ମହିଷାଦି ଦ୍ୱିଖୁର ପଶୁ, ତାମ୍ରଠାରୁ ଶ୍ୱେନ, ଗୃଧ୍ରାଦି ଓ ବିହଙ୍ଗମ । ମୁନି ଠାରୁ ଅପସରାଗଣ । କ୍ରୋଧବଶାଠାରୁ ଦନ୍ଦଶୂକାଦି ସର୍ପ ସମସ୍ତେ ଜାତ ହେଲେ । ଇଳା ଗର୍ଭରୁ ବୃକ୍ଷମାନେ । ସୁରସା ସୁତ ଯାତୁଧାନ । ଅରିଷ୍ଟାର ପୁତ୍ର ଗନ୍ଧର୍ବମାନେ; କାଷ୍ଠାର ସୁତ ଏକଖୁର ପ୍ରାଣୀ । ଦନୁର ୬୧ ପୁତ୍ର । ଏମାନଙ୍କ ମଧ୍ୟରୁ ୧୮ଟି ପ୍ରଧାନ - ସେମାନେ ହେଲେ - ଦ୍ୱିତ୍ମର୍ଦ୍ଧା, ଅରିଷ୍ଟ, ସ୍ୱର, ହୟଗ୍ରୀବ, ଶଙ୍କୁଶିର, ବିଭାବସୁ, ଅୟୋମୁଖ, ବୃଷପର୍ବ, ବିରୂପାକ୍ଷ, ସ୍ୱର୍ଭାନୁ, କପିଳ, ଅରୁଣ, ପୁଲୋମା, ଏକଚକ୍ର, ଧୂମ୍ରକେଶ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁତାପନ, ଦୁର୍ଜୟ ଓ ବିପ୍ରଚିତ୍ତି । ସ୍ୱର୍ଭାନୁର କନ୍ୟା ସୁପ୍ରଭାକୁ ନମୁଚି ବାହା ହେଲେ । ବୃଷପର୍ବାର କନ୍ୟା ଶର୍ମିଷ୍ଠାକୁ ଯଯାତି ବାହା ହେଲେ । କଶ୍ୟପର ପତ୍ନୀ ଦନୁର ଅନ୍ୟ ଏକ ପୁତ୍ର ବୈଶ୍ୱାନରଙ୍କର ୪ଟି କନ୍ୟା – ଉପଦାନବୀ, ହୟଶିରୀ, କାଳକା ଓ ପୁଲୋମା । ଉପଦାନବୀକୁ ହିରଣ୍ୟାକ୍ଷ ବାହା ହେଲେ । ହୟଶିରୀକୁ କ୍ରତୁ ବାହା ହେଲେ । ଏବଂ ବ୍ରହ୍ମାଙ୍କ ଆଜ୍ଞାରେ କଶ୍ୟପ (ପୁଲୋମା ଓ କାଳକାଙ୍କର ଅଜା) ପୁଲୋମା ଓ କାଳକା ୨ କନ୍ୟାଙ୍କୁ ବାହା ହେଲେ । ଉପରୋକ୍ତ କଶ୍ୟପ ଓ ୨ ପତ୍ନୀ ପୁଲୋମା ଓ କାଳକାଙ୍କର ଷାଠିଏ ସହସ୍ର ଦାନବ ଜନ୍ମ ହୋଇ ସ୍ୱର୍ଗକୁ ଆକ୍ରମଣ କଲେ । ଅର୍ଜୁନ ସେମାନଙ୍କୁ ଦମନ କରିଥିଲେ । ରାକ୍ଷସ ବିପ୍ରଚିତ୍ତିର ପତ୍ନୀ ସିଂହିକା (ଅସୁର ବଂଶି) – ଏମାନଙ୍କ ୧୦୧ ପୁତ୍ର । ରାହୁ ପ୍ରଥମ ସୁତ ଓ ଅନ୍ୟ ୧୦୦ କେତୁ ନାମ – ବାତପି, ନମୁଚି, ଇଲ୍ୱଳା, ମାରିଚ, ନିବତକବସ ଇତ୍ୟାଦି । କଶ୍ୟପଙ୍କ ପତ୍ନୀ ଅଦିତି ବଂଶ – କଶ୍ୟପ ଓ ଅଦିତିଙ୍କଠାରୁ ପୁତ୍ର ଅର୍ଯ୍ୟମା, ବିବସ୍ୱାନ, ତ୍ୱଷ୍ଟା, ଧାତା, ବିଧାତା, ସବିତା, ପୂଷା, ଭଗ, ବରୁଣ, ମିତ୍ର, ଶକ୍ର, ଉରୁକ୍ରମ (ବାମନ) । ବିବସ୍ୱାନ ଓ ସଂଜ୍ଞାଙ୍କଠାରୁ ଶ୍ରାଦ୍ଧଦେବ ମନୁ ଜନ୍ମ । ଯମ ଓ ଯମୁନା ଜନ୍ମ ହେଲେ । ସଂଜ୍ଞା ବଡ଼ବା (ଘୋଟକୀ) ରୂପରେ ଅଶ୍ୱିନୀ କୁମରକୁ ଜନ୍ମ ଦେଲେ । ବିବଶ୍ୱାନ ଓ ୨ୟ ପତ୍ନୀ ଛାୟାଠାରୁ ପୁତ୍ର ଶନିଶ୍ଚର ଓ ପୁତ୍ର ସାବର୍ଣ୍ଣିମନୁ ଜନ୍ମ ହେଲେ ଏବଂ ୧ କନ୍ୟା ଜନ୍ମ ହେଲେ ଯିଏ କି ସଂବରଣଙ୍କୁ ବାହା ହେଲେ । ଅର୍ଯ୍ୟମାର ପତ୍ନୀ ମାତୃକା – ଏମାନଙ୍କର ଅନେକ ପୁତ୍ର ମନୁଷ୍ୟଜାତିର ଜାତ ହେଲେ । କଶ୍ୟପ ଓ ପତ୍ନୀ ଅଦିତିଙ୍କ ପୁତ୍ର ପୂଷା ଅପୁତ୍ରିକ ହେଲେ । ଉମାପତି, ଦକ୍ଷ ପ୍ରଜାପତିଙ୍କ ପ୍ରତି କ୍ରୋଧିତ ହେବା ବେଳେ ପୂଷା ଦାନ୍ତ ଦେଖାଇ ହସିଥିବାରୁ ଶିବଙ୍କ ଶାପରୁ ତାଙ୍କର ଦାନ୍ତ ଭଗ୍ନ ହୋଇଗଲା । କଶ୍ୟପ ଓ ପତ୍ନୀ ଅଦିତିଙ୍କ ପୁତ୍ର ତ୍ୱଷ୍ଟାର ପତ୍ନୀ ରଚନା (ଦୈତ୍ୟକନ୍ୟା) । ଏମାନଙ୍କର ୨ ପୁତ୍ର ସନ୍ନିବେଶ ଓ ବିଶ୍ୱରୂପ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏପରିଭାବେ ବିଶ୍ୱରୂପ ଶତ୍ରୁମାନଙ୍କର ଭଣଜା ହୋଇଥିଲେ ମଧ୍ୟ, ଇନ୍ଦ୍ରଙ୍କଦ୍ୱାରା ଅପମାନିତ ହୋଇ ଦେବଗୁରୁ ବୃହସ୍ପତି ଦେବତାମାନଙ୍କୁ ପରିତ୍ୟାଗ କରିବା ପରେ ଦେବତାମାନେ ବିଶ୍ୱରୂପଙ୍କୁ ହିଁ ନିଜର ପୁରୋହିତ ରୂପେ ବରଣ କଲେ ।

ସପ୍ତମ ଅଧ୍ୟାୟରେ ବୃହସ୍ପତି ଦେବତାମାନଙ୍କୁ ପରିତ୍ୟାଗ କରିଦେବାରୁ ଦେବଗୁରୁପଦରେ ବିଶ୍ୱରୂପଙ୍କ ବରଣ ହେବା ବିଷୟ ସୁବିସ୍ତୃତ ବର୍ଣ୍ଣନ ହୋଇଛି । ଅର୍ଥାତ୍ ଇନ୍ଦ୍ର ବିଳାସବ୍ୟସନରେ ଲିପ୍ତ ରହି, ବୃହସ୍ପତିଙ୍କ ଆଗମନ ଜାଣି ନପାରି ତାଙ୍କୁ ସମ୍ମାନ ସତ୍କାର ନ କରିବାରୁ ବୃହସ୍ପତି ରାଗି ଚାଲିଗଲେ । ଏହାର ସୁଯୋଗ ନେଇ ଶୁକ୍ରାଚାର୍ଯ୍ୟ ବି ଦେବତାମାନଙ୍କୁ ହଇରାଣ କରିବାରେ ଲାଗିଲେ । କିନ୍ତୁ ଦେବତା ମାନଙ୍କର ଅନୁରୋଧକ୍ରମେ ବିଶ୍ୱରୂପ ଦେବତାମାନଙ୍କର ପୁରୋହିତ ରୂପେ କାର୍ଯ୍ୟ ତୁଲାଇଲେ ।

ଅଷ୍ଟମ ଅଧ୍ୟାୟରେ ନାରାୟଣ କବଚ ଉପଦେଶ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି ।

ଦ୍ୱାଦଶ ଅକ୍ଷର ବିଦ୍ୟା ବା ମନ୍ତ୍ର – ଓଁ ନମୋ ଭଗବତେ ବାସୁଦେବାୟ । ବର୍ମ ନାରାୟଣ ବିଦ୍ୟାରେ ମନ୍ତ୍ର ପାଠନ କଲାବେଳେ ଓଁ କାର ବେଳେ ଅଙ୍ଗୁଷ୍ଠି ହୃଦରେ, 'ବି' କାର ବେଳେ ମସ୍ତକେ, 'ଷ' କାର ବେଳେ ଭ୍ରୁଯୁଗେ, 'ଣ' କାର ବେଳେ ଶିଖାରେ, 'ବେ' କାର ବେଳେ ନୟନରେ, 'ନ' କାର ବେଳେ ସକଳ ସ୍କନ୍ଧରେ, 'ମ' କାର ବେଳେ ସ୍ମରଣ କରିବା ।

ଷଟ୍‌ଶକ୍ତି – ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଶ୍ରୀ(ଲକ୍ଷ୍ମୀ), ଜ୍ଞାନ ଓ ବୈରାଗ୍ୟ । ଦେବତା ଆରାଧନା ବିଘ୍ନ – ଦେବାର୍ଚ୍ଚନାଦିରେ ହେଉଥିବା ସେବାପରାଧ । (ପଦ୍ମପୁରାଣ ପାତାଳଖଣ୍ଡ, ଶ୍ଳୋକ ୩୬ରୁ୪୪ ମଧ୍ୟରେ) ୩୨ ପ୍ରକାର ସେବାପରାଧ କଥା ଉଲ୍ଲେଖ ଅଛି । ତାହା ଏଇଠି ପ୍ରଦତ୍ତ । କେଉଁ ସମୟରେ କେଉଁ ଦେବତାଙ୍କୁ ସୁମରିଲେ ସର୍ବଜିତ ଓ ଅଭୟୀ ହୋଇପାରିବ ତାହା ବର୍ଣ୍ଣିତ – ପ୍ରଭାତରେ – କେଶବ, ଦିବସ ଆଦ୍ୟରେ – ଗୋବିନ୍ଦ, ପୂର୍ବାହ୍ଣେ - ନାରାୟଣ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିବସ ମଧ୍ୟଭାଗରେ – ବିଷ୍ଣୁ ଚକ୍ରଧର, ଅପରାହ୍ନରେ – ମଧୁହାରୀ, ସାୟଂକାଳେ - ତ୍ରିଧାମା-ମାଧବ, ପ୍ରଦୋଷେ – ହୃଷିକେଶ, ଅର୍ଦ୍ଧରଜନୀ - ପଦ୍ମନାଭ, ପରରାତ୍ରେ – ଶ୍ରୀବତ୍ସଧାମ, ଅନୁସଂନ୍ଧ୍ୟାରେ - ଦାମୋଦର, ଏବଂ ରାତ୍ରି ଓ ପ୍ରଭାତେ – ବିଶ୍ୱେଶ୍ୱର । ପ୍ରାଣୀ ବିପଦ, ଦୁଃଖ, ରୋଗ ତଥା ଭୟରେ ପୀଡ଼ିତ ହେଲେ ଏହି ଅଧ୍ୟାୟର୧୨ ରୁ ୩୪ ସୁକ୍ତି ପାଠ କଲେ ସମସ୍ୟା ଦୂର ହୁଏ ।

ନବମ ଅଧ୍ୟାୟରେ ବିଶ୍ୱରୂପ ବଧ, ବୃତ୍ରାସୁର ହାତରେ ଦେବତାମାନଙ୍କର ପରାଜୟ ଏବଂ ଭଗବାନଙ୍କ ପ୍ରେରଣାରେ ଦେବତାମାନଙ୍କର ଦଧୀଚି ଋଷିଙ୍କ ନିକଟକୁ ଗମନ ବିଷୟ ବର୍ଣ୍ଣନା କରାଯାଇଛି । ବିଶ୍ୱରୂପର ୩ ଶିର– ସେ ଏକ ମୁଖରେ ସୋମପାନ; ୨ୟେ ସୁରାପାନ ଓ ୩ୟେ ଅନ୍ନ ଭକ୍ଷଣ କରେ । ଇନ୍ଦ୍ର ଦେଖିଲେ ଯେ କାଳକ୍ରମେ ବିଶ୍ୱରୂପ ଦେବତାମାନଙ୍କ ପ୍ରତି ଅପରାଧ କରୁଛନ୍ତି । ତେଣୁ ସେ ତାର ମସ୍ତକ ଛେଦନ କଲେ । ସୋମପାନ କରୁଥିବା ମୁଣ୍ଡ କାଟିବାରୁ ତାହା ଚାତକ ପକ୍ଷୀ, ସୁରାପାୟୀ ମୁଖ – ଚଟକ (ଘରଚଟିଆ) ଓ ଅନ୍ନଭୋଜି ମୁଣ୍ଡ – ତିତ୍ତି ଆକାର ହେଲା । ବିଶ୍ୱରୁପର ମୃତ୍ୟୁ ପରେ ବିଶ୍ୱରୂପର ପିତା ତ୍ୱଷ୍ଟାଙ୍କ ଯଜ୍ଞ ଆହୁତିରୁ ବୃତ୍ରାସୁର ଜାତ ହେଲା । ତେଣୁ ସେ ବିଶ୍ୱରୂପର ଭାଇ । ସେ ପରମ ଦାରୁଣ ଅସୁର ହୋଇଥିବାରୁ ତା ନାମ ବୃତ୍ର ହେଲା । ବୃତ୍ରାସୁର ଦେବତାମାନଙ୍କୁ ପରାଜୟ କଲା । ତେଣୁ ଦେବତାମାନେ ଭଗବାନଙ୍କ ପ୍ରେରଣାରେ ଦଧୀଚିଙ୍କ ନିକଟକୁ ଗଲେ ।

ଦଶମ ଅଧ୍ୟାୟରେ ଦେବତାମାନେ ଭଗବାନଙ୍କ ପ୍ରେରଣାରେ ଦଧୀଚିଙ୍କ ନିକଟକୁ ଯାଇ ତାଙ୍କ ଶରୀରଟି ମାଗିଲେ । ଦଧୀଚି ନିଜ ଶରୀରକୁ ଉତ୍ସର୍ଗ କଲେ । ତାଙ୍କ ମତରେ

ଯେ ପ୍ରାଣୀ ପରଦୁଃଖେ ଦୁଃଖୀ । ପର ସୁଖରେ ଅତିସୁଖୀ । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅବ୍ୟୟ ଅକ୍ଷୟ ଏ ଧର୍ମ ।  କହନ୍ତି ପୂଣ୍ୟଶ୍ଳୋକଜନ ।।

ତେଣୁ ସେ ନିଜକୁ ପରମାତ୍ମାଙ୍କ ଠାରେ ଲୀନ କରିଦେଇ ଶରୀର ଛାଡ଼ିଦେଲେ । ବିଶ୍ୱକର୍ମା ଦଧୀଚିଙ୍କ ହାଡ଼ରେ ଏକ ବଜ୍ର ତିଆର କରି ଇନ୍ଦ୍ରଙ୍କୁ ଦେଇଦେଲେ ଏବଂ ଇନ୍ଦ୍ର ସେହି ବଜ୍ର ଧରି ଐରାବତ ହାତୀରେ ବସି ବୃତ୍ରାସୁରକୁ ମାରିବାକୁ ଅନ୍ୟ ଦେବତାମାନଙ୍କ ସହ ବାହାରିଲେ । ଦେବତା ଓ ଅସୁରମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା । କିନ୍ତୁ ଅସୁରମାନେ ପୃଷ୍ଠଭଙ୍ଗ ଦେଇ ପଳାୟନ କଲେ । ଯୁଦ୍ଧ ଭୁମିରେ ବୃତ୍ରାସୁର ଏକାକୀ ରହିଲେ । ତ୍ରେତୟା ଯୁଗ ଆଦ୍ୟରେ ସୁର ଅସୁରଙ୍କର (ବୃତ୍ରାସୁର) ଯୁଦ୍ଧ ନର୍ମଦା ତଟରେ ହୋଇଥିଲା । ଏଠାରେ ବିଭିନ୍ନ ଅସୁରଙ୍କର, ଦେବତାଙ୍କର ଓ ଅସ୍ତ୍ରଶସ୍ତ୍ରର ନାମ ଉଲ୍ଲେଖ ଅଛି ।

ଏକାଦଶ ଅଧ୍ୟାୟରେ ବୃତ୍ରାସୁରର ବୀରବାଣୀ ଓ ଭଗବତ୍ ପ୍ରାପ୍ତି ବିଷୟ ବର୍ଣ୍ଣିତ ।

ଦ୍ୱାଦଶ ଅଧ୍ୟାୟରେ ବୃତ୍ରାସୁର ବଧ ବିଷୟ ବର୍ଣ୍ଣନା କରାଯାଇଛି । ଇନ୍ଦ୍ର ନାରାୟଣ କବଚ ଦ୍ୱାରା ନିଜକୁ ସୁରକ୍ଷିତ ରଖିଥିଲେ ଏବଂ ତାଙ୍କ ପାଖରେ ଯୋଗମାୟାର ବଳ ମଧ୍ୟ ରହିଥିଲା । ତେଣୁ ତାଙ୍କୁ ବୃତ୍ରାସୁର ଗିଳିଦେବା ପରେ ମଧ୍ୟ, ସେ ତା ପେଟରେ ପଶି ମରିଯାଇ ନ ଥିଲେ ବରଂ ବଜ୍ରରେ ଅସୁରର ପେଟ ଫାଡ଼ି ଦେଇ ତା ପେଟରୁ ବାହାରି ତା ମୁଣ୍ଡଟାକୁ କାଟିଦେଲେ ।

ତ୍ରୟୋଦଶ ଅଧ୍ୟାୟରେ ଇନ୍ଦ୍ର ବୃତ୍ରାସୁରକୁ ବଧ କଲା ପରେ ବ୍ରହ୍ମହତ୍ୟା ପାପ ମୋଚନ ପାଇଁ ମାନସରୋବରରେ ପଦ୍ମନାଡ଼ରେ ଲୁଚିରହିଲେ । ପରେ ନହୁଷ ଇନ୍ଦ୍ରରୂପେ ବଳପୂର୍ବକ ଇନ୍ଦ୍ରାଣୀଙ୍କୁ ଭୋଗ କରିବା ପାଇଁ ଚାହାନ୍ତେ ବିଷ୍ଣୁଙ୍କ ନିର୍ଦ୍ଦେଶକ୍ରମେ ଇନ୍ଦ୍ରାଣୀଙ୍କ କଥାରେ ନହୁଷ ଋଷିମାନଙ୍କ ଦ୍ୱାରା ସବାରୀ ବହନ କରି ବିଷ୍ଣୁପୁରକୁ ଯିବାକୁ ବାହାରିଲା । ପଥରେ ସବାରୀବାହକ ଋଷିମାନଙ୍କୁ ଶୀଘ୍ର ଚାଲିବା ପାଇଁ କହୁ କହୁ ଅଗସ୍ତି ଋଷିଙ୍କୁ ପାଦରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାରିଲା । ଫଳରେ ଅଗସ୍ତିଙ୍କ ଶାପରେ ସେ ମହାସର୍ପ ହୋଇ ମର୍ତ୍ତ୍ୟପୁରରେ ପଡ଼ିଲା । ପରେ ଇନ୍ଦ୍ର ଭଗବାନଙ୍କୁ ଧ୍ୟାନ କରି ପୁଣି ଇନ୍ଦ୍ର ପଦରେ ଅଧିଷ୍ଠିତ ହେଲେ । ଯଜ୍ଞ ମାଧ୍ୟମରେ ସକଳ ଦେବତାଙ୍କୁ ସନ୍ତୁଷ୍ଟ କରି ପୁଣି ଇନ୍ଦ୍ର ନିଜର ପୂର୍ବ ସ୍ଥିତି ଓ ଗୌରବ ପାଇଲେ ।

ଚତୁର୍ଦ୍ଦଶ ଅଧ୍ୟାୟରେ ବୃତ୍ରାସୁରର ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣିତ । ଶୂରସେନ ଦେଶରେ ଚିତ୍ରକେତୁ ନାମରେ ଜଣେ ରାଜା ଥିଲେ । ତାଙ୍କର ଦଶ ନିୟୁତ (ଏକ କୋଟି) ପତ୍ନୀ ସମସ୍ତେ ଅପୁତ୍ରିକ ଥିଲେ । ଚିତ୍ରକେତୁ ରାଜାର ଜ୍ୟେଷ୍ଠା ପତ୍ନୀ କୃତଦ୍ୟୁତି ରାଜାଙ୍କ ଦ୍ୱାରା ଅନୁଷ୍ଠିତ ଯଜ୍ଞ ଚରୁ ଖାଇଲେ । ପୁତ୍ରଟିଏ ଜନ୍ମ ହେଲା । ସପତ୍ନୀମାନେ ଈର୍ଷାରେ ବିଷ ଦେଇ ପୁତ୍ରଟିକୁ ମାରିଦେଲେ । ଏତଦ୍ ଦ୍ୱାରା ରାଜା ଓ ରାଣୀ କୃତଚ୍ୟୁତି ଅତ୍ୟନ୍ତ ଶୋକାକୁଳ ହୋଇ ରହିଲେ । ତାଙ୍କ ପାଖରେ ସାନ୍ତ୍ୱନା ଦେବାକୁ ବି କେହି ନ ଥାନ୍ତି । ଏପରି ସ୍ଥଳେ ମହର୍ଷି ଅଙ୍ଗିରା ଓ ଦେବର୍ଷି ନାରଦ ଆସି ସେଠାରେ ପହଞ୍ଚିଲେ ।

ପଞ୍ଚଦଶ ଅଧ୍ୟାୟରେ ରାଜା ଚିତ୍ରକେତୁଙ୍କୁ ଅଙ୍ଗିରା ଓ ନାରଦଙ୍କର ଉପଦେଶ ବିଷୟ ବର୍ଣ୍ଣିତ । ଏହି ଅଧ୍ୟାୟର ଶ୍ଳୋକ ୧୨ ରୁ ୧୫ ମଧ୍ୟରେ ଅନେକ ମୁନି ଋଷିଙ୍କ ନାମ ଉଲ୍ଲେଖ ଅଛି । ନାରଦ ରାଜା ଚିତ୍ରକେତୁଙ୍କୁ ମନ୍ତ୍ରୋପନିଷଦ ଦେଇ କହିଲେ ଯେ, ତାହାକୁ ଧାରଣ (ଅଭ୍ୟାସ, ସ୍ମରଣ ଓ ଚିନ୍ତନ) କଲେ, ସାତ ରାତିରେ ହିଁ ସେ ଭଗବାନ୍ ସଙ୍କର୍ଷଣଙ୍କ ଦର୍ଶନ ପାଇପାରିବେ ।

ଷୋଡ଼ଶ ଅଧ୍ୟାୟରେ ଚିତ୍ରକେତୁଙ୍କ ବୈରାଗ୍ୟ ଓ ସଙ୍କର୍ଷଣଦେବଙ୍କ ଦର୍ଶନ ଲାଭ ବିଷୟ ବର୍ଣ୍ଣନ କରାଯାଇଛି । ଭଗବାନ ସଙ୍କର୍ଷଣ ରାଜା ଚିତ୍ରକେତୁଙ୍କୁ ଯୋଗମାର୍ଗ ତତ୍ତ୍ୱ ଜ୍ଞାନ ପ୍ରଦାନ କରି ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ।

ମନୁଷ୍ୟ ଜନ୍ମ ଆଶ୍ରେ କରି । ଜ୍ଞାନ-ବିଜ୍ଞାନେ ଦେହ ଧରି ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତ୍ମାକୁ ନ ଜାଣେ ଯେ ନର । କେବେ ହେଁ ସୁଖ ନାହିଁ ତାର । ।
ଚେଷ୍ଟା କରଇ କାର୍ଯ୍ୟ ପାଇଁ । ନାନା କ୍ଲେଶକୁ ଲଭେ ତହିଁ । ।
ସଙ୍କଳ୍ପ ଛାଡ଼ି ଯେ ଭଜଇ । ମୋକ୍ଷର ଫଳକୁ ଲଭଇ । ।

ସପ୍ତଦଶ ଅଧ୍ୟାୟରେ ଚିତ୍ରକେତୁଙ୍କୁ ପାର୍ବତୀଙ୍କର ଅଭିଶାପ ବିଷୟ ବର୍ଣ୍ଣିତ । ଚିତ୍ରକେତୁ, ସଙ୍କର୍ଷଣ ଯିବା ଦିଗରେ ଯାଇ ରାସ୍ତାରେ ଦେଖିଲେ ଯେ ଶିବ, ପାର୍ବତୀଙ୍କୁ ନିଜ କୋଳରେ ଧରି ମୁନି, ସିଦ୍ଧଚାରଣମାନଙ୍କ ସଭାରେ ବସିଛନ୍ତି । ସେ ସେମାନଙ୍କୁ ପରିହାସ କଲେ । ତେଣୁ ମାତା ପାର୍ବତୀ ତାଙ୍କୁ ଅସୁରଯୋନୀରେ ଜନ୍ମ ନେବାର ଶାପ ଦେଇଥିଲେ । ପ୍ରକୃତରେ ସେ ଭଗବାନଙ୍କର ପରମପ୍ରେମୀ ଥିଲା । ସେହି ଚିତ୍ରକେତୁ ଦାନବଯୋନୀ ଆଶ୍ରୟ କରି ତ୍ୱଷ୍ଟାଙ୍କ ଦକ୍ଷିଣାଗ୍ନିରୁ ଜାତ ହୋଇଥିଲା । ସେଠାରେ ତାଙ୍କର ନାମ ବୃତ୍ରାସୁର ହୋଇଗଲା ଏବଂ ସେହି ଯୋନୀରେ ବି ଭଗବତ୍ ସ୍ୱରୂପର ଜ୍ଞାନ ଓ ଭକ୍ତିରେ ପରିପୂର୍ଣ୍ଣ ଥିଲା ।

ଅଷ୍ଟାଦଶ ଅଧ୍ୟାୟରେ କଶ୍ୟପର ପତ୍ନୀ ଅଦିତି ଓ ଦିତିଙ୍କ ସନ୍ତାନମାନଙ୍କର ତଥା ମରୁଦଗଣଙ୍କ ଉତ୍ପତ୍ତିର ବର୍ଣ୍ଣନା କରା ଯାଇଛି । କଶ୍ୟପ ଓ ଦିତିର ପୁତ୍ର ସବିତା ବଂଶ - ଦିତିର ପୁତ୍ର ସବିତା । ସବିତାଙ୍କ ପତ୍ନୀ - ପୃଶ୍ନି – ଏମାନଙ୍କର ୩ କନ୍ୟା - ବ୍ୟାହୃତି, ସାବିତ୍ରୀ ଓ ତ୍ରୟୀ ଏବଂ ୫ ପୁତ୍ର- ଅଗ୍ନିହୋତ୍ର, ପଶୁ, ସୋମ, ଚାତୁର୍ମାସ୍ୟା ଓ ପଞ୍ଚମହାଯଜ୍ଞ । ଭଗ ବଂଶ – ଭଗର ପତ୍ନୀ ସିଦ୍ଧି – ଏମାନଙ୍କ ୩ ପୁତ୍ର – ବିଭୂ, ମହିମାନ ଓ ପ୍ରଭୁ ଏବଂ ୧ କନ୍ୟା ଆଶିଷ (ବୃରାରୋହ) । ଧାତା ବଂଶ - ଧାତାଙ୍କର ୪ ପତ୍ନୀ କୁହୁ, ସିନୀବାଲୀ, ଅନୁମତି ଓ ରାକା । କୁହୁର ପୁତ୍ର ସାୟଂ, ସିନୀବାଲୀର ପୁତ୍ର ଦର୍ଶ, ଅନୁମତିରୁ ପୂର୍ଣ୍ଣମାସ ଓ ରାକାର ପ୍ରାତଃ । ବିଧାତା ବଂଶ – ବିଧାତାର ପତ୍ନୀ କ୍ରିୟା – ଏମାନଙ୍କ ପୁତ୍ର ପଅଗ୍ନି । ବରୁଣର ପତ୍ନୀ ଚରଷଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

– ଏମାନଙ୍କ ପୁତ୍ର – ଭୃଗୁ । ବଲ୍ମୀକର ପୁତ୍ର ବାଲ୍ମୀକି, କୁମ୍ଭର ପୁତ୍ର ଅଗସ୍ତି ଓ ବଶିଷ୍ଠ । ମିତ୍ର ଓ ରେବତି ଠାରୁ ୩ ପୁତ୍ର - ପିପ୍ପଳ, ଉତ୍ସର୍ଗ ଓ ଅରିଷ୍ଟ । ଇନ୍ଦ୍ର ନାରୀ ପୌଲମୀ – ଏମାନଙ୍କର ୩ ପୁତ୍ର – ଜୟନ୍ତ, ଋଷଭକୁମର ଓ ମୀଢୁଷ । ଉରୁକ୍ରମ (ମାୟା ବାମନ)ଙ୍କ ପତ୍ନୀ କୀର୍ତ୍ତି –ଏମାନଙ୍କ ପୁତ୍ର ବୃହତ୍ଶ୍ଳୋକ । ବୃହତ୍ଶ୍ଳୋକର ସୌଭଗ ଆଦି ଅନେକ କୁମର ।

କଶ୍ୟପ ଓ ପତ୍ନୀ ଅଦିତିଙ୍କ ପୁତ୍ର ପୌତ୍ରାଦି ବିଷୟ ପରବର୍ତ୍ତୀ ସ୍କନ୍ଧ ଓ ଅଧ୍ୟାୟ ଗୁଡ଼ିକରେ ବର୍ଣ୍ଣିତ ବୋଲି ଏଠାରେ ଉଲ୍ଲେଖ ଅଛି । ଯେପରି କି ୮ମ ସ୍କନ୍ଧର ୧୮ଶ ଅଧ୍ୟାୟ (ଶ୍ଳୋକ୧ ରୁ ୩)ରେ ବାମନ ଜନ୍ମ; ୧୦ମ ସ୍କନ୍ଧରେ ଦେବକୀ ରୂପେ ଅଦିତିଙ୍କ ଜନ୍ମ ଇତ୍ୟାଦି ।

ଦିତିର ୨ ନନ୍ଦନ - ହରିଣ୍ୟାକ୍ଷ ଓ ହିରଣ୍ୟକଶିପୁ । ହିରଣ୍ୟକଶିପୁର ପତ୍ନୀ କୟାଧୂ (ଜମ୍ଭର କନ୍ୟା) – ଏମାନଙ୍କର ୪ ପୁତ୍ର – ସଂହ୍ଲାଦ, ଅନୁହ୍ଲାଦ, ପ୍ରହ୍ଲାଦ ଓ ହ୍ଲାଦ ଏବଂ ୧ କନ୍ୟା – ସିଂହିକା । ସିଂହିକା ବିପ୍ରଚିତ୍ତିକୁ ବାହାହେଲା । ବିପ୍ରଚିତ୍ତି ଓ ସିଂହିକାର ପୁତ୍ର– ରାହୁ । ସେ ଅମୃତ ପାନ କରିବାରୁ ଚକ୍ରଧର ଚକ୍ରରେ ତାର ଶିର ଛେଦନ କରିବାରୁ ସେ ରାହୁ ଓ କେତୁ ଦ୍ୱିରୂପ ହୋଇଗଲା । ସଂହ୍ଲାଦର ପତ୍ନୀ କୃତି – ତାଙ୍କର ପୁଅ ପଜନ । ହ୍ଲାଦର ପତ୍ନୀ ଧମନୀ – ଏମାନଙ୍କ ପୁତ୍ର – ବାତାପି ଓ ଇଲ୍ୱଳ । ଅଗସ୍ତି ପେଟରେ ମେଷରୂପେ ଏ ବଂଶ ଭସ୍ମ ହେଲେ । ଅନୁହ୍ଲାଦର ପତ୍ନୀ ସୂର୍ଯ୍ୟା । ଏମାନଙ୍କ ପୁତ୍ର ବାଷ୍କଳ ଓ ମହିଷ । ପ୍ରହ୍ଲାଦର ପତ୍ନୀ ଦେବୀ । ଏମାନଙ୍କ ପୁତ୍ର ବିରୋଚନ । ବିରୋଚନର ପୁତ୍ର ବଳି । ବଳିର ପୁତ୍ର ଅଶନା – ଏମାନଙ୍କର ପୁତ୍ର – ବାଣ ଆଦି ୧୦୦ ପୁତ୍ର । ଦିତିର ଗର୍ଭରୁ ପୁତ୍ର ଜନ୍ମ ହୋଇ ଇନ୍ଦ୍ରାଦି ଦେବତାମାନଙ୍କୁ ଜୟ କରିବା ପାଇଁ ଦିତି ଯେଉଁ ବ୍ରତ ପାଳନ ବିଧି କଶ୍ୟପଙ୍କ ଠାରୁ ପ୍ରାପ୍ତ କଲେ, ତାହା ଏହି ଅଧ୍ୟାୟର ଶ୍ଳୋକ ୪୭ ରୁ ୫୪ ମଧ୍ୟରେ ବର୍ଣ୍ଣିତ । କୂଟକରି ଇନ୍ଦ୍ର ଦିତିର ବ୍ରତ ନିୟମ ଭାଙ୍ଗି ଛଦ୍ମରେ ତା ଗର୍ଭେ ପଶି ବଜ୍ର ଦ୍ୱାରା ତାଙ୍କ ଗର୍ଭକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାତଖଣ୍ଡ କରିଦେଲେ ।

ଉନବିଂଶ ଅଧ୍ୟାୟରେ ପୁଂସବନ ବ୍ରତ ପାଳନ ବିଧି ପ୍ରଦତ୍ତ । ମାର୍ଗଶିର ମାସ ଶୁକ୍ଳ ପ୍ରତିପଦା ଦିବସରେ ସ୍ୱାମୀ ଯଶ, ଉତ୍ତମ ପୁତ୍ର, ସ୍ୱାମୀ, ସୌନ୍ଦର୍ଯ୍ୟ ପ୍ରାପ୍ତି, ରୋଗରୁ ମୁକ୍ତି ନିମନ୍ତେ ସ୍ତ୍ରୀ ମାନେ ଏହି ବ୍ରତ ପାଳନ କରିପାରିବେ ।

ସଂକ୍ଷେପରେ ଏହି ବ୍ରତ ବିଧି ହେଉଛି, ମାର୍ଗଶିର ମାସ ଶୁକ୍ଳ ପ୍ରତିପଦା ଦିବସରେ ସ୍ତ୍ରୀମାନେ ଏହି ବ୍ରତ ଆରମ୍ଭ କରିବେ । ପ୍ରଥମେ ମରୁଦ୍ଗଣଙ୍କ ଜନ୍ମକଥା ଶୁଣି ବ୍ରାହ୍ମଣଙ୍କ ଆଜ୍ଞା ନେଇ ସ୍ତ୍ରୀମାନେ ଏହି ବ୍ରତପାଳନ ଆରମ୍ଭ କରିବେ । ସକାଳୁ ଉଠି ସ୍ନାନଶୌଚ ହୋଇ ନୂତନ ଶ୍ୱେତ ବସ୍ତ୍ର ଧାରଣ କରି ଲକ୍ଷ୍ମୀ ନାରାୟଣଙ୍କୁ ସ୍ତୁତି କରିବେ । ଏକାଗ୍ରଚିତ୍ତରେ "ଓଁ ନମୋ ଭଗବତେ ମହାପୁରୁଷାୟ ମହାନୁଭାବାୟ ମହାବିଭୂତିପତୟେ ସହ ମହାବିଭୂତିଭିର୍ବଳିମୁପହରାଣି" ଅର୍ଥାତ୍ 'ଓଁକାର ସ୍ୱରୂପ, ମହାନୁଭବ, ସମସ୍ତ ମହାବିଭୂତିମାନଙ୍କର ସ୍ୱାମୀ ଭଗବାନ୍ ପୁରୁଷୋ³ମଙ୍କୁ ଓ ତାହାଙ୍କର ମହାବିଭୂତିମାନଙ୍କୁ ମୁଁ ନମସ୍କାର କରୁଛି ଏବଂ ଏହି ପୂଜୋପହାର ସାମଗ୍ରୀ ସମର୍ପଣ କରୁଛି' – ଏହି ମନ୍ତ୍ରଦ୍ୱାରା ପ୍ରତିଦିନ ସ୍ଥିରଚି³ରେ ବିଷ୍ଣୁଭଗବାନଙ୍କୁ ଆବାହନ, ଅର୍ଘ୍ୟ, ପାଦ୍ୟ, ଆଚମନ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଆଭୂଷଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଆଦି ନିବେଦନ କରି ପୂଜା କରିବେ । ଅଲଗା ରଖିଥିବା ଅବଶିଷ୍ଟ ନୈବେଦ୍ୟ ଦ୍ୱାରା 'ଓଁ ନମୋ ଭଗବତେ ମହାପୁରୁଷାୟ ମହାବିଭୂତିପତୟେ ସ୍ୱାହା' ଅର୍ଥାତ୍ 'ମହାନ୍ ଐଶ୍ୱର୍ଯ୍ୟର ଅଧିପତି ଭଗବାନ ପୁରୁଷୋ³ଙ୍କୁ ନମସ୍କାର । ମୁଁ ତାହାଙ୍କ ନିମନ୍ତେ ଏହି ହବିଷ୍ୟ ହବନ କରୁଛି' – ଏହି ମନ୍ତ୍ର ବୋଲି ଅଗ୍ନିରେ ବାରଟି ଆହୂତି ଦେବେ । ତା'ପରେ ବ୍ରତଧାରିଣୀ ଭକ୍ତିପୂର୍ଣ୍ଣ ଚିତ୍ତରେ ନମ୍ରତାର ସହିତ ଭଗବାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିବେ । ପୂର୍ବୋକ୍ତ ମନ୍ତ୍ର ଦଶ ଥର ଜପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରିବା ପରେ ଲକ୍ଷ୍ମୀନାରାୟଣ ସ୍ତୋତ୍ର ପାଠ କରିବେ । ତା ପରେ ବ୍ରାହ୍ମଣଙ୍କୁ ଭୋଜନ ଦେବେ ଏବଂ ନିଜେ ସପରିବାର ପ୍ରସାଦ ସାରିବେ । ଏହି ସମ୍ପୂର୍ଣ୍ଣ ଅଧ୍ୟାୟକୁ ପଠନ କଲେ ପିତୃଗଣ ସନ୍ତୁଷ୍ଟ ହୁଅନ୍ତି ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ଷଷ୍ଠ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।
ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।
ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ । ।
ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।
ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।
ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।
ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର । ।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ମୋବାଇଲ୍ ନଂ – ୬୩୭୨୧୩୩୭୩୫
ଇମେଲ୍ : sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାର ଦାୟିତ୍ୱ ଆମର

ଆମେ ଓଡିଆ ଭାଷା ବିଷୟରେ ଚର୍ଚ୍ଚା କରିବା ପୂର୍ବରୁ, ସେହି ଭାଷାର ଇତିହାସକୁ ଫେରିବାକୁ ପଡିବ । ଆମେ ସମସ୍ତେ ଜାଣୁ ଯେ ଭାଷା ହେଉଛି ଚିନ୍ତାର ବାହନ । ଯେତେବେଳେ ଏକ ଭାଷା ତାର ଶେଷ ନିଶ୍ୱାସ ତ୍ୟାଗ କରେ, ଏହା ଯନ୍ତ୍ରଣାଦାୟକ ହୋଇଥାଏ । ଯଦି ସେହି ଭାଷାଟି ଲୋପ ପାଇଯାଏ ତାହେଲେ ସେହି ଚିନ୍ତା ଏବଂ ଚିନ୍ତନ ପ୍ରକ୍ରିୟା ମଧ୍ୟ ସମାପ୍ତ ହୋଇଯାଏ । ଭାଷା ଏକ ମୁଦ୍ରା ପରି ଏବଂ ଆମର ଚିନ୍ତାଧାରା ଏହା ସହିତ ଜଡିତ । ତେଣୁ ଏହାକୁ ଅତି ଯତ୍ନର ସହିତ ସଂରକ୍ଷଣ କରିବା ଆବଶ୍ୟକ ଏବଂ ଦାୟିତ୍ୱ ମଧ୍ୟ, କାରଣ ଜ୍ଞାନର ଭଣ୍ଡାର ଘର ହେଉଛି ସେହି ଭାଷା । ଭାଷାର ବିବର୍ତ୍ତନ ଏବଂ ଏହାର ବିକାଶର ଏକ ଦୀର୍ଘ ଇତିହାସ ଅଛି । ବାସ୍ତବରେ ଭାଷା ମନୁଷ୍ୟ ଏବଂ ପ୍ରକୃତି ମଧ୍ୟରେ ଏକ ପାରସ୍ପରିକ ସମ୍ପର୍କ । ବିବର୍ତ୍ତନ ପ୍ରକ୍ରିୟାରେ ଆମେ ମନୁଷ୍ୟ ହେବା ପରେ ଭାଷା ଆମର ଜ୍ଞାନର ଭଣ୍ଡାର ରୂପେ ଆବିର୍ଭାବ ହେଲା ଯାହା ବିଶ୍ୱ ଏବଂ ମାନବସଭ୍ୟତା ମଧ୍ୟରେ ସମ୍ପର୍କ ସ୍ଥାପିତ କଲା । ମନୁଷ୍ୟ ମୌଖିକ ଶବ୍ଦକୁ ଗ୍ରହଣ କଲା ଏବଂ ପରିଶେଷରେ ଭାଷା ମଣିଷର ଅସ୍ତ୍ର ରୂପେ ପରିଣତ ହେଲା । ଭାରତରେ ପ୍ରାୟ ୧୬୫୨ଟି ଭାଷା ଥିଲା କିନ୍ତୁ ବାଂଲାଦେଶ ଯୁଦ୍ଧ ପରେ ଉପଯୁକ୍ତ ଯତ୍ନ ନନେବାରୁ ଅନେକ ଭାଷା



ଅସିତ ମହାନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କର ପରିଚୟ ହରାଇଲେ । କୁହାଯାଇଥିଲା ଯେ ଏକ ଭାଷା ପାଇଁ ଅତି କମରେ ୧୦,୦୦୦ ଲୋକ ଆବଶ୍ୟକ । ଏହାର ଅର୍ଥ ଅନେକ ସ୍ଥାନୀୟ ଭାଷା ଅଦୃଶ୍ୟ କରିବାକୁ ଏହା ଏକ ସୁଚିନ୍ତିତ ପ୍ରୟାସ ଥିଲା । ଏହା ସେହି ନିୟମ ଯାହା ଇଂରେଜମାନଙ୍କ ସମୟରେ ଲୋକମାନଙ୍କ ଉପରେ ଲଦା ଯାଉଥିଲା । ଇଂରେଜମାନେ ସେମାନଙ୍କର ସୁବିଧା ପାଇଁ ଇଂରାଜୀକୁ ପ୍ରାଧାନ୍ୟତା ଦେଉଥିଲେ, କାରଣ ଏହା ସେମାନଙ୍କ କାମରେ କୌଣସି ବାଧା ଉପୁଜାଉ ନଥିଲା । ଓଡିଆ ଭାଷା ଏକ ପ୍ରାଚୀନ ଭାଷା ଏବଂ ଆମେ ହରପାନ୍ ଭାଷା ଏବଂ ଓଡିଆ ଭାଷା ମଧ୍ୟରେ ଏକ ସମନ୍ୱୟ ପାଇଲୁ । ଏହା ପୂର୍ବରୁ ପ୍ରମାଣିତ ହୋଇଛି ଯେ ଓଡିଆ ହେଉଛି ଭାରତର ଏକ ମୂଳ ପ୍ରାଚୀନ ଭାଷା ଯାହା ଆର୍ଯ୍ୟମାନଙ୍କ ଆସିବାର ବହୁ ପୂର୍ବରୁ ସାମ୍ନାକୁ ଆସିଥିଲା । ଏହି ପରିପ୍ରେକ୍ଷୀରେ ଆମେ ଏକ ଉଦାହରଣ ଦେଇପାରିବା । ସରକାରୀ ଏବଂ ଏକାଡେମିକ୍ ଭାଷା ଭାବରେ ଇଂରାଜୀକୁ ଇଂରେଜ ଭାରତୀୟମାନଙ୍କୁ ପରିଚିତ କରାଇ ଲୋକମାନଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କଲେ ଯଥା ଇଂରାଜୀ-ସାକ୍ଷର ଏବଂ ଇଂରାଜୀ-ଅଶିକ୍ଷିତ । ବ୍ରିଟିଶମାନେ ଇଂରାଜୀ ସାକ୍ଷରମାନଙ୍କୁ ସାଧାରଣ ଲୋକଙ୍କ ବିରୁଦ୍ଧରେ ଶାସକ ଶ୍ରେଣୀ ଭାବରେ ବ୍ୟବହାର କରିଥିଲେ । ଏକ ଭାଷାର ଉତ୍ପତ୍ତି ଏବଂ ଅଭିବୃଦ୍ଧି ପାଇଁ ସ୍କ୍ରିପ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଆମ ଦେଶର ପେଣ୍ଟିଂ ପିକ୍ଟୋଗ୍ରାଫି ଏବଂ ପଥର ଲେଖାଗୁଡ଼ିକର ଅଧିକାଂଶ ଅଂଶ ଓଡିଶାରୁ ମିଳିଛି । ଅଶୋକଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ଓଡିଆ ଭାଷାର ବିଭିନ୍ନ ପର୍ଯ୍ୟାୟରେ ଏହାର ବିକାଶ ହୋଇଥିଲା । ଏହି ଦୀର୍ଘ ସମୟ ମଧ୍ୟରେ, ସ୍କ୍ରିପ୍ଟ ଲେଖିବାର କୌଶଳ ଏବଂ ଭାଷାର ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସିଛି । ଏହା ଓଡିଶାର ଅଭିଲେଖାଗାର ଦଲିଲ (ଖଜୁରୀ ପତ୍ର ପାଣ୍ଡୁଲିପି ଇତ୍ୟାଦି)ରୁ ଯଥେଷ୍ଟ ଅନୁମାନ କରାଯାଇପାରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଙ୍ଗ ଶାସନ ସମୟରେ ଯେତେବେଳେ ଓଡିଆ ଭାଷା ରାଜକୀୟ ଏବଂ ପ୍ରଶାସନିକ ପୃଷ୍ଠପୋଷକତା ଗ୍ରହଣ କଲା, ଓଡିଆ ଭାଷା ଲୋକପ୍ରିୟତା ହାସଲ କଲା । ଗଙ୍ଗ ରାଜାମାନେ ଓଡିଆକୁ ସେମାନଙ୍କର ସରକାରୀ ଭାଷା କରିଥିଲେ । ସେମାନଙ୍କ ପରେ ଗଜପତି ଶାସକମାନେ ଓଡିଆ ଭାଷା ଏବଂ ସାହିତ୍ୟର ପୃଷ୍ଠପୋଷକତା ପ୍ରକ୍ରିୟା ଜାରି ରଖିଥିଲେ । ସମଗ୍ର କଳିଙ୍ଗ  ସାମ୍ରାଜ୍ୟକୁ ଆଚ୍ଛାଦନ କରିବା ପାଇଁ ଓଡିଆ ଚାରିଆଡେ ବ୍ୟାପି ଯାଇଥିଲା ଏବଂ ଦକ୍ଷିଣ-ପୂର୍ବ ଏସୀୟ ଦ୍ୱୀପପୁଞ୍ଜ ସହିତ ମଧ୍ୟବର୍ତ୍ତୀ ଏସିଆ ଏବଂ ଅନ୍ୟାନ୍ୟ ଅଂଶ ସହିତ ପଡୋଶୀ ଅଞ୍ଚଳ ଉପରେ ପ୍ରଭାବ ପକାଇଲା । ଦେଶବ୍ୟାପୀ ତାଙ୍କର ସ୍ୱତନ୍ତ୍ର ପଦବୀ ପ୍ରଦର୍ଶନ କରିବାକୁ ଓଡିଆଙ୍କୁ କ୍ଷମତା ଦିଆଯାଇଥିଲା । ଏହି ପର୍ଯ୍ୟାୟରେ, ଯଦିଓ ଓଡିଶା ମୁସଲମାନ ଏବଂ ମରାଠାଙ୍କ ଦ୍ୱାରା ଅଧିକୃତ ହୋଇଥିଲା, ତଥାପି ସେମାନେ ଓଡିଆ ଭାଷାକୁ କ୍ଷତି ପହଞ୍ଚାଇ ପାରିନଥିଲେ । ମୁସଲମାନ ଏବଂ ମରାଠା ଶାସନ ସମୟରେ ଓଡିଆ ଏବଂ ଅନ୍ୟାନ୍ୟ ଭାଷାରେ ସରକାରୀ କାର୍ଯ୍ୟ କରାଯାଉଥିଲା । ବ୍ରିଟିଶମାନେ ଓଡିଶା ଦଖଲ କରିବା ପରେ ଅଫିସରେ ଓଡିଆର ବ୍ୟବହାରକୁ ସୀମିତ ରଖିଥିଲେ ଏବଂ ବ୍ରିଟିଶ ଶାସନ ଓଡିଆର ଲୋକପ୍ରିୟତା, ବୃଦ୍ଧି ଏବଂ ବିସ୍ତାର ଉପରେ ଯାଞ୍ଚ କରିଥିଲା । ଇଂରେଜ ଚତୁରତାର ସହ ଓଡିଆ ଶିକ୍ଷିତ ସମାଜକୁ ବିଭକ୍ତ କଲେ । ଓଡିଶା ଦୁଇଥର ନ-ଅଙ୍କ ଦୁର୍ଭିକ୍ଷ ପୀଡିତ ହୋଇଥିଲା ଏବଂ ଏହି ସମୟରେ  ବ୍ରିଟିଶମାନେ ସେମାନଙ୍କ ଦୀର୍ଘ ଦିନର ତିକ୍ତ ସମ୍ପର୍କର ପ୍ରତିଶୋଧ ନେଇଥିଲେ ।

ସେହି କଠିନ ସମୟରେ ଓଡିଆ ସେମାନଙ୍କର ପରିଚୟ ଏବଂ ବିବେକ ବଞ୍ଚାଇବାକୁ ଯଥାସମ୍ଭବ ଚେଷ୍ଟା କରିଥିଲା । ସେହି ସମୟ ମଧ୍ୟରେ, ଓଡିଶାର ଅଳ୍ପ କେତେକ ବିଦ୍ୟାଳୟରେ ବ୍ରିଟିଶ ସରକାର ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେଷ୍ଟା କରିଥିଲେ । ସେମାନେ ବିଦ୍ୟାଳୟରେ ଇଂରାଜୀ ପ୍ରବର୍ତ୍ତନ କରିବାକୁ ଜିଦ୍ ଧରିଥିଲେ । ଏବଂ ଇଂରାଜୀ ଶିକ୍ଷିତ ଓଡିଆ ଏହାକୁ ସେମାନଙ୍କ ପାଇଁ ଆଶୀର୍ବାଦ ଭାବରେ ଗ୍ରହଣ କଲେ । ବ୍ରିଟିଶ ସରକାରଙ୍କ ପରବର୍ତ୍ତୀ ପ୍ରୟାସ ଥିଲା ଦୁଇ ବୟସ୍କ ଭାଇ ଯଥା ଓଡିଆ ଏବଂ ବଙ୍ଗାଳୀ ମଧ୍ୟରେ ବିବାଦ ସୃଷ୍ଟି କରିବା । ବ୍ରିଟିଶମାନେ ବିବାଦ ସୃଷ୍ଟି କରିଥିଲେ ଏବଂ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ତିକ୍ତ ସମ୍ପର୍କ ଆଜି ବି ଆମେ ଭୁଲି ନାହାଁନ୍ତି । ଏହି ପରିପ୍ରେକ୍ଷୀରେ ମୁଁ କହିବାକୁ ଚାହେଁ ଯେ ବ୍ରିଟିଶମାନଙ୍କ ସମୟରୁ ନୁହେଁ, ଗୁପ୍ତଙ୍କ ସମୟରୁ ଓଡିଆ ଭାଷାର ସଂଗ୍ରାମ ଆରମ୍ଭ ହୋଇସାରିଛି । ବଙ୍ଗଳା ରାଷ୍ଟ୍ରପତିଙ୍କ କଟକ, ପୁରୀ, ବାଲେଶ୍ୱରକୁ ନେଇ ଗଠିତ ଓରିସନ୍ ବିଭାଗରେ ବଙ୍ଗଳାକୁ ଓଡିଆ ପାଇଁ ବିପଦ ବୋଲି ବିବେଚନା କରାଯାଇଥିଲା । ଓଡ଼ିଶା ବୁଦ୍ଧିଜୀବୀମାନେ ସନ୍ଦେହ କରିଥିଲେ ଯେ ସେମାନଙ୍କ ଭାଷା ବଙ୍ଗାଳୀ ଦ୍ୱାରା ବିଦ୍ୟାଳୟରେ ମାଧ୍ୟମ ତଥା କୋର୍ଟ ଏବଂ କାର୍ଯ୍ୟାଳୟରେ ଭାଷା ଭାବରେ ବିସ୍ଥାପିତ ହେବ । ସେମାନଙ୍କ ଭୟର ମୂଳ ଆଧାର ଥିଲା ୧୮୭୨ ମସିହାରେ ବାଲେଶ୍ୱରରେ ଜଣେ ସ୍କୁଲ ଶିକ୍ଷକ କଣ୍ଟି ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ "ଓଡିଆ ଏକଟା ଭାଷା ନୟେ" । ପୁସ୍ତକ ଯୁକ୍ତି କରିଛି ଯେ, ଓଡିଆ ଏକ ଭାଷା ନୁହେଁ, ବରଂ ବଙ୍ଗାଳୀର ଏକ ପ୍ରକାର । ସରକାରୀ ଭାଷା ଭାବରେ ବଙ୍ଗାଳୀ ଗ୍ରହଣ କରିବା ଉତ୍କଳର ସ୍ୱାର୍ଥରେ ଥିଲା, କଲିକତାର ଜଣେ ପଣ୍ଡିତ ରାଜେନ୍ଦ୍ରଲ ମିତ୍ର ୧୮୬୫ ମସିହାରେ କଟକ ଠାରେ ଏକ ବକ୍ତବ୍ୟରେ ଯୁକ୍ତି କରିଥିଲେ । ସେତେବେଳକୁ ମାଡ୍ରାସ୍ ପ୍ରେସିଡେନ୍ସିର ଏକ ଅଂଶ ଗଞ୍ଜାମ ଟ୍ରାକ୍ଟରରେ ଓଡିଆ ବଦଳାଯାଇଥିଲା । ଅଫିସରେ ତଥା ବିଦ୍ୟାଳୟରେ ତେଲୁଗୁ ଦ୍ୱାରା । ଏହା ସେମାନଙ୍କ ପାଇଁ ବିପଦକୁ ବାସ୍ତବରେ ପରିଣତ କରିଥିଲା । ସମ୍ବଲପୁରକୁ ନେଇ ଗଠିତ ପଶ୍ଚିମ ଓଡ଼ିଶାରେ ବିପଦ ମଧ୍ୟ ସମାନ ଥିଲା । ୧୮୯୫ ମସିହାରେ କେନ୍ଦ୍ରୀୟ ପ୍ରଦେଶର ମୁଖ୍ୟ କମିଶନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଫିସରେ ଏବଂ ବିଦ୍ୟାଳୟରେ ଓଡିଆ ସ୍ଥାନରେ ହିନ୍ଦୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସରକାର ଅନୁଭବ କଲେ ଯେ ପ୍ରଦେଶର କିଛି ଅଂଶ ଅର୍ଥାତ୍ ପଶ୍ଚିମ ଓଡ଼ିଶାରେ ସରକାରୀ ଭାଷା ଭାବରେ ଓଡିଆର ବ୍ୟବହାର ପ୍ରଶାସନିକ ସମସ୍ୟା ସୃଷ୍ଟି କରୁଛି ଯାହା ଭାଷା ବିସ୍ଥାପନ କରି ସମାଧାନ ହୋଇପାରିବ । ଭାଷାଭିତ୍ତିକ ପ୍ରସଙ୍ଗରେ କିଛି ସାମାଜିକ ଏବଂ ଅର୍ଥନୈତିକ ଆଭିମୁଖ୍ୟ ରହିଥିଲା । ଓଡ଼ିଶାର ବଙ୍ଗୀୟମାନେ ଓଡିଆମାନଙ୍କୁ ଅପମାନିତ କରୁଥିଲେ, ଫକିରମୋହନ ସେନାପତି (୧୮୪୩-୧୯୧୮) ତାଙ୍କ ଆତ୍ମଜୀବନୀରେ ଏବିଷୟରେ ଅଭିଯୋଗ କରିଥିଲେ । ସମସ୍ତ ସରକାରୀ କାର୍ଯ୍ୟାଳୟରେ ନିମ୍ନ ସ୍ତରର ଅଧିକାରୀମାନେ ବଙ୍ଗାଳୀ ଭାଷାଭାଷୀ ଥିଲେ, ଯେଉଁମାନେ ଓଡିଆକୁ ବଙ୍ଗାଳୀ ସହିତ ବଦଳାଇବାକୁ ଦୃଢ ଭାବରେ ପ୍ରଚାର କରିଥିଲେ । ‘ଯଦି କୌଣସି ଚାକିରି ଖାଲି ହୁଏ, ସେମାନେ ନିଜ ନିଜ ଲୋକଙ୍କୁ ଆଣିବାକୁ ଚେଷ୍ଟା କରିବେ । ଜନ କାର୍ଯ୍ୟ ଏବଂ ଡାକ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ହେଲେ ଓଡିଆ ବ୍ୟକ୍ତି ନଥିଲେ । ଗଙ୍ଗାଧର ମେହେର (୧୮୬୨-୧୯୨୪), ଜଣେ ମହାନ କବି, ଓଡ଼ିଶାରେ କାର୍ଯ୍ୟ କରୁଥିବା ଅଣ-ଓଡିଆ ଅଧିକାରୀମାନଙ୍କୁ ବିଦେଶୀ ଭାବରେ ବର୍ଣ୍ଣନା କରିଥିଲେ, ଯେଉଁମାନେ ରାଜାଙ୍କୁ 'ଆମ ଶବ୍ଦକୁ ଭୁଲ୍ ବ୍ୟାଖ୍ୟା କରନ୍ତି', ଆମର ଖାଦ୍ୟ ଏବଂ ଜଳ ଖାଇଥା'ନ୍ତି ଏବଂ 'ଆମକୁ ପ୍ରହାର କରନ୍ତି । ୧୮୬୫-୬୬ ମସିହାରେ ଓଡ଼ିଶାରେ ହୋଇଥିବା ଦୁର୍ଭିକ୍ଷର ଗମ୍ଭୀରତା ବିଷୟରେ ବର୍ଣ୍ଣନା କରୁଥିବାବେଳେ ଫକିର ମୋହନ ନିମ୍ନ ସ୍ତରର ବଙ୍ଗୀୟ ଅଧିକାରୀଙ୍କୁ ଦାୟୀ କରିଥିଲେ, କାରଣ ସେମାନେ ଅଧିକାରୀଙ୍କ ନିକଟରେ ପ୍ରବେଶ କରିଥିଲେ, କିନ୍ତୁ ପ୍ରକୃତ ପରିସ୍ଥିତିକୁ ରକ୍ଷା କରିଥିଲେ । ଦୁର୍ଭିକ୍ଷର ସାକ୍ଷୀ ଥିବା ଲେଖକ ଲେଖିଛନ୍ତି ଯେ ଓଡିଆ ଭାରତୀୟ ଅଧିକାରୀଙ୍କ ସମ୍ବେଦନଶୀଳ ଅବହେଳା ହେତୁ ବ୍ରିଟିଶ କର୍ତ୍ତୃପକ୍ଷ ଠିକ୍ ସମୟରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ । ଏହା ବ୍ୟତୀତ ବଙ୍ଗାଳୀଙ୍କ 'ପ୍ରବାହ' ସ୍ଥାନୀୟ ପରିବେଶକୁ ପ୍ରଦୂଷିତ କରିଥିଲା, କାରଣ ଓଡିଆମାନେ କେବଳ ପଡ଼ୋଶୀମାନଙ୍କ 'ଖରାପ' ଅଭ୍ୟାସକୁ ଅନୁକରଣ କରିଥିଲେ ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି । ଭାଷା ବିବାଦ ପରେ, ଫକିର ମୋହନଙ୍କ ଉଦାହରଣରେ ବାଲେଶ୍ୱରରେ ବୈଠକ କରିଥିଲେ ଏବଂ ସ୍କୁଲରୁ ଓଡିଆ ରଦ୍ଦ ହେବାର ସମ୍ଭାବନା ବିରୋଧରେ ସରକାରଙ୍କୁ ଏକ ନିବେଦନ ପଠାଇଥିଲେ । ଯେହେତୁ ପାଠ୍ୟପୁସ୍ତକ ଅଭାବକୁ ରଦ୍ଦ ପାଇଁ ଆଧାର ଭାବରେ ଦର୍ଶାଯାଇଥିଲା, ବୁଦ୍ଧିଜୀବୀମାନେ ବିଦ୍ୟାଳୟଗୁଡ଼ିକ ପାଇଁ ପାଠ୍ୟ ପୁସ୍ତକ ଲେଖିବାକୁ ସ୍ଥିର କଲେ । ମଧୁସୂଦନ ରାଓ (୧୮୫୩ - ୧୯୧୨) ପ୍ରାଥମିକ ଶିକ୍ଷାର୍ଥୀ, ବର୍ଣ୍ଣବୋଧ, ଫକିର ମୋହନ ଗଣିତ ପ୍ରାଥମିକ, ଅଙ୍କମାଲା (୧୮୭୦) ଏବଂ ଭାରତର ଇତିହାସକୁ ଦୁଇ ଭାଗରେ (୧୮୬୯ -୭୦) ଲେଖିଥିବାବେଳେ ଗାନ୍ଧର ମେହେର ପ୍ରାଥମିକ ମାନକ ଅନୁଯାୟୀ ହିନ୍ଦୀ କବିତା ଅନୁବାଦ କରିଥିଲେ ଏବଂ ବିଦ୍ୟାଳୟର ଇନ୍‌ସପେକ୍ଟର ଭାବରେ କାର୍ଯ୍ୟ କରୁଥିବା ଏବଂ ବିଦ୍ୟାଳୟରେ ଓଡିଆକୁ ବଜାୟ ରଖିବା ପାଇଁ ନିଜର କ୍ଷମତାରେ କାର୍ଯ୍ୟ କରୁଥିବା ରାଧାନାଥ ରାୟ (ପ୍ରାଥମିକ ଛାତ୍ରମାନଙ୍କ ପାଇଁ  ଭୁଗୋଳ ଠାରୁ ଆରମ୍ଭ କରି ଗଣିତ ପର୍ଯ୍ୟନ୍ତ ସମସ୍ତ ବିଷୟ ଉପରେ ପୁସ୍ତକ ଲେଖିଥିଲେ । ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଏବଂ ଗୌରୀ ଶଙ୍କର ରାୟ ମଧ୍ୟ ଏହି ସମୟ ମଧ୍ୟରେ ବିଦ୍ୟାଳୟର ପାଠ୍ୟ ପୁସ୍ତକ ଲେଖିଥିଲେ । ଓଡ଼ିଶାର ଭାଷାଭିତ୍ତିକ ଏବଂ ସାଂସ୍କୃତିକ ମହାନତାକୁ କ୍ଷୁର୍ଣ୍ଣ କରିବା'କୁ ପ୍ରତିହତ କରିବା ପାଇଁ ବୁଦ୍ଧିଜୀବୀମାନେ ସେମାନଙ୍କର ଆଞ୍ଚଳିକ ପରିଚୟ ବଜାୟ ରଖିବା ପାଇଁ ଏକ ଗୌରବମୟ ଅତୀତ ଗଠନ କରିଥିଲେ । ପ୍ୟାରୀ ମୋହନ ଆଚାର୍ଯ୍ୟଙ୍କ ଓଡ଼ିଶା ଇତିହାସ, ଗୋପାଳ ଚନ୍ଦ୍ର ଆଚାର୍ଯ୍ୟଙ୍କ ଶ୍ରୀ ଜଗନ୍ନାଥ ଚୈତନ୍ୟ, ଜତିନ୍ଦ୍ର ମୋହନ ସିଂଙ୍କ ଓଡ଼ିଶା ଚିତ୍ର ଏହିପରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ବର୍ତ୍ତମାନର" ପିଢ଼ିକୁ ପ୍ରେରଣା ଦେବା ପାଇଁ ଓଡ଼ିଶା ତଥା ଏହାର ସଂସ୍କୃତିକୁ ଗୌରବାନ୍ୱିତ କରିବା ଉଦ୍ଦେଶ୍ୟରେ କରାଯାଇଥିଲା । ଏକ ଦୀର୍ଘ ଇତିହାସ ଯାହା ଆମକୁ ସେହି ମହାନ ବ୍ୟକ୍ତିମାନଙ୍କୁ ମନେ ପକାଇଥାଏ ଯେଉଁମାନେ ଭାଷା ଏବଂ ସଂସ୍କୃତିକୁ ସମର୍ଥନ କରିବା ପାଇଁ ସଚ୍ଚୋଟ ଭାବରେ ଲଢ଼ିଥିଲେ । ବାସ୍ତବରେ ସେମାନେ ଏହି ଭାଷା ମାଧ୍ୟମରେ ଆମକୁ ଓଡିଆ ଭାବରେ ପରିଚୟ ଦେଇଛନ୍ତି । ଭାଷା ପାଇଁ ଏକ ଲମ୍ବା ସଂଘର୍ଷ ସେମାନେ କରିଯାଇଛନ୍ତି ଯାହା ଫଳରେ ସେହି ସ୍ୱାଦକୁ ଆଜି ଆମେ ଅନୁଭବ କରୁଛୁ । ବର୍ତ୍ତମାନ ସମୟ ଆସିଛି ଆମେ କିପରି ସେହି ସଂଘର୍ଷର ନିରନ୍ତରତାକୁ ଜାରି ରଖିବା ନହେଲେ ଓଡ଼ିଆ ଭାଷାକୁ ବଞ୍ଚାଇରଖିବା ଅତ୍ୟନ୍ତ କଠିନ ହେବ । କାରଣ ଆମ ରାଜ୍ୟରେ ଓଡ଼ିଆ ବଦଳରେ ହିନ୍ଦୀ, ଖଣ୍ଡି ହିନ୍ଦୀ, ଇଙ୍ଗଲିଶ ଏବଂ ଖଣ୍ଡି ଇଙ୍ଗଲିଶ ସ୍ଥାନ ନେଇସାରିଛି । ଆମେ ଓଡ଼ିଆରେ କଥା ହେବାକୁ ଲଜ୍ଜ୍ୟା ଅନୁଭବ କରୁଛୁ । ଆମେ ଭାବୁ ଯେ ଯଦି ଆମେ ହିନ୍ଦୀ ବା ଇଂଲିଶରେ କଥା ହେବା ତାହେଲେ ଲୋକ ଭାବିବେ ସେ ବହୁତ ଜ୍ଞାନୀ ଲୋକ । ଏହାର ଅର୍ଥ ନୁହେଁ ଯେ ଆମେ ଅନ୍ୟ ଭାଷା ଶିଖିବା ନାହିଁ । ସାମ୍ପ୍ରତିକ ପରିସ୍ଥିତିରେ ଏହା ଦେଖାଯାଉଛି ଯେ ଓଡିଆ ଭାଷା ଧୀରେ ଧୀରେ ନିଜର ପରିଚୟ ହରାଉଛି ଏବଂ ହିନ୍ଦୀ ଏବଂ ଇଂରାଜୀ ପରି ଅନ୍ୟ ଭାଷା ତାଙ୍କ ସ୍ଥାନ ନେଉଛି । ଓଡିଆ ଭାଷା ସମ୍ପୂର୍ଣ୍ଣ ବିପଦର ସମ୍ମୁଖୀନ । ଆସନ୍ତୁ ଜାଣିବା କାହିଁକି ଏହା ଘଟୁଛି ?

୧ - ଗୋଟିଏ ଭାଷାର ବିକାଶ ସେତେବେଳେ ହୋଇଥାଏ ଯେତେବେଳେ ବ୍ୟବସ୍ଥା ଏହାର ସାହିତ୍ୟ, ସଂସ୍କୃତି, କଳା ଏବଂ ସ୍ଥାପତ୍ୟକୁ ନିଜର ମାତୃଭାଷା ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚାଇ ଦିଆଯାଇଥାଏ । କିନ୍ତୁ ଦୁର୍ଭାଗ୍ୟବଶତଃ ଏହି କାର୍ଯ୍ୟକଳାପ ପୂର୍ବରୁ ବନ୍ଦ ହୋଇସାରିଛି, ଏପରିକି ମହାନ ଲେଖକଙ୍କ କାହାଣୀ ଯାହା ପୂର୍ବରୁ ଆମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲା, ତାହା ବର୍ତ୍ତମାନ ପୁସ୍ତକରୁ ପୃଥକ କରାଯାଇଛି । ପୁସ୍ତକ ଷ୍ଟଲରେ ନବଜାଗରଣ ଆନ୍ଦୋଳନ ଯୁଗର ଲେଖକ ମାନଙ୍କର ସାହିତ୍ୟ ଉପଲବ୍ଧ ନାହିଁ । ସାହିତ୍ୟର ପୁନଃମୁଦ୍ରଣ ଯେଉଁଥିରେ ଜୀବନର ସମସ୍ତ ଦିଗକୁ ଆଚ୍ଛାଦନ କରୁଥିବା ସମସ୍ତ ପ୍ରକାରର ସମସ୍ୟା ବିରୋଧରେ ସାମାଜିକ ଆନ୍ଦୋଳନ ବର୍ତ୍ତମାନ ବନ୍ଦ ହୋଇଯାଇଛି । ଏକ ଭାଷାର ଅସ୍ତିତ୍ୱର ଧାରା ଗତିଶୀଳ । ଯଦି ଏହାକୁ ଚଳନଶୀଳ କରାନଯାଏ ତାହାହେଲେ ଏହା ନିଶ୍ଚିତ ଭାବରେ ଅସ୍ତିତ୍ୱ ହରାଇବ ।

୨ – ଉଚ୍ଚଶିକ୍ଷା ଅଧ୍ୟୟନରେ, ଓଡିଆକୁ ଗୁରୁତ୍ୱ ଦିଆଯାଉ ନାହିଁ । ସମସ୍ତ ପୁସ୍ତକ ଇଂରାଜୀରେ ଲେଖାଯାଇଛି ଏବଂ ଛାତ୍ରଛାତ୍ରୀମାନେ ଦୀର୍ଘଦିନ ଧରି ଓଡିଆ ସହିତ ସମ୍ପର୍କ ରଖିବାରେ ଅସମର୍ଥ ହୋଇ ଇଂରାଜୀ ଅଧ୍ୟୟନ କରୁଛନ୍ତି । ମେଡିକାଲ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମ ଏପର୍ଯ୍ୟନ୍ତ ଓଡିଆ ଭାଷାରେ ଲେଖା ହୋଇନାହିଁ, ତେବେ ଯୁବ ସମାଜ କିପରି ସେମାନଙ୍କ ମାତୃଭାଷା ସହିତ ସମ୍ପର୍କ ରଖିବାକୁ ସମର୍ଥ ହେବ ?

୩ - ଫକିରମୋହନ ସେନାପତି, ଗଙ୍ଗାଧର ମେହେର, ପ୍ୟାରୀ ମୋହନ ଆଚାର୍ଯ୍ୟ, ରାଧାନାଥ ରାୟ, ବାଞ୍ଛାନିଧି ମହାନ୍ତି ପରି ନବଜାଗରଣ ଲେଖକଙ୍କ ମହାନ ସୃଷ୍ଟି ସାହିତ୍ୟ ଆଜି ବଜାରରେ ଉପଲବ୍ଧ ନାହିଁ ଯାହାଫଳରେ ବର୍ତ୍ତମାନ ପିଢ଼ି ନା ସେମାନଙ୍କୁ ଜାଣିପାରୁଛନ୍ତି ନା ସେମାନଙ୍କ ଦ୍ୱାରା ଲେଖା ଯାଇଥିବା ସାହିତ୍ୟକୁ ପଢି ପାରୁଛନ୍ତି ।

୪ - ଇଂରାଜୀ ପୁସ୍ତକଗୁଡ଼ିକର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି ଯାହା ଫଳରେ ଯେଉଁ ମାନଙ୍କର ଇଂରାଜୀ ଜ୍ଞାନ ନାହିଁ ସେମାନେ ଜ୍ଞାନ ଜଗତ ଭିତରକୁ ପ୍ରବେଶ କରିବାରେ ସକ୍ଷମ ହୋଇ ପାରିବେ ନାହିଁ ।

୫ - ବର୍ତ୍ତମାନ ଓଡିଆ ପିଲାମାନଙ୍କର ସାହିତ୍ୟ ଏବଂ ଲେଖକ ଉଭୟ ଅବହେଳିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଛନ୍ତି । ଆମେ ଜାଣୁ ଭାଷାର ବିକାଶ ପାଇଁ ପିଲାମାନଙ୍କ ସାହିତ୍ୟର ଏକ ବଡ଼ ଭୂମିକା ରହିଛି, ପିଲାମାନଙ୍କର ସାହିତ୍ୟ କେବଳ ମନୋରଞ୍ଜନ ଏବଂ ଶିକ୍ଷା ପାଇଁ ଲେଖାଯାଇନାହିଁ । ପିଲାମାନଙ୍କର କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ଏବଂ ବିଜ୍ଞାନ ସବୁ ପାଠ୍ୟ ପୁସ୍ତକରେ ପଢା ଯାଇଥାଏ । ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରରେ ଶିଶୁ ସାହିତ୍ୟ ଶିକ୍ଷା ଦିଆଯାଏ । ଏପରିକି ପିଲାମାନଙ୍କର ସାହିତ୍ୟ ଲେଖିବା ବହୁତ କଷ୍ଟକର । କାହାଣୀ, କବିତା, ପ୍ରବନ୍ଧ, ଉପନ୍ୟାସ ଏବଂ ଏକାଙ୍କୀ ଲେଖିବାରେ ଶିଶୁ ଲେଖକ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ବର୍ତ୍ତମାନ ସେମାନଙ୍କୁ ଅବହେଳା କରାଯାଉଛି । ସେଥିପାଇଁ ଅନେକ ଲେଖକ ଆଉ ଏଥିରେ ଧ୍ୟାନ ଦିଅନ୍ତି ନାହିଁ । ଶିଶୁ ଲେଖକମାନଙ୍କ ପାଇଁ ଜିଲ୍ଲା ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ କ୍ୱଚିତ୍ ଦେଖାଯାଏ । ଅତୀତରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ଅନେକ ଶିଶୁ ପ୍ରକାଶନ ବନ୍ଦ ହୋଇଯାଇଛି । ସାଧାରଣତଃ ଶିଶୁ ସାହିତ୍ୟର ବିକାଶ ଉପରେ କମ୍ ଗୁରୁତ୍ୱ ଦିଆଯାଉଛି । ଯଦି ଆମେ ଶିଶୁ ସାହିତ୍ୟର ବିକାଶ ପ୍ରତି ଦୃଷ୍ଟି ନଦେବା, ତେବେ ଆଗକୁ  ପାଠ୍ୟ ପୁସ୍ତକ ପାଇଁ ଲେଖାର ଅଭାବ ଅନୁଭବ କରିବୁ । ଏପରି ପରିସ୍ଥିତିରେ ନୂତନ ପିଢ଼ି  ଜଡ ବିହୀନ ହେବା ସ୍ୱାଭାବିକ  କାରଣ ଆମେ ଓଡିଆର ପରିବେଶ ଉପଲବ୍ଧ କରାଇ ପାରିଲୁ ନାହିଁ, ବର୍ତ୍ତମାନ ପରିସ୍ଥିତିରେ ନା ସେମାନେ ଇଂରାଜୀରେ ପରିପକ୍ୱତା ହାସଲ କରିପାରୁଛନ୍ତି ନା ଓଡିଆରେ । ଯଦି ଉପରୋକ୍ତ ବିନ୍ଦୁ ଗୁଡିକ ଉପରେ ପଦକ୍ଷେପ ନିଆଯାଏ ତେବେ ଆମେ ଶ୍ମଶାନ ପ୍ରାଙ୍ଗଣରୁ ଓଡିଆ ଭାଷାକୁ ଫେରାଇ ପାରିବା । ଏଠାରେ ଋଷ, ଜର୍ମାନୀ, ଫ୍ରାନ୍ସ ଏବଂ ଜାପାନ ପରି ଅନ୍ୟ ଦେଶ ବିଷୟରେ ଆଲୋଚନା କରିବା ଉଚିତ୍, ଯେଉଁମାନେ କେବଳ ସେମାନଙ୍କର ମାତୃଭାଷା ବ୍ୟବହାର କରନ୍ତି ଏବଂ ସେମାନଙ୍କରେ ପ୍ରତ୍ୟେକ କାର୍ଯ୍ୟକଳାପ ମାତୃଭାଷାରେ ହିଁ ହୋଇଥାଏ ଏବଂ ସେମାନେ ସମସ୍ତେ ବିକଶିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଶ ଅଟନ୍ତି । ଏହାର ଅର୍ଥ ନୁହେଁ ଯେ ସେମାନେ ଇଂରାଜୀ ଜାଣନ୍ତି ନାହିଁ କିମ୍ବା ଶିଖନ୍ତି ନାହିଁ, ସେମାନେ ଆବଶ୍ୟକ ସ୍ଥଳେ ମଧ୍ୟ ଇଂରାଜୀ କୁହନ୍ତି, କିନ୍ତୁ ସେମାନେ ସେମାନଙ୍କର ମାତୃଭାଷା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ତେଣୁ କୁହାଯାଏ ଯେଉଁ ଦେଶର ମାତୃଭାଷା ଯେତେ ଶକ୍ତିଶାଳୀ, ସେହି ଦେଶ ପ୍ରତ୍ୟେକ କ୍ଷେତ୍ରରେ ସେତେ ବିକଶିତ ।

ଅସିତ ମହାନ୍ତି
ସୁଜନପୁର , ଯାଜପୁର
୯୩୪୮୭୭୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସରକାରୀ ସ୍କୁଲରେ ପାଠ ପଢ଼ି ଆମେ କେତେ ଗର୍ବିତ



ପ୍ରଶାନ୍ତ କୁମାର ବେହେରା

କରୋନା ପ୍ରକୋପରୁ ମାଟ୍ରିକ୍ ପରୀକ୍ଷା କରା ନଯାଇ ଏଇ ନିକଟରେ ଅର୍ଥାତ୍ ୨୦୨୧ ମସିହା ମଇମାସ ଶେଷ ସପ୍ତାହରେ କିଛି ସୁଚିନ୍ତିତ ବ୍ୟବସ୍ଥା ମଧ୍ୟମରେ ଫଳ ପ୍ରକାଶ କରାଗଲା । ଫଳ ପ୍ରକାଶ ପାଇବା ପରେ ପରେ ବହୁତ ଛାତ୍ରଛାତ୍ରୀ ସେଇ ବିନା ପରୀକ୍ଷାରେ ବାହାରିଥିବା ରେଜଲ୍ଟକୁ ନେଇ ଖୁସି ହୋଇଥିବା ବେଳେ ଆଉ କିଛି ଆଶାନୁରୂପ ରେଜଲ୍ଟ ନପାଇ ମନ ଉଣାକରି ପଢୁଥିବା ସ୍କୁଲ୍ ସାମ୍ନାରେ ହେଉ କିମ୍ବା ମାଧ୍ୟମିକ ବୋର୍ଡ ସମ୍ମୁଖରେ ପରିବାର ପରିଜନଙ୍କୁ ସାଥିରେ ଧରି ଇଲେକ୍ଟ୍ରୋନିକ୍ ଓ ପ୍ରିଣ୍ଟ ମିଡ଼ିଆ ସାମ୍ନାରେ ତାଙ୍କ ମନରେ ଥିବା କ୍ଷୋଭକୁ ପ୍ରକାଶ କରିପକାଇଲେ । ଏକଥା ଆମେ ସମସ୍ତେ ସ୍ୱୀକାର କରିବା ଯେ, ଆମ ମନ ଭିତରେ, ଚିନ୍ତା ଚେତନାରେ ବହୁ ସମୟରେ ବହୁକଥା ଆସେ , ସେ ସବୁ ଭିତରୁ ବହୁ ତଉଲା ତଉଲି କରିସାରି କ'ଣ କହିଲେ ଠିକ୍ ହେବ, ସେଇଟାକୁ ହିଁ ଆମେ ମୁହଁରେ ଭାଷାଦେଇ ସର୍ବଜନୀନ କରିଥାଉ । କେଉଁ କଥା କହିଲେ ଲୋକ ଭୁଲ୍ ବୁଝିବେ ବା ପ୍ରକାଶ କରିବା ଠିକ୍ ହେବନାହିଁ ସେମିତି ସବୁ ଭାବନା ଆମ ମନ ଭିତରେ ଅହରହ ଖେଳ ଖେଳୁଥାଏ ।

ପରୀକ୍ଷା ଫଳକୁ ନେଇ ଖୁବ୍ ଅସନ୍ତୁଷ୍ଟ ଥିବା ଝିଅଟେ ନିଜର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହିତାହିତ ଜ୍ଞାନ ଭୁଲି କହୁ କହୁ ବହୁତ କଥା କହିପକାଇବା ସହିତ ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କୁ ଆକ୍ଷେପ କରି କିଛି ଅରୁଚିକର ମନ୍ତବ୍ୟ ଦେବାଦ୍ୱାରା ଆଜିର ଏହି ସ୍ଲୋଗାନ୍ "ମୁଁ ସରକାରୀ ସ୍କୁଲରେ ପଢି ଗର୍ବିତ" ସାମ୍ନାକୁ ଫୁଲ୍ ଦମ୍ ରେ ଆସିଛି । ଏକଥା ନିଶ୍ଚିନ୍ତ ଯେ, ଝିଅଟି ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କୁ ସେମିତି ସବୁ ଆକ୍ଷେପ କରି ସର୍ବସମ୍ମୁଖରେ ମତ ପ୍ରକାଶ କରିବା ନିହାତି ଭୁଲ୍ କରିଛି । ଆଉ ସେଥି ପାଇଁ ବି ଏବେ ସାରା ଓଡ଼ିଶାରେ ଟ୍ରୋଲ୍ ର ଶିକାର ହେଉଛି । ତେବେ ସେ କହିଥିବା କଥାସବୁ ଇଂରାଜୀ ମିଡିଅମ୍ ଓ ଅନ୍ୟ ବେସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମନ ଭିତରେ ରହିଛି କି ନାହିଁ ତାହାର ସଠିକ୍ ଉତ୍ତର ପାଇବା ନିଶ୍ଚୟ ଖୁବ୍ ଜଟିଳ ବ୍ୟାପାର ।

ବର୍ତ୍ତମାନ ଆସିବା ଏବେ ନଗଦ ନଗଦ ଉଠିଥିବା ସ୍ଲୋଗାନ୍ "ମୁଁ ସରକାରୀ ସ୍କୁଲରେ ପଢି ଗର୍ବିତ" ଉପରେ ଆଲୋକପାତ କରିବା । ଅବଶ୍ୟ ଏକଥାରେ ସମସ୍ତେ ଏକମତ ହେବେ ଯେ, ଜଣେ ପଢିଥିବା ସ୍କୁଲ ଓ କଲେଜକୁ ନେଇ ଗର୍ବକରେ । ଏମିତି ଗର୍ବ କରିବା ଉଚିତ୍ ମଧ୍ୟ । ତେବେ ୩୦ ବର୍ଷତଳେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଥିବା ସରକାରୀ ସ୍କୁଲମାନଙ୍କର ଥିବା ଗୌରବ କାଇଁ ଆଜି ଫିକା ପଡିଯାଇଛି ବୋଲି ସମସ୍ତେ ନିଶ୍ଚୟ ଅନୁଭବ କରୁଥିବେ । ଉଦାହରଣରେ ଏଇ ଲେଖକ ଷଷ୍ଠରୁ ଦଶମ ଶ୍ରେଣୀ ( ୧୯୮୨ ମସିହାରୁ ୧୯୮୬ ) ପର୍ଯ୍ୟନ୍ତ ପଢିଥିବା ସ୍କୁଲ ଜଗତସିଂହପୁର ସଦର ମହକୁମାରେ ଅବସ୍ଥିତ ଶ୍ରୀକୃଷ୍ଣ ଏକାଡେମୀର ନିଆଯାଇପାରେ । ୧୯୮୬ ମସିହାରେ ଦଶମ ଶ୍ରେଣୀରେ ୬ଟି ସେକ୍ସନ୍ ଥିବାବେଳେ ଗୋଟେ ସେକ୍ସନ୍ ରେ ୫୦ ପିଲା ରହୁଥିବାରୁ ମାଟ୍ରିକ୍ ପରୀକ୍ଷାରେ ପାଖାପାଖି ୩୦୦ ପିଲା ଫର୍ମ ଫିଲପ୍ କରି ପରୀକ୍ଷା ଦେଉଥିଲେ । କିନ୍ତୁ ଆଜି ଶ୍ରୀକୃଷ୍ଣ ଏକାଡେମୀରେ ପଢୁଥିବା ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ସଂଖ୍ୟା ବୋଧହୁଏ ଦେଢ଼ଶହ ହେବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କି ନାହିଁ ସନ୍ଦେହ । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ସେଇ ସ୍କୁଲରେ ୩୦ ପିଲା ଫର୍ମ ଫିଲପ୍ କରିଥିବେ କି ସେଇ ସଂଖ୍ୟାଠାରୁ ଆହୁରି କମ୍ ତାହା ମୋତେ ଜଣାନାହିଁ । ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଥିବା ଅଧିକାଂଶ ପ୍ରତିଷ୍ଠିତ ବୃହତ୍ ତଥା ଅତୀତରେ ଖୁବ୍ ଗୌରବ ବହନ କରିଥିବା ହାଇସ୍କୁଲ୍ ମାନଙ୍କର ଆଜି ଏଇ ଦଶା ଦେଖିବାକୁ ମିଳିଛି । ଆଉ ଏଥିପାଇଁ ଆମ୍ଭମାନଙ୍କର ସରକାରୀ ସ୍କୁଲ୍ କୁ ନେଇ ଗଢି ଉଠୁଥିବା ମାନସିକତା ହିଁ ବହୁ ମାତ୍ରାରେ ଦାୟୀ । ଏଠି ପଇସାବାଲା ଲୋକ, ନେତା, ମନ୍ତ୍ରୀ ସମସ୍ତେ ସରକାରୀ ଡ଼ାକ୍ତରଖାନାରେ ଚିକିତ୍ସିତ ନହୋଇ ପ୍ରାଇଭେଟ୍ ହସ୍ପିଟାଲ୍ ରେ ଆଡ଼ମିଶନ୍ ନେବାକୁ ପ୍ରାୟ ନିଷ୍ପତି ନେଇଥାନ୍ତି । ପ୍ରାୟ ଦେଖାଯାଏ ସରକାରୀ ହସ୍ପିଟାଲ୍ କୁ ସେଇମାନେ ଯାଇଥାନ୍ତି, ଯେଉଁମାନଙ୍କର ଅର୍ଥବଳ ମଜବୁତ୍ ନଥାଏ ଅର୍ଥାତ୍ ଗରିବ ଗୁରୁବା ହିଁ ସେଠି ଚିକିତ୍ସିତ ହୋଇଥାନ୍ତି । ଠିକ୍ ସେଇ ଏକାକଥା ସରକାରୀ ସ୍କୁଲମାନଙ୍କ ସହିତ ଘଟୁଛି । ଯେଉଁମାନେ ଧନିକ ଶ୍ରେଣୀର ଲୋକ, ସେମାନେ ତାଙ୍କ ପିଲାଙ୍କୁ ଇଂରାଜୀ ମିଡିୟମ୍ ସ୍କୁଲ ବା ଅନ୍ୟ ପ୍ରଇଭେଟ୍ ସ୍କୁଲରେ ମୋଟା ଅଙ୍କର ଫିସ୍ ଦେଇ ପଢାଉଥିବା ବେଳେ ଗରିବ ଗୁରୁବା ତାଙ୍କ ପିଲାମାନଙ୍କୁ ସରକାରୀ ସ୍କୁଲରେ ପଢାଉଛନ୍ତି, ଯେଉଁଠି ସରକାର ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭକରି ବିଭିନ୍ନ ଯୋଜନାମାନ କରିଚାଲିଛନ୍ତି । ଏତେସବୁ ସତ୍ତ୍ୱେ ମଧ୍ୟ ସେ ସବୁ ସ୍କୁଲମାନଙ୍କ ଅବସ୍ଥାରେ କୌଣସି ଆଖିଦୃଷ୍ଟିଆ ପରିବର୍ତ୍ତନ କାଇଁ ପରିଲକ୍ଷିତ ହେଉନାହିଁ । ବରଂ ପ୍ରାଇଭେଟ୍ ସ୍କୁଲମାନଙ୍କରେ ଅଭିଭାବକମାନେ ନିଜ ପିଲାକୁ ଆଡମିଶନ୍ କରିବାକୁ ଖୁବ୍ ବ୍ୟଗ୍ର ହେଉଛନ୍ତି ।

ଏସବୁ ଭିତରେ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଯଦି ଆମକୁ ପଚରାଯାଏ "ତମେ କେଉଁଠି ଚାକିରି କରିବାକୁ ଚାହିଁବ - ପ୍ରାଇଭେଟ୍ ନା ସରକାରୀ ସ୍କୁଲରେ ?" ତେବେ ଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଶ୍ନର ଉତ୍ତର ସମସ୍ତଙ୍କର ନିଶ୍ଚୟ ହେବ "ସରକାରୀ ସ୍କୁଲ" । କାରଣ ସେଠି ଚାକିରି ସର୍ତ୍ତାବଳୀ ସହିତ ମୋଟା ଅଙ୍କର ଦରମା ସରକାର ଦେଇଥାନ୍ତି, ଯାହାକି ଅଧିକାଂଶ ପ୍ରାଇଭେଟ୍ ସ୍କୁଲରେ ମିଳେନାହିଁ । କିନ୍ତୁ ଯଦି ପଚରାଯାଏ, "ତମ ପୁଅ, ଝିଅ, ନାତି ବା ନାତୁଣୀଙ୍କୁ ଏଇ ଦୁଇଟି ସ୍କୁଲ୍ ମଧ୍ୟରୁ କେଉଁଠି ପଢାଇବାକୁ ଉଚିତ୍ ମଣିବ ?" ତେବେ ସେ ପ୍ରଶ୍ନର ରେଡ୍ଡିମେଡ୍ ଉତ୍ତର ନିଶ୍ଚୟ ହେବ "ଇଂରାଜୀ ମିଡିଅମ୍ ବା ଅନ୍ୟ ପ୍ରାଇଭେଟ୍ ସ୍କୁଲ" । ସରକାରୀ ସ୍କୁଲରେ କାହିଁକି ପଢାଇବେ ନାହିଁ ପ୍ରଶ୍ନର ମଧ୍ୟ ଭାଲିଡ୍ କାରଣ ଆମପାଖରେ ସବୁବେଳେ ଉପଲବ୍ଧ । ତାହା ହେଉଛି, "ସରକାରୀ ସ୍କୁଲରେ ଆମପିଲା ପଢି କାହା ସହିତ କମ୍ପିଟେସନ୍ କରିବ ? ଅଧିକାଂଶ ଭଲପିଲା ତ ଇଂରାଜୀ ମିଡିଅମ୍ ଅଥବା ପ୍ରାଇଭେଟ୍ ସ୍କୁଲରେ ପଢୁଛନ୍ତି । ତେଣୁ ସରକାରୀ ସ୍କୁଲରେ ପଢାଇ ମୋ ପିଲାର ଭବିଷ୍ୟତ କାହିଁ ନଷ୍ଟ କରିବି ।"

ସରକାର ମଧ୍ୟ ସରକାରୀ ସ୍କୁଲମାନଙ୍କର ଏଭଳି ସଂକଟଜନକ ଅବସ୍ଥା ବିଷୟରେ ସମ୍ପୂର୍ଣ୍ଣ ଅବଗତ ନାହାଁନ୍ତି ଏକଥା ମଧ୍ୟ ଆମେ କହିପାରିବା ନାହିଁ । ଏଇ ନିକଟରେ ଓଡ଼ିଶା ସରକାର ନିଷ୍ପତି ନେଇଛନ୍ତି ଯେ, ମେଡିକାଲ୍ କଲେଜମାନଙ୍କରେ କିଛି ସିଟ୍ କେବଳ ସରକାରୀ ସ୍କୁଲରୁ ଆସିଥିବା ପିଲାମାନଙ୍କ ପାଇଁ ସଂରକ୍ଷିତ ରହିବ ଏବଂ ଆଗକୁ ଯଦି ସ୍କୁଲ ମାନଙ୍କର ସ୍ଥିତିରେ ସୁଧାର ନ ଆସେ ତେବେ ସରକାରୀ ଚାକିରି କ୍ଷେତ୍ରରେ ମଧ୍ୟ ସଂରକ୍ଷିତ ବ୍ୟବସ୍ଥା ଲାଗୁ ହେବନି ସେକଥା ମଧ୍ୟ ଆମକୁ ମନେ ରଖିବାକୁ ହେବ ।

ବର୍ତ୍ତମାନ ସରକାରରେ ଅବସ୍ଥିତ ଥିବା ଅଧିକାଂଶ ଅଧିକାରୀ ଯେଉଁମାନେ ୨୦ ବର୍ଷ ପୂର୍ବରୁ ମାଟ୍ରିକ୍ ପାଶ୍ କରିଥିଲେ ସମସ୍ତେ ନିଶ୍ଚିନ୍ତ ସରକାରୀ ସ୍କୁଲର ଛାତ୍ରଛାତ୍ରୀ ହୋଇଥିବେ । କିନ୍ତୁ ପରବର୍ତ୍ତି ପିଢି ଅର୍ଥାତ୍ ନିଜ ପୁଅ ଝିଅଙ୍କୁ କେଉଁଠି ପଢାଇଲେ ବା ପଢାଉଛନ୍ତି ତାହା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଛି ଅସଲ ପ୍ରଶ୍ନ । ଆମେ ସମସ୍ତେ ଯଦି ସରକାରୀ ସ୍କୁଲରେ ପଢି ଗର୍ବିତ, ତେବେ ଆମ ପୁଅ ଝିଅଙ୍କୁ ସେଠି ପଢାଇଥିଲେ ଆହୁରି ଅଧିକ ଗର୍ବିତ ନିଶ୍ଚୟ ହୋଇଥାନ୍ତେ । ଏ ଲେଖକ ନିଜେ ଗୋଟିଏ ସୁନାମଧନ୍ୟ ତଥା ଐତିହ୍ୟ ସମ୍ପନ୍ନ ସରକାରୀ ହାଇସ୍କୁଲର ଛାତ୍ର ହିସାବରେ ଗର୍ବ ଅନୁଭବ କରୁଥିବା ବେଳେ ନିଜ ପୁଅକୁ ସେଇ ସ୍କୁଲରେ ନ ପଢାଇ ତା' ପାଖରେ ଗଢିଉଠିଥିବା ଗୋଟେ ପ୍ରାଇଭେଟ୍ ସ୍କୁଲରେ ପଢାଇଥିବାରୁ ସତରେ କାଇଁ ସେଇ ଗର୍ବ ଭାବ ମନ ଭିତରେ କେଉଁଠି ଉଣା ହେଇଯାଉଛି ।

ବର୍ତ୍ତମାନ ସରକାରୀ ଓଡ଼ିଆ ବିଦ୍ୟାଳୟରେ ଅସୁବିଧା ହେଉଛି ସେଠି ଶ୍ରେଣୀ ମୁତାବକ ଶିକ୍ଷକ ଅଭାବ । କେଉଁଠି ୫ଟା କ୍ଲାସ୍ ପାଇଁ ମାତ୍ର ଜଣେ କି ଦୁଇଜଣ ଶିକ୍ଷକ ଥିବାବେଳେ ସେଥିରେ ପୁଣି ସେମାନଙ୍କୁ ବିଭିନ୍ନ କିସମର କାର୍ଯ୍ୟରେ ସରକାର ନିୟୋଜିତ କରିଥାନ୍ତି । ସେଇ ସବୁ କାମ ଭିତରେ ଜନଗଣନା, ଭୋଟର୍ ଲିଷ୍ଟ ସଂଶୋଧନ, ସ୍କୁଲରେ ନିର୍ମାଣ କାର୍ଯ୍ୟ, ଚାରା ଗଛ ରୋପଣ କରିବା ଆଦି ବହୁ କାର୍ଯ୍ୟ କରିବା ସହିତ ପ୍ରଥମ ଶ୍ରେଣୀରୁ ଆରମ୍ଭକରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନଙ୍କର ମଧ୍ୟାହ୍ନ ଭୋଜନ ଦାୟିତ୍ୱ ମଧ୍ୟ ଶିକ୍ଷକମାନେ ବୁଝିଥାନ୍ତି । ଏହା ବାଦ୍ ବିଭିନ୍ନ ସରକାରୀ ଯୋଜନାରେ ପିଲାମାନଙ୍କୁ ମିଳୁଥିବା ବହି, ସାଇକେଲ୍, ଛତା, ଡ୍ରେସ୍ ଆଦି ଜିନିଷପତ୍ର ସହିତ ବିଭିନ୍ନ ବୃତ୍ତି ବାବଦକୁ ଅର୍ଥ ପିଲାମାନେ କେମିତି ସୁରୁଖୁରୁରେ ପାଇବେ ତାହା ମଧ୍ୟ ଶିକ୍ଷକମାନେ ହିଁ ଦେଖନ୍ତି । କିନ୍ତୁ ଆମ ସମୟରେ ଅର୍ଥାତ୍ ୩୦ ବର୍ଷ ତଳେ ଶିକ୍ଷକମାନେ କେବଳ ଶିକ୍ଷାଦାନ କାର୍ଯ୍ୟରେ ହିଁ ନିୟୋଜିତ ହେଉଥିଲେ । କିନ୍ତୁ ବର୍ତ୍ତମାନ ସ୍କୁଲ ମାନଙ୍କରେ ସେ ପୂର୍ବ ସ୍ଥିତି ଆଉ ନାହିଁ, ଏଥିରେ ବହୁତ୍ କିଛି ପରିବର୍ତ୍ତନ ହୋଇସାରିଛି ଯାହା ଫଳରେ ପିଲାମାନେ ଏବେ ପ୍ରାଇଭେଟ୍ ସ୍କୁଲ୍ ମୁହାଁ ହୋଇଛନ୍ତି । ତେଣୁ ପ୍ରଥମେ ସରକାରୀ ବ୍ୟବସ୍ଥାରେ ରହିଥିବା ତ୍ରୁଟି ସବୁକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୁଧୁରିବା ସହିତ ସରକାରୀ ସ୍କୁଲକୁ ନେଇ ଆମ୍ଭମାନଙ୍କ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ଆସିବା ନିହାତି ଆବଶ୍ୟକ । ମୁଁ ପଢିଥିବା ସରକାରୀ ସ୍କୁଲରେ ମୋ ପୁଅ ବି ପଢିଛି, ନାତି ନାତୁଣୀ ବି ପଢୁଛନ୍ତି, ଏମିତି ହେଲେ ବୋଧେ ଆମ ଗର୍ବଟା ବହୁଗୁଣିତ ହୋଇଯିବା ସହିତ ସରକାରୀ ସ୍କୁଲମାନଙ୍କର ଏ ସଂକଟଜନକ ଅବସ୍ଥାର ପରିବର୍ତ୍ତନ ସମ୍ଭବ ହେବ ।

ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା
ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ,
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର ।
ଦୂରଭାଷ - ୯୪୩୭୧୩୫୯୧୬


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶକ୍ତିମୟୀ ମା' ଦୁର୍ଗା

ଆଦ୍ୟାଶକ୍ତି, ସିଂହବାହିନୀ, ମହିଷାମର୍ଦ୍ଦିନୀ, ଦଶଭୁଜା, ପରମ ମଙ୍ଗଳକାରିଣୀ, ସକଳ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କର ଧରାପୃଷ୍ଠରେ ପୂଜା ଆଶ୍ୱିନ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଆରମ୍ଭ ହୋଇ ଦଶମୀ ତିଥିରେ ପରିସମାପ୍ତି ହୁଏ । ପ୍ରତିପଦାଠାରୁ ମା' ଦୁର୍ଗାଙ୍କର ନବରାତ୍ର ପୂଜା ଅନୁଷ୍ଠିତ ହୋଇଥାଏ । ପ୍ରଥମରେ 'ଶୈଳପୁତ୍ରୀ', ଦ୍ୱିତୀୟରେ 'ବ୍ରହ୍ମଚାରିଣୀ', ତୃତୀୟରେ 'ଚନ୍ଦ୍ରଘଣ୍ଟା', ଚତୁର୍ଥ ଦିନ 'କୁଷ୍ମାଣ୍ଡା', ପଞ୍ଚମରେ 'ସ୍କନ୍ଦମାତା', ଷଷ୍ଠରେ 'କାତ୍ୟାୟିନୀ', ସପ୍ତମ ଦିନ 'କାଳରାତ୍ରୀ', ଅଷ୍ଟମରେ 'ମହାଗୌରୀ' ଓ ନବମ ଦିନ 'ସିଦ୍ଧିଦାତ୍ରୀ' ରୂପରେ ପୂଜାପାଆନ୍ତି ।

ମୃଣ୍ମୟ ମୂର୍ତ୍ତିରେ ମା' ଦୁର୍ଗା ନିପୁଣ କଳାକାରମାନଙ୍କ ଦ୍ୱାରା ନିର୍ମିତ ହୋଇ ଧରାପୃଷ୍ଠରେ ପୂଜା ପାଆନ୍ତି । ଅସ୍ତ୍ରଶସ୍ତ୍ର ଧାରଣକରି ସିଂହଉପରେ ଉପବିଷ୍ଟ ହୋଇ ପାଦଦେଶରେ ଶୁଳବିଦ୍ଧ ମହିଷାସୁର ବିଦ୍ୟମାନ ଦୃଶ୍ୟ ଶିଳ୍ପୀର ବାସ୍ତବ ହସ୍ତକଳାର ନୈପୁଣ୍ୟ ପ୍ରଦର୍ଶନ ତଥା ଦେବୀଙ୍କ ସମସ୍ତ ଉପଚାର ଉପଭୋଗ୍ୟ ହୋଇଥାଏ । ଦେବୀ ଷୋଳ କଳାରେ ସଂପୂର୍ଣ୍ଣ ବିକଶିତ ହୋଇଥିବାରୁ ତାଙ୍କୁ ଷୋଡ଼ଶୀ କୁହାଯାଏ । ଦେବୀଙ୍କ ସମୀପରେ କାର୍ତ୍ତିକେୟ, ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ମୂର୍ତ୍ତି ଶୋଭନୀୟ ଦେଖାଯାଏ ।



ଶାନ୍ତିଲତା ସାହୁ

ଦଶହରା ଛୁଟିରେ ବିଦେଶରେ ଥିବା ଗ୍ରାମାଞ୍ଚଳ ଲୋକ ଘରକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସନ୍ତି । ନୂତନ ବସ୍ତ୍ର ପରିଧାନ, ସୁମିଷ୍ଟ ଖାଦ୍ୟବଣ୍ଟନ, ବିଭିନ୍ନ ଉପହାର ଇତ୍ୟାଦି ଆଦାନ-ପ୍ରଦାନ କରାଯାଏ । ବିଭିନ୍ନ ଭେଟି, ପାଉଣା ମଧ୍ୟ ଦିଆଯାଇଥାଏ । ଭୋଜିଭାତ, ପିଠାପଣା, ମେଳା ମହୋତ୍ସବ, ନୃତ୍ୟଗୀତ, ବାଦ୍ୟ ପରିବେଷଣ ହୋଇଥାଏ । ନୂତନଖାତା, ଘରପ୍ରତିଷ୍ଠା, ଓ ପତ୍ରପତ୍ରିକା ପୂଜା ସଂଖ୍ୟା ବିଶେଷାଙ୍କ ପ୍ରକାଶ ପାଇଥାଏ । ଦୁର୍ଗାପୂଜା ଶେଷରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଥାଏ ।

ଓଡ଼ିଶାର ବିଭିନ୍ନ ଶକ୍ତିପୀଠମାନଙ୍କରେ ମହାଆଡ଼ମ୍ବରରେ ମା'ଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଶକ୍ତିପୀଠ ମଧ୍ୟରେ ଯାଜପୁରରେ ବିରଜା, ଝଙ୍କଡ଼ରେ ଶାରଳା, କାକଟପୁରରେ ମଙ୍ଗଳା, ପୁରୀରେ ବିମଳା, ତାଳଚେରରେ ହିଙ୍ଗୁଳା, ସମ୍ବଲପୁରରେ ସମଲାଇ, ବାଣପୁରରେ ଭଗବତୀ, ବଡ଼ମ୍ବାରେ ଭଟ୍ଟାରିକା, ବାଙ୍କୀରେ ଚର୍ଚ୍ଚିକା ପ୍ରଭୃତି ସ୍ଥାନରେ ପ୍ରତିବର୍ଷ ସମସ୍ତ ବିଧିବିଧାନ ଅନୁଯାୟୀ ସ୍ୱତନ୍ତ୍ର ବେଶରେ ସୁସଜ୍ଜିତ କରାଯାଇ ଦେବୀଙ୍କର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ । ମା'ଙ୍କର ବିଶେଷପୂଜା ଅଷ୍ଟମୀରେ ହୁଏ । ଏହି ଦୁର୍ଗାଷ୍ଟମୀ ବ୍ରତକୁ ପୂଜାନୁରାଗୀ ଭକ୍ତମାନେ ପାଳନ କରିଥାନ୍ତି । ଏହିଦିନ ରାତିରେ ସନ୍ଧିପୂଜା ହୁଏ । ନବମୀରେ ନବରାତ୍ର ପୂଜା ହୁଏ । ଦଶମୀରେ ଦଶହରା ଅନୁଷ୍ଠିତ ହୁଏ ଓ ଦେବୀଙ୍କର ବିସର୍ଜନ କରାଯାଏ । ବିସର୍ଜନ ପରେ ଦେବୀଙ୍କ ମେଢ଼ ଭସାଣି ଉତ୍ସବ ହୁଏ ଏବଂ ମୃଣ୍ମୟ ମୂର୍ତ୍ତି ଜଳରେ ବିସର୍ଜନ କରାଯାଏ । ଅସତ୍ୟ, ଅନ୍ୟାୟ ଓ ଆସୁରିକ ଶକ୍ତିଉପରେ ସତ୍ୟ, ନ୍ୟାୟ ଓ ଦୈବୀଶକ୍ତିର ବିଜୟ ଉପଲକ୍ଷେ ଏହାକୁ 'ବିଜୟାଦଶମୀ' ଉତ୍ସବ କୁହାଯାଏ ।

ଅଭୟ ବରଦାୟିନୀ ମା' ଦୁର୍ଗାଙ୍କର ପରମପବିତ୍ର ଆଗମନୀ ଉତ୍ସବରେ ଆନନ୍ଦ ବିଭୋର ଭକ୍ତମାନଙ୍କ କଣ୍ଠରୁ ନିଃସୃତ ହୋଇଥାଏ –

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା

ନମସ୍ତସ୍ୈ ନମସ୍ତସ୍ୈ ନମସ୍ତସ୍ୈ ନମୋନମଃ ।।୧ ।।

ଯା ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା

ନମସ୍ତସ୍ୈ ନମସ୍ତସ୍ୈ ନମସ୍ତସ୍ୈ ନମୋନମଃ ।।୨ ।।

ଯା ଦେବୀ ସର୍ବଭୂତେଷୁ ବିଦ୍ୟା ରୂପେଣ ସଂସ୍ଥିତା

ନମସ୍ତସ୍ୈ ନମସ୍ତସ୍ୈ ନମସ୍ତସ୍ୈ ନମୋନମଃ ।।୩ ।।

ହେ ମା' ପରମବୈଷ୍ଣବୀ, ଅନନ୍ତ ଶକ୍ତିମୟୀ, ସଚରାଚର ବ୍ରହ୍ମାଣ୍ଡ ସୃଷ୍ଟିକାରିଣୀ, ସର୍ବଭୂତରେ ବିରାଜମାନ ମହାମାୟୀ ତୋର ଆଶ୍ରିତକୁ ତଥା ଜଗତବାସୀଙ୍କୁ କରୁଣା ଓ କୃପାଦୃଷ୍ଟିରେ କରୋନା ମହାମାରୀ କବଳରୁ ଉଦ୍ଧାର କରିଦେ ।

କଟକ, ଭ୍ରାମ୍ୟଭାଷ : ୭୩୮୧୩୪୧୦୦୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରସଗୋଲା

ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ । ତାଙ୍କ ନାମ ଅନୁସାରେ ଉତ୍କଳୀୟମାନେ ପରିଚିତ ହୁଅନ୍ତି । ଉତ୍କଳୀୟ ଭାଷା ସଂସ୍କୃତି ଓ ପରମ୍ପରା ସବୁଠୁ ନିଆରା । ଜଗନ୍ନାଥ ଧାମରେ ବାର ମାସରେ ତେର ପର୍ବ ପାଳିତ ହୋଇଥାଏ । ସେହି ଅନୁସାରେ ଓଡ଼ିଆ ଘରେ ପର୍ବପର୍ବାଣୀ, ଉତ୍ସବ ପାଳିତ ହୁଏ । ପର୍ବ ଅନୁସାରେ ପିଠାପଣା କରାଯାଇଥାଏ ଚକୁଳି, ମଣ୍ଡା, ଆରିସା, କାକରା, ଲଡୁ, ରସଗୋଲା, ଗଜା ଖଜା ଇତ୍ୟାଦି । ଏଥି ମଧ୍ୟରୁ ରସଗୋଲା ଅନ୍ୟତମ । ରସଗୋଲା ଛେନାରେ ତିଆରି ସୁମିଷ୍ଟ ବ୍ୟଞ୍ଜନ । ଚିନି ସିରା ଯୁକ୍ତ ମିଠା । ଏହାର ଉତ୍ପତ୍ତି ବହୁ ପ୍ରାଚୀନ । ଓଡ଼ିଶାରେ ତା'ର ଜନ୍ମ । ଜଗନ୍ନାଥ ସଂସ୍କୃତି ସହ ରସଗୋଲାର ଜୀବନ କାହାଣୀ ଜଡିତ ହୋଇ ଥିବାରୁ ଉତ୍କଳୀୟମାନେ ଦାବି କରନ୍ତି ଯେ ରସଗୋଲା ଓଡ଼ିଶାର । ଦିନେ ପଶ୍ଚିମବଙ୍ଗ ସରକାର ଦାବି କରିଥିଲା ରସଗୋଲା ତାଙ୍କର ବୋଲି। ବହୁ ବାଦ ବିବାଦ ତର୍ଜମା ପରେ ଜଣାପଡିଲା ଯେ ରସଗୋଲା ଓଡ଼ିଶାର ।



ବାସନ୍ତୀଲତା ଜେନା

ବଳରାମ ଦାସଙ୍କ ଜଗମୋହନ ରାମାୟଣ ବା ଦାଣ୍ଡି ରାମାୟଣରେ ରସଗୋଲା କଥା ଉଲ୍ଲେଖ କରାଯାଇଛି । ଜଗନ୍ନାଥ ପ୍ରଭୁ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଆଷାଢ ଶୁକ୍ଳ ଦ୍ୱିତୀୟାରେ କର୍ମଭୂମି ରତ୍ନ ସିଂହାସନ ଛାଡ଼ି ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ବୁଲି ଯାଆନ୍ତି । ଲକ୍ଷ୍ମୀ ଠାକୁରାଣୀ ଏକୁଟିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରେ ରହିଥାନ୍ତି । ତେଣୁ ସେ ରାଗରେ ଜର୍ଜରିତ ହୋଇ ରହିଥାନ୍ତି । ନବଦିନ ଯାତ୍ରାପରେ ଶ୍ରୀଜୀଉ ଦଶମୀ ତିଥିରେ ବାହୁଡ଼ା ଯାତ୍ରା କରି ଶ୍ରୀମନ୍ଦିର ଫେରି ଆସନ୍ତି । ଏକାଦଶୀରେ ଶ୍ରୀଜୀଉଙ୍କର ସୁନା ବେଶ ହୁଏ । ଦ୍ୱାଦଶୀରେ ଅଧର ପଣା ପିଅନ୍ତି । ତାପରେ ନୀଳାଦ୍ରି ବିଜେ କରନ୍ତି । ସେତେବେଳେ ଜଗନ୍ନାଥଙ୍କୁ ପ୍ରଭୁ ଲକ୍ଷ୍ମୀ ଠାକୁରାଣୀ ବହୁତ ଗାଳି ଦେଇଥାନ୍ତି । ସେହି ସମୟରେ କାଳିଆଠାକୁର ରସଗୋଲା ଗୋଟେ ଖୁଆଇ ଦେଇ ପ୍ରାଣପ୍ରିୟା ଲକ୍ଷ୍ମୀ ଠାକୁରାଣୀଙ୍କର ମାନ ଭାଙ୍ଗିଥାନ୍ତି । ଏହା ଚିରାଚରିତ ବହୁ ପ୍ରାଚୀନ ପରମ୍ପରା । ଏହା ପୁରାଣରେ ବର୍ଣ୍ଣିତ ହୋଇଛି ।

ଓଡ଼ିଶାର ସାଲେପୁର ରସଗୋଲା ଓ ପାହାଳ ରସଗୋଲା ଦେଶ ବିଦେଶରେ ପରିଚିତ । ଊନବିଂଶ ଶତାବ୍ଦୀର ଶେଷ ବେଳକୁ "କେଳୁ ଚରଣ ବେହେରା" ପାହାଳ ଠାରେ ରସଗୋଲା ପ୍ରସ୍ତୁତ କରି ବ୍ୟବସାୟ କରୁଥିଲେ ।

୨୦୧୫ ଜୁଲାଇ ୪ ତାରିଖରେ ବିଶ୍ୱକୁ ଜଣାଇବା ପାଇଁ ରସଗୋଲା ଓଡ଼ିଶାର ବୋଲି ସାମାଜିକ ଦିବସ ରୂପେ ପାଳିତ ହୋଇଥିଲା । ଏହା ପ୍ରଥମେ ସୋସିଆଲ ମିଡ଼ିଆରେ ପ୍ରଚାର ହୋଇଥିଲା ଓ ପରେ ସମ୍ବାଦ ଏବଂ ରେଡ଼ିଓ ଚକୋଲେଟ୍ ପାହାଳର କେଳୁ ଚରଣ ବେହେରା ମିଠା ବ୍ୟବସାୟୀ ମହାସଂଘ ସହ ମିଶି ଏହାକୁ ଓଡ଼ିଶାର ଜନପ୍ରିୟ କରାଇଥିଲେ । ପ୍ରଥମେ ରସଗୋଲା ଦିବସ ଅବସରରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟନାୟକ ପୁରୀ ବେଳାଭୂମିରେ ରସଗୋଲା ଦିବସ ଲେଖାଥିବା ବାଲୁକାକଳା ନିର୍ମାଣ କରିଥିଲେ । ୨୦୧୮ ମସିହାରେ ଓଡିଶା ସରକାର ଓଡ଼ିଶାର ରସଗୋଲାକୁ ଜିଆଇ ମାନ୍ୟତା ଦେବାକୁ ଆବେଦନ କରିଥିଲେ । ୨୦୧୯ ମସିହା ଜୁଲାଇ ମାସ ୨୯ ତାରିଖରେ ଏହାକୁ ସ୍ୱୀକୃତି ମିଳିଲା ଓଡ଼ିଶାର ବୋଲି ଭୌଗଳିକ ଉପଦର୍ଶନ(ଜିଆଇ) ପ୍ରମାଣପତ୍ର ମିଳିଥିଲା । କହାଯାଏ ୧୦୦ଗ୍ରାମ ରସଗୋଲାରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୮୬ କ୍ୟାଲୋରୀ ଥାଏ । ଯେଉଁଥିପାଇଁ ପାଖାପାଖି ୧୫୩ କ୍ୟାଲୋରୀର କାର୍ବୋହାଇଡ୍ରେଟ ୧.୮୫ ଗ୍ରାମର ଫ୍ୟାଟ୍ (ଲିପିଡ଼) ଓ ୪ ଗ୍ରାମର ପ୍ରୋଟିନ ଥାଏ ।

ରସଗୋଲା ଦେଖିବାକୁ ଯେମିତି ସୁନ୍ଦର ସେମିତି ରସଯୁକ୍ତ ମିଷ୍ଟାନ । ଆବାଳବୃଦ୍ଧ ବନିତା ଖାଇବାକୁ ଖୁବ ଭଲ ପାଆନ୍ତି । ପୂଜାପତିରେ, ଘରେ ଖାଇବାରେ, ବନ୍ଧୁ ଘରକୁ ପଠାଇବାରେ ତାର ଆଦର ବହୁତ ବେଶୀ ।

ଗାନ୍ଧୀନଗର ପୋଷ୍ଟ /ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଧୀନତା ସଂଗ୍ରାମର ପିତାମହ : ତିଳକ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତ, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞାପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶ ପ୍ରେମୀ, ପରମ ପୂଜ୍ୟ, ଦୀନଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ(ବାଲ୍) ଗଙ୍ଗାଧର ତିଲକ ପୁଣ୍ୟାତ୍ମା ଗଙ୍ଗାଧର ତିଲକ (ପନ୍ଥ) ଓ ପାର୍ବତୀ ବାଇଙ୍କ କୋଳମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା । ପରେ ବାଲ୍ ଡାକ ନାମରେ ତିଲକ ପରିଚିତ ହେଲେ । ପିତାମହ ରାମଚନ୍ଦ୍ରଙ୍କ ଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ଶୁଣିଥିଲେ ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା । ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତ୍ତରୋତ୍ତର ଶିକ୍ଷା ସମ୍ଭବ ହେଲା ନାହିଁ । ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ । ଚିପଲୁଙ୍କର ନିବନ୍ଧମାଳାକୁ ତିଳକପୂର୍ଣ୍ଣ ସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା ।



ଅକ୍ଷୟ କୁମାର ରାଉତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୂର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା । ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇ ପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ । ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ । ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ । ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ । ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ । ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ । ବିଦ୍ୟାଳୟ ପରିଦର୍ଶନରେ ହଣ୍ଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚ ଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ । ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରାଷ୍ଟ୍ରର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା । ସମିତି ସଭ୍ୟମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ରେ ମରାଠୀ ସମ୍ବାଦପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ । ଉଭୟ ପତ୍ରିକା ମରାଠାମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା । ତିଲକ ଜାତୀୟ ଜନଜୀବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ୍ୟ ସହାୟକ ହୋଇଥିଲେ । ଅଗରକର ସମ୍ପାଦନ ପଦରୁ ଓହରି ଯିବାରୁ ତିଲକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଲକ ପସନ୍ଦ କରୁନଥିଲେ । ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀଶିକ୍ଷା ଉପରେ ତିଲକ ଗୁରୁତ୍ୱ ଦେଉଥିଲେ । ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେ କରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ । ଯଦି ସେ ପୁନର୍ବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ । ତିଲକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ । ହିନ୍ଦୁ ଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ । ସରକାରୀ ଆଇନଦ୍ୱାରା ସମାଜସଂସ୍କାର ପ୍ରବର୍ତ୍ତନକୁ ତିଲକ ବିରୋଧ କରୁଥିଲେ । ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ । ଏହି ନିଯୁକ୍ତିର ବୈଧତା ଉପରେ ତିଲକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଲକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ ।

୧୮୮୫ ଡିସେମ୍ବର ୨୮ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା । ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଲକ ଅଂଶଗ୍ରହଣ କରି ମରାଠୀ ଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡ ରୁଲ୍' ନୀତି ଯୋଗୁଁ ବମ୍ବେ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଓ ପୁନେରେ ସାଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣହାନୀ ଘଟିଲା । ତିଲକ କଠୋର ଭାବରେ ସମାଲୋଚନା କରି ଇଂରେଜମାନଙ୍କର ଚକ୍ଷୁଶୂଳ ହେଲେ । ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍ରେଷ୍ଟି' ନାମକ ପୁସ୍ତକରେ ତିଲକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ । ତାହା ଥିଲା ଦୁର୍ଭଗ୍ୟଜନକ ତିଲକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ ।

୧୮୯୧ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ରେ ତିଲକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟର ଫେଲୋ ମନୋନୀତ ହେଲେ । ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦ ପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ । ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଲକ । ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସଘାତକ ବୋଲି ଚିତ୍ରିତ ହେଲେ ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରାଷ୍ଟ୍ରରେ ଦେଖାଦେଲା । ତିଲକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଆରମ୍ଭ କରିଦେଲେ । ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା । ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା । ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ । ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ । ତିଲକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀ ମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣହାଉସରୁ ଏକ ରାତ୍ରିଭୋଜନ ସାରି ତିଲକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତ୍ତମାନେ ରେଣ୍ଡସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫଟନାଣ୍ଟ ଆୟବଟକୁ ହତ୍ୟା କରିଦେଲେ । ଏହି ଘଟଣାରେ ଦାମୋଦର ଚିପଲୁ ଫାସି ଦଣ୍ଡ ପାଇଥିଲେ ତିଲକ ନିର୍ଦ୍ଦୋଷ ଥିଲେ ମଧ୍ୟ ପିଙ୍ଗଲ କୋଡ଼ର ୧୨୪(କ) ଧାରାରେ ଅଭିଯୁକ୍ତ ହେଲେ । ତାଙ୍କୁ ୧୮ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା । ଭାରତୀୟ ନେତା ମାନେ ଆପତି ଉଠାଇଲେ । ସଂସଦ ଉଇଲିୟମ୍ ହଣ୍ଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲରୁ ମୁକ୍ତ ହେଲେ । ଏହାପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟ ନେତା ଭାବରେ ସ୍ୱୀକୃତି ଲାଭ କଲେ । ପୁନା ଜେଲରେ ବୈଦିକ ଆର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶିତ କରିଥିଲେ ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇ ହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା । ପ୍ରଥମଥର ପାଇଁ ଏହି ଅଧିବେଶନରେ କଂଗ୍ରେସ୍ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠି ବିବାଦ ଯୋଗୁ ତିଲକ ୧୯୦୭ ଜାନୁୟାରୀ ୨ତାରିଖରେ କାଲିକତାରେ କହିଥିଲେ । ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ । ତୁମେ ଯଦି ସ୍ୱାଧୀନ ହେବାକୁ ଚାହଁ, ସ୍ୱାଧୀନ ହୋଇପାରିବ ନଚେତ ସବୁଦିନ ପାଇଁ ପରାଧୀନ ରହିବ । ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ । ତେବେ ଇଂରେଜ ସରକାର ବିରୁଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ । ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଦ୍ଧ ହୋଇ କରିପାରିବ ତ, କାଲି ତୁମେ ସ୍ୱାଧୀନ ହେବ । କଲିକତା ଅଧିବେଶନରେ ବଙ୍କିମ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା । ବର୍ମାରୁ ଜେଲ୍ ଦଣ୍ଡ ଭୋଗକରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଖଳା ଆରମ୍ଭ ହୋଇଗଲା । ବିଶୃଖଳା ଚରମ ସୀମାରେ ପହଂଚିଲା । କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହିତ କରାଯାଏ । ତିଳକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟବାଦୀ କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ । ତିଳକ ମିଳାମିଶା ପାଇଁ ପଦକ୍ଷେପ ନେଇଥିଲେ । ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ । ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର ।

୧୯୦୮ରେ ପୁନାର ଏକ ଜନ ସଭାରେ ମଦ୍ୟପାନ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ଗୋଖଲେ ଓ ଭଣ୍ଡାରକର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରର ମଦ ଦୋକାନ ଆଗରେ ଆନ୍ଦୋଳନ କଲେ । ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗ୍ସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁ ବରଣ କରିଥିଲେ । କେଶରୀ ପତ୍ରିକାରେ "ଦେଶକା ଦୁର୍ଭାଗ୍ୟ" ଲେଖା ପାଇଁ ରାଷ୍ଟ୍ରଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ ଦୁଇ ଅଭିଯୋଗ ପାଇଁ ତିନି ବର୍ଷ ଜେଲ୍ ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଅର୍ଥ ଦଣ୍ଡ । ହାଇକୋଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଶ ଏବଂ ସଶ୍ରମ ଜେଲ୍ ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା । ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନର ମାଣ୍ଡାଲେ ଜେଲ୍ଖାନାକୁ ପଠାଇଦେଲେ । ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ । ଏପରିକି ଇଂଲଣ୍ଡର ହେନରୀ କଟନ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତ ବ୍ୟକ୍ତ କରିଥିଲେ । ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍ସିଲରେ ତିଲକଙ୍କ ମୁକ୍ତିପାଇଁ ଆବେଦନ କରିଥିଲେ । ଆବେଦନ ନାମଞ୍ଜୁର ହୋଇଗଲା । ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ x ୧୨ଫୁଟ କାଠରେ ତିଆରି ଘରେ ରହୁଥିଲେ । ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣି ରହୁଥିଲେ । କୁଲକର୍ଣ୍ଣି ଅସୁସ୍ଥ ହେଲେ ତିଲକ ତାଙ୍କ ସେବା କରିଥିଲେ । ମାଣ୍ଡାଲେ ଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ । ତାଙ୍କର ଗବେଷଣା ମୂଳକ କୃତି "ଦି ଓରିୟନ" ଥିଲା । ମାଣ୍ଡୋଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ । ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ । ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧ୍ୟକ୍ଷଙ୍କ ଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ । ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ । ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା ।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢ ସଂକଳ୍ପ ତାଙ୍କୁ ମୁକ୍ତ ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା । ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଚଞ୍ଚଳ ହୋଇପଡ଼ିଲେ । ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜିବିତ କରିବାକୁ ଲାଗିପଡ଼ିଲେ । ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ । ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାରକୁ ସମର୍ଥନ ଜଣାଇଲେ । ତିଲକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀଖାପର୍ଦ୍ଦେଙ୍କ ଅଧ୍ୟକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନକରି ୧୯୧୬ ଏପ୍ରିଲ ୨୮ରେ ବେଲଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ । ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ । ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ । ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଲକଙ୍କୁ ଚେତାବନୀ ଓ ଗ୍ୟାରେଣ୍ଟି ମାଗିଲେ । ଓକିଲ ମହମ୍ମଦ ଅଲ୍ଲିଜିନ୍ନାଙ୍କ ମାଧ୍ୟମରେ ତିଲକ ହାଇକୋର୍ଟରେ ଅପିଲ କଲେ ଓ ବିଜୟ ହେଲେ । ନେହରୁ ତିଲକଙ୍କୁ ସମର୍ଥନ ଜଣାଇଲେ । ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌଠାରେ କଂଗ୍ରେସର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା । ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢ଼ିବାକୁ ସଂକଳ୍ପ ନେଲେ । ଏକତ୍ରିତ କରିବାରେ ମୁଖ୍ୟଭୂମିକା ତିଲକ ଗ୍ରହଣ କରିଥିଲେ ତିଲକ ଜନ୍ମ ଦିନରେ ଏକ ଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ । ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୟରେ ଦେଶରେ ସରକାର ମଣ୍ଟେଗୁ ଚେମ୍ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା । ଶାସନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଭାରତ ବ୍ୟାପାର ମନ୍ତ୍ରୀ ମଣ୍ଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ । ଚେମ୍ସଫୋର୍ଡ଼ ବଡ଼ଲାଟ ଭାବରେ ତିଲକ ଓ ହୋମରୁଲ୍ ଲିଗର ନେତାମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ୧୯୧୮ ଜୁନ୍ ଶେଷରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣ୍ଟେଗୁ-ଚେମ୍ସଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା, ତିଲକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହାଦେବ, ଆମେ ସ୍ୱୀକାର କରିବା ଏବଂ ଯାହା ନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା । ରାଜନୀତର ତିଲକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା । ସମ୍ବାଦପତ୍ରରେ ଭାରତର ମୁକୁଟବିହୀନ ସମ୍ରାଟ ଭାବରେ, ତିଲକ ଅଭିହିତ ହୋଇଥିଲେ । ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ । 'ଇଣ୍ଡିଆନ୍ ଅନରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପତ୍ତିଜନଙ୍କ ଲେଖା ପାଇଁ ତିଲକ ଲଣ୍ଡନ ଯାତ୍ରା କରିଥିଲେ । ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା । ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ । ପରାଜୟ ସତ୍ତ୍ୱେ ତିଲକ ଭାରତୀୟ ଜନ ସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧୀ ସ୍ୱୀକାର କରିଥିଲେ । ଇଂଲଣ୍ଡରେ ଏକ ବର୍ଷ ରହି ତିଲକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରି ରଖିଲେ । ଆମେରିକା ରାଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ । ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା । ସରକାର ତିଲକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ । ୧୯୧୯ ଫେବୃୟାରୀ ୨୫ରେ ତିଲକ 'କେକସ୍ଟନ୍ ହଲ୍'ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ । ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ'ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଲକ ପ୍ରତିବାଦ କଲେ । ପୋଲକ ସ୍ଥାନରେ ଏନ.ସି.କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ତ୍ୱପୂର୍ଣ୍ଣ ଥିଲା । ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ । ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧୀଜି ଥିଲେ ତପସ୍ୱୀ ସାଧକ । ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି । ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ ମିନିଟରେ ଶେଷନିଃଶ୍ୱାସ ତ୍ୟାଗ କରିଲେ । ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବମ୍ବେ ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ । ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା । ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ । ତିଲକ ଥିଲେ ନବଭାରତର ନିର୍ମାତା । ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ । ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଐତିହ୍ୟମୟ ଭାରତବର୍ଷ

ପୂର୍ବାପର ପ୍ରାସଙ୍ଗିକ ତୁଳନା ଓ ଉତ୍ତରୋତ୍ତର ଉନ୍ନତିର ମାନ ନିର୍ଦ୍ଧାରଣ କରାଯିବା ସହିତ ସଂସ୍କୃତ ପରିମାର୍ଜିତ ଭାବଧାରା ବିକାଶ କରିବାରେ ସାହାଯ୍ୟ କରିଥାଏ ଇତିହାସ । ଏହା ସ୍ଥଳ ବିଶେଷରେ ବ୍ୟବହାର କରାଯିବା କଥା ଯେଉଁଠି ତୁଳନାତ୍ମକ ବିଚାର ଆସେ । କିନ୍ତୁ ଭବିଷ୍ୟ ବିଚାରକୁ ଗୌଣ କରି ଜୀବନର ପ୍ରତ୍ୟେକ ସମୟରେ ଇତିହାସର ଆବଶ୍ୟକତା ମଣିଷକୁ ନିମ୍ନଗାମୀ କରିଥାଏ !

ଭାରତ ଏକ ସଂସ୍କୃତି ପ୍ରାଧାନ୍ୟ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ଖୁବ୍ ପରିଚିତ ଥିବା ଆମେ ସମସ୍ତେ ଜାଣୁ । ପୃଥିବୀର ପ୍ରଥମ ବିକଶିତ ତିନୋଟି ସଭ୍ୟତା ମଧ୍ୟରୁ ଭାରତର ସ୍ଥାନ ଅନ୍ୟତମ । ସଂସ୍କୃତି, ସଭ୍ୟତା ଉପରେ ପ୍ରାଧାନ୍ୟତା ରଖିଥିବା ଐତିହମୟ ଭାରତବର୍ଷ ମାନବିକ ଦୃଷ୍ଟିକୋଣ ତଥା ସାମାଜିକ ସଂସ୍କାର ଉପରେ ସର୍ବାଦୌ ପ୍ରାଧାନ୍ୟତା ରଖି ତାହାର ପୂର୍ବଜ ଦାର୍ଶନିକ ବରପୁତ୍ର ମାନଙ୍କୁ ସବୁବେଳେ ଶୀର୍ଷ ସ୍ଥାନିତ କରି ରଖି ଆସୁଅଛି । ଯୋଗ, ଚିକିତ୍ସା କ୍ଷେତ୍ରରେ କେତେକ ଗବେଷଣାତ୍ମକ ତଥ୍ୟ ବ୍ୟତୀତ ଅନ୍ୟ କୌଣସି ବୈଜ୍ଞାନିକ ବିକାଶ ଭାରତରେ ହୋଇନଥିବା ଅଗ୍ରାହ୍ୟ କରିହେବ ନାହିଁ । କହିବାକୁ ଗଲେ ଆଜି ସମୟରେ ଆମ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ପ୍ରାୟତଃ



ପଙ୍କଜ କୁମାର ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମସ୍ତ ବୈଜ୍ଞାନିକ ତଥ୍ୟ, ତତ୍ୱ ସବୁ ପାଶ୍ଚାତ୍ୟରୁ ହିଁ ଆସିଥିବା ସ୍ୱୀକାର୍ଯ୍ୟ । ଆମେ କିନ୍ତୁ ସେଗୁଡିକୁ ବିକଶିତ କରିନଥିଲେ ମଧ୍ୟ ସେମାନଙ୍କ ଠାରୁ କିଣି ଆଣି ବ୍ୟବହାର କରୁଥିବା ହେତୁ ଏତେ ଗର୍ବିତ ଯେ ଆଉ ଆଗକୁ କ'ଣ ବିଚାର ବହିର୍ଭୁତ ! ଆମର ଏକମାତ୍ର ଲକ୍ଷ୍ୟ ଯେ କିଛି କାଗଜ, କାଳୀ, ଛପାଯାନ୍ତ୍ର ଇତ୍ୟାଦି ବିଦେଶରୁ ଆଣି, ଦିନରାତି ଲାଗିପଡ଼ି କେତେକ ସୁନ୍ଦର ରଙ୍ଗୀନ କାଗଜର ଖଣ୍ଡ ପ୍ରସ୍ତୁତ କରାଯିବ ଏବଂ ସେଗୁଡିକୁ ଅନ୍ୟାନ୍ୟ ଦେଶ ମାନଙ୍କରେ ବନ୍ଧକ ରଖି ଦୁନିଆର ସମସ୍ତ ଜିନିଷ କିଣି ଆଣି ବ୍ୟବହାର କରାଯାଇ ପାରିବ । ଏତିକି କରି ଆମେ ଦୁନିଆର ସବୁଠାରୁ ଚାଲାକ ମଣିଷ ବୋଲି ପରିଚୟ ଦେଇହେବ ! ଆବଶ୍ୟକ ପଡିଲେ କୌଣସି ବିକଶିତ ରାଷ୍ଟ୍ରର ଟିକିଏ ପଦଲେହନ କରିଦେଲେ ଅସୁବିଧା କିଛି ନାହିଁ ! ତାପରେ ଆମେ ନିଜକୁ ଗୋଟିଏ ବିକାଶଶୀଳ ରାଷ୍ଟ୍ର ବୋଲି ଘୋଷଣା କରୁଥିବା ସେହି ମାନଙ୍କର ଭୃତ୍ୟ ହୋଇ । ସେମାନଙ୍କୁ ଆମ ଦେଶରେ ନିବେଶ, ବ୍ୟବସାୟ କରିବା ପାଇଁ ସୁଯୋଗ ଦେଇ, ଆମେ ରହିଥିବା ସେମାନଙ୍କ କ୍ରୀତଦାସ ହୋଇ ! ଏମିତି ଆଉ କିଛିବର୍ଷ ପରେ ସେମାନେ ଆମକୁ ଶାସନ କରିବା ଲକ୍ଷ ରଖିଥିବା ଷଡ଼ଯନ୍ତ୍ରକୁ ବର୍ତ୍ତମାନ ବୁଝିବା ଆମ କାମ ନୁହେଁ ! କେବଳ ସେମାନଙ୍କ ଦ୍ୱାରା ଦିଆଯାଉଥିବା ପ୍ରସ୍ତାବକୁ ଗ୍ରହଣ କରି ବର୍ତ୍ତମାନ ହାସଲ କରିପାରିବା ସ୍ୱାର୍ଥକୁହିଁ ବିକାଶର ଧାରା ଏବଂ ମାର୍ଗ ବୋଲି ବିଚାର ଆମର ଭବିଷ୍ୟତରେ କେଉଁଦିଗକୁ ଅଗ୍ରସର, ଅଲୌକିକ !!

ପୁର, ପଲ୍ଲୀ ଠାରୁ ଆରମ୍ଭକରି ଦେଶର ପ୍ରମୁଖ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ କୋଣ, ଅନୁକୋଣରେ ଅନେକ ଘଟଣା, ଦୁର୍ଘଟଣା ଘଟିଯାଉଥିବା ଆମ ନଜରକୁ ଆସୁଛି ପ୍ରତ୍ୟହ । ଖବର ପ୍ରବାହର ମାଧ୍ୟମ ଉଛୁଳି ପଡୁଛି ପ୍ରତ୍ୟେକ ଦିନ । ନିଜର ଦକ୍ଷତାକୁ ଅଗଧାଡ଼ିରେ ରଖିବା ମାରାଥନ ଦୌଡରେ ତୁଣ୍ଡ ବାଇଦ ଠାରୁ ଆରମ୍ଭ କରି ଦୂରଦର୍ଶନ, ସାମାଜିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗଣମାଧ୍ୟମ ପର୍ଯ୍ୟନ୍ତ ସମସ୍ତେ ଏତେ ବ୍ୟଗ୍ର କହିଲେ ନସରେ । ଏତଦ ବ୍ୟତୀତ ଯିଏ ଯେଉଁ କ୍ଷେତ୍ରରେ ଅବସ୍ଥାପିତ, ସେହି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ ପୂର୍ବକ ସାମାଜିକ ମାନ୍ୟତା, ବଦାନ୍ୟତା ଅର୍ଜନ କରିବାରେ ଯଥେଷ୍ଟ ନିଗୁଢ଼ । ଏହି ପରିପ୍ରେକ୍ଷୀରେ ଦୈନନ୍ଦିନ ଦେଶ ସାରା ବୈଠକ, ସମାବେଶ, କର୍ମଶାଳା ଇତ୍ୟାଦି ପ୍ରତ୍ୟେକ ସ୍ଥାନରେ ହଜାର ହଜାର ସଂଖ୍ୟାରେ ଚାଲୁଛି । କେଉଁଠି ସଚେତନତା ଶିବିର, କେଉଁଠି ସତସଙ୍ଗ ତ ଆଉ କେଉଁଠି ବିକାଶର ନାରା ଦେଇ ଆଲୋଚନା ମଞ୍ଚ । ଏହିଭଳି କହିବାକୁ ଗଲେ ଅନ୍ୟୂନ ୧୦/୨୦ ପ୍ରତିଶତ ଦେଶର କୃଷକ, ଶ୍ରମିକ ଏବଂ ବାହାନ ଚାଳକମାନଙ୍କର ପାରିଶ୍ରମିକରୁ ବଂଚୁଥିବା ଆମେ ୧୦୦ ପ୍ରତିଶତ ମଣିଷ ଗଣ୍ଡେ ଖାଇଦେଇ, ଖଣ୍ଡେ ପିନ୍ଧି ଦେଲା ପରେ ଆଉ ଆମର କାମ କ'ଣ ? କେବଳ ମିଥ୍ୟା ପ୍ରତିଭା ପ୍ରଦର୍ଶନ କରି ସେମାନଙ୍କ ପାରିଶ୍ରମିକକୁ ଲୁଟି ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ରଖି ଆମ କୋଷ ଭାରି ସେମାନଙ୍କୁ ଦୟାର ପାତ୍ର କରି ରଖିବା ଆମ ଉଦେଶ୍ୟରେ ପରିଚାଳିତ ଏହିସବୁ ବୈଠକ ସମୂହ, ଯାହାର କୌଣସି ଫଳପ୍ରଦ ଆଶା ନଥାଏ । ପୁଣି ତଥାପି ସେହି ବୈଠକ ଗୁଡିକରେ ଆଲୋଚିତ ତଥ୍ୟ ସାଙ୍ଗକୁ ବିଭିନ୍ନ ଖବର ସହିତ ମାନବିକ ଜ୍ଞାନ ବିକାଶ ନିମନ୍ତେ ପ୍ରଚାରିତ, ପ୍ରସାରିତ ତଥ୍ୟ ଗୁଡିକ କେବଳ ଇତିହାସ ଉପରେ ଆଧାରିତ ଯାହା କୌଣସି ଭବିଷ୍ୟତ ମାର୍ଗଦର୍ଶୀ ଭଳି କାମ କରିବା ବିପରୀତେ ଦେଶକୁ ନିମ୍ନଗାମୀ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ତେଣୁ ପ୍ରତିଦିନର ଏହି ଖବରଧାରା ଏବଂ ବିକାଶମୁଖୀ ବୈଠକ ଗୁଡିକରେ ଆଲୋଚିତ ଐତିହାସିକ ଘଟଣାବଳୀ ଉପରେ ଆଧାରିତ ତଥ୍ୟ ଆମକୁ ଅଜ୍ଞାନ କରି ନିମ୍ନଗାମୀ କରିବାରେ ଯଥେଷ୍ଟ ସହଯୋଗ କରୁଅଛି !

ସୃଜନେ ବିଚାରଶୀଳ ଭାବେ ନିରୀକ୍ଷଣ କଲେ ଜାଣିପାରିବେ ଯେ, କୌଣସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗ୍ରାମାଞ୍ଚଳର ବୈଠକ ହେଉକି ରାଜଧାନୀର ସମାବେଶ, ସଚେତନତା ଶିବିର କିମ୍ବା ସରକାରୀ କଳର ଜରୁରୀ ବୈଠକ, ପ୍ରତ୍ୟେକ ସ୍ଥାନରେ ଆଲୋଚିତ ବିଷୟ ଗୁଡିକ ୯୯ ପ୍ରତିଶତ ପୂର୍ବରୁ ଘଟିଯାଇଥିବା ବିଷୟ ଗୁଡିକ ଉପରେ ଆଧାରିତ । ଆଉ ୧ ପ୍ରତିଶତ ବିକାଶମୁଖୀ ଆଲୋଚନା ଯେଉଁଥିରେ କାର୍ଯ୍ୟ କମ୍, ବ୍ୟବସାୟିକ ସାମଞ୍ଜସ୍ୟ ଯଥେଷ୍ଟ ଅଧିକ ! ଆପଣ ଯଦି କୌଣସି ବୈଠକ କିମ୍ବା ଅନୁରୂପ ଘଟଣାର ଲିପିବଦ୍ଧତାକୁ ଦୋହରାଇ ଦେଖିବେ ତାହେଲେ କଥାଟିର ସତ୍ୟତାକୁ ବୁଝିହେବ । ଅନୁରୂପ କୌଣସି ଖବର ହେଉ କି ଆଲେଖ୍ୟ, ଯାହା ମଣିଷ ସମାଜର ଉତ୍ତୋରତ୍ତର ଉନ୍ନତି କାମନା କରି ଲିପିବଦ୍ଧ ହୋଇଥାଏ କିମ୍ବା ପ୍ରଚାରିତ, ପ୍ରସାରିତ କରାଯାଇଥାଏ, ସେଗୁଡିକୁ ମଧ୍ୟ ଅନୁଧ୍ୟାନ କଲେ ଜାଣିହେବ ଯେ ସେଇଥିରେ ମଧ୍ୟ ୯୯ ପ୍ରତିଶତରୁ ଅଧିକ ପୂର୍ବ ଘଟଣା ଉପରେ ଆଧାରିତ କଥା । କୌଣସି ଦୂରଦର୍ଶନ ଧାରାବାହିକ ହେଉକି ସିନେମାରେ ମଧ୍ୟ ଦେଖାଯାଉଥିବା ବିଷୟ ମଧ୍ୟରୁ ୯୯ ପ୍ରତିଶତ ପୂର୍ବରୁ ଘଟିଥିବା ଘଟଣା ଉପରେ ଆଧାରିତ ! ଏମିତିକି ସରକାରୀ ବୈଠକ ଠାରୁ ଆରମ୍ଭ କରି ସାଧାରଣ ସଭା, ସଚେତନତା ଶିବିର ଗୁଡିକରେ ମଧ୍ୟ ଯାହାସବୁ ଆଲୋଚିତ ହୁଏ ସେ ସମସ୍ତ ତଥ୍ୟ କେବଳ ଐତିହାସିକ ଘଟଣାବଳୀ ଗୁଡିକ ଉପରେ ଆଧାରିତ ୯୯ ପ୍ରତିଶତ କଥା ଶୁଣିବାକୁ ମିଳେ ଆମ ଦେଶର ସବୁ କ୍ଷେତ୍ରରେ । କିନ୍ତୁ ଭବିଷ୍ୟ ଦ୍ରଷ୍ଟା ଉଦାହରଣ ହେଉକି ନମୁନା କିମ୍ବା ଅନ୍ଦାଜ଼ର କୌଣସି ସୂତ୍ର ପ୍ରତିପାଦିତ ନହୋଇ କେବଳ ଘଟିଯାଇଥବା ଇତିହାସର ପୁନରାବୃତ୍ତି କରିବା ଆମ ଦେଶର ଏକ ପ୍ରକାର ପୁରାତନ ଚରିତ୍ର ଯାହା ଆମକୁ ଆଉ ଆଗକୁ ଯିବାପାଇଁ ସୁଯୋଗ ସୃଷ୍ଟି କରିବା ବିପରୀତେ ନିମ୍ନଗାମୀ କରିବାରେ ଯଥେଷ୍ଟ ସାହାଯ୍ୟ କରୁଥିବା ଲକ୍ଷ୍ୟ କଲେ ଜାଣିହେବ । ତେଣୁ ଆମେ ଆଉ ନିଜସ୍ୱ ବିକାଶ ଉପରେ କିମ୍ବା ଜ୍ଞାନବର୍ଦ୍ଧିତା ଉପରେ ପ୍ରାଧାନ୍ୟତା ନରଖି କେବଳ ଅନ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ପ୍ରେତ୍ୟେକ କଥାରେ ଯଥେଷ୍ଟ ନିର୍ଭରଶୀଳ ହୋଇପଡୁଥିବା ହେତୁ ବୈଦେଶିକ ଷଡ଼ଯାନ୍ତ୍ରୀକ ଶକ୍ତି ଆମକୁ ଧୀରେ ଧୀରେ କରାୟତ କରିବାରେ ଲାଗି ପଡିଛନ୍ତି । ସେମାନଙ୍କୁ ସୁଯୋଗ ଦେଇ ନିଜକୁ କବଳିତ କରିବାରେ ସକ୍ଷମ ଅଧମ ନିର୍ବୋଧ, ଆମଠାରୁ ଅଧିକ ଆଉ କିଏ କୋଉଠି ଥିବ ବୋଲି ଆମର ଅନ୍ଦାଜ଼ ହେଉନାହିଁ ।

ଭବିଷ୍ୟ ବିଚାରଶୂନ୍ୟ ମଣିଷ ବିଭିନ୍ନ ମାଧ୍ୟମରେ ଇତିହାସକୁ ଦୋହରାଇ ସାଧାରଣ ଲୋକଙ୍କ ପାଖରେ ନିଜର ବଡ଼ିମା ଦେଖାଇ ଆତ୍ମ ସନ୍ତୋଷ ଲାଭ କରିବା ଉଦେଶ୍ୟରେ ପ୍ରତ୍ୟେକ ସମୟରେ ପୂର୍ବରୁ ଘଟିଯାଇଥିବା ଘଟଣାବଳୀ ଗୁଡିକର ପୁନରାବୃତ୍ତି କରିଥା'ନ୍ତି କିମ୍ବା କେତେକ ମହାନ ବ୍ୟକ୍ତିତ୍ୱଙ୍କ ରଚିତ ବାକ୍ୟାବଳୀ ଗୁଡିକର ପୁନଃ ଉପସ୍ଥାପନ କରି ନିଜର ପାରିବାପଣ ସାବ୍ୟସ୍ତ କରିଥା'ନ୍ତି । ଭବିଷ୍ୟ ଆଲୋଚନା, ପ୍ରୟୋଗାତ୍ମକ ଜ୍ଞାନ, ନୂତନ ଆବିଷ୍କାର / ଉଦ୍ଭାବନ ଇତ୍ୟାଦି ବିଷୟ ଉପରେ ଜ୍ଞାନ ଶୂନ୍ୟ ମଣିଷ ଚତୁର୍ଦିଗରେ ଭରପୁର ଆମ ଦେଶରେ । ଏହିସବୁ ବିଷୟ ଗୁଡିକରେ ଲେଖାଳି କିମ୍ବା ପ୍ରବଚକ ଶୂନ୍ୟ ଆମ ଦେଶ କେବଳ ଐତିହାସିକ ଆଲୋଚନା, ସମାଲୋଚନା କରିବାରେ ସମସ୍ତେ ବ୍ୟସ୍ତ । ସବୁଠାରୁ ସାଙ୍ଘାତିକ ହେଉଛି ସେହିସବୁ ଐତିହାସିକ ବିଷୟ ଗୁଡିକ କେବଳ ପ୍ରଚାର, ପ୍ରସାର ନିମିତ୍ତ ହୋଇଥାଏ, କିନ୍ତୁ ସେଗୁଡିକୁ ଅନୁକରଣ କରି କାର୍ଯ୍ୟ କରିବା ହୁଏନାହିଁ ଅମ ଦ୍ୱାରା, ବରଂ ବୈଦେଶିକ ନୀତିକୁ ଆପଣେଇ ବଂଚିବା ଶିଖିଛୁ ଆମେ ଯାହା ଆମକୁ କେଉଁ ଦିଗଗାମୀ କରୁଛି ବି·ର କରି ଦେଖିବା କଥା । ତେଣୁ ପ୍ରତ୍ୟେକ ସମୟରେ, ଚଳଚିତ୍ର କିମ୍ବା କଥାରେ ହେଉକି ଆଲେଖ୍ୟରେ ଇତିହାସମୟ କରି ରଖାଯାଇଥିବା ଆମ ଦେଶ ଲୋକଙ୍କ ଜ୍ଞାନବର୍ଦ୍ଧିତା କେଉଁ ଦିଗଗାମୀ ଆମକୁ ବୁଝା ପଡୁନାହିଁ । ଇତିହାସ ପାଲଟି ଯାଇଥିବା ବିଷୟକୁ ବାରମ୍ବାର ଦୋହରାଇ ଆମେ ନିଜକୁ କେବଳ ଅଜ୍ଞାନ କରୁନାହୁଁ ବରଂ ଅନ୍ୟର ପ୍ରତାରଣାର ଶିକାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ରାଷ୍ଟ୍ରକୁ ବିପଦ ମୁଖକୁ ଠେଲି ଦେଉଥିବା ଏକ ମର୍ମନ୍ତୁଦ କାହାଣୀ କାହାର ଅବଚେତନ ମାନସରେ ପାଶୁନଥିବା ଏକ ଅତ୍ୟନ୍ତ ଦୁଃଖଦ ବିଷୟ ! କୌଣସି ଭବିଷ୍ୟ ଜ୍ଞାନ କୌଶଳ, ପ୍ରୟୋଗାତ୍ମକ ପରିବେଶ, ପ୍ରତିଷ୍ଠାନ କିମ୍ବା ଗବେଷଣାତ୍ମକ ବିଷୟ ଉପରେ ଆଧାରିତ ଆଲୋଚନା, ଖବର କିମ୍ବା ଆଲେଖ୍ୟ ହେଉକି ଚଳଚିତ୍ର ଦେଖିବାକୁ ମିଳୁନାହିଁ ଆମ ଦେଶରେ । ସମସ୍ତଙ୍କ ଜ୍ଞାନ କେବଳ ପୂର୍ବ ଘଟଣା କ୍ରମକୁ ଆନ୍ଦୋଳିତ କରୁଥିବା ଏବଂ ସେଗୁଡିକର ପ୍ରଚାର, ପ୍ରସାର ଯଥେଷ୍ଟ ମାତ୍ରାରେ ଚାଲିଥିବା ଦେଖିବାକୁ ମିଳିବ ଅନୁସନ୍ଧାନୀ ଲକ୍ଷ୍ୟ କଲେ । ଆଜିକାର ଏକବିଂଶ ଶତାବ୍ଦୀରେ ମଧ୍ୟ ଆମେ କେବଳ ଇତିହାସର ପୃଷ୍ଠା ଓଲଟାଇ ନିଜକୁ ବିକାଶର କେଉଁ ଦିଗକୁ ନେଇଚାଲିଛେ ଆମ ଭାବ ବହିର୍ଭୁତ । କେବଳ ପୂର୍ବ ଘଟଣାର ପୁନରାବୃତ୍ତି ଏକ ରକମ ଆମ ଦେହରେ ମିଳାଇ ଗଲାଣି ! ବିକାଶ, ଉତ୍ତରୋତ୍ତର ଉନ୍ନତି କହିଲେ କେବଳ ଇତିହାସକୁ ଦୋହରାଇବା ଛଡା କୌଣସି ଗବେଷଣାତ୍ମକ, ବି୍ଚାରଶୀଳ କିମ୍ବା ଦୂରଦୃଷ୍ଟିର ଯଥେଷ୍ଟ ଅଭାବ ପରିଲକ୍ଷିତ ହୁଏ ଆମ ସମାଜର ଭବିଷ୍ୟତ କ'ଣ ବିଚାର କରିବା ସମୟ.................. !

ପଙ୍କଜ କୁମାର ପାଣିଗ୍ରାହୀ ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶିଶୁଉପନ୍ୟାସ- ଆଖି ଖୋଲିଦେଲେ ଆଚାର୍ଯ୍ୟବାବୁ

ଆଧୁନିକ ଯୁଗର ବ୍ୟସ୍ତବହୁଳ ଜୀବନରେ ଖାଉଟିମାନେ ପ୍ରତିଟି ସମୟରେ ଜଣାତରେ ଅବା ଅଜଣାତରେ ଅସାଧୁ ଓ ମୁନାଫାଖୋର ବ୍ୟବସାୟୀ ଓ ସେବା ଅନୁଷ୍ଠାନମାନଙ୍କ ଦ୍ୱାରା ଶୋଷିତ ହୋଇପଡ଼ନ୍ତି । ସମାଜରେ ଖାଉଟିମାନଙ୍କର ସମସ୍ୟା ଅସନ୍ତୁଳିତ ହୋଇଯାଏ । ନିରୀହ, ମୂର୍ଖ ଖୁବ୍ ଶାନ୍ତଶିଷ୍ଟ ମନେ ହେଉଥିବା ଖାଉଟିମାନେ ବିଭିନ୍ନ ଦ୍ରବ୍ୟ କ୍ରୟ କରୁଥିଲାବେଳେ ଅନେକ ଜଟିଳ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଲାଭଖୋର ବ୍ୟବସାୟୀମାନେ ଦ୍ରବ୍ୟ ବିକ୍ରୟ କରିବାର ଚିଠା ନ ଦେବା କିମ୍ବା ଉଚିତ ଚିଠା ନ ଦେବା ଖାଉଟିମାନଙ୍କ ପାଇଁ ବିପଦଶଙ୍କୁଳ ହୋଇପଡ଼େ । କାହାକୁ କିଛି ନ କହିବାର ଯନ୍ତ୍ରଣାରେ ଛଟପଟ ହୁଅନ୍ତି ବିଚରା ଖାଉଟିମାନେ । ଠକାମୀର ଶିକାର ବି ହୁଅନ୍ତି ଅସଜଡ଼ା ଭାବେ । ସେଥିପାଇଁ ଆଜିର ଏ ଆଧୁନିକ ଯୁଗରେ ଖାଉଟିମାନଙ୍କ ସୁରକ୍ଷା ଅନିବାର୍ଯ୍ୟ ଅଟେ । ବେଳେବେଳେ ଅସୁବିଧାର ସଢ଼ୁଥିବା ଖାଉଟିମାନେ ଆଶ୍ରୟ ଖୋଜୁଖୋଜୁ ପରୋପକାରୀ ମଣିଷଟେ ଦେଖାଦିଅନ୍ତି ତାଙ୍କରି ଆଗରେ । ସାହାଯ୍ୟ କରିବାର ପ୍ରତିଶ୍ରୁତି ବି ଦିଅନ୍ତି ଅନାୟସରେ । ସେଭଳି ମହାନ ବ୍ୟକ୍ତିଟି ହେଲେ ଆଚାର୍ଯ୍ୟ ବାବୁ । ଯେ କି ଖାଉଟିମାନଙ୍କର ଅନେକ ସମସ୍ୟାକୁ ସମାଧାନ କରିଛନ୍ତି ସୁରୁଖୁରୁରେ



କୁଞ୍ଜବିହାରୀ ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। ବିପଦରୁ ମୁକୁଳେଇଦେଇଛନ୍ତି ମାନସିକ ବ୍ୟାଧିରେ ଛଟପଟ ହେଉଥିବା ସରଳ, ନିରୀହ, ମୂର୍ଖ ଖାଉଟିମାନଙ୍କୁ । ଏହିପରି ଘଟଣାକୁ ପାଖରୁ ଦେଖିଥିବା, ଶିଶୁ ଉପନ୍ୟାସ ମହଲରେ ଚହଳ ସୃଷ୍ଟିକରିଥିବା ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ । ନିଜର ଶାଣିତ ଦୂରଦୃଷ୍ଟିକୁ ସାଉଁଟି ସାଉଁଟି ଏକ ସାମାଜିକ କାହାଣୀକୁ ଉପନ୍ୟାସର ଛଟା ଦେଇପାରିଛନ୍ତି ଏହାର ଶିରୋନାମ 'ଆଖି ଖୋଲିଦେଲେ ଆଚାର୍ଯ୍ୟ ବାବୁ' । ବାସ୍ତବିକ ଏହି ଶିଶୁ ଉପନ୍ୟାସ ଯେ କୌଣସି ବର୍ଗର ପାଠକ/ ପାଠିକାମାନଙ୍କୁ ଆକୃଷ୍ଟ କରିପାରିବ ଓ ପାଠକୀୟ ମୂଲ୍ୟବୋଧ ପ୍ରଦାନ କରିପାରିବ ବୋଲି ମୋର ହୃଦବୋଧ ମନେହୁଏ ।

ଶିଶୁସାହିତ୍ୟର ବିଭିନ୍ନ ବିଭାଗରେ ନିଜର ପାରଦର୍ଶିତା ଦେଖାଇପାରିଥିଲେ ବି ଶିଶୁଉପନ୍ୟାସ ଲେଖିବାର ଏକ ସ୍ୱତନ୍ତ୍ର କଳାକୁ ଆଦରି ନେଇଛନ୍ତି ପ୍ରଶାନ୍ତ କୁମାର ମଙ୍ଗରାଜ । ଶିଶୁର ମାନସିକତାକୁ ସାବଲୀଳ ଢଙ୍ଗରେ ଅନୁଶୀଳନ କରି ବିଭିନ୍ନ ପୃଷ୍ଠଭୂମିରେ ଅନେକ ଉପାଦେୟ ଉପନ୍ୟାସ ବାଢ଼ି ଦେଇଛନ୍ତି ପାଠକ ମହଲରେ । କାହାଣୀର ଭାବଭଙ୍ଗୀକୁ ରସାଣିତ କରି ଉପନ୍ୟାସର ଛିଟା ଦେଇପାରିଛନ୍ତି ଶିଶୁଔପନ୍ୟାସିକ ଶ୍ରୀଯୁକ୍ତ ମଙ୍ଗରାଜ । ସାଧାରଣତଃ ଉପନ୍ୟାସରେ ବହୁତ କିଛି ପାଠକମାନଙ୍କୁ ବହୁତ କିଛି କହିବାର ସୁଯୋଗ ଦିଆଯାଇଥାଏ । ଏକ ବିସ୍ତୃତ କାନଭାସରେ ଚରିତ୍ରଗୁଡ଼ିକର ଆତ୍ମିକ ଭାବନାକୁ ପରିପ୍ରକାଶ କରାଯାଇପ । ।ରେ । ବୋଧହୁଏ, ସମାଜରେ ଘଟୁଥିବା ଚିରାଚରିତ କାହାଣୀକୁ ସରଳ, ତରଳ ଭାବରେ ଲମ୍ବେଇ ପାଠକୀୟ ସ୍ୱୀକୃତି ଦେବାକୁ ସତତ ଚେଷ୍ଟିତ ଶିଶୁଔପନ୍ୟାସିକମାନେ । ସେହି ପରିପ୍ରେକ୍ଷୀରେ ଆଜିର ଏ ସମ୍ବେଦନଶୀଳ ଭାବପ୍ରକାଶର ଛିଟା ହିଁ ଶିଶୁ ଉପନ୍ୟାସ ଆଲୋଚିତ ହେବାକୁ ଯାଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋଚନାର ପରିସରଭୁକ୍ତ ଶିଶୁ ଉପନ୍ୟାସର ମୁଖ୍ୟ ଚରିତ୍ରରେ ହରିଆ । ପ୍ରାରମ୍ଭରୁ ହିଁ ସସପେନସ୍ ଆଗକୁ ଗତିଶୀଳ କରୁଛି ଉପନ୍ୟାସଟିକୁ । ଖୋର୍ଦ୍ଧା ଜିଲ୍ଲା ମୋତିପୁର ଗାଁର ନିରୀହ ମଣିଷଟିଏ ହରିଆ । ତା ପୁଅ ରାଜୁ ରୋଗରେ ପୀଡ଼ିତ । କ'ଣ ହେଇଛି ବୋଲି କେହି କହିପାରୁନଥିଲାବେଳେ ସମସ୍ତଙ୍କୁ ଚିନ୍ତା ଘାରିଛି ଆପଣାଛାଏଁ । ଦାଣ୍ଡଆଗରେ ଗାଁ ଲୋକଙ୍କ ଭିଡ଼ ଭିତରକୁ ଠେଲିପେଲି ପଶିଆସନ୍ତି ନୀଳମଣି ବାବୁ । ଚମ ଧୁଡ୍ଡୁଧୁଡ୍ଡୁ ବୁଢାଲୋକଠାରୁ ବୁଝିବାକୁ ଯାଇ ଜାଣିପାରନ୍ତି, ଡାକ୍ତରବାବୁଙ୍କ ଚିଠାଦେଖି ଔଷଧ ଆଣିଥିବା ହରିଆର ପୁଅ ରାଜୁ ନିଜେ ନିଜେ ଖାଇଦେଇଛି ଔଷଧ । ଆଉ ତା'ପରେପରେ ତା' ଦେହସାରା ଆବୁଆବୁ ହୋଇ ଫଳିଯାଇଛି / ପେଟ ଫୁଲିଯାଇଛି । ହରିଆ କାକୁତିମିନତି ହୋଇଛି ନୀଳମଣିବାବୁଙ୍କ ପାଖରେ । ବଂଚିବାର ରାହା ଦେଖେଇବାକୁ ଅନୁରୋଧ କରିଛି ।

ଆଶ୍ୱାସନାର ବାଣୀ ଶୁଣାଇ ଯଥାଯଥ ସାହାଯ୍ୟ କରିଛନ୍ତି ନୀଳମଣି ବାବୁ । ସତେ ଅବା ଦେବଦୂତ ଜଣେ । କଟକ ବଡ଼ଡାକ୍ତରଖାନାକୁ ନେଇଯାଇଛନ୍ତି ପୀଡ଼ିତ ରାଜୁକୁ । ସାଥୀରେ ହରିଆ ଓ ନୀଳମଣି ବାବୁ । ଚିକିତ୍ସା ଆରମ୍ଭରୁ ହିଁ ଜାଣିପାରନ୍ତି ଡାକ୍ତରବାବୁ- ଔଷଧ ବିଷାକ୍ତ ହେଇଯାଇଛି । ଚମକି ପଡ଼ିଛନ୍ତି ଡାକ୍ତରବାବୁ । ପ୍ରଶ୍ନଟିଏ ଉତ୍ଥାପନ କରୁକରୁ ହରିଆ କହିପକେଇଛି- ହଁ, ମୋ ପୁଅ ରାଜୁ ଔଷଧ ଖାଇଛି । ଅବିଳମ୍ବେ ଡାକ୍ତରଙ୍କ ହାତକୁ ଔଷଧର ଚିଠାକୁ ବଢେଇଦେଇଛି । ପୁଙ୍ଖାନୁପୁଙ୍ଖ ଭାବରେ ଚିଠା ଓ ଔଷଧକୁ ଦେଖୁ ଦେଖୁ ହତବାକ୍ ହୋଇଯାଇଛନ୍ତି । ଇଞ୍ଜେକସନ ଓ ଔଷଧ ବଟିକାର ତାଳମେଳ ଖାଉନି । ଏପରିକି ପାଣି ଔଷଧର ଅବଧିକାଳ ସରିଯାଇଛି । ସତରେ ରାଜୁର ସ୍ୱାସ୍ଥ୍ୟବସ୍ଥା କଅଣ ରହିପାରେ !

ଡାକ୍ତରବାବୁ ରାଜୁପାଖରେ ଠିଆ ହୁଅନ୍ତି କିଛି ସମୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହରିଆ ମନର ଦମ୍ଭ ଆପେ ଆପେ ତୁଟିଯାଉଛି । ନୀଳମଣି ବାବୁ ହିଁ ଏକମାତ୍ର ସାହାଭରସା । ଏକ ନିଶ୍ଚିତ ସମ୍ଭାବନାକୁ ପାଥେୟ କରି ହରିଆ ନୀଳମଣିବାବୁଙ୍କ ସହ ବିଚାର ବିମର୍ଷ ଚଳାଏ । ବୁଡ଼ିଲା ଲୋକ କୁଟାଖିଅକୁ ଆଶ୍ରୟ କଲାପରି ମନର ସମସ୍ତ ଆଶା ଆଶଙ୍କାକୁ ବ୍ୟକ୍ତ କରିଦିଏ ନିରୀହ ହରିଆ । ଦୁଇଜଣଙ୍କ ଆଳାପରେ କମା ଦେଇ ଡାକ୍ତରବାବୁ କହିଦିଅନ୍ତି ଶୀଘ୍ର ଔଷଧ କିଣିଆଣିବାକୁ । ବୋଧହୁଏ ରାଜୁ ଭଲ ହୋଇଯିବାର ଆଶାଦୀପଟି ଜଳିଉଠିଛି । ପରିବେଶ ଆଲୋକିତ ହେଇଯାଉଛି । ହରିଆ ପଚାରିଦିଅନ୍ତି- କୋଉ ଔଷଧଦୋକାନରୁ ଆଣିବ ?

ଏଇଠି ସୁନ୍ଦର କଥାଟିଏ ଅବତାରଣା କରାଯାଇପାରେ । 'ହଁ, ଯେକୌଣସି ଦୋକାନରୁ କିଣିପାର । କିଣିଲାପରେ ଔଷଧ ଚିଠା ସହ ଔଷଧର ମେଳ ଖାଇବା, ଔଷଧ କମ୍ପାନୀର ନାମ, ଠିକଣା, ପ୍ରସ୍ତୁତ ହୋଇଥିବା ବର୍ଷ-ମାସ, ଶେଷ ହେବାକୁ ଥିବା ବର୍ଷ-ମାସ ବା କେତେ ମାସ ଭିତରେ ଔଷଧ ସେବନୀୟ, ବ୍ୟାଚ ନମ୍ବର ଇତ୍ୟାଦି ଆବଶ୍ୟକୀୟ ତଥ୍ୟକୁ ନଜର ଦେବା ସମୁଚିତ । ବିଶେଷ କରି ଔଷଧ କିଣିବାର ପ୍ରମାଣ ସ୍ୱରୂପ ରସିଦ ଦୋକାନୀଠାରୁ ଆଦାୟ କରିବା ଉଚିତ । କେବଳ ସେତିକି ନୁହଁ ରସିଦରେ ଔଷଧର ମୂଲ୍ୟାଙ୍କନ ଠିକ୍ ଅଛି କି ନା ଫେରିବା ପୁର୍ବରୁ ତନଖିନେବା ଜରୁରୀ ।'

କଥାଟିକୁ ମନରେ ସାଇତି ରଖି ବେଗିବେଗି ବାହାରିଛନ୍ତି ଦୁହେଁ । ଔଷଧ ଚିଠା ମୁତାବକ କିଣିଆଣିଛନ୍ତି ଔଷଧ ଦେକାନରୁ । ଔଷଧର ମୂଲ୍ୟ ତିନିଶହ ପନ୍ଦର । ଦେକାନୀ ହାତକୁ ମୂଲ୍ୟ ଦେଇ ରସିଦ ଆଣିବାକୁ ବୋଧହୁଏ ମନେ କରିନାହାଁନ୍ତି କିମ୍ବା ଜାଣିନାହାଁନ୍ତି । ଦୋକାନୀ ବି ନିରବିଯାଇଛି ରସିଦ ଦେବାକୁ ।

ଝୁଲାମୁଣିଟିଏ କାନ୍ଧରେ ପକାଇ ଜଣେ ବୟସ୍କ ଲୋକଟିଏ ଦେକାନ ଆଗରେ ଠିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଥାନ୍ତି । ହାବଭାବରୁ ଜଣାପଡୁଛି ପାଠ ପଢୁଆ ବୋଲି । ସେହି ଭଦ୍ରବ୍ୟକ୍ତି ହିଁ କହିପାରନ୍ତି କିଣାଯାଇଥିବା ଔଷଧର ସଠିକ ବିବରଣୀ ।

ଦୋକାନୀର ତୀକ୍ଷ୍ଣ ନଜର ସେହି ବୟସ୍କ ବ୍ୟକ୍ତିଙ୍କ ଉପରେ । ମଧୁର ସମ୍ଭାଷଣରେ କହିପକାଏ ଦୋକାନୀ – 'ଆଚାର୍ଯ୍ୟ ବାବୁ, ନମସ୍କାର । ଆମ ଦୋକାନ ଆଡ଼େ ଟିକେ ଆସନ୍ତୁ ।'

ଆଚାର୍ଯ୍ୟ ବାବୁ ସଚେତନ ନାଗରିକ । ଜଣେ ଖାଉଟି । ଯେକୌଣସି ଦ୍ରବ୍ୟ କ୍ରୟ କଲେ ଖୁବ୍ ସତର୍କତାର ସହ ପରଖି ନିଅନ୍ତି । କେତେବେଳେ କିଣାବିକାରେ କିଛିଟା ଅସଙ୍ଗତ ଦେଖିଲେ, ସଙ୍ଗେ ସଙ୍ଗେ ଜିଲ୍ଲା ଖାଉଟି କମିଶନରେ ଅଭିଯୋଗ ବାଢ଼ିଦିଅନ୍ତି । ସମୟକ୍ରମେ ଅନ୍ୟକୁ ଠକିବାର ପ୍ରୟାସ ଜାରିରଖିଥିବା ଗୋଟିଏ ତେଜରାତି ଦୋକାନରୁ ସଉଦା କିଣି ପରୋକ୍ଷରେ ଦୁଇହଜାର ଟଙ୍କାର ଜୋରିମାନା ଆଦାୟ କରିବାରେ ସକ୍ଷମ ହୋଇପାରିଛନ୍ତି । ଭଲ ନାଁ ଅଛି ଆଚାର୍ଯ୍ୟବାବୁଙ୍କର ଖାଉଟି ସମସ୍ୟା ବାବଦରେ ।

ଡାକ୍ତରବାବୁ କହିଥିବା କଥାଗୁଡ଼ିକ ପ୍ରଶ୍ନ ଆକାରରେ ପଚାରିଦିଏ ହରିଆ । କାରଣ ସେ ଠକିସାରିଛି ପୂର୍ବରୁ । ସେଇଥିପାଇଁତ ସବୁବେଳେ ଭୟ-ଭ୍ରାନ୍ତି-ଆଶଙ୍କାରେ ସେ ସନ୍ତୁଳିତ । ସେହି ପାଠପଢୁଆ ଭଦ୍ରବ୍ୟକ୍ତିଙ୍କୁ ଔଷଧ ଦେଖାଇଛି ହରିଆ । ଆଚାର୍ଯ୍ୟ ବାବୁ କହନ୍ତି- 'ହଁ, ସବୁ ଠିକ୍ ଅଛି ।'

ଦୋକାନୀଟି ସବୁ ଶୁଣୁଥାଏ କାନ ଡେରି । ଆଚାର୍ଯ୍ୟବାବୁ ଖୁବ୍ ବିଶ୍ୱାସୀ, ଭଲ ମଣିଷ ବୋଲି ଭାବିନିଅନ୍ତି ହରିଆ ଓ ନୀଳମଣିବାବୁ । ମନେ ମନେ ଗୁଣି ହୁଅନ୍ତି ଆଚାର୍ଯ୍ୟ ବାବୁ ଦୁଇ ଗାଉଁଲୀ ଲୋକଙ୍କ କଥା । ସତରେ ସେ ଦୁହେଁ କେଡ଼େ ସରଳ, ନିରୀହ । ସତେ ଅବା ଜୀବନରେ ମାଛିକୁ ମ' କହିନାହାଁନ୍ତି !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହରିଆ ଓ ନୀଳମଣିବାବୁଙ୍କ ମନେପଡ଼ିଯାଏ ଔଷଧ ବାବଦକୁ ରସିଦ ଆଣିବାକଥା । ବୋଧହୁଏ କଥାପ୍ରସଙ୍ଗରେ ଭୁଲିଯାଇଛନ୍ତି ରସିଦ ଆଣିବାକୁ ଔଷଧ କିଣିସାରିବା ପରେ । ହଁ ଏମିତି ଏମିତି ବି ସମୟେ ସମୟେ ଘଟିଥାଏ । କିନ୍ତୁ ମୋର ମନେହୁଏ ଭଲ ଆଚରଣ ଓ ଭଲ ଉଚ୍ଚାରଣ କରୁଥିବା ଔଷଧ ଦୋକାନୀ କେବେ ତା ଖରାଖକୁ ଠକିବାକୁ ଚେଷ୍ଟା କରେନାହିଁ । ସେ ଜାଣେ ଗରାଖ୍ ହିଁ ଈଶ୍ୱର । ଗ୍ରାହକ/ ଖାଉଟିକୁ ଯଥୋଚିତ ସମ୍ମାନ ଦେବା ଯେ କୌଣସି ଦୋକାନୀର ପ୍ରାଥମିକତା ।

ଜଣେ ସଚେତକ ଖାଉଟି ଭାବରେ ଦୋକାନୀକୁ ପଚାରିଦିଅନ୍ତି ଆଚାର୍ଯ୍ୟବାବୁ ଔଷଧ କିଣାର ରସିଦ ବାବଦରେ । ଜଣେ ଖାଉଟି ବିଭିନ୍ନ କାରଣବଶତଃ ଦ୍ରବ୍ୟ କ୍ରୟ କରି ସାରିବାପରେ ଉଚିତ ରସିଦ ମାଗିପାରେ ନ ମାଗିପାରେ । କିନ୍ତୁ ପରୋକ୍ଷରେ ଦୋକାନୀ ନିଜଆଡ଼ୁ କ୍ରମିକ ନମ୍ବର ଥିବା ଓ ନିଜ ଦସ୍ତଖତର ରସିଦଟେ ଗ୍ରାହକ/ ଖାଉଟି ଯାଚିଦେବା କଥା । ଏପରି ହେଲେ, ଅବୁଝାମଣା ବା କୌଣସି ଖିଲାପର ଗଳାବାଟ ରହିବନାହିଁ ।

ସେଇଥିପାଇଁ ତ ବିବ୍ରତ ଓ ବିଷର୍ଣ୍ଣ ଦୋକାନୀ ବିଚରା । ଉପାୟଶୂନ୍ୟ ହୋଇ ଆଚାର୍ଯ୍ୟବାବୁଙ୍କ ସହ ଡାକ୍ତରଖାନାର ୧୭ ନମ୍ବର ଖଟିଆ ପାଖରେ ପହଂଚିଯାଇଛନ୍ତି । ଏଇଠି ଗୋଟେ ପ୍ରଶ୍ନ ଉଙ୍କିମାରେ ଯେ ସେମାନେ କେଉଁ ପ୍ରକାରେ ଅବଗତ ହୁଅନ୍ତି ହରିଆର ପୁଅ ରାଜୁ ୧୭ ନମ୍ବର ଖଟିଆରେ ଚିକିତ୍ସାଧୀନ । ଔପନ୍ୟାସିକ ପ୍ରାଞ୍ଜଳଭାବରେ ଉପନ୍ୟାସରେ ସୁଚନା ଦେଇପାରିଥାନ୍ତେ ।

ଚିଠା ମୁତାବକ ଔଷଧ କିଣାଯାଇନଥିବାରୁ ରାଜୁ ପୀଡ଼ିତ ଯାହାକି ଯେ କୌଣସି ରୋଗୀ ପାଇଁ ଏକ ଜ୍ଞାତବ୍ୟର କଥାଟିଏ ।

ହଠାତ ଚମକିପଡ଼ିଯାଆନ୍ତି ଡାକ୍ତରବାବୁ ଯେତେବେଳେ ଆଚାର୍ଯ୍ୟବାବୁ ତାଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ମୁଖରେ ଉପଗତ । ନମସ୍କାର ଜଣାଇ ପଚାରିଦିଅନ୍ତି- ଆପଣ ଏଠି ! ନରମ ସ୍ୱଭାବର ମଣିଷଟେ ଆଚାର୍ଯ୍ୟବାବୁ । ଓଠରେ ଉଙ୍କିମାରିଛି ସରୁ ହସଧାରଟିଏ । ଡାକ୍ତରଙ୍କ ସୁଲଭ ଠାଣିର ପ୍ରଶ୍ନରେ କହିଦିଅନ୍ତି- ଆଚାର୍ଯ୍ୟବାବୁ, ଔଷଧ କିଣାସମୟରେ ରସିଦକୁ ଛାଡ଼ିଦେଇ ଆସିଛନ୍ତି ହରିଆ ଓ ନୀଳମଣିବାବୁ । ସେଇଥିପାଇଁ...

ନୀଳମଣିବାବୁଙ୍କ ହାତରେ ଔଷଧ କିଣାର ରସିଦ । ଖୁସିହେଲେ ମନେ ମନେ । ଯାହାହେଉ ଉଦାରଚେତା ମଣିଷଟେ ଆଚାର୍ଯ୍ୟବାବୁ ଓ ଦୋକାନୀ ଜଣଙ୍କ । ହିସାବ କରୁକରୁ ଜାଣିପାରନ୍ତି ଯେ ଦଶଟଙ୍କା ଅଧିକ ହେଇଯାଇଛି । ନିଜର ପାରିଲାପଣିଆରେ ମାହିର ଭାବୁଥିବା ଦୋକାନୀ ବିଚରାର ମୁହଁ ଲାଜରେ ଝାଉଁଳିଯାଏ । ଅବିଳମ୍ବେ ଟଙ୍କା ଫେରେଇଦିଏ । ନିଜ ଭୁଲ୍ ପାଇଁ କ୍ଷମା ମାଗିନିଏ ଦୋକାନୀ ।

ଫେରିଯାଏ ଦୋକାନୀ ଆପଣାବାଟେ ।

ଔଷଧ ଦେକାନୀମାନଙ୍କୁ କୁସ୍ତାରଟନାପୂର୍ବକ ଅଭିଭାଷଣ ଦେଇ ଡାକ୍ତରବାବୁ କହିଯାଆନ୍ତି କେତୋଟି ଅକୁହା ଇଛା, ଖାଉଟି ସଚେତେନର ନିର୍ଭୀକ ମଣିଷର ଆଚାର୍ଯ୍ୟବାବୁ । ନିଜକଥାରେ ଆଉ କେଇପଦ ଯୋଡ଼ି କହିଯାଆନ୍ତି- ଯଦି ଖାଉଟି ସୁରକ୍ଷା ସଙ୍ଗଠନ ସାହାଯ୍ୟ କରନ୍ତେ ତେବେ ମଫସଲି ଲୋକମାନେ ସଚତେନ ହୋଇ ନିଜର କ୍ଷତିପୂରଣ ପାଇପାରନ୍ତେ ।

ରାଜୁ ଔଷଧ ଆଣିଥିବା ଦୋକାନରୁ ଉପଯୁକ୍ତ ରସିଦ ଆଣିଛି କି ନାହିଁ ପଚାରିଦିଅନ୍ତି ଆଚାର୍ଯ୍ୟବାବୁ । ମାତ୍ର ହରିଆ ଓ ନୀଳମଣିବାବୁ ଉତ୍ତରରେ କୁହନ୍ତି - ନା । ବରଂ କହିଦିଅନ୍ତି ସେ ଦୋକାନୀ ଗରାଖକୁ ରସିଦ ଦିଏନାହିଁ ।

କେନ୍ଦ୍ର ସରକାର ୧୯୮୬ ମସିହା ଡିସେମ୍ବର ମାସ ୨୪ ତାରିଖରେ ଖାଉଟି ସୁରକ୍ଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଇନ ପ୍ରଣୟନ କରି ଖାଉଟିମାନଙ୍କ ସୁରକ୍ଷା ନିମନ୍ତେ ଛଅଗୋଟି ଅଧିକାର ପ୍ରଦାନ କରିଛନ୍ତି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରତି ଜିଲ୍ଲାରେ ଖାଉଟି ବିବାଦ ସମାଧାନ ମଂଚ ପରିସର ମଧ୍ୟରେ ଏକ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରି ଆସୁଅଛି । ଖାଉଟି ପରାମର୍ଶ କେନ୍ଦ୍ରରେ ଅଭିଯୋଗଟି ସମାଧାନ ନ ହୋଇପାରିଲେ କିମ୍ବା ଅଭିଯୋଗକାରୀ ବା ବିରୋଧୀ ମଂଚ ନିଷ୍ପତିରେ ସନ୍ତୁଷ୍ଟ ନ ହେଲେ ଖାଉଟି ପରାମର୍ଶ କେନ୍ଦ୍ର ଉକ୍ତ କେସକୁ ସମାଧାନ ନିମନ୍ତେ ଖାଉଟି ବିବାଦ ସମାଧାନ ମଂଚକୁ ପ୍ରେରଣ କରିଥାଆନ୍ତି । ଛଅଗୋଟି ଅଧିକାର ମଧ୍ୟରୁ ଜାଣିବାର ଅଧିକାରରେ ଖାଉଟି ଅସାଧୁ ବ୍ୟବସାୟୀଙ୍କ ଠକାମୀ କଥାକୁ ବୁଝେଇଥାଏ ।

ସେ ଦୃଷ୍ଟିକୋଣରୁ ହରିଆ ଖୋର୍ଦ୍ଧା ଜିଲ୍ଲାର ଖାଉଟି ପରାମର୍ଶ କେନ୍ଦ୍ରରେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନା କରି କେସ୍ କଲେ ଠକିଥିବା ଦେକାନୀଟି କ୍ଷତିପୂରଣ ଦେବାକୁ ବାଧ୍ୟହେବ । ଏଥିପାଇଁ କୌଣସି ପ୍ରକାରେ ଟଙ୍କା କି ଓକିଲର ପରାମର୍ଶ ଲୋଡ଼ିବା ଆବଶ୍ୟକ ନାହିଁ ।

ଅଚାର୍ଯ୍ୟବାବୁ ଫେରିଗଲେ ନୀଳମଣିବାବୁଙ୍କୁ ଘର ଠିକଣା ବତାଇ ।

ଡାକ୍ତରଖାନାରେ ତିନିଦିନର ରହଣୀରେ ରାଜୁ ସଂପୂର୍ଣ୍ଣ ନୀରୋଗ ହୋଇଗଲା । ହରିଆ ଖୁସିରେ ନିଃଶ୍ୱାସ ମାରିଲା । ରାଜୁ, ହରିଆ ଓ ନୀଳମଣୀ ବାବୁ ଗାଁକୁ ଫେରିଲେ ଆନନ୍ଦ ମନରେ ।

ଯଥାବିଧି ପ୍ରମାଣ ରଖି ଅଭିଯୋଗ କରାଗଲା ଜିଲ୍ଲା ଖାଉଟି ପରାମର୍ଶ କେନ୍ଦ୍ରରେ । ସେ ଏକ ସାଧାରଣ କୋର୍ଟ ଭଳି । ସେଇଠି ଚାଲେ ବିଚାର ବିମର୍ଷ, ଆଳାପ ଆଲୋଚନା । ସମାଧାନର ବାଟ ଖୋଜାଯାଏ । ଦୋଷୀକୁ ଜୋରିମାନା ଦେବାକୁ ପଡ଼େ । କୋର୍ଟରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାରିଖ ଧାର୍ଯ୍ୟ ହେଲା । ବିଚାରକୁ ଅପେକ୍ଷା । ବିଚାରପତି ଅନୁଭବ କଲେ ଯେ ଖାଉଟିର ନିରାପତା ଅଧିକାର କ୍ଷୁର୍ଣ୍ଣ ହୋଇଛି । ରାୟ ଶୁଣାଇଲେ - ଦୋକାନୀ ହରିଆକୁ କ୍ଷତିପୂରଣ ବାବଦକୁ ଏଗାର ହଜର ଟଙ୍କା ଓ କୋର୍ଟ ଖର୍ଚ୍ଚ ବାବଦକୁ ତିନିଶହ ଟଙ୍କା ଦୁଇ ସପ୍ତାହ ମଧ୍ୟରେ ଦେବାକୁ ହେବ । ଖୋର୍ଦ୍ଧାର ଯେଉଁ ବ୍ୟବସାୟୀ ଔଷଧ ଉପରେ ନୂଆ କାଗଜ ଛପା ଲଗାଉଥିଲା, ତାହାକୁ ଏକ ବର୍ଷ ଜେଲ୍ ଓ ପନ୍ଦର ହଜାର ଟଙ୍କା ଦାଖଲ କରିବାକୁ ପଡ଼ିବ ।

ବିଚାରପତିଙ୍କ ରାୟ ଶୁଣାଣିରେ ହରିଆ ଖୁସିରେ ଗଦଗଦ ହୋଇଗଲା । କେବଳ ହରିଆ ନୁହଁ ନୀଳମଣି ବାବୁ ବି ଏ ଖୁସି ମାହୋଲରେ ବିଭୋର ହୋଇପଡ଼ିଲେ । ଆଚାର୍ଯ୍ୟ ବାବୁଙ୍କୁ ପାଖରେ ପାଇ ଆତ୍ମହରା ମୁଦ୍ରାରେ ରାଜୁ କହିପକେଇଲା -ଆଖି ଖୋଲିଦେଲେ ଆଚାର୍ଯ୍ୟ ବାବୁ । ରାଜୁର କଥା ପଦିଏରେ ଆଚାର୍ଯ୍ୟ ବାବୁଙ୍କ ମନ ପୂରିଉଠିଲା । ସେ ରାଜୁକୁ ଆଦରି ନେଲେ ।

ଏଇଠି ହିଁ ଶିଶୁ ଉପନ୍ୟାସ 'ଆଖି ଖୋଲିଦେଲେ ଆଚାର୍ଯ୍ୟବାବୁ'ର ପରିସମାପ୍ତି । ଚରିତ୍ରମାନଙ୍କ ଭିତରେ ଆଚାର୍ଯ୍ୟ ବାବୁ ହିଁ ଆଦର୍ଶବାଦୀ ମଣିଷ ଜଣେ । ଉପନ୍ୟାସଟିକୁ ଅଗ୍ରଗତି କରାଇବାରେ ତାଙ୍କର ଭୁମିକା ଯଥେଷ୍ଟ ରହିଛି । ଖାଉଟି ମାନଙ୍କର ଯାବତୀୟ ସମସ୍ୟା, ବିକ୍ରୟ କେନ୍ଦ୍ରରେ ହେଉଥିବା ବିଶୃଙ୍ଖଳିତ ଆଚରଣ, ଲାଭଖୋର ବ୍ୟବସାୟୀଙ୍କ ଆସାଧୁ ପଣିଆକୁ ସଚେତନ ଭାବରେ ସଜେଇଦେଇଛନ୍ତି ଶିଶୁଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ । ବହୁବଚନ ସଂସ୍ଥା ତରଫରୁ ପୁରସ୍କୃତ ହୋଇ ନିଜର ଉପନ୍ୟାସଟିକୁ ଖାଉଟିମାନଙ୍କ ପାଖରେ ପହଂଚେଇ ଦେଇପାରିଛନ୍ତି । ଖୁବ୍ ଶ୍ରମ ଦେଇଛନ୍ତି ଏଥିପାଇଁ । ନିରଳସ ସାଧକ ଭାବେ କଲମ ମୁନରେ ଶିଶୁମାନଙ୍କ ଦରୋଟି କଥା ଭଳି ଶବ୍ଦ / ବାକ୍ୟ ପ୍ରୟୋଗ କରି ଉପନ୍ୟାସଟିକୁ ଭାବମଞ୍ଜୁଳ କରିପାରିଛନ୍ତି । ଯେତେବେଳେ ଶିଶୁ ସାହିତ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉପନ୍ୟାସ ବିଭାଗଟି ଅଲୋଡ଼ା ବା ନ୍ୟୁନ ପରି ଜଣାପଡ଼େ, ସେହି କ୍ରମରେ ସାମାଜିକ ତଥା ସଚେତନ ହେବାର ବାର୍ତା ଦେଇ ଉପନ୍ୟାସ ଲେଖିଛନ୍ତି ଶିଶୁଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ । ଉପନ୍ୟାସକୁ ଜୀବନ୍ୟାସ ଦେବା ଯେ କେତେ ସମୟ ସାପେକ୍ଷ ଓ ଶବ୍ଦଚୟନର ଆବଶ୍ୟକତା ରହିଛି, ପଢ଼ିଲାପରେ ବୁଝିହେବ ଶିଶୁ ଉପନ୍ୟାସ 'ଆଖି ଖୋଲିଦେଲେ ଆଚାର୍ଯ୍ୟବାବୁ' ।

ଆଲୋଚ୍ୟ ଉପନ୍ୟାସର ରଚନାକାଳ ୧୪, ନଭେମ୍ବର, ୧୯୯୭ । ନିହାତି ଭାବେ ଏକ ଖୁସି ଖବରଟିଏ । କାରଣ ଶିଶୁଦିବସରେ ଶିଶୁଉପନ୍ୟାସର ଜନ୍ମଜାତକ ତିଆରି ହୋଇପାରିଛି । ଭାରତ ସ୍ୱାଧୀନତାପ୍ରାପ୍ତିର ୫୦ ବର୍ଷରେ ନିଜ ହାତଅକ୍ଷରେ ପ୍ରକାଶ ପାଇଛି । ଆବଶ୍ୟକୀୟ ସ୍ଥାନରେ ଚିତ୍ରଗୁଡ଼ିକ ଚରିତ୍ର ଓ ଲେଖାକୁ ସମୁଚିତ ସମ୍ମାନ ଦେଇପାରିଛି । ଶିଶୁଉପନ୍ୟାସର ବିକାଶଧାରାରେ ଏହା ସମସ୍ତଙ୍କ ପାଇଁ ଏକ ଆଲୋକବର୍ତିକା, ନିଃସନ୍ଦେହ ।

ଏଲ୍.ଆଇ.ଜି. ୧୫ ନୟାପଲ୍ଲି
ବ୍ରିଟ୍ କଲୋନି, ଭୁବନେଶ୍ୱର ୭୫୧୦୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଳ କାହାଣୀ ଏବଂ ଶ୍ରୀମାନ୍ ଗୋପାଳ ପ୍ରହରାଜ

କଥା ଟିଏ କହୁଁ, କଥା ଟିଏ...

କି କଥା ? ବେଙ୍ଗୁଲି କଥା ....

କି ବେଙ୍ଗୁଲି ? କାଠ ବେଙ୍ଗୁଲି ...

କି କାଠ ? ବେଣା ଛାଟ ...

କି ବେଣା ? ନାକଚଣା ...

କି ନାକ ? ଶୁଆ ନାକ ...

କି ଶୁଆ ? ରାଜାଙ୍କ ଶୁଆ ...

କି ରଜା ? ଖଣ୍ଡି ଖଜା ...

କି ଖଣ୍ଡି ? ମିରିଗ ଲଣ୍ଡି ...

କି ମିରିଗ ? ଝାଡ଼ ମିରିଗ ...

କି ଝାଡ଼ ? କଣ୍ଟା ବାଡ଼ ...

କି କଣ୍ଟା ? କାନକୋଳି କଣ୍ଟା ...

ଯହିଁ ଲାଗିଥିବ ଝଟା ପଟା...



ପ୍ରହ୍ଲାଦ ସାହୁ

ପୁରୁଣା ଦିନେ ଆଇମା ବା ଜେଜେମା'ର ଗପ ପେଡି ଏମିତିରେ ଆରମ୍ଭ ହେଉଥିଲା । ରାତିକୁ ଶୋଇବା ସମୟରେ ଗଣ୍ଡେ ଦି' ଗଣ୍ଡା ନାତି ନାତୁଣୀଙ୍କୁ ଧରି ଚକୁଳିଆ ପଣ୍ଡା, କଲୁରୀ ବେଣ୍ଟ, ସାହାଡ଼ା ସୁନ୍ଦରୀ ଠାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରମ୍ଭ କରି ସାତ ତାଳ ପାଣି ଚଉଦ ତାଳ ପଙ୍କ ମଧ୍ୟରେ ଫରୁଆରେ ଲୁଚି ରହି ଥିବା ବୁଢ଼ୀ ଅସୁରୁଣୀର ପ୍ରାଣ, ଦିନରେ ମେଣ୍ଢା ରାତିରେ ଭେଣ୍ଡା କରି ଦେଉଥିବା ମାଲୁଣୀ, ଚାରି ହତିଆର ବନ୍ଧା ରାଜାପୁଅ, ମନ୍ତ୍ରୀ ପୁଅ, ସାଧବ ପୁଅ, ମନ ପବନ/ ପକ୍ଷୀରାଜ ଘୋଡ଼ା ଇତ୍ୟାଦି କେତେ କଣ ଗପ ସବୁ ଜେଜେମା'ର ଗପ ପେଡିରୁ ଶୁଣିବାକୁ ମିଳୁଥିଲା ।

ଅହିରାଜ ସାପ ମୁଣ୍ଡର ମଣିରେ ଆଲୋକିତ ଜଙ୍ଗଲ, ଫୁଲ ଶାଗୁଣାର ପିଲାଙ୍କୁ ପ୍ରବୋଧନା - "ଆଜି ରାତି ସମ୍ଭାଳି ଯାଅ, କାଲିକି ବହୁତ ମଣିଷ ମାଉଁସ ଖାଇବ", ଦାନ୍ତ କଡ଼ ମଡ଼େଇ ଅସୁରୁଣୀ ବୁଢ଼ୀର "ହାଉଁ ମାଉଁ, ଖାଉଁ, ମଣିଷ ବାସନା ପାଉଁ " ଶୁଣି ବୁଢ଼ୀମାକୁ ଜାବୁଡ଼ିକି ଧରିବା ଏମିତି ଅନେକ ଅନୁଭୁତି ଆଜି ବିଲୁପ୍ତ ପ୍ରାୟ ।

ତା ସହିତ କେତେ ଛୋଟ କବିତା, ଢଗ ଇତ୍ୟାଦି, ଯେମିତି - "ଏ କୂଅ ଦେ ପାଣି, ଧୁଏ ଥଣ୍ଟ, ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ " ନିହାତି ସରଳ ଭାଷାରେ ସେ ଲେଖିଯାଇ ଥିବା ଢଗ ଢମାଳି, କାହାଣୀ ତାହାର ପରିକଳ୍ପନା ଆଜି ଭି ଅନନୁମେୟ ।

କାହାଣୀଟି ସରୁଥିଲା ଏମିତି -

ମୋ କଥାଟି ସଇଲା, ଫୁଲଗଛଟି ମରିଲା

ହଇରେ ଫୁଲଗଛ ତୁ କାହିଁକି ମଲୁ ?

ମତେ କାଳୀ ଗାଇ ଖାଇଦେଲା ।

ହଇଲୋ କାଳୀ ଗାଇ ତୁ କାହିଁ ଖାଇଦେଲୁ ?

ମତେ ଗଉଡ଼ ଜଗିଲା ନାହିଁ ।

ହଇରେ ଗଉଡ଼, ତୁ କାହିଁ ଜଗିଲୁନି ?

ମତେ ବଡ଼ ବୋହୁ ଖାଇବାକୁ ଦେଲା ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଇଲୋ ବୋହୁ, ତୁ କିଆଁ ଖାଇବାକୁ ଦେଲୁ ନାହିଁ ?

ମୋର ପୁଅ କାନ୍ଦେ କଇଁ କଇଁ

ହଇରେ ପୁଅ କାହିଁ କାନ୍ଦିଲୁ ?

ମତେ ଜନ୍ଦା ଦେଲାରେ କାମୁଡ଼ି

ହଇରେ ଜନ୍ଦା, ତୁ କାହିଁ କାମୁଡ଼ିଲୁ ?

ଭୂଇଁ ତଳେ ତଳେ ଥାଏ ମୁଁ ଭୂଇଁ ତଳେ ତଳେ ଥାଏ

କଅଁଳ ମାଉଁସ ଟିକିଏ ପାଇଲେ ରୁଟ କିନା ଖାଇଦିଏ ।

ପ୍ରାତଃସ୍ମରଣୀୟ ଶ୍ରୀଯୁକ୍ତ ଗୋପାଳ ପ୍ରହରାଜ ନିଜର "ଉତ୍କଳ କାହାଣୀ" ସଂକଳନ ମାଧ୍ୟମରେ ଏଇ ଗପ ସବୁ ଲିପିବଦ୍ଧ କରିଯାଇଛନ୍ତି, ଅନ୍ୟଥା ଏ ସବୁ ବିଲୁପ୍ତ ହୋଇ ଯାଇ ଥାନ୍ତା । ଆଜି କାଲିର ଜେଜେମା / ଆଇ ମାନେ ଏ ଗପ କହୁନାହାନ୍ତି କି ପିଲାମାନେ ଶୁଣୁ ନାହାନ୍ତି, ପ୍ରକୃତରେ ଅବକ୍ଷୟର ଏ ଧାରା ସେଇ ଗୋପାଳ ପ୍ରହରାଜଙ୍କ ସମୟରୁ ଆରମ୍ଭ । ସେହି ମହାନ୍ ଲେଖକଙ୍କ ରଚିତ କାହାଣୀ, ଗଳ୍ପ ଇତ୍ୟାଦି ଆଜିଭି ଅମୂଲ୍ୟ ରତ୍ନ ସମାନ ଆସନ୍ତୁ ଥରୁଟିଏ ପଢି ଆତ୍ମ ସନ୍ତୋଷ ଲାଭ କରିବା । ଏହା ଆମ ସମସ୍ତନଙ୍କ ପାଇଁ ଏକ ଆହ୍ୱାନ ସଦୃଶ ।

ପ୍ରହ୍ଲାଦ ସାହୁ – ଚିଫ୍ ଏଡିଟର୍
ଆକାଶ ଇନଶ୍ଟିଚ୍ୟୁଟ୍, ନୂଆଦିଲ୍ଲୀ
ଦୂରବାର୍ତ୍ତା – ୮୧୭୮୬୪୪୭୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ସେପ୍ଟେମ୍ବର ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ସେପ୍ଟେମ୍ବର ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ **ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ** କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan